RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-120 ◆MONDAY ◆27 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୨୦ ◆ସୋମବାର ◆୨୭ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



ପ୍ରୀତିସ୍ମିତାଙ୍କ ବିଶ୍ୱ ରେକର୍ଡ

▸ପୃଷ୍ଠା ୧୨ ଦେଖନ୍ତୁ...

# ମାଡ଼ିଆସୁଛି 'ମୋନ୍ଥା'


## ସମୁଦ୍ରରେ ବଳ ଗୋଟାଇ ବାତ୍ୟାର ରୂପ ନେଉଛି ଗଭୀର ଅବପାତ

**୨୮ ତାରିଖ ରାତିରେ ଛୁଇଁବ ଭୂଭାଗ**

**ଓଡ଼ିଶା ଉପରେ ବାତ୍ୟା ପ୍ରଭାବ ରୋକିବ ପୂର୍ବଘାଟ ପର୍ବତମାଳା**

**ରାଜ୍ୟରେ କମ୍ ପବନ; ଅଧିକ ବର୍ଷା, ଦକ୍ଷିଣକୁ ଭୂସ୍ଖଳନ ବିପଦ**

■ ଭୁବନେଶ୍ୱର, ୨୬।୧୦ (ସମିସ): ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତରେ ପରିଣତ ହୋଇ ରବିବାର ମଧ୍ୟରାତ୍ରରେ ସାମୁଦ୍ରିକ ଝଡ଼ର ରୂପ ନେଇଛି। 'ମୋନ୍ଥା' ନାମରେ ନାମିତ ଏହି ବାତ୍ୟା ସମୁଦ୍ରରୁ ବଳ ଗୋଟାଇ କ୍ରମଶଃ ସ୍ଥଳ ଭାଗ ଆଡ଼କୁ ଅଗ୍ରସର ହେଉଛି। ୨୮ ତାରିଖ ସନ୍ଧ୍ୟା ସୁଦ୍ଧା ଏହା ଭୀଷଣ ବାତ୍ୟାରେ ପରିଣତ ହେବ ଓ ମଧ୍ୟରାତ୍ର ସୁଦ୍ଧା ଆନ୍ଧ୍ରର କାକିନାଡ଼ାରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ-ଆଇଏମ୍‌ଡି ପକ୍ଷରୁ ଆକଳନ କରାଯାଇଛି। ସ୍ଥଳଭାଗ ଛୁଇଁବା (ଲ୍ୟାଣ୍ଡଫଲ୍) ସମୟରେ ପବନର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦ କିମି ଓ ଏହାର ଝଟକା ୧୧୦ କିମି ପର୍ଯ୍ୟନ୍ତ ରହିବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୨୮ ତାରିଖ ସନ୍ଧ୍ୟାରେ ବାତ୍ୟା ଆନ୍ଧ୍ରର କାକିନାଡ଼ା ପାଖରେ ଉପକୂଳ ଛୁଇଁବ। ସନ୍ଧ୍ୟା ୬ଟାରୁ ରାତି ୧୦ଟା ମଧ୍ୟରେ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହେବ। ସ୍ଥଳଭାଗ ଛୁଇଁବା ପରେ ବାତ୍ୟା ଆନ୍ଧ୍ର ଓ ସଂଲଗ୍ନ ଛତିଶଗଡ଼ରେ ପହଞ୍ଚି ଜଗଦଲପୁର ଓ ରାୟପୁରର ପଶ୍ଚିମ ଭାଗ ଦେଇ ଯାଇପାରେ। ▸ପୃଷ୍ଠା-୭



## ରେଡ୍ ଆଲର୍ଟରେ ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା

**୮ ଜିଲ୍ଲାକୁ ଗଲେ ୧୨୮ ଉଦ୍ଧାରକାରୀ ଦଳ**

**ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ**

**କଳାବଜାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୨୬।୧୦ (ସମିସ): ବାତ୍ୟାରେ ସର୍ବାଧିକ ପ୍ରଭାବିତ ହେବାକୁ ଥିବା ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲାକୁ ରେଡ୍ ଜୋନ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ଅବଶିଷ୍ଟ ୨୨ଟି ଜିଲ୍ଲାରେ ବାତ୍ୟା ପ୍ରଭାବରେ ବର୍ଷାର ସମ୍ଭାବନା ରହିଛି। ତେଣୁ ଏହାର ମୁକାବିଲା ପାଇଁ ସମସ୍ତ ବିଭାଗ ସହ ଆଲୋଚନା କରାଯାଇ ସବୁ ପ୍ରକାର ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରବିବାର ମନ୍ତ୍ରୀ ଶ୍ରୀ ପୂଜାରୀ ଏବଂ ଏସ୍‌ଆର୍‌ସି ଡିକେ ସିଂହଙ୍କ ଉପସ୍ଥିତିରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ▸ପୃଷ୍ଠା-୭

## ଆନ୍ଧ୍ରକୁ ଗଲେ ୩ ଏନ୍‌ଡିଆର୍‌ଏଫ୍ ଟିମ୍

■ ଭୁବନେଶ୍ୱର, ୨୬।୧୦ (ସମିସ): ବାତ୍ୟା 'ମନ୍ଥା'ର ମୁକାବିଲା ପାଇଁ ଓଡ଼ିଶାରୁ ଏନ୍‌ଡିଆର୍‌ଏଫ୍‌ର ୩ଟି ଟିମ୍ ସମସ୍ତ ସରଞ୍ଜାମ ସହିତ ଆନ୍ଧ୍ର ପ୍ରଦେଶ ଯାଇଛି। ଗୋଟିଏ ଟିମ୍ ଶ୍ରୀକାକୁଲମ୍ ଜିଲ୍ଲା ଓ ଦୁଇଟି ଟିମ୍ ଭାଇଜାଗ୍ ଗସ୍ତ କରିଛନ୍ତି। ପ୍ରତି ଟିମ୍‌ରେ ୩ ଜଣ ଅଫିସର ଓ ୩୨ ଜଣ ଯବାନ ରହିଛନ୍ତି। ଏନ୍‌ଡିଆର୍‌ଏଫ୍‌ର ୧୮ଟି ଟିମ୍‌ରୁ ୧୫ଟି ଟିମ୍ ଏବେ ମୁଣ୍ଡଳୀରେ ଅଛନ୍ତି। ବାତ୍ୟାର ଗତିବିଧି ଦେଖି ଏହି ଟିମ୍‌କୁ ମୁତୟନ କରାଯିବ ବୋଲି ଏନ୍‌ଡିଆର୍‌ଏଫ ପକ୍ଷରୁ କୁହାଯାଇଛି।

ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗକୁ ଆଲର୍ଟରେ ରଖାଯାଇଥିବା ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। କଟର୍ ମେସିନ୍, ଲାଇଟ୍ ଏବଂ ଅନ୍ୟାନ୍ୟ ▸ପୃଷ୍ଠା-୭

**ଶିଶୁଙ୍କୁ ଦିଆଯାଇଥିଲା ସଂକ୍ରମିତ ରକ୍ତ**

## ୫ ଶିଶୁ ଏଚ୍‌ଆଇଭି ପଜିଟିଭ୍

■ ରାଞ୍ଚି, ୨୬।୧୦ (ଏଜେନ୍ସି): ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ୍ ଜିଲ୍ଲାରେ ଡାକ୍ତର ତଥା ମେଡିକାଲ ଷ୍ଟାଫ୍‌ଙ୍କ ଅବହେଳା କାରଣରୁ ବଡ଼ ଧରଣର ଅଘଟଣ ହୋଇଛି। ଚାଇବାସାର ସରକାରୀ ହସ୍ପିଟାଲରେ ରକ୍ତ ଦେବା ପରେ ୫ ଜଣ ଶିଶୁ ଏଚ୍‌ଆଇଭି ସଂକ୍ରମିତ ହେବାଭଳି ଘଟଣା ସାମ୍ନାକୁ ଆସିଛି। ଏମାନଙ୍କ ମଧ୍ୟରେ ୭ ବର୍ଷର ଥାଲାସେମିଆ ରୋଗରେ ପୀଡିତ ଜଣେ ଶିଶୁ ସାମିଲ ରହିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗରେ ହଇଚଇ ସୃଷ୍ଟି କରିଛି ଓ ସାରା ରାଜ୍ୟରେ ଆତଙ୍କ ଖେଳିଯାଇଛି। ଏହି ଘଟଣା ଯାଞ୍ଚ ପାଇଁ ରାଞ୍ଚିରୁ ଏକ ମେଡିକାଲ ଟିମ୍ ଚାଇବସା ଯାତ୍ରା କରିଛି। ଏଥିସହ ଝାଡଖଣ୍ଡ ହାଇକୋର୍ଟ ଏହି ମାମଲାରେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସିଭିଲ ସର୍ଜନଙ୍କଠାରୁ ଜବାବ ତଲବ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଏହି ମାମଲା ଶୁକ୍ରବାର ସାମ୍ନାକୁ ଆସିଥିଲା। ଥାଲାସେମିଆରେ ପୀଡିତ ଜଣେ ଶିଶୁଙ୍କ ପରିବାର ଚାଇବାସା ସଦର ହସ୍ପିଟାଲ ବ୍ଲଡ ବ୍ୟାଙ୍କ୍ ତାଙ୍କ ପିଲାକୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ହେବା ମାତ୍ରେ ହିଁ ଯାଞ୍ଚ ପାଇଁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଦିନେଶ ▸ପୃଷ୍ଠା-୭

## ନୟାଗଡ଼ ଉପକାରାଗାରରେ ଗୋଷ୍ଠୀ ସଂଘର୍ଷ

**ଚିଫ୍ ୱାର୍ଡର୍‌ଙ୍କ ସମେତ ୩ କର୍ମଚାରୀଙ୍କୁ ବି ଛେଚିଲେ**

**ପରସ୍ପର ହାତାହାତିରେ ଅନେକ କଏଦୀ ଆହତ**

**୩୫ କଏଦୀଙ୍କ ନାଁରେ ମାମଲା**

■ ନୟାଗଡ଼, ୨୬।୧୦ (ସମିସ): ନୟାଗଡ଼ ଉପକାରାଗାରରେ ଗୋଷ୍ଠୀ ସଂଘର୍ଷ। ବିଭିନ୍ନ କାରଣକୁ ନେଇ କଏଦୀଙ୍କ ମଧ୍ୟରେ ରହିଥିବା ପୁଞ୍ଜିଭୂତ ଅସନ୍ତୋଷ ଆଜି ବିସ୍ଫୋରକ ରୂପ ନେଇଛି। ଦୁଇ କଏଦୀ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିବା ସହ ଜେଲ୍ କର୍ମଚାରୀଙ୍କୁ ମଧ ମାଡ଼ ମାରିଛନ୍ତି। ଏଥିରେ ଅନେକ କଏଦୀ ଓ କର୍ମଚାରୀ ଆହତ ହୋଇଛନ୍ତି। ଜେଲର୍ ବାବୁଲି ନାୟକଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୁଲିସ ୩୫ଜଣ କଏଦୀଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କଏଦୀ ବିଷ୍ଣୁପ୍ରସାଦ ସାହୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନାମରେ ଠକେଇ ଅଭିଯୋଗରେ ଗିରଫ ମେଳାମ୍ବ ଗ୍ରାମର ମାନସ ଏଭଳି ପରିସ୍ଥିତି ସୃଷ୍ଟି କରାଇବା ପାଇଁ ଷଡ଼ଯନ୍ତ୍ର ରଚିଥିବା ସୂଚନା ମିଳିଛି। ଉପକାରାଗାରରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉଭୟ ପୁଲିସ ଓ ଜେଲ୍ କର୍ତ୍ତୃପକ୍ଷ ▸ପୃଷ୍ଠା-୭



# ନୀରବି ଯାଇଛି ଭିଜିଲାନ୍ସ

**ବଲାଙ୍ଗିର, ୨୬।୧୦(ସମିସ)**

ରାଜ୍ୟରେ ବିଜେଡି ସରକାର ଥିବା ସମୟରେ ଦୁର୍ନୀତିଖୋର ସରକାରୀ ବାବୁମାନଙ୍କ ପ୍ରତି କଠୋର ମନୋଭାବ ପୋଷଣ କରିଆସୁଥିଲେ। ନିୟମିତ ଭିଜିଲାନ୍ସ ଚଢଉ ସହ ୫ଟି ଉପକ୍ରମରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଉଥିଲା। ସରକାର ବଦଳିବା ପରେ ଏହିଭଳି ଅଧିକାରୀମାନଙ୍କ ଏବେ ମନମୁଖୀ କାରବାର ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ନୂତନ ସରକାର ଆସିବା ପରେ କିଛି ବଡବଡିଆ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ଏହା ପରେ ଗତ କିଛି ମାସ ହେଲା ବଲାଙ୍ଗିର ଜିଲ୍ଲାରେ ଭିଜିଲାନ୍ସ ବିଭାଗ ସମ୍ପୂର୍ଣ୍ଣ ଭାବେ ନୀରବି ଯାଇଛି। ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି। ସତରେ କ'ଣ ଜିଲ୍ଲାରେ ଦୁର୍ନୀତି କମି ଯାଇଛି ନା ସରକାରୀ କର୍ମଚାରୀ ଓ ଅଧିକାରୀମାନେ ଲାଞ୍ଚ ନେବା ବନ୍ଦ କରିଦେଇଛନ୍ତି ବୋଲି ଲୋକଙ୍କ ଭିତରେ ପ୍ରଶ୍ନ ସୃଷ୍ଟି ହୋଇଛି। ଯଦି ସତରେ ଏହା ହୋଇଛି ତେବେ ରାଜ୍ୟ ସରକାର ଜିଲ୍ଲାକୁ ଦୁର୍ନୀତିମୁକ୍ତ ଜିଲ୍ଲା ଭାବେ କାହିଁକି ଘୋଷଣା କରୁନାହାନ୍ତି ବୋଲି ମଧ୍ୟ ଲୋକେ ମତ ରଖିବା ଆରମ୍ଭ କରିଛନ୍ତି। ରାଜ୍ୟରେ ପ୍ରଶାସନିକସ୍ତରରେ ଅନିୟମିତତା ଓ ଦୁର୍ନୀତି କେଉଁ ସ୍ତରରେ ରହିଛି ତାହା ସମସ୍ତଙ୍କୁ ଜଣା। ଏହି ଦୁର୍ନୀତି କରୁଥିବା ସରକାରୀ

- ଦୁଇ ବର୍ଷ ହେବ ଆଖିଦୃଶିଆ ଚଢ଼ଉ ହେଉନି
- ଜିଲ୍ଲା ଦୁର୍ନୀତିମୁକ୍ତ ନା ଭିଜିଲାନ୍ସର ନିଷ୍କ୍ରିୟତା ପ୍ରଶ୍ନ
- ସରକାରୀ କାର୍ଯ୍ୟାଳୟରେ ଲାଞ୍ଚ ବନ୍ଦ ହୋଇଗଲା କି ବୋଲି ଆଲୋଚନା
- ଡବଲ ଇଞ୍ଜିନ ସରକାରରେ ବେଫିକର ସରକାରୀ ବାବୁ
- କାହାରି ଜଣକର ମଧ୍ୟ ଭିଜିଲାନ୍ସ ପ୍ରତି ଭୟ ନାହିଁ

କର୍ମଚାରୀ ଓ ଅଧିକାରୀମାନଙ୍କ ସବୁବେଳେ ଭିଜିଲାନ୍ସ ଉପରେ ହିଁ ଭୟ ରହିଥାଏ। ବିଶେଷ କରି ବଲାଙ୍ଗିର ଭଳି ଏକ ଜିଲ୍ଲାରେ ସବୁବେଳେ ସରକାରୀ ଅଧିକାରୀମାନଙ୍କ ଦୁର୍ନୀତିଖୋର ମନୋଭାବ ଚର୍ଚ୍ଚାରେ ରହୁଥିବା ବେଳେ ଏହିଭଳି ଅଧିକାରୀମାନଙ୍କ ପ୍ରତି ଭିଜିଲାନ୍ସ ଚଢଉ ମଧ୍ୟ ଚର୍ଚ୍ଚିତ ହୋଇଥାଏ। ବର୍ଷେ ହେଲା ଜିଲ୍ଲାରେ ହାତଗଣତି କିଛି ଚଢଉକୁ ଛାଡିଦେଲେ ସେହିଭଳି ବଡ ଧରଣର ଚଢଉ ହୋଇନାହିଁ। ଏହାକୁ ନେଇ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଛି। ଜୁଲାଇରେ ଟିଟିଲାଗଡ଼ ପୂର୍ତ୍ତ ବିଭାଗରେ କାର୍ଯ୍ୟରତ ଥିବା ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଡିଲେଶ୍ୱର ମାଝୀଙ୍କ ଘରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ଉ କରାଯାଇଥିଲା। ୨୦୨୫ରେ କେବଳ ଏହି ଗୋଟିଏ ଭିଜିଲାନ୍ସ ଚଢଉ ହୋଇଛି। ଲାଞ୍ଚ ନେବା ଅଭିଯୋଗରେ ଗୋଟିଏ ବି ଚଢଉ ହୋଇନାହିଁ କି ମାମଲା ହୋଇନି। ସେହିପରି ୨୦୨୪ ଅକ୍ଟୋବରରେ ବେଲପଡ଼ା ବ୍ଲକର କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁଙ୍କୁ ଭିଜିଲାନ୍ସ ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଥିଲା। ଗତ ବର୍ଷ ଜୁଲାଇରେ ଲୋୟର ସୁକତେଲ ପ୍ରକଳ୍ପ ନିର୍ମାଣ ଯନ୍ତ୍ରୀ ସୁନୀଲ ରାଉତଙ୍କ ନାମରେ ଆୟ ବହିର୍ଭୁତ ସପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢଉ କରି ଗିରଫ କରିଥିଲା। ଗଲା ବର୍ଷ ମାର୍ଚ୍ଚରେ ଅଗଲପୁର ତହସିଲର ଅମିନ ସଦାନନ୍ଦ ସାହୁ ଜମି ସେଟଲମେଣ୍ଟ ପାଇଁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଚଢଉ କରିଥିଲା। ଏହି ୨ ବର୍ଷର ଭିଜିଲାନ୍ସ ଚଢଉ ସଂଖ୍ୟା ହିଁ ସ୍ପଷ୍ଟ କରୁଛି ଜିଲ୍ଲାରେ ଭିଜିଲାନ୍ସ କେତେ ସକ୍ରିୟ ରହିଛି। ଏହି ପରିସଂଖ୍ୟାନ ଉପରେ ନଜର ପକାଇଲେ ଭିଜିଲାନ୍ସ ବିଭାଗ ସତରେ ନିଷ୍କ୍ରିୟ ରହିଛି ନତୁବା ଜିଲ୍ଲାରେ ଦୁର୍ନୀତି ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଛି। ବିନା ଲାଞ୍ଚରେ ଲୋକଙ୍କ କାମ ହେଉଛି ନା ସରକାରୀ କାର୍ଯ୍ୟାଳୟଗୁଡିକ ଦୁର୍ନୀତିମୁକ୍ତ ହୋଇଛି ଏହି ପ୍ରଶ୍ନ ଉଠିଛି। କେଉଁଟା ସତ ତାହା ଲୋକଙ୍କୁ ଭଲ ଭାବେ ଜଣାଛି। ତେବେ ଜିଲ୍ଲାରେ ଭିଜିଲାନ୍ସ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଥିବା ବେଳେ କେବେ ଭିଜିଲାନ୍ସ ସକ୍ରିୟ ହେବ ତାକୁ ନେଇ ପ୍ରଶ୍ନ ଉଠିଛି। ଆଉ କିଛି ଦିନ ପରେ ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯିବ। ଏଥିପାଇଁ ପ୍ରଶାସନ ପ୍ରସ୍ତୁତି ଚଳାଇଛି।

## ଡକାୟତି ଘଟଣାର ପର୍ଦ୍ଦାଫାସ; ଜଣେ ଗିରଫ



**କଣ୍ଟାବାଞ୍ଜି, ୨୬।୧୦(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ପୁଲିସ ଏକ ଡକାୟତି ଘଟଣାର ପର୍ଦ୍ଦାଫାଶ କରିଛି। ଏଥିରେ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି କୁକୁଡାହାଡନିବାସୀ ଭଜନ ପୁଟେଲ। ତା' ନିକଟରୁ ବିଭିନ୍ନ ଚୋରି ଅଳଙ୍କାର ଓ ଫୋନ୍ ଜବତ ହୋଇଛି।

ଅକ୍ଟୋବର ୫ ତାରିଖ ରାତିରେ କଣ୍ଟାବାଞ୍ଜି ଆମପଡ଼ାର ସୁଶାନ୍ତ ମହାନ୍ତିଙ୍କ ଘରେ ଦୁର୍ବୃତ୍ତ ପ୍ରବେଶ କରି ଚୌକିଦାରଙ୍କୁ ଆକ୍ରମଣ କରିଥିଲେ। ଏହାପରେ ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ସୁନା ଏବଂ ରୂପା ଅଳଙ୍କାର, ଏକ ମୋବାଇଲ୍ ଫୋନ୍ ଏବଂ ଏକ ଟାବଲେଟ୍ ଚୋରି କରିଥିଲେ। ଏନେଇ ଘର ମାଲିକ କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲା ରୁଜୁ କରି ପୁଲିସ ମୁଖ୍ୟ ଅଭିଯୁକ୍ତ ଭଜନକୁ ଗିରଫ କରିଥିଲା। ଦ୍ୱିତୀୟ ଅଭିଯୁକ୍ତ ହେଉଛି ରାଜ ବାଞ୍ଜୋର। ସେ ଚୋରି କରି କିଛି ଦିନ ପରେ ଅନ୍ୟ ଏକ ମାମଲାରେ ଜେଲ୍‌ରେ ଅଛି। ତାକୁ ଏହି ମାମଲାରେ ରିମାଣ୍ଡରେ ନିଆଯିବ। ତୃତୀୟ ଅଭିଯୁକ୍ତ ହେଉଛି ବନ୍ଧପଡ଼ା ନିବାସୀ ପୁନମ୍ ପାଣ୍ଡେ। ସେ କିନ୍ତୁ ଏବେ ବି ଫେରାର୍ ରହିଛି। ତେବେ ଚୋରି ହୋଇଥିବା ସୁନା, ଗୋଟିଏ ମୋବାଇଲ୍ ଫୋନ, ଗୋଟିଏ ଟାବଲେଟ୍ ଜବତ ହୋଇଛି। ଥାନା ଅଧିକାରୀ ଗୋପାଳଚନ୍ଦ୍ର କର୍ଣ୍ଣ, ଇନ୍ସପେକ୍ଟର ପୂର୍ଣ୍ଣମୀ ଓରାମ, ଏଏସଆଇ ଈଶ୍ୱର ଚନ୍ଦ୍ର ମାଝୀ, ପୁଲିସ କର୍ମଚାରୀ ଜିତେନ୍ଦ୍ର ଖୁଡା, ଏଲ. ସୋରେଙ୍ଗ, ପି. କୁରାମି ପ୍ରମୁଖ ତଦନ୍ତକାରୀ ଟିମ୍‌ରେ ସାମିଲ ଥିଲେ। କଣ୍ଟାବାଞ୍ଜି ଥାନାରେ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି ଏହା ପ୍ରକାଶ କରିଛନ୍ତି।

## କପିଳାଭଟା ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଯାପିତ

**ବଙ୍ଗୋମୁଣ୍ଡା, ୨୬।୧୦(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ଗ୍ରାମରେ ଗିରିଗୋବର୍ଦ୍ଧନ ମହୋତ୍ସବ କମିଟି ଓ ମାଁ ସାହାଜି ଯୁବକ ସଂଘ କପିଳାଭଟାର ମିଳିତ ଆନୁକୂଲ୍ୟରେ ଚାଲିଥିବା ୩ୟ ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପାର୍ଥ ହଂସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ମୁଖ୍ୟବକ୍ତା ଭାବେ ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ନଟବର ବେହେରା, ସମ୍ମାନିତ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଭୋଳାନାଥ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୁରୁଚରଣ ବେହେରା, ବଙ୍ଗୋମୁଣ୍ଡା ବିଜେପି ମଣ୍ଡଳ ସଭାପତି ପବିତ୍ର ପୋଢ଼, ବିଧାୟକଙ୍କ ପ୍ରତିନିଧି ବସନ୍ତ ମେହେର, କଣ୍ଟାବାଞ୍ଜି ବିଜେପି ବିଧାନସଭା ସଂଯୋଜକ ଯୌବନ ବାଗ, କପିଳାଭଟା ପଞ୍ଚାୟତ ସମିତି ସଭ୍ୟ କେଦାର ଭୋଇ, ବିଶିଷ୍ଟ ଶିକ୍ଷାବିତ ଭୁରିଶ୍ରବା ବିଶି, ସମାଜସେବୀ ଦୁର୍ଦ୍ଧକ୍ଷ ହଂସ, ମାଁ ସାହାଜି ଯୁବକ ସଂଘର ସଂଯୋଜକ ପୃଥ୍ୱୀରାଜ ବାଗ, ସ୍ୱେଚ୍ଛାସେବୀ ଅଶୋକ ବିଶି, ବଳଧା ନାଏବ ସରପଞ୍ଚ ବିକ୍ରମ ପୋଢ଼ ପ୍ରମୁଖ ଯୋଗ ଦେଇଥିଲେ। ଏହି ମହୋତ୍ସବ ମାଧ୍ୟମରେ ଆଧ୍ୟାତ୍ମିକତା ପରିବେଶ ସୃଷ୍ଟି ହେବା ସହିତ ଅଞ୍ଚଳର କଳା, ସଂସ୍କୃତି, ପରମ୍ପରାର ସୁରକ୍ଷା ଓ ପ୍ରଚାର ପ୍ରସାର ହୋଇପାରୁଛି। ସ୍ଥାନୀୟ କଳାକାର ନିଜ କଳା, ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇପାରୁଛନ୍ତି। ଏହି ଗିରିଗୋବର୍ଦ୍ଧନ ମହୋତ୍ସବ ଭାଇଚାରା,



ଏକତାର ବାର୍ତ୍ତା ଦେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆବାହକ ତଥା ସାମ୍ବାଦିକ ହୁଲେଶ୍ୱର ହଂସ ସଂଯୋଜନା କରିଥିଲେ। ଏହି ଅବସରରେ କଣ୍ଟାବାଞ୍ଜି ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଅଶୋକ ନାରାୟଣ ଭୋଇ, ବେଲପଡ଼ାର ମଞ୍ଚ ଉପସ୍ଥାପକ ସୁଶୀଲ ପୋଢ଼, ବରତୁଣ୍ଡାର ଯୁବ କଣ୍ଠଶିଳ୍ପୀ ଖଗେଶ୍ୱର ବାଗ, ବଙ୍ଗୋମୁଣ୍ଡା ଅଞ୍ଚଳର ଯୁବ ସାମ୍ବାଦିକ ରାଧେଶ୍ୟାମ ମେହେର, କପିଳାଭଟାର ଯୁବ ଗୀତିକାର ଅନନ୍ତରାମ ହଂସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସାକ୍ଷରତା ସମାଜର ଅବିଚ୍ଛେଦ୍ୟ ଅଙ୍ଗ

**ମୁରିବାହାଲ, ୨୬।୧୦(ସମିସ):** ସାକ୍ଷରତା ସମାଜର ଅବିଚ୍ଛେଦ୍ୟ ଅଙ୍ଗ। ଦେଶର ବିକାଶ ପାଇଁ ଏହା ବହୁ ଗୁରୁତ୍ୱପୂର୍ଣ୍ଣ। ସାକ୍ଷରତା ହାର ଯେତେ ଅଧିକ ସେହି



ଦେଶ ସେତେ ବିକଶିତ। ଏହା ନୂତନ ପିଢ଼ିକୁ ଅନେକ ବାର୍ତ୍ତା ଦେଇଥାଏ। ନୂଆ ଓ ଉଜ୍ଜ୍ୱଳ ଭବିଷ୍ୟତକୁ ବାଟ ଫିଟାଇଥାଏ। ତେଣୁ ଏହା ମାଧ୍ୟମରେ ସହଜରେ ବିକାଶ ଲକ୍ଷ୍ୟ ହାସଲ କରାଯାଇ ପାରିଥାଏ। ମୁରିବାହାଲ ବ୍ଲକର ବିଭିନ୍ନ କ୍ଲଷ୍ଟରରେ ଅନୁଷ୍ଠିତ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଉଲ୍ଲାସ)ରେ ଏହି ମତ ପ୍ରକାଶ ପାଇଛି। ମୁରିବାହାଲ ବ୍ଲକ ଭୋଇପଡ଼ା କ୍ଲଷ୍ଟରର ବୁଢୀପଦର ପ୍ରାଥମିକ ବିଦ୍ୟାଳୟରେ ୧୬ଜଣ ନିରକ୍ଷରଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ ପରୀକ୍ଷା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଳଧର ମିର୍ଦ୍ଧା, ସୁଶାନ୍ତ ଦୀପ ସହଯୋଗ କରିଥଲେ। ସେହିପରି ଲେବଡ଼ା ପିଏମଶ୍ରୀ ପାଟଣେଶ୍ୱରୀ ହାଇସ୍କୁଲରେ ୪୦ ଜଣ ନିରକ୍ଷରଙ୍କୁ ସାକ୍ଷର କରିବା ଉଦ୍ଦେଶ୍ୟରେ ପରୀକ୍ଷା କରଯାଇଥିଲା। ଏଥିରେ ସ୍କୁଲର ଅଧ୍ୟକ୍ଷ ଦୁତୀବାହନ ମୁନା, ଶିକ୍ଷକ ସାଧୁଚରଣ ଛତର, ପୁନିତ ବଗର୍ତ୍ତୀ, ରାମକୃଷ୍ଣ ଆଡଯୁଏଡ ପ୍ରମୁଖ ସହଯୋଗ କରିଥିଲେ।

## କରାଟେରେ ପ୍ରତିଭା ଦେଖାଇଲେ ପ୍ରତିଭା

**ଟିଟିଲାଗଡ଼, ୨୬।୧୦ (ସମିସ):** ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କରାଟେ ପ୍ରତିଯୋଗିତାରେ ଟିଟିଲାଗଡ଼ର ଛାତ୍ରୀ ପ୍ରତିଭା ଛତ୍ରିଆ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ। ଟିଟିଲାଗଡ଼ ତାଲୁକ ଆଇନ ସେବା ସମିତିର କିରାଣି ଜୀବର୍ଦ୍ଧନ ଛତ୍ରିଆ ଏବଂ ନୂଆଦେଇ ଛତ୍ରିଆଙ୍କ କନ୍ୟା। ଫୁଲବାଣୀଠାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରତିଭା ନିଜ ପ୍ରତିଭା ପ୍ରଦର୍ଶନ ସହ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି। ଟିଟିଲାଗଡ଼ କରାଟେ ସଂଗଠନ ତତ୍ତ୍ୱାବଧାନରେ ପ୍ରତିଭା କରାଟେ ଶିକ୍ଷା କରୁଛନ୍ତି। ପ୍ରତିଭାଙ୍କ ସଫଳତା ନେଇ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ମେହେର, କରାଟେ ସଂଗଠନର ସାଧାରଣ ସମ୍ପାଦକ ସେନସାଇ କେଦାର କବାଟ, ସଂଯୁକ୍ତ ସଚିବ ସେନସାଇ ଜିତୁ ପୃଷ୍ଟି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



## ଉପମୁଖ୍ୟମନ୍ତ୍ରୀଙ୍କ ପାରମ୍ପାରିକ, ପୋଷକ ତତ୍ତ୍ୱ ଧାନକ୍ଷେତ ପରିଦର୍ଶନ



**ବଲାଙ୍ଗିର, ୨୬।୧୦(ସମିସ):** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରାଜେନ୍ଦ୍ର ଏକ୍ସପେରିମେଣ୍ଟ ଫାର୍ମ ପରିଦର୍ଶନ କରିଛନ୍ତି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ମିଳିତ ସହଯୋଗରେ ଏଠାରେ ପାରମ୍ପାରିକ ଧାନ ଏବଂ ପୋଷକ ତତ୍ତ୍ୱ ଧାନ ଚାଷ କରାଯାଇଛି। ବଲାଙ୍ଗିର କୃଷି ବିଭାଗ, ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ରାଜ୍ୟ ବିହନ ପରୀକ୍ଷାଗାର ସମନ୍ୱୟରେ ବଲାଙ୍ଗିର ଜିଲ୍ଲାରେ ୧୧୨ ପ୍ରକାର ପାରମ୍ପରିକ ଧାନ ମଧ୍ୟରୁ ୬୧ ପ୍ରକାରର ଧାନକୁ ପରୀକ୍ଷା ମୂଳକ ଭାବେ ଜୈବିକ ପଦ୍ଧତି ଅବଲମ୍ବନ କରି ଚାଷ କରାଯାଇଛି। ୧୩ ପ୍ରକାରର ସରକାରୀ ସ୍ୱୀକୃତି ପ୍ରାପ୍ତ ଜିଙ୍କ, ପ୍ରୋଟିନ ଏବଂ ଲୋ ଜିଆଲ ଥିବା ଧାନକୁ ୫/୫ ବର୍ଗ ମିଟର ଓ ୩/୩ ବର୍ଗ ମିଟରରେ ପରୀକ୍ଷା କରାଯାଇଛି। ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ପୁଇଁତଲା ପ୍ରଗତି କୃଷକ ସଂଗଠନ ଏବଂ ନାବାର୍ଡର ମିଳିତ ସହଯୋଗରେ ପୋଷକତତ୍ତ୍ୱ ଧାନ ଡିଆରଆର-୬୭, ତେଲେଙ୍ଗାନା ସୋନ ଦ୍ୱାରା ପ୍ରସ୍ତୁତ ଚୂଡା ଏବଂ ଚାଉଳକୁ ଦେଖି କୃଷକ ଉତ୍ପାଦକ ସଂଗଠନକୁ ସେ ପ୍ରଶଂସା କରିଥିଲେ। ଏଥି ସହିତ ଉପମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲାରେ ତାଳ ତେଲ (ପାମ ଅଏଲ)ର ପ୍ରଚାର ପ୍ରସାର ପାଇଁ ଏମ-୧୧ ଏନର୍ଜି ଟ୍ରାଞ୍ଜିସନ ପ୍ରାଇଭେଟ ଲିମିଟେଡର ଉପ ମୁଖ୍ୟ ପରିଚାଳକ ଶମ୍ଭୁ ସ୍ୱାଇଁଙ୍କ ସହିତ ପାମ ଅଏଲ ଚାଷ ଉପରେ ବିଶେଷ କରି ସୌର ଶକ୍ତି ଦ୍ୱାରା ପରିଚାଳିତ ଓ ଜଳସେଚନ କ୍ଷେତ୍ରରେ ପାମ ଅଏଲ ଚାଷ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂହ ବରିହା, କୃଷି ବିଶେଷଜ୍ଞ ଦିଲୀପ ରାଉତ, କୃଷି ବିଜ୍ଞାନ କେନ୍ଦ୍ରର ସତ୍ୟମୟ ଶତପଥୀ ଏବଂ ରାଇଟର ଅଧ୍ୟକ୍ଷ ସୁଧାକର ନନ୍ଦ ଉପସ୍ଥିତ ଥିଲେ।

## ଅଞ୍ଚଳର ବିକାଶରେ ପର୍ଯ୍ୟଟନର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଦେଓଗାଁ, ୨୬।୧୦ (ସମିସ):** ମୁକୁନ୍ଦପୁର ପଞ୍ଚାୟତର ଭୀମଡୁଙ୍ଗୁରି ପର୍ଯ୍ୟଟନ ସ୍ଥଳରେ ୧୧ତମ ଭୀମପାହାଡ ମହୋତ୍ସବ ଅବସରରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଶନିବାର ଅପରାହ୍ନରେ ଅଞ୍ଚଳର ବିକାଶରେ ପର୍ଯ୍ୟଟନର ଭୂମିକା ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ତଥା ଗବେଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ହର ପ୍ରସାଦ ଭୋଇ, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡ. ସଙ୍ଗୀତା ରାଣୀ ବେଦବାଗ, ସଂସ୍କୃତି ଗବେଷକ ଡ. ଘାସିରାମ ମିଶ୍ର, ଆଲୋଚକ ଭାବେ ବଲାଙ୍ଗିର ବିଇଡି କଲେଜର ଅଧ୍ୟାପକ



ଡ. ଜଗନ୍ନାଥ ସାହୁ, ସଂସ୍କୃତି ଗବେଷକ ରାଜିବ ସଗରିଆ, କଣ୍ଟାବାଞ୍ଜି କେଭି କଲେଜର ଅଧ୍ୟାପକ ଡ. ସଞ୍ଜୟ କୁମାର ମିଶ୍ର ଓ ଐତିହାସିକ ସାଲେଗ୍ରାମ ହୋତା ପ୍ରମୁଖ ଯୋଗ ଦେଇଥିଲେ। ପର୍ଯ୍ୟଟନ ଆଜି ଶିଳ୍ପ ହେବାକୁ ଯାଉଛି। ଏଣୁ ଏହା ଯୋଗୁଁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ନିଯୁକ୍ତି ସୃଷ୍ଟି ହୋଇଥାଏ। ଅଞ୍ଚଳର ଅର୍ଥ ନୈତିକ ବିକାଶ ହୋଇଥାଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆମେରିକା ପରି ଉନ୍ନତ ଦେଶରେ ପର୍ଯ୍ୟଟନକୁ ଅଧିକ ଗୁରୁତ୍ୱ ଦିଆଯାଉଛି। କାଶ୍ମୀର, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡର ପ୍ରକୃତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ଭାରତର ମାନଚିତ୍ରରେ ଏକ ସ୍ଥାନ ପାଇଛି। ସେହିପରି ସ୍ଥାନୀୟ ଅଞ୍ଚଳର ପାହାଡ, ନଦୀ, ଗାଁ ବନ୍ଧ ଇତ୍ୟାଦିକୁ ନିଜର ବୋଲି ଭାବିଲେ ଉନ୍ନତି ହେବା ସହ ଲୋକଙ୍କ ବିକାଶରେ ସହାୟକ ହେବ ବୋଲି ଡ. ମିଶ୍ର ମତ ବ୍ୟକ୍ତ କରିଥିଲେ। ଲକ୍ଷ୍ମଣ ମେହେର ଅତିଥି ପରିଚୟ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନା ଚକ୍ରରେ ବଲାଙ୍ଗିର ରାଜେନ୍ଦ୍ର କଲେଜ, ସରକାରୀ କଲେଜ, ଉପରଝର ମହିଳା କଲେଜ, ଦେଓଗାଁ, ଜରାସିଂହା, ରୁଷୁଡା, ମହିମୁଣ୍ଡା, ଗୌରଗୋଠ ଓ କଣ୍ଟା।ବାଞ୍ଜି କଲେଜର ୧୫୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇ ନିଜ ନିଜର ମତବ୍ୟକ୍ତ ପ୍ରଦାନ କରିଥିଲେ।

## ଖପ୍ରାଖୋଲରେ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୨୬।୧୦ (ସମିସ):** ଖପ୍ରାଖୋଲ ହାଇସ୍କୁଲ ଖେଳ ପଡ଼ିଆରେ ଖପ୍ରାଖୋଲ ପୁଲିସ ତରଫରୁ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ନରେନ୍ଦ୍ର ଛତର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ପାଟଣାଗଡ଼ ଏସଡିପିଓ ସଦାନନ୍ଦ ପୁଝାରୀ, ସମ୍ମାନିତ ଅତିଥି ରୂପେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଜିଲ୍ଲା ସାଇବର ସେଲ୍‌ଫ ନୀରିକ୍ଷକ ଭାରତୀ ନାଏକ, ଏସିଏଫ ଅରବିନ୍ଦ ନାଏକ, ବିଧାୟକ ପ୍ରତିନିଧି ପଦ୍ମନ କୁମାର ସିଂ ବରିହା, ସ୍ଥାନୀୟ ସରପଞ୍ଚ ବେଟିଖାଇ ସେନ୍ଦରିଆ ଯୋଗ ଦେଇଥିଲେ। ଏହି ଅବସରରେ ସାଇବର ଠକେଇ, ଓଟିପି ମାଗିନେଇ ଠକେଇ, ନକଲି ବ୍ୟାଙ୍କ ଆପ୍ସ, ସୋସିଆଲ ମିଡିଆ ଠକେଇ ବିଷୟରେ ଉଦାହରଣ ସହ ସଚେତନ କରାଯାଇଥିଲା। ସଭାରେ ଅତିଥିମାନେ ସମସ୍ତଙ୍କୁ ସାଇବର ଠକେଇରୁ ସୁରକ୍ଷିତ ରହିବା ପାଇଁ ସାମୂହିକ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର, ଅଙ୍ଗନବାଡ଼ି କର୍ମୀ, ଶିକ୍ଷକ ଓ ଜନସାଧାରଣ ଯୋଗ ଦେଇଥିଲେ। ଏହି ଅବସରରେ ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବ୍ରାହ୍ମଣ ମହାସଭାର ପଦ ମଣ୍ଡନ ସମାରୋହ

**ବଲାଙ୍ଗିର, ୨୬।୧୦ (ସମିସ):** ବଲାଙ୍ଗିରଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିରର ନବନିଯୁକ୍ତ କର୍ମକର୍ତ୍ତାଙ୍କ ପଦ ମଣ୍ଡନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାସଭାର ଅଧ୍ୟକ୍ଷ ଧନଞ୍ଜୟ ମିଶ୍ର ସଭାପତିତ୍ୱ କରିଥିଲେ। ମହନ୍ତ ଶ୍ରୀ ବ୍ରଜମୋହନ ଶରଣ ଦେବ, ଉପଦେଷ୍ଟା ଗିରିଧାରି ଶତପଥୀ, ଧର୍ମସିଂହ ମିଶ୍ର, ଗୋପବନ୍ଧୁ ପୁରୋହିତଙ୍କ ଗହଣରେ ନବନିଯୁକ୍ତ ସଭ୍ୟମାନଙ୍କର ଶପଥପାଠ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଶ୍ୟାମସୁନ୍ଦର ଦାଶଙ୍କ ସଞ୍ଚାଳନରେ ହୋଇଥିବା ଏହି ସଭାରେ ସମସ୍ତ କର୍ମକର୍ତ୍ତାଙ୍କୁ ଉପଢୌକନ ଏବଂ ସମ୍ମାନ ସନନ୍ଦ ପ୍ରଦାନ କରାଯାଇଥିଲା। ବିରଞ୍ଚି ନାରାୟଣ ତ୍ରିପାଠି, ଗୋପବନ୍ଧୁ ଶତପଥୀ, ପଞ୍ଚାନନ ବେଦବାକ, ଅଶୋକ ମିଶ୍ର, ଚନ୍ଦ୍ର କୁମାର ପୁରୋହିତ, ରାମ ଶଙ୍କର ଶତପଥୀ, ଅଶୋକ ମିଶ୍ର, ଷଡାନନ ହୋତା, ସୁଶାନ୍ତ ପଣ୍ଡା, ଲକ୍ଷ୍ମୀପ୍ରସାଦ ଚାନ୍ଦ, ପ୍ରଭୁଦତ୍ତ ଶତପଥୀ, ବିଶ୍ୱନାଥ ମିଶ୍ର, ବାଳକୃଷ୍ଣ ଷଡଙ୍ଗୀ, କବିରାଜ ହୋତା, ଜୟବିହାରୀ ବେଦବାକ, ଗୋପବନ୍ଧୁ ପୁରୋହିତ, ଗିରିଧାରୀ ଶତପଥୀ, ଧର୍ମସିଂହ ମିଶ୍ର, ଶ୍ୟାମସୁନ୍ଦର ଦାଶ ଓ ସଭାପତି ଧନଞ୍ଜୟ ମିଶ୍ର ନିଜ ନିଜ ବକ୍ତବ୍ୟ ରଖିଥିଲେ।

## ଶିଶୁଙ୍କୁ ଲୋକଲୋଚନକୁ ଆଣିବାର ମାଧ୍ୟମ 'ସୁରଭି'



**ଦେଓଗାଁ, ୨୬।୧୦(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ଶନିବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ମୁଖ୍ୟବକ୍ତା ବଡବନ୍ଧ ହାଇସ୍କୁଲ ପ୍ରଧାନ ଶିକ୍ଷକ ନବୀନ ମେହେର ଯୋଗ ଦେଇଥିଲେ। ଶିଶୁମାନଙ୍କ ଭିତରେ ଥିବା ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସୁରଭି ଏକ ଉପଯୁକ୍ତ ମାଧ୍ୟମ ବୋଲି ଅତିଥବମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗରେ ୩୨ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ୧୫ଟି କ୍ଲଷ୍ଟରର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ଅମ୍ବରୀଶ ଭୋଇ ସଭାପତିତ୍ୱ କରିଥିବାବେଳେ ଦେଓଗାଁ ସିଆରସିସି ସୁଶାନ୍ତ ମହାନ୍ତି ସଂଯୋଜନା କରିଥିଲେ। ଅନ୍ୟପକ୍ଷେ ଉଦ୍‌ଘାଟନୀ ସଭାରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ମମତା ମହାଡିକ, ଏବିଇଓ କବିରାଜ ମାଝୀ, ପଞ୍ଚାୟତ ସମିତି ଆବାସିକ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଗୁରୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ତପନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାଧୀନତା ଦିବସରେ ମଧ୍ୟାହ୍ନ ଭୋଜନ ହଡ଼ପ ମାମଲା

# ଭାଇକୁ ସୁରକ୍ଷା ଦେଉଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ

**ଟିଟିଲାଗଡ଼, ୨୬।୧୦(ସମିସ)**

ଦିଓଳି ଖାଦ୍ୟ ମୁଠିଏ ପାଇଁ ସଂଘର୍ଷ କରୁଥିବା ଗରିବ ପରିବାରର ପୁଅଝିଅ ଦି ଅକ୍ଷର ଶିଖିବା ପାଇଁ ସରକାରୀ ସ୍କୁଲ ହିଁ ଏକ ମାତ୍ର ଭରସା। ଗରିବ ପରିବାରର ପୁଅ ଝିଅ ସରକାରୀ ସ୍କୁଲରେ ପାଠ ପଢ଼ିବା ପାଇଁ ସରକାର ମଧ୍ୟାହ୍ନ ଭୋଜନ ମଧ୍ୟ ଯୋଗାଇ ଦେଉଛନ୍ତି। ସେମାନଙ୍କ ଲାଗି ବିଦ୍ୟାଳୟରେ ମାସିକ ଉଚ୍ଚ ବେତନ ସହ ଶିକ୍ଷକ, ଶିକ୍ଷୟିତ୍ରୀ ମଧ୍ୟ ନିୟୋଜିତ କରିଛନ୍ତି; ହେଲେ ଏଭଳି କିଛି ଶିକ୍ଷକ ଅଛନ୍ତି ଯେଉଁମାନେ ନିଜ ପୁଅଝିଅଙ୍କୁ ସରକାରୀ ସ୍କୁଲରେ ନ ପଢ଼ାଇ ଘରୋଇ ବିଦ୍ୟାଳୟରେ ନାମ ଲେଖାଉଛନ୍ତି। ଏହାସହ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଟଙ୍କା ଆତ୍ମସାତ କରୁଛନ୍ତି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ୍ ଥିଲେ ମଧ୍ୟ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ଦର୍ଶାଇ ମଧ୍ୟାହ୍ନ ଭୋଜନ ପାଇଁ ଉଦ୍ଦିଷ୍ଟ ଚାଉଳ, ପନିପରିବା, ଅଣ୍ଡା ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି। ଟିଟିଲାଗଡ଼ ବ୍ଲକ ମାଲିଝେର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗତ ସ୍ୱାଧୀନତା ଦିବସରେ ପିଲାଙ୍କ ମଧ୍ୟାହ୍ନ ଭୋଜନ ଆତ୍ମସାତ ହୋଇଛି। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେଦିନ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିବା ଅଫିସିଆଲ ଗ୍ରୁପରେ ଏକ ମିଥ୍ୟା ଫଟୋ ପୋଷ୍ଟ କରିଥିଲେ। ଏନେଇ ଅଭିଭାବକ, ଛାତ୍ରଛାତ୍ରୀ ଅଭିଯୋଗ କରିଥିଲେ। ଏ ବାବଦରେ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ଶିକ୍ଷା ବିଭାଗ ନାମକୁ ମାତ୍ର ତଦନ୍ତ କରିଛି। ମଧ୍ୟାହ୍ନ ଭୋଜନ ଟଙ୍କା ଆତ୍ମସାତ କରିଥିବା ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ଖୋଦ ବିଦ୍ୟାଳୟର ରୋଷେୟା ସେଦିନ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ନ ଥିବା ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇଥିଲେ; ହେଲେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଲାଙ୍ଗିର ଜିଲା ଶିକ୍ଷା ଅଧିକାରୀଙ୍କ ଭାଇ ହୋଇଥିବାରୁ ମାମଲାକୁ ଚପାଇ ଦେବା ଉଦ୍ୟମ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ପତ୍ର ସଂଖ୍ୟା ୧୦୨୪ ତାରିଖ ୧୪।୮।୨୫ରେ ରାଜ୍ୟ ପିଏମ ପୋଷଣ ନୋଡାଲ ଅଧିକାରୀ ରାଜ୍ୟର ଜିଲା ଶିକ୍ଷା ଅଧିକାରୀଙ୍କୁ ନେତାଜୀ ଜୟନ୍ତୀ, ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ଉତ୍କଳ ଦିବସ, ଗୁରୁ ଦିବସ, ଗାନ୍ଧୀ ଜୟନ୍ତୀ, ଶିଶୁ ଦିବସରେ ବିଦ୍ୟାଳୟ ଗୁଡିକରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ନିଶ୍ଚିତ ଭାବରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ; ହେଲେ ଏହାକୁ ବେଖାତିର କରି ଗରିବ ପିଲାଙ୍କ ଆହାର ଟଙ୍କା ଆତ୍ମସାତ ହୋଇଛି। ତେବେ ଜିଲା ଶିକ୍ଷା ଅଧିକାରୀ ନିଜ ଭାଇ ପ୍ରେମରେ ପଡ଼ି ସେ ସବୁ ଭୁଲିଗଲେ। ଟିଟିଲାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥଙ୍କ ମୁତାବକ ସେ ରିପୋର୍ଟ ଦେଇଛନ୍ତି; ହେଲେ ଉଚ୍ଚସ୍ତରରେ ବଡ଼ ଡିଲ୍ ହୋଇଥିବା ସନ୍ଦେହ ପ୍ରକାଶ କରିଛନ୍ତି। ଏନେଇ ବଲାଙ୍ଗିର ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ଗଣମାଧ୍ୟମ ଆଗରେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ତେବେ ପ୍ରଧାନ ଶିକ୍ଷକ ଜିଲା ଶିକ୍ଷା ଅଧିକାରୀଙ୍କ ଭାଇ ହୋଇଥିବାରୁ ତଦନ୍ତ ବାଟବଣା ହେଲା ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନା କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଥାନାରେ ଶବ ରଖି ନ୍ୟାୟ ଭିକ୍ଷା

**ବିନିକା, ୨୬ ।୧୦(ସମିସ):** ପାରିବାରିକ କଳହକୁ ନେଇ ପରିବାର ଲୋକେ ଶବ ଗ୍ରହଣ କଲେନି । ଶେଷରେ ୭ ବର୍ଷର କୁନି ପୁଅ ସହ ସ୍ୱାମୀର ଶବ ଧରି ଜଣେ ମହିଳା ବିନିକା ଥାନାରେ ନ୍ୟାୟ ମାଗିଛନ୍ତି । ବିନିକା ବ୍ଲକ ସିଲାଟି ପଞ୍ଚାୟତ ବରପଦର ଗ୍ରାମରେ ଏଭଳି ଘଟଣା ଘଟିଛି । ଗ୍ରାମର ପ୍ରମୋଦ ବାଗ (୩୮)ଙ୍କ ଦେହ ଅସୁସ୍ଥ ହେବାରୁ ସ୍ତ୍ରୀ ଜନନୀ ବାଗ ତାଙ୍କୁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ । ପରେ ବୁର୍ଲା ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଶବ ସତ୍କାର ସକାଶେ ସ୍ତ୍ରୀ ଜନନୀ ସ୍ୱାମୀଙ୍କ ଶବକୁ ମହାପ୍ରୟାଣ ଗାଡ଼ିର ଧରି ବରପଦର ଗ୍ରାମକୁ ଆଣିଥିଲେ; ହେଲେ ସେଠାରେ ତାଙ୍କ ପରିବାର ଲୋକେ ଶବ ଗ୍ରହଣ କରି ନ ଥିଲେ । ଏଣୁ ଗାଡ଼ି ସହ ଶବ ଧରି ସ୍ତ୍ରୀ ଓ ୭ବର୍ଷର ପୁଅ ବିନିକା ଥାନାରେ ପହଞ୍ଚିଥିଲେ ।




## ଦୁରଦୁରା ବାଲିଘାଟରେ ବେଆଇନ ଜଙ୍ଗଲ ଜମି ଖନନ

**ବୀରମହାରାଜପୁର, ୨୬ ।୧୦(ସମିସ)**

ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତ ଦୁରଦୁରା ବାଲିଘାଟରେ ରବିବାର ବେଆଇନ ଭାବେ ଜଙ୍ଗଲ ଜମି ଖୋଳା ଯାଉଥିବା ଦେଖିବା ମିଳିଛି । ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରୁଥିବା ବେଳେ କିଛି ବାଲି ମାଫିଆ ମହାନଦୀରୁ ବାଲି ଚୋରା ଚାଲାଣ କରିବା ପାଇଁ ଜଙ୍ଗଲ ଜମି ଖନନ କରୁଥିବା ଅଭିଯୋଗ ହେଉଛି । ଏଠାରେ ପ୍ରଶ୍ନ ଉଠୁଛି କାହା ବଳରେ ଏହିଭଳି ବେଆଇନ କାର୍ଯ୍ୟ ଚାଲିଛି? ଏହା ପଛରେ କାହାର ହାତ ଅଛି? ଏ ବିଷୟରେ ବଲାଙ୍ଗୀର ଡିଡିଏମ ବୀର ତାର୍କୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ସୁବର୍ଣ୍ଣପୁର ମାଇନିଂ ଅଫିସରଙ୍କୁ ପଚାରି କହୁଛି ବୋଲି କହି ଫୋନ୍ କାଟି ଦେଇଥିଲେ । ଏହାପରେ ସୁବର୍ଣ୍ଣପୁର ମାଇନିଂ ଅଫିସରଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ମୋବାଇଲ ସୁଇଚ୍ ଅଫଥିଲା । ଜଙ୍ଗଲ ଜମି ଖୋଳିବା ଦ୍ୱାରା ଯେଉଁ ବଡ ଗର୍ତ୍ତ ସୃଷ୍ଟି ହେବ ସେଥିରେ ଛେଳି, ଗାଈଗୋରୁ ଓ ହାତୀ ପଡ଼ି ଜୀବନ ଯିବା ଥୟ । ଏହି ବେଆଇନ କାର୍ଯ୍ୟ ପାଇଁ ମାଇନିଂ ଅଫିସର, ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗର ନଜର କାହିଁକି ପଡୁନାହିଁ ବୋଲି ଜନସାଧାର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଜିଲ୍ଲାପାଳ, ସୁବର୍ଣ୍ଣପୁର ଡିଏଫ୍ଓ ଏବଂ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ତୁରନ୍ତ ତଦନ୍ତ ସହ ବେଆଇନ୍ ଭାବେ ଜଙ୍ଗଲ ଜମି ଖନନ ବନ୍ଦ କରି ଦୃଢ଼ କର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସି ଦାବି କରିଛନ୍ତି । ଜିଲ୍ଲା ପ୍ରଶାସନ କେବେ ଓ କିପରି ପଦକ୍ଷେପ ଗ୍ରହଣ କରୁଛି ତାହା କେବଳ ସମୟ କହିବ ।



## ପୃଥକ ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର

**ଶଗଡ଼ା, ୨୬ ।୧୦(ସମିସ):** ମନମୁଣ୍ଡା-ଶଗଡ଼ା ରାସ୍ତାର ଶଗଡ଼ା ମଦଭାଟି ନିକଟରେ ରବିବାର ସନ୍ଧ୍ୟାରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ଜଣେ ଗୁରୁତର ହୋଇଛନ୍ତି । ଆହତ ଯୁବକ ଜଣକ ବୌଦ୍ଧ ଥାନା ବାମଣ୍ଡା ଗ୍ରାମର ଅନିରୁଦ୍ଧ ଖେତି । ବରଗୋଚ୍ଛା ପଟରୁ ଏକ ବାଇକ ଯୋଗେ ସେ ଆସୁଥିଲେ । ଶଗଡ଼ା ମଦଭାଟି ନିକଟରେ ଏକ ଗୋରୁ ପଲ ବାଇକ ସମ୍ମୁଖକୁ ଦୌଡ଼ି ଆସିବାରୁ ଭାରସାମ୍ୟ ହରାଇ ସେ ଦୁର୍ଘଟଣାର ଶିକାର ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇ ଥିଲେ । ତେବେ ଅନିରୁଦ୍ଧ କୋର୍ଟ ନୋଟିସ ବଣ୍ଟନ କରି ଘରକୁ ଫେରୁଥିଲେ । ସେହିପରି ବରଗୋଚ୍ଛା ନିକଟ ସାନ ଝାଙ୍କରପାଲି ଗ୍ରାମ ନିକଟରେ ସନ୍ଧ୍ୟାରେ ଅନ୍ୟ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣାରେ ଲାଲୁ ମାଝୀ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଛନ୍ତି ।

## ୩ ହାଇୱା ଜବତ

**ହରଭଙ୍ଗା, ୨୬ ।୧୦(ସମିସ):** ହରଭଙ୍ଗା ତହସିଲ ଅଧୀନ କରଞ୍ଜକଟା ନିକଟରୁ ଏନଫୋର୍ସ ଟିମ୍ ଶନିବାର ରାତିରେ ଗୋଟିଏ ବାଲି ଏବଂ ଦୁଇଟି ଚିପ୍ସ ବୋଝେଇ ହାଇୱା ଜବତ କରିଛି । ଯାଞ୍ଚ ପରେ ବିନା ଟ୍ରାନଜିଟ ପାସ୍‌ରେ ବେଆଇନ ଭାବେ ବାଲି, ପଥର ଚାଲାଣ ହେଉଥିବା ଧରାପଡ଼ିଥିଲା । ଟ୍ରାନଜିଟ ପାସ୍ ନ ଥିବାରୁ ୩ଟି ଯାକ ଗାଡିକୁ ଜବତ କରି ପୁରୁଣାକଟକ ପୁଲିସକୁ ଖଣି ଅଧିକାରୀ ଜିମା ଦିଆଯାଇଛି । ଏହି ଚଢଉରେ ହରଭଙ୍ଗା ତହସିଲଦାର ବଳଦେବ ବେହେରା, ବୌଦ୍ଧ ଖଣି ଅଧିକାରୀ ମନୋହର ମହନ୍ତ, ପୁରୁଣାକଟକ ପୁଲିସ ପ୍ରମୁଖ ସାମିଲ ଥିଲେ ।

## ଜନସମ୍ପର୍କ ପଦଯାତ୍ରା ପାଇଁ ବିଜେଡିର ପ୍ରସ୍ତୁତି

**ହରଭଙ୍ଗା, ୨୬ ।୧୦(ସମିସ):** ବିଜୁ ଜନତା ଦଳ ହରଭଙ୍ଗା ବ୍ଲକ କମିଟି ପକ୍ଷରୁ ଚାରିଛକସ୍ଥିତ ବନ ବିଭାଗ ଡାକ ବଙ୍ଗଳାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜନ ସମ୍ପର୍କ ପଦଯାତ୍ରା ପାଇଁ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ସଭାପତି ପଙ୍କଜ ସାହୁ ସଭାପତିତ୍ୱ କରିଥିଲେ । ଏଥିରେ ଜିଲ୍ଲା ସଭାପତି ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ ଓ ଅନ୍ୟ ନେତୃବୃନ୍ଦ ଯୋଗଦେଇଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସମଗ୍ର ରାଜ୍ୟରେ ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହେଉଛି । ସେହି କ୍ରମରେ ନଭେମ୍ବର ୭ ତାରିଖ ହରଭଙ୍ଗାରୁ ପୁରୁଣାକଟକ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ଆୟୋଜନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ଦପଲା ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ଶଗଡ଼ା, ୨୬ ।୧୦(ସମିସ):** କଣ୍ଟାମାଳ ବ୍ଲକ ଦପଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କଣ୍ଟାମାଳ ସଂକୁଳ ପ୍ରମୁଖ ସନ୍ତୋଷ ବିଶି, ବୌଦ୍ଧ ଜିଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ଅତିଥିବ ଭାବେ ଯୋଗ ଦେଇଥିଲେ । ଶିକ୍ଷା କ୍ଷେତ୍ରରେ ମାଆମାନଙ୍କ ଭୂମିକା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ବନମାଳୀ ନାଏକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ଲଳିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଷାସୁର ବଧ ସହ କଲରାକୋଟା କାଳୀପୂଜା ଶେଷ



**କଣ୍ଟାମାଳ, ୨୬ ।୧୦ (ସମିସ):** ବୌଦ୍ଧ ଜିଲ୍ଲାର କଣ୍ଟାମାଳ କଲରାକୋଠାର ୩୭ତମ କାଳୀ ପୂଜା ମହିଷାସୁର ବଦ୍ଧ ସହ ଶେଷ ହୋଇଛି । ରାଜ ଦରବାରରେ ରାଜକୀୟ ଅତିଥି ଭାବେ ପୂର୍ବତନ ବିଧାୟକ ମହିଧର ରଣା ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ପ୍ରଭାତ ସାହୁ, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ସମନ ଗୁରୁ, ତରଣୀସେନ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## କଣ୍ଟାମାଳରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ଶଗଡ଼ା, ୨୬ ।୧୦(ସମିସ):** କିଶୋରୀ ବାଳିକାଙ୍କ ଶାରୀରିକ, ମାନସିକ ଏବଂ ସାମାଜିକ ଅଭିବୃଦ୍ଧି ନିମନ୍ତେ ଅଦ୍ୱିକାର ବିକଳ୍ପ ନାହିଁ । କଣ୍ଟାମାଳ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ଆୟୋଜିତ ଅଦ୍ୱିକା ପ୍ରତିଭା ଅନ୍ୱେଷଣ ଶିବିରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । କଣ୍ଟାମାଳ ବ୍ଲକ ମିଶନ ଶକ୍ତି ଭବନରେ ଅନୁଷ୍ଠିତ ଅଦ୍ୱିକା କାର୍ଯ୍ୟକ୍ରମରେ ପ୍ରକଳ୍ପ ଅଧିକାରୀ ପଙ୍କଜିନୀ ମିଶ୍ର ଅଧକ୍ଷତା କରିଥିଲେ । ଦିବ୍ୟଶଙ୍କର ରାଉତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ପାଇଁ ଅଦ୍ୱିକା ହିଁ ଏକ ପ୍ରକୃଷ୍ଟ ମଞ୍ଚ ବୋଲି କହିଥିଲେ । ଦ୍ୱିତୀୟ ଅଧିବେଶନରେ କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେ‡ୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡକ୍ଟର ଜଗଦୀଶ ସେଠୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଗାଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## ୬୧ୟୁନିଟ୍ ରକ୍ତ ସଂଗ୍ରହ



**ଡୁଙ୍ଗୁରିପାଲି, ୨୬ ।୧୦(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସର୍ଗୁଲ ଉପ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶ୍ରୀ ରାମ କମିଟି ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଡାକ୍ତର ସୁଶାନ୍ତ ମେହେର, ବିଜେପୁର ମେଡିକାଲ ଅଫିସର ରୁଦ୍ରଦେବ ଦଣ୍ଡସେନା, ନବ କୁମାର ବାରିକ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଶିବିରରେ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ୬୧ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ପୁରନ୍ଦର ସାହୁ, ଦେବକାନ୍ତ ବଂଚୋର, ବିଭୁତି ଧାରୁଆ, ସୁରେଶ ବେହେରା, ଜୈମିନ ସାହୁ, ପ୍ରଫୁଲ୍ଲ ବାରିକ, ପବିତ୍ର ସାହୁ, ଘନଶ୍ୟାମ ସାହୁ, ଅନିଲ ଜାଲ, ଦିଲ୍ଲୀପ ବାଘ, ଉମାକାନ୍ତ ସାହୁ, ଦୟାମୟ ବାରିକ, ପିୟୁଷ ସାହୁ, ଯୁଧିଷ୍ଠିର ନାହାକ, ସୁମିତ ସ୍ୱାଇଁ, ମୁକେଶ ଭୋଇ, ପ୍ରବିତ୍ର ବେହେରା, ପ୍ରବୀଣ ସାହୁ, ସୋହନ ସାହୁ, ପ୍ରୟାଂଶୁ ସାହୁ, ଦିଲୀପ ଦାସ, ରାଜା ରଣା, ସୁରେନ ସାହୁ, ଅଜିତ ସାହୁ, ଦଶରଥ ମେହେର, ପ୍ରଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ବୌଦ୍ଧରେ ଜିଲ୍ଲା ବୈଦ୍ୟ ସଂଘର ସାଧାରଣସଭା



**ବୌଦ୍ଧ, ୨୬ ।୧୦(ସମିସ):** ବୌଦ୍ଧ ସହରସ୍ଥିତ ଗାୟତ୍ରୀ ମନ୍ଦିରଠାରେ ବୌଦ୍ଧ ଜିଲ୍ଲା ବୈଦ୍ୟ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବୌଦ୍ଧ ଜିଲ୍ଲା ବୈଦ୍ୟ ସଂଘ ଉପ ସଭାପତି ବୈଦ୍ୟରାଜ ସନ୍ତୋଷ ବାରିକ ସଭାପତିତ୍ୱ କରିଥିଲେ । ସମ୍ପାଦକ ପ୍ୟାରୀମୋହନ ଶତପଥୀ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ । ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ବୈଦ୍ୟ ସଂଘ ସଭାପତି ଉପେନ୍ଦ୍ର ମେହେର, ଲିଙ୍ଗରାଜ ମେହେର, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଉଦ୍ଭିଦବିଜ୍ଞାନ ଅଧ୍ୟାପକ ଡ. ପ୍ରବୀର ଦାସ ଯୋଗ ଦେଇଥିଲେ । ଆଲୋଚନାରେ ନିର୍ଗୁଣ ମହାକୁଡ଼, ଖଦାଳ ପ୍ରଧାନ, ନିରଞ୍ଜନ ନାଗ, ସୁଶାନ୍ତ ପ୍ରଧାନ, ଜ୍ୟୋତିରଞ୍ଜନ ମାହାଣା, ଅଚ୍ୟୁତାନନ୍ଦ କରଡ଼ିଆ, ବିଛନ୍ଦ ଦେହୁରୀ, ଭୁବନ ପ୍ରଧାନ, ଧରଣୀଧର ମେଣ୍ଡିଲି, ପ୍ରଫୁଲ୍ଲ ସାହୁ, ସଦାଶିବ ନାୟକ, କୃତ୍ତିବାସ ପଳିଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ନୂତନ କମିଟି ଗଠନ କରାଯାଇଛି । ଉପଦେଷ୍ଟା ଭାବେ ସୁଧୀର କର୍ଣ୍ଣ, ଡ. ପ୍ରବୀର ଦାସ, ଆଇନ ପରାମର୍ଶଦାତା ଭାବେ ଅଭୟ କାନ୍ତ ପାଠକ, ମାର୍ଗଦର୍ଶକ ଭାବେ ଡା ସୂର୍ଯ୍ୟନାରାୟଣ ସାହୁ ଓ ଡା ନିରାକାର ବେହେରା, ସଭାପତି ଭାବେ ସନ୍ତୋଷ ବାରିକ, ଉପ ସଭାପତି ଭାବେ ପ୍ୟାରୀମୋହନ ଶତପଥୀ, ସମ୍ପାଦକ ଭାବେ କୃତ୍ତିବାସ ପଳିଆ, କୋଷାଧ୍ୟକ୍ଷ ଭାବେ ଜ୍ୟୋତି ରଞ୍ଜନ ମହାଣାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି ।

## ଅଭିନନ୍ଦନ ଟ୍ରଷ୍ଟର କର୍ମଶାଳା

**ବୌଦ୍ଧ, ୨୬ ।୧୦(ସମିସ):** ବୌଦ୍ଧରେ ପଞ୍ଚାୟତ ଓ ୱାର୍ଡ ସଂଯୋଜକମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ପ୍ରଭାରୀ ହେମନ୍ତ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ସଂଯୋଜକ ଭାବେ ବିକାଶ ସାହୁ, ବୌଦ୍ଧ ବ୍ଲକ ସଂଯୋଜକ ଜଗବନ୍ଧୁ ଦାସ ଓ ଧନେଶ୍ୱର ଝଙ୍କାର, କଣ୍ଟାମାଳ ବ୍ଲକ ସଂଯୋଜକ ଜଗବନ୍ଧୁ ସୁନା, ହରଭଙ୍ଗା ବ୍ଲକ ସଂଯୋଜକ ମାନସ ରଣା ମଞ୍ଚାସୀନ ଥିଲେ । ବୌଦ୍ଧ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଓ ୱାର୍ଡରୁ ସଂଯୋଜକମାନେ ଯୋଗ ଦେଇ ତାଲିମ ନେଇଥିଲେ ।

## ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ମାସିକ ସାହିତ୍ୟ ଆସର



**ବୌଦ୍ଧ, ୨୬ ।୧୦(ସମିସ):** ସ୍ଥାନୀୟ ବ୍ରିଜଛକ ନିକଟସ୍ଥ ଟୁଟୁସିଙ୍ଗା ହାଇସ୍କୁଲ ପରିସରରେ ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ମାସିକ ସାହିତ୍ୟ ଆଲୋଚନାଚକ୍ର ଓ କବିତାପାଠ ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ଉପସଭାପତି ଟଙ୍କଧର ସାହୁ ସଭାପତିତ୍ୱ କରିଥିଲେ । ଅନୁଷ୍ଠାନର ସମ୍ପାଦକ ରାଧାମୋହନ ମାହାଣା ସ୍ୱାଗତ ଭାଷଣ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରତାପ ରଥ ଅତିଥି ଭାବରେ ଯୋଗଦେଇ ସାହିତ୍ୟରେ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ । କବୟିତ୍ରୀ ରଶ୍ମିତା ବେହେରା ଭଜନ ପରିବେଷଣ କରିଥିଲେ । କବି ସଂସାର ଅମାତ, କାର୍ତ୍ତିକେଶ୍ୱର ନାୟକ, ତପନ ନାୟକ, ରାଜକୁମାର ପ୍ରଧାନ, ସଞ୍ଜିତ ମେହେର, ଟଙ୍କଧର ସାହୁ ଓ ରାଧାମୋହନ ମାହାଣା ପ୍ରମୁଖ କବିତା ଆବୃତ୍ତି କରିଥିଲେ ।

## ବୌଦ୍ଧରେ ଗାୟତ୍ରୀ ମହାଯଜ୍ଞ ପାଇଁ ପ୍ରସ୍ତୁତି

**ବୌଦ୍ଧ, ୨୬ ।୧୦(ସମିସ):** ଡିସେମ୍ବର ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ବୌଦ୍ଧ ବୁଟୁପାଲି ପଡ଼ିଆ (ମାଉଳଶିଙ୍ଗା)ରେ ରାଷ୍ଟ୍ର ଶୌର୍ଯ୍ୟ ସମୃଦ୍ଧି ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆୟୋଜିତ ହେବ । ଏଥିପାଇଁ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ବୌଦ୍ଧ ଜିଲ୍ଲା ଶାଖା ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ପ୍ରସ୍ତୁତି ବୈଠକ ବସିଥିଲା । ବୌଦ୍ଧ ଗାୟତ୍ରୀ ଶକ୍ତି ପୀଠଠାରେ ଅନୁଷ୍ଠିତ ଏହି ବୈଠକରେ ଯଜ୍ଞ କମିଟିର ମୁଖ୍ୟ ଡ. ପ୍ରବୀର ଦାସ ଅଧକ୍ଷତା କରିଥିଲେ । ଜିଲ୍ଲା ସଂଯୋଜକ ଅଶ୍ୱିନୀ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରି ବିବରଣୀ ପ୍ରଦାନ କରିଥିଲେ । ଏହି ବୈଠକରେ ଓଡ଼ିଶା ରାଜ୍ୟ ଗାୟତ୍ରୀ ପରିବାର ଶାଖାର ମୁଖ୍ୟ ପ୍ରଭାରୀ ସୌମିତ୍ରି ଥାନାପତି ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କମିଟି ଗଠନ କରଯାଇଥିଲା । ଅର୍ଥ କମିଟିର ମୁଖ୍ୟ ଭାବରେ ତାରିଣୀ ପ୍ରଧାନ, ଯଜ୍ଞ ଶାଳା ପାଇଁ ପ୍ରମୋଦ ଚାନ୍ଦ, ଅନୁଦାନ ସଂଗ୍ରହରେ ହୃଦାନନ୍ଦ ମେହେର, ଆବାସ କମିଟିରେ ପିତାମ୍ବର ମେହେର, ଖାଦ୍ୟ କମିଟିରେ ଶୁଭେନ୍ଦୁ ମହାକୁଡ, ପ୍ରଚାର ପ୍ରସାରରେ ବିନାୟକ ପ୍ରଧାନ, ସଂସ୍କାର ଶାଳା ମୁଖ୍ୟ ଭାବରେ ପ୍ୟାରୀମୋହନ ଶତପଥୀ, ଶାନ୍ତିକୁଞ୍ଜର ଅତିଥି ସେବା ପାଇଁ ଆଦିତ୍ୟ ମେହେର, ପରିବହନ ପାଇଁ ଶ୍ରୀନିବାସ ସାହୁ, ଉପଦେଷ୍ଟା ଭାବରେ ନବୀନ ପ୍ରଧାନ, ମହିଳା ଜାଗରଣ ପାଇଁ ଗୀତାଞ୍ଜଳି ପଟନାୟକ, ରୁକ୍ମିଣୀ ରାଜୁ, ଗୀତାଞ୍ଜଳି ପ୍ରଧାନ, ଗୀତାଞ୍ଜଳି ମେହେର ଓ ପୁଷ୍ପାଞ୍ଜଳି ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାର ୩ଟି ବ୍ଲକରୁ ୭୦ ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ । ହରଭଙ୍ଗା ବ୍ଲକ୍ ସଂଯୋଜକ କୈବଲ୍ୟ ପ୍ରଧାନ, ବୌଦ୍ଧ ବ୍ଲକର ସଂଯୋଜକ ପରମାନନ୍ଦ ସାହୁ, ବୌଦ୍ଧ ସହରର ସଂଯୋଜକ ନିରଞ୍ଜନ ସାଥୁଆ ଓ କଣ୍ଟାମାଳର ଝାସକେତନ କପାଟ ସହଯୋଗ କରିଥିଲେ । ଯଜ୍ଞ ପାଇଁ ଭୂମିପୂଜା ନଭେମ୍ବର ୧୬ ତାରିଖରେ ହେବ । ଯଜ୍ଞ ପାଇଁ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଶକ୍ତି କଳସକୁ ନଗର ପରିକ୍ରମା କରି ବୌଦ୍ଧ ଗାୟତ୍ରୀ ଶକ୍ତି ପୀଠରେ ସାଧାରଣ ଦର୍ଶନ ପାଇଁ ରଖାଯାଇଛି । ସେଠାରେ ୨ ମାସ ଧରି ଅଖଣ୍ଡ ଜପ ଓ ପ୍ରତିଦିନ ଯଜ୍ଞ ହେବ ।



### ମା' ସମଲେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଘଣ୍ଟାପଡ଼ା ଏସ୍ଏସ୍ ସ୍ପୋର୍ଟିଂ ଚାମ୍ପିଅନ



**ଶଗଡ଼ା, ୨୬ ।୧୦(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ସମଲେଶ୍ୱରୀ ସ୍ପୋର୍ଟିଂ ଓ ସମଲେଶ୍ୱରୀ ୟୁଥ୍ କ୍ଲବ୍ ଦ୍ୱାରା ଆୟୋଜିତ ମା' ସମଲେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି । ବାଲିଖମାର ଦଳକୁ ହରାଇ ଘଣ୍ଟାପଡ଼ା ଚାମ୍ପିଅନ ହୋଇଛି । ପୂର୍ବରୁ ସେମି ଫାଇନାଲକୁ ଉନ୍ନିତ ହୋଇଥିବା ଗ୍ରୁପ୍ ଏରୁ ଘଣ୍ଟାପଡ଼ା ଓ ମାତାକୁପା ମଧ୍ୟରେ ହୋଇଥିବା ଖେଳରେ ଘଣ୍ଟାପଡ଼ା ଦଳ ୩-୦ ଗୋଲରେ ପରାସ୍ତ କରି ଫାଇନାଲ ପ୍ରବେଶ କରିଥିଲା । ସେହିପରି ଗ୍ରୁପ ବିରୁ ବାଲିଖମାର ଓ ନିମନା ଦଳ ମଧ୍ୟରେ ହୋଇଥିଲା । ସେଥିରେ ୨-୦ ବାଲିଖମାର ବିଜୟୀ ହୋଇ ଘଣ୍ଟାପଡ଼ା ସହିତ ଖେଳିଥିଲା । ଫାଇନାଲରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ମାଧ୍ୟମରେ ୩-୨ ଗୋଲରେ ଘଣ୍ଟାପଡ଼ା ଦଳ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳର ପୂର୍ବତନ ବିଧାୟକ ମହିଧର ରଣା, ବୌଦ୍ଧ ଜିଲ୍ଲା ଶିକ୍ଷକ ସଂଘ ସଭାପତି ନିଳାଚଳ ଭୋଇ, ଆଇନଜୀବୀ ମନୋଜ ଶର୍ମା, ଅବସରପ୍ରାପ୍ତ ଶିକ୍ଷକ ମନ୍ଦରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସଞ୍ଜୀବ ସାହୁ ଖେଳ ପରିଚାଳନା କରିଥିବା ସ୍ଥଳେ ବିରେନ୍ଦ୍ର ଦେହୁରୀ ଓ ଅଗସ୍ତୀ ମଲିକ ଧାରା ବିବରଣୀ ପ୍ରଦାନ କରିଥିଲେ ।

## ଶାରୀରିକ, ମାନସିକ ବିକାଶରେ ଖେଳ ସାହାଯ୍ୟ କରେ

**ବୀରମହାରାଜପୁର, ୨୬ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଡୁଲେଶ୍ୱର୍ ରାଧାମୋହନ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଶାରୀରିକ, ମାନସିକ ବିକାଶରେ ଖେଳ ସାହାଯ୍ୟ କରେ ବୋଲି ମତ ପ୍ରକାଶ ପାଇଛି । ବୀରମହାରାଜପୁର ବ୍ଲକର କ୍ରୀଡା ସମ୍ପାଦକ ରଞ୍ଜିତ ପଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ଆୟୋଜକ ସ୍କୁଲ ପ୍ରଧାନ ଶିକ୍ଷକ ବନମାଳୀ ଶକ୍ଷସନୀ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ସହକାରୀ ଶିକ୍ଷକ କୌଶିକ ଦାସ ଯୋଗ ଦେଇଥିଲେ । ଏହି କ୍ରୀଡା ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୮୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଖେଳ ଶିକ୍ଷକ ପ୍ରଦୀପ ମହାନନ୍ଦ, ଦିଲ୍ଲୀପ ଚାନ୍ଦ, ପରମେଶ୍ୱର ପଣ୍ଡା, ଅଭିନନ୍ଦନ ପୂଝାରୀ ଖେଳ ପରିଚାଳନା କରିଥିଲେ ।



### ପୀତାମ୍ବର ପଧାନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ମେଘଲାକୁ ହରାଇ ବଲେନପାଲି ଚାମ୍ପିଅନ



**ବିନିକା, ୨୬ ।୧୦(ସମିସ):** ବିନିକା ବ୍ଲକ ଶଙ୍କରା ବୀର ସୁରେନ୍ଦ୍ର ସାଏ ଖେଳପଡ଼ିଆ ରେ ୟଙ୍ଗଷ୍ଟାର ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ୧୩ତମ ପିତାମ୍ବର ପଧାନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ଶଙ୍କରା ସରପଞ୍ଚ ଅଶୋକ ପୃଷ୍ଟି, ପୂର୍ବତନ ସମିତି ସଭ୍ୟ ଦାଶରଥି ନନ୍ଦ, ଶିକ୍ଷାବିତ ଧ୍ରୁବଚରଣ ନାଏକ, ସରୋଜ ଦାଶ, ସତ୍ୟଦାଶ ପ୍ରମୁଖ ଯୋଗ ଦେଇଥିଲେ । ଟୁର୍ଣ୍ଣାମେଣ୍ଟରେ ମେଘେଲା, କଦଳୀପାଲି, ପପଙ୍ଗା, ଚରଦା, ବଲେନପାଲି, ସାରସମାଲ, ବିଏମପୁର ଦଳ ଅଂଶ ଗ୍ରହଣ କରିଥିଲେ । ପ୍ରଥମ ସେମି ଫାଇନାଲ ମେଘେଲା ଓ ପପଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମେଘେଲା ଦଳ ବିଜୟୀ ହୋଇ ଫାଇନାଲରେ ପବେଶଶ କରିଥିଲା । ଦ୍ୱିତୀୟ ସେମି ଫାଇନାଲ ଖେଳ ବଲେନପାଲି ଓ ବିଏମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବଲେନପାଲି ଦଳ ଫାଇନାଲରେ ପବେଶ କରିଥିଲା । ଶେଷରେ ମେଘେଲା ଓ ବଲେନପାଲି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଟାଇବ୍ରେକର ଜରିଆରେ ବଲେନପାଲି ଦଳ ଚାମ୍ପିଅନ ହୋଇଥିଲା । ନରସିଂହ ସେଠୀ, ଆନନ୍ଦ ବଢେଇ, ବାବୁଲାଲ ସାହୁ, ଅଜିତ ଠେଲା, ଆଶିଷ ପଣ୍ଡା, ଜିତେନ୍ଦ୍ର ଥନାପତି ଖେଳ ପରିଚାଳନା କରିଥିଲେ । ସଞ୍ଜୟ ପଟ୍ଟନାୟକ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ । ସ୍ୱର୍ଗତ ପିତାମ୍ବର ପ୍ରଧାନଙ୍କ ସୁପୁତ୍ର ତଥା ଯୁବ ଆଇନଜୀବରୀ ଜୟପ୍ରକାଶ ପଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ ରାଜେନ୍ଦ୍ର ପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିନବନ୍ଧୁ ନାୟକ, ଶଶିଭୂଷଣ ଶତପଥୀ, ଚନ୍ଦ୍ରଶେଖର ପଣ୍ଡା ଅତିଥି ଭାବେ ପ୍ରମୁଖ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ । ଭାଗୀରଥି ବାଗ, ଶଙ୍କର ପଣ୍ଡା, ପ୍ରସନ୍ନ ସାହୁ, ନନ୍ଦକିଶୋର ବାଗ, ସଞ୍ଜୀବ ସାହୁ, ଲୁକୁ ମୁଣ୍ଡା, ସନ୍ତୋଷ ମୁଣ୍ଡା, ପ୍ରମୋଦ ବାଗ, ସୁମନ୍ତ ପାଣ୍ଡେ ପ୍ରମୁଖଙ୍କ ସମେତ ଆସୋସିଏସନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଫାଇନାନ୍ସ କର୍ମଚାରୀଙ୍କ ସଚେତନତା ବୈଠକ

ଆନନ୍ଦପୁର, ୨୬।୧୦ (ସମିସ): ଆନନ୍ଦପୁର ଥାନାଧିକାରୀ ଫନିନ୍ଦ୍ର ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ଫାଇନାନ୍ସ କର୍ମଚାରୀଙ୍କୁ ନେଇ ଏକ ବୈଠକରେ ଫାଇନାନ୍ସ କର୍ମଚାରୀମାନେ ଋଣ ଦେବା ଏବଂ ଋଣ ଆଦାୟ କରିବା ସମୟରେ ଲୋକଙ୍କ ପ୍ରତି ବ୍ୟବହାର ଠିକ ରଖିବା ସହ ସନ୍ଧ୍ୟା ସମୟରେ ଋଣ ହିତାଧିକାରୀଙ୍କ ଘରୁ ଯାଇ ଟଙ୍କା ଆଦାୟ ନକରିବା ସହ ଚୋରି ଡକାୟତିକୁ ରୋକିବା ନିମନ୍ତେ ଫାଇନାନ୍ସ କର୍ମଚାରୀଙ୍କୁ ସଚେତନତା ପ୍ରଦାନ କରାଯାଇଥିଲା। ବନ୍ଧନ ବ୍ୟାଙ୍କ, ସ୍ୱନ୍ଦନ, ଭାରତ, ସତୀନ ଫାଇନାନ୍ସର ୨୦ ଜଣ କର୍ମଚାରୀଙ୍କ ସହ କାର୍ଯ୍ୟକ୍ରମରେ ଏଏସଆଇ ଯଶୋଦା ବେହେରା, ଅଜିତ ବାନାରା, ନାରାୟଣ ପ୍ରସାଦ ମହାପାତ୍ର, କନେଷ୍ଟବଳ ପୂର୍ଣ୍ଣିମା ମହାନ୍ତ, ଚିନ୍ତାମଣି ନାୟକ, ମିନାକ୍ଷୀରାଣୀ ନାୟକ, ଚିନ୍ମୟ ସାହୁ ଯୋଗ ଦେଇଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



କେନ୍ଦୁଝର,୨୬ ।୧୦(ସମିସ): କେନ୍ଦୁଝର ସଦର ବ୍ଲକ ବୀରକିଶୋରପୁର ମଣ୍ଡଳପାଟ ନୋଡାଲ ହାଇସ୍କୁଲ୍‌ରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଗଣିତ ବିଜ୍ଞାନ ମେଳାରେ ପଢୁଥିବା ୨୮୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୮ ଜଣ ବିଭିନ୍ନ ପ୍ରକଳ୍ପ ସହ ଅଂଶଗ୍ରହଣ କରିଥିଲେ। ସିନିୟର ବିଭାଗରେ ଦଶମ ଶ୍ରେଣୀର ଛାତ୍ରୀ ସୁଭଦ୍ରା ମହାନ୍ତ ପ୍ରଥମ, ଜୁନିଅର୍ ବିଭାଗ ପୂଜାରାଣୀ ମହାନ୍ତ, ଜୁନିୟର୍ ବିଭାଗରେ ବିଶ୍ୱବିହାରୀ ମହାନ୍ତ ପ୍ରଥମ ବିବେଚିତ ହୋଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋଲକଚନ୍ଦ୍ର ମହାନ୍ତ, ପ୍ରଧାନଶିକ୍ଷକ ଦେବବ୍ରତ ସାମଲ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଜ୍ଞାନ ଶିକ୍ଷକ ଶାନ୍ତନୁ ସାହୁ, ପରମାନନ୍ଦ ଭଞ୍ଜ, ଶିକ୍ଷୟିତ୍ରୀ ରୋଜାଲିନି ସାହା ବିଚାରକ ଦାୟିତ୍ୱ ତୁଲାଇଥିଲେ। ବିଜ୍ଞାନ ମେଳାରେ ସିନିୟର ଓ ଜୁନିୟର ହୋଇଥିବା ଛାତ୍ରୀଦ୍ୱୟଙ୍କୁ ଆଗାମୀ ମାସରେ ହେବାକୁ ଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବାକୁ ଶିକ୍ଷକ ସଞ୍ଜୀବ କୁମାର ସାହୁ ପ୍ରକାଶ କରିଥିଲେ।

## ଜିଲ୍ଲାସ୍ତରୀୟ ସୁରଭି ପାଇଁ ମନୋନୀତ ଆଦର୍ଶ ଆଶୀର୍ବାଦ

ଆନନ୍ଦପୁର,୨୬।୧୦ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ଅନ୍ତର୍ଗତ ରୁଦ୍ରନାରାୟଣପୁର ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ର ଆଦର୍ଶ ଆଶୀର୍ବାଦ ନନ୍ଦ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ରୁଦ୍ରନାରାୟଣପୁର ଗ୍ରାମର ସନ୍ତୋଷ କୁମାର ନନ୍ଦ ମାତା ଅନିତା ନନ୍ଦଙ୍କ ଏକମାତ୍ର ପୁଅ ଆଶୀର୍ବାଦ ପଞ୍ଚମ ଶ୍ରେଣୀର ଛାତ୍ର। ସେ ବ୍ଲକସ୍ତରୀୟ ସୁରଭିରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ଦେଖାଇ ଜିଲ୍ଲାସ୍ତରୀୟ ସୁରଭି




ପାଇଁ ମନୋନୀତ ହୋଇଛନ୍ତି। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଏନେଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟ ତରଫରୁ ସିଆରସିସି ପ୍ରାଣନାଥ ଜେନା, ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ନିରୋଦାପ୍ରଭା ରାୟ, ଶିକ୍ଷୟିତ୍ରୀ ସବିତା ଜେନାଙ୍କ ଉପସ୍ଥିତିରେ ଛାତ୍ର ଆଦର୍ଶ ଆଶୀର୍ବାଦ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ବୀରଗୋବିନ୍ଦପୁରରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ



ଆନନ୍ଦପୁର, ୨୬।୧୦ (ସମିସ): ଘସିପୁରା ବ୍ଲକ ବୀରଗୋବିନ୍ଦପୁର ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଦତ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ସମ୍ମାନିତ ଅତିଥି ଭାବେ ବିଇଓ ସଦ୍ୟସ୍ନାନ ପଣ୍ଡା, ଏବିଇଓ ବସନ୍ତ ନାୟକ, ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ ମାଝୀ, ସିଆରସିସି ଆଦିକନ୍ଦ ସାହୁ, ସ୍କୁଲ ଅଧ୍ୟକ୍ଷ ପ୍ରଦୀପ କୁମାର ପତି ଯୋଗ ଦେଇଥିଲେ। ସିଆରସିସି ପ୍ରସନ୍ନ କୁମାର ସାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥିଭାବେ ସମାଜସେବୀ ଡ ଶମ୍ଭୁନାଥ ରାଉତ, ବିଇଓ ସଦ୍ୟସ୍ନାନ ପଣ୍ଡା, ଏବିଇଓ ହାଡିବନ୍ଧୁ ସାହୁ, ଘସିପୁରା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ରେଣୁ ସାଗର ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମୃନ୍ମୟୀ ଚକ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ମନୋଜ କୁମାର ବେଜ ଧନ୍ୟବାଦ ଦେଇଥିଲେ।

## ମରାମତି ପାଇଁ ଟେଣ୍ଡରରେ ଖିଲାପି
# ୭୦ ଲକ୍ଷ ଟଙ୍କାର ଅନୁଗ୍ରହ ଅଭିଯୋଗ

ଆନନ୍ଦପୁର, ୨୬।୧୦(ସମିସ)

କୃଷକଙ୍କ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ବିପୁଳ ଅନୁଦାନ ମିଳୁଥିଲେ ମଧ୍ୟ ତୃଣମୂଳସ୍ତରରେ ଏହାର ଦୁରୁପଯୋଗ ହେଉଥିବା ଅଭିଯୋଗ ହୋଇଛି। ଏହାର ଜ୍ୱଳନ୍ତ ଉଦାହାରଣ ଦେଖିବାକୁ ମିଳିଛି ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି)ରେ। କୃଷକଙ୍କ ଆବଶ୍ୟକ ଯୋଜନା ପାଇଁ ଆସୁଥିବା ଏହି ଅର୍ଥକୁ ମନଇଚ୍ଛା ଅନୁଗ୍ରହ କରାଯାଉଛି। ଘସିପୁରା ବସଷ୍ଟାଣ୍ଡରେ ନିର୍ମିତ ଦୁଇମହଲା ବିଶିଷ୍ଟ ବଜାର ଘର ଉପର ମହଲାର ପଛପାଖ କାନ୍ଥ ଫାଟିଯାଇ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏହାର ଉପଯୁକ୍ତ ମରାମତି କରା ନଯାଇ ତାଳିପକା କାମ ଚାଲିଛି। ଏ ବାବଦକୁ ପ୍ରାୟ ୭ ଲକ୍ଷ ଟଙ୍କା ବିନା ଟେଣ୍ଡରରେ ବ୍ୟୟ ବରାଦ ହୋଇଥିବା ସୂଚନା ମିଳିଛି।

ଏଠାରେ ସମଗ୍ର ଭାରତବର୍ଷରେ କୃଷିଜାତ ସାମଗ୍ରୀର ମୂଲ୍ୟ ସ୍ଥାନୀୟ ଚାଷୀ ଜାଣିବା ପାଇଁ ଖୋଲାଯାଇଥିବା ଇନାମ୍ ମିଣ୍ଡି ନାଁରେ ଲକ୍ଷାଧିକ ଟଙ୍କା ଅନିୟମିତତା ହେଉଥିବା ଚାଷୀମାନେ ଅଭିଯୋଗ ଉଠାଇଛନ୍ତି। ଏପଟେ କୃଷକଙ୍କ ପାଇଁ ଆସୁଥିବା ଅନୁଦାନକୁ ଘସିପୁରା ବ୍ଲକ୍‌ର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଉଦ୍ଦେଶ୍ୟମୂଳକ ଭାବେ ଖର୍ଚ୍ଚ କରାଯାଉଛି। ସୁଆଁପଦା ହାଟରୁ ଅପେକ୍ଷାକୃତ କମ୍ ଆୟ ହେଉଥିବାବେଳେ ଏଠାରେ ପ୍ରତିବର୍ଷ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ହାଟରୁ ମାତ୍ର ୮୦ହଜାର ୧୭୦ଟଙ୍କା ଆୟ ହୋଇଥିଲା କିନ୍ତୁ ଖର୍ଚ୍ଚ ହୋଇଛି ୧୭ଲକ୍ଷ ୧୯ହଜାର ୯୬୩ଟଙ୍କା।



ସେହିପରି ୨୦୨୨-୨୩ରେ ୭୦ହଜାର ୫୨୫ଟଙ୍କା ଆୟ ହୋଇଥିବାବେଳେ ୪୨ଲକ୍ଷ ୟାର୍ଡ ମରାମତି, ରାସ୍ତା ନିର୍ମାଣ, ସାନିଟାରୀ ସାମଗ୍ରୀ ଯୋଗାଣ ପାଇଁ ଆସିଥିବା ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାମକୁ ସିଧାସଳଖ ନେତାଙ୍କ ହାତକୁ ଟେକି ଦିଆଯାଇଛି। ଉପରୋକ୍ତ ନିର୍ମାଣ କାର୍ଯ୍ୟର ତଦାରଖ ମଧ୍ୟ କରାଯାଉ ନଥିବା ଅଭିଯୋଗ ହୋଇଛି। ଆରଏମ୍‌ସି ପରିସରରେ ହେଉଥିବା ସରକାରୀ ଯୋଜନାଭିତ୍ତିକ ଅନୁଦାନ ବାଟମାରଣା, ହାତଗଣତି ଲୋକରେ କାର୍ଯ୍ୟକ୍ରମ କରାଯାଇ, ବିପୁଳ ଅର୍ଥ ଖର୍ଚ୍ଚ ହୋଇଛି।

ଆନନ୍ଦପୁର ବ୍ଲକ୍‌ର ବେଲବାହାଳି, କୋଲିମାଟି, ଧକୋଠା ହାଟର ଉନ୍ନତୀକରଣ ପାଇଁ ଆଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସାପ୍ତାହିକ ହାଟର ବିକାଶ ପାଇଁ ଆସିଥିବା ଅନୁଦାନକୁ ମନଇଚ୍ଛା ଖର୍ଚ୍ଚ କରାଯାଇ ଠିକାଦାର ପୋଷା ଚାଲିଛି। ଝାଡ଼େଶ୍ୱର ହାଟପିଣ୍ଡି, ଘସିପୁରା ମାର୍କେଟ କମ୍ପ୍ଲେକ୍ସ ମରାମତି, ଆର୍‌ଏମ୍‌ସି ପରିସର ୱେ ବ୍ରିଜ୍ ନିର୍ମାଣ, ଗୋଦାମ ମରାମତି, ଶାଳପଡ଼ା ମାର୍କେଟ ୱାର୍ଡ ମରାମତି, ବରପଦା ମାର୍କେଟ ୟାର୍ଡ ମରାମତି, ସୁନ୍ଦରାପାଳ ମାର୍କେଟ ମରାମତି କାର୍ଯ୍ୟରେ କୃଷକଙ୍କୁ ସାମିଲ କରାଯାଉନି କି ସେମାନଙ୍କୁ ଅବଗତ କରାଯାଉନାହିଁ। ଏନେଇ ଆରଏମ୍‌ସି ସମ୍ପାଦକ ଶକ୍ତିଧର କାଣ୍ଡି କହିଛନ୍ତି, ବୋର୍ଡ ବୈଠକରେ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଛି। ତେବେ, ଶ୍ରୀ କାଣ୍ଡି ମୂଳ ପ୍ରସଙ୍ଗକୁ ଏଡ଼ାଇ ଦେଇଥିବାରୁ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ।

## ସ୍କୁଲ ଅନିୟମିତତା ସଂକ୍ରାନ୍ତରେ ତଦନ୍ତ କଲେ ଭାରପ୍ରାପ୍ତ ଏବିଇଓ

ହାଟଡ଼ିହୀ,୨୬।୧୦(ସମିସ): ହାଟଡ଼ିହୀ ବ୍ଲକ୍ ବଞ୍ଚୋ ବରାହୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମାଣ୍ଡିଆ ଲଡୁ ଦିଆ ନଯିବା ଏବଂ ପ୍ରାକମାଟ୍ରିକ ଛାତ୍ରବୃତ୍ତି ଅନୁଦାନ ପିଲାଙ୍କୁ ନମିଳିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ। ହାଟଡ଼ିହୀ ଶିକ୍ଷାଧିକାରୀ ରାଜୀବ ଦଲେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହାର ସବିଶେଷ ତଦନ୍ତ ପାଇଁ ଭାରପ୍ରାପ୍ତ ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ପଠାଇଥିଲେ। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନରେ ଅବହେଳା ଏବଂ ସରକାରୀ ଅନୁଦାନ ଠିକ୍‌ରେ ଖର୍ଚ୍ଚ ହେଉ ନଥିବା ଅଭିଯୋଗ ହୋଇଥିଲା। ଏହି ପୁରାତନ ସ୍କୁଲରେ ପ୍ରଥମରୁ ଅଷ୍ଟମ ଯାଏଁ ଶ୍ରେଣୀ ରହିଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୂର୍ଯ୍ୟପ୍ରକାଶ ସେଠୀଙ୍କ ଦ୍ୱାରା ପରିଚାଳନାଗତ ତ୍ରୁଟି ଦେଖା ଦେଇଥିବାରୁ ତଦନ୍ତ ହୋଇଛି।

ସୂଚନାନୁସାରେ, ମାଣ୍ଡିଆ ଲଡୁ ଶୁଭାରମ୍ଭ ଦିନ ଏବଂ ତଦନ୍ତ ଦିନକୁ ବାଦ୍ ଦେଲେ ଆଜିଯାଏଁ ଅନ୍ୟଦିନରେ ପିଲାଙ୍କୁ ମାଣ୍ଡିଆ ଲଡୁ ଦିଆଯାଇନାହିଁ। ସେହିପରି ଛାତ୍ରଛାତ୍ରୀଙ୍କୁ ଷ୍ଟାଇପେଣ୍ଡ ମଧ୍ୟ ଦିଆଯାଇନି। ସ୍କୁଲକୁ ଆସୁଥିବା ସରକାରୀ ଅନୁଦାନକୁ ଠିକ୍ ଭାବେ ଖର୍ଚ୍ଚ କରାଯାଇନି ବୋଲି ସ୍କୁଲ୍ ପରିଚାଳନା କମିଟିର ସଭାପତି ଦିପ୍ତିମୟୀ ଖୁଣ୍ଟିଆ, ସଭ୍ୟା ପଦ୍ମାବତୀ ବରାଳ, ସ୍ୱପ୍ନାରାଣୀ ବରାଳ, ଜ୍ୟୋସ୍ନାରାଣୀ ବରାଳ, ସୁରେଖା ନାୟକ ପ୍ରମୁଖ ଅଭିଯୋଗ କରିଥିଲେ। ୩ଦିନ ତଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସେଠୀ ସମସ୍ତ ରିପୋର୍ଟ ବିଇଓ କାର୍ଯ୍ୟାଳୟର ବରିଷ୍ଠ ସହାୟକଙ୍କ ନିକଟରେ ଦାଖଲ କରିଛନ୍ତି ବୋଲି ଭାରପ୍ରାପ୍ତ ଏବିଇଓ ଶ୍ରୀ ଜେନା କହିଥିବା ବେଳେ ବରିଷ୍ଠ ସହାୟକ ଶ୍ରୀ ଜେନାଙ୍କୁ ପଚାରିବାରେ, ଉକ୍ତ ପ୍ରଧାନଶିକ୍ଷକ କୌଣସି ରିପୋର୍ଟ ଦାଖଲ କରିନାହାନ୍ତି ବୋଲି କହିବା ସହ ରିପୋର୍ଟ ଦାଖଲ ନିମନ୍ତେ ୧ ମାସ ସମୟ ଦିଆଯାଉ ବୋଲି ପ୍ରଧାନଶିକ୍ଷକ ସୂର୍ଯ୍ୟପ୍ରକାଶ ସେଠୀ ଦରଖାସ୍ତ ମାଧ୍ୟମରେ ସମୟ ମାଗିଥିବା ନେଇ ବରିଷ୍ଠ ସହାୟକ ଶିଶିର ଜେନା କହିଛନ୍ତି। ଏପରିସ୍ଥଳେ ତଦନ୍ତ ସମୟରେ ବିଦ୍ୟାଳୟରେ ମାଣ୍ଡିଆ ଲଡୁ, ଛାତ୍ରବୃତ୍ତି ସହ ମଧ୍ୟାହ୍ନ ଭୋଜନର ମଧ୍ୟ କୌଣସି ରେକର୍ଡ ଦେଖିବାକୁ ମିଳି ନଥିଲା ବୋଲି ତଦନ୍ତ ଅଧିକାରୀ ଭାରପ୍ରାପ୍ତ ଏବିଇଓ ଶ୍ରୀ ଜେନାଙ୍କ ପ୍ରକାଶ କରିଛନ୍ତି।

## ଖଣି ଅଞ୍ଚଳରେ ୪୨୨ ଏଚ୍‌ଆଇଭି ପଜିଟିଭ୍

ଯୋଡ଼ା, ୨୬।୧୦(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳରେ ଏଡ୍ସ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏକ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନର ସର୍ଭେ ଅନୁଯାୟୀ, ଯୋଡ଼ା ଖଣି ଅଞ୍ଚଳରେ ଏବେ ମୋଟ ୪୨୨ ଜଣ ଏଚଆଇଭି ପଜିଟିଭ ଥିବା ବେଳେ ପୂର୍ବ ବର୍ଷ ଏହା ୪୪୯ ଥିଲା। ସେଥିମଧ୍ୟରୁ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଏଥିରେ ନୂଆ ସଂକ୍ରମିତ ଯୋଡି ହୋଇଛନ୍ତି। ତେବେ ସରକାର ଓ ବେସରକାରୀ ସଂସ୍ଥା ପକ୍ଷରୁ ଏହାକୁ ନେଇ ବିଭିନ୍ନ ପ୍ରକାର ବିଜ୍ଞାପନ ଜରିଆରେ ଯୁବପିଢ଼ିଙ୍କୁ ସଚେତନ କରାଉଥିବା ବେଳେ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରୁ ନଥିବା ଉକ୍ତ ସଂଖ୍ୟାରୁ ଅନୁମାନ କରି ହେଉଛି। ବିଭିନ୍ନ ମେଡିକାଲ ଷ୍ଟୋର, ରାସନ ଦୋକାନଗୁଡିକରେ ସୁରକ୍ଷିତ ଯୌନ ସାମଗ୍ରୀ ସର୍ବସାଧାରଣ ଭାବେ ବିକ୍ରୟ ହେଉଥିବା ବେଳେ ସାମାନ୍ୟ ଭୁଲର ବଶବର୍ତ୍ତୀ ହୋଇ ବ୍ୟକ୍ତି ନିଜ ଜୀବନ ସହ ଖେଳିବା ସହ ସାମାଜିକ ମର୍ଯ୍ୟାଦା ହରାଇ ବସୁଛି। ତେବେ ଯୋଡ଼ା ଖଣି ଅଞ୍ଚଳରୁ ଆସୁଥିବା ବଡ଼ ବଡ଼ ଗାଡି ଡ୍ରାଇଭରଙ୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିବାର ଆଉ ଏକ ମୁଖ୍ୟ କାରଣ ବୋଲି




ଜଣାପଡିଛି। ଏହାକୁ ନେଇ ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆ ଯାଇ ପାରିଲେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଖଣି ଅଞ୍ଚଳରେ ଏହାର ପ୍ରଭାବ ଯୁବ ପିଢ଼ିଙ୍କ ମଧ୍ୟରେ ଅଧିକ ଦେଖା ଦେଇଥିବା ବେଳେ ଉକ୍ତ ମାରାତ୍ମକ ସଂକ୍ରମଣରୁ ଜନଜୀବନକୁ ରକ୍ଷା କରିବାକୁ ହେଲେ ଯୋଡ଼ା ବଡ଼ବିଲ ଅଞ୍ଚଳରେ ଥିବା ସେଲୁନ, ସ୍ପା ସେଣ୍ଟର, ମାସାଜ ସେଣ୍ଟରଗୁଡ଼ିକୁ ସଚେତନ କରିବାକୁ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ଏସ୍‌ଟି-ଏସ୍‌ସି-ଓବିସି କର୍ମଚାରୀ ସଙ୍ଘ ସମ୍ମିଳନୀ




କେନ୍ଦୁଝର, ୨୬।୧୦(ସମିସ): କେନ୍ଦୁଝର ଅଡିଟୋରିୟମରେ ଅଲଇଣ୍ଡିଆ ବ୍ୟାଙ୍କ ଅଫ ଇଣ୍ଡିଆ ଏସସି-ଏସଟି-ଓବିସି କର୍ମଚାରୀ ସଙ୍ଘ ଓଡ଼ିଶା ଶାଖାର ୧୪ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ରାଜ୍ୟ ସଭାପତି ପ୍ରକାଶ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ହରିଶଙ୍କର ନାଏକ ବିବରଣୀ ପ୍ରଦାନ କରିଥିବାବେଳେ ପଦ୍ମଶ୍ରୀ ଦୈତାରୀ ନାଏକ, ସ୍ତମ୍ଭକାର ଅମୀୟ ପାଣ୍ଡବ, ଗ୍ରାମୀଣ ସାଧାରଣ ପରିଚାଳକ ମୁମ୍ବାଇ ମୁଖ୍ୟାଳୟ ନକୁଳ ବେହେରା, ଡିଜିଏମ ଏଫଜିଏମଓ ଭୁବନେଶ୍ୱର ରଜନୀକାନ୍ତ ଭୂୟାଁ, ଜାତୀୟ ସଭାପତି କେନ୍ଦ୍ରୀୟ ୟୁନିଟ ରଞ୍ଜନ ମହାଦେବ ଖପରଦେ, ଜାତୀୟ ସାଧାରଣ ସମ୍ପାଦକ ଜୀବନକୃଷ୍ଣ କାମ୍ବଲେ, ସାଧାରଣ ସମ୍ପାଦକ ଓଡିଶା ୟୁନିଟ କମଲଜିତ ମହାପାତ୍ର, ସଚ୍ଚିଦାନନ୍ଦ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। ବିଶେଷ ଅତିଥିଭାବେ ବିଭିନ୍ନ ପ୍ରାନ୍ତରୁ ସ୍ମୃତିରଞ୍ଜନ ସାହୁ, ବିଜୟ ମଲ୍ଲିକ, ଶ୍ରୀଜିତ ଶଙ୍କର ବେହେରା, ଅମିତ ପାଲ, କମଲେଶ ରଞ୍ଜନ, ଗୟାଲାଲ ମାଝୀ, ଉମାଶଙ୍କର ରାୟ, ଉମାଶଙ୍କର ମଣ୍ଡଳ, ଅନୁପ ଖାନ, ବିନ୍ଦେଶ୍ୱର ପ୍ରସାଦ, ଭେରୋନିକା ତମ୍ପା, ସଲିଳ ରିଚା କୁଜୁର, ରଣଧୀର ସିଂ ଠାକୁର, ଧନରୂପ ମିନା, ଚନ୍ଦ୍ରକାନ୍ତ ବୋସାପ୍ପା ଗୁଡସ୍କାର, ଅରବିନ୍ଦ ସୁବାସ ପରଦେଶୀ, ଲୋକେଶ ଠାକୁର, ପଦାଧିକାରୀ ଯୋଗ ଦେଇଥିଲେ। ଏହା ପୂର୍ବରୁ ସଙ୍ଘ କାର୍ଯ୍ୟକର୍ତ୍ତାଗଣ ସିଦ୍ଧମଠ ପୋଡାଉଆସଠାରେ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ କରି ହୋଟେଲ କାଶଭି ପ୍ରେକ୍ଷାଳୟରେ ସରକାରଙ୍କ ସଂରକ୍ଷଣ ନୀତି ସମ୍ପର୍କରେ କର୍ମଶାଳା କରିଥିଲେ। ପରେ ବାବାସାହେବ ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ● ବୋଲେରୋ ସହ ୭ ଛେଳି ଜବତ
## ଗାଡ଼ି ଛାଡ଼ି ଛେଳି ଚୋର ଚମ୍ପଟ



ବାଲିବନ୍ଧ, ୨୬।୧୦(ସମିସ): ଝୁମ୍ପୁରା ବ୍ଲକ ବାମେବାରୀ ଥାନା ଅଧୀନ ନୟାଗଡ଼-ଉଚ୍ଚବାଲି ରାସ୍ତାରେ ରବିବାର ପୁଲିସକୁ ଦେଖି ଏକ ଚୋରା ଛେଳି ବୋଝେଇ ବୋଲେରୋ ଗାଡ଼ି ଖାଲରେ ପକାଇବା ପରେ ଛେଳି ଚୋରମାନେ ଛୁ' ମାରିଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ୭ଟି ଛେଳି ଉଦ୍ଧାର କରିବା ସହ ଛେଳି ଚୋରିରେ ବ୍ୟବହୃତ ବୋଲେରୋ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି ବାମେବାରୀ ପୁଲିସ।

ସୂଚନା ଅନୁଯାୟୀ, ରବିବାର ୨ଟା ସମୟରେ ବାମେବାରୀ ଥାନା ଅଧିକାରୀ ସଦଳବଳେ ନୟାଗଡ଼ ଛକ ନିକଟରେ କୌଣସି କାମରେ ଠିଆ ହୋଇଥିଲେ। କଳିମାଟି ଆଡୁ ଧଳା ରଙ୍ଗର ଏକ ବୋଲେରୋ ଗାଡ଼ି ଦ୍ରୁତ ଗତିରେ ନୟାଗଡ଼ ଆଡ଼କୁ ଆସିଥିଲା। ପୁଲିସ ଗାଡିଟିର ପିଛା କରିଥିଲା ବେଳେ କିଛି ବାଟ ଯିବା ପରେ ରାସ୍ତାକଡ଼ରେ ଥିବା ଏକ ଖାଲ ମଧ୍ୟରେ ଗାଡ଼ି ପକାଇ ନିକଟସ୍ଥ ଜଙ୍ଗଲ ଆଡ଼କୁ ଛୁ' ମାରିଥିଲେ ଗାଡ଼ିରେ ଥିବା କିଛି ଲୋକ। ଉକ୍ତ ସ୍ଥାନରେ ବହୁ ଲୋକ ରୁଣ୍ଡ ହୋଇଯାଇଥିଲେ। ପରେ ଉକ୍ତ ଗାଡ଼ି ଭିତରୁ ୭ଟି ଛେଳି ଉଦ୍ଧାର କରାଯାଇଥିଲା। ଏନେଇ ବାମେବାରୀ ପୁଲିସ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ଛେଳି ସହ ବୋଲେରୋ ଗାଡ଼ି ଜବତ ହୋଇଥିବାବେଳେ ଉକ୍ତ ଗାଡ଼ିର ନମ୍ବର ମଧ୍ୟ ଜାଲ୍ ବୋଲି ଜଣାପଡିଛି। ଚୋରମାନେ ଏକାଧିକ ଅଞ୍ଚଳରୁ ଛେଳି ଚୋରି କରି ଆଣୁଥିବା ପୁଲିସ୍ ସନ୍ଦେହ କରୁଥିବାବେଳେ ସେମାନଙ୍କୁ ଧରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ବୋଲି କହିଛନ୍ତି ବାମେବାରୀ ଥାନାଧିକାରୀ ଝସକେତନ ଭୋଇ।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ଶିବିର



କେନ୍ଦୁଝର, ୨୬।୧୦(ସମିସ): ଏନ୍‌ଏସ୍ ପୁଲିସ ହାଇସ୍କୁଲରେ ଦୁଇଦିନିଆ ମୌଳିକ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଶିବିର ଓଡ଼ିଶା ପୁଲିସ ଓଡ୍ରାଫ ୟୁନିଟ ୩ୟ ଆଇଆରବିଏନ୍, କଳିଙ୍ଗ ନଗର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଲା ରାଉତ ଏହି ଶିବିରକୁ ଉଦଘାଟନ କରିଥିଲେ। ଏନ୍‌ସିସି ଅଫିସର୍ ବିଜୟ ବେହେରା, ସ୍କାଉଟ୍ ମାଷ୍ଟର ଗୁରୁଦେବ ମହାନ୍ତଙ୍କ ତତ୍ତ୍ୱାବଧାନରେ ୧୫୦ରୁ ଊର୍ଦ୍ଧ୍ୱ କ୍ୟାଡେଟ, ସ୍କାଉଟ୍ ଗାଇଡ୍ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ଏହାସହ ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତି, ସାପ କାମୁଡ଼ିଲେ, ଖାଦ୍ୟ ନଳୀରେ କିଛି ଅଟକିଗଲେ କିପରି ପ୍ରାଥମିକ ଉପଚାର କରିହେବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା। ଓଡ୍ରାଫ ୟୁନିଟ୍ ୩ୟ ଆଇଆର ବିଏନ୍ କଳିଙ୍ଗ ନଗରର ପ୍ରଶିକ୍ଷକ ପ୍ରଶାନ୍ତ ସାମଲ, ସନ୍ତୋଷ ଖୁଣ୍ଟିଆ,ଭଗବାନ ଜେନା, ଭୀମସେନ ପୂର୍ତ୍ତି, ସୁଶାନ୍ତ ବେହେରା, ସମୀର ବେହେରା, ଫୁଂରମାଲ୍ ସୋରେନ, ନରେନ୍ଦ୍ର ତିରିଆ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

**ବେଲବାହାଳି:** ଆନନ୍ଦପୁର ବ୍ଲକ ପଞ୍ଚୁପଲ୍ଲୀ ଓ ହରିଡାପାଳ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ପଞ୍ଚାୟତବାସୀଙ୍କ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତିଭିତ୍ତିକ ଓ ଲିଙ୍ଗଭିତ୍ତିକ ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟସ୍ରୋତରେ କିପରି ସାମିଲ କରାଯିବା ସହ ପ୍ରାକୃତିକ ବିପର୍ଯ୍ୟୟ କିପରି ସଠିକ ପରିଚାଳନା କରାଯାଇପାରିବ ଏନେଇ ଏନେଇ ସଚେତନ କରାଯାଇଛି। ପଞ୍ଚୁପଲ୍ଲୀ ପଞ୍ଚାୟତର ଜ୍ୟୋସ୍ନାମୟୀ ପାତ୍ରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ୩ ନଂ ଜୋନର ଜିଲ୍ଲାପରିଷଦ ସଭ୍ୟା ଅସାମା ମିଶ୍ର ଏବଂ ଜିଲ୍ଲା ପ୍ରୋଜେକ୍ଟ ମ୍ୟାନେଜମେଟ ଅଫିସର ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ଆନନ୍ଦପୁର ଜିପିଡିଓ ଦେବପ୍ରକାଶ ଜେନା, ଏଡିଇଓ ଗୋଲଖ ବିହାରୀ ନାୟକ, ପିଇଓ କଳ୍ପନା ମୁଦୁଲି ଯୋଗ ଦେଇଥିଲେ। ରିସୋର୍ସ ପର୍ସନ ଭାବରେ ହରିଡାପାଳ ପଞ୍ଚାୟତର ସରପଞ୍ଚ ମିନତୀ ମହାରାଣା, ପିଇଓ କୁମୁଦୁନୀ ଜେନା, ଏଡିଓ ପଙ୍କଜ କୁମାର ତ୍ରିପାଠୀ ସମେତ ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଏମ୍ବିକେ, ସିଆରପି ସମେତ ସମସ୍ତ ୱାର୍ଡମେମ୍ବର ଯୋଗ ଦେଇଥିଲେ।



# କୁଣ୍ଡଳାରେ ୮ମ ବାର୍ଷିକ ଧାଙ୍ଗୁଆନ ମହୋତ୍ସବ




ଡୁରୁମୁଙ୍ଗା, ୨୬।୧୦(ସମିସ)

ସାହାରପଡା ବ୍ଲକ କୁଣ୍ଡଳା ଗ୍ରାମରେ ୮ମ ବାର୍ଷିକ ଧାଙ୍ଗୁଆନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କୁଡୁମି ସମ୍ପ୍ରଦାୟର ପାରମ୍ପରିକ ବାନ୍ଦନା ପୂଜାର ଧାଙ୍ଗୁଆନ ନୃତ୍ୟ ସଂଗୀତ ପ୍ରତିଯୋଗିତାରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ୧୩ଟି ଧାଙ୍ଗୁଆନ ଦଳ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ସାହାରପଡା ବିଡିଓ ରଣଜିତ ମହାନ୍ତ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ସବୁଜ ମହାନ୍ତ ବର୍ମା, ସାମାଜିକ କର୍ମୀ ଭରତ ବେହେରା, କୁଣ୍ଡଳା ସରପଞ୍ଚ ଶତ୍ରୁଘ୍ନ ନାଏକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କରୁଣାକର ମହାନ୍ତ, ଗୌରାଙ୍ଗ ଚରଣ ମହାନ୍ତ, ମଧୁସୂଦନ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବିନୋଦ ବିହାରି ମହାନ୍ତ, କୁଣ୍ଡଳା ସମିତି ସଭ୍ୟା ଅହଲ୍ୟା ମହାନ୍ତ, ରମାକାନ୍ତ ମହାନ୍ତ, ସାଧୁଚରଣ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ରଜକୁଇନ-୨୦୨୫ର ବିଜେତା ସୂର୍ଯ୍ୟପ୍ରଭା ମହାନ୍ତଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଧାଙ୍ଗୁଆନ ପ୍ରତିଯୋଗିତାରେ ବିଚାରକ ଭାବେ ସଂସ୍କୃତି ବିଶାରଦ ମିଳନ କୁମାର ମହାନ୍ତ, ସନ୍ତୋଷ କୁମାର ମହାନ୍ତ ଓ ଜଗନ୍ନାଥ ମହାନ୍ତ ଯୋଗ ଦେଇଥିଲେ। ପାଟଣା ବ୍ଲକ ବାଘମରା (ଭୁଲଦା) ଧାଙ୍ଗୁଆନ ଦଳ ପ୍ରଥମ ସ୍ଥାନ ଦଳକୁ ୧୨,୧୦୦ ଟଙ୍କା, ଦ୍ୱିତୀୟ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ନିଆଣଗୁଣ୍ଡିକୁ ୮,୧୦୦ ଟଙ୍କା, ତୃତୀୟ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକର ଦିରବ ଦଳକୁ ୫,୧୦୦ ଟଙ୍କା, ଚତୁର୍ଥ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରକୁ ୩,୫୫୧ ଟଙ୍କା ପୁରସ୍କୃତ କରାଯାଇଥିଲା। ହଜାର ହଜାର ଦର୍ଶକଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ କୁଣ୍ଡଳା ଧାଙ୍ଗୁଆନ କମିଟି ସଦସ୍ୟମାନେ ପରିଚାଳନା କରିଥଲେ।

## ବାତ୍ୟା 'ମୋନ୍ଥା' ଭୟ

# ୩୦ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା



ବାଲେଶ୍ୱର,୨୬ ।୧୦(ସମିସ)

ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ଏବେ ବାତ୍ୟାର ରୂପ ନେବାକୁ ଯାଉଛି । ଆଜି ଗଭୀର ଅବପାତ ହେବା ପରେ ୨୭ତାରିଖରୁ ବର୍ଷା ହେବା ସହ୨୮ ତାରିଖରେ ବର୍ଷା ବଢ଼ିବାର ସମ୍ଭାବନା ରହିଛି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଶନିବାର ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରିଥିବା ବେଳେ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯାଇ ମାଛ ନ ମାରିବାକୁ ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା କୁହାଯାଇଥିଲା । ରବିବାର ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ନ ଯିବାକୁ କୁହାଯାଇଛି ।

# ଜିଲ୍ଲା ସ୍କୁଲ ପୁରାତନ ବିଦ୍ୟାର୍ଥୀ ପରିଷଦର ନୂତନ କର୍ମକର୍ତ୍ତା



ବାଲେଶ୍ୱର,୨୬ ।୧୦(ସମିସ): ବାଲେଶ୍ୱରର ସର୍ବପୁରାତନ ସ୍କୁଲ ଜିଲ୍ଲାସ୍କୁଲର ପୁରାତନ ବିଦ୍ୟାର୍ଥ ପରିଷଦ (ଆଲୁମନି) ପକ୍ଷରୁ ଆଜି ସ୍କୁଲ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପରିଷଦର ନୂତନ କର୍ମକର୍ତ୍ତା ମନୋନୀତ ହେବା ସହ ସେମାନଙ୍କର ନାମ ଘୋଷଣା କରାଯାଇଛି । ଏଥିରେ ସଭାପତି ଭାବେ ସ୍ତ୍ରୀ ପ୍ରସୂତି ରୋଗ ବିଶେଷଜ୍ଞ ଡା, ଏସ ଏନ ସାହୁ, ସାଧାରଣ ସମ୍ପାଦକ ଭାବେ ଶ୍ୟାମସୁନ୍ଦର ମହାନ୍ତି, କୋଷାଧ୍ୟକ୍ଷ ଭାବେ ଧୀରେନ୍ଦ୍ର କୁମାର ପାଣିଗ୍ରାହୀ ମନୋନୀତ ହୋଇଛନ୍ତି । ସେହିପରି ଉପସଭାପତି ଅରବିନ୍ଦ ପାଲ ଓ ଅଭିଷେକ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଭାବେ ରାଜେଶ କୁମାର ଗିରି, ସହଯୋଗୀ ସମ୍ପାଦକ ଭାଗ୍ୟଉଦିତ ଦାସ ପଟ୍ଟନାୟକ, ପବନ କୁମାର କାମିଲା, ସାଂସ୍କୃତିକ ସମ୍ପାଦକ ଝାଡେଶ୍ୱର ଜେନା,ଯୁଗ୍ମ ସାଂସ୍କୃତିକ ସମ୍ପାଦକ ସତ୍ୟଶ୍ରୀଧର ସୁବୁଧି,ସହ ସାଂସ୍କୃତିକ ସମ୍ପାଦକ ଏସକେ ଫାଇଜାନ, ସାଂସ୍କୃତିକ ଉପଦେଷ୍ଟା କାହ୍ନୁଚରଣ ଲେଙ୍କା,ଗଣମାଧ୍ୟମ ସଂଯୋଜକ ସୌଭାଗ୍ୟମାନସ ନାୟକ,ଏସ କେ ସାଦିକ,କ୍ରୀଡା ସମ୍ପାଦକ ସତ୍ୟବ୍ରତ ପାତ୍ର,ଏସକେ ନିସାଦ, ଆଇନ ପରାମର୍ଶଦାତା ପାର୍ଥସାରଥୀ ଆଶ ଓ ଅଞ୍ଜଳି ନନ୍ଦ, ନାଟ୍ୟ ସମ୍ପାଦକ ଲକ୍ଷ୍ମୀକାନ୍ତ ସ୍ୱାଇଁ ଓ ସୋନାଲ କୁମାର ଦ୍ୱିବେଦୀ, ଆଇଟି କୋଅର୍ଡିନେଟର ଦୀପକ ଭରଦ୍ୱାଜ, ଦିବ୍ୟଜ୍ୟୋତି ପାଣିଗ୍ରାହୀ, ତାରାକାନ୍ତ ବାରିକ,ସବ୍ୟସାଚୀ ବେହେରା ପ୍ରମୁଖ ମନୋନିତ ହୋଇଛନ୍ତି । ସେହିପରି ଉପଦେଷ୍ଟା କମିଟିରେ ପ୍ରଫେସର ଶାନ୍ତନୁ ଦାସ, ଉପେନ୍ଦ୍ର ବିଶ୍ୱାଳ, ଗୋପାଳଚନ୍ଦ୍ର ଜେନା, ରମାକାନ୍ତ ମହାନ୍ତି, ମଧୁସୂଦନ ବେହେରା, ଇନ୍ଦୁଭୂଷଣ ପାତ୍ର, ଶରତ ପଟ୍ଟନାୟକ, କୃଷ୍ଣମୋହନ ଜେନା ଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ଭାବେ ସୁମନ କମିଲା, ମନିଷା ସାହୁ, ରଶ୍ମୀ ମହାନ୍ତି, ତାପସ ବେଦାନ୍ତ, ଶାସ୍ୱତୀ ପାଣିଗ୍ରାହୀ, ପ୍ରିୟା ଦାସ, ଆଶିଷ ରାଉତ, ମନୀଷା ମହାଲକ୍ଷ୍ମୀ, ସଞ୍ଜୀବ କୁମାର ସ୍ୱାଇଁ,ଜ୍ୟୋତି ରଞ୍ଜନ ବ୍ରହ୍ମା, ମନୋଜ ରଣା ପ୍ରମୁଖ ମନୋନୀତ ହୋଇଛନ୍ତି ।

# 'ସମୟର ଚକ୍ର'ର ଶାରଦୀୟ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ



ବାଲେଶ୍ୱର,୨୬ ।୧୦(ସମିସ): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ସମୟର ଚକ୍ରର ୧୪ତମ ଶାରଦୀୟ ବାର୍ଷିକ ସାଂସ୍କୃତିକ, କବିତା ପାଠ, ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ସର୍ବେଶ୍ୱର ଜେନାଙ୍କ ଆହ୍ୱାନରେ ଅଧ୍ୟାପକ ଡ ଅଶ୍ୱନୀ କୁମାର ପ୍ରଧାନଙ୍କ ସଂଯୋଜନାରେ କବି ଅଭୟ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ବସ୍ତା ବିଧାୟିକ ସୁବାସିନୀ ଜେନା ଯୋଗଦେଇଥିଲେ । ବରେଣ୍ୟ ଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଯୁବନେତା ବିକ୍ରମ ପଣ୍ଡା, ପ୍ରକୃତିବନ୍ଧୁ ସୁମନ୍ତ ଜେନା, ଯୁବନେତା ବିକାଶ କୁମାର ପାଢ଼ୀ, ଓରିପୋଲର ନିର୍ଦ୍ଦେଶିକା ଆକାଂକ୍ଷା ବେହେରା, ଅମିତାଭ ଗିରି, ଯୁବ ବୈଜ୍ଞାନିକ ସିଦ୍ଧାର୍ଥ ପତି ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ । ପ୍ରଥମ ଅଧିବେଶନରେ କବିତା ପାଠ ଆଲୋଚନାଚକ୍ର ଗାଳ୍ପିକ ଶାନ୍ତନୁ ପଟ୍ଟନାୟକଙ୍କ ପରିଚାଳନାରେ ସାହିତ୍ୟିକ କାଳିକିଙ୍କର ଦାସଙ୍କ ସଭାପତିତ୍ୱରେ ସାମ୍ବାଦିକ ସୃଷ୍ଟିଧର ପରିଡା, ଆଇଟିଆଇର ଅତିରିକ୍ତ ନିର୍ଦ୍ଦେଶକ ନୀଳାଦ୍ରୀ ରାୟ, ପ୍ରତିମା ପଣ୍ଡା, ଚିତ୍ରଶିଳ୍ପୀ କେଶୁ ଦାସ, ଇଂ ହୃଷିକେଶ ସାହୁ, କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ, କଲ୍ୟାଣୀ ନନ୍ଦ,ପେଡମେନ ସତ୍ୟନାରାୟଣ ନାୟକ, ଶିକ୍ଷକ ସଚିଦାନନ୍ଦ ମହାନ୍ତି, ପଦ୍ମଲୋଚନ ଦତ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜର ମତ ରଖିଥିଲେ । ଉଦଯାପନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନୋଜ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ରେମୁଣା ବ୍ଲକ ଚେୟାରମେନ ରାଜେନ୍ଦ୍ର କୁମାର ରାଉତ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ପଙ୍କଜ ଜେନା, ଶ୍ରଦ୍ଧାଞ୍ଜଳୀ ରାୟ, କବି ପ୍ରଶାନ୍ତ ଦାସ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ସୁସଙ୍ଗମ ଜେନା, ସନ୍ତୋଷ ପଟ୍ଟନାୟକ, ପ୍ରିୟାଂଶୁ ବେହେରା, କବି ରମେଶ ବେହେରା, ସୁଶାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

● ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ

# ଚତୁର୍ଥ ଦିବସରେ ମଞ୍ଚସ୍ଥ ହେଲା ୫ଟି ନାଟକ



ବାଲେଶ୍ୱର,୨୬ ।୧୦(ସମିସ): ନାଟକ ଓ ସାଂସ୍କୃତିକ ଅନୁଷ୍ଠାନ କଳାକାର ପକ୍ଷରୁ ଗତ ୨୩ ତାରିଖରୁ ଆରମ୍ଭ ହୋଇଥିବା ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବର ଆଜି ହେଉଛି ଚତୁର୍ଥ ଦିବସ । କଳାକାର ସଂଘର ସଙ୍ଗଠକ ତଥା ଉପଦେଷ୍ଟା ଗୋପାଳଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମନ୍ୱିତ ପରୀକ୍ଷଣ ପରିସରର ଅତିରିକ୍ତ ନିର୍ଦ୍ଦେଶକ ଡ ନୀଳାଦ୍ରୀ ରାୟ, ବରେଣ୍ୟ ଅତିଥି ଭାବେ କଳାକାରର ଉପଦେଷ୍ଟା ଲକ୍ଷ୍ମୀନାରାୟଣ ମହାନ୍ତି, ଉଦ୍ୟୋଗପତି ଦିବ୍ୟଜ୍ୟୋତି ଦାସମହାପାତ୍ର ଯୋଗଦେଇଥିଲେ । ଏହି ଅବସରରେ ପ୍ରଥମ ନାଟକ ଭାବେ ମଙ୍ଗଳପୁର ସ୍ଥିତ ଜନାର୍ଦ୍ଦନ ନୋଡାଲ ଉଚ୍ଚବିଦ୍ୟାଳୟ ପକ୍ଷରୁ ନାଟକ 'ମୋବାଇଲ' ପରିବେଷଣ ହୋଇଥିଲା । ଦ୍ୱିତୀୟ ନାଟକ ଭାବେ ନୂଆଗାଁ ସ୍ଥିତ ସାରସ୍ୱତ ଗୁରୁକୁଳ ଶିକ୍ଷାକେନ୍ଦ୍ର ପକ୍ଷରୁ ରେବତୀ ନାଟକ ମଂଚସ୍ଥ ହୋଇଥିଲା । ତୃତୀୟ ନାଟକ ଭାବେ ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ 'ନୂଆ ସକାଳ' ନାଟକ ମଞ୍ଚସ୍ଥ ହୋଇଥିଲା । ଚତୁର୍ଥ ନାଟକ ଭାବେ ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସ୍ୱର୍ଗାଦପୀ ଗରିୟସୀ ନାଟକ ମଞ୍ଚସ୍ଥ ହୋଇଥିଲା । ଶେଷରେ ପୁଲିସ ସରକାରୀ ହାଇସ୍କୁଲ ପକ୍ଷରୁ ନାଟକ ସମ୍ଭବ ମଞ୍ଚସ୍ଥ ହୋଇଥିଲା । ଶେଷରେ କଳାକାରର ସଦସ୍ୟ ନାରାୟଣ ସିଂ ଧନ୍ୟବାଦ ଦେଇଥିଲେ ।

# ଚୌକବଜାର କାଳୀ ମଣ୍ଡପରେ ଭଜନ ସନ୍ଧ୍ୟା

ବାଲେଶ୍ୱର,୨୬।୧୦(ସମିସ): ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚୌକବଜାର କାଳୀମଣ୍ଡପଠାରେ ଆଜି ଏକ ଭଜନ ସଂଧ୍ୟା କାର୍ଯ୍ୟକ୍ରମ ବିଶିଷ୍ଟ ଗାୟକମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । କାଳୀପୂଜା ସହିତ ପ୍ରତିଦିନର ବିଭିନ୍ନ କାର୍ଯ୍ୟକ୍ରମ ଅନୁସାରେ ଆଜି ଭଜନ କାର୍ଯ୍ୟକ୍ରମ ଚିତ୍ତାକର୍ଷକ ଓ ମନୋରମ ହୋଇଥିଲା । ସୁମଧୁର ଭକ୍ତି ଭଜନରେ ଆଜି ସାରା ଗ୍ରାମବାସୀ ନିଜକୁ ଈଶ୍ୱରଙ୍କଠାରେ ସମର୍ପିତ କରିଦେଇଥିଲେ । କୁନି କୁନି ପିଲାମାନଙ୍କ ମନଲୋଭା ଭକ୍ତି ସଙ୍ଗୀତ ସମସ୍ତଙ୍କ ମନ ମୋହିଥିଲା । ଏ କାର୍ଯ୍ୟକ୍ରମକୁ ଦିନେଶ ସେଠୀ, ଶିବଶଙ୍କର ଦତ୍ତ, ବିଜୟ ଆଢ୍ୟ, ଡ଼ା. ଶ୍ରୀମାଧବ ସେଠୀ ପ୍ରମୁଖ ମଞ୍ଚ ସହ ସୁରୁଖୁରୁରେ ଭଜନ ସଂଧ୍ୟା ପରିଚାଳନା କରିଥିଲେ ।

# କଂଗ୍ରେସର ମିଶ୍ରଣ ପର୍ବ

ବାଲେଶ୍ୱର,୨୬।୧୦(ସମିସ): ସଦର ବ୍ଲକ କଂଗ୍ରେସ ସଭାପତି ଜୟକୃଷ୍ଣ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ଜିଲ୍ଲା ସଭାପତି ସତ୍ୟଶିବ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପରେ ବିଜେପିରୁ ଆସିଥିବା ୬ ଜଣଙ୍କୁ ଅନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ସାମିଲ କରାଯାଇଥିଲା । ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା. ପୂର୍ବତନ ଜିଲ୍ଲା ସଂଜୀବ ଗିରି, ପୂର୍ବତନ ଜିଲ୍ଲା ଉପସଭାପତି ଗୋପୀନାଥ ପାଢ଼ୀ, ଅଙ୍କୋ ସରପଞ୍ଚ ଜୋସ୍ନା ରାଣୀ ବେହେରା, ଯୁବ ନେତା ସରୋଜ ଲେଙ୍କା, ପିସିସିର ସଦସ୍ୟା ଅର୍ଚ୍ଚନା ନନ୍ଦୀ, ରାଜ୍ୟ ସାଧାରଣ ସମ୍ପାଦିକା ଜ୍ୟୋତ୍ସ୍ନା ସେନାପତି, ଜିଲ୍ଲା ସଂଖ୍ୟା ଲଘୁ ସମ୍ପ୍ରଦାୟ ସେଲ୍‌ର ସଭାପତି ଶେଖ ଅଜଗର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଯାତ୍ରାମଞ୍ଚରେ ଅଶ୍ଳୀଳତାକୁ ପ୍ରବଳ ବିରୋଧ

ଜଳେଶ୍ୱର, ୨୬।୧୦(ସମିସ): ଶିଖରପୁର ପଞ୍ଚାୟତର ଚକହରିଠାରେ ଯାତ୍ରାଶ୍ରୀ ବିଶ୍ୱ ଦରବାର ପକ୍ଷରୁ ତିନିଦିନ ଧରି ଯାତ୍ରା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଆୟୋଜକ ପକ୍ଷରୁ ଶେଷ ଦିନ ଜଣେ ଆଇଟମ୍ ଗାର୍ଲକୁ ମଂଚକୁ ଉଠାଇ ଅଶ୍ଳୀଳତା ପ୍ରଦର୍ଶନ କରିଥିଲେ । ଫଳରେ କିଛି ସଚେତନ ଦର୍ଶକ ପରିବାର ଧରି ଯାତ୍ରାରୁ ପଳାଇ ଆସିଥିବା ଦେଖିବାକୁ ମିଳିଥିଲା । ଏ ସଂପର୍କରେ ଜଳେଶ୍ୱରରେ ଏକ ମୃଦୁ ଗୁଞ୍ଜରଣ ସୃଷ୍ଟି ହୋଇଛି । ବହୁ ବୁଦ୍ଧିଜିବୀ ଓ କଳାକାର ଏହାକୁ ବିରୋଧ କରିଛନ୍ତି । ଏ ସଂପର୍କରେ ଶିଖରପୁର ସରପଞ୍ଚ ତାଙ୍କ ଅଜାଣତରେ ଏପରି ହୋଇଥିବା ବେଳେ ଏହାକୁ ସେ ବିରୋଧ କରିଛନ୍ତି । ଜଳେଶ୍ୱର ଯାତ୍ରା କଳାକାର ସଂଘର ଉପସଭାପତି ରାଧାକୃଷ୍ଣ ଗିରି ଏହାକୁ ବିରୋଧ କରି କଳାକାର ମାନଙ୍କୁ ବଦନାମ କରିବା ପାଇଁ ଆଇଟମ୍‌ଗାର୍ଲ ମାନଙ୍କୁ ମଂଚକୁ ଉଠାଉଥିବା ଅଭିଯୋଗ କରିଛନ୍ତି । ଖଣ୍ଡଗିରି ଭଳି ପ୍ରତ୍ୟେକ ସ୍ଥାନରେ ଏହାକୁ ପ୍ରଶାସନ ରୋକ ଲଗାଇବାକୁ ଦାବି କରିଛନ୍ତି ।

**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No- 37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No- 11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No- 38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

# ଧାନ ଦେଇ ଟଙ୍କା ପାଉନି ଚାଷୀ



ନୀଳଗିରି, ୨୬।୧୦ (ସମିସ): ନୀଳଗିରି ଅଞ୍ଚଳରେ ଜୈନିକ ଚାଷୀ ୨୦୨୪-୨୫ ବର୍ଷରେ ସରକାରଙ୍କୁ ଧାନ ବିକ୍ରି କରିଥିବା ବେଳେ ଏଯାବତ୍ ଟଙ୍କା ପାଇନଥିବା ବେଳେ ଶେଷରେ ପିଲା ଛୁଆଙ୍କୁ ଧରି ଅଫିସ୍ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ୨୦୨୪-୨୫ ବର୍ଷରେ ଚାଷୀ ଅଜୟ କୁମାର ରାଉଳ ନୀଳଗିରି ବ୍ଲକ ଅଧିନ ସଜନାଗଡ ଧାନ ମଣ୍ଡିରେ ପାଖା ପାଖି ୧୧ କ୍ୱିଣ୍ଟାଲ ଧାନ ଦେଇଥିଲେ। ମାତ୍ର ମାସ ମାସ ଧରି ତାଙ୍କ ବ୍ୟାଙ୍କ୍ ଖାତାକୁ ଟଙ୍କା ନ ଆସିବାରୁ ବହୁବାର ଏମ.ଡି, ସମ୍ପାଦକ, ଯୋଗାଣ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଥିଲେ ମଧ କିଛି ସଫଳ ମିଳିନଥିଲା। ଶେଷରେ ଏନେଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କୁ ନିଜର ଗୁହାରି ଜଣାଇବା ପରେ ସୁକାନ୍ତ କୁମାର ନାୟକ ରାଜ୍ୟ ଯୋଗାଣ ବିଭାଗର ମ୍ୟାନେଜିଂ ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ତୁରନ୍ତ ଅଜୟ କୁମାର ରାଉଳଙ୍କୁ ବୋନସ ଟଙ୍କା ସହ ଧାନର ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଏପଟେ ଯଦି ଆଗାମୀ ଦିନରେ ଟଙ୍କା ନ ମିଳେ ତେବେ ଅଫିସ ଆଗରେ ସପରିବାର ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ବିଷପିଇ ଯୁବକଙ୍କ ଆତ୍ମହତ୍ୟା

ରାଜଘାଟ, ୨୬।୧୦ (ସମିସ): ବସ୍ତା ଥାନା ଅନ୍ତର୍ଗତ ଭେଲୋରା ଗ୍ରାମର ଜୈନିକ ଯୁବକ ରବିବାର ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ବିନୋଦ ବିହାରୀ ମଣ୍ଡଳ (୫୦)। ବିନୋଦ କଷାଫଳ ମୁହାଣରେ ଟ୍ରଲର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ଦିନ ୨ଟା ସମୟରେ କାର୍ଯ୍ୟରୁ ଫେରି ଘରେ ଥିଲେ। ଆଜି ସକାଳ ୭ଟାରୁ ବିନୋଦ କୁଆଡେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ଖବର ପାଇ ସକାଳ ୯ରେ ଘର ନିକଟ ଏକ ଅସମ୍ପୂର୍ଣ୍ଣ ଘରୁ ବିନୋଦଙ୍କୁ ଉଦ୍ଧାର କରି ସଙ୍ଗେସଙ୍ଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ଅମର୍ଦାରୋଡ଼ ଫାଣ୍ଡି ପୁଲିସ ହସ୍ପିଟାଲରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଆତ୍ମହତ୍ୟାର କାରଣ ବ୍ୟବସାୟିକ ଚାପ ବୋଲି କୁହାଯାଉଥିବା ବେଳେ ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଦେବସେନା ସଂଗଠନର ବସ୍ତା ବ୍ଲକସ୍ତରୀୟ ସମ୍ମିଳନୀ



ରାଜଘାଟ, ୨୬।୧୦ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ନଟାକଟା ପଞ୍ଚାୟତର ବସନ୍ତପୁର ଗ୍ରାମରେ ଦେବସେନା ସଙ୍ଗଠନ ପକ୍ଷରୁ ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦେବସେନା ସଙ୍ଗଠନର ବସ୍ତା ବ୍ଲକ ସଭାପତି ଅନ୍ତର୍ଯ୍ୟାମୀ ରାଉଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଦେବସେନା ଓଡ଼ିଶା ପ୍ରଦେଶ ଉପାଧ୍ୟକ୍ଷ ଶିବାଜି ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ହିନ୍ଦୁ ଓ ରାଷ୍ଟ୍ର ପ୍ରେମୀ ତଥା ପୁରୀ କରମଳା ମଠ ମହନ୍ତ ବାବାଜୀ ନୀଳାମ୍ବର ଦାସ, ବରେଣ୍ୟ ଅତିଥି ଜିଲ୍ଲା ଅଧକ୍ଷ ଶଙ୍କର ଜେନା, ପ୍ରଦେଶ କମିଟି ମହାସଚିବ ପ୍ରବୀର ଦାସ(ବାରିପଦା), ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଅମର କୁମାର ପାଳ, ଦାମୋଦର ମୁନି, ବ୍ଲକ ଉପଦେଷ୍ଟା କୁମୁଦ ରଞ୍ଜନ ଗିରି ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ତୈଳଚିତ୍ର ପୁଷ୍ପ ମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ହିନ୍ଦୁ ମାନଙ୍କୁ ସଂଘଠିତ କରି ଭାରତକୁ ସନାତନୀ ହିନ୍ଦୁ ରାଷ୍ଟ୍ର ଭାବରେ ତୋଳିବା ପାଇଁ ସଙ୍ଗଠନ ପକ୍ଷରୁ ଯେଉଁ ଶପଥ କରାଯାଇଛି ଧର୍ମ, ଜାତି,ରାଜନୀତିକୁ ଉର୍ଦ୍ଧରେ ରଖି ଏହା ଅନେକଙ୍କ ମଧ୍ୟରେ ଏକ ଭାବନାର ବିନ୍ଦୁ ପାଲଟି ଯାଇଛି। ଏହାକୁ ବିଚାର କରି ଧୀରେଧୀରେ ସଙ୍ଗଠନ ମଧ୍ୟ ବୃଦ୍ଧି ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସଙ୍ଗଠନର କର୍ମକର୍ତ୍ତା ସଙ୍ଗଠନକୁ ଏବଂ ସନାତନ ଧର୍ମ ଏବଂ ହିନ୍ଦୁ ରାଷ୍ଟ୍ର ଗଢି ତୋଳିବାକୁ ପ୍ରତ୍ୟେକ ଚେଷ୍ଟା କରିବାର ଆବଶ୍ୟକତା ଅଛି ମତବ୍ୟକ୍ତ କରିଥିଲେ। ସଂଗଠନର କୋଷାଧ୍ୟକ୍ଷ ସୀତାକାନ୍ତ ଦାସ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘଠନ ସଦସ୍ୟ ରାଜେନ୍ଦ୍ର ଦେ, ପରାମର୍ଶଦାତା କୁମୁଦରଞ୍ଜନ ଗିରି, ଶିଶିର ରଥ, କାବେରୀ ଦାଶ, ଅର୍ଚ୍ଚନା ଦତ୍ତ, ସୁଜାତା ଜେନା, ଝୁନାମଣୀ ବେହେରା, କାଳିପଦ ଆଗୁଆଣ, ହେମନ୍ତ ଦାସ, ଚନ୍ଦନ ପାତ୍ର,ଅନୁରାଧା ରାଉଳ ପ୍ରମୁଖ ଯୋଗଦେଇ ସମ୍ମିଳନୀକୁ ସୂଚାରୁ ରୂପେ ପରିଚାଳନା କରିଥିବାବେଳେ ଶଶି କାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଧାନ କରିଥିଲେ। ଦେବସୈନିକ ସଦସ୍ୟ ରାଜେନ୍ଦ୍ର ଦେ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନର ସକ୍ରିୟ ଦେବାସେନିକମାନଙ୍କୁ ମାନପତ୍ର ପ୍ରଦାନ ସହ ପୁରଶୋତ୍ତମପୁର ପଞ୍ଚାୟତକୁ ଏ ବର୍ଷର ସର୍ବଶ୍ରେଷ୍ଠ କାର୍ଯ୍ୟ ସଂଗଠକ ପଞ୍ଚାୟତ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ହାତୀ ଉଜାଡ଼ିଦେଲେ ଧାନ ଫସଲ

**ଚିନ୍ତାରେ ରାଇବଣିଆ ଚାଷୀ**

ଜଳେଶ୍ୱର ବ୍ଲକ, ୨୬।୧୦ (ସମିସ)





ଆଜକୁ ୧୫ ଦିନ ଧରି ରାଇବଣିଆ ଅଞ୍ଚଳରେ ୩୦ ଟିକିଆ ହାତୀପଲ ଆସି ରାଇବଣିଆ ଅଞ୍ଚଳର ବରଡିହା, କଳମା, ଆମ୍ବତୁମ୍ବା, କ୍ଷୀରକୁଳସାହି, ଦୁଧିଆଶୋଲ, ବାଖୁଡ଼ିପଦା , ବାଗବୁଡ଼ା, ବଣକାଟି, ଭୋଳ, ଜାମଡହରା, ଆଧି ଅନେକ ଜଙ୍ଗଲ ପାଶ୍ୱର୍ବର୍ତ୍ତୀ ଗାଁ ଗୁଡିକରେ ଚାଷୀ ମାନଙ୍କର ଆଉ କେତେଟା ଦିନ ପରେ ଅମଳ ହେବାକୁ ଥିବା ଧାନ ଫସଲ ସମ୍ପୂର୍ଣ୍ଣ ଭାବେ ଖାଇ ନଷ୍ଟ କରିଚାଲିଛନ୍ତି। ଅନ୍ୟ ପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇ ଥିବା ବାତ୍ୟା ମୋନ୍ଥା ନେଇ ପାଣିପାଗ ବିଭାଗର ସତର୍କତା ନେଇ ଚାଷୀ କୂଳ ଏବେ ଚିନ୍ତାରେ। ଅନ୍ୟପଟେ ବଣୁଆ ହାତୀପଲ ଚାଷ ଉଜାଡ଼ି ଦେଇଥିବା ଚାଷୀ ବିଦ୍ୟାଧର ମହାନ୍ତ, ନଗେନ୍ଦ୍ର ମହାନ୍ତ, ଦଶରଥ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ରବିନ୍ଦ୍ର ମହାନ୍ତ, ସତ୍ୟରଞ୍ଜନ ମହାନ୍ତ, ଯତୀଶଲାଲ ମହାନ୍ତ, ଛତିଶ ମହାନ୍ତ, ହରିଶ ଜେନା, ପଞ୍ଚାନନ ଜେନା, ବାଦଲ ମହାନ୍ତ, ସୁବ୍ରତ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ, ଉମାକାନ୍ତ ମହାନ୍ତ କହିଛନ୍ତି। ଚାଷୀଙ୍କୁ କିପରି ତୁରନ୍ତ କ୍ଷତିପୂରଣ ମିଳିପାରିବ ସେ ନେଇ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

# କର୍କଟ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର,୨୬।୧୦(ସମିସ): ସ୍ଥାନୀୟ ସୋମନାଥପୁରସ୍ଥିତ ଝାଡେଶ୍ୱର ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ସେମିନାର ହଲରେ କ୍ୟାନସର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାଡେଶ୍ୱର ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ଭିନ୍ନ ଭିନ୍ନ ଉଇଙ୍ଗର ପ୍ରାୟ ଏକ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ସଚେତନତା ଶିବିରରେ ବାଗଚୀ ଶ୍ରୀ ଶଙ୍କର କ୍ୟାନସର ସେଂଟର ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ଅଭିଜ୍ଞ ଡାକ୍ତର ଅଭିଷେକ ଦଣ୍ଡପାଟ, ନୀହାରିକା ଦାସ ଓ ବିଜନେସ ମ୍ୟାନେଜର ଆଶିଷ କୁମାର ଗିରି ଯୋଗଦେଇ କ୍ୟାନସର ରୋଗର ସଫଳ ଚିକିତ୍ସା,ଏହାର ନିରାକରଣ ଓ ଆବଶ୍ୟକ ସତର୍କତା ଅବଲମ୍ବନ ପୂର୍ବକ କ୍ୟାନସର ଭଳି ମାରାତ୍ମକ ରୋଗର ସଠିକ ମୁକାବିଲା କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଆଲୋଚନାଚକ୍ରରେ ଅନୁଷ୍ଠାନର ଅଧ୍ୟକ୍ଷ ଇଂ ବିଭୁପ୍ରସାଦ ମାହାନା, ଏକାଡେମିକ ଡାଇରେକ୍ଟର ତପନ କୁମାର ରଣା, ବରିଷ୍ଠ ଅଧ୍ୟାପକ ବିମଳ କୁମାର ମୈଶାଲ, ଅଧ୍ୟାପକ ଜୟନ୍ତ କୁମାର ସେଠୀ, ଅଂଶୁମାନ ଦାସ ପ୍ରମୁଖ ମଂଚାସୀନ ଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ପରମାନନ୍ଦ ସାନ୍ତରା ଓ ସମ୍ପାଦକ ସାନ୍ତରା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ।

**● ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ପଶ୍ଚିମବଙ୍ଗରେ ଦୁଷ୍କର୍ମ ଘଟଣା**

# ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ପୀଡ଼ିତା

ଜଳେଶ୍ୱର ବ୍ଲକ, ୨୬।୧୦ (ସମିସ): ପଶ୍ଚିମବଙ୍ଗ ଦୁର୍ଗାପୁରରେ ଦୁଷ୍କର୍ମରେ ଶିକାର ହୋଇଥିବା ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗତ ଶୁକ୍ରବାର ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଯାଇଛି। ପୀଡ଼ିତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ପରାମର୍ଶ ଓ ପିତାମାତାଙ୍କ ସହ ଆଲୋଚନା କରାଯିବା ପରେ ଡିସ୍‌ଚାର୍ଜ କରାଯାଇଛି ବୋଲି ଉକ୍ତ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବା ପରେ ପୀଡ଼ିତାଙ୍କୁ ସେ ପାଠ ପଢୁଥିବା ମେଡିକାଲ କଲେଜର ଗେଷ୍ଟ ହାଉସ୍‌ରେ ରଖାଯାଇଛି। ତାଙ୍କ ସୁରକ୍ଷା ପାଇଁ ପଶ୍ଚିମବଙ୍ଗ ସରକାର ୨୪ ଘଣ୍ଟିଆ ସଶସ୍ତ୍ର ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରିଛନ୍ତି। ସେହିପରି ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଶେଷ କରି ମାନସିକ ଅବସ୍ଥା ଉପରେ ହସ୍‌ପିଟାଲର ମଲ୍ଟି ସ୍ପେସାଲିଟି ମେଡିକାଲ ବୋର୍ଡ ନଜର ରଖିବ । ଏଥିସହ ପୀଡ଼ିତାଙ୍କ ଏମ୍‌ବିବିଏସ୍ ଦ୍ୱିତୀୟ ବର୍ଷର ପରୀକ୍ଷା ୨୦ ୨୬ ଜାନୁଆରି ମଧ୍ୟଭାଗରେ ଥିବାରୁ ସେ ଯେପରି ଏଥିପାଇଁ ଠିକଣା ଢଙ୍ଗରେ ପ୍ରସ୍ତୁତ ହୋଇପାରିବେ ତାହା ଆମର ପ୍ରାଥମିକତା ହେବ ବୋଲି କହିଛନ୍ତି ମେଡିକାଲ କଲେଜ କର୍ତ୍ତୃପକ୍ଷ। ଅନ୍ୟପକ୍ଷରେ ଝିଅ ଓଡ଼ିଶାରେ ଅବଶିଷ୍ଟ ପାଠପଢ଼ା ପାଇଁ ପିତାମାତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବେ ବୋଲି ସୂଚନା ମିଳିଛି।

# ଜଳେଶ୍ୱରରେ ଆଦିବାସୀ ମେଳା ଉଦ୍‌ଘାଟିତ




ଜଳେଶ୍ୱର,୨୬।୧୦(ସମିସ) : ଜଳେଶ୍ୱର ପୌରାଞ୍ଚଳରେ ଆଦିବାସୀମାନଙ୍କ ଦ୍ୱାରା ଆୟୋଜିତ ୨ୟ ବର୍ଷର ପାଦ ଦେଇଥିବା ଆଦିବାସୀ ମେଳା ୨୦୨୫ ଉଦ୍‌ଘାଟିତ ହୋଇ ଯାଇଛି। ଉଦ୍‌ଘାଟନୀ ଦିବସରେ ପ୍ରାକ୍ତନ ଶିକ୍ଷକ ବନବିହାରୀ ପ୍ରଧାନ ସଭାପତିତ୍ୱ କରି ଆଦିବାସୀଙ୍କ ଏପରି ଉତ୍ସବର ଆବଶ୍ୟକତା ସଂପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର ଜେନା ଓ ମୁଖ୍ୟବକ୍ତା ଭାବେ ତହସିଲଦାର ସତ୍ୟଜିତ ମହାନ୍ତି ଯୋଗଦେଇ ଆଦିବାସୀଙ୍କ ସଂସ୍କୃତି, ପରମ୍ପରା ଓ ଭାଇଚାରା ଆଦି ଆଦିମ ହୋଇଥିଲେ ମଧ ସେମାନଙ୍କ ଶିକ୍ଷାର ବିକାଶ ଲାଗି ଭାଷା ଶିକ୍ଷକ ନିଯୁକ୍ତି, ଉଚ୍ଚଶିକ୍ଷାର ବ୍ୟବସ୍ଥା ଆବଶ୍ୟକତା ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥିଭାବେ ଆଦିବାସୀ ମେଳା କମିଟିର ସଭାପତି ଗୀତା ହାଁସଦା, ମାଇନ ମୁର୍ମୁ, ଗୀତା ମୁର୍ମୁ, ଲକ୍ଷ୍ମୀରାଣୀ ଟୁଡୁ, ଛିତା ମୁର୍ମୁ,ସାମରିକ କର୍ମଚାରୀ ରତ୍ନାକର ହାଁସଦା, ବୁଦ୍ଧିରାମ ବାସ୍କେ, ପୌର ପରିଷଦର ୯ ନଂ ୱାର୍ଡ କାଉନସିଲର ଗୋବିନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଆଦିବାସୀ ମହିଳା ଓ ପୁରୁଷ ମାନେ ଆଦିବାସୀ ନୃତ୍ୟର ତାଳରେ ଆସି ଆଦିବାସୀ ମେଳାରେ ପହଞ୍ଚି ଥିଲେ।

# ସଚେତନତା କାର୍ଯ୍ୟକ୍ରମରେ ସରକାରୀ ସହଯୋଗ ପାଇଁ ନିବେଦନ

ବାଲେଶ୍ୱର,୨୬।୧୦(ସମିସ): ମିଳିତ ନିଶା ନିବାରଣ ଅଭିଯାନର ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ



କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା। ଉକ୍ତ କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ସହଯୋଗ କରିବା ନିମନ୍ତେ "ମନା' ତରଫରୁ ନିବେଦନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ବୈଠକରେ ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ସଂପାଦିକା ଗୀତାଞ୍ଜଳି ସିଂହ, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ଡ. ଦୟାନିଧି ମହାପାତ୍ର, ନିରଞ୍ଜନ ରାଉତ, ବେଣୁଧର ସାହୁ, ରମେଶ ଚନ୍ଦ୍ର ଜେନା, ଶଚୀନ୍ଦ୍ର ଦାସ, ଗଙ୍ଗାଧର ପୃଷ୍ଟି, ଭାସ୍କର ମିଶ୍ର, ସୀତାରାମ ସଞ୍ଜୟ କୁମାର ପଣ୍ଡା (ଖ) ଓ ସନାତନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜୀବନ ସଂଗ୍ରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଛ ଡାଳ ପଡ଼ି ଯୁବକ ଗୁରୁତର

ସୋର, ୨୬।୧୦(ସମିସ): ସୋର ଥାନା ସୋର ଅନନ୍ତପୁର ରାସ୍ତା ବାଳଙ୍ଗ ଛକ ନିକଟରେ ଗଛ କାଟୁଥିବା ବେଳେ ତଳେ ଛିଡା ହୋଇଥିବା ଜଣେ ଯୁବକଙ୍କ ମୁଣ୍ଡରେ ଡାଳ ପଡି ଯିବାରୁ ଯୁବକ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ବାହାନଗା ବ୍ଲକ ଚିତ୍ତଳ ଗ୍ରାମର ବିନୋଦ ମହାଳିକ ବାଳଙ୍ଗ ଛକ ନିକଟରେ ଥିବା ଏକ ଗଛ କାଟିବାକୁ ଆସିଥିବା ବେଳେ ସେ ତଳେ ଛିଡା ହୋଇଥିଲେ। ଏହି ସମୟରେ ଗଛ ଡାଳ ତାଙ୍କ ମୁଣ୍ଡରେ ପଡିବାରୁ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ।

# ସୁନହଟରେ ହରିକଥା



ବାଲେଶ୍ୱର,୨୬।୧୦ (ସମିସ): ସୁନହଟ ଗ୍ରାମ ହନୁମାନ ମନ୍ଦିରରେ ପବିତ୍ର କାର୍ତ୍ତିକ ମାସ ଉପଲକ୍ଷେ ହରିକଥା ଆୟୋଜିତ ହୋଇଯାଇଛି। ଜିଲ୍ଲାର ବିଶିଷ୍ଟ ପ୍ରବଚକ ଶାନ୍ତି ସ୍ୱରୂପ ମିଶ୍ର ପ୍ରବଚନ ଦେଇଥିଲେ।

**୨୦୨୫-୨୬ ଆର୍ଥିକ ବର୍ଷ ଅଧା ସରିଲାଣି**

# ପ୍ରସ୍ତାବରେ ଅଟକିଛି ୨୪ଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

ବାରିପଦା,୨୬।୧୦(ସମିସ):




ଗ୍ରାମାଞ୍ଚଳରେ ଗମନାଗମନ ବିପର୍ଯ୍ୟସ୍ତ

ଗମନାଗମନର ବିକାଶ ହେଲେ ଅଞ୍ଚଳର ବିକାଶ ହୋଇଥାଏ। ବିଶେଷ ଭାବରେ ଗ୍ରାମାଞ୍ଚଳରେ ଏହା ଏକାନ୍ତ ଜରୁରୀ। ଏଥିପାଇଁ ତତ୍କାଳୀନ କେନ୍ଦ୍ର ସରକାର ୨୦୦୦ମସିହା ଡିସେମ୍ବର ମାସରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା(ପିଏମଜିଏସୱାଇ) ଆରମ୍ଭ କରିଥିଲେ। ସମସ୍ତ ଋତୁରେ ଯୋଗାଯୋଗ ସମ୍ଭବ ରାସ୍ତା ନଥିବା ଗାଁକୁ ଗାଁ, ଗାଁରୁ ପଞ୍ଚାୟତ ଓ ପଞ୍ଚାୟତକୁ ବ୍ଲକ୍ କାର୍ଯ୍ୟାଳୟ ସହିତ ଯୋଗାଯୋଗ ପାଇଁ ଏହି ଯୋଜନା ବରଦାନ ସାଜିଥିଲା। ପରନ୍ତୁ ଦେଢ଼ବର୍ଷ ତଳେ ନୂତନ ସରକାର ରାଜ୍ୟର ଶାସନଭାର ନେବା ପରେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ଓ ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଯୋଜନା ଆଗକୁ ବଢ଼ିପାରୁନି ବୋଲି ଅଭିଯୋଗ ହେଉଛି। ବିଗତ ଆର୍ଥିକ ବର୍ଷରେ ବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା-ଫେଜ୍ ଥ୍ରୀରେ ୫୩ଟି ରାସ୍ତା ସାମିଲ ହୋଇଥିବା ବେଳେ ୪୯ଟି ସମ୍ପୂର୍ଣ୍ଣ ହୋଇଥିଲା ଏବଂ ୪ଟି ରାସ୍ତା ନିର୍ମାଣ ଚାଲିଛି। ସେଗୁଡ଼ିକ ହେଲା ବଣତାଳପଦାରୁ ଘୁଷୁରିଆ, ପ୍ରହରାଜପୁରରୁ ବାଲେଶ୍ୱର ସୀମାନ୍ତ ଭାୟା ମଙ୍ଗଳପୁର, ରଙ୍ଗାମାଟିଆରୁ ଶଙ୍କୁଚିଆମରା, ଭୁରଷାଣି ଛକରୁ କୁଳିଅଣା ବ୍ଲକ ସୀମାନ୍ତ ଭାୟା ଖଡିଶୋଳ ରାସ୍ତା। ସେହିଭଳି ପିଏମଜିଏସୱାଇ ଫେଜ୍ ଫୋର୍‌ରେ ୨୪ଟି ରାସ୍ତା ନିର୍ମାଣ ହେବାକୁ ଥିବା ବେଳେ ତାହା ପ୍ରସ୍ତାବରେ ରହିଛି। ସେଗୁଡ଼ିକ ମଧ୍ୟରେ ବଡ଼ସାହି ବ୍ଲକର ଟେଙ୍ଗୁଆମଙ୍ଗଳପୁର ସ୍କୁଲ ରାସ୍ତା, ବେଗୁନିଆ ବଣି ରାସ୍ତା, ମାଣତ୍ରୀ ହାଟଛକରୁ ମୂଷାଗଡିଆ ରାସ୍ତା ଓ ନରଣଗାଁରୁ ପାଳପାଟଣା ରାସ୍ତା ଥିବା ବେଳେ ଗୋପବନ୍ଧୁନଗରର କୁସୁମିଆପାଟପୁର, ଗହୀରାଡିହା, ପରଛିପୁର ରାସ୍ତା। କପ୍ତିପଦା ବ୍ଲକର ମାଙ୍କପଡା ହିଲ୍, ଦିଲ୍ଲିସାର୍, ପ୍ରଫୁଲ୍ଲଚନ୍ଦ୍ରପୁର, ରଥିପୁର, ସନଶିମଳା, ଶୁଖୁଆପଟା ହିଲ, ମାଛିଆ, ଛଣୁଆ ଓ ସିନ୍ଧୁପୁର-ଜୟଗୁଣ୍ଠିଆ ରାସ୍ତା ଥିବା ବେଳେ ମୋରଡ଼ା ବ୍ଲକର ଖୁରୁଣ୍ଟିଆ, ରାସଗୋବିନ୍ଦପୁର ବ୍ଲକର ମାଜଣଡିହା, ଧାନଶୁଳ, ପୂର୍ଣ୍ଣଚନ୍ଦ୍ରପୁର-ଦୁଆରଶୁଣି ରାସ୍ତା, ଶାମାଖୁଣ୍ଟା ବ୍ଲକର ଭୁଣ୍ଡାପାଳ-ଲକ୍ଷ୍ମୀପୋଷୀ, ଅସନବଣି ଓ ଭାଦୁଆ ରାସ୍ତା ଏବ ଶୁଳିଆପଦା ବ୍ଲକର କେଉଟୁଣିମାରୀ ରାସ୍ତା ପ୍ରସ୍ତାବରେ ରହିଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଖୁଣ୍ଟା ବ୍ଲକର ସପଞ୍ଚୁଆ-ଅଗ୍ନିକୁମାରୀ ଓ ବଡ଼ସାହି ବ୍ଲକର ଚନ୍ଦନତୁରୀ-ଚମ୍ପାଗଡ଼ ରାସ୍ତା ଟେଣ୍ଡର ସରିଥିବା ବେଳେ କାର୍ଯ୍ୟାରମ୍ଭ ହେବାକୁ ଯାଉଛି। ତେବେ ୨୪ଟି ସଡ଼କ ନିର୍ମାଣ ବିଳମ୍ବର କାରଣ ସମ୍ବନ୍ଧରେ ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନର ନିର୍ବାହୀ ଯନ୍ତ୍ରୀ ରାଜେଶ ପ୍ରଧାନଙ୍କୁ ପଚାରିବାରୁ, ଏହି ରାସ୍ତା ସମ୍ପୂର୍ଣ୍ଣ ଭାବେ କେନ୍ଦ୍ରୀୟ ଅନୁମୋଦନ ଆବଶ୍ୟକ। ଏଣୁ ପଠାଯାଇଥିବା ୨୪ଟି ପ୍ରସ୍ତାବ ଅନୁମୋଦନ ହୋଇଆସିଲେ ଟେଣ୍ଡର ଆହ୍ୱାନ ପୂର୍ବକ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# କରଞ୍ଜିଆ ରେଞ୍ଜ ଅଞ୍ଚଳରେ ହାତୀ ଆତଙ୍କ

**■ ବ୍ୟାପକ ଫସଲ ନଷ୍ଟ**

କରଞ୍ଜିଆ,୨୬।୧୦(ସମିସ): କରଞ୍ଜିଆ ରେଞ୍ଜରେ ହାତୀ ଭୟ ଲୋକଙ୍କ ମନରୁ ଯାଉନି। କିଛି ଦିନ ଅନ୍ତରରେ ୩୩ଟି ହାତୀପଲକୁ ଦେଖି ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏହି ହାତୀପଲ ବିଭିନ୍ନ ସମୟରେ ବ୍ୟାପକ ଫସଲ ନଷ୍ଟ କରୁଥିବା ନଜିର ରହିଛି। ଗତକାଲି ୨୯ଟି ହାତୀ କେନ୍ଦୁଝରର ଆଦିପୁର ଅଞ୍ଚଳକୁ ପଳାଇଛନ୍ତି। ଆଗରୁ କିଛି ଦିନ ଧରି କରଞ୍ଜିଆ ରେଞ୍ଜରେ ବହୁ ଅଞ୍ଚଳରେ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବାରିଆ ପଞ୍ଚାୟତର ପୋଖରିଆ ଗ୍ରାମ ଜଙ୍ଗଲରେ ଗୋଟିଏ ବଡ଼ ମାଈ ହାତୀ ଓ ଏକ ଛୋଟ ହାତୀ ରହିଛନ୍ତି। ଫଳରେ ପୋଖରିଆ ଅଞ୍ଚଳରେ ହାତୀ ଭୟ ଦେଖାଦେଇଛି। କରଞ୍ଜିଆ ସହରର ସରସ୍ୱତୀ ଶିଶୁ ମନ୍ଦିର ନିକଟ ସରାଭାଡି ଜଙ୍ଗଲରେ ଏକ ବଡ଼ ଦନ୍ତା ଗୋଠ ଛଡା ହୋଇ ରହିଛି। ଫଳରେ ଏହି ରାସ୍ତା ଦେଇ ଲୋକେ ଯିବାଆସିବା କରିବାକୁ ଭୟ କରୁଛନ୍ତି। ସେହିଭଳି କାଡଡିହ ଜଙ୍ଗଲର ପଉଦିଆ ଗ୍ରାମ ପାଖରେ ଏକ ବଡ଼ ଦନ୍ତା ଏକୁଟିଆ ବିଚରଣ କରୁଛି। ଗତକାଲି ରାମଚନ୍ଦ୍ରପୁରର ମାତାଇ ହେମ୍ବ୍ରମଙ୍କ ଘରକୁ ହାତୀ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି।

## ସାଇବର ସୁରକ୍ଷା ଅଭିଯାନ ଆରମ୍ଭ




**ଶରଣକୁଳ,୨୬।୧୦(ସମିସ):** ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ଶରଣକୁଳରୁ ପ୍ରଥମ କରି ସାଇବର ସୁରକ୍ଷା ଅଭିଯାନ ରବିବାର ଆରମ୍ଭ ହୋଇଛି। ବର୍ତ୍ତମାନ ମୋବାଇଲ ଫୋନ, ବ୍ୟକ୍ତିଗତ କମ୍ପ୍ୟୁଟର ଓ ଅନ୍ୟାନ୍ୟ ସ୍ମାର୍ଟ ଡିଭାଇସର ବହୁଳ ବ୍ୟବହାର ହେଉଥିବାରୁ ସାଇବର ଠକମାନଙ୍କ ପାଇଁ ଏହା ନୂଆ ରୋଜଗାରର ମାଧ୍ୟମ ପାଲଟିଛି। ଏହି ଠକ ମାନଙ୍କଠାରୁ ବର୍ତ୍ତିବା ପାଇଁ ସହଜ ଓ ପ୍ରଭାବ ଉପାୟ ହେଉଛି ସାଇବର ସୁରକ୍ଷା। ଏଥିନେଇ ଶରଣକୁଳ ପୁଲିସ ପକ୍ଷରୁ ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ ରବିବାର ସାଇବର ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା ସଭାରେ ନୟାଗଡ଼ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଡିଏସ୍‌ପି ସୁକାନ୍ତ କୁମାର ପାତ୍ର, ରିଜର୍ଭ ପୁଲିସ ଇନିସ୍ପେକ୍ଟର ବିରଞ୍ଚି ନାରାୟଣ ସାହୁ, ଶରଣକୁଳ ଥାନା ଭାରପ୍ରାପ୍ତ ଅଧିକାରୀ ସୁଜିତ କୁମାର ଦାସ, ଶରଣକୁଳ ଜୋନ ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଯୋଗ ଦେଇ ସଚେତନତା ହିଁ ସାଇବର ଠକେଇରୁ ବର୍ତ୍ତିବା ପାଇଁ ଶକ୍ତି ଶାଳୀ ଅସ୍ତ୍ର। ଅଜଣା ଫୋନ କଲ, ଲିଙ୍କ କିମ୍ବା ମେସେଜରେ କେହି ବିଶ୍ୱାସ ନକରି ଏହାର ସତ୍ୟତା ଜାଣିବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ବ୍ୟାଙ୍କ ତଥ୍ୟ, ଓଟିପି ହଠାତ କାହାରିକୁ ନଦେବାକୁ ପରାମର୍ଶ ଦେଇଥିଲେ। ଅନଲାଇନରେ ଠକେଇ ହେବାମାତ୍ରେ ହେଲ୍ପ ଲାଇନ ନମ୍ବର ୧୯୩୦ରେ କଲକରି ଜଣାଇବାକୁ କୁହା ଯାଇଥିଲା। ଏତଦ ବ୍ୟତୀତ ସୋସିଆଲ ମିଡିଆରେ ନକଲି ସନ୍ଦିଗ୍ଧ ପୋଷ୍ଟ ଦେଖିବା ମାତ୍ରେ ତୁରନ୍ତ ଥାନାକୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ସ୍ୱାସ୍ଥ୍ୟ ସେବା ଶିବିର



**ନୟାଗଡ଼,୨୬।୧୦(ସମିସ):** ବଂଶୀଧର ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ ଫର ପିସ୍ ଆଣ୍ଡ ଡେଭଲପମେଣ୍ଟ ଏବଂ ହେଲଥ ଭିଲେଜ ହସ୍ପିଟାଲ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ସମାଜସେବୀ ମନୋଜ କୁମାର ସାହୁଙ୍କ ପରିଚାଳନାରେ ଆଶୀର୍ବାଦ କଲ୍ୟାଣ ମଣ୍ଡପ ଇଟାମାଟିଠାରେ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ହେଲଥ ଭିଲେଜ ହସ୍ପିଟାଲ ଭୁବନେଶ୍ୱରର ସିନିୟର ପ୍ରଫେସର ଡାକ୍ତର ଶୋଭନ କୁମାର ରଥଙ୍କ ନେତୃତ୍ୱରେ ଅଭିଜ୍ଞ ଡାକ୍ତର ପ୍ରତାପ କୁମାର ସିଂ (ଭେଷଜ ବିଶେଷଜ୍ଞ), ଡାକ୍ତର ରାଘବ ଲୋଚନ (ଯନ୍ତ୍ରଣା ନିବାରଣ ବିଶେଷଜ୍ଞ) ଏବଂ ଡାକ୍ତର ରାମକୃଷ୍ଣ ପାତ୍ର (ଯନ୍ତ୍ରଣା ଓ ଭୌତିକ ନିବାରଣ ବିଶେଷଜ୍ଞ)ଙ୍କ ଦ୍ୱାରା ଇଟାମାଟି ପଞ୍ଚାୟତ ସମେତ ପାଖାପାଖି ସାତ ଗୋଟି ପଞ୍ଚାୟତରୁ ଆଣ୍ଠୁ ଗଣ୍ଠି ଓ ଅଣ୍ଟା ଜନିତ ଯନ୍ତ୍ରଣାର ନିରାକରଣ ପାଇଁ ଦୁଇଶହରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଡାକ୍ତରଙ୍କ ସହ ପରାମର୍ଶ କରି ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ସେବା ଶିବିରକୁ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ରାଜକିଶୋର ବରାଡ଼ ଉଦଘାଟନ କରିଥିଲେ। ଏଥିରେ ଅନୁଷ୍ଠାନର ସମ୍ପାଦକ ଉମେଶ ଚନ୍ଦ୍ର ପଟ୍ଟନାୟକ, କୋଷାଧକ୍ଷ ରବୀନ୍ଦ୍ର ରାଉତ, ବଂଶୀଧର ସ୍ମୃତି କମିଟିର ସଭାପତି ଡ. ରଙ୍ଗନାଥ ବେହେରା, ସମାଜସେବୀ ବସନ୍ତ କୁମାର କର, ସନ୍ତୋଷ କୁମାର ଦାଶ, ନବ କିଶୋର ସାହୁ, ବିଶ୍ୱମୋହନ ମିଶ୍ର, ଦୀପକ କୁମାର ସୁନ୍ଦରକା, ବିନାୟକ ପ୍ରଧାନ, ନାରାୟଣ ସାହୁ,ଅଶୋକ ସାହୁ, ପୁରୁଷୋତ୍ତମ ମହାପାତ୍ର, ସୁରେନ୍ଦ୍ର ସାହୁ, ଅକ୍ଷୟ କୁମାର ମଲ୍ଲ, ଶିବ ରଞ୍ଜନ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ପ୍ରଦ୍ୟୁମ୍ନ କୁମାର ସାହୁ, ଅଜୟ କୁମାର ପ୍ରଧାନ, ବାନାମ୍ବର ଜେନା, ସନ୍ତୋଷ କୁମାର ସ୍ୱାଇଁ, ଦେବରାଜ ସାହୁ ଏବଂ ପ୍ରଶାନ୍ତ କୁମାର ପୃଷ୍ଟି ଉପସ୍ଥିତ ରହି ଚିକିତ୍ସାରେ ସହଯୋଗ କରିଥିଲେ।

### ସୂଚନା ଫଳକ ଭୁଶୁଡ଼ି ନାବାଳକର ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ରାସ୍ତାରେ ଶବ ରଖି ଅବରୋଧ

ଓଡ଼ଗାଁ,୨୬ ।୧୦(ସମିସ)



ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରୋହିବାଙ୍କ ପଞ୍ଚାୟତ ନାଉଖାଲ ନରସିଂହ ପ୍ରସାଦ ଗ୍ରାମରେ ଉନ୍ନୟନ କାର୍ଯ୍ୟର ସୂଚନା ଫଳକ ଭୁଶୁଡିପଡି ଜଣେ ନାବାଳକର ମୃତ୍ୟୁଘଟଣା ସ୍ଥାନୀୟ ଅଳରେ ଶୋକରଛାୟା ଖେଳାଇ ଦେଇଛି। ରବିବାର ସକାଳେ ଶବ ବ୍ୟବଚ୍ଛେଦ ପରେ ପରିବାରର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାର ଲୋକେ ମୃତକ ସହଦେବ ମହାଙ୍କୁଡଙ୍କ ପୁଅ ହିନ ମହାଙ୍କୁଡ(୧୪)ର ସଂସ୍କାର କରିବା ପରିବର୍ତ୍ତେ ନରସିଂହ ପ୍ରସାଦ ଗ୍ରାମବାସୀଙ୍କ ସହଯୋଗରେ ନୟାଗଡ଼-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥ ନାଉଖାଲ ରାସ୍ତା ଉପରେ ରଖି କ୍ଷତିପୂରଣ ଉଦ୍ଦେଶ୍ୟରେ ରାସ୍ତାରୋକ କରିଥିଲେ। ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇ ରାସ୍ତାର ଦୁଇ ପାଶ୍ୱର୍ରେ ବହୁ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହିଥିଲା। ରାସ୍ତାରୋକର ସୂଚନା ପାଇ ଓଡ଼ଗାଁ ପୁଲିସ ଏସ୍‌ଆଇ ଚକ୍ରଧର ସିଂ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିବା ବେଳେ ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ରାସ୍ତା ଅବରୋଧ ନହଟିବାରୁ ଘଟଣା ସ୍ଥଳରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଏବଂ ବିଡିଓ ଜିତେନ୍ଦ୍ର କୁମାର ନାଏକ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହିତ ଘଟଣାର ତଦନ୍ତ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ତତ୍କାଳୀନ ସହାୟତା ଅର୍ଥରାଶି ପ୍ରଦାନ କରିବା ପରେ ଦୀର୍ଘ ୪ ଘଣ୍ଟା ଅନ୍ତରରେ ରାସ୍ତାରୋକ ହଟିଥିଲା। ସୂଚନା ଥାଉକି ଠାକୁରାଣୀ ମନ୍ଦିର ଉନ୍ନତି କରଣ ନିମନ୍ତେ ଅର୍ଥ ଅନୁଦାନର ଏକ ସୂଚନା ଫଳକ ଗ୍ରାମ ଠାକୁରାଣୀ ମନ୍ଦିର ପରିସରରେ ନିର୍ମାଣ କରାଯାଇଥିଲା। କାର୍ତ୍ତିକ ମାସରେ ଗ୍ରାମର ଯୁବକ ମାନେ ମିଶି ପ୍ରତିଦିନ ପରି ଶନିବାର ସନ୍ଧ୍ୟାରେ ମନ୍ଦିର ଚତୁଃପାଶ୍ୱର୍ରେ ବୁଲି ସଙ୍କୀର୍ତ୍ତନ କରୁଥିବା ବେଳେ ମୃତ ନାବାଳକ ହିନ ଠାକୁରଙ୍କ ଫଟୋଚିତ୍ର ଧରି ସଂକୀର୍ତ୍ତନ ଦଳଙ୍କ ସାଙ୍ଗରେ ବୁଲୁଥିଲା। ସେହି ପଥରେ ସୂଚନା ଫଳକ ରହିଥିଲା। ତେବେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୧୪ ବର୍ଷର ହିନ ଠାକୁରଙ୍କ ଫଟୋଚିତ୍ର ଧରି ସୂଚନା ଫଳକକୁ ଅତିକ୍ରମ କରୁଥିବା ସମୟରେ ଫଳକଟି କୌଣସି କାରଣରୁ ଭୁଶୁଡି ପଡି ତା' ଉପରେ ଲଦି ହୋଇ ଯାଇଥିଲା। ଫଳରେ ଫଳକର ଭଙ୍ଗାରୁଜା ଇଟା ପଥର ନାବାଳକର ମୁଣ୍ଡରେ ଗଭୀର ଆଘାତ ସୃଷ୍ଟିକରିବାରୁ ଘଟଣା ସ୍ଥଳରେ ତାର ମୃତ୍ୟୁ ଘଟିଥିଲା। ଯୁବକମାନେ ତୁରନ୍ତ ତାକୁ ୧୦୮ ଆମ୍ବୁଲାନ୍ସ ଯୋଗେ ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାକୁ ଆନୁଷ୍ଠାନିକ ଭାବେ ମୃତ ଘୋଷଣା କରିଥିଲେ।

## ମନ୍ଦିରରୁ ନାଗମୂର୍ତ୍ତି ଓ ଘଣ୍ଟି ଚୋରି; ୨ ଅଟକ

**ଭାପୁର,୨୬।୧୦(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ ବର୍ତ୍ତମାନ ପାଉଡର ଖିଆଙ୍କ ଚୋରି, ରାହାଜାନୀ ବଢ଼ିବାରେ ଲାଗିଛି। ବିଶେଷ କରି ମନ୍ଦିରରୁ ଚୋରି ବଢିବାରେ ଲାଗିଲା। ଚାରିଦିନ ମଧ୍ୟରେ ତିନୋଟି ମନ୍ଦିରରୁ ଚୋରି ହୋଇଥିବା ଜଣାପଡିଛି। ଶନିବାର ରାତିରେ ବିଜିପୁର ପଞ୍ଚାୟତ ମାଳିବେରେଣୀ ଗ୍ରାମର ପ୍ରସିଦ୍ଧ ଆଳେଶ୍ୱର ମହାଦେବଙ୍କ ମନ୍ଦିରରୁ ଦୁଇ ଜଣ ଯୁବକ ଦୁଇଟି ତମ୍ବା ନାଗମୂର୍ତ୍ତି ଓ ଗୋଟିଏ ଘଣ୍ଟି ଚୋରି କରି ନେଇଥିବା ଜଣାପଡିଥିଲା। ରାତିରେ ସନ୍ଦେହ ଜନକ ଅବସ୍ଥାରେ ଦୁବପଲ୍ଲୀ ଗ୍ରାମର ପପୁ ପଣ୍ଡା ଓ ସୁନାଖଳା ଗ୍ରାମର ଲିଟୁ ମଲ୍ଲିକ ସେଠାରେ ବୁଲୁଥିବା ଦୁଇ ଯୁବକଙ୍କୁ ଗ୍ରାମବାସୀ ଆଣି ପଚରାଉଚୁରା ପରେ ସେମାନଙ୍କଠାରୁ ଘଣ୍ଟି ଉଦ୍ଧାର ହୋଇଥିବା ବେଳେ ନାଗମୂର୍ତ୍ତି ଉଦ୍ଧାର ହୋଇନାହିଁ। ସେହିପରି ଭାପୁର ତହସିଲଦାରଙ୍କ କାର୍ଯ୍ୟାଳୟ ନିକଟ ବ୍ରାହ୍ମଣୀ ଦେବୀ ମନ୍ଦିରରୁ ଦୁଇ ତିନୋଟି ଘଣ୍ଟି ଚୋରି ହୋଇଯାଇଛି। ସେହିପରି ବାଉଁଶବାଟୀ ଗ୍ରାମର ହନୁମାନ ମନ୍ଦିରରୁ ଘଣ୍ଟ ଘଣ୍ଟି ଚୋରି ହୋଇଥିବା ଜଣାପଡିଛି। ଏହି ନିଶାଖୋର ଯୁବକଙ୍କୁ ପୁଲିସ ନଜରରେ ରଖିବାକୁ ସାଧାରଣରେ ଦାବି ହେଉଛି।

## ଡରାଇଲାଣି ବାତ୍ୟା; ଆତଙ୍କିତ ଅଞ୍ଚଳବାସୀ



**ଗଣିଆ,୨୬।୧୦(ସମିସ):** ସମ୍ଭାବ୍ୟ ବାତ୍ୟା "ମୋନ୍ଥା'କୁ ନେଇ ସୃଷ୍ଟି ହେଲାଣି ଆତଙ୍କ। ଧାନ ଫସଲରେ କେଣ୍ଡା ଧରି ଆସୁଥିବା ବେଳେ ବାତ୍ୟାକୁ ନେଇ ଚାଷୀକୂଳ ମଧ୍ୟରେ ଚିନ୍ତା ବଢ଼ିଯାଇଛି। ବାତ୍ୟା ସହିତ ୪ ଦିନ ଲଗାଣ ବର୍ଷା ଥିବାରୁ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ବିଶେଷକରି କଚ୍ଚାଘରେ ରହୁଥିବା ଲୋକେ ଆତଙ୍କିତ ହୋଇପଡିଛନ୍ତି। ବଣଜଙ୍ଗଲ ଘେରା ଅଞ୍ଚଳରେ ରହୁଥିବା ଲୋକମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଘରକୁ ବୋହି ନେଉଛନ୍ତି। ଯାହା ଫଳରେ କିଛି ଅସାଧୁ ବ୍ୟବସାୟୀ ପନିପରିବା ଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ବୃଦ୍ଧି କରି ଜନସାଧାରଣଙ୍କୁ ଠକୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ବ୍ୟବସାୟୀ ମାଲେମାଲ ହେଉଛନ୍ତି। ଅପହଞ୍ଚ ଇଲାକାରେ ରହୁଥିବା ଲୋକମାନେ ବାତ୍ୟା ଆଶ୍ରୟସ୍ଥଳୀରେ ରହିବାକୁ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳୀରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ଭିତରେ ଆସନ୍ନ ପ୍ରସବା ମହିଳା ମାନଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାକୁ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଧୁସୂଦନ ଦାସ ପ୍ରକାଶ କରିଛନ୍ତି। ବାତ୍ୟା ହେଲେ ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧର ଆଶଙ୍କା ଥିବାରୁ ଦମକଳ ବାହିନୀ ସଜାଗ ରହିଥିବା ଅଧିକାରୀ ଜଣାଇଛନ୍ତି। ତେବେ ବ୍ଲକ ପ୍ରଶାସନ ତରଫରୁ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପ୍ରଚାର ପ୍ରସାର ଜୋରଦାର କରାଗଲେ ଜନସାଧାରଣଙ୍କୁ ଆଶ୍ୱସ୍ତି ମିଳିପାରିବ ବୋଲି ବୁଦ୍ଧିଜୀବୀମାନେ ମତ ପୋଷଣ କରିଛନ୍ତି।

**କଣ୍ଟିଲୋ :** ବାତ୍ୟା ସୂଚନା ପ୍ରଚାରିତ ହେବା ପରେ ଚାଷୀଙ୍କ ମଧ୍ୟରେ ଛନକା ପଶିଛି। ଅଞ୍ଚଳରେ ମୁଖ୍ୟତଃ ଧାନ ଫସଲ ବହୁଳ ରୂପେ କରାଯାଇଥାଏ। ଏଥିସହ କୋବି, ମକା, ବାଇଗଣ, ମୂଳା, କନ୍ଦମୂଳ ଆଦି ପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। କେତେକ ସ୍ଥାନରେ ଧାନ କେଣ୍ଡାରେ କ୍ଷୀର ଧରୁଥିବା ବେଳେ କେତେ ସ୍ଥାନରେ ଧାନ ଫୁଲ ଧରୁଛି। ବାତ୍ୟା ହେଲେ ନିଶ୍ଚୟ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି।

## କୃଷକ ସଭା ରାଜ୍ୟ ସମ୍ମିଳନୀର ଖୋଲା ଅଧିବେଶନ




**ରଣପୁର,୨୬।୧୦(ସମିସ):** ଓଡ଼ିଶା କୃଷକ ସଭାର ୨୫ତମ ରାଜ୍ୟ ସମ୍ମିଳନୀର ଖୋଲା ଅଧିବେଶ ଜନ୍ମେଶ୍ୱର ସାମନ୍ତରାୟଙ୍କ ସଭାପତିତ୍ୱରେ ରଣପୁର ପଞ୍ଚୁଦୋଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି।

ଏହି ପରିପ୍ରେକ୍ଷୀରେ କୃଷକମାନଙ୍କର ଏକ ଶୋଭାଯାତ୍ରା ରଣପୁର ନୂଆ ବସ୍‌ଷ୍ଟାଣ୍ଡ ଠାରୁ ବାହାରି ବଜାର ପରିକ୍ରମା କରି ପଞ୍ଚୁଦୋଳ ପଡ଼ିଆରେ ଥିବା ସହିଦ୍ ରଘୁ ଦିବାକରଙ୍କ ପ୍ରତିମୂର୍ତ୍ତିରେ କେନ୍ଦ୍ର ଓ ରାଜ୍ୟ ନେତା ପୁଷ୍ପମାଲ୍ୟ ଦେଇଥିଲେ। କିଷାନ ମୋର୍ଚ୍ଚାର ସର୍ବ ଭାରତୀୟ ସଭାପତି ତଥା ପୂର୍ବତନ ସାଂସଦ ହାନାନ୍ ମୋଲ୍ଲା ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଜିଲ୍ଲାରେ ଚିନିକଳ ତୁରନ୍ତ ଖୋଲିବା, ବୃତ୍ତଙ୍ଗ ଯୋଜନା କାର୍ଯ୍ୟକାରୀ କରିବା ଓ ଚାଷ ଜମିକୁ ଜଳସେଚନର ଜରୁରୀ ବ୍ୟବସ୍ଥା ଦାବି କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ହରିଶ୍ଚନ୍ଦ୍ର ମିଶ୍ର, ବିଶ୍ୱନାଥ ମହାପାତ୍ର, ଜିଲ୍ଲା ସଂପାଦକ ପବିତ୍ର ଇନ୍ଦ୍ରଜିତ, ନିତ୍ୟାନନ୍ଦ ପରିଡ଼ା, ସୁରେଶ ସ୍ୱାଇଁ, ସୁଶାସନ ଜେନା, ଗୟାଧର ଧଳ, ଅଭିରାମ ବେହେରା, ହରେକୃଷ୍ଣ ରେଡ୍ଡୀ, ବିକାଶ ନାଥ, ଭୀମସେନ ସ୍ୱାଇଁ, ମିନାରାଣୀ ପ୍ରଧାନ, ବିକାଶ ନାଥ ଓ ଗଦାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ।

## ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

**ନୟାଗଡ଼,୨୬।୧୦(ସମିସ):** ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମାଆ ମାନଙ୍କର ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଗାୟତ୍ରୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରଭାସିନୀ ବରାଡ଼, ନମିତା କୁମାରୀ ନାୟକ ଓ ସସ୍ମିତା ନାୟକ ସମ୍ମାନିତା ଅତିଥି ଭାବେ ଯୋଗ ଦେଇଥିଲେ। ପର୍ଯ୍ୟାବରଣ ସୁରକ୍ଷାରେ ପଞ୍ଚ 'ଜ' ଯେପରିକି ଜନ, ଜଳ, ଜମି, ଜୀବ, ଜଙ୍ଗଲ ଆଦି ବିଷୟରେ ନିଜର ମତ ଉପସ୍ଥାପନା କରିଥିଲେ। ସ୍ମିତା ନାୟକ ପ୍ରେରଣାଦାୟୀ ମହିଳାଙ୍କ ସମ୍ବନ୍ଧରେ ତଥ୍ୟ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ନମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ପରମ୍ପରା'ର ସ୍ୱନକ୍ଷତ୍ର ଉତ୍ସବ



**ନୟାଗଡ଼,୨୬।୧୦(ସମିସ):** ନୟାଗଡ଼ ସାହିତ୍ୟ ଓ ସଂସ୍କୃତି ପରିଷଦ ପରମ୍ପରା ୩୦ତମ ସ୍ୱନକ୍ଷତ୍ର ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ପର୍ବ ସ୍ଥାନୀୟ ନୀଳମାଧବ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହାର ପ୍ରଥମ ଅଧିବେଶନରେ ବରିଷ୍ଠ ଶିଶୁ ସାହିତ୍ୟିକା ବସିରନ୍ ବିବି, ଡ. ଗୀତାଞ୍ଜଳି ମହାପାତ୍ର, ଗୀତିକାର ଗୋଦାବରୀଶ ମିଶ୍ର ଯୋଗଦେଇଥିଲେ। କବିତା ଗୁଡ଼ିକୁ ସଂଯୋଜନା କରିଥିଲେ ହରପ୍ରିୟା ଦ୍ୱିବେଦୀ ଓ ନୀଳମାଧବ ମିଶ୍ର। ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ଉତ୍ତରାଞ୍ଚଳ ପୂର୍ବତନ ରାଜସ୍ୱ କମିଶନର ନିରଞ୍ଜନ ସାହୁ ଓ ବରିଷ୍ଠ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଯୋଗଦେଇଥିଲେ। କୈଳାସ ଚନ୍ଦ୍ର ତ୍ରିପାଠୀ କବିତା ଗୁଡ଼ିକୁ ସଂଯୋଜନା କରିଥିଲେ। ତୃତୀୟ ଅଧିବେଶନରେ ସୌଦାମିନୀ ସ୍ୱାଇଁ, ବିମ୍ବାଧର ସଥୁଆ ଓ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇଥିବା ବେଳେ କବିତା ଗୁଡ଼ିକୁ ସ୍ନିଗ୍ଧାରାଣୀ ପଟ୍ଟନାୟକ ଓ ସମ୍ପଦ କୁମାର ଦାଶ ସଂଯୋଜନା କରିଥିଲେ। ଏହି ଅବସରରେ ପରିଷଦ ମୁଖପତ୍ର 'ପ୍ରାଚ୍ୟ ପରମ୍ପରା' ଏବଂ ସୁକାନ୍ତି ମହାନ୍ତିଙ୍କ କବିତା ପୁସ୍ତକ 'ଛୋଟ ମୋର ଗାଁଟିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହା ସହିତ ୨୫୦ ଓଡ଼ିଶୀ ଗୀତ ରଚନା କରିଥିବା ରାଧାମୋହନ ସାହୁଙ୍କୁ ଓ ଓଡ଼ିଶୀ ସଙ୍ଗୀତ ଗାନ କରୁଥିବା ଡ. ଅନୁସୂୟା ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁକାନ୍ତି ମହାନ୍ତି ଏଥିରେ ସଭାପତିତ୍ୱ କରିଥିବା ବେଳେ ନିର୍ମଳ ଚନ୍ଦ୍ର ଶୂରଦେଓ ଏହାକୁ ପରିଚାଳନା କରିଥିଲେ।

### ବିଜେପି କର୍ମୀଙ୍କ ଆତଙ୍କରାଜ

## କେନ୍ଦୁଡିପି ସମିତିସଭ୍ୟାଙ୍କ ସ୍ୱାମୀଙ୍କୁ ଆକ୍ରମଣ

ନୟାଗଡ଼,୨୬।୧୦(ସମିସ)

- ଆକ୍ରମଣ ପଛରେ ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ
- ଥାନାରେ ଅଭିଯୋଗ ପରେ ପୁଲିସର ଛାନଭିନ୍



ନୟାଗଡ଼ ଜିଲ୍ଲା ସଦରବ୍ଲକ କେନ୍ଦୁଡିପି ସମିତିସଭ୍ୟା ତିଳୋତ୍ତମା ଗୁରୁଙ୍କ ସ୍ୱାମୀ ପ୍ରମୋଦ କୁମାର ଗୁରୁଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। କେନ୍ଦୁଡିପି ଗ୍ରାମର କିଛି ବିଜେପି କର୍ମୀ ପୂର୍ବତନ ସରପଞ୍ଚ ଆରତ ବେହେରାଙ୍କ ପ୍ରରୋଚନାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୋଟିଏ ଡ୍ରେନ୍ ନିର୍ମାଣକୁ ଆରତ ବିରୋଧ କରି ଆସୁଥିଲେ। ଯାହାକୁ ନେଇ ଦୁଇ ଦିନ ତଳେ ବଚସା ହୋଇଥିଲା। ଆଜି ପ୍ରମୋଦଙ୍କ ସହ ଉକ୍ତ ଗ୍ରାମର ଗୁରୁ ଓମପ୍ରସାଦ ନାମକ ଜଣେ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଛି। ପ୍ରମୋଦଙ୍କ କାନ୍ଧକୁ ହାଣି ଦିଆଯାଇଛି। ତା' ସହିତ ଗୁରୁ ଓମପ୍ରସାଦଙ୍କ ମୁଣ୍ଡ ଫାଟିଛି। ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରମୋଦଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଛି। ପ୍ରମୋଦଙ୍କ ଭାଇ ପ୍ରଦୀପଙ୍କ ଅଭିଯୋଗ ଅନୁସାରେ, ଆଜି କେନ୍ଦୁଡିପି ନାୟକସାହି ମୁଣ୍ଡରେ ଜଣେ ବ୍ୟକ୍ତିଙ୍କ ସହ ଠିଆ ହୋଇ କଥା ହେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ଉକ୍ତ ଗ୍ରାମର ଜିତୁ ପ୍ରଧାନ, ବ୍ରଜ ପ୍ରଧାନ, ଦିପକ ଦଳବେହେରା, ଉପେନ୍ଦ୍ର ଦଳବେହେରା, ରାମ ଦଳବେହେରା, ପ୍ରେମାନନ୍ଦ ଦଳବେହେରା, ହାତରେ କଟୁରି, ଟାଙ୍ଗିଆ ଓ ଦେଶୀ ବନ୍ଧୁକ ଧରି ଆକ୍ରମଣ କରିଥିଲେ। ଏହି ସମୟରେ ତାଙ୍କର ପୁତୁରା ଓମପ୍ରସାଦ ଆସି ଛଡ଼ାଇବାକୁ ଉଦ୍ୟମ କରିବା ବେଳକୁ ଜିତୁ ପ୍ରଧାନ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲା। ଫଳରେ ଓମପ୍ରସାଦଙ୍କ ମୁଣ୍ଡ ଫାଟି ଯାଇଥିଲା। ତାଙ୍କୁ ରକ୍ଷା କରିବାକୁ ଉଦ୍ୟମ ବେଳେ ପ୍ରମୋଦଙ୍କ କାନ୍ଧରେ କଟୁରି ଚୋଟ ବସିଥିବା ଦେଖାଯାଇଛି। ଏହି ଆକ୍ରମଣର ମୁଖ୍ୟ ସୂତ୍ରଧର ଆରତ ବେହେରା ବୋଲି ଅଭିଯୋଗ ହୋଇଛି। ଗତ କିଛି ମାସ ହେଲା ଆରତ ଉନ୍ନୟନ କାମକୁ ବିରୋଧ କରି ଆସୁଥିଲେ। କିଛିଦିନ ତଳେ ଜୈନିକ ବିଜେପି ନେତ୍ରୀଙ୍କୁ ନେଇ ସେ ମିଶ୍ରଣ ପର୍ବ ଆୟୋଜନ କରାଇଥିଲେ।। ଏହି ମିଶ୍ରଣ ପର୍ବରେ ବିଜେପିରେ ସାମିଲ ହୋଇଥିବା ବ୍ୟକ୍ତିମାନେ ଆଜି ଆକ୍ରମଣରେ ସାମିଲ ଥିବା ଅଭିଯୋଗ ହେଉଛି। ଆରତ ଏବେ କେନ୍ଦୁଡିପି ପଞ୍ଚାୟତରେ ବିଜେପିର ନେତୃତ୍ୱ ନେଉଥିବା ଏବଂ ଏହି କାରଣକୁ ନେଇ ରାଜନୈତିକ ଉଦ୍ଦେଶ୍ୟ ରଖି ଗଣ୍ଡଗୋଳ ସୃଷ୍ଟି କରାଉଥିବା ଓମପ୍ରସାଦ ଗଣମାଧ୍ୟମକୁ କହିଛନ୍ତି। ଏହି ଘଟଣାରେ ଉଭୟ ପକ୍ଷ ଅଭିଯୋଗକୁ ଆଧାର କରି ମାମଲା ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ଜିଲ୍ଲାରେ ୭୮ ହଜାରରୁ ଉର୍ଦ୍ଧ୍ୱ ଲକ୍ଷପତି ଦିଦି

## ସଂଖ୍ୟାଠାରୁ ବାସ୍ତବତା ବହୁତ ଦୂର

**ନୟାଗଡ଼,୨୬।୧୦(ସମିସ):** ନୟାଗଡ଼ ଜିଲ୍ଲା ଲକ୍ଷପତି ଦିଦି ସଂଖ୍ୟାକୁ ନେଇ ସାରା ରାଜ୍ୟରେ ଏକ ନମ୍ବର ହୋଇଛି। ୨୦୨୪-୨୫ ମସିହାରେ ଜିଲ୍ଲାରେ ୫୯ ହଜାର ୯୫୪ ଲକ୍ଷପତି ଦିଦି ସୃଷ୍ଟି ହୋଇଥିବା ବେଳେ ୨୦୨୫-୨୬ ମସିହାରେ ୧୮ ହଜାର ୫୯୦ ଲକ୍ଷପତି ଦିଦି ସୃଷ୍ଟି ହୋଇଥିବା ମିଶନ ଶକ୍ତି ବିଭାଗ ପକ୍ଷରୁ ସୂଚନା ମିଳିଛି। କେଉଁ ଆଧାରରେ ଏହି ତାଲିକା ପ୍ରସ୍ତୁତ ହୋଇଛି ଏବଂ ଜିଲ୍ଲାରେ ଏତେ ସଂଖ୍ୟକ ମହିଳା ବାସ୍ତବରେ ଲକ୍ଷପତି କି ନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ମିଶନ ଶକ୍ତି ବିଭାଗ ବାସ୍ତବତାକୁ ପରଖିବା ବଦଳରେ କାଗଜ ଚାଷ କରୁଥିବା ଅଭିଯୋଗ ହୋଇଛି। ଶିଳ୍ପ ବିହୀନ ନୟାଗଡ଼ ଜିଲ୍ଲାରେ ଲୋକେ ଖାଇବାକୁ ଗଣ୍ଡେ ପାଇବାକୁ ସଂଘର୍ଷ କରୁଥିବା ବେଳେ ମିଶନ ଶକ୍ତି ପକ୍ଷରୁ ପ୍ରସ୍ତୁତ ତାଲିକାକୁ ନେଇ ସନ୍ଦେହ ଦୃଢ଼ିଭୂତ ହେଉଛି। ନୟାଗଡ଼ ଜିଲ୍ଲାରେ ୨୦୨୪-୨୫ ମସିହା ପାଇଁ ୬୧ ହଜାର ୪ ଜଣ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଟାର୍ଗେଟ ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ଜିଲ୍ଲାରେ ୫୯ ହଜାର ୯୫୪ ଲକ୍ଷପତି ଦିଦିଙ୍କ ତାଲିକା ପ୍ରସ୍ତୁତ କରିଥିଲା। ଏହା ମଧ୍ୟରେ ଭାପୁର ବ୍ଲକରେ ୩୬୮୨, ଦଶପଲ୍ଲାରେ ୧୨୬୫୩, ଗଣିଆରେ ୧୩୩୫, ଖଣ୍ଡପଡ଼ାରେ ୫୪୪୬, ନୟାଗଡ଼ରେ ୧୧୫୮, ନୂଆଗାଁରେ ୭୧୭୭, ଓଡ଼ଗାଁରେ ୧୫ ହଜାର ୬୪୪, ରଣପୁର ୧୨ ହଜାର ୮୩୯ ଜଣ ଲକ୍ଷପତି ଦିଦି ରହିଥିବା ସୂଚନା ମିଳିଛି। ୨୦୨୫-୨୬ ମସିହାରେ ରାଜ୍ୟ ସରକାର ୩୦ ହଜାର ଲକ୍ଷପତି ଦିଦି ଟାର୍ଗେଟ ଦେଇଥିବା ବେଳେ ଜିଲ୍ଲାରେ ୧୮ ହଜାର ୫୯୦ ଲକ୍ଷପତି ଦିଦି ଚିହ୍ନଟ ହୋଇଥିବା ସୂଚନା ମିଳିଛି।

ଏହା ମଧ୍ୟରେ ଭାପୁର ବ୍ଲକରୁ ୬ ହଜାର ୩୩୪, ଦଶପଲ୍ଲା ୩୩୮୦, ଗଣିଆ ୧୯୬୭, ଖଣ୍ଡପଡ଼ା ୧୯୦୪, ନୟାଗ? ୮୫୦, ନୂଆଗାଁ ୧୩୪୯, ରଣପୁରରୁ ୧୬୮୩ ଜଣ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏହି ତଥ୍ୟରୁ ଲକ୍ଷପତି ଦିଦି ଚିହ୍ନଟରେ ମଧ୍ୟ ରାଜନୈତିକ ଗନ୍ଧ ବାରି ହେଉଛି। ବାସ୍ତବରେ ଜିଲ୍ଲାରେ ୭୮ ହଜାର ଲକ୍ଷପତି ଦିଦି ଅଛନ୍ତି ନାଁ କାଗଜପତ୍ରରେ ଲକ୍ଷପତି କରାଯାଇଛି, ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। କେବଳ ବାହାବା ପାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ମିଶନ ଶକ୍ତି ବିଭାଗ ଏଭଳି ତାଲିକା ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ଭୂଆଁ ବୁଲାଉଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲ୍ଲାରେ ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ବେଳେ କିଛି ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ସଫଳତା ପାଇଛନ୍ତି। ମାତ୍ର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ତାଲିକା ଏକ ଭେଳିକି ବୋଲି ଅନେକ ଏସ୍‌ଏଚ୍‌ଜି ମହିଳା ଅଭିଯୋଗ କରିଛନ୍ତି।

### ଚରମସୀମାରେ ପାନୀୟଜଳ ସମସ୍ୟା

# ରାତି ଅଧରୁ ନଳକୂଅ ନିକଟରେ ଲମ୍ବା ଧାଡ଼ି

ଆଳି,୨୬।୧୦(ସମିସ)





ଉପାନ୍ତରୁ ଉପକୂଳବର୍ତ୍ତୀ ସବୁଠି ଜଳକଷ୍ଟ। ପାଇପ୍ ଯୋଗେ ଘରକୁ ବିଶୁଦ୍ଧ ପିଇବା ପାଣି ଯୋଗାଣପ୍ରଚାରରେସୀମିତରହିଥିବାବେଳେ ଫେଲ୍ ମାରିଛି ନଳକୂପ। ଲୋକଙ୍କ ପାଖରେ ପହଞ୍ଚିପାରୁନି ହର ଘର ଜଳ ଯୋଜନା। ରାତି ପାହିଲେ ଲୋକଙ୍କୁ ଘାରିଛି ପିଇବା ପାଣି ଚିନ୍ତା। ରାତି ଅଧରୁ ନଳକୂପ ନିକଟରେ ଲାଗୁଛି ଲମ୍ବା ଧାଡ଼ି। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ମାଣିକପାଟଣା ପଞ୍ଚାୟତରେ ଏହା ଦେଖିବାକୁ ମିଳିଛି।

ଉକ୍ତ ପଞ୍ଚାୟତରେ ପାନୀୟଜଳ ପ୍ରକଳ୍ପ କାମ ସରି ନ ଥିବାବେଳେ ଯେଉଁ ନଳକୂପ ରହିଛି, ସେଥିରୁ କିଛି ଅଚଳ ହୋଇପଡ଼ିଛି। ଅନ୍ୟ କେତେକ ନଳକୂପରୁ ଲୁଣିଆ, ପଙ୍କୁଆ ଓ ଗୋଳିଆ ପାଣି ବାହାରୁଛି। ଯେଉଁଥିପାଇଁ ଲୋକେ ପୋଖରୀ ଓ ଲୁଣା ନଳକୂଅ ଜଳ ବ୍ୟବହାର କରି ଝାଡ଼ାବାନ୍ତି, ଚର୍ମ ରୋଗ, ଥଣ୍ଡା, କାଶ ଜ୍ୱରରେ ପୀଡିତ ହେଉଥିବା ଦେଖିବାକୁ ମିଳୁଛି। ଅଧାପନ୍ତରିଆ ଭାବେ ପଡିଛି କୋଟି କୋଟି ଟଙ୍କାର ହର ଘର ଜଳ ଯୋଜନ ପ୍ରକଳ୍ପ। ଅବଧି ସରିଛି, କିନ୍ତୁ ପ୍ରକଳ୍ପ କାମ ସରୁନି। ଘର ଆଗରେ ପାଇପ ବିଛାଯାଇଛି, ପାଣି ଆସୁନି। ତେଣୁ ପୋଖରୀର ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି ଗୋପାଳଜୀଉପାଟଣା ୬ ୱାର୍ଡର ପାଖାପାଖି ୬ ଶହରୁ ଅଧିକା ଲୋକ। ଉକ୍ତ ୱାର୍ଡରେ ଥିବା ତିନୋଟି ନଳକୂଅରୁ ତିନିଟି ଯାକ ଅଚଳ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଦୁଇଟିରୁ ଅବ୍ୟବହୃତ ଜଳ ବାହାରୁଥିବାବେଳେ ଅନ୍ୟଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଗଲାଣି। ଫଳରେ ୬ନଂ ୱାର୍ଡର ମହିଳା ଗାଁ ମୁଣ୍ଡକୁ ପାନୀୟଜଳ ପାଇଁ ଯାଉଛନ୍ତି। ସେଠାରେ ଏକମାତ୍ର ନଳକୂଅ ଉପରେ୧୧ଶହରୁଅଧିକଲୋକନିର୍ଭରଶୀଳ। ସେଥିରେ ପୁଣି ରାତି ପ୍ରାୟ ତିନିଟାରୁ ଉଠି ଲାଇନ ଦେବାକୁ ପଡୁଛି। ଯାହାକୁ କୋହଭରା କଣ୍ଠରେ ଗ୍ରାମର ମହିଳା ରଜନୀ ବେହେରା, ଟଭାରାଣୀ ବେହେରା, ପାର ବେହେରା, ବିଳାସୀ ବେହେରା, ମଞ୍ଜୁଲତା ବେହେରା, ହେମଲତା ବେହେରା, ଜେମାରାଣୀ ବେହେରା, ବିଦ୍ୟୁଲତା ବେହେରା, ଝିଟିକା ତରାଇ, ଅଞ୍ଜନା ବେହେରା, କୁମୁଦିନୀ ବେହେରା, ବିଦ୍ଧୁଲତା ବେହେରା, ଆରତୀ ବେହେରା, ଶାନ୍ତିଲତା ମାଝୀ, କୋଇଲି ତରାଇ, ରେବତୀ ତରାଇ ଓ ସ୍ୱର୍ଣ୍ଣଲତା ତରାଇ ପ୍ରମୁଖ ପ୍ରଶାସନ ଓ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ଏ ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ ତାଙ୍କ କହିଛନ୍ତି, ଏ ସମସ୍ୟା ନେଇ ସେ ଜଳ ପରିମଳ ଓ ଯୋଗାଣ ବିଭାଗ ଯନ୍ତ୍ରୀ ଅଶୋକ ସାହୁଙ୍କ ସହ ଆଲୋଚନା କରିଛି। ଖୁବଶୀଘ୍ର ଏହାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସହ ସମସ୍ୟା ଦୂର କରାଯିବ।

## ବଳରାମପୁର ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ



**ରାଜନଗର, ୨୬ ।୧୦(ସମିସ):** ରାଜନଗର ବ୍ଲକ୍ କୁରୁଣ୍ଟି ପଞ୍ଚାୟତର ବଳରାମପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅଷ୍ଟଶମ୍ଭୁ ନୋଡାଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କଳ୍ପତରୁ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା, ମୁଖ୍ୟବକ୍ତା ଭାବେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପିକା ତନୁଶ୍ରୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସିଆରସିସି ସମରେନ୍ଦ୍ର ସାହୁ, ପ୍ରଧାନ ପଣ୍ଡିତ ରତ୍ନାକର ଦାସ, ଅନ୍ତର୍ଯ୍ୟାମୀ ପଢିହାରୀ, ଶ୍ୟାମସୁନ୍ଦର ନାଥ, ଗୀତାଞ୍ଜଳି ଜେନା ଯୋଗଦେଇଥିଲେ। ଏହି କ୍ଲଷ୍ଟରର ୧୪ଟି ବିଦ୍ୟାଳୟ ଓ ଗୋଟିଏ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିଆରସିସି ବୈଲୋଚନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସସ୍ମିତା ମହାନ୍ତି, ଶିକ୍ଷକ ଦିଲ୍ଲୀପ ସ୍ୱାଇଁ ଗୋବିନ୍ଦ ଦଣ୍ଡପାଟ, ଅଶୋକ ହାତୀ, ଗୋପାଳ ସିଂ, ଦିଲ୍ଲୀପ ରାଉତ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସ୍ମୃତିରେଖା ଲେଙ୍କା, ଅନସୂୟା ସାମଲ, ସୁଚିସ୍ମିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ସମାଜସେବୀଙ୍କ ପରଲୋକରେ ଶୋକ





**ରାଜନଗର,୨୬।୧୦(ସମିସ):** ରାଜନଗର ଗ୍ରାମର ସମାଜସେବୀ ଭୀମସିଂହ ମହାପାତ୍ରଙ୍କ ଆଜି ଭୋର ୫ଟା ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା। ସ୍ୱର୍ଗତ ମହାପାତ୍ର ଜଣେ ସମାଜସେବୀ, ଧର୍ମପ୍ରାଣ, ମିଷ୍ଟଭାଷୀ, ସଫଳ କୃଷକ, ନିର୍ମଳ ହୃଦୟର ବ୍ୟକ୍ତି ଭାବେ ସମଗ୍ର ବ୍ଲକ୍‌ରେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ରାଜନଗର ବ୍ଲକ୍ ବିଜେଡି ସଭାପତି ନିରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପୂର୍ବତନ ବିଧାୟକ ଅଲେଖ ଜେନା, ଯୁବନେତା ସାରଦା ରାଉତ, ସରପଞ୍ଚ ଅଶୋକ ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା, ବୀଣାପାଣି ପ୍ରଧାନ, ସମୀର ସେଠୀ, ଶୈଳେନ୍ଦ୍ର ମିଶ୍ର, ରାଣୀମଞ୍ଜରୀ ସେଠୀ, ଇତିଶ୍ରୀ ମହାପାତ୍ର, ପୁଷ୍ପଲତା ପାତ୍ର, ସସ୍ମିତା ମହାନ୍ତି, ସମିତିସଭ୍ୟା ସୁମିତ୍ରା ସେଠୀ, ରବିନ ମଲ୍ଲିକ, ବଣିକ ସଙ୍ଘ ସଭାପତି ବାଇଧର ସେଠୀ, ଯୁବନେତା ବିଜୟ ନାୟକ, ଚିତ୍ତରଞ୍ଜନ ଦାସ, ପ୍ରଭାତ ଚନ୍ଦ୍ର ମିଶ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ବଡ଼ପୁଅ ହୃଷିକେଶ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସାନପୁଅ ରମଣୀ ରଂଜନ, ଝିଅଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଗାଁ ମଶାଣୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ସାମ୍ବାଦିକ ଭାସ୍କର ରାଉତରାୟ, ବସନ୍ତ ହାତୀ, ସୂର୍ଯ୍ୟ ଲେଙ୍କା, ବିଜୟ ଗୁପ୍ତା ଶୋକ ପ୍ରକାଶ କରିଛନ୍ତି।

## ଚୋରି ଘଟଣାରେ ଜଣେ ଗିରଫ

**ପାରାଦୀପ, ୨୬।୧୦(ସମିସ):** ନୂଆଗଡ଼ ଗ୍ରାମର ଏକ ଦୋକାନରୁ ୧୪ ହଜାର ଟଙ୍କା ସହ ଦୋକାନ ସାମଗ୍ରୀ ଚୋରି ହେବା ନେଇ ଲକ୍ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ପୁଲିସ ଘଟଣାର ତଦନ୍ତ କରି ଜଣକୁ ଗିରଫ କରିଥିବାବେଳେ ଅନ୍ୟମାନେ ଫେରାର ଅଛନ୍ତି। ଏହି ଚୋରି ଗ୍ୟାଙ୍ଗ୍‌ରେ ୫ ଜଣରହିଥିବାଅଭିଯୁକ୍ତଜଣକ ପୁଲିସ ଆଗରେ ସ୍ୱୀକାର କରିଥିବାବେଳେ ଦୋକାନ ସାମଗ୍ରୀକୁ ପୁଲିସ ଉଦ୍ଧାର କରିଛି। ମାତ୍ର ୧୪ ହଜାର ଟଙ୍କା ଅନ୍ୟ ଚୋରଙ୍କ ପାଖରେ ରହିଥିବା ଜଣାପଡିଛି। ତେବେ ପ୍ରଥମେ ଏହି ୫ ଜଣିଆ ଗ୍ୟାଙ୍ଗ ନୂଆଗଡ ଗ୍ରାମରେ ଲୁଟ କରିବାରେ ସଫଳ ନ ହେବାରୁ ଗାଁ ମଧ୍ୟରେ ରହିଥିବା ଏହି ଦୋକାନ ତାଡି ଚୋରି କରିଥିଲେ।

# ୬ ଟ୍ରାକ୍ଟର ଜବତ, ୫ ଚାଳକ ଗିରଫ





**ତିର୍ତ୍ତୋଲ,୨୬।୧୦(ସମିସ):** ତିର୍ତ୍ତୋଲ ପୁଲିସ ଗତକାଲି ବିଳମ୍ବିତ ରାତିରେ ସାମନ୍ତରାପୁର ପଞ୍ଚାୟତର ଉକୁସାହିଠାରେ ବଡ଼ଧରଣର ଚଢ଼ଉ କରି ପାଇକା ନଦୀରୁ ଚୋରା ବାଲି ଚାଲାଣ କରିଆଣୁଥିବା ୬ ଟ୍ରାକ୍ଟରକୁ ଜବତ କରିଥିଲା। ଏହି ଟ୍ରାକ୍ଟରର ୫ ଜଣ ଚାଳକଙ୍କୁ ମଧ୍ୟ ପୁଲିସ ଘଟଣାସ୍ଥଳରୁ ଗିରଫ କରିଥିଲା। ଜଣେ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲା। ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଚଢ଼ଉରେ ଏସଆଇ ଜୟଦୀପ ମହାନ୍ତି, ବିଭୂତି ବିଶ୍ୱାଳ, କୀର୍ତ୍ତିକ ମହାପାତ୍ର, ଅଭିମନ୍ୟୁ ପୃଷ୍ଟି, ସୁଶାନ୍ତ ଦାସ, ଚୈତନ୍ୟ ଝଡିୟା, ମୁକୁନ୍ଦ ସୀସା ପ୍ରମୁଖ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ। ଗିରଫ ହୋଇଥିବା ଚାଳକ ହେଲେ କୋଲର୍ ଗ୍ରାମର ଦିଲ୍ଲୀପ ମଲ୍ଲିକ, ଅନୁପଲା ଗ୍ରାମର ମନୋରଞ୍ଜନ ଗୋଚ୍ଛାୟତ, ଦଶମାଣକୂଳ ଗ୍ରାମର ରବୀନ୍ଦ୍ର ଦାସ, ଧନୁଆ ଗ୍ରାମର ବାଦଲ ଦାସ, କିନିଲୋ ଗ୍ରାମର ସୌରଭ ରାଉତ। ଏହି ଘଟଣାରେ ଏକ ମାମଲା ରୁଜୁ କରି ୫ ଜଣ ଚାଳକଙ୍କୁ ଆଜି ଅଦାଲତ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ ସୂଚନା ଦେଇଛନ୍ତି।

## ଶିଶୁ ସୁରକ୍ଷା ସମ୍ପର୍କିତ ଦିନିକିଆ କର୍ମଶାଳା

**ଜଗତସିଂହପୁର,୨୬।୧୦(ସମିସ):** ଜଗତସିଂହପୁର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮ ଓ ଉପଖଣ୍ଡସ୍ତରୀୟ ଶିଶୁ ସହାୟତା ଗୋଷ୍ଠୀଙ୍କ ନିମନ୍ତେ ଦିନିକିଆ କର୍ମଶାଳା ଦୁର୍ଗାବଜାରସ୍ଥ ରାଧାକୃଷ୍ଣ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁର ଜିଲ୍ଲାର ୮ ବ୍ଲକ୍ ଓ ୨ ପୌରାଞ୍ଚଳରୁ ୧୦ ଜଣ ସ୍ୱେଚ୍ଛାସେବୀ, ୧୦ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସଂପର୍କରେ ସୂଚନା ଦେବା ସହିତ ଚାଇଲ୍ଡ ହେଲ୍ପଲାଇନ ନମ୍ବରର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ରାଧାକୃଷ୍ଣ କ୍ଲବ୍ ସଂପାଦକ ପୂର୍ଣ୍ଣଚନ୍ଦ୍ର ମଲ୍ଲ, ଶିଶୁ ଆଶ୍ରମର ଅଧୀକ୍ଷକ ଆଞ୍ଜେନେୟ ଆଚାର୍ଯ୍ୟ, ଚାଇଲ୍ଡଲାଇନ ପକ୍ଷରୁ ନରେଶ ଗୋଚ୍ଛାୟତ, ଅନନ୍ୟା ସାହୁ ଓ କିରଣ କରିସ୍ମା ପାତ୍ର ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଚାଇଲ୍ଡଲାଇନର କାର୍ଯ୍ୟକାରିତା, ପୋଷ୍ୟ ସନ୍ତାନ ଗ୍ରହଣ, ବାଲ୍ୟ ବିବାହ ଆଇନ ଓ ପକ୍‌ସୋ ଅଧିନିୟମ ସମ୍ପର୍କରେ ଉପସ୍ଥିତ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଯାଇଥିଲା। ବିପଦରେ ଥିବା ଶିଶୁଙ୍କୁ ସହାୟତା ଓ ସୁରକ୍ଷା ଦେବା ଦିଗରେ କିପରି ସେମାନେ ଚାଇଲ୍ଡଲାଇନ୍‌କୁ ସହାୟତା କରିବେ, ସେ ସଂପର୍କରେ ସମସ୍ତ ସୂଚନା ପ୍ରଦାନ କରାଯାଇଥିଲା। କାଉନସେଲର ସୁଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## କବିସୂର୍ଯ୍ୟ ବ୍ରହ୍ମାଙ୍କ ମଠରେ ଅନ୍ନକୂଟ ଉତ୍ସବ

**ଡେରାବିଶ, ୨୬।୧୦(ସମିସ):** ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଡାବଳ ଗ୍ରାମସ୍ଥ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ମଠର ଶ୍ରୀରାସେଶ୍ୱରୀ ରସିକରା ମନ୍ଦିରରେ ଗିରିଗୋବର୍ଦ୍ଧନ ପୂଜା ଓ ଅନ୍ନକୂଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ମଠର ବାର୍ଷିକ ଅଧିବେଶନ ମହେଶ୍ୱର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ମଠର ଆୟବ୍ୟୟ ହିସାବ ଓ ପରବର୍ତ୍ତୀ ସମୟରେ ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ଗତ ଦୁଇବର୍ଷ ଧରି ଏଣ୍ଡାମେଣ୍ଟ ଟ୍ରଷ୍ଟର ଚିଠି ଅନୁଯାୟୀ ପରିଚାଳନା କମିଟିକୁ ଅନୁମୋଦନ କରାଯାଇଥିଲେ ମଧ୍ୟ ମ୍ୟାନେଜିଂ ଟ୍ରଷ୍ଟି ଭାବେ ପରିଚାଳନା କମିଟି କାହାକୁ ମନୋନୀତ କରି ନ ଥିଲେ। ଏହି ବୈଠକରେ ଉପସ୍ଥିତ ସମସ୍ତ ମଠ ପରିଚାଳନାର ସଦସ୍ୟ, ନିତ୍ୟସେବା ସମିତି ସଭ୍ୟ ଜାନକୀବଲ୍ଲଭ ଦାସ, ରଘୁନାଥ ଦାସ, ଅନାମ ଦାସ, ଗଣେଶ୍ୱର ସାହୁ, ପୂଜକ ହେମନ୍ତ କର, ବାବାଜୀ ମଲିକ, କାମଦେବ ନାୟକ, ରମେଶ ମଲିକ, ପ୍ରଦୀପ ଦାସ, ଅଯୋଧ୍ୟା ନାଥ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ପରିଚାଳନା କମିଟିର ଅନ୍ୟତମ ସଦସ୍ୟ ବିଜୟ ନାୟକଙ୍କୁ ସର୍ବସମ୍ମତି କ୍ରମେ ମ୍ୟାନେଜିଂ ଟ୍ରଷ୍ଟି ଭାବେ ଚୟନ କରାଯାଇଥିଲା।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ

**ପଟ୍ଟାମୁଣ୍ଡାଇ,୨୬।୧୦(ସମିସ):** ଯୁବକ ହେଉଛନ୍ତି ରାଷ୍ଟ୍ରର ପ୍ରକୃତ ଶକ୍ତି। ଯୁବକ ମାନଙ୍କ ମଧ୍ୟରେ ରାଷ୍ଟ୍ରପ୍ରୀତି ଜାଗ୍ରତ ହେଲେ ରାଷ୍ଟ୍ରକୁ ଉନ୍ନତିର ସର୍ବୋଚ୍ଚ ସୋପାନରେ ପହଞ୍ଚାଇବାକୁ କୌଣସି ଶକ୍ତି ଅଟକାଇ ପାରିବନାହିଁ ବୋଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ ଅବସରରେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ପ୍ରେକ୍ଷାଳୟଠାରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଓ ପଟ୍ଟାମୁଣ୍ଡାଇ ଖଣ୍ଡ, ପଟ୍ଟାମୁଣ୍ଡାଇ ନଗରର ଯୁବକମାନଙ୍କୁ ନେଇ ଅନୁଷ୍ଠିତ ଯୁବ ସମ୍ମିଳନୀରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କଟକ ବିଭାଗ କାର୍ଯ୍ୟାବାହ ଶରତ ସେନ ଅତିଥି ଭାବେ ଯୋଗଦେଇ ଯୁବକମାନଙ୍କୁ ରାଷ୍ଟ୍ର ପ୍ରେମରେ ନିମଗ୍ନ ହେବାକୁ ପ୍ରେରଣା ଦେଇଥିଲେ। ଏଥିରେ ପ୍ରାନ୍ତ ସମ୍ପର୍କ ପ୍ରମୁଖ ସର୍ବେଶ୍ୱର ବେହେରା, କେନ୍ଦ୍ରାପଡ଼ା ଜିଲ୍ଲା ସହ ସଂଘ ଚାଳକ ଆଡଭୋକେଟ ସଞ୍ଜୟ କୁମାର ପତ୍ରୀ, ଜିଲ୍ଲା କାର୍ଯ୍ୟାବାହ ବିନୋଦ ବିହାରୀ ଦାସ, ସହ କାର୍ଯ୍ୟାବାହ ସୁରେଶ ନାୟକ, ଜିଲ୍ଲା ସମରସତା ପ୍ରମୁଖ ପ୍ରଦୀପ ମଲ୍ଲିକ, ଜିଲ୍ଲା ବୌଦ୍ଧିକ ପ୍ରମୁଖ ପ୍ରିୟବ୍ରତ ପରିଜା, ଜିଲ୍ଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ଗୋକୁଳ ଚନ୍ଦ୍ର ଦାଶ, ଜିଲ୍ଲା ଶାରୀରିକ ପ୍ରମୁଖ ସୁନାକର ବେହେରା, ମୁଖ୍ୟମାର୍ଗ ପ୍ରମୁଖ ସୁଲେଖ ପ୍ରଧାନ, ଜିଲ୍ଲା ଧର୍ମ ଜାଗରଣ ପ୍ରମୁଖ ରାଜେନ୍ଦ୍ର ଗିରି, ଜିଲ୍ଲା ସେବା ପ୍ରମୁଖ ରବୀନ୍ଦ୍ର ସେଠୀ, ଜିଲ୍ଲା ପ୍ରଚାର ପ୍ରମୁଖ ସୁଧାଂଶୁ ଭୂଷଣ ତ୍ରିପାଠୀ, ପଟ୍ଟାମୁଣ୍ଡାଇ ନଗର କାର୍ଯ୍ୟବାହ ବଳରାମ ମଲ୍ଲିକ, ନଗର ସମ୍ପର୍କ ପ୍ରମୁଖ ପଞ୍ଚାନନ ମାହୁନ୍ତ, ଆଡଭୋକେଟ ସତ୍ୟ ନାରାୟଣ ନାୟକ, ବିଜ୍ଞାନ ଭୂଷଣ ପ୍ରଧାନ, ସମରେନ୍ଦ୍ର ଜେନା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଦୁଇଶହରୁ ଅଧିକ ଯୁବକମାନେ ସମ୍ମିଳନୀରେ ଯୋଗଦେଇ ଦେଶ ମାତୃକାର ସେବା କରିବାକୁ ଶପଥ ନେଇଥିଲେ।

## ବଣିତୋ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ



**କୁଜଙ୍ଗ,୨୬।୧୦(ସମିସ):** କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ବଣିତୋ ଅଧିଷ୍ଠାତ୍ରୀ ଦେବୀ ମା' ଚଣ୍ଡୀ ଠାକୁରାଣୀ ପୀଠରେ କାର୍ତ୍ତିକ ପୂର୍ଣ୍ଣିମାରେ ହୋଇଆସୁଥିବା ଅଷ୍ଟପ୍ରହର ନାମଯଜ୍ଞକୁ ଚଳିତ ବର୍ଷ ଶହେ ବର୍ଷ ପୂରଣ ହେଉଛି। ଏହି ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗ୍ରାମର ମୁରବୀ ରବୀନ୍ଦ୍ର ସ୍ୱାଇଁ ଆବାହକତ୍ୱରେ ପ୍ରସ୍ତୁତି ବୈଠକରେ ବାନମ୍ବର ସ୍ୱାଇଁ, ସଞ୍ଜୟ ଷଡଙ୍ଗୀ, ବାବାଜୀ ସାହୁ, ଅଶୋକ ପାଇଟଲ, ଗଣେଶ୍ୱର ସ୍ୱାଇଁ, ଶୀତଳ ଜେନା, ରବୀନ୍ଦ୍ର ସ୍ୱାଇଁ, ନୃସିଂହ ସ୍ୱାଇଁ, ଗୁଣ୍ଡୁଚି ଚରଣ ନାଥ, ପିଣ୍ଟୁ ପାଇଟାଳ, ତ୍ରିଲୋଚନ ଦାଶ, ମନୋରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏ ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା।

## ଜଗନ୍ନାଥ ଟ୍ରକ୍ ମାଲିକ ସଙ୍ଘ ଧାରଣା ପ୍ରତ୍ୟାହୃତ

**ପାରାଦୀପ,୨୬।୧୦(ସମିସ):** ଜଗନ୍ନାଥ ମାଲିକ ସଙ୍ଘରେ ଚାଲିଥିବା ଧାରଣା ଆଜି ପ୍ରତ୍ୟାହୃତ ହୋଇଛି। କୌଣସି ନିର୍ଯ୍ୟାସ ବାହାରି ନ ଥିଲା। ସଂଘର କୌଣସି କର୍ମକର୍ତ୍ତା ଏଥିରେ ମୁହଁ ଖୋଲି ନ ଥିଲେ। ପ୍ରଶାସନ ମଧ୍ୟ ଏଥିରେ ହସ୍ତକ୍ଷେପ କରି ନ ଥିଲା। ଧାରଣାକାରୀ ରିକ୍ୟୁଜସନ ଗତକାଲି ବନ୍ଦ କରିଦେବାରୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ମଡେଲ ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଆଜି ଆଡିସିନାଲ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଥାନା ଅଧିକାରୀ କାବୁଲି ବାରିକ, ଆଡିସିନାଲ ଏସ୍‌ପି ସ୍ମୃତିରଞ୍ଜନ କର, ଏଡିଏମ ନିରଞ୍ଜନ ବେହେରା ଓ ଉଭୟ ପକ୍ଷରୁ ଟ୍ରକ ମାଲିକ ବସି ଆଲୋଚନା ହୋଇଥିଲା। ଆଲୋଚନାରେ ରିକ୍ୟୁଜସନକୁ ତଦାରଖ କରିବା ପାଇଁ ୪ ଜଣିଆ କମିଟି ଗଠନ କରାଗଲା। ପ୍ରତ୍ୟେକ ଦିନ ଡାକ ବେଳେ ଉପସ୍ଥିତ ରହି ତଦାରଖ କରିବେ। ଆଗକୁ ବାଲିଯାତ୍ରା ଆସୁଛି। ମୁଖ୍ୟମନ୍ତ୍ରୀଙ୍କ ପାରାଦୀପ ଗସ୍ତ କାର୍ଯ୍ୟକ୍ରମ ରହିଛି। ତେଣୁ ୨୦ ତାରିଖ ପରେ ପୁନର୍ବାର ଉଭୟ ପକ୍ଷ ବସି ଅନ୍ୟ ଦାବି ସମ୍ପର୍କରେ ଆଲୋଚନା କରାଯିବ ବୋଲି ପ୍ରଶାସନ ପକ୍ଷରୁ ଉପସ୍ଥିତ ଅଧିକାରୀ ସୂଚନା ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସାପ କାମୁଡ଼ାରେ ନାବାଳକ ମୃତ



**ରାଜନଗର,୨୬।୧୦(ସମିସ):** ରାଜନଗର ବ୍ଲକ୍ ବ୍ରାହ୍ମଣସାହି ପଞ୍ଚାୟତ ପ୍ରହରାଜପୁର ଗ୍ରାମର ଜଣେ ନାବାଳକର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ରୁଦ୍ର ସେଠୀ(୧୧)। ଜେଜେ ବାପାଙ୍କ ସହିତ ରୁଦ୍ର ଗାଁ ନିକଟସ୍ଥ ଚାଷଜମିକୁ ଯାଇଥିଲା ବେଳେ ଗୋଡ଼କୁ କଣ କାମୁଡ଼ି ଦେଲା ବୋଲି କହିଥିଲେ। ଘର ପାଖରେ ପହଞ୍ଚିବା ବେଳକୁ ସେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା। ସେଠାରେ ନାବାଳକର ମୃତ୍ୟୁ ଘଟିଥିଲା।

# ମାଳତୀଦେବୀ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ସୁରଭି'

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୬।୧୦(ସମିସ):** ମାଳତୀଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଳପୁଆ କ୍ଲଷ୍ଟରସ୍ତରୀୟ "ସୁରଭି ୨୦୨୫" ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ପ୍ରଦୀପ ତରାଇଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷା ଅଧିକାରୀ ଅଜିତ କୁମାର ବାରିକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶରେ ଅଭିଭାବକ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କର ଭୂମିକା ବିଷୟରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବରେ ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ମାଳତୀ ଦେବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ଶର୍ମା, ଅଳପୁଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଶର୍ମା, ତରଡ଼ିପାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟବତୀ ସାହୁ, ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ଧଳ ପ୍ରମୁଖ ଉପସ୍ଥିତ ରହି ନିଜ ବକ୍ତବ୍ୟରେ ପାଠପଢ଼ା ସହିତ ସହଶିକ୍ଷା କାର୍ଯ୍ୟକ୍ରମ ଶିଶୁମାନଙ୍କର ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୁଏ ବୋଲି ମତପୋଷଣ କରିଥିଲେ। ଅନ୍ୟତମ ଅତିଥି ଭାବରେ ସମିତି ସଭ୍ୟ ନିରଞ୍ଜନ ବାରିକ, ଅଧ୍ୟାପକ ପ୍ରଶାନ୍ତ କୁମାର ସାମଲ, ଅଧ୍ୟାପକ ତପନ କୁମାର ରାଉତ, ବିଶ୍ୱରଞ୍ଜନ ଦାଶ, ସିଆର୍‌ସିସି ପ୍ରହଲ୍ଲାଦ ପଲାଇ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଚିରଞ୍ଜୀବ ସାହୁ ଏବଂ ଶିକ୍ଷୟିତ୍ରୀ ଗୀତାଞ୍ଜଳି ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗରେ ୧୦ଟି ବିଦ୍ୟାଳୟର ପ୍ରାୟ ୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୪୦ ଜଣ ଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ୨୫ଜଣ ବିଚାରକ ଯୋଗଦେଇଥିଲେ। ଗୀତାଞ୍ଜଳି ରାଉତ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ବିଆର୍‌ସିସି ପ୍ରେମକଳା ମହାପାତ୍ର ଓ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବରେ ବ୍ଲକ୍ ସହ ଶିକ୍ଷା ଅଧିକାରୀ ସୁନୀତି ଦାଶ, ନୋଡାଲ ସିଆର୍‌ସି ସଞ୍ଜୟ ସାହୁ ଓ ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ଧଳ ଯୋଗଦେଇଥିଲେ। ଶିକ୍ଷକ ବିଚିତ୍ରା ନନ୍ଦ ବେହେରା ଅତିଥି ପରିଚୟ ଦେଇଥିବା ବେଳେ ଇତିଶ୍ରୀ ନାଥ ଶର୍ମା ଧନ୍ୟବାଦ ଦେଇଥିଲେ। ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପୁରସ୍କୃତ କରିଥିଲେ। ଅନ୍ୟ ଶିକ୍ଷକମାନଙ୍କ ମଧ୍ୟରେ ତରଙ୍ଗବାଳା ରାଉତ, ଶୁଭଶ୍ରୀ ବେହେରା, ଭଦ୍ରାଣି ବେହେରା, ସୁଷମା ଧଳ, ବ୍ରଜ କିଶୋର ସାହୁ, ଉମାକାନ୍ତ ଭୂୟାଁ, ରୋସ୍ନି ବିଶ୍ୱାଳ, କୁଞ୍ଜଲତା ପାତ୍ର, ମଳୟ ମଞ୍ଜରୀ ପରିଡା, ପ୍ରଭାତ ନଳିନୀ ସାମଲ, ବାବୁଲି କୁମାର ସେନାପତି, ସ୍ୱପ୍ନିଲ ଦାଶ, ସୁମିତ ମଲ୍ଲିକ, ଦୁଖ ମାରାଣ୍ଡି, ସସ୍ମିତା କର, ଚିନ୍ମୟ ସାହୁ, ବିଜୟ କେତନ ପାତ୍ର ପ୍ରମୁଖ ଯୋଗଦେଇ କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ପାନ ବ୍ୟବସାୟୀଙ୍କୁ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାସ

# ୨ ଗିରଫ, ବ୍ୟବହୃତ କଟୁରୀ ଜବତ

ଜଗତସିଂହପୁର, ୨୬।୧୦ (ସମିସ)



୨୪ତାରିଖ ରାତିରେ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଯୋଗଧାରୀ ନିକଟରେ ପାନ ଦୋକାନ କରିଥିବା ସ୍ଥାନୀୟ ପୋକପୁର ଗ୍ରାମର ଜ୍ଞାନରଞ୍ଜନ ପୋଥାଳଙ୍କୁ ହତ୍ୟା ଘଟଣାରେ ପୁଲିସ ୨ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଦୁଇଜଣ ନାଉଗାଁ ଥାନା ଚକୁଳିଆପଡ଼ା ଗ୍ରାମର ସବ୍ୟସାଚୀ ରାଉତରାୟ ଓ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅଭିଧିଆନନ୍ଦପୁର ଗ୍ରାମର କାର୍ତ୍ତିକ ନାୟକ। ଏମାନଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ରକ୍ତଲଗା ବଡ଼ କଟୁରୀ ଓ ସେମାନେ ଆଣିଥିବା ବୁଲେଟ୍ ଜବତ କରାଯାଇଥିବା ଏସ୍‌ପି ଅଙ୍କିତ ବର୍ମା ସୂଚନା ଦେଇଛନ୍ତି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବର୍ମା ସଂପୂର୍ଣ୍ଣ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ।

ଏସ୍‌ପି ଶ୍ରୀ ବର୍ମାଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଗିରଫ କାର୍ତ୍ତିକ ନାୟକ ଓ ସବ୍ୟସାଚୀ ରାଉତରାୟଙ୍କ ସହ ଜ୍ଞାନରଞ୍ଜନଙ୍କ ପୂର୍ବରୁ ସମ୍ପର୍କ ଥିଲା। କିଛି ଦିନ ପୂର୍ବେ କାର୍ତ୍ତିକ ନୂଆ ବୁଲେଟ୍ କିଣିଥିବାରୁ ଜ୍ଞାନରଞ୍ଜନ ତାକୁ ଏକ ଭୋଜି ଦେବାକୁ କହିଥିଲେ। ୨୪ ତାରିଖରେ କାର୍ତ୍ତିକ ଆଜି ଭୋଜି କରିବା ବୋଲି ଫୋନ ଯୋଗେ କହିବାରୁ ଜ୍ଞାନରଞ୍ଜନ ସନ୍ଧ୍ୟାରେ ତାଙ୍କ ଦୋକାନ ପାଖକୁ ଆସିବା ପାଇଁ ପରାମର୍ଶ ଦେଇଥିଲେ। କାର୍ତ୍ତିକ ଭୋଜି ପାଇଁ ସବ୍ୟସାଚୀ ଓ ଅନ୍ୟ ଜଣେ ସାଙ୍ଗକୁ ଆମନ୍ତ୍ରଣ କରିଥିଲା। ସନ୍ଧ୍ୟାରେ ମଦ ଧରି ସେଠାରେ ପହଞ୍ଚିଥିଲା। ଚାରିଜଣ ମିଶି ମଦ ପିଉଥିବା ବେଳେ ଜଣେ ଗ୍ରାହକ ସିଗାରେଟ୍ ପାଇଁ ଆସିଥିଲେ। ତେବେ ସିଗାରେଟ୍ ଦେବାକୁ ମନା କରିବାରୁ ଜ୍ଞାନଙ୍କ ସହିତ ସବ୍ୟସାଚୀଙ୍କ ଝଗଡ଼ା ହୋଇଥିଲା। ପରେ କାର୍ତ୍ତିକ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଝଗଡ଼ା ବଢ଼ିବାରୁ ଜ୍ଞାନ ଦୋକାନ ଭିତରକୁ ଯାଇ ଘାସ କାଟିବା ପାଇଁ ରଖିଥିବା ଏକ ବଡ଼ କଟୁରୀ ଆଣି କାର୍ତ୍ତିକ ଓ ସବ୍ୟସାଚୀକୁ ଡରାଇଥିଲେ। କୌଶଳକ୍ରମେ ସବ୍ୟସାଚୀ ଉକ୍ତ କଟୁରୀକୁ ଜ୍ଞାନଠାରୁ ଛଡାଇ ଆଣି ତାକୁ ଆକ୍ରମଣ କରିଥିଲା। ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଯୋଗୁଁ ଜ୍ଞାନଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ହତ୍ୟାକାଣ୍ଡ ଘଟାଇ ସାରି କାର୍ତ୍ତିକର ବୁଲେଟରେ ଫେରାର୍ ହେବାକୁ ଯୋଜନା କରୁଥିବା ବେଳେ ପୁଲିସ ଉଭୟଙ୍କୁ ଗିରଫ କରିଥିବା ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ଉପସ୍ଥିତ ଥିବା ଅନ୍ୟ ଜଣେ ଯୁବକକୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଶ୍ରୀ ବର୍ମା ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଦର ଏସ୍‌ଡିପିଓ ଆଜିଙ୍କ୍ୟା ବାବୁରାଓ ମାନେ, ଡିଏସ୍‌ପି ରଶ୍ମିରଞ୍ଜନ ଦାଶ ଓ ଆଇଆଇସି ସରୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜପଥରେ ଧୂଳିଧୂଆଁ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ

ଅନୁଗୋଳ,୨୬।୧୦(ସମିସ)






୧୪୯ ନମ୍ବର ଜାତୀୟ ରାଜପଥ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ପ୍ରସଙ୍ଗରେ ପ୍ରଶାସନ ତଥା ସରକାରଙ୍କୁ ଜନସାଧାରଣ ଓ ରାଜନୈତିକ ନେତୃବୃନ୍ଦଙ୍କ ତରଫରୁ ଅନେକ ବାର ଦାବି ଉପସ୍ଥାପନା କରାଯାଇଥିଲେ ମଧ୍ୟ ଏନଏଚଆଇ ଆଦୌ କର୍ଣ୍ଣପାତ କରୁନାହିଁ। ଯାହାର ସିଧାସଳଖ ପ୍ରଭାବ ବଅଁରପାଳ ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥରେ ଯାତାୟାତ କରୁଥିବା ଯାତ୍ରୀ ବଅଁରପାଳ, ଗୋତମରା ତଥା ଆଖପାଖରେ ବସବାସ କରୁଥିବା ସ୍ଥାୟୀ ବାସିନ୍ଦାଙ୍କ ଜୀବନ ଉପରେ ପଡୁଛି। ଧୂଳିଧୂଆଁରେ ଜିଲ୍ଲାବାସୀ ଅତିଷ୍ଠ ହୋଇପଡ଼ିଲେଣି। ଦୁର୍ଘଟଣାରେ ଅନେକ ମୁଣ୍ଡ ନେଲାଣି ଏହି ରାଜପଥ।

ରାଜପଥର ଗର୍ତ୍ତରେ ଭରିବା ପାଇଁ ସ୍କ୍ରାପ ପକାଇବା ଦ୍ୱାରା ଧୂଳିଧୂଆଁର ମାତ୍ରା ବଢ଼ିବା ସହ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛି। ଏପରିକି ବିପରୀତ ଦିଗରୁ ଗାଡ଼ି ଅତିକ୍ରମ କଲେ ଦୃଶ୍ୟମାନ ହେଉନାହିଁ। ପୂର୍ବରୁ ବାରମ୍ବାର ଏହି ସମସ୍ୟା ସମାଧାନ ନିମନ୍ତେ ଅନୁଗୋଳ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସରକାର ଓ ପରିବହନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ସମାଧାନ ଦିଗରେ ଆଖିଦୃଷ୍ଟିଆ କାର୍ଯ୍ୟ ହେଉ ନ ଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନ ବଅଁରପାଳରୁ ତାଳଚେର ୧୦ କିମି ରାସ୍ତାରେ ଦୈନିକ ହଜାର ହଜାର କୋଇଲା ଓ କମ୍ପାନୀ ଦ୍ରବ୍ୟ ପରିବହନ କରୁଥିବା ଭାରୀଯାନ ଯାତାୟାତ କରୁଥିବାରୁ ପଥଚାରୀ ଓ କାର ଏବଂ ବାଇକ ଚାଳନାରେ ନାନା ସମସ୍ୟା ଉପୁଜୁଛି। ଖଣି ଓ କାରଖାନା ଟ୍ରକଗୁଡ଼ିକ ଉକ୍ତ ରାଜପଥରେ ଦିନରାତି ଯିବା ଆସିବା କରୁଥିବାରୁ ଦୁର୍ଘଟଣା ଘଟି ଅନେକ ଯାତ୍ରୀ ମୃତାହତ ହେଉଛନ୍ତି। କେନ୍ଦ୍ର ସରକାର ତଥା ରାଜପଥ ବିଭାଗ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଯଥା ପୂର୍ବଂ ତଥା ପରମ ଅବସ୍ଥାରେ ପଡ଼ିରହିଛି। ଫଳରେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଲେଣି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଘଣ୍ଟପଡ଼ାସୀଙ୍କ ଦାବି ପୂରଣ ପାଇଁ ପ୍ରଶାସନର ପ୍ରତିଶ୍ରୁତି



ତାଳଚେର,୨୬।୧୦(ସମିସ): ଘଣ୍ଟପଡ଼ା ଗ୍ରାମବାସୀଙ୍କ ୫ ଦଫା ଦାବି ପୂରଣ ପାଇଁ ଶୁକ୍ରବାର ସନ୍ଧ୍ୟାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ବୈଠକ ହୋଇଥିଲା। ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ଡିପିଓ ଭରତ ସାହୁ, କୋଲିୟରୀ ଥାନା ଅଧିକାରୀ ହରିକୃଷ୍ଣ ପ୍ରଧାନ, ବିଧାୟକ ବ୍ରଜକିଶୋର ପ୍ରଧାନ, ଘଣ୍ଟପଡ଼ା ପଞ୍ଚାୟତବାସୀ, କୋଲ୍ ୱାସେରୀ କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ଦାବିଗୁଡ଼ିକ ପୂରଣ କରାଯିବ ବୋଲି ବୈଠକରେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ଧରେ ଜିଲ୍ଲା ପରିଷଦ ସଭ୍ୟା ରୀତାରାଣୀ ଦାସ, ଘଣ୍ଟପଡ଼ା ସମିତି ସଭ୍ୟ କରୁଣାକର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କ୍ଷୀରୋଦ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜକିଶୋର ସାହୁ, ପୂର୍ବତନ ସରପଞ୍ଚ ମନୋଜ ବେହେରା, ଜିନେସ ସାହୁ, ମନୋଜ ସାହୁ, ଅଶୋକ ଦାସ, ଜଲି ଦଳବେହେରା, ଆରବ୍ୟ ସାହୁ, ବୀରବର ସାହୁ, ବାପୁନ୍ ସାହୁ, ସିପୁନ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଘଣ୍ଟପଡ଼ା ଓ ଟେଣ୍ଟୁଲେଇ ପଞ୍ଚାୟତର ଟ୍ରକଗୁଡ଼ିକ କୋଲ୍ ୱାସେରୀରେ ଲୋଡିଂ ଦିଆଯିବା। ପଞ୍ଚାୟତବାସୀଙ୍କୁ ସ୍ୱାସ୍ଥ୍ୟବୀମା ସହ ସ୍ୱାସ୍ଥ୍ୟସେବା ଯୋଗାଇଦେବା, ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଓ ପ୍ଲାଣ୍ଟ ବନ୍ଦ ନ ହେବା ପର୍ଯ୍ୟନ୍ତ ପଞ୍ଚାୟତର କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି ନ କରିବା, ଯେପର୍ଯ୍ୟନ୍ତ ସାଇଲୋ ଦ୍ୱାରା ଲୋଡିଂ ବ୍ୟବସ୍ଥା ହୋଇନାହିଁ ସେ ପର୍ଯ୍ୟନ୍ତ ରେଲ୍‌ୱେ ସାଇଡିଂ ବନ୍ଦ କରିବା। ଟ୍ରେନ୍‌ରେ ପାଲ ଭିଡ଼ି ପଞ୍ଚାୟତ ମଧ୍ୟରେ ନେବା ବ୍ୟବସ୍ଥା କରିବା, ଦୁଇ ପଞ୍ଚାୟତର କଣ୍ଟ୍ରାକ୍ଟରମାନଙ୍କୁ ପ୍ଲାଣ୍ଟରେ ସମସ୍ତ କାର୍ଯ୍ୟରେ ଅଗ୍ରାଧିକାର ଦେବାକୁ ଦାବି ରହିଥିଲା।

## ନ୍ୟାସନାଲ ଏଜୁକେଶନ ଫୋରମ୍ ଦ୍ୱାରା ସମ୍ବର୍ଦ୍ଧିତ ହେବେ ମନୋରଞ୍ଜନ

ଅନୁଗୋଳ,୨୬।୧୦(ସମିସ): ଶିକ୍ଷାଦାନ କ୍ଷେତ୍ରରେ ସମର୍ପିତ ସେବା ଏବଂ ସଫଳତା ପାଇଁ ସ୍ଥାନୀୟ ରୋଟାରୀ ପବ୍ଲିକ ସ୍କୁଲର ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା ନୂଆଦିଲ୍ଲୀର ନ୍ୟାସନାଲ ଏଜୁକେସନ ଫୋରମ୍ (ଏନଇଏଫ୍) ବାର୍ଷିକ ସମ୍ମିଳନୀରେ ଚଳିତ ବର୍ଷ 'ରାଷ୍ଟ୍ରୀୟ ଶିକ୍ଷକ ସମ୍ମାନରେ ସମ୍ମାନିତ ହେବା ପାଇଁ ନିମନ୍ତ୍ରିତ ହୋଇଛନ୍ତି। ଏନ୍‌ଇଏଫ୍‌ର ବାର୍ଷିକ ସମ୍ମିଳନୀ ଆସନ୍ତା ନଭେମ୍ବର ୨୩ରେ ପଶ୍ଚିମବଙ୍ଗ ନେତାଜୀ ଇନ୍‌ଡୋର୍ ଷ୍ଟ । ଡି ୟ ମ ରେ ଆୟୋଜିତ ହେବାକୁ ଯାଉଛି। ଏହି ସଫଳତା



ପାଇଁ ଡ. ପଣ୍ଡାଙ୍କୁ କେନ୍ଦ୍ରାପଡ଼ା ଏବଂ ଅନୁଗୋଳ ଜିଲ୍ଲାର ବିଭିନ୍ନ ସଙ୍ଗଠନ, ବିଦ୍ୟାଳୟ ପରିଚାଳନା କମିଟି, ରୋଟାରୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଡ. ଅଶୋକ କୁମାର ବେହେରା, ପ୍ରଧାନଶିକ୍ଷୟିତ୍ରୀ କଳ୍ପଲତା ଦାଶ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଅଭିନନ୍ଦନ ଜଣାଇଛନ୍ତି। ଡ. ପଣ୍ଡା ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ରଜାଙ୍ଗ ଗ୍ରାମର ନଳିନୀପ୍ରଭା ପଣ୍ଡା ଏବଂ ବାସୁଦେବ ପଣ୍ଡାଙ୍କ ସାନପୁଅ। ଦୀର୍ଘ ୧୯ ବର୍ଷ ଧରି ଏଠାରେ ସେ ଇଂରାଜୀ ଶିକ୍ଷକ ତଥା ଉପାଧ୍ୟକ୍ଷ ଭାବେ କାର୍ଯ୍ୟରତ ଅଛନ୍ତି।

## ଛେଣ୍ଡିପଦାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ଛେଣ୍ଡିପଦା,୨୬।୧୦(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ପୋଡ଼ାପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଛେଣ୍ଡିପଦା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' ଅନୁଷ୍ଠିତ ହୋଇଛି। ଛେଣ୍ଡିପଦା ବିଇଓ ଶତ୍ରୁଘ୍ନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଡିଓ କସ୍ତୁରୀ ସା, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ଏବିଇଓ ହାଡ଼ିବନ୍ଧୁ ସାୟ ଓ ପବିତ୍ର ମୋହନ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଡିଲେଶ୍ୱର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗରେ ୧୦ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ବ୍ଲକର ୧୭ କ୍ଲଷ୍ଟରରୁ ୩୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୧୭ଟି ବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ରାମକୃଷ୍ଣ ପରିଚ୍ଛା, ଅନ୍ୟତମ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ବିଜୟ ମାଝୀ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗର ୧୦ଟି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ବିଚାରକ ଭାବେ ସାଧୁଚରଣ ପ୍ରଧାନ, ଦିଲୀପ କୁମାର ସାହୁ, ମହେଶ୍ୱର ସାହୁ, ଅର୍ଜୁନ କୁମାର ମାଝୀ, ପ୍ରଜ୍ଞା ପାରମିତା ପ୍ରଧାନ, ଦେବାର ରଣା, ସରୋଜ କୁମାର ବିଶ୍ୱାଳ, ସ୍ନିଗ୍ଧାରାଣୀ ଶତପଥୀ, ସୁଶାନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ ୩୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏବିଇଓ ପବିତ୍ର ମୋହନ ଦେହୁରୀ ଓ ହାଡ଼ିବନ୍ଧୁ ସାୟ, ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ସମସ୍ତ ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବଇଣ୍ଡାରେ ସାଇବର ସଚେତନତା କାର୍ଯ୍ୟକ୍ରମ



ବଇଣ୍ଡା,୨୬।୧୦(ସମିସ): କିଶୋରନଗର ବ୍ଲକ ବଇଣ୍ଡା ଛକରେ ହଣ୍ଡପା ଥାନା ପକ୍ଷରୁ ରବିବାର ସାଇବର ଅପରାଧ ସମ୍ପର୍କରେ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଥାନା ଆଇଆଇସି ନମିତା ନାୟକ ଯୋଗଦେଇ ସାଇବର ଅପରାଧ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ। ବର୍ତ୍ତମାନ ସମଗ୍ର ଦେଶରେ ସାଇବର ଅପରାଧ ବଢ଼ିବାରେ ଲାଗିଛି। ବିଶେଷକରି ସାଇବର ଅପରାଧୀମାନେ ବିଭିନ୍ନ ଉପାୟରେ ଲୋକଙ୍କଠାରୁ ଲୁଟି ଚାଲିଛନ୍ତି। ଓଟିପି ଦ୍ୱାରା ସାଇବର ଅପରାଧୀମାନେ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଛନ୍ତି। ମୋବାଇଲକୁ ଓଟିପି ଆସିଲେ କାହାକୁ ନ ଦେବାକୁ ପରାମର୍ଶ ଦେଇଥିଲେ। ଏପରିକି ଭିଡିଓ କଲ ମଧ୍ୟମରେ ମଧ୍ୟ ବିଭିନ୍ନ ଧମକ ଦେଇ ଲୁଟୁଛନ୍ତି। ତେଣୁ ସବୁବେଳେ ସଚେତନା ରହିବା ପାଇଁ ସଚେତନା କରାଯାଇଥିଲା। ଏଥିରେ ଅନ୍ୟତମ ଅତିଥି ଭାବେ ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ, ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ, ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏକ ସଚେତନା ରଥ ବଇଣ୍ଡା ଅଞ୍ଚଳରେ ବୁଲି ଲୋକଙ୍କୁ ସଚେତନ କରାଇଥିଲା।

## ବିଜେପି ନେତାଙ୍କ ବିୟୋଗରେ ଶୋକ



ଅନୁଗୋଳ,୨୬।୧୦(ସମିସ): ଅନୁଗୋଳ ଜିଲ୍ଲା ବିଜେପି ଏସସି ମୋର୍ଚ୍ଚା ଉପସଭାପତି ଲଲାଟେନ୍ଦୁ ବେହେରା (୪୫)ଙ୍କର ଶନିବାର ମଧ୍ୟରାତ୍ରିରେ ପରଲୋକ ଘଟିଛି। କିଛିଦିନ ପୂର୍ବରୁ ସେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କ ଦେହାନ୍ତ ହୋଇଛି। ତାଳଚେର ବ୍ଲକ ବନ୍ତୋଲ ପଞ୍ଚାୟତର ଯୁବନେତା ଲଲାଟେନ୍ଦୁ ସମସ୍ତଙ୍କ ପ୍ରିୟ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଭୁବନେଶ୍ୱରଠାରେ ଘରୋଇ ମେଡିକାଲରେ ପହଞ୍ଚି ତାଙ୍କ ଶେଷଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ସେହିପରି ଅନୁଗୋଳ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ପ୍ରାକ୍ତନ ମନ୍ତ୍ରୀ ସଞ୍ଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ପ୍ରତିମା ମିଶ୍ର, ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି ଅଜୟ ଗୋଛାୟତଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ ଶୋକ ପ୍ରକାଶ କରିଛନ୍ତି।

## ମହାବାହୁ କ୍ଲବ ପକ୍ଷରୁ ଚାରାରୋପଣ



ଛେଣ୍ଡିପଦା,୨୬।୧୦(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତ ପୁରୁଣାଗଡ଼ ଗ୍ରାମ ମହାବାହୁ କ୍ଲବ ପକ୍ଷରୁ ସଭାପତି ତପନ କୁମାର ସାହୁଙ୍କ ନେତୃତ୍ୱରେ ସମସ୍ତ ସଭ୍ୟଙ୍କ ସହଯୋଗରେ ଗ୍ରାମର ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଉପସଭାପତି ରାଜୀବ କୁମାର ମାଝି, ସମ୍ପାଦକ ଅତୀଶ କୁମାର ସାହୁ, କୋଷାଧ୍ୟକ୍ଷ ରୋହିତ କୁମାର ସାହୁ, ସଭ୍ୟ ମନୋଜ କୁମାର ସାହୁ, ପିଙ୍କୁ ସାହୁ, ବିକାଶ ସାହୁ, ଗଦା ସାହୁ, ଦିବସ ସାହୁ, ଶ୍ରୀପତି ସାହୁ, ବୁବୁନା ସାହୁ, ମାନସରଞ୍ଜନ ସାହୁ, ଲିଲୁ ସାହୁ, ସିଲୁ ସାହୁ, ଶିଶିର ସାହୁ, ସାଜନ ସାହୁ, ଲିକନ ସାହୁ, ସାନୁଜ ସାହୁ, ଯୁବରାଜ ସାହୁ, କୁମୁଦ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଚାରାରୋପଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି କୁହାଯାଇଛି।

## ଘରୁ ନାଗସାପ ଉଦ୍ଧାର

ବଇଣ୍ଡା,୨୬।୧୦(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଖାଲପାଳ ଗ୍ରାମର ଭଗବାନ ବେହେରାଙ୍କ ଘରୁ ଶନିବାର ଏକ ନାଗସାପ ଉଦ୍ଧାର କରାଯାଇଛି। ସାପକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିବା ପାଇଁ ଭଗବାନ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

## ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା



ବଇଣ୍ଡା,୨୬।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଘୋଡ଼ାବାନ୍ଧୁଣି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବଳରାମ ବେହେରାଙ୍କ ଦେହାନ୍ତ ହୋଇଛି। ତାଙ୍କ ପରିବାରକୁ ଶନିବାର ଆଠମଲ୍ଲିକ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ସଂଘ କର୍ମକର୍ତ୍ତାମାନେ ତାଙ୍କ ବାସଭବନକୁ ଯାଇ ସ୍ତ୍ରୀ ଲିପି ବେହେରାଙ୍କୁ ସଂଘ ପକ୍ଷରୁ ୧୬,୨୦୦ ଟଙ୍କା ସହାୟତା ପ୍ରଦାନ କରିଥିଲେ। ସଂଘ ସାଧାରଣ ସମ୍ପାଦକ ସୁଧାଂଶୁ ଭୂଷଣ ନାୟକ, ବିଜୟ କୁମାର ପ୍ରଧାନ, ତରୁଣ କୁମାର ପ୍ରଧାନ, ଯୁଗଳ କିଶୋର ନାୟକ, ସୁଦର୍ଶନ ବେହେରା, ଅନୁପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଶାଳାରେ ପାଳିତ ହେବ ଗୋପାଷ୍ଟମୀ ମେଳା



ଅନୁଗୋଳ,୨୬।୧୦(ସମିସ): ଚଳିତ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ଅକ୍ଟୋବର ୩୦ ତାରିଖ ରନ୍ତଲେଇସ୍ଥିତ ଶ୍ରୀଗୋପାଳ ଗୋଶାଳା ଆନୁକୂଲ୍ୟରେ ପବିତ୍ର ଗୋପାଷ୍ଟମୀ ମେଳା ପାଳିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ମୁଖ୍ୟବକ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ପଣ୍ଡିତ ମହେଶ ସାହୁ ଯୋଗଦେବେ। ପୂର୍ବାହ୍ନ ୯ଟାରେ ଗୋମାତା ପୂଜନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଶ୍ରୀ ହନୁମାନ ଚାଳିଶାପାଠ, କାମଧେନୁ ଯଜ୍ଞ, ପ୍ରଦର୍ଶନୀ ଓ ପ୍ରବଚନ ସଭା ଇତ୍ୟାଦି ଅନୁଷ୍ଠିତ ହେବ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପୂର୍ବାହ୍ନ ୧୦ଟାରୁ ତୁଳାଦାନ କାର୍ଯ୍ୟକ୍ରମ ମଧ୍ୟ ଅୟୋଜନ କାରଯିବ। ଇଚ୍ଛୁକ ବ୍ୟକ୍ତି ତଥା ଗୋଭକ୍ତମାନେ ନିଜ ଓଜନ ପରିମାଣର ଗୋଖାଦ୍ୟ ଗୋଶାଳାକୁ ଦାନ କରିପାରିବେ। ଅପରାହ୍ନ ୧ଟାରେ ପ୍ରସାଦ ସେବନ ବ୍ୟବସ୍ଥା ରହିଥିବା ସ୍ଥାନୀୟ ମାରୱାଡି ଧର୍ମଶାଳାଠାରେ ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗୋଶାଳାର ସଭାପତି ଲଡୁକେଶ୍ୱର ଅଗ୍ରୱାଲା, ପୂର୍ବତନ ସଭାପତି ଗୋପାଳ ମୁଦ୍ରା, ଉପଦେଷ୍ଟା ଅଶୋକ ମୁରାରକା, ସମ୍ପାଦକ ରାମକିଶନ ବଂଶଲ, ସାମ୍ବାଦିକ ଚନ୍ଦ୍ରକାନ୍ତ ଧଳ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି।

## ରାମଗୋପାଳଙ୍କ ବିୟୋଗରେ ଶୋକ



ବଇଣ୍ଡା,୨୬।୧୦(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ପୁରାତନ ବ୍ୟବସାୟୀ ରାମଗୋପାଳ ସାହାଙ୍କ ବିୟୋଗରେ ଶନିବାର ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ନେତା ଭାଗୀରଥି ପ୍ରଧାନ, ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ, ଗ୍ରାମ ଉପସଭାପତି ଅରବିନ୍ଦ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ର ବେହେରା, ଜିତେନ୍ଦ୍ର ବେହେରା, ଗ୍ରାମ ସମ୍ପାଦକ ଲକ୍ଷ୍ମୀଧର ବେହେରା, ପୂର୍ବତନ ସରପଞ୍ଚ ଜଳଧର ସାହୁ, କୁନା ପ୍ରଧାନ, ପ୍ରକାଶ ମିଶ୍ର, ଭୀମସେନ ପ୍ରଧାନ, ବିକ୍ରମ ସାହୁ, ପ୍ରକାଶ ମିଶ୍ର, ପରୀକ୍ଷିତ ସାହୁଙ୍କ ସମେତ ବହୁ ବ୍ୟବସାୟୀ ଯୋଗଦେଇଥିଲେ। ରାମଗୋପାଳଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରର୍ଥନା କରାଯାଇଥିଲା। ରାମଗୋପାଳ ବଇଣ୍ଡା ଗ୍ରାମର କୋଷାଧ୍ୟକ୍ଷ ଥିବାବେଳେ ଗ୍ରାମର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେବା ସହ ଗ୍ରାମକୁ ଏକଜୁଟ ରଖିବା ପାଇଁ ସର୍ବଦା ଉଦ୍ୟମ କରୁଥିଲେ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା।

# ଘଣ୍ଟପଡ଼ା ଓଭରବ୍ରିଜ ନିର୍ମାଣ ସରିବ କେବେ?

ତାଳଚେର,୨୬।୧୦(ସମିସ)



ତାଳଚେର ସହର ଚତୁଃପାଶ୍ୱର୍ରେ ଏନଟିପିସି, ଏମସିଏଲ, କୋଲ୍ ୱାସେରୀର ରେଲୱେ ଲାଇନ ରାସ୍ତା ଅତିକ୍ରମ କରିଛି। ଏହି ରେଳ ଲାଇନ୍‌ରେ ଅହରହ ଟ୍ରେନ ଚଳାଚଳ ଯୋଗୁଁ କି ଖରା, କି ବର୍ଷା କି ଶୀତରେ ଲୋକେ ରାସ୍ତାରେ ଠିଆହୋଇ ରହିବା ସହ ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଓ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଏଠାରୁ ଉକ୍ତ କମ୍ପାନୀଗୁଡ଼ିକ ବିପୁଳ ଅର୍ଥ ଲାଭ କରି ଆସୁଥିଲେ ମଧ୍ୟ ଲୋକଙ୍କ ସମସ୍ୟା ତାଙ୍କ ଦୃଷ୍ଟିରେ ନ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଉଛି। ତାଳଚେର ବ୍ଲକ ତାଳବେଡ଼ା ବାଙ୍କଧରା ଛକ, ହାଟତୋଟା ମୁଖ୍ୟରାସ୍ତା, ରେମୁଆଁ, ଶନିବାର ହାଟ ନିକଟ ମୁଖ୍ୟରାସ୍ତା, ବନ୍ତୋଲ ରାସ୍ତା, ହାଣ୍ଡିଧୂଆଁ ଛକ ରାସ୍ତା, ଟେଣ୍ଟୁଲେଇ, ଘଣ୍ଟପଡ଼ା ରାସ୍ତା, ବିକ୍ରମପୁର ରାସ୍ତାରେ ପୂର୍ବରୁ ରହିଥିବା ରେଳଫାଟକ ବର୍ତ୍ତମାନ ସୁଦ୍ଧା ଚାଲୁ ରହିଛି। ବହୁ ଆପତ୍ତି ଅଭିଯୋଗ, ଆନ୍ଦୋଳନ, ରେଳରୋକ ପରେ ୧୪୯ ନମ୍ବର ଜାତୀୟ ରାଜପଥର ଚାଇଁପାଳଠାରେ ଏକ ଓଭରବ୍ରିଜ ନିର୍ମାଣ କରାଗଲା। ତେବେ ଘଣ୍ଟପଡ଼ା ରେଳଲାଇନ ଉପରେ ପ୍ରାୟ ୧୦ବର୍ଷ ପୂର୍ବରୁ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ତାହା ସରିବାର ନାଁ ଧରୁନାହିଁ। ଏହି କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ତାକୁ ନେଇ ପ୍ରଶ୍ନ ଉଠିଛି। ଠିକାଦାର ୮୦ ପ୍ରତିଶତ କାମ ସାରିଥିଲେ ମଧ୍ୟ ଆହୁରି ୨୦ ପ୍ରତିଶତ ବାକି ରହିଛି। ତେବେ ଏହି ୨୦ଭାଗ କାର୍ଯ୍ୟ ପାଇଁ ଠିକାଦାର ଆଉ କେତେଦିନ ଲଗାଇବେ ତାହା ଦେଖିବାକୁ ବାକି ରହିଲା।

ସୂଚନାଯୋଗ୍ୟ, ତାଳଚେର ସହରରୁ ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ଯିବାକୁ ଏହି ରାସ୍ତା ସହଜ ଓ କମ୍ ଦୂର ହୋଇଥିବାରୁ ଦୈନିକ ହଜାର ହଜାର ଲୋକ ଏହା ଉପରେ ନିର୍ଭର କରିଥାନ୍ତି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଏହି ଓଭରବ୍ରିଜ କାମ ସାରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ସେହିଭଳି ହାଟତୋଟା ତାଳଚେର ସହର ମଧ୍ୟରେ ରହିଥିବା ରେଳଲାଇନ ଉପରେ ବ୍ରିଜ ନିର୍ମାଣ ପାଇଁ ଦୀର୍ଘବର୍ଷ ଧରି ଦାବି ହୋଇଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଠାରେ ବ୍ରିଜ ନିର୍ମାଣ ନିହାତି ଆବଶ୍ୟକତା ଥିବାବେଳେ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

C-1314

Estd. 1974

**OFFICE OF THE MUNICIPAL COUNCIL, ANANDAPUR**
email:-executiveofficer_andp@rediffmail.com
Phone No:- 06731-24088

**E-PROCUREMENT NOTICE**
Notice No- 3817, Dt- 17.10.2025
Bid Reference No:- AM-ANDP-03/2025-26

**INVITATION FOR BID**

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: **92** Nos
2. Place of Execution: Anandapur Municipality
3. Estimated Cost of Individual Work: **Rs. 3,02,567.06 to Rs. 16,94,802.00**
4. Eligible Class of Contractors: Registered Contractors of **Class- 'D', 'C'** work mentioned in the tender call notice.
5. Intending bidders have to participate through **"On-Line"** bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 P.M on 30.10.2025 to 5.00 P.M on 13.11.2025** for online bidding.
7. Bids received online will be opened at **11.00 A .M on 14.11.2025**
8. The bidder must possess valid and compatible **Digital Signature Certificate** (DSC).
9. The DTCN for **92** Nos. of work shall be available in the e-procurement portal www.tendersodisha.gov.in for on-line bidding.

Executive Officer,
Anandapur Municipality

**OIPR-13049/11/0018/2526**

## ପୁଣି ସେହି ଅଶୁଭ ଅକ୍ଟୋବର ୨୯

# ୧୯୭୧ ଅକ୍ଟୋବର ୨୯ରେ ପ୍ରାଣ ହରାଇଥିଲେ ୧୦ ହଜାର ଲୋକ

**ରାଜନଗର, ୨୬।୧୦(ସମିସ)**

ଆଉ ଦିନ କେଇଟା ପରେ ମହାବାତ୍ୟାକୁ ୨୬ ବର୍ଷ ପୂରିବ। ବାତ୍ୟାର ୨୬ ବର୍ଷ ପରେ ବି ଉପକୂଳ ଅଞ୍ଚଳ ବିଶେଷକରି ବଙ୍ଗୋପସାଗର ତଟବର୍ତ୍ତୀ କେନ୍ଦ୍ରାପଡ଼ା ଜିଲ୍ଲାର ସମୁଦ୍ରକୂଳିଆ ଗାଁର ଲୋକେ ସେଦିନର ପ୍ରକୃତର ଭୀମକାନ୍ତ ରୂପ ମନେ ପକାଇ ଚେଇଁ ଉଠନ୍ତି। ପ୍ରକୃତର ତାଣ୍ଡବ ବେଳେ ସମୁଦ୍ରର ୨୫ ଫୁଟ ଉଚ୍ଚର ସାମୁଦ୍ରିକ ଜୁଆର ମାଡ଼ି ଆସିବାରେ ସୀମିତ ନ ଥିଲା, ବରଂ ୩ ଶହ କିଲୋମିଟର ପବନର ବେଗ ସବୁକିଛି ଛାରକାର କରିଦେଇଥିଲା। ଲୋକେ ୧୯୯୯ ଅକ୍ଟୋବର ୨୯ ତାରିଖ କାଳରାତ୍ରିର କଳା କାହାଣୀ ମନେ ପକାଇବା ସମୟରେ ସେମାନଙ୍କ ଆଖି ପତା ଓଦା ହୋଇଆସେ। ସମୁଦ୍ର ଜୁଆର ମାଡ଼ି ଆସିବା ଯୋଗୁଁ ବର୍ଷକର ଭାତହାଣ୍ଡି ସୁନାର ଧାନ ଫସଲ ପାଣିରେ ବୁଡ଼ି ରହି ନଷ୍ଟ ହୋଇଯାଇଥିଲା। ଦୀର୍ଘଦିନ ଧରି ଉପକୂଳ ଅଞ୍ଚଳବାସୀଙ୍କ ଆର୍ଥିକ ମେରୁଦଣ୍ଡ ଭୁଶୁଡିଗଲା। ଏବେ ବଙ୍ଗୋପସାଗରରେ ସୃଷ୍ଟି ବାତ୍ୟା ମୋନ୍ଥା ମାଡି ଆସୁଥିବାରୁ ଲୋକଙ୍କ ମନରେ ଭୟର ଆତଙ୍କ ସୃଷ୍ଟି ହେଲାଣି। ସାରା ଓଡ଼ିଶାରେ ଲୋକେ ମହାବାତ୍ୟା କହିଲେ ୧୯୯୯କୁ ବୁଝନ୍ତି।

**ବାତ୍ୟାକୁ ନେଇ ସମୁଦ୍ରକୂଳିଆ ଲୋକେ ଭୟଭୀତ**

କିନ୍ତୁ ପ୍ରକୃତ ମହାବାତ୍ୟା ସଂଘଟିତ ହୋଇଥିଲା ୧୯୭୧ ଅକ୍ଟୋବର ୨୯ ରେ। ୧୯୭୧ ବାତ୍ୟା ସହିତ ସୁନାମୀ ସାତଭାୟାର ୫ଟି ଗାଁକୁ ସମୁଦ୍ର ଜୁଆର ଭସାଇ ନେଇଥିଲା। ରାଜନଗର ବ୍ଲକ ସାତଭୟାର ପ୍ରାୟ୧୦ ହଜାର ଲୋକଙ୍କ ଜୀବନ ଯାଇଥିଲା। ଅକ୍ଟୋବର ଆସିଲେ ବାତ୍ୟାକୁ ନେଇ ରାଜନଗରବାସୀ ଆତଙ୍କିତ ହୋଇପଡ଼ନ୍ତି। ବାତ୍ୟା ମୋନ୍ଥା ଅକ୍ଟୋବର ୨୮ ରାତି ଓ ୨୯ ସକାଳେ କାକିନାଡା ଦେଇ ସ୍ଥଳଭାଗ ଅତିକ୍ରମ କରିବ। ଦକ୍ଷିଣ ଓଡ଼ିଶା ସହିତ ଉପକୂଳ ଓଡ଼ିଶାରେ ଏହାର ପ୍ରଭାବ ପଡ଼ିବ। ରାଜନଗର ସମୁଦ୍ର କୂଳିଆ ଅଞ୍ଚଳ ହୋଇଥିବାରୁ ରାଜନଗରବାସୀ ବାତ୍ୟାକୁ ନେଇ ଆତଙ୍କିତ ହୋଇପଡ଼ିଛନ୍ତି। ରାଜନଗରର ୪୭ଟି ଗାଁ ସମୁଦ୍ର କୂଳଠାରୁ ଦେଢ କିଲୋମିଟର ଭିତରେ ରହିଛି। ଆଜି ମତ୍ସ୍ୟ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ଅନୁରୋଧ କରାଯାଇଛି।

# ବାତ୍ୟାକୁ ନେଇ ଚିନ୍ତାରେ ଚାଷୀ

**ରାଜକନିକା, ୨୬।୧୦(ସମିସ):** ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ନେଇ ଚିନ୍ତାରେ ଚାଷୀ। ଏବେ ଧାନ ଗଛରେ ଥୋଡ଼ ବାହାରି ସାରିଛି, ଆଉ ଦିନ କେଇଟା ପରେ ଚାଷୀ ତାର ସୁନାର ଫସଲ ଧାନ ଅମଳ କରି ଘରକୁ ଆଣିଥାନ୍ତା। ହେଲେ ସମ୍ଭାବ୍ୟ ବାତ୍ୟା ଖବର ଶୁଣି ଚାଷୀକୂଳ ଚିନ୍ତାରେ। ରାଜକନିକା ବ୍ଲକର ୨୯ଟି ପଞ୍ଚାୟତରେ ୧୫ ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ କରିଛନ୍ତି ଚାଷୀ। ମାତ୍ର ଏବେ ବାତ୍ୟା ଖବର ତାଙ୍କୁ ଅସ୍ତବ୍ୟସ୍ତ କରିଦେଇଛି। ଚଳିତ ଖରିଫ ଋତୁ ଆରମ୍ଭରୁ ଲଗାଣ ବର୍ଷାରେ ତିନି ତିନିଥର ବନ୍ୟା ସହ ଗଜା ଧୋଇ ହୋଇଥିଲା। ବିହନ କିଣି ହଳ, ସାର, ମଜୁରୀ ଦେଇ ଯାହା ବି ଫସଲ ହୋଇଛି, ଚାଷୀ ସେୟାକୁ ଅନେଇ ବର୍ଷକର ଦାନା ଯୋଗାଡ଼ର ସ୍ୱପ୍ନ ଦେଖୁଛି। ଚାଷୀ ଧାର୍ କରଜ କରି ଚାଷ କରିଥିବା ବେଳେ ଭାବିଥିଲା ଯାହାକିଛି ଅମଳ ହେବ ତାର ପରିବାର ପ୍ରତିପୋଷଣ କରିପାରିବ ହେଲେ ଯେଉଁ ସମୟରେ ଧାନ ଗଛରୁ ଥୋଡ଼ ବାହାରୁଛି, ସେହି ସମୟରେ ବାତ୍ୟା।



ଚାଷୀମାନେ ଆଉ ଦିନ କେତଟା ପରେ ଧାନ ଅମଳ କରି ଘରକୁ ନେବେ ବୋଲି ଆଶା ରଖିଥିଲେ। ସବୁଜମୟ ବିଲକୁ ଦେଖି ଚାଷୀ ଖୁସି ହୋଇଯାଇଥିଲେ। ହେଲେ ବାତ୍ୟା ଖବର ଶୁଣି ଚାଷୀ ମୁଣ୍ଡରେ ହାତ ଦେଇ ବସିଲାଣି। ଲଗାଣ ବର୍ଷା ଓ ପବନ ହେଲେ ଧାନ ଗଛ ଗୁଡିକ ଶୋଇପଡ଼ିବ, ବର୍ଷା ପବନ ମାଡ଼ରେ ବାହାରି ଥିବା ଥୋଡ଼ ଅଗାଡ଼ି ହୋଇଯିବ ଓ ଯେଉଁ ଧାନ ଗଛରୁ ଥୋଡ଼ ବାହାରି ନାହିଁ, ସେ ଗଛରୁ ଆଉ ତାହା ହେବ ନାହିଁ। ଏବେ ଚାଷୀ ନିଜ ପରିବାର ମୁହଁରେ କେଉଁଠୁ ଆଣି ଦାନା ଦେବ ଓ ଧାର୍ କରଜ ଟଙ୍କା କେମିତି ସୁଝିବ ବୋଲି ଚିନ୍ତାରେ ଭାଙ୍ଗି ପଡ଼ିଛି।

# ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



**ଡେରାବିଶ, ୨୬।୧୦(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆସ୍ଥ ଶିଶୁମନ୍ଦିର ପରିସରରେ ପ୍ରଜ୍ଞାନ ମିଶନ ପକ୍ଷରୁ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ନିଶିକାନ୍ତ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ତୃତୀୟରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ତିନୋଟି ବର୍ଗରେ ବିଭକ୍ତ କରାଯାଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଅଧ୍ୟାପିକା ହିରଣ୍ମୟୀ ମହାନ୍ତି, ପଣ୍ଡିତ ବିଜୟ ମିଶ୍ର, ରଙ୍ଗାଧର ବୈରାଗୀ, କରୁଣାକର ନାୟକ ଓ ଉପେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ମଧ୍ୟରୁ ତିନୋଟି ବର୍ଗର ୯ ଜଣ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ପୁରସ୍କାର ବିତରଣୀ ସଭାରେ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବିଭୂତି ରଞ୍ଜନ ରାଉତ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ରମେଶ ଶତପଥୀ ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରକାଶ କର ଯୋଗଦେଇଥିଲେ। ଶିକ୍ଷକ ଉପେନ୍ଦ୍ର ବେହୁରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ଶତପଥୀ ୯ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିବା ସହ ଏହି ୯ ଜଣ କୃତୀ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଭାଗ ନେବେ ବୋଲି ସୂଚନା ପ୍ରଦାନ କରିଥିଲେ। ଦୁର୍ଗାମାଧବ ପଣ୍ଡା ବେଦପାଠ କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଆଦେଶକୁ ବେଖାତିର

# ବାତ୍ୟା ପାଇଁ ଛୁଟି ବାତିଲ ସତ୍ତ୍ୱେ ସରକାରୀ କାର୍ଯ୍ୟାଳୟରେ ତାଲା

**ରାଜନଗର, ୨୬।୧୦(ସମିସ):** ରାଜନଗର ବ୍ଲକ ଅଧୀନରେ ଥିବା ବହୁ ସରକାରୀ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀଙ୍କ ଅନୁପସ୍ଥିତ ଯୋଗୁଁ ରାଜନଗର ସେକ୍ସନ କାର୍ଯ୍ୟାଳୟ ଓ ସବଡିଭିଜନ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ପରିଲକ୍ଷିତ ହୋଇଛି। ସେହିପରି ମିଶନଶକ୍ତି କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ ସବଡିଭିଜନ କାର୍ଯ୍ୟାଳୟ, ତଟବନ୍ଧ ବିଭାଜନର ସବଡିଭିଜନ କାର୍ଯ୍ୟାଳୟ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟ, ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ (କୃଷି ଓ ସୂଚନା ପରାମର୍ଶ କେନ୍ଦ୍ର), ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟ, ବ୍ଲକ ଯୋଗାଣ ଓ ଖାଉଟି ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ, ବ୍ଲକ ବୈଷୟିକ ବିଭାଗ, ବ୍ଲକ ଓଡ଼ିଶା ଜୀବିକା ମିଶନ ବିଭାଗ ଓ ଉପନିବନ୍ଧକ(ସବ-ରେଜିଷ୍ଟ୍ରାର)ଙ୍କ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ ଅନୁପସ୍ଥିତ ଯୋଗୁଁ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ବାତ୍ୟା ପ୍ରଭାବରେ ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟିକୁ ଜିଲ୍ଲାପାଳ ବାତିଲ କରିଛନ୍ତି। ମାତ୍ର ଏହି ନିର୍ଦ୍ଦେଶକୁ ରାଜନଗର ବ୍ଲକର ଅଧିକାଂଶ ଅଧିକାରୀ ଓ କର୍ମଚାରୀ ବେଖାତିର କରିଛନ୍ତି। ଫଳରେ ବିଭିନ୍ନ କାର୍ଯ୍ୟାଳୟରେ ତାଲା ଝୁଲୁଛି। ଜିଲ୍ଲାପାଳ କି ପଦକ୍ଷେପ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା।



# କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରେ ପ୍ରଶିକ୍ଷଣ ଶିବିର

**କେନ୍ଦ୍ରାପଡ଼ା, ୨୬।୧୦(ସମିସ):** ସୂତ୍ରକୃମି ନିୟନ୍ତ୍ରଣ ପାଇଁ ରାସାୟନିକ ପଦାର୍ଥଠାରୁ ଅଧିକ କାର୍ଯ୍ୟକାରୀ ପରିଣାମ ଦେଉଛି ଜୈବ ପଦ୍ଧତି। କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ବିଦ୍ୟାଧରପୁର ଦ୍ୱାରା କାବିଲପୁରରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ରୂପକ ଜେନା, ବୈଜ୍ଞାନିକ ଡ. ମିଳନ କୁମାର ଲାଲ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଡ. ଶ୍ରୀରାମ ରତନ ପ୍ରଧାନ, ୧୦ ନମ୍ବର ଜୋନ୍ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସତ୍ୟାନନ୍ଦ ରାଉତ ଯୋଗଦେଇ ଉପରୋକ୍ତ ମତ ପ୍ରକାଶ କରିଛନ୍ତି। ଏ ଅବସରରେ ବୈଜ୍ଞାନିକମାନେ ଗରଦପୁର ବ୍ଲକର କୃଷକଙ୍କୁ ଧାନ ଫସଲରେ ସୂତ୍ରକୃମି ସମସ୍ୟା ଓ ଏହାର ଜୈବିକ ନିୟନ୍ତ୍ରଣ ବିଷୟରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ସୂତ୍ରକୃମି ହେଉଛି ଏକ ଅତି କ୍ଷୁଦ୍ର ଜୀବ ଯାହା ଧାନ ଫସଲରେ ଚେର ଗଣ୍ଠି ସୃଷ୍ଟି କରି ଫସଲର ଉତ୍ପାଦନ ହ୍ରାସ କରେ। ଏହାର ନିରାକରଣ ପାଇଁ ଟ୍ରାଇକୋଡର୍ମା, ବ୍ୟାସିଲସ, ସ୍ୟୁଡୋମୋନାସ ପରି ଉପକାରୀ ଅଣୁଜୀବ ଅତ୍ୟନ୍ତ ଉପଯୋଗୀ। ଶିବିରରେ ବିଜ ଉପଚାର, ନିମ୍ବ ପିଡ଼ିଆର ପ୍ରୟୋଗ, ଜୈବ ଜୀବାଣୁ ବ୍ୟବହାର ଓ ମାଟି ପରିଚର୍ଯ୍ୟା ବିଷୟରେ ଅବଗତ କରାଯାଇଥିଲା। କୃଷକମାନେ ନିଜ ଜମିରେ ଏହି ପଦ୍ଧତି ଅନୁସରଣ କରି ସୂତ୍ରକୃମି ରୋଗକୁ ରୋକିପାରିବେ ବୋଲି ଅଧିକାରୀମାନେ ଜଣାଇଥିଲେ। ତାଲିମ ଶିବିରରେ କୃଷି ଅଧିକାରୀ, କୃଷି ବୈଜ୍ଞାନିକ ଓ ଗରଦପୁର ବ୍ଲକର ଗ୍ରାମୀଣ କୃଷକମାନେ ଉପସ୍ଥିତ ଥିଲେ। ଶେଷରେ ଜୈବ ପଦ୍ଧତିକୁ ଗ୍ରାମ ସ୍ତରରେ ବିସ୍ତାର କରିବା ପାଇଁ ସାମୂହିକ ସଂକଳ୍ପ ଗ୍ରହଣ କରାଯାଇଥିଲା।

# ଏଲ୍‌ଆଇସି ପକ୍ଷରୁ ଦୁର୍ଯ୍ୟୋଧନ ସାହୁଙ୍କୁ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ, ୨୬।୧୦(ସମିସ):** ଭାରତୀୟ ଜୀବନ ବୀମା ନିଗମ ପଟ୍ଟାମୁଣ୍ଡାଇ ଶାଖାର ଅବସରପ୍ରାପ୍ତ ବିକାଶ ଅଧିକାରୀ ଦୁର୍ଯ୍ୟୋଧନ ସାହୁଙ୍କ ବରିଷ୍ଠତା, ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତାକୁ ଭିତ୍ତିକରି ଶାଖା ପକ୍ଷରୁ ପ୍ରଥମ କରି ଏସ୍‌ବିଏ (ବରିଷ୍ଠ ବ୍ୟବସାୟ ସହଯୋଗୀ) ଭାବେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତିକୁ ପଟ୍ଟାମୁଣ୍ଡାଇ ଜୀବନବୀମା ପଲିସୀଧାରୀ ଓ ଜନସାଧାରଣ ସ୍ୱାଗତ କରିଛନ୍ତି। ସ୍ଥାନୀୟ ହରପାର୍ବତୀ ମନ୍ଦିରରେ ଏନେଇ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ଜୀବନ ବୀମା ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ଅରୁଣ କୁମାର ବିଶ୍ୱାଳ, ପ୍ରାକ୍ତନ ବିକାଶ ଅଧିକାରୀ କୁଳମଣି ଗୋଛାୟତ, ଏଲ୍‌ଆଇସିର ମୁଖ୍ୟ ଅଭିକର୍ତ୍ତା ଓ ଉପଦେଷ୍ଟା ରଞ୍ଜନ କୁମାର ପ୍ରଧାନ, ପ୍ରମୋଦ ସାହୁ, ଦେବାଶିଷ ମହାନ୍ତି, ଅଜୟ ରାଉତ ଅଭିରାମ ପତି ଓମ ପ୍ରକାଶ ବାରିକ ପ୍ରମୁଖ ଯୋଗଦେଇ ନୂତନ ଏସ୍‌ବିଏ ଦୁର୍ଯ୍ୟୋଧନ ସାହୁ ଓ ପତ୍ନୀ ପଦ୍ମିନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ସାହୁ ପଟ୍ଟାମୁଣ୍ଡାଇ ଶାଖାରେ ଦୀର୍ଘ ୩୬ବର୍ଷ କାର୍ଯ୍ୟକରି ବେଶ ଅଭିଜ୍ଞତା ଓ ଲୋକପ୍ରିୟତା ହାସଲ କରିଛନ୍ତି ବୋଲି ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ପ୍ରକାଶ କରିଥିଲେ। ଶେଷରେ ଓମ୍‌ପ୍ରକାଶ ବାରିକ ଧନ୍ୟବାଦ ଦେଇଥିଲେ। ସଭାରେ ଏଲ୍‌ଆଇସି ଅଧିକାରୀ, ଏଜେଣ୍ଟ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।



# ବନ୍ଦେ ମାତରମ ହାଇସ୍କୁଲରେ ଗୁରୁପୂଜନ



**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୨୬।୧୦ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଅଣ୍ଡରା ବନ୍ଦେ ମାତରମ ନୋଡାଲ ହାଇସ୍କୁଲରେ ୧୯୯୮ ମ୍ୟାଟ୍ରିକ ବ୍ୟାଚ୍ ପକ୍ଷରୁ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ବିଶ୍ୱରଞ୍ଜନ ସ୍ୱାଇଁଙ୍କ ପୌରୋହିତ୍ୟ ଓ ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଗୁରୁ ପୂଜନ ଓ ବନ୍ଧୁମିଳନ ଉତ୍ସବରେ ହାଇସ୍କୁଲର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ନିମାଇଁ ଚରଣ ଦାଶ, ପଣ୍ଡିତ ସୁରେଶ ଚନ୍ଦ୍ର ଦାଶ, ନିମାଇଁ ଚରଣ ମଲ୍ଲିକ, କାର୍ଯ୍ୟରତ ପ୍ରଧାନଶିକ୍ଷକ ଅମୀର କୁମାର ସେଠୀ, ପ୍ୟାରୀମୋହନ ଦାଶ, ତ୍ରୈଲୋକନାଥ ସ୍ୱାଇଁ, କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ମଲ୍ଲିକ, ଗୋବିନ୍ଦ ଚନ୍ଦ୍ର ନାୟକ, ବିଭୁତି ଭୂଷଣ ମଲ୍ଲିକ, ନଟବର ମଲ୍ଲିକ, କ୍ଷୀରୋଦା ମଲ୍ଲିକ, ମନୋରମା ମଲ୍ଲିକ, ବୈଜୟନ୍ତୀ ମଲ୍ଲିକ, ଦଶରଥ ମଲ୍ଲିକ, ବୁଦ୍ଧିମାନ ମଲ୍ଲିକ, ଶ୍ରୀଧର ବାରିକ ଓ କେଶବ ଦାସ ପ୍ରମୁଖ ଶିକ୍ଷକ ଓ କର୍ମଚାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଧୋୟାଞ୍ଚଳର ଏହି ଗୌରବମୟ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର ବିରେନ ମଲ୍ଲିକ ସ୍ୱାଗତ ଭାଷଣ ଓ ବିଶ୍ୱରଞ୍ଜନ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ଭୂପେନ ମଲ୍ଲିକ, ଅମୃତା ନାୟକ, ସ୍ୱପ୍ନାରାଣୀ ସ୍ୱାଇଁ, ମନ୍ମୟକେତନ ରାଉତ, ପ୍ରସନ୍ନଜିତ ମଲ୍ଲିକ, ସବିତା ମଲ୍ଲିକ, ରଞ୍ଜିତ ମଲିକ ପ୍ରମୁଖ ସ୍କୁଲ ଜୀବନର ସ୍ମୃତିଚାରଣ କରିଥିଲେ। ଶେଷରେ ସ୍ମିତାରାଣୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଏଇ ଅବସରରେ ପୁରାତନ ଛାତ୍ରଛାତ୍ରୀ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗୁରୁ ପୂଜନ ଓ ବନ୍ଧୁମିଳନ ଉତ୍ସବରେ ୧୯୯୮ ମ୍ୟାଟ୍ରିକ ବ୍ୟାଚ୍‌ର ଅଧିକାଂଶ ଛାତ୍ରଛାତ୍ରୀ ଯୋଗଦେଇଥିଲେ।


# ‘ପିଲାଙ୍କ ପ୍ରତିଭାକୁ ବିକଶିତ କରିବାର ମଞ୍ଚ ସୁରଭି’




**ମାର୍ଶାଘାଇ, ୨୬।୧୦(ସମିସ):** ପିଲାମାନଙ୍କ ଅବଦମିତ ପ୍ରତିଭାକୁ ବିକଶିତ କରିବାରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ଉଲ୍ଲେଖନୀୟ ଭୂମିକା ରହିଛି। କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ ମଧୁସାଗର ବିଦ୍ୟାପୀଠରେ ବ୍ଲକସ୍ତରୀୟ ‘ସୁରଭି’ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ ନାୟକ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ମଣ୍ଡଳ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବିଧାୟକ ଡ. ନାୟକ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ଚିହ୍ନଟ ଓ ପରିସ୍ଫୁଟନ କରିବାରେ ‘ସୁରଭି’ ଗୁରୁତ୍ୱ ବହନ କରୁଥିବା କହିଥିଲେ। ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଦିପ୍ତୀ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ସହ ଶିକ୍ଷାଅଧିକାରୀ ସୁଶାନ୍ତ କୁମାର ବେଉରା, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଇତିଶ୍ରୀ ପଣ୍ଡା, ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ଗୋପୀନାଥ ବେହେରା, ପୂର୍ବତନ ସରପଞ୍ଚ ରାଜୀବ କୁମାର ପୃଷ୍ଟି, ୨୫ନଂ ଜୋନ୍ ବିଜେପି ସଭାପତି ରଶ୍ମିରଞ୍ଜନ ରାଉତରାୟ, ଉମାକାନ୍ତ ଦାସ, ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। କପିଳମୁନି ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରସନ୍ନ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ ୧୫ଟି କ୍ଲଷ୍ଟରରୁ ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ବକ୍ତୃତା, ଚିତ୍ରାଙ୍କନ, ଲିଖନ ସମେତ ଅନ୍ୟାନ୍ୟ ପ୍ରତିଯୋଗିତାରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମାଧବବିକା ସାହୁ ବିଧାୟକଙ୍କ ଉଦ୍ଦେଶ୍ୟରେ ବିଦ୍ୟାପୀଠର ବିଭିନ୍ନ ସମସ୍ୟା ପାଠ କରିଥିଲେ। ୧୫ଟି କ୍ଲଷ୍ଟରର ପଶୁରାମ ନାୟକ, ନିରଞ୍ଜନ ରାଉତ, ଗଗନ ସ୍ୱାଇଁ, ପ୍ରୀତିଧାରା ଜେନା, ଅମରେଶ ମଲ୍ଲିକ, ଉଦ୍ୟତ କେଶରୀ ସାମନ୍ତରା, ଉତ୍କଳ ରଞ୍ଜନ ଦାସ, ହରେକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମଲ, ମାଧୁରୀ ଭଦ୍ର, ସୁନିତା ମହାନ୍ତି, ସୂଚୀସ୍ମିତା ଦାସ, ଶିକ୍ଷକ ମରୁତ କୁମାର ସାମଲ, ବୈଷ୍ଣବ ଖଣ୍ଡୁଆଳ, ସଂଗ୍ରାମ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ସଦାନନ୍ଦପୁର ବୁଣାକାର ସାହିରେ ଗିରିଗୋବର୍ଦ୍ଧନ ପୂଜା

**ପଞ୍ଚୁପାଣ୍ଡବ, ୨୬।୧୦(ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ଥିବା ବୁଣାକାର ସାହିରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହେଉଛି। ଏହି ପୂଜା ମଣ୍ଡପରେ ଦୀର୍ଘ ୬୦ ବର୍ଷ ଧରି ଗିରିଗୋବର୍ଦ୍ଧନ ପୂଜା କରାଯାଉଛି। ଏହି ସାହିରେ ପ୍ରାୟ ୮୦ ଘର ଲୋକେ ଏହାକୁ ଦୀର୍ଘଦିନ ଧରି ପାଳନ କରୁଥିବାବେଳେ ଚଳିତ ବର୍ଷ ସାତଦିନ ଧରି ଧୂମଧାମରେ ପୂଜା କରାଯାଉଥିବା ଦେଖିବାକୁ ମିଳୁଛି। ପ୍ରତି ସନ୍ଧ୍ୟାରେ ଭଜନ, କୀର୍ତ୍ତନ, ପାଲା, ମେଲୋଡି କାର୍ଯ୍ୟକ୍ରମ କରାଯାଉଛି। ତିନିଦିନ ଧରି ଯାତ୍ରା ପରିବେଷଣ ହେଉଛି। ଏହି ପୂଜାକୁ ଗିରିଗୋବର୍ଦ୍ଧନ ପୂଜା କମିଟି ସଦସ୍ୟଙ୍କ ସହ ଗ୍ରାମର ସମସ୍ତେ ଅଂଶଗ୍ରହଣ କରି ସହଯୋଗ କରୁଛନ୍ତି।



# ଡେରାଡିହରେ ଗିରିଗୋବର୍ଦ୍ଧନଙ୍କ ପୂଜା

**ଡେରାବିଶ, ୨୬।୧୦(ସମିସ):** ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅଧୀନ ଡେରାଡ଼ିହ ଗ୍ରାମରେ ମହାସମାରୋହରେ ଅନୁଷ୍ଠିତ ହେଉଛି ଗିରିଗୋବର୍ଦ୍ଧନଙ୍କ ପୂଜା ଉତ୍ସବ। ଡେରାଡିହ ଗ୍ରାମବାସୀଙ୍କ ଦ୍ୱାରା ଦୀର୍ଘ ୧୫ ବର୍ଷ ହେବ ପୂଜା ଅନୁଷ୍ଠିତ ହୋଇ ଆସୁଛି। କାର୍ତ୍ତିକ ଶୁକ୍ଳ ପ୍ରତିପଦ ତିଥିଠାରୁ ଆରମ୍ଭ ହୋଇଥିବା ପୂଜାର ରବିବାର ଥିଲା ଷଷ୍ଠ ତଥା ଶେଷ ସନ୍ଧ୍ୟା। ପୂଜାମଣ୍ଡପକୁ ଆକର୍ଷଣୀୟ ତୋରଣ ଓ ଆଲୋକମାଳାରେ ସଜ୍ଜିତ କରାଯାଇଥିବା ବେଳେ ପ୍ରତ୍ୟେହ ସନ୍ଧ୍ୟାରେ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବା ପୂଜା କମିଟିର ସଭ୍ୟ ମଳୟ କାମିଲା ଓ ବ୍ରଜବନ୍ଧୁ ସାହୁ ପ୍ରକାଶ କରିଛନ୍ତି।



## ବାଲିପାଟଣାରେ ଶିଶୁ ମହୋତ୍ସବ

# ‘ଶିଶୁଙ୍କ ପ୍ରତିଭା ବିକାଶ ପାଇଁ ସୁରଭି ବଳିଷ୍ଠ ମାଧ୍ୟମ’

**ପଟ୍ଟାମୁଣ୍ଡାଇ, ୨୬।୧୦(ସମିସ)**

ଶିଶୁ ମହୋତ୍ସବ ‘ସୁରଭି’ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ବଳିଷ୍ଠ ପଦକ୍ଷେପ ବୋଲି କେନ୍ଦ୍ରାପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ବାଲିପାଟଣା ନୋଡାଲ ହାଇସ୍କୁଲଠାରେ ବାଲିପାଟଣା କ୍ଲଷ୍ଟର ପକ୍ଷରୁ ଆୟୋଜିତ ଶିଶୁ ମହୋତ୍ସବ ସୁରଭି-୨୦୨୫ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି। ମୁଖ୍ୟଅତିଥି ବିଧାୟକ ଶ୍ରୀ ବେହେରା ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକମାନେ ଶିଶୁମାନଙ୍କ ପ୍ରତିଭା ବିକାଶ କରି ବିଭିନ୍ନ କ୍ଷେତ୍ରରେ ସଫଳ ହେବା ପାଇଁ ଶିଶୁମାନଙ୍କୁ ତିଆରି କରିବାକୁ ପରାମର୍ଶ ଦେବାସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସିଲ୍ଡ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁଲତା ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ ମୁଖ୍ୟବକ୍ତା, ସିଆର୍‌ସିସି ନମିତା ସାହୁ, ପୂର୍ବତନ ସମିତି ସଭ୍ୟ ଅଭୟ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୌମେନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଲିପାଟଣା ନୋଡାଲ ସ୍କୁଲ ସହକାରୀ ଶିକ୍ଷକ ଦିବାକର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ମଣ୍ଡପଡ଼ା ଭଜନେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷକ ଗୋଲକ ବିହାରୀ ଭୂୟାଁ ଧନ୍ୟବାଦ ଦେଇଥିଲେ। ବାଲିପାଟଣା ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବିଦୁଲତା ମଲ୍ଲିକଙ୍କ ପୌରୋହିତ୍ୟରେ ଉଦ୍‌ଘାଟନ ଉତ୍ସବରେ ବାଲିପାଟଣା ସରପଞ୍ଚ ଅଜିତ କୁମାର ନାୟକ ମୁଖ୍ୟଅତିଥି, ଶିକ୍ଷାବିତ ରଘୁନାଥ ମଲ୍ଲିକ ମୁଖ୍ୟବକ୍ତା, ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସମାଜସେବୀ ଦିଲ୍ଲୀପ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଲିପାଟଣା ନୋଡାଲ ସ୍କୁଲ ସହକାରୀ ଶିକ୍ଷକ ଦିବାକର ଦାଶ ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲେ। ଶେଷରେ ସ୍କୁଲ ପରିଚାଳନା କମିଟି ଉପସଭାପତି ସବିତା ଜେନା ଧନ୍ୟବାଦ ଦେଇଥିଲେ। ‘ସୁରଭି’ କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନ ୧୧ଟି ସ୍କୁଲର ୩୦୦ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ପଞ୍ଚଶଖା ଶିକ୍ଷା ସେତୁ ଅଭିଯାନ କମିଟି ସଭାପତି ସଞ୍ଜିତ ଜେନା ଓ ପୁରାତନ ଛାତ୍ର ଚନ୍ଦ୍ରଶେଖର ବେହେରା ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ମନ୍ମଥ ବେହୁରା, ପ୍ରସନ୍ନ ନାୟକ, ସତ୍ୟରଞ୍ଜନ ନାୟକ, ସୌମ୍ୟରଞ୍ଜନ ସାହୁ, ପ୍ରମୋଦ ନାୟକ, ହେମନ୍ତ ତରାଇ ପ୍ରମୁଖ ପରିଚାଳନା କରିଥିଲେ। ଦେବାଶିଷ ଜେନା, କ୍ଷୀରୋଦ ବେହୁରା, ଆଶିଷ ଜେନା, ସଞ୍ଜିତ ନାୟକ, ଅନ୍ତର୍ଯ୍ୟାମୀ ନନ୍ଦ, ଗିରିଶ ନାୟକଙ୍କ ସମେତ ପୁରାତନ ଛାତ୍ର ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



C-1314

Estd. 1974

**OFFICE OF THE MUNICIPAL COUNCIL, ANANDAPUR**
email:-executiveofficer_andp@rediffmail.com
Phone No:- 06731-24088

**E-PROCUREMENT NOTICE**
Notice No- 3817, Dt- 17.10.2025
Bid Reference No:- AM-ANDP-03/2025-26

**INVITATION FOR BID**

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: **92** Nos
2. Place of Execution: Anandapur Municipality
3. Estimated Cost of Individual Work: **Rs. 3,02,567.06 to Rs. 16,94,802.00**
4. Eligible Class of Contractors: Registered Contractors of **Class- 'D', 'C'** work mentioned in the tender call notice.
5. Intending bidders have to participate through **"On-Line"** bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 P.M on 30.10.2025** to **5.00 P.M on 13.11.2025** for online bidding.
7. Bids received online will be opened at **11.00 A .M on 14.11.2025**
8. The bidder must possess valid and compatible **Digital Signature Certificate** (DSC).
9. The DTCN for **92** Nos. of work shall be available in the e-procurement portal www.tendersodisha.gov.in for on-line bidding.

Executive Officer,
Anandapur Municipality

OIPR-13049/11/0018/2526

### ଓଏସ୍‌ଡବ୍ଲୁସି ଚାଉଳ ଗ୍ରହଣ କେନ୍ଦ୍ରରେ ଅବ୍ୟବସ୍ଥା ଘଟଣା

# ଖାମଖିଆଲ ଭାବେ ତଦନ୍ତ କରୁଛନ୍ତି ଅଧିକାରୀ

ଜୟପୁର,୨୬।୧୦(ସମିସ): ଜୟପୁର ନିକଟସ୍ଥ ଗାଗନାପୁର ସ୍ଥିତ ଓଏସଡ଼ବ୍ଲୁ କେନ୍ଦ୍ରରେ ବିନା ପ୍ରକ୍ୟୁରମେଣ୍ଟ ନିରୀକ୍ଷକ (ପି.ଆଇ)ଙ୍କ ଅନୁପସ୍ଥିତିରେ ସରକାରୀ ଚାଉଳ ଗୋଦାମରୁ ଚାଉଳ ଟ୍ରକ୍ ଏବଂ ମିନିଟ୍ରକ ମାଧ୍ୟମରେ ଲୋଡିଂ କରାଯାଇ ବିଭିନ୍ନ କେନ୍ଦ୍ରକୁ ପଠାଯାଉଥିବା ନେଇ ଏକ ବିସ୍ତୃତ ଖବର 'ସକାଳ' ଖବରକାଗଜରେ ଗତ ଅଗଷ୍ଟ ୩୦ ତାରିଖରେ ପ୍ରକାଶ ପାଇଥିଲା। ଏଥିନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଜିଲ୍ଲାପାଳ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶଙ୍କର୍ଷଣ ଭୁଏ ଏବଂ ସଦର ସହକାରୀ ଯୋଗାଣ ଅଧିକାରୀ ଏ.ଲକ୍ଷ୍ମଣ ରାଓଙ୍କୁ ଏହାର ତଦନ୍ତ ଦାୟିତ୍ୱ ପ୍ରଦାନ କରିଥିଲେ। ଏହି ଦୁଇ ଅଧିକାରୀ ତଦନ୍ତ କରିଥିଲେ ସୁଦ୍ଧା ପ୍ରକୃତ ଘଟଣା ବିଷୟରେ ତଦନ୍ତ ବଦଳରେ ଉକ୍ତ ଚାଉଳ ଗ୍ରହଣ କେନ୍ଦ୍ରର ପିଆଇ ଦାୟିତ୍ୱ ରହିଥିବା ନିର୍ମଳ କୁମାର ମଣ୍ଡଳ ଏବଂ ଉକ୍ତ ଦିନ ସେଠାରେ ଅନୁପସ୍ଥିତ ରହିଥିବା ଏସଏ ତଥା ଗୋଦାମ ସହକାରୀ (ଜିଏ)ଙ୍କ ଠାରୁ ଲିଖିତ ଭାବେ ଷ୍ଟେଟମେଣ୍ଟ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶର ଖାମଖିଆଲି ଭାବେ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। କିନ୍ତୁ ଉକ୍ତ ଦିନ ପିଆଇ ଶ୍ରୀ ମଣ୍ଡଳ ଗୋଦାମରେ ଅନୁପସ୍ଥିତ ରହିଥିବା ବେଳେ ତାଙ୍କ ଶରୀର ଅସୁସ୍ଥ ରହିଥିବା ଯୋଗୁଁ ଚାଉଳ ଗ୍ରହଣ କେନ୍ଦ୍ରରୁ ଚାଲିଯାଇଥିଲେ ଏବଂ ପୁଣି ଅପରାହ୍ନରେ ନିଜ କାର୍ଯ୍ୟକୁ ଫେରିଥିବା ନେଇ ଲିଖିତ ଷ୍ଟେଟମେଣ୍ଟରେ ଉଲ୍ଲେଖ କରିଛନ୍ତି। କିନ୍ତୁ କେତେ ସମୟ ପାଇଁ ସେ କେନ୍ଦ୍ର ଛାଡି ଯାଇଥିଲେ ଏବଂ କେତେ ବେଳେ ପୁଣି ଗୋଦାମକୁ ଫେରିଲେ କୌଣସି ଉଲ୍ଲେଖ ନାହିଁ। ଏହିପରି କେଉଁ ଉଚ୍ଚ ଅଧିକାରୀଙ୍କ ଅନୁମତି ନେଇ ପିଆଇ ସରକାରୀ ଦାୟିତ୍ୱରେ ରହିଥିବା ଏହି କେନ୍ଦ୍ର ଜଣେ କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରି ଯାଇଥିଲେ । ତାଙ୍କ ଅସୁସ୍ଥତା ନେଇ ଡାକ୍ତରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ପ୍ରଦାନ କରାଯାଇନାହିଁ। କେନ୍ଦ୍ରରେ ସିସି କ୍ୟାମେରା ନଥିବା ଯୋଗୁଁ କୌଣସି ଉପଯୁକ୍ତ ତଥ୍ୟ ମଧ୍ୟ ସଂଗ୍ରହ କରାଯାଇନାହିଁ। ମିଲ ମାଲିକ ମାନଙ୍କ ଠାରୁ ଚାଉଳ ଗ୍ରହଣ କେନ୍ଦ୍ର ଗୁଡିକରେ ଲାଞ୍ଚ ଟଙ୍କା ନେଇ ଚାଉଳ ଗ୍ରହଣ କରାଯାଉଥିବା ଅଭିଯୋଗ ହୋଇଥିଲା। ଏନେଇ ଅଗଷ୍ଟ ମାସ ୩୦ ତାରିଖରେ ଖବର ପ୍ରକାଶ ପାଇଥିବା ବେଳେ ତଦନ୍ତକାରୀ ଅଧିକାରୀ ମାନେ ଗତ ମେ ମାସ ୨୩ ତାରିଖରେ ସଂଘ ପକ୍ଷରୁ ପତ୍ରକୁ ଦେଖାଇ ମିଲ ମାଲିକ ସଂଘର କୌଣସି ଅଭିଯୋଗ ନାହିଁ ବୋଲି ଉକ୍ତ ପତ୍ରକୁ ସଂଲଗ୍ନ କରିବା ସହ ପ୍ରଶାସନକୁ ଖାମଖିଆଲି ଭାବେ ପ୍ରଦାନ କରାଯାଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏହିପରି ସରକାର ଏବଂ ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶକୁ ତଦନ୍ତ ଦାୟିତ୍ୱରେ ରହିଥିବା ଅଧିକାରୀ ମାନେ ଭୁଲ ତଥ୍ୟ ପ୍ରଦାନ କରିବା ସହ ରିପୋର୍ଟ ପ୍ରସ୍ତୁତ କରୁଥିବା, ଉକ୍ତ ତଦନ୍ତକାରୀ ଅଧିକାରୀ ମାନଙ୍କ ବିରୋଧରେ ଫଳପ୍ରଦ ତଥା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଦୁର୍ନୀତିକୁ ରୋକାଯାଇପାରିବ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି । ଏପରି ସମ୍ବେଦିନଶୀଳ ଘଟଣା ଭିଜିଲାନ୍ସ କିମ୍ବା ଅନ୍ୟକୌଣସି ନିରପେକ୍ଷ ବିଭାଗ ଦ୍ୱାରା ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଘଟଣାର ପର୍ଦ୍ଦାଫାଶ ହେବ। ଦୁର୍ନିତୀ କେବଳ ତଳ ସ୍ତରୀୟ କର୍ମଚାରୀ କିମ୍ବା ଅଧିକାରୀ ନୁହଁନ୍ତି, ଏଥିରେ ବଡ଼ବଡ଼ ଅଧିକାରୀ ଏବଂ ଦଲାଲ ସାମିଲ ରହି ଏକ ର୍‌ୟାକେଟ ମାଧ୍ୟମରେ ପରିଚାଳିତ ହେଉଥିବା ଚର୍ଚ୍ଚା ହେଉଛି। ଏଥିନେଇ ତଦନ୍ତକାରୀ ଅଧିକାରୀ ଦାୟିତ୍ୱରେ ରହିଥିବା ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଭୁଏ କହିଛନ୍ତି ଯେ, ତଦନ୍ତ କରିବାକୁ ନେଇ ଯେଉଁ ନିର୍ଦ୍ଦେଶନାମା ଆସିଥିଲା, ଏହାର ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି। ଏକ ସମ୍ବେଦନଶୀଳ ଅଞ୍ଚଳରେ ରହିଥିବା ଏହି ଚାଉଳ ଗ୍ରହଣ କେନ୍ଦ୍ରରେ ସିସି କ୍ୟାମେରା ନଥିବାର ପ୍ରକୃତ ସତ୍ୟାସତ୍ୟ, କେଉଁ ବିଭାଗୀୟ କର୍ମଚାରୀ ମାନେ ଗୋଦାମରେ ଉପସ୍ଥିତ ରହୁଛନ୍ତି ଏବଂ କେତେ ସମୟ ରହୁଛନ୍ତି ଏହାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ଦାବି ହେଉଛି। ଏହି ଘଟଣାର ସମସ୍ତ ତଦନ୍ତ ରିପୋର୍ଟ ଗତ ଅକ୍ଟୋବର ୧୭ ତାରିଖରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। କିନ୍ତୁ ଉକ୍ତ ରିପୋର୍ଟକୁ ନିରପେକ୍ଷ ଭାବେ ଯାଞ୍ଚ କରି କେଉଁ ବିଷୟ ଗୁଡିକ ଜାଣିଶୁଣି ଉଲ୍ଲେଖ କରାଯାଇନାହିଁ ତାହାର ପର୍ଦ୍ଦାଫାଶ କଲେ ଯାଞ୍ଚ ଅଧିକାରୀଙ୍କ ଅସଲ ଗୁମର ପଦାକୁ ଆସିବ ବୋଲି ମତ ପ୍ରକାଶ ପାଉଛି।

## ସ୍ୱତନ୍ତ୍ର ଟ୍ରେଜେରୀର ପିଅନ ଜେଲ୍ ଗଲେ

ଜୟପୁର, ୨୬ ।୧୦ (ସମିସ) : ଜୟପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ସ୍ଥାନୀୟ ସ୍ୱତନ୍ତ୍ର ଟ୍ରେଜେରୀ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ୪୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗତକାଲି ଧରାପଡି ଗିରଫ ହୋଇଥିଲେ। ଆଜି ଭିଜିଲାନ୍ସ ବିଭାଗ ପକ୍ଷରୁ ଗିରଫ ଅଭିଯୁକ୍ତ ପିଅନ ହରିଶ୍ଚନ୍ଦ୍ର ମହାପାତ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହିପରି ଅଭିଯୁକ୍ତଙ୍କ ଓକିଲ ପକ୍ଷରୁ ଜାମିନ ଆବେଦନ କରାଯାଇଥିଲା, କିନ୍ତୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଦାୟୀତ୍ୱରେ ରହିଥିବା ଜଜ୍ ଡ. ସଂଘମିତ୍ରା ଦାସ ଜାମିନ ଶୁଣାଣି ଆସନ୍ତା ମାସ ୭ ତାରିଖ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। କୋର୍ଟରେ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତଙ୍କ ବିଚାରବିଭାଗିୟ ହାଜତ (ଜେଲ) କୁ ପଠାଯାଇଛି। ପ୍ରକାଶ ଯେ, ଗତକାଲି ଭୂବନ୍ଦୋବସ୍ତ ବିଭାଗର ମୃତ କର୍ମଚାରୀଙ୍କ ପତ୍ନୀଙ୍କ ପେନସନ ବାବଦକୁ ବକୟା ରହିଥିବା ୩ଲକ୍ଷ ୪୮ ହଜାର ଟଙ୍କାର ବିଲ୍ ପ୍ରସ୍ତୁତ କରାଯାଇ ଉକ୍ତ ଟଙ୍କା ପ୍ରଦାନ ନେଇ ଅଭିଯୁକ୍ତ ପିଅନ ମହାପାତ୍ର ୮୭ ହଜାର ଟଙ୍କା ଲାଞ୍ଚ ଦେବାକୁ ଦାବି କରିଥିଲେ। ଏହିପରି ଗତ ସପ୍ତାହରେ ମୃତ ଚାକିରିଆଙ୍କ ଜ୍ୱାଇଁ ଭରତ ନାୟକଙ୍କ ଠାରୁ ୪୦ ହଜାର ଟଙ୍କା ନେଇଥିବା ବେଳେ ବକୟା ୪୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ସୂଚନା ଅନୁଯାୟୀ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢଉ କରାଯାଇ ଅଭିଯୁକ୍ତଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ଟ୍ରେଜେରୀ କାର୍ଯ୍ୟାଳୟ ଠାରେ ଟଙ୍କା ସହିତ ଧରାପଡିଥିଲେ। ଏହିପରି ଅଭିଯୁକ୍ତ ପିଅନ ମହାପାତ୍ରଙ୍କ ପାରାବେଡା ଏଲ.ଆଇ.ସି କୋଲନୀ ଅଞ୍ଚଳରେ ୨ ମହଲା ଭବନ ରହିଥିବା ବେଳେ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତି ଏବଂ ଏହି ମାମଲାରେ ବିଭାଗର ଅଧିକାରୀ ଏବଂ କିଛି ତୃତୀୟ ଶ୍ରେଣୀ କର୍ମଚାରୀ ସଂଶ୍ଳିଷ୍ଟ ରହିଥିବା ଅଭିଯୋଗ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ପ୍ରକୃତ ସତ୍ୟାସତ୍ୟକୁ ନେଇ ତଦନ୍ତ ଜାରୀ ରହିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତକାଲି ଭିଜିଲାନ୍ସ ଏସ.ପି ରବିନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଡିଏସପି ସଦାନନ୍ଦ ପାଣିଙ୍କ ନେତୃତ୍ୱରେ ଇନସପେକ୍ଟର ସଞ୍ଜୟ ପ୍ରଧାନ, ସାବିତ୍ରୀ ପ୍ରଧାନ, ସୂର୍ଯ୍ୟ ପ୍ରକାଶ ନାୟକ ଏବଂ ଅନ୍ୟାନ୍ୟ କର୍ମଚାରୀ ଚଢ଼ଉରେ ଯୋଗ ଦେଇଥିଲେ।

## ଡିସେମ୍ବର ୧୪ରେ ରାୟଗଡ଼ା ସାହିତ୍ୟ ମହୋତ୍ସବ



ରାୟଗଡ଼ା,୨୬।୧୦(ସମିସ): ଆଗାମୀ ଡିସେମ୍ବର ୧୪ ତାରିଖରେ ଆୟୋଜିତ ହେବ ରାୟଗଡ଼ା ସାହିତ୍ୟ ମହୋତ୍ସବ। ଏଥିସହ ମହୋତ୍ସବର ମୁଖପତ୍ର 'ଶବ୍ଦରାଗ' ମଧ୍ୟ ପ୍ରକାଶିତ ହେବ। ସ୍ଥାନୀୟ ନ୍ୟୁ କଲୋନୀ ପୂଜା କମିଟି ସମ୍ମିଳନୀ କକ୍ଷରେ ମହୋତ୍ସବ କମିଟିର ଅଧ୍ୟକ୍ଷ ଡ.ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଜି ଆୟୋଜିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି। କମିଟିର ସମ୍ପାଦକ କବି ସୁଶାନ୍ତ କୁମାର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ନିକଟରେ ପରଲୋକ ଗମନ କରିଥିବା କବି ଡ. ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଆତ୍ମାର ସଦ୍‌ଗତି କାମନା ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା ସହ ତାଙ୍କର ସ୍ମୃତି ଚାରଣ କରାଯାଇଥିଲା। ପରେ ଡ଼ ମହାନ୍ତି ଆଗାମୀ ସାହିତ୍ୟ ମହୋତ୍ସବକୁ ସଫଳ କରିବା ଲାଗି ଉପସ୍ଥିତ ସମସ୍ତ ସାହିତ୍ୟିକ ବନ୍ଧୁଗଣଙ୍କୁ ଆହ୍ୱାନ କରିଥିଲେ। ରାୟଗଡ଼ ସାହିତ୍ୟ ମହୋତ୍ସବର ଅନ୍ୟତମ ଉପଦେଷ୍ଟା କୀର୍ତ୍ତିଚନ୍ଦ୍ର ସାହୁ ପୂର୍ବବର୍ଷ ଭଳି ଚଳିତ ବର୍ଷ ବି ମହାଆଡମ୍ବର ସହ ସାହିତ୍ୟ ମହୋତ୍ସବ ପାଳନ କରିବା ସହ ରାୟଗଡ଼ା ମାଟିର ସାହିତ୍ୟ ସୁଗନ୍ଧକୁ ରାଜ୍ୟବ୍ୟାପୀ କରିବାକୁ ମତବ୍ୟକ୍ତ କରିଥିଲେ। ସାହିତ୍ୟିକ ବିମଳ ଚାନ୍ଦ ପଟ୍ଟନାୟକ ଓ ଶ୍ରୀଧର ପଟ୍ଟନାୟକଙ୍କୁ 'ଶବ୍ଦରାଗ' ମାଗାଜିନ ପ୍ରସ୍ତୁତିର ସମସ୍ତ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଆଗାମୀ ନଭେମ୍ବର ୧୫ ସୁଦ୍ଧା ଶବ୍ଦରାଗ ଲାଗି ଲେଖା ସଂଗ୍ରହ ଲାଗି ନିଷ୍ପତି ହୋଇଥିଲା। ଏଥିରେ ଲାବଣ୍ୟ ମୋହନ ପଟ୍ଟନାୟକ, ଅରୁଣ କୁମାର ଲେଙ୍କା, ପ୍ରଶାନ୍ତ ପଟ୍ଟନାୟକ, ଅରୁଣ ପାଣିଗ୍ରାହୀ, ଉଦୟ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତି ସାହୁ, ସସ୍ମିତା ଆଚାର୍ଯ୍ୟ, ସସ୍ମିତା ମିଶ୍ର, ଲୋକନାଥ ପଣ୍ଡା, ମଞ୍ଜୁଶ୍ରୀ ମୁଖାର୍ଜୀ, ଜଗଦିଶ ଚନ୍ଦ୍ର ଦୋରା, ଶିବ ପ୍ରସାଦ ମିଶ୍ର, ରବି ନାରାୟଣ ଶତପଥି, ସୁବାସ ଚନ୍ଦ୍ର ବେହେରା, ରଘୁନାଥ ଭୁଏ, ମନୋରଞ୍ଜନ ମିଶ୍ର, ଇଂ ଗୌରୀ ଶଙ୍କର ରାଓ, ଦ୍ୱିତୀଚନ୍ଦ୍ର ସାହୁଙ୍କ ସମେତ ରାୟଗଡ଼ାର ସାହିତ୍ୟିକ ତଥା ସାହିତ୍ୟ ଅନୁରାଗୀମାନେ ଯୋଗଦେଇ ସଫଳତାର ସହ ରାୟଗଡ଼ା ସାହିତ୍ୟ ମହୋତ୍ସବ ୨୦୨୫ ଆୟୋଜନ ଲାଗି ମତ ପ୍ରଦାନ କରିଥିଲେ। ଶେଷରେ ଉପ ସଭାପତି ନୀଳମଣୀ ପାଟ୍ଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଲ୍ ଓଡିଶା ଅଙ୍ଗନବାଡ଼ି ଲେଡିସ ୱାର୍କର୍ସ ଆସୋସିଏସନ୍‌ର ବୈଠକ



କୋରାପୁଟ,୨୬।୧୦(ସମିସ): ସ୍ଥାନୀୟ ସଂସ୍କୃତି ପରିଷଦ ଠାରେ ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ୍ ଓଡିଶା ଅଙ୍ଗନବାଡ଼ି ଲେଡିସ ୱାର୍କର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା ତରଫରୁ ଅବିଭକ୍ତ କୋରାପୁଟ ଜିଲ୍ଲା ଜୋନାଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରତୀୟ ମଜଦୁର ସଂଘ, କୋରାପୁଟ ଜିଲ୍ଲାର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଭାରତୀୟ ମଜଦୁର ସଂଘର ରାଷ୍ଟ୍ରୀୟ ସମ୍ପାଦିକା ତଥା ଅଙ୍ଗନବାଡି ମହାସଂଘର ସଂଗଠନ ମନ୍ତ୍ରୀ ଅଞ୍ଜଳି ପଟେଲ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ରୂପେ ରାଜ୍ୟ ବିଏମଏସ ଉପସଭାପତି ଆଲୋକ ରଥ, ଅଙ୍ଗନବାଡି ୟୁନିଅନର ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର, ଜିଲ୍ଲା ବିଏମଏସ ଉପଦେଷ୍ଟା ସୁଧାଂଶୁ କୁମାର ପାଢ଼ୀ, ରାଜ୍ୟ ଅଙ୍ଗନବାଡି ୟୁନିଅନ କାର୍ଯ୍ୟକାରିଣୀ ସଦସ୍ୟ ସ୍ୱର୍ଣ୍ଣଲତା ପଣ୍ଡା ଓ ସବିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାର ଅଙ୍ଗନବାଡି କର୍ମୀ ସମସ୍ୟା ଗୁଡିକ ବିଷୟରେ ଆଲୋକପାତ କରାଯାଇ ତାହାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନା କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ଯଦି ସମସ୍ୟାର ସମାଧାନ ଶୀଘ୍ର ନ ହୁଏ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ବୈଠକରେ କୋରାପୁଟ ଜିଲ୍ଲାର ପ୍ରତ୍ୟେକ ବ୍ଲକର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ସହ ବହୁତ କର୍ମୀ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଆହତ

ମାଥିଲି, ୨୬ ।୧୦(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଡାଇଗୁଡାରେ ଭାଲୁ କାମୁଡ଼ାରେ ଜଣେ ଆହତ ହୋଇଛି। ଜଙ୍ଗଲରୁ ଛେଳି ଚରାଇ ଫେରିବାବେଳେ ସନ୍ଧ୍ୟାରେ ଭାଲୁ ଆକ୍ରମଣ କରିଥିଲା। ସୂଚନା ଅନୁଯାୟୀ ଡାଇଗୁଡା ଗାଁର ଲଇଖନ କମାର ନୀତିଦିନ ପରି ଛେଳି ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଜଙ୍ଗଲରୁ ସନ୍ଧ୍ୟାରେ ଫେରୁଥିଲେ। ଏହି ସମୟରେ ହଠାତ୍ ଏକ ଭାଲୁ ତାଙ୍କ ଉପରକୁ ଆକ୍ରମଣ କରିଥିବା ବେଳେ ସେ ଚିତ୍କାର କରିବାକୁ ଲାଗିଥିଲେ। ତାଙ୍କ ଚିତ୍କାର ଶୁଣି ଗାଁ ଲୋକେ ସେଠାରେ ପହଞ୍ଚି ଭାଲୁ କବଳରୁ ଲଇଖନକୁ ଉଦ୍ଧାର କରିଥିଲେ। ସେଠାରୁ ତାଙ୍କୁ ଗ୍ରାମବାସୀ ଆହତ ଅବସ୍ଥାରେ ମାଥିଲି ସବ୍ ଡିଭିଜନ ମେଡିକାଲରେ ଭର୍ତ୍ତି କରିଛନ୍ତି। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

## ଆରମ୍ଭ ହେଲା ମେଡ଼ିକାଲରେ ହେଲ୍ପ ଡେସ୍କ



ବୈପାରିଗୁଡ଼ା, ୨୬।୧୦(ସମିସ): ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆରମ୍ଭ ହେଲା ହେଲ୍ପ ଡେସ୍କ। ଆଉ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କୁ ହଇରାଣ ହେବାକୁ ପଡିବ ନାହିଁ। ରୋଗୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ହେଲ୍ପ ଡେସ୍କର ବ୍ୟବସ୍ଥା ଆରମ୍ଭ କରାଯାଇଛି। ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୨ ବର୍ଷ ପୂର୍ବେ ୨୦୨୪ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟିତ ହୋଇଥିଲା। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୨୦ଟି ପଞ୍ଚାୟତ ସହ ଆଖପାଖ ବ୍ଲକର ରୋଗୀ ମଧ୍ୟ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ତିନି ମହଲା ବିଶିଷ୍ଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଗୁରୁତର ଏବଂ ବିକଳାଙ୍ଗ ରୋଗୀଙ୍କୁ ଉପର ମହଲାକୁ ନେବା ଆଣିବା ପାଇଁ ଲିଫ୍ଟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। କିନ୍ତୁ କାର୍ଯ୍ୟକାରୀ ହେଉନଥିଲା । ଗତ ମାସରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ଦ୍ୱାରା ଲିଫ୍ଟ ଉଦ୍‌ଘାଟନ କରାଯାଇଥିଲା। ସେହିପରି ହେଲେ ହେଲ୍ପ ଡେସ୍କ ବ୍ୟବସ୍ଥା ରହିଥିଲେ ସୁଦ୍ଧା କାର୍ଯ୍ୟକାରୀ ହୋଇପାରୁନଥିଲା। କିନ୍ତୁ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ବିପିଏମ୍ ଭାବେ ହେମରାଜ ପାଣିଗ୍ରାହୀ ଯୋଗ ଦେବା ପରେ ହେଲ୍ପଡେସ୍କର ବ୍ୟବସ୍ଥା ଆରମ୍ଭ କରାଇଛନ୍ତି। ହେଲ୍ପ ଡେସ୍କ ଖୋଲିବା ପରେ ସମସ୍ତ ରୋଗୀ ସୁବିଧାରେ ହେଲ୍ପ ଡେସ୍କ ସହ ଯୋଗାଯୋଗ କରି ଚିକିତ୍ସିତ ହୋଇ ପାରୁଛନ୍ତି।

## ଟ୍ରକ୍-ବାଇକ୍ ଧକ୍କା, ଜଣେ ଆହତ

ନନ୍ଦପୁର, ୨୬।୧୦ (ସମିସ): ନନ୍ଦପୁର ବ୍ଲକ ମହକୁମା ହାଟପଦା ଛକରେ ଆଜି ରାତି ୮ ଘଟିକା ସମୟରେ କାଠ ବୋଝେଇ ଟ୍ରକ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିବା ବେଳେ ଚାଳକ ଗୁରୁତର ହୋଇଛନ୍ତି। ଏହି କାଠ ବୋଝେଇ ଟ୍ରକ ନମ୍ବର ଓଡି ୦୨ ସିଟି ୩୧୪୭ଟି ଲାମତାପୁଟ ବ୍ଲକ ପାଲିବା ଅଞ୍ଚଳରୁ ସେମିଳିଗୁଡା ଅଭିମୁଖେ ଯାଉଥିବା ବେଳେ ହାଟପଦା ଛକରେ ସେମିଳିଗୁଡା ପଟୁ ଆସୁଥିବା ହିରୋ ବାଇକ୍ ନମ୍ବର ଓଡ଼ି ୧୦ ଡି ୯୨୬୯ ସହ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ କାର୍ତ୍ତିକ ଖିଲ (୨୫) ଆହତ ହୋଇଥିଲେ। ତାକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ବାଇକ୍ ଚାଳକଙ୍କ ଅବସ୍ଥା ଗୁରୁତର ଥିବାରୁ ତାକୁ ଡାକ୍ତର କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଛି। ବାଇକ ଚାଳକର ଘର ପଟାଙ୍ଗୀ ଥାନା ଅଧୀନ ବଡ଼ଟେମା ଗାଁର ବୋଲି ଜଣାପଡ଼ିଛି। ସେ ନିଜ ସମ୍ପର୍କୀୟ ଘର ଲମତାପୁଟ ବ୍ଲକ ବାଡିଗଡ ଗାଁକୁ ଯାଉଥିବା ବେଳେ ଏହି ଘଟଣା ଘଟିଛି। ଖବରପାଇ ନନ୍ଦପୁର ପୁଲିସ ପହଞ୍ଚି ବାଇକ୍ ଏବଂ ଟ୍ରକ୍‌କୁ ନିଜ ହେପାଜତକୁ ନେଇଛି।

## ଜୟପୁରର ଦୁଇ ସାହିତ୍ୟିକ ସମ୍ମାନିତ



ଜୟପୁର, ୨୫।୧୦ (ସମିସ) : ପୁରୀ ଠାରେ ଆୟୋଜିତ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦର ୪୫ତମ ବାର୍ଷିକ ଉତ୍ସବର କବିତା ପାଠ ଓ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟପୁର ସହରର ଦୁଇ ସାହିତ୍ୟିକ ଅବିନାଶ ସାନ୍ତ୍ରାପାତ୍ର ଏବଂ ପ୍ରମୋଦ ରାଉଳଙ୍କୁ ସମ୍ମାନିତ କରାଯାଇଥିଲା। ଏଥିନେଇ ସହରର ସମସ୍ତ ସାହିତ୍ୟିକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଏଵଂ ମୁଖ୍ୟବକ୍ତା ଭାବେ ପୁରୀ ସାଂସଦ ସମ୍ବିତ ପାତ୍ର ଯୋଗଦେଇଥିଲେ।

## ମା' ପେଣ୍ଡ୍ରାଣୀ ଅଟୋ ସଂଘର କର୍ମକର୍ତ୍ତା ନିର୍ବାଚନ



ଉମରକୋଟ,୨୬।୧୦(ସମିସ): ଉମରକୋଟ ଠାରେ ଆଜି ମା' ପେଣ୍ଡ୍ରାଣୀ ଅଟୋ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନୂଆ ବସଷ୍ଟାଣ୍ଡ ସଂଘ କାର୍ଯ୍ୟାଳୟ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଟୋ ସଂଘ ସ୍ଥାପନ ହେବା ଠାରୁ ଦୀର୍ଘ ୬ ବର୍ଷ ହେଲା ସଭାପତି ଭାବେ ମନୋନୀତ ହୋଇ ଆସୁଥିବା ବରିଷ୍ଠ ଆଇନଜୀବି ତଥା ଉମରକୋଟ ଓକିଲ ସଂଘର ସମ୍ପାଦକ ଶାନ୍ତନୁ କୁମାର ବାହିନୀପତିଙ୍କୁ ପୁନର୍ବାର ସଭାପତି ଭାବେ ମନୋନୀତ କରାଯାଇଛି। ଉପ ସଭାପତି ଭାବେ କୃଷ୍ଣ ନାୟକ, ସମ୍ପାଦକ ଭାବେ ଦୀପକ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭାବରେ ପିତାମ୍ବର ବାଘ ଓ କୋଷାଧ୍ୟକ୍ଷ ଭାବେ ହେମନ୍ତ ହରିଜନ ମୋନାନୀତ ହେଉଛନ୍ତି। କାର୍ଯ୍ୟକାରୀ ସଭ୍ୟ ଭାବେ ସୀମାଞ୍ଚଳ ବାଘ, ସୁବାସନ ନାଗ, ପିଙ୍କୁ ନାୟକ, ଗୁଡ୍ଡୁ ଭାଇ ଓ ମନ ହିଆଲ ମନୋନୀତ ହୋଇଛନ୍ତି। ଆଗାମୀ ବୈଠକରେ ଅଟୋ ଚାଳକମାନଙ୍କ ୟୁନିଫର୍ମ ପିନ୍ଧିବା ନେଇ ଆଲୋଚନା କରାଯିବ ବୋଲି ସଭାପତି ଶାନ୍ତନୁ କୁମାର ବାହିନୀପତି ସୂଚନା ଦେଇଛନ୍ତି। ଏହି ସଂଘ ୨ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ।

## ବାତ୍ୟାରେ ଲୋକଙ୍କୁ ସହଯୋଗ କରିବ ବଜରଙ୍ଗ ସଂଗଠନ



ପଦ୍ମଗିରି,୨୬ ।୧୦(ସମିସ): ସମ୍ଭାବ ବାତ୍ୟାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ବେଳେ ସଦର ବ୍ଲକ ଅନ୍ତର୍ଗତ ପଦ୍ମଗିରି ପାଞ୍ଚାୟତବାସୀଙ୍କ ସୁରକ୍ଷା ପାଇଁ ଅଣ୍ଟାଭିଡ଼ିଛନ୍ତି ସ୍ଥାନୀୟ ବଜରଙ୍ଗ ପରିବାର। ପଦ୍ମଗିରି ପଞ୍ଚାୟତ ସ୍ତରରେ ଜରୁରୀକାଳୀନ ସେବା ଯୋଗାଇ ଦେବା ପାଇଁ ସ୍ଥାନୀୟ ବଜରଙ୍ଗ ପରିବାର ପ୍ରସ୍ତୁତ ଥିବାର ସମାଜସେବୀ ଶ୍ରୀ ରଘୁନାଥ ନାୟକ ସୂଚନା ଦେଇଛନ୍ତି।

### ● ଛତିଶଗଡ ଅଞ୍ଚଳରେ ଚୋରି

## ଚନ୍ଦାହାଣ୍ଡିର ୫ ଚୋର ଗିରଫ, ୯୬ ମୋବାଇଲ ଜବତ



ଚନ୍ଦାହାଣ୍ଡି,୨୬।୧୦(ସମିସ): ପଡୋଶୀ ଛତିଶଗଡ ପୋଲିସକୁ ବଡ଼ ସଫଳତା ମିଳିଛି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ପାଞ୍ଚ ଜଣ ଏବଂ ଛତିଶଗଡର ଜଣେ ଚୋରଙ୍କୁ ଛତିଶଗଡ ରାଜ୍ୟ ଅମଲିପଦର ଓ ଦେଓଭୋଗ ଅଞ୍ଚଳରୁ ମୋବାଇଲ ଦୋକାନ ଓ ସୁନା ଚୋରି ମାମଲାରେ ଗରିଆବନ୍ଧ ଜିଲା ପୋଲିସ ଗିରଫ ସହ ଅଦାଲତ ଚାଲାଣ କରିଛି। ତାଙ୍କ ଠାରୁ ୯୬ ଗୋଟି ମୋବାଇଲ ସହ ବହୁ ମୂଲ୍ୟର ସୁନା, ରୁପା ସହିତ ଟଙ୍କା ଜବତ ହୋଇଛି। ସୂଚନାନୁଯାୟୀ ଚନ୍ଦାହାଣ୍ଡି ସୀମାନ୍ତ ଅମଲିପଦର ଗ୍ରାମର ଏକ ମୋବାଇଲ ଦୋକାନରୁ ଗତ ସପ୍ତାହରେ ଚୋରି ହେବା ସହ ଉର୍ମାଲ ଗ୍ରାମର ଏକ ସୁନା ଦୋକାନରୁ ଚୋରି ହୋଇଥିଲା। ଚୋରଙ୍କୁ ଧରିବାକୁ ପୁଲିସ ଜାଲ ବିଛାଇ ଏହି ମାମଲାରେ ଚନ୍ଦାହାଣ୍ଡି ଥାନା ଅଧିନସ୍ଥ ବୋରିଗୁଡା ଗ୍ରାମର ବାପା ପୁଅ ଭୁବନେଶ୍ୱର ବାରିକ ଓ ସୁରଜ ବାରିକ, ଭୂପେନ୍ଦ୍ର ନେତାମ ଓ ଲିଙ୍ଗରାଜ ନେତାମଙ୍କୁ ଧରିବା ସହିତ ଚୋରି ମୋବାଇଲ କିଣିବା ଅଭିଯୋଗରେ ଦେଓବନ୍ଧ ଗ୍ରାମର ଦେବାଶିଷ ରାଉତଙ୍କୁ ଗିରଫ କରିଥିଲା। ଏମାନଙ୍କ ନିକଟରୁ ୯୬ ଗୋଟି ମୋବାଇଲ ଫୋନ, ୪୩.୦୪ ଗ୍ରାମ ରୁପା, ୨.୧୦୯ ଗ୍ରାମର ସୁନା ଗହଣା, ୫୭ ହଜାର ନଗଦ ଟଙ୍କା ଏବଂ ଚୋରି କାର୍ଯ୍ୟରେ ବ୍ୟବହୃତ ଏକ ବ୍ରିଜା କାର ପୋଲିସ ଜବତ କରିଛି। ଛତିଶଗଡ ପୁଲିସ ଜବତ କରିଥିବା ଚୋରି ଜିନିଷର ମୂଲ୍ୟ ପ୍ରାୟ ୨୭ ଲକ୍ଷ ହେବ ବୋଲି ଗରିଆବନ୍ଧ ଏସ୍‌ପି ନିଖିଳ ରଖେଚା ପ୍ରକାଶ କରିଛନ୍ତି। ଚନ୍ଦାହାଣ୍ଡି ଅଞ୍ଚଳରେ ଦିନକୁ ଦିନ ଚୋରି ହେଉଥିଲେ ହେଁ ସ୍ଥାନୀୟ ପୋଲିସ ଚୋରକୁ ଧରିପାରୁନି। ଏନେଇ ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି

C-1314
OFFICE OF THE MUNICIPAL COUNCIL, ANANDAPUR
Estd. 1974
email:-executiveofficer_andp@rediffmail.com
Phone No:- 06731-24088
E-PROCUREMENT NOTICE
Notice No- 3817, Dt- 17.10.2025
Bid Reference No:- AM-ANDP-03/2025-26
INVITATION FOR BID

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: **92** Nos
2. Place of Execution: Anandapur Municipality
3. Estimated Cost of Individual Work: **Rs. 3,02,567.06 to Rs. 16,94,802.00**
4. Eligible Class of Contractors: Registered Contractors of **Class- 'D', 'C'** work mentioned in the tender call notice.
5. Intending bidders have to participate through "**On-Line**" bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 P.M on 30.10.2025 to 5.00 P.M on 13.11.2025** for online bidding.
7. Bids received online will be opened at **11.00 A .M on 14.11.2025**
8. The bidder must possess valid and compatible **Digital Signature Certificate (DSC)**.
9. The DTCN for **92** Nos. of work shall be available in the e-procurement portal www.tendersodisha.gov.in for on-line bidding.

OIPR-13049/11/0018/2526
Executive Officer,
Anandapur Municipality

### ସରକାରୀ ଯୋଜନା ବାଟବଣା

# ବାପା ମା' ଛେଉଣ୍ଡ ଭିନ୍ନକ୍ଷମଙ୍କୁ ମିଳୁନି ସହାୟତା



କୁନ୍ଦୁରା, ୨୬।୧୦ (ସମିସ): ଖେଳକୁଦ ବୟସରେ ଆରମ୍ଭ ହେଲା ଜୀବନ ସଂଗ୍ରାମ। କୁନି ଝିଅ ଅଜଣା ରୋଗରେ ପଡିତ ହୋଇ ହେଉଛି ଛଟପଟ। ନା କହିପାରୁଛି ନା ଚାଲିପାରୁଛି। ବୋଝ ଉପରେ ନଳିତା ବିଡ଼ା ସଦୃଶ ବାପା ମାଆ ଛେଉଣ୍ଡ ଝିଅକୁ ନେଇ ଚିନ୍ତାରେ ସାନ ଭାଇ। ଆର୍ଥିକ ଦୁର୍ଗତି ଭିତରେ ଥିବା ପରିବାର ଝିଅ ମୁହଁରେ ଫୁଟାଇ ପାରୁନାହାନ୍ତି ହସ। ଦଇବ ଦେଲା ଦୁଃଖ। ଆଧାର କାର୍ଡ ଅପ୍‌ଡେଟ ହୋଇପାରୁନାହିଁ । ଏଣୁ ସରକାରୀ ସହାୟତା ଭତ୍ତା, ଚାଉଳ, ଆବାସ ଯୋଜନାରୁ ବଞ୍ଚିତ ହୋଇ ହେଉଛନ୍ତି ହନ୍ତସନ୍ତ। ଏଭଳି ଘଟଣା କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ବଣ୍ଡୁଆଗୁଡା ପଞ୍ଚାୟତର ନାରାଗାଁର ପୂର୍ଣ୍ଣି ଗୌଡ଼ (୧୫)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି । ନାରାଗାଁର ରାମଚନ୍ଦ୍ର ଗୌଡ଼ ଓ ସ୍ତ୍ରୀ ପ୍ରତିମାଙ୍କ ଚାରି ପୁଅ ଏବଂ ଝିଅ ପୂର୍ଣ୍ଣି ସହ ହସଖୁସିରେ ଜୀବନ ବିତାଉଥିଲେ। ହେଲେ ଦଇବ ଦେଲା ଦୁଃଖ। ଆଗ ପଛ ହୋଇ ସ୍ୱାମୀ ସ୍ତ୍ରୀ ଆରପାରିକି ଚାଲିଗଲେ। ବାପା ମାଆଙ୍କୁ ହରାଇ ଅସହାୟ ହୋଇଗଲେ ଭଉଣୀ ସହ ଚାରି ଭାଇ। ହେଲେ ପୂର୍ଣ୍ଣି ଜନ୍ମରୁ ଭଲ ଥିଲେ। ଦେଢ଼ ବର୍ଷ ବୟସରେ ଚଲାବୁଲା ସବୁ ଠିକ୍ ଥିଲା। ଦିନେ ହଠାତ୍ ଦେହ ଅସୁସ୍ଥ ହେଲା ଏବଂ ହାତ ଗୋଡ଼ ହୋଇଗଲା ଅଚଳ। ୧୫ ବର୍ଷ ବୟସ ହେଇଥିଲେ ବି ଶରୀର ଉନ୍ନତି ହେଉନାହିଁ। ଗୋଡ଼ ହାତ ଅକାମୀ ସାଙ୍ଗକୁ କିଛି କଥା କହି ପାରୁନି। ଯେଉଁଠି ଟେକି ନେଇ ବସାଇଲେ ସେଇଠି ବସୁଛି । ତାଙ୍କ ନିତ୍ୟକର୍ମ ଝାଡ଼ା, ପରିସ୍ରା ନେବା ଆଣିବା ପାଇଁ ଜଣେ ଲୋକର ସାହାରା ଆବଶ୍ୟକ ପଡୁଛି । ଏଥିପାଇଁ ସବୁବେଳେ କେହି ନା କେହି ତାଙ୍କ ପାଖରେ ରହିବାକୁ ପଡୁଛି। ଦିନ ମଜୁରିଆ ପରିବାରକୁ ଏହା ବହୁ ଦୁଃଖ ଦେଉଛି । ଅସହାୟ ଦିବ୍ୟାଙ୍ଗ ପୂର୍ଣ୍ଣିଙ୍କ ନିକଟରେ ସମସ୍ତ ପ୍ରମାଣ ପତ୍ର ଥାଇ ମଧ୍ୟ ସରକାରୀ ସହାୟତରୁ ସେ ବଞ୍ଚିତ । ସୁବିଧା ଦୃଷ୍ଟିରୁ ଭତ୍ତା, ଶୌଚାଳୟ ଓ ଆବାସ ଘର ଖଣ୍ଡେ ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି ପୂର୍ଣ୍ଣିଙ୍କ ଭାଇ କର୍ଣ୍ଣଙ୍କ ସହ ଗାଁ ର କୃଷ୍ଣ ପେଣ୍ଟିଆ, ଜଗତ ନାୟକ, ମଙ୍ଗଲୁ ପେଣ୍ଟିଆ, ପୂର୍ଣ୍ଣ ବାରିକ, ଜଗନ୍ନାଥ ପେଣ୍ଟିଆ,ଧନ ନାୟକ,ଅଭି ବାରିକ, ସଦା ପେଣ୍ଟିଆ,ଗୁରୁ ନାୟକ, ଚିଟି ବାରିକ ଓ ଗୁରୁ ନାୟକ।

# ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞର ଦ୍ୱିତୀୟ ସନ୍ଧ୍ୟା



**ରାଉରକେଲା, ୨୬।୧୦(ସମିସ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସାରନଗରୀସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମର ଆଜି ଥିଲା ଦ୍ୱିତୀୟସନ୍ଧ୍ୟା। ମନ୍ଦିର ପରିଚାଳନା କମିଟିର ସଭାପତି ସମାଜସେବୀ ଅଶୋକ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାନପୋଷ ଏସ୍‌ଡିପିଓ ରଶ୍ମୀରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ରଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ବରିଷ୍ଠ ସଦସ୍ୟ ସୁଭାଷ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସାରନଗରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ସୌମେନ୍ଦ୍ର ବେହୁରିଆ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ଭୋଳ, ରାମଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଦିଲ୍ଲୀପ କୁମାର ମଲ୍ଲିକ, ଶଶାଙ୍କ ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଉତ୍ତମ କୁମାର ଜେନା, ସୁଭାଷ ଚନ୍ଦ୍ର ପାତ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ ବିପିନ କୁମାର ଲେଙ୍କା, ଶ୍ରୀଚରଣ ମହାନ୍ତିଙ୍କ ସମେତ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ସଭାପତି ତ୍ରିନାଥ ଦାସ ମୋହିନୀ, ସମସ୍ତ ଟ୍ରଷ୍ଟି ସଭ୍ୟ, ସେବାୟତ, ପୂଜକ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

# ଅଟୋମୋବାଇଲସ୍ ଓ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍

**ରାଉରକେଲା, ୨୬।୧୦(ସମିସ):** ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୧୧ ଟି ଅଟୋମୋବାଇଲସ ଓ ୨ ଟି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପ୍ରକ୍ରିୟା କରଣ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି। ଅଟୋମୋବାଇଲ ୟୁନିଟ୍ ଗୁଡିକ ମଧ୍ୟରେ ଏସ.ଏସ ଷ୍ଟିଲଲୋୟ ପ୍ରାଇଭେଟ ଲିମିଟେଡ୍ (ଟାଟା ବଳରାମ ମୋଟର୍ସ), ସୀତା ରାଇଡର୍ସ ପ୍ରା.ଲି. (କ୍ରିଷ୍ଣା ହୋଣ୍ଡା), କାଭ୍ୟା ହ୍ୟୁଣ୍ଡାଇ, ସୀତା ଅଟୋକେୟାର (କ୍ରିଷ୍ଣା କିଆ), କୋଶଳା ହ୍ୟୁଣ୍ଡାଇ, କ୍ରିଷ୍ଣା ବାହାନ ପ୍ରା. ଲି (ଟାଟା ମୋଟର୍ସ), କ୍ରିଷ୍ଣା ଅଟୋ ମୋଟିଭ (କ୍ରିଷ୍ଣା ମହିନ୍ଦ୍ରା), ନେକ୍ସକ୍ଷ ସର୍ଭିସ (ମାରୁତି ସୁଜକି), ଜହ୍ନବି ଅଟୋମୋବାଇଲ(ଜହ୍ନବି ନିଶାନ), ଅର୍ବିଟ ମୋଟର୍ସ ପ୍ରା.ଲି (ମାରୁତି ସୁଜକି), ବେଦ ଅଟୋ ପଏଣ୍ଟ (ବେଦ ଫୋର୍ଡ) ପ୍ରମୁଖଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେହିପରି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରୁଥିବା ସାଇ ସୁପର ଇଣ୍ଡଷ୍ଟ୍ରି (ଜେନିଥ ଷ୍ଟିଲସ) ଓ ଆସ୍ଥା ଟ୍ରେଡର୍ସକୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଦିଆଯାଇଛି। ନିର୍ଦ୍ଧାରିତ ଦିନ ମଧ୍ୟରେ ସମ୍ପୃକ୍ତ ସଂସ୍ଥାମାନେ ନିୟମ ନ ମାନିଲେ କିମ୍ବା ଉତ୍ତର ନଦେଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସୂଚନା ମିଳିଛି।

# ୭ ଜୁଆଡ଼ି ଗିରଫ: ମୋବାଇଲ, ଟଙ୍କା ଓ ତାସ ଜବତ



**ରାଉରକେଲା, ୨୬।୧୦(ସମିସ):** ଜୁଆ ଆଡ୍ଡା ଚାଲିଥିବାବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଚଢ଼ଉ କରି ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୮ ହଜାର ୫୦ ଟଙ୍କା, ୫ଟି ମୋବାଇଲ ଓ ତାସ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ମଧୁସୂଦନପାଲି ବସ୍ତିର ବବଲୁ ହଟାଇ (୪୫), ସନ୍ତୋଷ ପ୍ରଧାନ (୪୬), ଚାରୋ ଓରାମ (୪୬), କୃଷ୍ଣ ହଟାଇ (୩୩), ସନ୍ତୋଷ ବାହାଦୁର (୪୦), ସୋନୁ କୁମାର ସାହୁ (୩୬) ଓ ଗୋପୀନାଥ ସାହା (୫୨)। ପୁଲିସ ସୂଚନା ମୁତାବକ, ଉକ୍ତ ବସ୍ତିରେ ଜୁଆ ଆଡ୍ଡା ଚାଲିଥିବା ନେଇ ସୂଚନା ମିଳିଥିଲା। ଏହି ଆଧାରରେ ପୁଲିସ ସେଠାରେ ଚଢଉ କରିଥିଲା।

# ଲାଠିକଟାରେ ପ୍ରଶିକ୍ଷଣ ଶିବିର

**ରାଉରକେଲା, ୨୬।୧୦(ସମିସ) :** ଲାଠିକଟାସ୍ଥିତ ନାଉନୀ ଟୁଙ୍ଗରୀଠାରେ ପାଦା ପାଡହା, ଓଡ଼ିଶା ଓ ଓରାମ ସାଂସ୍କୃତିକ ସମାଜ, ଓଡ଼ିଶା ମିଳିତ ଆନୁକୂଲ୍ୟରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ପାଦା ପାଡହା ସଭାପତି ମାଙ୍ଗେ ଏକ୍କା ଓ ଓରାମ ସାଂସ୍କୃତିକ



ସମାଜର ସଭାପତି ସୁଶ୍ରୀ ସୁକେଶୀ ଓରାମଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହି ଶିବିରରେ ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉପସ୍ଥିତ ପ୍ରଶିକ୍ଷାର୍ଥିଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। ପ୍ରଫେସର ସାନିରାମ କେରକେଟା ଓ ପ୍ରଫେସର ଅଶୋକ କୁମାର ମିଞ୍ଜ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମାଜର ସମ୍ପାଦିକା ରାମିୟା ଓରାମ, ଦାସା ଏକ୍କା, କର୍ମା ଏକ୍କା, ଦାମୁ ତିର୍କୀ, ଲକ୍ଷ୍ମଣ ତିର୍କୀ, ବନ୍ଦନା ଟପ୍ପୋ, ଲାଠିକଟା ମୁଲି ପାଡହାର କର୍ମକର୍ତ୍ତା ଏବଂ ଧାତଖା ପାଦହାର କର୍ମକର୍ତ୍ତା ଉପସ୍ଥିତ ରହିବା ସହିତ ପ୍ରାୟ ୪୦୦ ଜଣ ପ୍ରଶିକ୍ଷଣ ନେଇଥିଲେ। ପରିଶେଷରେ ବନ୍ଦନା ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।

## ୧ରୁ ୨୮ ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ

# ନୃତ୍ୟ ସଙ୍ଗୀତ ପରିବେଷଣ କରିବେ ୩୦୦ରୁ ଊର୍ଦ୍ଧ୍ୱ କଳାକାର

**ରାଉରକେଲା, ୨୬।୧୦(ସମିସ)**




ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜ କଳା କେନ୍ଦ୍ର ଆନୁକୂଲ୍ୟରେ ନଭେମ୍ବର ୧ ତାରିଖରୁ ରାଉରକେଲାର ଭଞ୍ଜଭବନ ମୁକ୍ତାକାଶ ମଞ୍ଚରେ ଆରମ୍ଭ ହେବାକୁ ଯାଉଛି ୫ ଦିନିଆ ୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ-୨୦୨୫। ମହୋତ୍ସବରେ ଭଞ୍ଜ ଭବନ ମୁକ୍ତାକାଶ ମଞ୍ଚ ଶଙ୍ଖ, ପଖଜ, ବଂଶୀଧ୍ୱନ୍, ଘୁଙ୍ଗୁରୁର ମୂର୍ଚ୍ଛନାରେ ରୋମାଞ୍ଚିତ ହେବ। ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭଞ୍ଜ କଳା କେନ୍ଦ୍ରର ସଭାପତି ଶୁଭ ଶଙ୍କର ରାୟଚୌଧୁରୀ, ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ପ୍ରମୁଖ ସବିଶେଷ ସୂଚନା ଦେଇଥିଲେ। ପୂର୍ବରୁ ଭଞ୍ଜ ଭବନ ବିଶାଳ ମୁକ୍ତ ରଙ୍ଗମଞ୍ଚରେ ପଦ୍ମବିଭୂଷଣ, ପଦ୍ମଭୂଷଣ, ପଦ୍ମଶ୍ରୀ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଭଳି ସମ୍ମାନପ୍ରାପ୍ତ ଦେଶବିଦେଶର ବହୁ ଲବ୍ଧପ୍ରତିଷ୍ଠିତ ମହାନ କଳାକାର ନିଜର ନୃତ୍ୟ ସଙ୍ଗୀତ ପରିବେଷଣ କରି ଇସ୍ପାତ ସହରବାସୀଙ୍କୁ କଳା ଚାତୁରୀରେ ରୋମାଞ୍ଚିତ କରିଛନ୍ତି। ଗୋଟିଏ ମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ, ଆଦିବାସୀ ନୃତ୍ୟ ପରିବେଷଣ ଏହି ମହୋତ୍ସବର ନିଆରା ଆକର୍ଷଣ। ଉତ୍ସବର ତୃତୀୟ ସନ୍ଧ୍ୟା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ଓଡ଼ିଶୀ ସଙ୍ଗୀତ ପାଇଁ ସଂରକ୍ଷିତ ରହିଥାଏ। ୩୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ କଳାକାରଙ୍କ ସମାବେଶ ଚଳିତ ବର୍ଷର ଏହି ମହୋତ୍ସବରେ ଦେଖିବାକୁ ମିଳିବ। ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଜୁଏଲ ଓରାମ, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ରହିବେ। ଏହି ମହୋତ୍ସବକୁ ନଭେମ୍ବର ୧ ତାରିଖରେ ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉଦ୍‌ଘାଟନ କରିବେ। ସମାରୋହର ବିଭିନ୍ନ ସନ୍ଧ୍ୟାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଓ ଆର୍‌ଏମ୍‌ସି କମିସନର ସୁଶ୍ରୀ ଦିନା ଦସ୍ତିଗାର, ଆର୍‌ଏସ୍‌ପି କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ଦୀପିକା ମହିଳା ସଂଘଠିର ଅଧକ୍ଷା ନମ୍ରତା ବର୍ମା, ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ ଉମା ମହେଶ୍ୱର ରାଓ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ଅସୀମ କୁମାର ଘୋଷ, ହାଇଦ୍ରାବାଦ ଗଜ ଇଞ୍ଜିନିୟରିଂର ବିଜିନେସ ହେଡ୍ ନିକୁଞ୍ଜ କିଶୋର ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଉଦ୍‌ଘାଟନୀ ସନ୍ଧ୍ୟାରେ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀରଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଭଞ୍ଜ କଳା କେନ୍ଦ୍ରର ନୃତ୍ୟଶିଳ୍ପୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ। ପରେ ଲୋକନୃତ୍ୟ ପରିବେଷଣ କରିବେ ବାଂଲାଦେଶର ନୃତ୍ୟଶିଳ୍ପୀ। ଆଦିବାସୀ ନୃତ୍ୟ ପର୍ଯ୍ୟାୟରେ ଝାଡ଼ଖଣ୍ଡର ପଦ୍ମଶ୍ରୀ ମୁକୁନ୍ଦ ନାୟକ ଓ ସାଥି କଳାକାର ପାରମ୍ପରିକ ଝୁମର ମର୍ଦ୍ଦାନୀ ପରିବେଷଣ କରିବେ।

ସମ୍ମିଳନୀରେ ଟ୍ରଷ୍ଟର ଉପସଭାପତି ଆଲୋକ କୁମାର ବେହେରା, କୋଷାଧକ୍ଷ ସୁବ୍ରତ ଶତପଥୀ, ମୁଦ୍ରଣ ସମ୍ପାଦକ ଶଶାଙ୍କ ଶେଖର ପଟ୍ଟନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠାନର ବିବେକାନନ୍ଦ ପରିଡ଼ା, ପୂର୍ଣ୍ଣିମା ଦସ୍ତିଦାର, ପ୍ରଦୀପ ଗୌଡ଼, କନକ ଲତା ମିଶ୍ର, ବସନ୍ତ ସାହୁ, ରସାନନ୍ଦ ମହାନ୍ତ, ପଞ୍ଚାନନ ସାହୁ, ଗଜେନ୍ଦ୍ର ମୁର୍ମୁ, ପ୍ରବୀଣ ରଥ, ଜ୍ୟୋତିର୍ମୟ ଆଚାର୍ଯ୍ୟ, ସୁଶ୍ରୀ କୋଏନା ଦସ୍ତିଦାର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ ଏହି ଉତ୍ସବରେ କୌଣସି ପ୍ରବେଶିକା ଶୁଳ୍କ ନାହିଁ। ବହୁ ସଂଖ୍ୟାରେ ଇସ୍ପାତ ସହରବାସୀ ପଶ୍ଚିମ ଓଡ଼ିଶାର ଏହି ସର୍ବବୃହତ ଉତ୍ସବରେ ଯୋଗଦେଇ ଦେଶର ପ୍ରତିଥଯଶା କଳାକାରଙ୍କ ପ୍ରଦର୍ଶନ ଉପଭୋଗ ପୂର୍ବକ ମହୋତ୍ସବକୁ ସଫଳ କରିବା ନିମନ୍ତେ ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ନିବେଦନ କରିଛନ୍ତି।

# ଛଟ୍ ପୂଜା ଘାଟ ସଫା ପାଇଁ ପ୍ରଶାସନକୁ ପତ୍ର ଲେଖିଲେ ବିଧାୟକ




**ରାଉରକେଲା, ୨୬।୧୦(ସମିସ):** ସହରର ବିହାରୀ ଯୁବ ମଞ୍ଚର ଛଟ୍ ପୂଜା ପାଳନ ପାଇଁ ରାଉରକେଲା ମହାନଗର ନିଗମ ପକ୍ଷରୁ ଘାଟ ସଫା କରିବା ସହ ସମ୍ପୂର୍ଣ୍ଣ ପ୍ରସ୍ତୁତି ଏବଂ ପୁଲିସ୍ ବ୍ୟବସ୍ଥା ଉପଲବ୍ଧ କରିବା ପାଇଁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ରାଉରକେଲା ମହାନଗର ନିଗମର କମିସନରଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ୨୭ ଏବଂ ୨୮ ତାରିଖରେ ବିହାରୀ ସମ୍ପ୍ରଦାୟର ସବୁଠାରୁ ବଡ଼ ପର୍ବ ଛଟ୍ ପୂଜା ଉତ୍ସବ ପାଳନ କରାଯିବ। ବିଭିନ୍ନ ଜଳାଶୟ, ନଦୀ ଘାଟ, ପୋଖରୀ କୂଳରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଅସ୍ତଗାମୀ ଓ ଉଦିତ ସୂର୍ଯ୍ୟ ଦେବତାଙ୍କୁ ଜଳ ତର୍ପଣ କରିଥାନ୍ତି। ଅକ୍ଟୋବର ୨୭ ତାରିଖ ଏବଂ ୨୮ ତାରିଖ ଛଟ ପୂଜା ଆୟୋଜନ ହେଉଥିବାରୁ ମହାନଗର ନିଗମ ଅଧୀନରେ ଥିବା ୧୩ଟି ଘାଟ ସମେତ ସହର ବାହାରେ ଥିବା ଦୁଇଟି ଘାଟକୁ ସଫା କରି ପର୍ଯ୍ୟାପ୍ତ ଆଲୋକୀକରଣ ଏବଂ ଛଟ୍ ପୂଜା ପାଇଁ ଅନୁମତି ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଏଥିସହିତ ରାଉରକେଲାର ସମସ୍ତ ୧୫ଟି ଘାଟରେ ପାଳିତ ହେବାକୁ ଥିବା ଛଟ ପୂଜା ପାଇଁ ପୁଲିସ ନିୟୋଜିତ କରିବାକୁ ଆର୍‌ଏମ୍‌ସି ଉପାୟୁକ୍ତଙ୍କୁ ଅନୁରୋଧ କରାଯାଇଛି। ସହରର ରେଳ କଲୋନୀ ଘାଟ, ହୋଟେଲ ସନ୍ତୋଷ ପୋଖରୀ, ପାନପୋଷର ହାଡ଼ପକା ଘାଟ, ପାନପୋଷର ପାଡ଼ୀ କଲୋନୀ ଘାଟ, ପାନପୋଷର ବାଲୁ ଘାଟ, ପାନପୋଷ ରୁପୁଟୋଲା ଘାଟ, ପାନପୋଷର ହନୁମାନ ଘାଟ, ଝିରପାଣି ଘାଟ, ବନ୍ଧମୁଣ୍ଡା 'ବି' ସେକ୍ଟର ଘାଟ, ତିଲକାନଗର ଘାଟ, କୋଏଲା ଗେଟ୍ ଘାଟ, ଜିତେନ୍ଦ୍ର ମଣ୍ଡଳ ଘାଟ, ତାରକେରା ଘାଟ, ବରକାନି ଘାଟ ଏବଂ ସେକ୍ଟର-୧୬ ନଦୀ ଘାଟ ଆଦି ୧୫ଟି ଘାଟରେ ଛଟ ପୂଜା ଆୟୋଜିତ ହେବ। ରାଉରକେଲାର ବିହାରୀ ଯୁବ ମଞ୍ଚର ସଭାପତି ବ୍ରିଜେଶ ମାହାତୋଙ୍କ ନେତୃତ୍ୱରେ ବିହାରୀ ଯୁବ ମଞ୍ଚର ସମ୍ପାଦକ ବବୁଲୁ ସାହୁ, ପିଙ୍କୁ ଜୈସ୍ୱାଲ, ରାହୁଲ ମହାନ୍ତି, ଅମିତ୍ କୁମାର ମଣ୍ଡଲ, ବିକାଶ ଜେନା, ଲାଲା ସିଂହ, ବବଲୁ ଚୌରାସିଆ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଆର୍‌ଏମ୍‌ସି ଆୟୁକ୍ତ ଦିନାଃ ଦସ୍ତଗିର ସାକ୍ଷାତ କରି ବିଧାୟକଙ୍କ ପକ୍ଷରୁ ଏହି ପତ୍ର ପ୍ରଦାନ କରି ଛଟ୍ ପୂର୍ବରୁ ସମସ୍ତ ଘାଟ ସଫା କରିବା ସହ ପର୍ଯ୍ୟାପ୍ତ ଆଲୋକୀକରଣ କରିବା ପାଇଁ ଅନୁରୋଧ କରିଥିଲେ।

# ଛଟ୍ ବ୍ରତଧାରୀଙ୍କ ପାଇଁ ପଠା ସଫେଇ କଲେ ସ୍ୱେଚ୍ଛାସେବୀ



**କୋଇଡ଼ା, ୨୬।୧୦(ସମିସ) :** ଆସ୍ଥା ଓ ବିଶ୍ୱାସର ମହାପର୍ବ ଛଟ୍ ଉପଲକ୍ଷେ କୋଇଡ଼ା ଅଞ୍ଚଳ ଚଳଚଞ୍ଚଳ ହୋଇଛି। ବିହାରୀ ସମ୍ପ୍ରଦାୟ ଲୋକଙ୍କ ସମେତ ସମଗ୍ର କୋଇଡ଼ାରେ ଉତ୍ସାହ ଦେଖିବାକୁ ମିଳିଛି। ବ୍ରତଧାରୀମାନେ ନଦୀ ପଠା, ପୋଖରୀ ନିକଟରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଥାନ୍ତି। ଏ ନେଇ ସ୍ଥାନୀୟ ରୁଙ୍ଗଟା ମାଇନ୍ସ ଲିମିଟେଡ୍ କମଣ୍ଡ ଷ୍ଟିଲ୍ ପ୍ଲାଣ୍ଟର ୬୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଦିନକ ପାଇଁ ଛୁଟି ନେଇ ସ୍ୱେଚ୍ଛାକୃତ ଭାବେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟସ୍ଥ ପୋଖରୀର ଚତୁପାର୍ଶ୍ୱ, ସଂଯୋଗ କରିଥିବା ରାସ୍ତାକୁ କୋଦାଳ, ଗଇଁତା, ଝାଡୁ, ଗାମଲା ନେଇ ସମ୍ପୂର୍ଣ୍ଣ ଭାବେ ପରିଷ୍କାର କରିଛନ୍ତି। ପ୍ରକଳ୍ପ ମୁଖ୍ୟ ସୁରକ୍ଷା ଅଧିକାରୀ ସଞ୍ଜିତ୍ କୁମାର ସିଂ ଓ ସୁନୀଲ କୁମାରଙ୍କ ନେତୃତ୍ୱରେ ବିକାଶ ଶର୍ମାଙ୍କ ସହ ୬୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେଇ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ।

# ଭଗବତୀ ପାଣିଗ୍ରାହୀଙ୍କୁ ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା, ୨୬।୧୦(ସମିସ):** ଓଡ଼ିଆ ଭାଷା ବିକାଶ ମଞ୍ଚ ଆନୁକୂଲ୍ୟରେ କଲଚରାଲ ଏକାଡେମୀ ସଭା କକ୍ଷରେ ଓଡ଼ିଆ ଭାଷା ବିକାଶ ମଞ୍ଚର ସଭାପତି ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ନବଯୁଗ ନିର୍ମାଣର କ୍ରାନ୍ତିକାରୀ ପୁରୁଷ ଭଗବତୀ ଚରଣ ପାଣିଗ୍ରାହୀଙ୍କୁ ସାରସ୍ୱତ ଶ୍ରଦ୍ଧାଞ୍ଜଳି ଓ ଆଲୋଚନା ସହିତ ପ୍ରଗତିଶୀଳ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଶୋକ ପ୍ରକାଶ ପୂର୍ବକ ନୀରବ ପ୍ରାର୍ଥନା କରି ସାରସ୍ୱତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ମାର୍କସୀୟ ଚେତନାର ବ୍ୟାଖ୍ୟାକାର କଲଚରାଲ ଏକାଡେମୀର ସଭାପତି ପଶୁପତିନାଥ ଚାଟାର୍ଜୀ ମୁଖ୍ୟ ଅତିଥି ତଥା ଆଲୋଚକ ରୂପେ ଯୋଗଦେଇ ସାମ୍ପ୍ରତିକ ପ୍ରେକ୍ଷାପଟରେ ପ୍ରଗତିଶୀଳ ସାହିତ୍ୟର ବିଶ୍ୱାୟନ ଦିଗରେ ଭଗବତୀ କିପରି ନବସରଣୀର ଉନ୍ମୋଚନ କରିଥିଲେ, ତାହାର ସୁଦୂରପ୍ରସାରୀ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଭାଷା ବିକାଶ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର



ଭଗବତୀଙ୍କ ପଇଁତିରିଶି ବର୍ଷର ଜୀବନକାଳ ଭିତରେ ତେର ବର୍ଷର ସାଧନା ତାଙ୍କୁ କିପରି ବିଶ୍ୱବିଦିତ କରିଥିଲା, ତା' ସମ୍ପର୍କରେ ଏକ ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ସଭାପତି ଶ୍ରୀ ପତି ଓଡ଼ିଆ ସାହିତ୍ୟକୁ ଛାୟାବାଦ, ପରମ୍ପରାବାଦ, ପଳାୟନବାଦ, ସ୍ୱଭାବବାଦର ଭାବଧାରାରୁ ମୁକ୍ତ କରି ଯେଉଁ ନୂତନ ସାହିତ୍ୟ ଧାରାର ପ୍ରବର୍ତ୍ତନ କରିଥିଲେ। ତାହାର ଆଦ୍ୟ ନାନ୍ଦିକାର ଭଗବତୀ ଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ କବି ସୁଶାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଆର୍ତ୍ତତ୍ରାଣ ମହାପାତ୍ର, କୁଞ୍ଜବିହାରୀ ରାଉତ, ଡଃ କୃପାସିନ୍ଧୁ ନାୟକ, ଅଶୋକ ପଟ୍ଟନାୟକ, ବିଜୟିନୀ ଜେନା, ବବିତା ମହାଳିକ, ସୁସ୍ମିତା ମହାପାତ୍ର, ଗୀତାରାଣୀ ବେହେରା, ଅର୍ଚ୍ଚନା ପାତ୍ର, ବଳରାମ ରାଉଳ, ପରେଶ୍ ବିଶ୍ୱାଳ, ଧନଞ୍ଜୟ ମଲ୍ଲିକ, ଧୋବେଇ ବେହେରା, ଅଧ୍ୟାପକ ଉମେଶ ପାତ୍ର, ଶ୍ରୀଧର ସୁନା ପ୍ରମୁଖ ପ୍ରଗତିଶୀଳ କବିତା ପାଠ କରିଥିଲେ। ପରିଶେଷରେ କବି ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ସାହିତ୍ୟ ସନ୍ଧ୍ୟାରେ ଭୂପେନ ମହାପାତ୍ର, ଗଗନ ବିହାରୀ ଧଳ, ଜଗନ୍ନାଥ ରାଉତ, ପ୍ରଫୁଲ୍ଲ ସାମଲ, ପର୍ଶୁରାମ ପଟ୍ଟନାୟକ, ଅକ୍ଷୟ ସାମଲ, ପ୍ରଶାନ୍ତ ଦାସ, ପ୍ରଶାନ୍ତ ମହାନ୍ତି, କାଶୀନାଥ ପାତ୍ର, ପ୍ରବୀର ଦୁବେ, କାଶୀନାଥ ନନ୍ଦୀ, ସୁକାନ୍ତ ଖୁଣ୍ଟିଆ, ଗଙ୍ଗାଧର ପୁହାଣ, ଅଶୋକ ପାତ୍ର, ଚେତନା ପାତ୍ର, ସାନ୍ତନୁ ପଣ୍ଡା, ଅକ୍ଷୟ ପଣ୍ଡା, ଡଃ ନଗେନ ଦାସ ଉପସ୍ଥିତ ଥିଲେ।

# ବିଶ୍ୱ ପୋଲିଓ ଦିବସରେ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା, ୨୬।୧୦(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଗର୍ଜନସ୍ଥିତ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପୋଲିଓ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଇଣ୍ଟରାକ୍ଟ କ୍ଲବ୍ ଓ ରୋଟାରି କ୍ଲବ୍ ଅଫ ରାଉରକେଲା (ଅର୍ବାନ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ହାଇଟେକ ମେଡିକାଲ କଲେଜର ଡକ୍ଟର ଅନୁରାଗ ଏକ୍କା ଯୋଗ ଦେଇଥିଲେ। ରୋଟାରୀ କ୍ଲବ୍ ଅଫ ରାଉରକେଲା (ଅର୍ବାନ)ର ସଭାପତି ଉଦିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହାଇଟେକ ମେଡିକାଲର ଚିକିତ୍ସକ, ପ୍ରଫେସର ଓ ଅନ୍ୟାନ୍ୟ ଶିକ୍ଷକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ଭିଡିଓ ଓ ଭିଜୁଆଲ ମାଧ୍ୟମରେ ପୋଲିଓ ରୋଗ ଏବଂ ତାର ସମ୍ପୂର୍ଣ୍ଣ ନିରାକରଣ ବିଷୟରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ପ୍ରଦର୍ଶନ କରାଯାଇଥିଲା। ଇଣ୍ଟରାକ୍ଟ କ୍ଲବ୍‌ର ପ୍ରେସିଡେଣ୍ଟ ପ୍ରଦ୍ୟୁମ୍ନ କୁମାର ବଡ଼ାଇକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରୋଟାରି କ୍ଲବ୍ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରିୟାନ୍ ଇଂ ଉଦିତ କୁମାର ସାହୁ, ମୋହନ ରାଓ, ଡା. ପ୍ରଭାତ କୁମାର ମହାନ୍ତି, ଦେବବ୍ରତ ନାୟକ, ରବିକାନ୍ତ ସିଂହ, ବନାନୀ ଦାସ, ପଦ୍ମିନୀ ସାହୁ, ମୀନା ମହାନ୍ତି, ସସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ମୁଖ୍ୟ ଶିକ୍ଷକ ହରିଶ୍ଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଚକୋଲେଟ ବଣ୍ଟନ କରାଯାଇଥିଲା।

# ମହିଳାଙ୍କ ମୃତଦେହ ଉଦ୍ଧାର

**ରାଉରକେଲା, ୨୬।୧୦(ସମିସ):** ସନ୍ଦିଗ୍ଧ ଅବସ୍ଥାରେ ଜଣେ ମହିଳାଙ୍କ ଶବକୁ ବନ୍ଧମୁଣ୍ଡା ଥାନା ପୁଲିସ ଉଦ୍ଧାର କରିଛି। ମୃତିକା ଶୀତଳ ନଗର ବସ୍ତିର ଅନିତା ତୀର୍କି ବୋଲି ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ରବିବାର ଅପରାହ୍ଣବେଳେ ଅନିତାଙ୍କ ଘରକୁ ସ୍ଥାନୀୟ ଲୋକେ ଯାଇଥିବା ବେଳେ ମୃତ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏ ନେଇ ପୁଲିସକୁ ସୂଚନା ଦେଇଥିଲେ। ଘଟଣା ସମେତ ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ସ୍ଥାନୀୟ ବସ୍ତିରେ ବିଭିନ୍ନ ଆଲୋଚନା ଚାଲିଛି।

## ଦକ୍ଷିଣ ରାଉରକେଲାରେ ମିତବ୍ୟୟିତା ଦିବସ

# 'ଜ୍ଞାନ ହେଉଛି ଛାତ୍ର ଜୀବନର ପ୍ରକୃତ ସଞ୍ଚୟ'

**ରାଉରକେଲା, ୨୬।୧୦(ସମିସ)**

ଦକ୍ଷିଣ ରାଉରକେଲାର ଜ୍ଞାନୋଦୟ ବିଦ୍ୟାଳୟ ପରିସରରେ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ଷଣପ୍ରଭା ପରିଡ଼ାଙ୍କ ଆବାହନ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ନିୟମିତ ସଞ୍ଚୟର ଆବଶ୍ୟକତା ଏବଂ ଅନ୍‌ଲାଇନ୍ ଠକେଇ ସଚେତନତା' ଶୀର୍ଷକ ଉପରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ସୁନ୍ଦରଗଡ଼ ଜିଲ୍ଲାର ସ୍ୱଳ୍ପ ସଞ୍ଚୟ ଯୋଜନାର ନିର୍ଦ୍ଦେଶିକା କୌଶଲ୍ୟା ଭିତିରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଭବିଷ୍ୟତ ଜୀବନରେ ସୁଖ ଶାନ୍ତିରେ ବଞ୍ଚିବାକୁ ହେଲେ ପ୍ରତ୍ୟେକଙ୍କ ପାଇଁ କିଛି ନା କିଛି ସଞ୍ଚୟର ଆବଶ୍ୟକତା ରହିଛି। ଯାହାକି ଛାତ୍ରଛାତ୍ରୀଙ୍କ ପାଇଁ ଏହା ବିଶେଷ ଗୁରୁତ୍ୱ ବହନ କରେ। ପିଲାବେଳୁ ଛାତ୍ରଛାତ୍ରୀ କିଛିନା କିଛି ସଞ୍ଚୟ କରିବା ଶିଖିବା ଉଚିତ ବୋଲି ସେ କହିଥିଲେ। ଏହି ଅବସରରେ 'ସକାଳ'ର



ରାଉରକେଲା ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଲେ ପ୍ରତ୍ୟେକ ଛାତ୍ର ହେଉଛନ୍ତି ଭବିଷ୍ୟତ ଦେଶର ଗୋଟିଏ ଗୋଟିଏ ବଡ଼ ପୁଞ୍ଜି। ଛାତ୍ରଛାତ୍ରୀଙ୍କ ପାଇଁ ପ୍ରକୃତ ସଞ୍ଚୟ ହେଉଛି ଜ୍ଞାନ। ଛାତ୍ର ଜୀବନର ସଞ୍ଚିତ ପ୍ରତ୍ୟେକଟି ଦୁର୍ମୂଲ୍ୟ ସମ୍ପତ୍ତି ତାର ଭବିଷ୍ୟତ ଗଠନରେ ବହୁ ଉପଯୋଗୀ ହେବ ବୋଲି ସେ କହିଥିଲେ। ପଣ୍ଡିତ ହରିହର ବେହେରା, ଶିକ୍ଷାବିତ୍ ପ୍ରମୋଦ କୁମାର ମହାନ୍ତି ତର୍କ ପ୍ରତିଯୋଗିତାକୁ ମୂଲ୍ୟାୟନ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ମୂଲ୍ୟବାନ ଉପଦେଶ ଦେଇଥିଲେ। ଏହି ଅବସରରେ ସୋନାପର୍ବତ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାମନ୍ଦିର, ହାତବନ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟ, ଜ୍ଞାନୋଦୟ ବିଦ୍ୟାଳୟ, ବିର୍ସାମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟ, ରାଉରକେଲା ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ ଆଦିରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ମୁଣ୍ଡାଯୋର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅମୂଲ୍ୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଚିତ୍ତରଞ୍ଜନ ଲେଙ୍କା ପରିଚାଳନା କରିଥିଲେ। ରବୀନ୍ଦ୍ର କୁମାର ନାୟକ, ରମାକାନ୍ତ ଜେନା, ଅନନ୍ତ କୁମାର ଜେନା, ନିର୍ଝରିଣୀ ମହାପାତ୍ର, ପ୍ରଭାତ କୁମାର ଦାସ, ସୁନୀଲ କୁମାର ପ୍ରଧାନ, ଶାନ୍ତିଲତା ବାରିକ, ତନ୍ମୟୀ ମିଶ୍ର, ପ୍ରଭାସିନୀ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ସାରନଗରୀ ଆଦର୍ଶ ବିଦ୍ୟାପୀଠର ୧୦ମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୋନାପର୍ବତ ସରକାରୀ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ମନିସା ଦୁବେ ଦ୍ୱିତୀୟ ଏବଂ ଜ୍ଞାନୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଜିଜ୍ଞାସା ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୩୦ ତାରିଖରେ ସୁନ୍ଦରଗଡ଼ଠାରେ ପୁରସ୍କୃତ କରାଯିବ।

C-1314

**OFFICE OF THE MUNICIPAL COUNCIL, ANANDAPUR**
email:-executiveofficer_andp@rediffmail.com
Phone No:- 06731-24088
**E-PROCUREMENT NOTICE**
Notice No- 3817, Dt- 17.10.2025
Bid Reference No:- AM-ANDP-03/2025-26
**INVITATION FOR BID**

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: 92 Nos
2. Place of Execution: Anandapur Municipality
3. Estimated Cost of Individual Work: **Rs. 3,02,567.06 to Rs. 16,94,802.00**
4. Eligible Class of Contractors: Registered Contractors of **Class- 'D', 'C'** work mentioned in the tender call notice.
5. Intending bidders have to participate through "**On-Line**" bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 P.M on 30.10.2025 to 5.00 P.M on 13.11.2025** for online bidding.
7. Bids received online will be opened at **11.00 A .M on 14.11.2025**
8. The bidder must possess valid and compatible **Digital Signature Certificate (DSC)**.
9. The DTCN for **92** Nos. of work shall be available in the e-procurement portal www.tendersodisha.gov.in for on-line bidding.

OIPR-13049/11/0018/2526
Executive Officer,
Anandapur Municipality



## ଏସ୍‌ସିବିରେ ଏସି ବନ୍ଦ

# ଡାକ୍ତରଙ୍କୁ ଘେରିଲେ ରୋଗୀ ସମ୍ପର୍କୀୟ

**କଟକ, ୨୬।୧୦(ସମିସ)**

ଏସ୍‌ସିବି ଅସ୍ଥିଶଲ୍ୟ ବିଭାଗରେ ଏ.ସି ବନ୍ଦ ରହିବାକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଛି। କିଛି ରୋଗୀ ସମ୍ପର୍କୀୟ ଡାକ୍ତରଙ୍କୁ ଘେରି ସେଠାରେ ହୋହାଲ୍ଲା କରିଥିଲେ। ବିଭାଗର ପୁରୁଷ ୱାର୍ଡରେ ଏ.ସି ବନ୍ଦ କରି ରଖାଯାଇଥିଲା। ବନ୍ଦ କୋଠରୀ ଭିତରେ ରୋଗୀ ଗରମରେ ଆଉଟୁପାଉଟୁ ହେଉଥିଲେ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନଥିଲା। ରୋଗୀ ସମ୍ପର୍କୀୟଙ୍କ ଭିତରେ ଉତ୍ତେଜନା ପ୍ରକାଶ ପାଇବା ପରେ ଏ.ସି ଗୁଡ଼ିକ ତରବରିଆ ଭାବେ ଚାଲୁ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏ.ସି ଗୁଡ଼ିକ ଅଚଳ ଥିଲା ବୋଲି ଅଭିଯୋଗ ହୋଇଥିବା ବେଳେ ଏହାକୁ ମେଡିକାଲର ଜଣେ ବରିଷ୍ଠ ଅଧିକାରୀ ଖଣ୍ଡନ କରିଛନ୍ତି। ଭୁଲବଶତଃ ଏହାକୁ କେହି ବନ୍ଦ କରି ଦେଇଥିଲା ବୋଲି ସେ କହିଛନ୍ତି।

ଘଟଣାରୁ ପ୍ରକାଶ ଯେ ଗୋ-ମାତା ସୁରକ୍ଷା ପାଇଁ ଲଢ଼େଇ କରୁଥିବା ଯୁବକ ଆକାଶ ଗୁରୁତର ଭାବେ ଆହତ ହୋଇ ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅସ୍ତ୍ରୋପଚାର ପରେ ତାଙ୍କୁ ଅସ୍ଥିଶଲ୍ୟ ବିଭାଗରେ ରଖାଯାଇଛି। ଆକାଶଙ୍କ କିଛି ବନ୍ଧୁ ଆଜି ତାଙ୍କୁ ଭେଟିବା ପାଇଁ ଅସ୍ଥିଶଲ୍ୟ ବିଭାଗକୁ ଯାଇଥିଲେ। ସେଠାରେ ଏସିଗୁଡ଼ିକ ବନ୍ଦ ରହିଥିବା ହେତୁ ଅସହ୍ୟ ଗୁଳୁଗଳି ଅନୁଭୂତ ହେଉଥିଲା। ଆକାଶଙ୍କ ବନ୍ଧୁ ଏସି କାହିଁକି କାର୍ଯ୍ୟ କରୁନାହିଁ ବୋଲି ସେଠାରେ ଉପସ୍ଥିତ ଜଣେ ଡାକ୍ତରଙ୍କୁ ପଚାରିଥିଲେ। ମାତ୍ର ଡାକ୍ତର ଜଣକ ଯୁକ୍ତି କରିବାରୁ ସେଠାରେ ଉତ୍ତେଜନା ଦେଖା ଦେଇଥିଲା। ପରେ ମେଡିକାଲ ଫାଣ୍ଡି ପୁଲିସ ଓ ମେଡିକାଲର ସୁରକ୍ଷାକର୍ମୀ ସେଠାରେ ପହଞ୍ଚି ଆକାଶଙ୍କ ବନ୍ଧୁମାନଙ୍କୁ ବୁଝାସୁଝା କରିଥିଲେ। ପରେ ଅନ୍ୟ କିଛି ରୋଗୀ ସମ୍ପର୍କୀୟ ମଧ୍ୟ ସମାନ ଅଭିଯୋଗ କରିବାରୁ ସ୍ଥିତି ବିଗିଡିବାରେ ଲାଗିଥିଲା। ମେଡିକାଲର ଜଣେ ବରିଷ୍ଠ ଅଧିକାରୀ ସେଠାକୁ ଯାଇ ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ।

## ଗୋଶାଳାରେ ରକ୍ତଦାନ ଶିବିର

**କଟକ, ୨୬।୧୦(ସମିସ):** ନୂଆବଜାରସ୍ଥିତ ଶ୍ରୀ ଗୋପାଳ କୃଷ୍ଣ ଗୋଶାଳାଠାରେ ରବିବାରଠାରୁ ଗୋପାଷ୍ଟମୀ ମହୋତ୍ସବ ଆରମ୍ଭ ହୋଇଯାଇଛି। ପ୍ରଥମ ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା ହୋଇଯାଇଛି। ପ୍ରାୟ



୨୦୦ ଗ୍ରାମବାସୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମେଲଭିନ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରୁ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ମନୋନୀତ ଲୋକମାନଙ୍କୁ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଯିବ। ଗୋଶାଳାର ଅଧ୍ୟକ୍ଷ ଗଣେଶ ପ୍ରସାଦ କାଣ୍ଡୋଇଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଫେସର୍ ଡ. ଜୟନ୍ତ ପଣ୍ଡା ଏବଂ ତାଙ୍କ ଟିମ୍ ଏହି ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ। ସଞ୍ଜୟ ସାନ୍ତୁକା, ବିଶ୍ୱନାଥ ଚୌଧୁରୀ, ବିଶ୍ୱନାଥ ଧନୁକା, ନିଲମ ଶାହା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୩୦ ତାରିଖ ଗୋପାଷ୍ଟମୀ ମହୋତ୍ସବ ଉଦଘାଟିତ ହେବ। ସକାଳେ ଗୋ ମାତା ପୂଜା ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## 'ଉତ୍କଳ ସାହିତ୍ୟ ସମାଜ' ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ

**କଟକ, ୨୬।୧୦(ସମିସ):** 'ଉତ୍କଳ ସାହିତ୍ୟ ସମାଜ' ପକ୍ଷରୁ ରବିବାର ପୂର୍ବାହ୍ନରେ ଶ୍ରୀରାମଚନ୍ଦ୍ର ଭବନରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୯ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦଚନ୍ଦ୍ର ଚାନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଏହି



ଉତ୍ସବରେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ସଂଗଠନ ସମ୍ପାଦକ ଶଶିକାନ୍ତ ରାଉତ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ଡ. ବୈଜୟନ୍ତୀମାଳା ଶତପଥୀ, ମୀରା ବେଉରା, ଡ. ରଘୁ ସାହୁ, ରାଜକିଶୋର ସ୍ୱାଇଁ ଓ ଗୀତାଞ୍ଜଳି ପୃଷ୍ଟିଙ୍କ ସମେତ ଉମାଶଙ୍କର ମିଶ୍ର, ଗଜେନ୍ଦ୍ର ପାଣି, ବିଦ୍ୟୁତ କୁମାରୀ ଲାଲା, ଚୈତନ୍ୟ ରାଉତ, ଗୌତମ ଚନ୍ଦ୍ର କର, ଦୀନବନ୍ଧୁ ସାହୁ, ଅରୁଣ ଅଗ୍ରୱାଲା, ଉତ୍ତମ ଚରଣ ପ୍ରଧାନ, ଅଧ୍ୟାପକ କିଶୋର ଚନ୍ଦ୍ର ଦାସ, ଦେବାଶିଷ ସାମନ୍ତରାୟ, ଶରତଚନ୍ଦ୍ର ଦାଶ, ଲକ୍ଷ୍ମୀ ପ୍ରସାଦ ଆଚାର୍ଯ୍ୟ, ବଦ୍ରିକାନାଥ ଦାସ, ପ୍ରସନ୍ନ ଦାଶ, ମୈତ୍ରୀ ଭୂଷଣ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତ୍ତି ସମେତ ଅନୁଷ୍ଠାନ ପରିସରରେ ଥିବା ସମସ୍ତ ପୂର୍ବସୂରୀ ସାରସ୍ୱତ ସାଧକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ ଧନ୍ୟବାଦ ଦେଇଥିଲେ।

## ୱାକର୍ସ କ୍ଲବ ପକ୍ଷରୁ ଖାଦ୍ୟ ବଣ୍ଟନ

**କଟକ, ୨୬।୧୦(ସମିସ):** ଅଗ୍ରଣୀ ସାମାଜିକ ଅନୁଷ୍ଠାନ ୱାକର୍ସ କ୍ଲବ ତରଫରୁ ଶୁଖିଲା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ନୂଆପଡ଼ା ସ୍ଥିତ ଉତ୍କଳ ବାଳାଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟିକୁ ସ୍ଥାନୀୟ କର୍ପୋରେଟର ସନ୍ତୋଷ କୁମାର ଭୋଳ ଉଦଘାଟନ କରିଥିଲେ।



ବରିଷ୍ଠ ସଭ୍ୟ ଓ ସ୍ୱର୍ଗତ ସରଳା ସୁନ୍ଦରୀ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା ସହିତ ବାଳାଶ୍ରମର ଅନ୍ତେବାସୀଙ୍କ ମଧ୍ୟରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ବରିଷ୍ଠ ସଭ୍ୟ ଶ୍ୟାମସୁନ୍ଦର ସାହୁ, ଫଣୀନ୍ଦ୍ର ମଲିକ, ଗୌତମ କର, ବିଜୟାଲକ୍ଷ୍ମୀ କର, ଭାଗ୍ୟରଥୀ ସାମଲ, ବାବୁଲୀଧର ନାୟକ, କିଶୋର ମିଶ୍ର, ପ୍ରଶାନ୍ତ କାନୁନଗୋ, ସରୋଜ ମହାନ୍ତି, ଶିଶିର ବାରିକ୍, ପ୍ରଭାକର ବେହେରା ପ୍ରମୁଖ ଅନ୍ତେବାସୀଙ୍କ ମଧ୍ୟରେ ଖାଦ୍ୟ ବଣ୍ଟନ କରିଥିଲେ। ରାକେଶ ଶତପଥୀ ଓ ଓଁକାର ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଆଇଏସ୍‌ଆର୍‌ପିଟି ସମ୍ମିଳନୀ ଉଦ୍‌ଘାଟିତ

**କଟକ, ୨୬।୧୦(ସମିସ):** ଇଣ୍ଡିଆନ୍ ସୋସାଇଟି ଫର ରେସନାଲ୍ ଫାର୍ମାକୋ ଥେରାପୁଟିକ୍ସ (ଆଇଏସ୍‌ଆରପିଟି)ର ୧୭ତମ ସମ୍ମିଳନୀ ଏସ୍‌ସିବି ମେଡିକାଲ ନୂତନ ଅଡିଟୋରିୟମ୍‌ରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରୁ ୪୦୦ରୁ ଅଧିକ ଡାକ୍ତର ୪୦ରୁ ଅଧିକ ଜାତୀୟସ୍ତରର ଅଧ୍ୟାପକ ସମ୍ମିଳନୀରେ ସାମିଲ ହୋଇଥିଲେ। ସଂଗଠନ ସଚିବ ପ୍ର ତୃପ୍ତି ରେଖା ସ୍ୱାଇଁ ଆଣବିକ ଏବଂ ଇମ୍ୟୁନୋଫାର୍ମାକୋଲୋଜିର ଅବଲୋକନ କରିଥିଲେ। ସଂଘର ସଭାପତି ପ୍ରଫେସର ଭି. ମୋଟଘରେ, ସାଧାରଣ ସମ୍ପାଦକ ପ୍ରଫେସର ବିଶାଲ ଟଣ୍ଡନ, ସଂଘର କୋଷାଧ୍ୟକ୍ଷ ପ୍ରଫେସର ଏଚ୍.ଏସ୍. ରେହାନ ଉପସ୍ଥିତ ଥିଲେ। ଏସସିବି ମେଡିକାଲ କଲେଜ ଡିନ୍ ଏବଂ ପ୍ରିନ୍ସିପାଲ୍ ପ୍ର ଲୁସି ଦାସ, ପ୍ର ଏମସି ଦାସ, ପ୍ର ସବିତା ମହାପାତ୍ର, ପ୍ର ଜୟନ୍ତୀ ପ୍ରଭା ବେହେରା, ପ୍ର ସୁହାସିନୀ ଦେହୁରୀ, ପ୍ର କାଳୀପ୍ରସାଦ ପଟ୍ଟନାୟକ, ପ୍ର ଭାବଗ୍ରାହୀ ରଥ ଏବଂ ଡ. ବେଦବ୍ୟାସ ମିଶ୍ର ଉପସ୍ଥିତ ଥିଲେ।

## ନିର୍ମାଣାଧୀନ ଛାତରୁ ଖସି ଶ୍ରମିକଙ୍କ ମୃତ୍ୟୁ

**ଜଗତପୁର, ୨୬।୧୦(ସମିସ):** ଜଗତପୁର ଥାନା ନିକଟସ୍ଥ କଟକ ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ନିର୍ମାଣାଧୀନ ଏକ ୪ ମହଲା ସିଡ଼ିରୁ ଖସିପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ରାଜ୍ୟ ଖେଜୁରି ଥାନା ଉତ୍ତରଶ୍ୟାମପୁର ଅଞ୍ଚଳର ପ୍ରବୀର ସିଂ (୪୦)। ରବୀନ୍ଦ୍ର ଉପାଧ୍ୟାୟଙ୍କ ଏକ ୪ ମହଲା କୋଠା ଗତକାଲି ଶନିବାର ସଂଧ୍ୟାରେ ନିର୍ମାଣ ଚାଲୁଥିଲା ବେଳେ ପ୍ରବୀର କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ପ୍ରବୀର ସିଡ଼ିରୁ ଖସିପଡ଼ିଥିଲେ। ପରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିବା ନେଇ ପ୍ରବୀରଙ୍କ ଭାଇ ସୁଜିତ ଥାନାରେ ଜଣାଇଛନ୍ତି।

## ସମାଜସେବୀ ବୀଣାପାଣି ଜେନାଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ, ୨୬।୧୦(ସମିସ):** କର୍ତ୍ତବ୍ୟ ସଚେତନତାର ବାର୍ତ୍ତାବହ ଥିଲେ ସମାଜସେବୀ ତଥା ଶିକ୍ଷାବିତ୍ ବୀଣାପାଣି ଜେନା। ସାଧାରଣ ମଣିଷର କର୍ତ୍ତବ୍ୟ ଓ କ୍ଷମତା ସମ୍ପର୍କରେ ଶ୍ରୀମତୀ ଜେନା ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ ବୋଲି ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଖ୍ୟାତିସମ୍ପନ୍ନ କଥାକାର ଶିକ୍ଷାବିତ୍ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଅରବିନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭାରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡା. ପ୍ରଭାବତୀ ନାୟକ ଓ ବିଶିଷ୍ଟ ଆଇନଜୀବୀ ପ୍ରଦିଲା ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତା ବୀଣାପାଣି ଜେନା ଓ ତାଙ୍କ ସ୍ୱାମୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଭ୍ରମରବର ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଉତ୍କଳ ମହିଳା ସମିତିର ଆଜୀବନ ସଦସ୍ୟା ବାସନ୍ତୀ ସାହୁ, ଶିକ୍ଷାବିତ୍ ଡ. ଅପର୍ଣ୍ଣା ମିଶ୍ର, କବୟିତ୍ରୀ ସୁଷମା ମିଶ୍ର, ପ୍ରଫେସର ଡକ୍ଟର ଅରବିନ୍ଦ ଦାସ, ଡ. ସରଳା ସାହୁ, ଡ. ସୋମ୍ୟା ପାତ୍ର ବୀଣାପାଣି ଜେନାଙ୍କ ସ୍ମୃତିରେ ପ୍ରକାଶିତ ପୁସ୍ତକ ସ୍ମୃତି ଶାମୁକାକୁ ଉନ୍ମୋଚନ କରିଥିଲେ। ଡ. ସାୟନ୍ତନା ପାତ୍ର ଦାସଙ୍କ ଦ୍ୱାରା ବୀଣାପାଣିଙ୍କ ସମ୍ପର୍କରେ ଏକ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା। ସ୍ୱପ୍ନ ପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ବୀଣାପାଣି ଜେନାଙ୍କ ଜ୍ୟେଷ୍ଠାକନ୍ୟା ଡ. ସୌମ୍ୟା ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡ. ପ୍ରଦୀପ ଧନ୍ୟବାଦ ଦେଇଥିଲେ।

## ସାରଳା ସାହିତ୍ୟ ସଂସଦ ପକ୍ଷରୁ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ

# କବି ମମତା ଦାଶଙ୍କୁ ଗୋଦାବରୀଶ ମିଶ୍ର ସମ୍ମାନ

**କଟକ, ୨୬।୧୦(ସମିସ)**



କଟକର ସାରସ୍ୱତ ପୀଠ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୯ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉତ୍ସବକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଆନୁଷ୍ଠିକ ଭାବେ ଉଦ୍‌ଘାଟନ କରିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡକ୍ଟର (ଇଂ.) ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ସମ୍ମାନିତ ଅତିଥି, ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ପ୍ରଫେସର ସତ୍ୟନାରାୟଣ ପଣ୍ଡା ବିଶିଷ୍ଟ ଅତିଥି, ଡ. ବାବାଜୀ ଚରଣ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ କବି ମମତା ଦାଶଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ଗୋଦାବରୀଶ ମିଶ୍ର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ଏହି ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କା ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯାଇଛି। ଏହି ପୁରସ୍କାରର ଅର୍ଥରାଶି ଗୋଦାବରୀଶଙ୍କ ପୌତ୍ର ପ୍ରାକ୍ତନ ପ୍ରଧାନ ବିଚାରପତି ଦୀପକ ମିଶ୍ର, ତାଙ୍କ ସହଧର୍ମିଣୀ ସୁପ୍ରମା ମିଶ୍ର, ଦୁଇକନ୍ୟା କାଜଲ୍ ମିଶ୍ର ଓ ଶୀତଲ ମିଶ୍ର ପ୍ରଦାନ କରିଛନ୍ତି। ମୁଖ୍ୟଅତିଥି ଡ. ସାମଲ ଗୋଦାବରୀଶଙ୍କୁ ଜଣେ କାଳଜୟୀ ସ୍ରଷ୍ଟା ରୂପେ ଆଲୋଚନା କରିଥିଲେ। ତାଙ୍କ ରଚିତ କବିତା ସଂକଳନ 'ଆଲେଖିକା', 'କଳିକା', 'କିଶଳୟ', ଗଳ୍ପ 'ପଞ୍ଚବୀର ପୁଆଣି ଘର', ନାଟକ 'ପୁରୁଷୋତ୍ତମ ଦେବ' ଓ 'ମୁକୁନ୍ଦଦେବ' ଓଡ଼ିଆ ସାହିତ୍ୟର ଅନବଦ୍ୟ କୃତି ବୋଲି କହିଥିଲେ। ବିଶିଷ୍ଟ ଅତିଥି ଡ. ପଣ୍ଡା ଜଣେ ଆଦର୍ଶ ଶିକ୍ଷକ ଓ ପ୍ରବୀଣ ଶିକ୍ଷାବିତ୍ ରୂପେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ଗୋଦାବରୀଶଙ୍କୁ ଜଣେ ମହାନ ରାଷ୍ଟ୍ରନୀତିଜ୍ଞ ରୂପେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ତାଙ୍କ ଭାଷଣରେ କହିଲେ ଯେ ଗୋଦାବରୀଶ ମିଶ୍ର ଓଡ଼ିଆ ସାହିତ୍ୟରେ ଆଦ୍ୟ ଗାଥାକବି। ପାଇକ ବିଦ୍ରୋହକୁ ଅବଲମ୍ବନ କରି ସେ ରଚନା କରିଥିବା ୧୯୧୭ ଉପନ୍ୟାସ ଓଡ଼ିଆ ସାହିତ୍ୟରେ ଅନ୍ୟତମ ଜାତୀୟ କୀର୍ତ୍ତିସ୍ତମ୍ଭ। ସଂସଦର ମୁଖ୍ୟ ଉପଦେଷ୍ଟା ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଆଭାସୀ ମାଧ୍ୟମରେ ଓ ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ ଗୋଦାବରୀଶଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ଦେଇଥିବା ବେଳେ ସମାଜସେବୀ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। କବି କାନ୍ତବାଳା ନାୟକ ମାନପତ୍ର ପାଠ କରିଥିଲେ। ଅଧ୍ୟାପକ ଗୋପୀନାଥ ପଣ୍ଡା, ଅଧ୍ୟାପକ ନିର୍ମଳଚନ୍ଦ୍ର ପହୀ, ବ୍ରଜକିଶୋର ବେହୁରା, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଇଂ ସୁଶାନ୍ତ ସେଠୀ, ସାହିତ୍ୟିକ ଜୟଲକ୍ଷ୍ମୀ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | 71- NUAPADA ASSEMBLY CONSTITUENCY | SMT. SNEHANGINI CHHURIA | I. **S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>II. **S.D.J.M., Bargarh, CT No-84/2025; Bargarh Town PS Case No- 37/2025; Awaiting for Final Form**<br>III. **S.D.J.M., Bargarh, CT No-86/2025; Bargarh Rural PS Case No- 11/2025; Awaiting for Final Form**<br>IV. **S.D.J.M., Bargarh, CT No-89/2025; Bargarh Town PS Case No- 38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

## ବିଷମ କଟକରେ ହାତୀ ଉପଦ୍ରବ

# କୁକୁଡା ଫାର୍ମ, ମାଛ ୟୁନିଟ୍ ଭାଙ୍ଗିଦେଲେ



ବିଷମ କଟକ, ୨୬।୧୦(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକରେ ପୁଣି ଜଙ୍ଗଲି ହାତୀ ଗାଁ ମୁହାଁ ହୋଇଛନ୍ତି। ପୋଡୁ ଚାଷ ପାଇଁ ଜଙ୍ଗଲ ପାହାଡ଼ରେ ଥିବା ଗଛପତ୍ର ଧ୍ୱଂସ ହୋଇ ଯାଇଥିବାରୁ ଖାଦ୍ୟ ଅଭାବରୁ ହାତୀ ମାନେ ଆଉ ଜଙ୍ଗଲକୁ ଫେରିବାର ନାଁ ନେଉ ନାହାନ୍ତି। ଶନିବାର ରାତିରେ ବିଷମ କଟକ ବ୍ଲକ ଅନ୍ତର୍ଗତ ହଜାରିଡାଙ୍ଗ ଗ୍ରାମପଞ୍ଚାୟତର ଲେଲିବାଡି ଗ୍ରାମରେ ୩ଟି ହାତୀ ଆସି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ କରିଛନ୍ତି। ଏହି ଗ୍ରାମର କଦଳି ଗଛ ବାଡି ବଗିଚା ସବୁ ନଷ୍ଟ କରିବା ସହ ଗାଁ ମୁଣ୍ଡରେ ମାଁ ରାଇଧୁପୁଣି ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଏକ କୁକୁଡା ଫାର୍ମ ଘରର କାନ୍ଥ ଭାଙ୍ଗିବା ସହ ସେଥିରେ ରହିଥିବା ସମସ୍ତ ଆସବାବପତ୍ର ନଷ୍ଟ କରିଦେଇଛନ୍ତି। ଏଥି ସହିତ ସେହି ସଂଘ ଦ୍ୱାରା ବାୟୋଫ୍ଲକ୍ ମାଛ ଚାଷ ନିମନ୍ତେ ନିର୍ମିତ ମାଛ କୁଣ୍ଡ ସବୁକୁ ଭାଙ୍ଗି ଚୁରମାର କରିଦେଇଛନ୍ତି । ଯାହାଫଳରେ କୁଣ୍ଡରେ ରହିଥିବା ସମସ୍ତ ମାଛ ମରିଯାଇଥିବା ବେଳେ ପ୍ରକଳ୍ପଟି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପାଞ୍ଚଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପଟି ନିର୍ମାଣ ହୋଇଥିବା ବେଳେ କୁକୁଡା ଫାର୍ମଟି ୭ଲକ୍ଷ ୨୦ହଜାର ଟଙ୍କାରେ ନିର୍ମିତ ହୋଇଥିଲା। ଏହି ଦୁଇ ପ୍ରକଳ୍ପ ସରକାରୀ ସହାୟତରେ ନିର୍ମାଣ ହୋଇଥିବା ବେଳେ ହାତୀ ଏହି ଦୁଇ ପ୍ରକଳ୍ପକୁ ଭାଙ୍ଗି ଚୁରମାର କରିଦେଇଛି। ଏହି ଦୁଇ ପ୍ରକଳ୍ପ ଦ୍ୱାରା ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନେ ଅର୍ଥ ଉପାର୍ଜନ କରୁଥିଲେ। ବର୍ତମାନ ପ୍ରକଳ୍ପ ଗୁଡିକ ନଷ୍ଟ ହୋଇଯାଇଥିବାରୁ ସଂଘ ମହିଳା ମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏ ନେଇ ବିଷମ କଟକ ବନପାଳ ହେମ ବେହେରାଙ୍କ ସହ ଯୋଗାଯୋଗ କରାଯିବାରେ ହାତୀ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ କରି ସରକାରଙ୍କୁ କ୍ଷତିପୂରଣ ନିମନ୍ତେ ସୁପାରସ କରାଯିବ ବୋଲି କହିଛନ୍ତି।

## ଅବକାରୀ ବିଭାଗର ଚଢ଼ଉ; ୨ ଗିରଫ

ନବରଙ୍ଗପୁର,୨୬।୧୦(ସମିସ): ନବରଙ୍ଗପୁର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ ଏବଂ ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ନବରଙ୍ଗପୁର ଥାନା ଅନ୍ତର୍ଗତ ବି.ମାଳିଗୁଡା ଗ୍ରାମରେ ମଦ ଚଢ଼ଉ କରି ଡମ୍ବରୁ ବିଶୋୟୀଙ୍କ ନିକଟରୁ ୧୨ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଓ ୧୫୦ ଲିଟର ମଦ ପୋଚ ମଦ ଜବତ କରାଯାଇଛି। ପରବର୍ତ୍ତୀ ସମୟରେ ମହୁଲ ପୋଚକୁ ନଷ୍ଟ କରି ଦିଆଯାଇଥିବା ବେଳେ ଡମ୍ବରୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଖାତିଗୁଡା ଥାନା ଅନ୍ତର୍ଗତ ଲଙ୍ଗଳ ଅଟାଳ ଗ୍ରାମରେ ଚଢ଼ଉ କରି ଜଣେ ମହିଳାଙ୍କ ଠାରୁ ଗୋଟିଏ ପ୍ଲାଷ୍ଟିକ ଡ୍ରମ୍‌ରେ ଥିବା ୨୫ ଲିଟର ସଲପ ମଦ ଜବତ କରାଯାଇଛି। ସମ୍ପୃକ୍ତ ମହିଳାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ା ଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଖାତିଗୁଡା ଥାନା ଅନ୍ତର୍ଗତ ବିରିଗୁଡା ଗ୍ରାମରେ ଚଢ଼ଉ କର ଧବଳ ହରିଜନ ନିକଟରୁ ୧୪ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉ ସମୟରେ ରିସମା କୁମାରୀ ସୁନା, ସୁଧାଂଶୁ ଶେଖର ବଘ୍ ଓ ଆକ୍ରମ ଖାନ ପ୍ରମୁଖ ଅବକାରୀ କର୍ମଚାରୀ ଉପସ୍ଥିତ ଥିଲେ ବୋଲି ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥ ସୂଚନା ଦେଇଛନ୍ତି।

## ଶିକ୍ଷକ ପ୍ରଶିକ୍ଷଣ ଶିବିର



ସେମିଳିଗୁଡ଼ା,୨୬।୧୦ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସ୍ଥିତ ଦେଓମାଳୀ ପବ୍ଲିକ ସ୍କୁଲରେ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ବିଷୟ ବସ୍ତୁ ଥିଲା 'ନୈତିକଶିକ୍ଷାର ମାନ'। କାର୍ଯ୍ୟକ୍ରମର ପ୍ରବର୍ତ୍ତକ ଭାବେ ସନ୍ତୋଷ କୁମାର ଶତପଥୀ, ଏକଲବ୍ୟ ବିଦ୍ୟାଳୟ ପୁଙ୍ଗାର ଏବଂ କିଶୋରଚନ୍ଦ୍ର ଦାସ, ପ୍ରଭାବତୀ ଇଂଲିସ ସ୍କୁଲ, ଟିଟିଲାଗଡ଼ରୁ ଯୋଗଦାନ କରି ନୈତିକ ଶିକ୍ଷାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରବର୍ତ୍ତକ ମାନଙ୍କ ସହ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ତଥା ବିଦ୍ୟାଳୟର ଅଧକ୍ଷ କେ. କରାମତ ଅଲ୍ଲୀ ଦୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ବିଭିନ୍ନ ସିବିଏସଇ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇ ନୈତିକ ଶିକ୍ଷାର ମାନ ବିଷୟରେ ଜ୍ଞାନ ଆହରଣ କରିବା ସହ ଶ୍ରେଣୀ କକ୍ଷରେ ପ୍ରୟୋଗର କୌଶଳ ଶିକ୍ଷା କରିଥିଲେ। ବିଭିନ୍ନ ପ୍ରକାରର ପ୍ରକଳ୍ପ ନୃତ୍ୟ ଗୀତ ଦ୍ୱାରା ଶିକ୍ଷା ଆହରଣ କରି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଆନନ୍ଦ ଅନୁଭବ କରିବା ସହ ଦେଓମାଳୀ ପବ୍ଲିକ ସ୍କୁଲର ଆତିଥ୍ୟକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ନୋଡାଲ ସଂଯୋଜିକା ରେଣୁବାଳା ହୋତା ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିବା ବେଳେ ତପୋମୟ ସାମଲ ଏବଂ ଲକ୍ଷ୍ମୀକାନ୍ତ ପୁଷ୍ଟି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ପାଳିତ



ଚନ୍ଦ୍ରପୁର,୨୬।୧୦(ସମିସ): ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ଡାଙ୍ଗସୋରଡା ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପରିସରରେ ଆଧୁନିକ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ପଦ୍ମବିଭୂଷଣ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୯ତମ ଜନ୍ମତିଥି ମହାଆଡମ୍ବରରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ କଳା ସଂସ୍କୃତିର ଉତ୍ତରଣ ସହ ପୂଜ୍ୟପୂଜା ପାଇଁ ଅଙ୍ଗୀକୃତ ନିୟମଗିରି ସାଂସ୍କୃତିକ ପରିଷଦ ଆୟୋଜନ ଏବଂ ଉନ୍ନୟନମୂଳକ ବିଭାଗ ଦ୍ୱାରା ପରିଚାଳିତ ଡାଙ୍ଗସୋରଡା ହାଇସ୍କୁଲ ସୌଜନ୍ୟରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟ୍ଟନାୟକ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ମୁନିଗୁଡା ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ହୃଷିକେଶ ଜାଲି, ସେବା ନିବୃତ ବ୍ୟାଙ୍କ୍ ଅଧିକାରୀ ଶଙ୍କର ପ୍ରସାଦ ଦାସ୍, ଶିକ୍ଷକ ହେମନ୍ତ କୁମାର ମଲ୍ଲିକ ଓ ସାମାଜିକ କର୍ମୀ ଡଃ ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଗୋଦାବରୀଶଙ୍କ "ତୁଙ୍ଗ ଶିଖରୀ " ଗୀତକୁ ପ୍ରାରମ୍ଭିକ ସଙ୍ଗୀତ ରୂପେ ଗାନ କରାଯାଇ ଥିଲା। ମହାପୁରୁଷଙ୍କ ଜୀବନୀ ଗାଥା ଓ "କାଳିଜାଇ' କବିତାକୁ ଛାତ୍ରଛାତ୍ରୀ , ଶିକ୍ଷକ ଶିକ୍ଷୟିତ୍ରୀ ଓ ଅତିଥି ମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। ଶେଷରେ ଅତିଥି ମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ସୁରତ କୁଶୁଲିଆ, ରବିନ୍ଦ୍ର କୁମାର ବିହାରୀ, ପ୍ରାଣକୃଷ୍ଣ ପ୍ରଧାନ, ସଲୀଳ ପ୍ରଧାନ , ସୋନାଲି ଦୋରା ଓ ସେବାୟତ ଦୁର୍ଯୋଧନ ତୋଇକା, ନରେନ୍ଦ୍ର ଦିବାକା, ବିଦ୍ୟାଧର ସାରକା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଦୁର୍ଗାପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଷ୍ଠୀଗତ ମୌଳିକ ସମସ୍ୟା ସମାଧାନ ପାଇଁ ସାମାଜିକ ବୈଠକ

# 'ବିକାଶ ବିପରୀତ ଦିଗରେ ଗତି କରୁଛି'




ରାୟଗଡ଼ା,୨୬।୧୦(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ "ଖ'ଜୋନ ଅଧୀନସ୍ଥ ୧୩ଟି ପଞ୍ଚାୟତବାସୀ ଆଜି ମଧ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବ୍ୟାଙ୍କ, ନେଟୱାର୍କ ସେବା, ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ, ଅସାମାଜିକ ଅପରାଧ ବୃଦ୍ଧି ଭଳି ଅନେକ ମୌଳିକ ସମସ୍ୟାରେ ଜର୍ଜରିତ ହୋଇ ରହିଛନ୍ତି। ଏମାନଙ୍କ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନ କିମ୍ବା ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଆଜି ଡାଙ୍ଗଲୋଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ କନ୍ଧକୁଣ୍ଡମ ହାଟପଦାଠାରେ ଦଳବଳ ନିର୍ବିଶେଷରେ ସମାଜ ଓ ଅଞ୍ଚଳର ଉନ୍ନତି ପାଇଁ ରାୟଗଡ଼ା ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ଆଞ୍ଚଳିକ ଗୋଷ୍ଠୀଗତ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଆଜି କେରଡା, ଶେଷଖାଲ, ଜେମାଦେଇପେଣ୍ଟ, ବୈରାଗୀ ହାଲୁଆ, ଡାଙ୍ଗଲୋଡି, ପିପିଲଗୁଡା, କାରୁବାଇ, ବାଇସିଂ, ବଡ଼ଆଲୁବାଡି ୧୩ଟି ପଞ୍ଚାୟତର ଆଦିବାସୀ ଜନ ପ୍ରତିନିଧି, ଗ୍ରାମର ଜାନି, ସାଉନ୍ତା,ବୁଦ୍ଧିଜୀବୀ, ଶିକ୍ଷିତ ଯୁବ ଗୋଷ୍ଠୀଙ୍କ ଉପସ୍ଥିତିରେ ସାମାଜିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ପେନିକଣାଠାରେ ଥିବା ହାଇସ୍କୁଲକୁ ଯୁକ୍ତ ଦୁଇ କଲେଜକୁ ବୃଦ୍ଧି କରିବା,ପିଏଚସି ଜାଙ୍ଗଲି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସିଏଚସିରେ ପରିବର୍ତନ କରି ସେଠାରେ ଆବଶ୍ୟକତା ମୁତାବକ ଡାକ୍ତର ଓ ଷ୍ଟାଫ୍ ନିୟୋଜିତ କରିବା, ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ଚୋରି ଡକାୟତି ଭଳି ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ପିପଲଗୁଡା ଠାରେ ଏକ ପୋଲିସ ଫାଣ୍ଡି ସ୍ଥାପନା କରିବା, ବ୍ୟାଙ୍କ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇବା ପାଇଁ ପିପଲଗୁଡାରେ ଏକ ମିନିବ୍ୟାଙ୍କ କାର୍ଯ୍ୟକାରୀ କରିବା, ଅଞ୍ଚଳର ଗମନାଗମନର ସମସ୍ୟାର ସମାଧାନ କରିବା, ଅଞ୍ଚଳରେ ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସକୁ ସଂପୂର୍ଣ୍ଣ ରୋକିବା ପାଇଁ ସମସ୍ତଙ୍କ ମିଳିତରେ ଲୋକଙ୍କୁ ସଚେତନ କରିବା, ମଦମୁକ୍ତ "ଖ'ଜୋନ ପାଇଁ ପଦକ୍ଷେପ ଗ୍ରହଣ କରିବା, ବାହାଘରର କିଛି ରୀତିନୀତି ଢାଞ୍ଚା ପରିବର୍ତ୍ତନ କରିବା, ଅଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଏ ଦିଗରେ ସ୍ଥାନୀୟ ପ୍ରଶାସନ ତଥା ସରକାରଙ୍କ ଦୃଷ୍ଟି ଆର୍କଷଣ କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଥିବା ଏବଂ ସମାଧାନ ଦିଗରେ ବିଳମ୍ବ ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ନେଇ ମଧ ଆଲୋଚନା ହୋଇଥିବା ଜଣାପଡିଛି। ଯେହେତୁ ଏହି ଘାଟି ଅଞ୍ଚଳକୁ ଜିଲ୍ଲାର ପଦାଧିକାରୀ ଓ ରାଜନେତାମାନେ ନିଜର ଫାଇଦା ପାଇଁ ବ୍ୟବହାର କରୁଛନ୍ତି। ଆଜି ଏହି ଅଞ୍ଚଳର ବିକାଶ ବିପରୀତରେ ଗତି କରୁଛି ବୋଲି ସମାଜସେବୀ ସତ୍ୟବାନ୍ ମାଣ୍ଡାଙ୍ଗି ନିଜର ପ୍ରତିକ୍ରିୟା ରଖିଛନ୍ତି। ଏହି ବୈଠକରେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା, ବ୍ଲକ ଉପାଧକ୍ଷ ହରପ୍ରସାଦ ହେପୃକା, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାବତୀ ମାଣ୍ଡାଙ୍ଗି, ପୂର୍ବତନ ଡିସିସ ସଭାପତି ଶଙ୍କର ଜିଲାକାରା, ମୀରାବାଲି ସରପଞ୍ଚ ଅଶୋକ ପୁଆଲା, ସମାଜସେବୀ ତଥା ଯୁବନେତା ସତ୍ୟବାନ ମାଣ୍ଡାଙ୍ଗି, କ୍ରିଷ୍ଣା ତାଡିଙ୍ଗି, ଚନ୍ଦ୍ରଶେଖର ପୁଆଲା, ୱାଲା ବିଡିକା, ଫେଟା ତୋଇକା, ଲାଚାନା ମାଣ୍ଡାଙ୍ଗି, ନିରଞ୍ଜନ ସିରିକା, ସୁରି ମାଣ୍ଡାଙ୍ଗି, ତ୍ରିପତି କିଲାକା, ମୋହନ ସାରକା, ପଟି ମାଣ୍ଡାଙ୍ଗି, ପଟି ଉଲାକା, ଅଜିତ ମାଣ୍ଡାଙ୍ଗିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ନିଜର ବକ୍ତବ୍ୟ ଓ ମତାମତ ଦେଇ ବୈଠକ ପରିଚାଳନା କରିଥିଲେ।

**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | **Maximum Punishment Imposed.** |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br><br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br><br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br><br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

# ଜିଲ୍ଲାସ୍ତରୀୟ ରଗ୍‌ବୀ ଫୁଟ୍‌ବଲ୍ ପ୍ରତିଯୋଗିତା

**ବାରିପଦା, ୨୬।୧୦(ସମିସ)**



ସ୍ଥାନୀୟ ବାରିପଦା ପୌରାଞ୍ଚଳ ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ବାଳିକା ବିଭାଗର ରଗ୍‌ବୀ ଫୁଟ୍‌ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶଙ୍କ ପୌରାହିତ୍ୟରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଆୟୋଜକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୋମନାଥ ସିଂହ, ଓଷ୍ଟା ଶିକ୍ଷକ ସଂଘର ସଭାପତି ଚିତ୍ତରଞ୍ଜନ ପଲତା ଯୋଗଦେଇଥିଲେ। ବିଚାରକ ଭାବେ ଦିବ୍ୟରଞ୍ଜନ ଦାସ, କ୍ରିଷ୍ଣା ଟୁଡୁ, ରାଇମୋହନ ନାଏକ, ପ୍ରକାଶ ଚନ୍ଦ୍ର ସୋଏ, ମାଳିନ ସୋଏ ଓ ବୁକାଏ ହାଁସଦା ପ୍ରମୁଖ ଯୋଗଦେଇଥିଲେ। ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ ଓ ପ୍ରଦୀପ ଚୌଧୁରୀ ଯୋଗଦେଇଥିଲେ। ଜିଲ୍ଲାସ୍ତରରୁ ଚୟନ ହୋଇଥିବା ୪୮ ଜଣ କ୍ରୀଡ଼ାବିତ ଚଳିତ ଅକ୍ଟୋବର ୩୦ରୁ ନଭେମ୍ବର ୧ତାରିଖ ପର୍ଯ୍ୟନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ରଗ୍‌ବୀ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବାଳକ ବିଭାଗରେ ଶ୍ରୀକାନ୍ତ ସିଂ, କାଶୀନାଥ ଟୁଡୁ, ଦଶରଥ ମାଝୀ, ରାମଚନ୍ଦ୍ର ହେମ୍ବ୍ରମ, ବାଦଲ ନାୟକ, ରାମଚନ୍ଦ୍ର ହେମ୍ବ୍ରମ, ହୃଦାନନ୍ଦ ସିଂ, ଶରତ ଦେହୁରୀ, ସୁକୁଲ ବାସ୍କେ, ଯଦୁ ଗୋଡ଼ସାରା, ଫାଗୁ ମୁର୍ମୁ, ରୋହିଦାସ ସିଂ ସ୍ଥାନ ପାଇଛନ୍ତି। ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ, ସୁଦେଷ୍ଣା କ୍ରିଷ୍ଣା ନାଏକ, ଦୁଲାରୀ ହାଁସଦା, ଜୟନ୍ତୀ ବାସ୍କେ, ଶୁଭଦ୍ରା ସୋରେନ, ସାଲଗେ ମୁର୍ମୁ, ସବିତା ସୋରେନ, ପାଏଲ ହାଁସଦା, ସନ୍ଧ୍ୟା ସୋରେନ, ସୀତା ମାରାଣ୍ଡି, ସୁଲେନା ହେମ୍ବ୍ରମ ଓ ପଦ୍ମାବତୀ ସିଂ ସ୍ଥାନ ପାଇଛନ୍ତି। ବାଳକ ବିଭାଗରେ ବିକ୍ରମ ଦାଶ, ସୂର୍ଯ୍ୟପ୍ରକାଶ ନାଏକ, ବିଜୁ ମାରାଣ୍ଡି, ସିମନ ମୁର୍ମୁ, ବିଷ୍ଣୁପଦ ମହାନ୍ତ, ରାଜେନ ହାଁସଦା, ମୁନା ସିଂ, ବାରିଶା ମାରାଣ୍ଡି, ଶଙ୍ଖଚରଣ ଟୁଡୁ, ସାଇବା ମାରାଣ୍ଡି, ଅତନୁ ପାଣି, ଆନନ୍ଦ କାରୁଆ ଓ ବାଳିକା ବିଭାଗରେ ହୀରା ମୁର୍ମୁ, ସୁଗି ହେମ୍ବ୍ରମ, ମିନାକ୍ଷୀ ଟୁଡୁ, ସଲମା ହେମ୍ବ୍ରମ, ମୀନା ମାରାଣ୍ଡି, ସାବିତ୍ରୀ ମାରାଣ୍ଡି, ବାଲେ ହୋ, ନମିତା ହୋ, ହିସି ମାଝୀ, ଲକ୍ଷ୍ମୀ ମାରାଣ୍ଡି, ଡୁଡୁ ମାରାଣ୍ଡି ଓ ରଞ୍ଜିତା ସିଂ ସ୍ଥାନ ପାଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପିଇଟି ଅଭିଷେକ ବେହେରା, ଛାତ୍ର ନିବାସର ୱାର୍ଡେନ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ 'ସୁରଭି'



**ବାରିପଦା, ୨୬।୧୦(ସମିସ):** ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିସିପୁର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ ୧୨ଟି ବିଦ୍ୟାଳୟର ପ୍ରାୟ ୨୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ବିଭିନ୍ନ ବିଭାଗରୁ ମୋଟ ୧୮ ଜଣ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ଚଳିତ ମାସ ୨୯ ତାରିଖ ଦିନ ସହିଦ ସ୍ମୃତିଭବନରେ ବ୍ଲକସ୍ତରୀୟ 'ସୁରଭି' ଅନୁଷ୍ଠିତ ହେବ। ତତସହିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଂସ୍କୃତିକ ଦଳ ମଧ୍ୟ ଶ୍ରେଷ୍ଠ ସ୍ଥାନ ଅଧିକାର କରି ବ୍ଲକସ୍ତରକୁ ମନୋନୀତ ହୋଇଛନ୍ତି। ସିଆରସିସି ଧନଞ୍ଜୟ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ମହୋତ୍ସବରେ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ବ୍ରଜମୋହନ ମୁର୍ମୁ, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ଦେବୀ ସାୟନ, ପ୍ରମିତାରାଣୀ ଦାଶ, ସୌମ୍ୟ ଦାଶ, ଦେବ କୁମାର ପାତ୍ର ଓ ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ପୁରସ୍କାର ବିତରଣ କରିଥିଲେ। ଗଣେଶ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁମିତ୍ରା ରାଉତ ଓ ପ୍ରିୟଙ୍କା ସାହୁ ତଥା ସରୋଜ କୁମାର ସାବତ, ବାମା ଚରଣ ବାନରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



**ବାରିପଦା:** ବାରିପଦା ମୁନିସିପାଲିଟି ଅଧୀନ ବେଲଗଡ଼ିଆ ସରକାରୀ ଉପ୍ରା ଓ ଭଞ୍ଜଭୂମି ଉଚ୍ଚ ବିଦ୍ୟାଳୟରେ ଠାକୁରାଣୀସାହି ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ ୧୫ଟି ବିଦ୍ୟାଳୟର ପ୍ରାୟ ୩୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ବିଭିନ୍ନ ବିଭାଗରୁ ମୋଟ ୨୬ ଜଣ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକ ସ୍ତରରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ତତ୍‌ସହିତ ଭଞ୍ଜପୁର ବାଳିକା ଉଚ୍ଚ ବିଦ୍ୟାଳୟର ସାଂସ୍କୃତିକ ଦଳ ମଧ୍ୟ ଶ୍ରେଷ୍ଠ ସ୍ଥାନ ଅଧିକାର କରି ବ୍ଲକସ୍ତରକୁ ମନୋନୀତ ହୋଇଛନ୍ତି। ସିଆରସିସି ପୂଜାରିଣୀ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ମହୋତ୍ସବରେ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ କାଉନ୍‌ସିଲର ସୁକେଶିନୀ ସେଠୀ, ସମଗ୍ର ଶିକ୍ଷାର ସପନ ପୃଷ୍ଟି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ପ୍ରଧାନଶିକ୍ଷକ ଅନିତା କୁଅଁର ଓ ଧରିତ୍ରୀ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ କାଉନସିଲର ଶ୍ରୀମତୀ ସେଠୀ ସମସ୍ତ ଗାଇଡ୍ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଡମ୍ପିଂୟାର୍ଡରେ ଅଗ୍ନିକାଣ୍ଡ

**ବାରିପଦା, ୨୬।୧୦(ସମିସ):** ବାରିପଦା ପୌରପାଳିକାର ରଘୁନାଥପୁର ଡମ୍ପିଂୟାର୍ଡରେ ଅଗ୍ନିକାଣ୍ଡ ଘଟିଛି। ତେବେ ଦୀର୍ଘ ସମୟ ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରିଛନ୍ତି। ସୂଚନାନୁଯାୟୀ, ବାରିପଦା ସହରର ବର୍ଜ୍ୟବସ୍ତୁ, ଅଳିଆ ଆବର୍ଜନା ଏଠାରେ ନଷ୍ଟ ପାଇଁ ଠୁଳ କରାଯାଇଥାଏ। ତେବେ ଶନିବାର ରାତିରେ କୌଣସି କାରଣ ପାଇଁ ନିଆଁ ଲାଗି ଯାଇଥିଲା। ଉକ୍ତ ନିଆଁ ଅଳ୍ପ ସମୟ ମଧ୍ୟରେ ଅନ୍ୟ ଆଡ଼କୁ ବ୍ୟାପିବା ଆରମ୍ଭ କରିଥିଲା। ଅଗ୍ନିକାଣ୍ଡ ଯୋଗୁଁ ଜୋରରେ ଧୂଆଁ ନିର୍ଗତ ହେବା ସହ ଅନେକ ଦୁର୍ଗନ୍ଧ ହୋଇଥିଲା। ଯାହାକୁ ନେଇ ଦାୟିତ୍ୱରେ ଥିବା କର୍ମଚାରୀ ମାନେ ଜାଣି ପାରି ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ସେଠାରେ ପହଁଚି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ପ୍ରାୟ ୩୦ ମିନିଟରୁ ଅଧିକ ସମୟ ମଧ୍ୟରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ଅଗ୍ନିକାଣ୍ଡର ବଳୟ ମଧ୍ୟରେ ପୌରପାଳିକାର ଅନେକ ଅଳିଆ ସଂଗ୍ରହ ଗାଡ଼ିଗୁଡ଼ିକ ଠିଆ ହୋଇଥିଲା। କିନ୍ତୁ ଭାଗ୍ୟବଶତଃ ସେଥିରେ ଅଗ୍ନି ସଂଯୋଗ ହୋଇ ପାରିନଥିଲା। ଅଳ୍ପକେ ବଡ଼ ଅଘଟଣ ଘଟିବାରୁ ବର୍ତ୍ତି ଯାଇଥିଲା। ଅଗ୍ନିକାଣ୍ଡ ଯୋଗୁଁ କୌଣସି କ୍ଷୟକ୍ଷତି ହୋଇନାହିଁ ବୋଲି ସୂଚନା ମିଳିଛି। ଅଳିଆ ମଧ୍ୟରୁ ପ୍ଲାଷ୍ଟିକ ସଂଗ୍ରହ କରୁଥିବା ଲୋକଙ୍କ ଭୁଲ ପାଇଁ ଉକ୍ତ ଅଗ୍ନିକାଣ୍ଡ ହୋଇଛି ବୋଲି ସନ୍ଦେହ କରାଯାଉଛି।

**ବେଆଇନ ଲଘୁ ଖଣିଜ ଚୋରା ଚାଲାଣ ପ୍ରସଙ୍ଗ**

## ମାଇନିଂ ବିଭାଗ ଓ ପୁଲିସର ମିଳିତ ପାଟ୍ରୋଲିଂ

**ବାରିପଦା, ୨୬।୧୦(ସମିସ):** ଶ୍ୟାମାଖୁଣ୍ଟା ବ୍ଲକ ଲଘୁ ଖଣିଜ ମାଫିଆଙ୍କ ପାଇଁ ଭୂସ୍ୱର୍ଗ ସାଜିଥିବା ବେଳେ ନିୟମିତ ଭାବେ ଚୋରା ଚାଲାଣ ହେଉଛି। ଏନେଇ 'ସକାଳ'ରେ ଖବର ପ୍ରକାଶ ହେବା ପରେ ମୟୂରଭଞ୍ଜ ପୁଲିସ ପ୍ରଶାସନ ଚେତିଛି। ଚୋରା ଚାଲାଣକୁ ରୋକିବା ପାଇଁ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ମାଇନିଂ ବିଭାଗ ଓ ପୁଲିସର ମିଳିତ ପାଟ୍ରୋଲିଂ ହେବ। ବାଲି, ମୋରମ ଓ ପଥର ଚୋରା ଚାଲାଣକୁ ରୋକିବା ପାଇଁ ପାଟ୍ରୋଲିଂ ତୀବ୍ରତର କରାଯିବ ତତ୍‌ସହିତ ବେଆଇନ ଉତ୍ତୋଳନ ଓ ଚୋରା ଚାଲାଣରେ ସମ୍ପୃକ୍ତଙ୍କ ବିରୁଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ ସୂଚନା ଦେଇଛନ୍ତି। ଜିଲ୍ଲାର ରାଇରଙ୍ଗପୁର, ତିରିଂ, ବହଳଦା, ରରୁଆଁ, ବାଙ୍ଗିରିପୋଷି, ବାରିପଦା ଟାଉନ, ସଦର, କୁଳିଅଣା, ଚାନ୍ଦୁଆ, ଝାରପୋଖରିଆ, ରାସଗୋବିନ୍ଦପୁର, ମୋରଡା, ବଡସାହି, ବୈଶିଙ୍ଗା ଓ ବେତନଟୀ ଥାନା ଅଞ୍ଚଳରେ ଚଢ଼ାଉ ପ୍ରକ୍ରିୟା ଅଧିକ କ୍ରିୟାଶୀଳ କରାଯିବା ନେଇ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଗକୁ ଉପରୋକ୍ତ ଅଞ୍ଚଳରେ ଲଘୁ ଖଣିଜ ମାଫିଆ ମାନଙ୍କ ପ୍ରାଦୁର୍ଭାବ କମିବ ବୋଲି ଆଶା ପ୍ରକାଶ କରାଯାଇଛି।

ସକାଳ ପ୍ରଭାବ

## ଭଞ୍ଜସେନାର ହରତାଳ ସ୍ଥଗିତ

**ବାରିପଦା, ୨୬।୧୦(ସମିସ):** ଭଞ୍ଜସେନା ଆନ୍ଦୋଳନର ଡାକରା ଦ୍ୱାରା ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଧୀନ ନୂଆଗାଁ ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ସାହୁଙ୍କ ଉପରେ ଲାଗିଥିବା ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛନ୍ତି। ଏଣୁ ଅକ୍ଟୋବର ୨୭ ତାରିଖରେ ସଂଗଠନ ପକ୍ଷରୁ ଜିଲ୍ଲା ମଧ୍ୟଦେଇ ଯାଇଥିବା ସମସ୍ତ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଏବଂ ଅନ୍ୟାନ୍ୟ ରାସ୍ତା ଉପରେ ହେବାକୁ ଥିବା ହରତାଳ କାର୍ଯ୍ୟକ୍ରମ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ମାତ୍ର ଜିଲ୍ଲାରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ପ୍ରାଥମିକ ଶିକ୍ଷାରେ ସୁଧାର ନ ଆସିବା ପର୍ଯ୍ୟନ୍ତ ସଂଗଠନ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ ଜାରୀ ରହିବ ବୋଲି ସଂଗଠନ ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ଇଲେକ୍ଟ୍ରୋ ହୋମିଓପାଥ୍ ଚିକିତ୍ସା ଶିବିର



**ବାରିପଦା, ୨୬।୧୦(ସମିସ):** ସ୍ଥାନୀୟ ମୁର୍ଗାବାଡ଼ି ସ୍ଥିତ ଡ. ନାୟକ ଇଲେକ୍ଟ୍ରୋ ହୋମିଓପାଥ୍ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ତରଫରୁ ନିଶୁଳ୍କ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ମୋଟ ୩୨ଜଣ ରୋଗୀଙ୍କ ଚିକିତ୍ସା, ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। କେନ୍ଦ୍ରର ଉପଦେଷ୍ଟା ଡା ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବରିଷ୍ଠ କବି ଅମିତାଭ ମିଶ୍ର, ଅଜିତ ପାଣିଗ୍ରାହୀ ସମାଜ ସେବୀ ପ୍ରଦୀପ ଭଞ୍ଜଦେଓ, ଶିକ୍ଷକ ନିହାର ରଞ୍ଜନ ମହାନ୍ତ ଅଧ୍ୟାପକ ଅଶୋକ ପୃଷ୍ଟି ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଏସ ରାମକୃଷ୍ଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିମାସ ଶେଷ ରବିବାର ନିଶୁଳ୍କ ଚିକିତ୍ସା ଶିବିର ଆୟୋଜନ ପାଇଁ କେନ୍ଦ୍ର ତରଫରୁ ବ୍ୟବସ୍ଥା ହୋଇଥିବା ଉପଦେଷ୍ଟା ଡା. ନାୟକ ପ୍ରକାଶ କରିଛନ୍ତି।

## ଆନ୍ତଃମହାବିଦ୍ୟାଳୟ ମହିଳା ଭଲିବଲ୍ ପ୍ରତିଯୋଗିତା

## ମେଘାସନ ଡିଗ୍ରୀ ମହାବିଦ୍ୟାଳୟ ଚାମ୍ପିଅନ

**ବାରିପଦା, ୨୬।୧୦(ସମିସ):** ସ୍ଥାନୀୟ ଭଞ୍ଜପୁର ସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଃମହାବିଦ୍ୟାଳୟ ମହିଳା ଭଲିବଲ ପ୍ରତିଯୋଗିତା ଦୁଇଦିନ ଧରି ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ପ୍ରବୋଧ କୁମାର ଦେ ଉଦ୍‌ଘାଟନ କରିଥିଲେ। ଏଥିରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ୮ଟି ଦଳ ଭାଗ ନେଇଥିଲେ। ସେମିଫାଇନାଲକୁ ଉନ୍ନିତ ରାଇରଙ୍ଗପୁର ମହାବିଦ୍ୟାଳୟ ଓ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳା ଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ମେଘାସନ ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରେ ଆୟୋଜିତ ହୋଇଥିଲା। ଶେଷରେ ମେଘାସନ ଡିଗ୍ରୀ ମହାବିଦ୍ୟାଳୟ ଓ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରେ ଆୟୋଜିତ ଫାଇନାଲ ମ୍ୟାଚରେ ମେଘାସନ ଡିଗ୍ରୀ ମହାବିଦ୍ୟାଳୟ ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ଼ଃ ଦେ ଅଧ୍ୟକ୍ଷତା କରିଥିବା ବେଳେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ସୁବ୍ରତ କୁମାର ରଣା ମୁଖ୍ୟଅତିଥି ଓ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ କୃତିତ୍ୱ ଅର୍ଜନ କରିଥିବା ଦଳ ଓ ଶ୍ରେଷ୍ଠ ଖେଳାଳି ଭାବେ ଯୋଗ୍ୟ ବିବେଚିତ ହୋଇଥିବା ଦମୟନ୍ତୀ ମୁର୍ମୁଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ମହାବିଦ୍ୟାଳୟର କ୍ରୀଡ଼ା ସଂସଦର ଉପସଭାପତି ସଞ୍ଜୀବ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LEGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order | Description of offence(s) & Punishment imposed | Maximum Punishment Imposed. |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | I. **S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br><br>II. **S.D.J.M., Bargarh, CT No-84/2025; Bargarh Town PS Case No- 37/2025; Awaiting for Final Form**<br><br>III. **S.D.J.M., Bargarh, CT No-86/2025; Bargarh Rural PS Case No- 11/2025; Awaiting for Final Form**<br><br>IV. **S.D.J.M., Bargarh, CT No-89/2025; Bargarh Town PS Case No- 38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

## ନିଜ ଜିଦ୍‌ରେ ଅଟଳ ପିଏମ୍‌ସିପିଇଡି କର୍ତ୍ତୃପକ୍ଷ

# ଆଜିଠୁ ଆନ୍ଦୋଳନରେ ବସିବେ ଅଣଶିକ୍ଷକ କର୍ମଚାରୀ

**ତିଗିରିଆ,୨୬।୧୦(ସମିସ):** ରାଜ୍ୟର ଅନ୍ୟତମ ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟ ରୂପେ ପରିଚିତ ତିଗିରିଆ ବ୍ଲକ ଅଧୀନ ପ୍ରସନ୍ନମଣୀ ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟର ଅଣଶିକ୍ଷକ କର୍ମଚାରୀମାନେ ଆସନ୍ତାକାଲି ସୋମବାରଠାରୁ ୭ ଦଫା ଦାବି ଯଥା ବେଆଇନ ବହିଷ୍କାର ଆଦେଶ ପ୍ରତ୍ୟାହାର, ଆର୍ଥିକ ଅବସ୍ଥାର ଭୁଲ ତଥ୍ୟ ପ୍ରଦାନ, ବେଆଇନ ପୁନଃ ନିଯୁକ୍ତି ଏବଂ ଅବସର ଆଇନ ଉଲ୍ଲଂଘନ, ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶକୁ ବେଖାତିର, ଦରମା ଏବଂ ଇପିଏଫ ଅସଙ୍ଗତି, କର୍ମଚାରୀଙ୍କୁ ମାନସିକ ନିର୍ଯାତନା ଓ ମୌଳିକ ଅଧିକାର କ୍ଷୁଣ୍ଣ ସହିତ ବର୍ତ୍ତମାନର ପରିଚାଳନା କମିଟିକୁ ବରଖାସ୍ତ ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ବନ୍ଦ ଆନ୍ଦୋଳନରେ ବସିବେ ବୋଲି ସୂଚନା ମିଳିଛି। ପୂର୍ବରୁ ଏହି ଆନ୍ଦୋଳନ ଚଳିତ ମାସ ୧୭ ତାରିଖରେ ହେବାକୁ ଥିବା ବେଳେ ଆଠଗଡ ଡିଏସପି ବିଶ୍ୱଜିତ ମହାନ୍ତି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଣଶିକ୍ଷକ କର୍ମଚାରୀଙ୍କ ସହ ଆଲୋଚନା ମାଧ୍ୟମରେ ଏହି ସମସ୍ୟାକୁ ସମାଧାନ ପାଇଁ ସମୟ ନେଇଥିବାରୁ ଉକ୍ତ ଆନ୍ଦୋଳନ ୧୭ ତାରିଖରେ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କୌଣସି ଦାବି ମାନିବାକୁ ନାରାଜ ରହିବା ସହ ନିଜ ଜିଦରେ ଅଟଳ ରହିବା ଏଥି ସହିତ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ କଥାକୁ ଭ୍ରୂକ୍ଷେପ ନ କରିବାରୁ ବାଧ ହୋଇ ଆସନ୍ତାକାଲି ଠାରୁ କର୍ମଚାରୀମାନେ ଆନ୍ଦୋଳନରେ ବସିବେ ବୋଲି ସୂଚନା ଦେଇଛନ୍ତି। ସୂଚନା ମୁତାବକ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧିକାଂଶ ଅଣ ଶିକ୍ଷକ କର୍ମଚାରୀ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିଲେ ମଧ୍ୟ ସେମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମାସିକ ଦରମା ଠାରୁ ଅତି ସ୍ୱଳ୍ପ ଦରମାରେ କାର୍ଯ୍ୟ କରିବା ସହ ସେମାନଙ୍କର ଭବିଷ୍ୟନିଧି ପାଣ୍ଠିରେ ମହାବିଦ୍ୟାଳୟ ପକ୍ଷରୁ ଟଙ୍କା ପ୍ରଦାନ କରାଗଲା ନାହିଁ। ଉକ୍ତ ସମସ୍ୟା ସମ୍ପର୍କରେ କର୍ମଚାରୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଦଶହରା ଛୁଟି ସମୟରେ ପୂର୍ବରୁ କୌଣସି ବିନା ସୂଚନାରେ ୧୧ ଜଣ କର୍ମଚାରୀଙ୍କ ଘରକୁ ସ୍ପିଡ ପୋଷ୍ଟ ଜରିଆରେ ବହିଷ୍କାର ନୋଟିସ ପଠାଇ ଦିଆଯାଇଥିଲା। ଏହି ଘଟଣାରେ କର୍ମଚାରୀମାନେ ଜିଲ୍ଲାପାଳଙ୍କୁ ପୁନର୍ବାର ଭେଟି ଜଣାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶ୍ରମ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଣଶିକ୍ଷକ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଅଧିକାରୀମାନେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୧୧ଜଣଙ୍କୁ ବହିଷ୍କାର କରାଯାଇଥିବା ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ପରାମର୍ଶ ଦିଆଯାଇଥିଲେ ମଧ୍ୟ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ଜିଦରେ ଅଟଳ ରହିଥିବା ସୂଚନା ମିଳିଛି।

## ଗଣିତ ଓ ବିଜ୍ଞାନ ଶିକ୍ଷାଦାନ ସଂକ୍ରାନ୍ତ ପ୍ରଶିକ୍ଷଣ



**ନିଶ୍ଚିନ୍ତକୋଇଲି,୨୬।୧୦(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକସ୍ତରୀୟ ଖାନ୍ ଏକାଡେମୀ ଗଣିତ ଓ ବିଜ୍ଞାନ ବିଷୟ ଭିତ୍ତିକ ଶିକ୍ଷାଦାନ ସଂକ୍ରାନ୍ତ ଏକ ଶିକ୍ଷକ ପ୍ରଶିକ୍ଷଣ ଦିନିକିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ କୁଳିଆ କାଶୀପୁର ମୁକ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଶିବିର କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ପରିଡାଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମକୁ ସିଆରସିସି ରାଜକିଶୋର ନାୟକ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଞ୍ଚଳର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଜ୍ଞାନ ଓ ଗଣିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏହି ତାଲିମ ପ୍ରଦାନ କରାଯାଇଛି। ଖାନ୍ ଏକାଡେମୀର ରାଜ୍ୟ ସଂଯୋଜକ ମନୋଜ ପଟ୍ଟନାୟକଙ୍କ ସଂଯୋଜନାରେ ବାଙ୍କି ବିକେ ବିଦ୍ୟାପୀଠର ସୁବ୍ରତ ଖଟୁଆ, କଟକ ରେଲୱେ ସେଟଲମେଣ୍ଟ ଉଚ୍ଚ ବିଦ୍ୟାଳୟର ସୌଭାଗ୍ୟ ରଞ୍ଜନ ପାତ୍ର, ବାରଙ୍ଗ ଏସ୍‌ଏସ୍ ବିଦ୍ୟାପୀଠର ଜୟଶଙ୍କର ପ୍ରଧାନ, କଟକ ମ୍ୟୁନିସପାଲଟି ସରକାରୀ ଉଚ୍ଚ ବିଦ୍ୟାଳୟର ସାଗରିକା ରାଉତ, ଛତ୍ରବଜାର ଉଚ୍ଚ ବିଦ୍ୟାଳୟର ଯାଜନିକା ପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ଦତ୍ତ, ଶିକ୍ଷକ ଉପେନ୍ଦ୍ର ସ୍ୱାଇଁ, ରମାକାନ୍ତ ରାଉତ, ସୁଧାଂଶୁ ଷଡ଼ଙ୍ଗୀ, ଶିକ୍ଷୟିତ୍ରୀ ସୁଶ୍ରୀ ସଂଗୀତା ମହାପାତ୍ର, ସବିତା ଜେନା, ସୁମିତା ପଣ୍ଡା, ଶୁଭଲକ୍ଷ୍ମୀ ସାମଲ ପରିଚାଳନା କରିଥିଲେ।

## ଅଭିନବ ଉପାୟରେ ଗୋରୁ ଚାଲାଣ ସନ୍ଦେହରେ ପୁଲିସର ଭୂମିକା

**ତ୍ରିଶୂଳିଆ,୨୬।୧୦(ସମିସ):** ବାରଙ୍ଗ ଥାନାଞ୍ଚଳରେ ଅଭିନବ ଉପାୟରେ ଚାଲିଛି ଗୋରୁ ଚାଲାଣ। ଯାହାକୁ ନେଇ ସନ୍ଦେହ ଘେରକୁ ଆସିଛି ପୁଲିସ। ରବିବାର ସକାଳୁ ଗୋଡିସାହି ଫାଣ୍ଡି ସମ୍ମୁଖରୁ କ୍ଷୀର ଗାଡ଼ି ଭିତରୁ ୧୦ଟି ଗୋରୁ ଉଦ୍ଧାର କରିଛନ୍ତି ସ୍ଥାନୀୟ ଲୋକେ। ଘଟଣାରୁ ପ୍ରକାଶ ଯେ ବାଙ୍କୀ ତ୍ରିଶୂଳିଆ ମୁଖ୍ୟରାସ୍ତାର ଗୋଡିସାହି ଫାଣ୍ଡି ସମ୍ମୁଖରେ ଗୋଟିଏ କ୍ଷୀର ଗାଡ଼ି ରହିଥିବା ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ରହିବା ସହିତ କ୍ଷୀରଗାଡ଼ି ଭିତରୁ ଗୋବର ଲାଗିଥିବାରୁ ଲୋକମାନଙ୍କ ମନରେ ସନ୍ଦେହ ଉପୁଜିଥିଲା। ଲୋକମାନେ ଗୋଡିସାହି ଫାଣ୍ଡି ଅଧିକାରୀ ସୌମ୍ୟଶ୍ରୀ ଆଶୁତୋଷ ପାଣିକୁ ସୂଚନା ଦେବା ସହିତ ଗାଡ଼ି ପଛପଟ ଡୋର ଖୋଲିଥିଲେ। ଗାଡ଼ି ଭିତରେ ଅତି ଦୟନୀୟ ଅବସ୍ଥାରେ ୧୦ଟି ଗୋରୁ ବନ୍ଧା ହେହାଇଥିଲେ। ପୁଲିସ ଉପସ୍ଥିତିରେ କ୍ଷୀର ଗାଡ଼ି ଭିତରୁ ୧୦ଟି ଗୋରୁଙ୍କ ଉଦ୍ଧାର କରାଯାଇଥିଲା। ୭ଟି ଗୋରୁଙ୍କୁ ବାରଙ୍ଗ ନିକଟରେ ଥିବା ଏକ ଗୋଶାଳାକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଅନ୍ୟ ତିନୋଟି ଗୋରୁ କେଉଁଠି ରହିଲେ ତାହା ସନ୍ଦେହଘେରରେ ରହିଛି। ଗୋଡିସାହି ଫାଣ୍ଡି ସମ୍ମୁଖରେ ଏପରି ଘଟଣାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମନରେ ସନ୍ଦେହ ଉପୁଜିଛି।

## ଲୁଟ୍ ଘଟଣାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ନରସିଂହପୁର,୨୬।୧୦(ସମିସ):** ୨୦୧୪ରେ ନରସିଂହପୁର ଶକ୍ତି କିଶାନ ସେବା ପେଟ୍ରୋଲ ପମ୍ପର କର୍ମଚାରୀ ୮ ଲକ୍ଷ ୬୩ ହଜାର ଟଙ୍କା ବ୍ୟାଙ୍କରେ ଜମା କରିବାକୁ ଯାଉଥିବା ବେଳେ କେତେକ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଉକ୍ତ ଟଙ୍କା ଛଡ଼ାଇ ନେଇଥିଲେ। ନରସିଂହପୁର ପୁଲିସ ଅଭିଯୁକ୍ତ ମନୋଜ ମହାରଣା ଓରଫ ମନୁଙ୍କୁ ଗିରଫ କରିଥିଲା। ସରକାରୀ ଦୌରା ଜଜ୍ ନରସିଂହପୁର ପ୍ରମାଣ ଅଭାବରୁ ଗତକାଲି ୨୪ ତାରିଖରେ ମନୋଜ ମହାରଣାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମନୋଜ ମହାରଣାଙ୍କ ପକ୍ଷରେ ଆଇନଜୀବୀ ସରୋଜ ସାହୁ ଏବଂ ସରକାରଙ୍କ ତରଫରୁ ରଞ୍ଜନ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଭାଗବତ କଥାମୃତ ଜ୍ଞାନଯଜ୍ଞ

**ଚୌଦ୍ୱାର,୨୬।୧୦(ସମିସ):** ଟାଙ୍ଗୀ-ଚୌଦ୍ୱାର ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ଶାଖା ତରଫରୁ ଭାଗବତ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ସିଦ୍ଧେଶ୍ୱର ନାୟକଙ୍କ ପୌରହିତ୍ୟରେ ନିମାପଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶୁଭେନ୍ଦ୍ରନାଥ ଷଡ଼ଙ୍ଗୀ, ପଣ୍ଡିତ ଅକ୍ଷୟ ପାଢ଼ୀ, ଡା. ସୁଲିପ୍ତ ମହାନ୍ତି, ବିଜୟ ସେନାପତି, ବିଜୟ ପ୍ରଧାନ, ହରିହର ବେଉରା ଅତିଥି ଭାବେ ଯୋଗ ଦେଇଥିଲେ। ପର୍ଶୁରାମ ରାଉତ, ବିଜୟ ସ୍ୱାଇଁ, ଜୟୀରାମ ନାୟକ, ହେମନ୍ତ ପାତ୍ର, ଦୀନବନ୍ଧୁ ବେଉରା, ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହସମ୍ପାଦକ ମାନସ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମିଳତ ନାମ ସଂକୀର୍ତ୍ତନ କରାଯାଇଥିଲା।

## ପୀଡ଼ା ଅସହ୍ୟ ହେବାରୁ ଯୁବତୀଙ୍କ ଆତ୍ମହତ୍ୟା

**ଆଠଗଡ଼,୨୬।୧୦(ସମିସ):** ଆଠଗଡ ଥାନା ସମସରପୁର ଗ୍ରାମର କାର୍ତ୍ତିକ ନାଏକଙ୍କ ଝିଅ ସବିତା (୧୮) ଦୀର୍ଘ ଦିନ ଧରି ରକ୍ତହୀନତା ରୋଗରେ ପୀଡିତ ଥିଲେ। କିଛି ଦିନ ହେବ ସବିତା ରକ୍ତହୀନତା ହେତୁ ଶରୀରର ପୀଡା ଯନ୍ତ୍ରଣା ପାଉଥିଲେ। ପରିବାର ଲୋକେ ଚିକିତ୍ସା କରାଉଥିଲେ ହେଁ ପୀଡା ଉପଶମ ହେଉ ନ ଥିଲା। ସକାଳେ ପରିବାର ଲୋକେ ଅନୁପସ୍ଥିତ ଥିବା ସମୟରେ ସବିତା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବାର ପରିବାର ପକ୍ଷରୁ ଆଠଗଡ଼ ଥାନାରେ ସୂଚନା ଦିଆଯାଇଥିଲା। ଆଠଗଡ଼ ପୁଲିସ ଏକ ଅପମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଇଛି।

## ଜଳିଗଲା କବାଡ଼ିଆ ଗୋଦାମ

**ତ୍ରିଶୂଳିଆ,୨୬ ।୧୦(ସମିସ):** ବାରଙ୍ଗ ଥାନା ସୀତାରାମ ବଜାରରେ ଥିବା ଏକ କବାଡ଼ିଆ ଗୋଦାମରେ ନିଆଁ ଲାଗି ଗୋଟିଏ ବଖରା ଘର ଜଳିଯାଇଛି। ରବିବାର ଅପରାହ୍ନ ୪ଟାରେ ଗୋଦାମଘର ଆଗରେ ଥୁଆ ହୋଇଥିବା ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ସାମଗ୍ରୀରେ ଅଚାନକ ନିଆ ଲାଗିଯାଇଥିଲା। ସ୍ଥାନୀୟ ଲୋକମାନେ ନିଆଁକୁ ଲିଭାଇବାକୁ ବହୁ ଚେଷ୍ଟା କରି ବିଫଳ ହୋଇଥିବା ବେଳେ ବାରଙ୍ଗ ଦମକଳବାହିନୀ ନିଆଁକୁ ଆୟତ୍ତ କରିଥିଲେ।

## ନରସିଂହପୁର ଛାଡ଼ଖାଇ ମହୋତ୍ସବ ବୈଠକ



**ନରସିଂହପୁର,୨୬।୧୦(ସମିସ):** ନରସିଂହପୁର ଅଞ୍ଚଳର ଗଣପର୍ବ ଛାଡ଼ଖାଇ ମହୋତ୍ସବକୁ ପ୍ରଶାସନିକସ୍ତରରେ ଏକ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ମହୋତ୍ସବର ସଭାପତି ତଥା ଭାରପ୍ରାପ୍ତ ତହସିଲଦାର ପ୍ରଜ୍ଞାନନ୍ଦ ଶତପଥୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ତଥା ଭାରପ୍ରାପ୍ତ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରା ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ ଉପସ୍ଥିତ ରହିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିବାବେଳେ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ମହୋତ୍ସବରେ ବିଦ୍ୟୁତ ସମସ୍ୟାକୁ ତ୍ୱରାନ୍ୱିତ କରାଯିବ ସହିତ ପାନୀୟଜଳର ବ୍ୟବସ୍ଥା ପରିଚାଳନା, ଯାତ୍ରା ପଡ଼ିଆର ଜାଗା ବଣ୍ଟନ, ପ୍ରତ୍ୟେକ ଗ୍ରାମର ସଭାପତି ଓ ମୁଖିଆଙ୍କୁ ଏଥିରେ ସଂଲଗ୍ନ କରାଯିବା ନେଇ ଆଲୋଚନା କରାଯାଇଥିଲା। ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ବାଲିପୁଟଠାରେ ଅନୁଷ୍ଠିତ ହେବା ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ସୋମବାର ପୁନଶ୍ଚ ବୈଠକ ସ୍ଥାନୀୟ ବାଖ୍ୟାନ କେନ୍ଦ୍ରରେ ଅନୁଷ୍ଠିତ ହେବ।

## ୧୯ ୯୦ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



**ତିଗିରିଆ,୨୬।୧୦(ସମିସ):** ତିଗିରିଆ ବ୍ଲକ ଅଧୀନ ପବିତ୍ର ମୋହନ ବିଦ୍ୟପୀଠ ଓ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ୧୯ ୯୦ ବ୍ୟାଚ୍ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବନ୍ଧୁମିଳନ ରବିବାର ତିଗିରିଆ ନିଜିଗଡ ଗୋହିରିମୁଣ୍ଡା ଛକସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ବ୍ରହ୍ମଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୧୩୦ରୁ ଊର୍ଦ୍ଧ୍ୱ ସହପାଠୀ ଏକତ୍ରିତ ହୋଇଥିଲେ। ଦୀର୍ଘ ଦିନର ବ୍ୟବଧାନରେ ପିଲାବେଳର ସାଥୀମାନେ ଏକତ୍ରିତ ହୋଇ ବିଦ୍ୟାଳୟରେ ପାଠପଢା ସମୟର ସ୍ମୃତିଚାରଣ କରି ଆସନ୍ତାବର୍ଷ ପୁଣି ଏକତ୍ରିତ ହେବାର ପ୍ରତିଶ୍ରୁତି ଦେଇ ଅପରାହ୍ଣରେ ବିଦାୟ ନେଇଥିଲେ।

## ସାମାଜିକ ନାଟକ ମଞ୍ଚସ୍ଥ



**ନରସିଂହପୁର,୨୬।୧୦(ସମିସ):** ବ୍ରହ୍ମପୁରା ଗ୍ରାମର ମା' କାଳୀକା ନାଟ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ କଳାକାରଙ୍କୁ ନେଇ ସାମାଜିକ ନାଟକ ଏ ବୋଧେ ଶେଷ ଦେଖା ନାଟକ ମଞ୍ଚସ୍ଥ ହୋଇଯାଇଛି। ଯାତ୍ରା ନିର୍ଦ୍ଦେଶକ ଝରେଶ୍ୱର ସାହୁଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଏହି ନାଟକର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ସମାଜସେବୀ ପ୍ରଦୀପ ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ବିଭୁଦତ୍ତ ପଟ୍ଟନାୟକ, ଫୁଲପଡା ସରପଞ୍ଚ ବୀରବର ବେହେରା, ସମିତିସଭ୍ୟ ମହେଶ୍ୱର ସେଠୀଙ୍କ ସମେତ ସଙ୍ଘାଳୀ ବେହେରା, ରବୀନ୍ଦ୍ର ପ୍ରଦାନ ଯୋଗ ଦେଇଥିଲେ।

## ଆଠଗଡ଼ ବିକାଶ ପରିଷଦର କାଳୀପୂଜା ମିଳନ



**ତିଗିରିଆ, ୨୬।୧୦ (ସମିସ):** ଆଠଗଡ ବିକାଶ ପରିଷଦ ପକ୍ଷରୁ ତିଗିରିଆ ବ୍ଲକ ଅଧୀନ ନିଜିଗଡ କଲ୍ୟଣ ମଣ୍ଡପରେ ନିଜିଗଡ ଗ୍ରାମରେ ଚାଲିଥିବା କାଳୀପୂଜା ଅବସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ରାମନାରାୟଣ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ତିଗିରିଆ ତହସିଲଦାର ଅକ୍ଷୟ ପରିଡା, ମୁଖ୍ୟବକ୍ତା ରୂପେ ସ୍ତମ୍ଭକାର ସୁବାଷ ଚନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ସାହିତ୍ୟିକ ଇନ୍ଦ୍ରମଣୀ ନାୟକ, ସମାଜସେବୀ ଜଗବନ୍ଧୁ ତୁଙ୍ଗ ସାମନ୍ତ, ତିଗିରିଆ ଶ୍ୟାମାକାଳୀ ପୂଜା ଶାନ୍ତି କମିଟି ସଭାପତି ପ୍ରଣବ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ସ୍ମାର୍ଟ ଗ୍ରାମ କଲରାବାଙ୍କକୁ ରାସ୍ତା ବିପର୍ଯ୍ୟସ୍ତ



**କିଶନନଗର,୨୬ ।୧୦(ସମିସ):** କଟକ ସଦର ନିର୍ବାଚନମଣ୍ଡଳୀର ସ୍ମାର୍ଟ୍ ଗ୍ରାମ କଲରାବାଙ୍କ ରାସ୍ତାର ଦୂରବସ୍ଥାକୁ ନେଇ ଲୋକେ ହୀନସ୍ତା ହେଉଥିବା ଅଭିଯୋଗ ହୋଇଛି। ଜଳ ସମ୍ପଦ ବିଭାଗ ଓ ଗ୍ରାମ ଉନ୍ନୟନ ବିଭାଗ ଅଧୀନରୁ ଯାଇ ଏବେ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଗଡମା କେନାଲ ବ୍ରିଜରୁ କଲରାବାଙ୍କକୁ ସଂଯୋଗ କରୁଥିବା ରାସ୍ତାଟି ଖାଲଖମାରେ ପରିଣତ ହୋଇଛି। ଉକ୍ତ ରାସ୍ତାର ଉନ୍ନତିକରଣ ପାଇଁ ପୂର୍ତ୍ତ ବିଭାଗ ୮ ମାସରୁ ଊର୍ଦ୍ଧ୍ୱ ହେବ କାମ ଆରମ୍ଭ କରିଥିବା ବେଳେ ତାହା କଚ୍ଛପ ଗତିରେ ଚାଲିଛି। ରାସ୍ତାରେ ଖାଲି ଗୋଡ଼ି ପକାଇବା ଦ୍ୱାରା ସେଥିରୁ ବହୁତ ଧୂଳି ଉଡିବା ଦ୍ୱାରା ଲୋକଙ୍କ ଯାତାୟାତ କଷ୍ଟକର ହୋଇପଡିଛି। ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ କଟକ ଜିଲ୍ଲାପାଳଙ୍କଠାରେ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

## ମା'ମଙ୍ଗଳା ପୀଠରେ ଭାଗବତ ସପ୍ତାହ



**ନିଶ୍ଚିନ୍ତକୋଇଲି,୨୬।୧୦(ସମିସ):** ନଟକାଇ ଖଣ୍ଡେଇ ସାହିର ଆରାଧ୍ୟ ଗ୍ରାମଦେବତୀ ମା' ମଙ୍ଗଳାଙ୍କ ପୀଠରେ ବାର୍ଷିକ ଭାଗବତ ସପ୍ତାହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପଣ୍ଡିତ ରତ୍ନାକର ପଣ୍ଡାଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ ଦାସଙ୍କ କୃତି ଶ୍ରୀମଦ୍ ଭାଗବତର ଏକାଦଶ ଖଣ୍ଡ ପଠନ କରାଯାଉଛି। ମୁଖ୍ୟଶ୍ରୋତା ଭାବେ ସୁରେନ୍ଦ୍ର ଭୂୟାଁ ଏବଂ ଗ୍ରାମର ବହୁ ବରିଷ୍ଠ ବ୍ୟକ୍ତିମାନେ ଯୋଗଦେଉଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ଚର୍ଚ୍ଚା ସହ ଭଜନ ସଂକୀର୍ତ୍ତନ କାର୍ଯ୍ୟକ୍ରମ କରାଯାଉଛି। ଉଦ୍‌ଯାପନ ଉତ୍ସବରେ ଗ୍ରାମବାସୀ ପ୍ରସାଦ ସେବନ ବ୍ୟବସ୍ଥା କରିଥିଲେ। ସ୍ୱେଚ୍ଛାସେବୀ ଅଜୟ ରାଉତ, କାଳନ୍ଦୀ ବିଶୋଇ, ଆଲୋକ ଭୂୟାଁଙ୍କ ସଂଯୋଜନାରେ ଗ୍ରାମବାସୀ ପରିଚାଳନା କରିଥିଲେ।

## ଛଟ୍ ପୂଜା ସମିତି ପକ୍ଷରୁ ପ୍ରସ୍ତୁତି ବୈଠକ




**କଟକ,୨୬।୧୦(ସମିସ):** କଟକ ମହାନଗର ଛଟ୍ ପୂଜା ସମିତି, କଟକ ଦ୍ୱାରା ଚଳିତ ବର୍ଷର ପାରମ୍ପରିକ ଛଟ୍ ପୂଜା ସମାରୋହ ପାଇଁ ଚେୟାରମ୍ୟାନ୍ ଉପେନ୍ଦ୍ର ସିଂ, ସଭାପତି ଶୈଳେଶ ବର୍ମା ଓ ସମ୍ପାଦକ ମୁକୁନ୍ଦ କୁମାର ସିହ୍ନାଙ୍କ ଆବାହନରେ ପ୍ରସ୍ତାବ ଗୃହୀତ ହୋଇଯାଇଛି। ଐତିହାସିକ ଦେବୀଗଡ଼ାଠାରେ ବିହାରୀ ସମ୍ପ୍ରଦାୟ ତଥା ଅନ୍ୟ ହିନ୍ଦୁ ସମାଜର ଦୂତୀଙ୍କର ପ୍ରବଳ ସମାଗମକୁ ସୁରୁଖୁରୁରେ ପରିଚାଳାନ କରିବା ସହ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଉପରେ ନିଷ୍ପତ୍ତି ହୋଇଛି। ୨୦୧୫ରୁ ଗଠିତ କଟକ ଛଠ୍ ପୂଜା ସମିତିର ମହତ୍ ଅବଦାନ ପାଇଁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ବରିଷ୍ଠ କର୍ମକର୍ତ୍ତା ଯଥା ସୁନୀଲ ଶର୍ମା, ରାଜନାଥ ଚତୁର୍ବେଦୀ, ଡ. ସଞ୍ଜୟ ସାକ୍ସେନ, ସଞ୍ଜୟ ଶର୍ମା, ସୁଧାକର ଶାହା, ପାରସନାଥ ଶାହା, ନିଖିଲ ଶାହା, ଅନୀଲ ବର୍ମା ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କଟକ ସଦର ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

## ୧୮ଟି କ୍ଲଷ୍ଟର୍‌ର ୨ ଶହ ବିଦ୍ୟାଳୟରୁ ୫୦୦ ପ୍ରତିଯୋଗୀ



**ଫୁଲନଖରା,୨୬।୧୦(ସମିସ):** ବେଣ୍ଟକାର ଉଚ୍ଚ ବିଦ୍ୟାଳୟରେ କଟକ ସଦର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ଅନ୍ତର୍ଗତ ୧୮ଟି କ୍ଲଷ୍ଟରରୁ ପ୍ରାୟ ୫୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ବିଦ୍ୟାଳୟସ୍ତରରେ ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ଓ ଅର୍ନ୍ତନିହିତ କଳାର ବିକାଶ ନିମନ୍ତେ ସାଧାରଣଜ୍ଞାନ, ଚିତ୍ରାଙ୍କନ, ବକ୍ତୃତା, ସୃଜନାତ୍ମକ ଲିଖନ, ବିତର୍କ, ଦେଶାତ୍ମବୋଧକ ସଂଗୀତ, ପ୍ରବନ୍ଧ ଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ମଧ୍ୟାହ୍ନ ଭୋଜନ ସମ୍ବନ୍ଧିତ ଚିତ୍ରକଳା ଓ ଶିଳ୍ପକଳା ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବିଭାଗ କ୍ୱିଜ୍ ପ୍ରତିଯୋଗିତାରେ ଶାଶ୍ୱତ ପ୍ରହରାଜ, ଚିତ୍ରାଙ୍କନରେ ସମ୍ବିତ ବେହେରା, ସୃଜନାତ୍ମକ ଲିଖନରେ ଭୂମିକା ଦଳାଇ, ବକ୍ତୃତାରେ ନନ୍ଦିନୀ ସାହୁ, ପ୍ରବନ୍ଧ ଲିଖନରେ ରୂପାଲି ପ୍ରଧାନ, ଦେଶାତ୍ମବୋଧକ ସଂଗୀତରେ ଅମିକ୍ଷା ଅଲିଶା ମହାନ୍ତି, ତର୍କରେ ସସ୍ମିତା ନାୟକ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିବା ବେଳେ ଉଚ୍ଚ ମାଧ୍ୟମିକ ବରିଷ୍ଠ ବିଭାଗର ତର୍କରେ ଓମ୍ ପ୍ରକାଶ ବେହେରା, ଚିତ୍ରାଙ୍କନରେ ବିଶ୍ୱ ପ୍ରକାଶ ବାରିକ, ବକ୍ତୃତାରେ ସୌମ୍ୟା ପ୍ରିୟଦର୍ଶିନୀ ସ୍ୱାଇଁ, ପ୍ରବନ୍ଧରେ ଅର୍ପିତା ବେଉରା, କ୍ୱିଜ୍‌ରେ ଜଗଦୀଶ କୁମାର ସାହୁ, ସୃଜନାତ୍ମକ ଲିଖନରେ ଇପ୍‌ସିତା ମହାନ୍ତି, ଦେଶାତ୍ମବୋଧକ ସଂଗୀତରେ ସୁଶ୍ରୀ ଶିବାନୀ ଭୋଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି କନିଷ୍ଠ ବିଭାଗର କ୍ୱିଜ୍‌ରେ ସାଇ ପ୍ରିୟାଂଶୁ ନାୟକ, ଚିତ୍ରକଳାରେ ବିଷ୍ଣୁପ୍ରିୟା ଦାଶ, ସୃଜନାତ୍ମକ ଲିଖନରେ ସ୍ମରଣିକା ସାହୁ, ବକ୍ତୃତାରେ ରତୁରାଜ ପରିଡା, ଦେଶାତ୍ମବୋଧକ ସଂଗୀତରେ ସମ୍ଭାବନା ଦାସ, ଓଡ଼ିଆ ହସ୍ତଲିପିରେ ଶୁଭମ ଭୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଗ୍ରୁପ୍ ଡ୍ୟାନ୍ସରେ ଉରାଳୀ ନୋଡାଲ ହାଇସ୍କୁଲର ଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

ବେଣ୍ଟକାର ଗ୍ରାମ ସମିତି ସଭ୍ୟ ବିନୋଦ ବିହାରୀ ବେହେରା, ବ୍ଲକ ଶିକ୍ଷାଧିକାରୀ ମନିଷା ବିଶ୍ୱାଳ, ସଦର ସହକାରୀ ଶିକ୍ଷାଧିକାରୀ ଅନନ୍ତ ଚରଣ ଦେହୁରୀ, ସଂଜୁବାଳା ମିଶ୍ର, ଦେବେନ୍ଦ୍ର ମୋହନ ଓ ରବିନ୍ଦ୍ର ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିନ୍ମୟ ମହାପାତ୍ର ପ୍ରମୁଖ ଅତିଥିଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ବେଣ୍ଟକାର ସିଆରସିସି ଆର୍ତ୍ତ ଭଞ୍ଜନ ସାହୁ, ଭାଣପୁର ସିଆରସିସି ଅନାଥ ବେହେରାଙ୍କ ସମେତ ସମସ୍ତ କ୍ଲଷ୍ଟରର ସିଆର୍‌ସିସିମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





# ଇଭି ସ୍କୁଟର୍‌ରୁ ନିଆଁ ଲାଗି ଜଳିଗଲା ୬ ଗାଡ଼ି

ଭୁବନେଶ୍ୱର,୨୬।୧୦ (ସମିସ): ମଞ୍ଚେଶ୍ୱର ଥାନା ଢାୱା ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ଇଭି ସ୍କୁଟରରୁ ନିଆଁ ଲାଗି ୬ଟି ଗାଡ଼ି ଜଳିଯାଇଛି। ଅଗ୍ନିକାଣ୍ଡରେ ଅନ୍ୟାନ୍ୟ ଆସବାବପତ୍ର ମଧ୍ୟ ପୋଡ଼ି ନଷ୍ଟ ହୋଇଛି। ସୂଚନା ଅନୁସାରେ, ଢାୱା ଗ୍ରାମର ହେମନ୍ତ କୁମାର ପଣ୍ଡାଙ୍କ ଘରେ ଭଡ଼ା ରହୁଥିବା ଜଣେ ବ୍ୟକ୍ତି ତାଙ୍କ ଇଭି ସ୍କୁଟିକୁ ଚାର୍ଜରେ ଲଗାଇ ଶୋଇ ପଡ଼ିଥିଲେ। ଅତ୍ୟଧିକ ସମୟ ଚାର୍ଜ ବସିବା ଯୋଗୁଁ ବିଳମ୍ବିତ ରାତିରେ ସର୍ଟ ସର୍କିଟ ହୋଇ ନିଆଁ ଲାଗି ଯାଇଥିଲା। ନିଆଁର ଗତି ଏମିତି ଥିଲା ଯେ, ଚାହୁଁ ଚାହୁଁ ଅନ୍ୟ ଗାଡ଼ିକୁ ବ୍ୟାପି ଯାଇଥିଲା। ଗୋଟିଏ ପରେ ଗୋଟିଏ ଗାଡ଼ି ଜଳିବାରେ ଲାଗିଥିଲା। ଗାଡ଼ି ଗୁଡ଼ିକ ହୁତୁହୁତୁ ହୋଇ ଜଳିବା ସହ ଚାରିଆଡ଼େ ଧୂଆଁମୟ ହୋଇ ଯାଇଥିଲା। ନିଆଁ ଓ ଧୂଆଁର ପ୍ରକୋପରେ ହେମନ୍ତଙ୍କ ପରିବା ଉଠି ପଡ଼ିଥିଲେ। ହେଲେ ସେତେବେଳକୁ ୩ଟି ସ୍କୁଟି ଓ ୨ଟି ବାଇକ୍ ସମ୍ପୂର୍ଣ୍ଣ ଭାବେ ଜଳି ପୋଡ଼ି ନଷ୍ଟ



ହୋଇ ଯାଇଥିଲା। ଜଳୁଥିବା ଆଉ ଗୋଟିଏ ସ୍କୁଟିକୁ ପାଣି ପକାଇ ଲିଭାଇଥିଲେ। ଅଗ୍ନିକାଣ୍ଡରେ ମୋଟ ୩ ବାଇକ୍ ଓ ୩ଟି ସ୍କୁଟି ଜଳିଯାଇଛି। କେବଳ ଗାଡ଼ି ନୁହେଁ, ଘର ଗ୍ୟାରେଜ୍‌ରେ ଥିବା କାଠ ପଟା ମଧ୍ୟ ପୋଡ଼ି ଯାଇଛି।

# ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

ହଂସପାଳ,୨୬।୧୦(ସମିସ): ବେକରେ ରଶି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରିଛି ପାହାଳ ଥାନା ପୁଲିସ। ସୂଚନା ଅନୁସାରେ ପାହାଳ ଅଣ୍ଡର ପାସ୍ ଉତ୍କଳ ସିଗ୍ନେଚର ନିକଟ ଏକ ଗଛରେ ଯୁବକଙ୍କୁ ଝୁଲୁଥିବା ଅବସ୍ଥାରେ ସ୍ଥାନୀୟ ଲୋକ ଦେଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ଯୁବକର ପରିଚୟ ମିଳିପାରି ନଥିଲେ ମଧ୍ୟ ତାଙ୍କର ଡାହାଣ ହାତରେ ଟାଟୁ ଦ୍ୱାରା ଜୀବନ ଜ୍ୟୋତି ଲେଖାଅଛି। ସେ ଏକ ଧଳା ରଙ୍ଗର ହାଫ୍ ସାର୍ଟ ସହ କଳା ରଙ୍ଗର ଟ୍ରାଉଜର ପିନ୍ଧିଥିଲେ ବୋଲି ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ସୂଚନା ଦେଇଛନ୍ତି।

# ଭଡ଼ା ଘରୁ ଅପରେଟ ହେଉଛି ଅପରାଧ

## ପ୍ରୋତ୍ସାହନ ଦେଉଛନ୍ତି ଘର ମାଲିକ
## ପୁଲିସ ପାଖରେ ରହୁନି ଭଡ଼ାଟିଆଙ୍କ ତଥ୍ୟ

ଭୁବନେଶ୍ୱର,୨୬।୧୦(ସମିସ):

ଉତ୍ତମ ରୋଜଗାର ସାଙ୍ଗକୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇବା ଆଶାରେ ରାଜ୍ୟ ତଥା ରାଜ୍ୟ ବାହାରର ଲୋକମାନେ ଏବେ ରାଜଧାନୀ ମୁହାଁ। ଏହି ଧାରା କ୍ରମାଗତ ବଢୁଥିବାରୁ ରାଜଧାନୀବାସୀଙ୍କ ପାଇଁ ଘର ଭଡ଼ା ଦେବା ଏକ ପ୍ରମୁଖ ରୋଜଗାର ପାଲଟିଛି। କେବଳ ଭଲ ଲୋକ ନୁହଁ ଅପରାଧୀମାନେ ମଧ୍ୟ ରାଜଧାନୀ ଆସି ଭଡ଼ାରେ ରହୁଛନ୍ତି। ଭଡ଼ା ଘରୁ ହିଁ ଅପରାଧ ସିଣ୍ଡିକେଟ୍ ଅପରେଟ କରୁଛନ୍ତି। ଆଉ କେତେକ କ୍ଷେତ୍ରରେ ଘର ମାଲିକମାନେ ମଧ୍ୟ ଅପରାଧୀଙ୍କୁ ଏଥିରେ ସହଯୋଗ କରୁଛନ୍ତି। ନିକଟରେ ଲକ୍ଷ୍ମୀସାଗର ଅଞ୍ଚଳର ଏକ ଘରୁ ସେକ୍ସ ରାକେଟ୍ ଠାବ ହୋଇଥିଲା। ଘଟଣାରେ ଘର ମାଲିକ ସଞ୍ଜୀବ ଦାସଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଦୀର୍ଘ ୫ ବର୍ଷ ଧରି ସେକ୍ସ ରାକେଟ ଚାଲିଥିବା ଜଣାପଡ଼ିଥିଲା। ସେହିପରି ଗତବର୍ଷ ସୁନ୍ଦରପଦା ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟର ଭଡ଼ାଘରୁ ନକଲି କଲ୍ ସେଣ୍ଟରକୁ ଠାବ କରାଯାଇଥିଲା। କେବଳ ଏହି ଦୁଇଟି ଘଟଣା ନୁହେଁ, ଭଡ଼ା ଘରୁ ଆହୁରି ଅନେକ ଅପରାଧୀ ଠାବ ହୋଇଛନ୍ତି। ଲକ୍ଷ୍ମୀସାଗର ଥାନା ଅଧୀନସ୍ଥ ମଙ୍ଗରାଜ ପଏଣ୍ଟର ଭଡ଼ା ଘରେ ସିମ୍ ବକ୍ସ ଅପରେଟ୍ କରାଯାଉଥିଲା। କୋଲକାତାର ରାଜୁ ମଣ୍ଡଳ ଏହାକୁ ଚଳାଉଥିବାବେଳେ ମାଷ୍ଟରମାଇଣ୍ଡ ବାଂଲାଦେଶରୁ ଅପରେଟ୍ କରୁଥିଲା। ସିମ୍ ବକ୍ସ ଜବତ ହେବା ପରେ ସାରାଦେଶରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ଘର ମାଲିକ ସେମାନଙ୍କ ପରିଚୟପତ୍ର ଯାଞ୍ଚ ନ କରିବା ଓ ତଥ୍ୟ ନ ରଖିବାରୁ ଏଭଳି ପରିସ୍ଥିତି ଦେଖାଦେଇଥିଲା। କିଛି ଘର ମାଲିକ ଜାଣିଶୁଣି ଅପରାଧ ଶ୍ରେଣୀୟ ବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କରୁଥିବା ମଧ୍ୟ ଅଭିଯୋଗ ଆସିଛି। ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସୁଥିଲେ ମଧ୍ୟ କମିସନରେଟ୍ ପୁଲିସ ତତ୍ପରତା ଦେଖାଉ ନଥିବା ଅଭିଯୋଗ ହେଉଛି। ଅନେକ ଅପରାଧୀ ରାଜଧାନୀର ବସ୍ତିଗୁଡ଼ିକରେ ଥିବା ଭଡ଼ାଘରେ ଲୁଚି ରହୁଛନ୍ତି। ଘର ମାଲିକମାନେ ଭଡ଼ା ବାବଦରେ ଅଧିକ ଟଙ୍କା ନେଇ ସେମାନଙ୍କ ପରିଚୟ ଗୋପନ ରଖୁଛନ୍ତି ବା ପୁଲିସକୁ ଦେଉନାହାନ୍ତି। ବିନା ପରିଚୟପତ୍ରରେ ଭଡ଼ା ଘରେ ରହିବା ପରେ ଅପରାଧ ଘଟାଇ ସୁରୁଖୁରୁରେ ଖସି ଯାଉଛନ୍ତି। ଘର ଭଡ଼ା ଲଗାଇବା ପାଇଁ ଭଡ଼ାଟିଆ ଓ ଘର ମାଲିକଙ୍କ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି। କିଛି ଘର ମାଲିକ ଏହାକୁ ମାନୁଥିଲେ ମଧ୍ୟ ଅନେକ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଫଳରେ କିଏ କେଉଁଠି ଭଡ଼ା ରହିଲା ତା'ର ତଥ୍ୟ ପୁଲିସ ପାଖରେ ରହୁନି। ଅପରାଧ ଘଟିବା ପରେ ପୁଲିସ ଭଡ଼ାଘରେ ଚଢ଼ଉ କରୁଛି, କିନ୍ତୁ ଅପରାଧୀଙ୍କୁ ଚିହ୍ନଟ କରିବା ଠାରୁ ନେଇ ଠିକଣା ଖୋଜିବା ଲାଗି ନାକେଦମ୍ ହେଉଛି।

ସେହିପରି ଅନେକ କ୍ଷେତ୍ରରେ ଘର ମାଲିକ ଭଡ଼ାଟିଆଙ୍କ ତଥ୍ୟ ଜାଣିଶୁଣି ଦେଉନାହାନ୍ତି। ଏହାକୁ କେନ୍ଦ୍ରକରି ଘର ମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ଗଣ୍ଡଗୋଳ ଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଭଡ଼ାଘରେ ହତ୍ୟାକାରୀ ଠାରୁ ଆରମ୍ଭ କରି ଆନ୍ତଃରାଜ୍ୟ ଡକାୟତ ଆତ୍ମଗୋପନ କରୁଛନ୍ତି। ଭଡ଼ାଘରଗୁଡ଼ିକରେ ସେକ୍ସ ରାକେଟ୍ ଭଳି ଅନୈତିକ କାରବାର, ଜୁଆ ଆଡ୍ଡା, ଗଞ୍ଜେଇ ଓ ବ୍ରାଉନ୍‌ସୁଗର ଭଳି ନିଶା କାରବାର ଚାଲୁଥିବାର ପ୍ରମାଣ ଅତୀତରେ ମିଳିଛି। ଏହିକ୍ରମରେ ଗତ ବର୍ଷକ ମଧ୍ୟରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଅପରାଧୀଙ୍କୁ ଗିରଫ କରିଛି। ସେଥିରେ ରାଜ୍ୟ ବାହାରର ଅନେକ ଅଭିଯୁକ୍ତ ରହିଛନ୍ତି। କେବଳ ଭଡ଼ା ଘର ନୁହେଁ, ହୋଟେଲ, ଲଜ୍, ଗେଷ୍ଟହାଉସ୍ ଓ ତାରକା ହୋଟେଲ୍ ଗୁଡ଼ିକରେ ମଧ୍ୟ ଅପରାଧୀମାନେ ଆତ୍ମଗୋପନ କରୁଛନ୍ତି। ହାତଗୁଞ୍ଜା ନେବା ପରେ ହୋଟେଲ ଓ ଲଜ୍ କର୍ତ୍ତୃପକ୍ଷ ମଧ୍ୟ ଅତିଥିଙ୍କ ତଥ୍ୟ ଲୁଚାଉଛନ୍ତି। ଅଧିକାଂଶ ହୋଟେଲ ଓ ଲଜ୍ "ସରାଇ ଆପ୍'ର ନିୟମକୁ ପାଳନ କରୁନାହାନ୍ତି। ଏଥିଲାଗି କମିସନରେଟ ପୁଲିସ ରାଜ୍ୟ ତଥା ଜିଲ୍ଲାଗୁଡ଼ିକରୁ ଆସୁଥିବା ଅପରାଧୀଙ୍କ ତଥ୍ୟ ରଖିପାରୁନାହିଁ।

## ପୁଲିସ ନିୟମର ଉଡୁଛି ଧଜିଆ

ସହରରେ ଭଡ଼ା ଘରେ ରହୁଥିବା ସମସ୍ତ ଭଡ଼ାଟିଆଙ୍କ ଡାଟାବେସ୍ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସେଥିପାଇଁ ୨୦୧୫ ଏପ୍ରିଲ ୮ରେ କମିସନରେଟ୍ ପୁଲିସ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲା। ଘର ମାଲିକ ଏବଂ ଭଡ଼ାଟିଆ ନିର୍ଦ୍ଦିଷ୍ଟ ଏକ ଫର୍ମ ମାଧ୍ୟମରେ ପଞ୍ଜୀକରଣ କରିବେ। ଏଥିରେ ଉଭୟଙ୍କ ନାଁ, ଠିକଣା, ବୃତ୍ତି, ପରିଚୟପତ୍ର ଓ ଫଟୋ ରହିବ। ଏହି ଫର୍ମକୁ ସ୍ଥାନୀୟ ଥାନାରେ ଦାଖଲ କରାଯିବ। ଯେଉଁମାନେ ଏଭଳି ତଥ୍ୟ ଦାଖଲ ନ କରିବେ ସେମାନଙ୍କ ବିରୋଧରେ ବିଏନ୍‌ଏସ୍ ଧାରା ୨୨୩ (ଆଇପିସି- ୧୮୮) ଅନୁଯାୟୀ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ଏହି ନିୟମ ଖିଲାପ କରି ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତଙ୍କ ବିରୋଧରେ ଗୋଟିଏ ବର୍ଷ ଜେଲ୍‌ଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଆଦାୟର ପ୍ରାବଧାନ ରହିଛି। ଘର ମାଲିକମାନେ ଏହି ବିଜ୍ଞପ୍ତିକୁ ମାନୁ ନଥିବା ବେଳେ କମିସନରେଟ ପୁଲିସ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ସମସ୍ୟା ବଢୁଥିବା ଜଣାପଡ଼ିଛି।

# ମାଡ଼ ମାରି ଲୁଟ୍ ଘଟଣାରେ ଆଉଜଣେ ଗିରଫ

ଭୁବନେଶ୍ୱର,୨୬।୧୦ (ସମିସ): ରାସ୍ତାରେ ଅଟକାଇ ମାଡ଼ ମାରି ଲୁଟ୍‌ପାଟ କରିଥିବା ଘଟଣାରେ ଆଉ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଚନ୍ଦ୍ରଶେଖରପୁର ବିଡିଏ କଲୋନୀର ଅଜିତ ଦାସ (୩୩)। ପୂର୍ବରୁ ଏହି ଘଟଣାରେ ଚନ୍ଦ୍ରଶେଖରପୁର ବିଡିଏ କଲୋନୀର ଦୀପକ କୁମାର ନାୟକ ଓରଫ୍ ଦୀପୁ (୨୬) ଓ ଅନନ୍ତ ନାରାୟଣ ବସ୍ତିର ସୁବାଶିଷ ଜେନା ଓରଫ୍ ପପୁ (୨୪) ଗିରଫ ହୋଇଥିଲେ। ପୁଲିସ ସୂଚନା ଅନୁସାରେ, ଗତ ୧୭ ତାରିଖ ରାତିରେ କୃତିବିଭବ ପାତ୍ର ଓ ତାଙ୍କ ବନ୍ଧୁ ଦିବ୍ୟଜ୍ୟୋତି ଶତପଥୀ ମହାରାଜା ହଲ୍‌ରୁ ସିନେମା ଦେଖିସାରି ଘରକୁ ଫେରୁଥିଲେ। ସୈନିକ ସ୍କୁଲ ନିକଟରେ ଅଜିତ, ଦୀପୁ, ପପୁ ଓ ତାଙ୍କ ସହଯୋଗୀ ଏକ ବୁଲେଟରେ ଆସି ସେମାନଙ୍କୁ ରାସ୍ତାରେ ଅଟକାଇଥିଲେ। ଅଭିଯୁକ୍ତମାନେ ଦୁଇ ବନ୍ଧୁଙ୍କୁ ଆକ୍ରମଣ କରିବା ସହ କୃତିବିଭବଙ୍କ ଠାରୁ ମୋବାଇଲ୍ ଫୋନ୍ ଓ ଏକ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏଥିସହିତ ଦିବ୍ୟଜ୍ୟୋତିଙ୍କ ଠାରୁ ଏକ ହାତ ଘଣ୍ଟା, ପାନ୍ କାର୍ଡ, ଆଧାର କାର୍ଡ, ଏଟିଏମ୍ କାର୍ଡ ଓ ନଗଦ ୩୦୦ ଟଙ୍କା ଥିବା ଏକ କଳା ରଙ୍ଗର ପର୍ସ ମଧ୍ୟ ଛଡ଼ାଇ ନେଇଥିଲେ। କୃତିବିଭବଙ୍କ ଅଭିଯୋଗ କ୍ରମେ ମୈତ୍ରୀ ବିହାର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ଅଜିତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବରୁ ଦୀପୁ ଓ ପପୁକୁ ଗିରଫ କରିବା ସହ ୧୭୦୦ ଟଙ୍କା ଓ ବୁଲେଟ୍ ଗାଡ଼ି ଜବତ କରିଥିଲା। ଅଜିତ ନାମରେ ପୂର୍ବରୁ ଦୁଇଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

### ଟ୍ରେଡିଂ ଆପ୍‌ରେ ଫସିଲେ ବ୍ୟବସାୟୀ

# ୨୫ ଲକ୍ଷ ଠକିନେଲେ ସାଇବର ଠକ

ଭୁବନେଶ୍ୱର,୨୬।୧୦(ସମିସ): ରାତାରାତି କୋଟିପତି ହେବା ଲୋଭରେ ଟ୍ରେଡିଂ ମାୟାରେ ପଡ଼ି ଲକ୍ଷାଧିକ ଟଙ୍କା ଠକାମିର ଶିକାର ହୋଇଛନ୍ତି ବ୍ୟବସାୟୀ। ରାଜଧାନୀର ଜଣେ ଯୁବ ବ୍ୟବସାୟୀ ବିନାୟକ ଦାସ। ତାଙ୍କଠାରୁ ସାଇବର ଠକ ୨୫ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏ ନେଇ ସେ ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ଅଭିଯୋଗ ଅନୁସାରେ, ନୂଆପଲ୍ଲୀ ଅଞ୍ଚଳରେ ରହୁଥିବା ବିନାୟକ ଗତ ମାସରେ ସାମାଜିକ ଗଣମାଧ୍ୟମରେ ବିଶାଖା ଅଗ୍ରୱାଲ ନାମକ ଜଣେ ମହିଳାଙ୍କ ସମ୍ପର୍କରେ ଆସିଥିଲେ। ପରେ ମହିଳା ଓ ତାଙ୍କ ମା' ଏହି ବ୍ୟକ୍ତିଙ୍କୁ ଟ୍ରେଡିଂ ଆପ୍‌ରେ ଟଙ୍କା ଲଗାଇବାକୁ ପରାମର୍ଶ ଦେଇଥିଲେ। ଅଧିକ ଲାଭ ମିଳିବ ବୋଲି ଲୋଭ ଦେଖାଇଥିଲେ। ଫଳରେ ଆର୍ଟିଜିଏସ୍ ଜରିଆରେ ଗତ ଅଗଷ୍ଟ ୨୯ ତାରିଖରେ ୧ ଲକ୍ଷ ଟଙ୍କା ନିବେଶ କରିଥିଲେ। ପରେ ୩୦ ତାରିଖରେ ତାଙ୍କ ବ୍ୟାଙ୍କ ଖାତାକୁ ୯,୯୦୦ ଟଙ୍କା ଆସିଥିଲା। ଏହା ପରେ ପର୍ଯ୍ୟାୟକ୍ରମେ ସେ ଏହି ଟ୍ରେଡିଂ ଆପ୍‌ରେ ୨୫ ଲକ୍ଷ ୮୦ ହଜାର ଟଙ୍କା ଜମା କରିଥିଲେ। କିନ୍ତୁ ଯେତେବେଳେ ସେ ଟଙ୍କା ଉଠାଇବାକୁ ଚାହିଁଲେ, ତାଙ୍କୁ ୟୁଜର୍ସ ଫି' ପାଇଁ ଆଉ ୨୧ ଲକ୍ଷ ୪୬ ହଜାର ଟଙ୍କା ଦେବାକୁ କୁହାଯାଇଥିଲା। ଠକ ଅଧିକ ଟଙ୍କା ମାଗିବାରୁ ବିନାୟକ ଠକାମିର ଶିକାର ହୋଇଥିବା ଜାଣି ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

# 'ମୋ ବସ୍' ଯାତ୍ରୀଙ୍କ ଭ୍ୟାନିଟି ଲୁଟ୍; ଜଣେ ଗିରଫ

ଭୁବନେଶ୍ୱର,୨୬।୧୦(ସମିସ): ଚଳନ୍ତା ମୋ ବସରୁ ଯାତ୍ରୀଙ୍କ ଠାରୁ ଭ୍ୟାନିଟି ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଓଲଟପୁର ଥାନା ବାଘୁଆ ଗାଁର ମୁନା ସ୍ୱାଇଁ (୩୩)। ପୁଲିସ ସୂଚନା ଅନୁସାରେ, ଶ୍ରୀ ବିହାରର ସୋମସ୍ମାତା ରଥଙ୍କ ମାଆ ୧୮ ନମ୍ବର ରୁଟ୍‌ର 'ମୋ ବସ୍'ରେ ଯାତ୍ରା କରୁଥିଲେ। ସେହି ସମୟରେ ମୁନା ତାଙ୍କଠାରୁ ଏକ ଭ୍ୟାନିଟି ବ୍ୟାଗ ଲୁଟ୍ କରି ନେଇଥିଲା। ସେହି ଭ୍ୟାନିଟି ବ୍ୟାଗରେ ସୁନା କାନଫୁଲ, ସୁନା ମଙ୍ଗଳସୂତ୍ର, ସୁନା ଲକେଟ୍ ଓ ଏକ ମନି ପର୍ସ ଥିଲା। ଏ ନେଇ ସୋମସ୍ମାତା ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମୁନା, ଏସ୍‌କେ ରାଜା ଓ ରାକେଶ ପଣ୍ଡା ମିଶି ସୋମସ୍ମାତାଙ୍କ ମାଆଙ୍କୁ ଘେରି ଭ୍ୟାନିଟି ବ୍ୟାଗ ଚୋରି କରିଥିଲେ। ପୁଲିସ ମୁନାକୁ ଗିରଫ କରିବା ସହ ତା' ଠାରୁ ୭୦୦ ଟଙ୍କା ଜବତ କରିଥିଲା। ସେ ତା'ର ସହଯୋଗୀ ଏସ୍‌କେ ରାଜା ଓ ରାକେଶ ସହ ମିଶି ନିୟମିତ ମୋ ବସରେ ଯାଉଥିବା ବୟସ୍କ ଯାତ୍ରୀଙ୍କଠାରୁ ଚୋରି କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା।

# ସାଲିଆସାହିରେ ଗୋଷ୍ଠୀ ସଂଘର୍ଷ



୬ ଥାନାଧିକାରୀ, ୨ ପ୍ଲାଟୁନ୍ ଫୋର୍ସ ମୁତୟନ

ଚାନ୍ଦା ନଦେବାରୁ ଗଣ୍ଡଗୋଳର ସୂତ୍ରପାତ

ଭୁବନେଶ୍ୱର,୨୬।୧୦(ସମିସ): ପରିବା ହାଟକୁ କେନ୍ଦ୍ର କରି ସାଲିଆସାହି ଇଡ୍‌କୋ ପଡିଆରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ପରିବା ଦୋକାନ କରିଥିବା ବ୍ୟବସାୟୀ ଏବଂ ସ୍ଥାନୀୟ ଅଞ୍ଚଳର ଅନ୍ୟ ଗୋଷ୍ଠୀ ମଧ୍ୟରେ ଏହି ଗଣ୍ଡଗୋଳ ହୋଇଛି। ବଡ଼ କଥା ହେଲା ଦୁଇ ଗୋଷ୍ଠୀ ହାତାହାତି ହେବା ପୂର୍ବରୁ ଖବର ପାଇ ଥାନା ପୁଲିସ ଏବଂ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁଇ ଗୋଷ୍ଠୀ ଦୂରରେ ଛିଡ଼ା ହୋଇ ଛକାପଞ୍ଝା ଲାଗିଥିବାବେଳେ ଆହୁରି ୨ପ୍ଲାଟୁନ୍ ଫୋର୍ସ, ୬ ଥାନାର ଅଧିକାରୀ ଏବଂ ଅତିରିକ୍ତ ଡିସିପି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଲୋକଙ୍କୁ ବୁଝାସୁଝା କରି ସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିଥିବାରୁ ରାତି ତମାମ ସେଠାରେ ପୁଲିସ ଫୋର୍ସ ମୁତୟନ ରହିଛନ୍ତି।

ସୂଚନା ଅନୁସାରେ, ଇଡ୍‌କୋ ପଡ଼ିଆକୁ ସ୍ଥାନୀୟ କିଛି ଲୋକ ଏହାକୁ ବ୍ୟବସାୟିକ ପିଣ୍ଡି ଆକାରରେ ବ୍ୟବସାୟୀଙ୍କୁ ବିକ୍ରି କରିଥିଲେ। ୨୦ ବର୍ଷରେ ସେମାନେ ଏହି ପିଣ୍ଡି ପାଇଁ ସେମାନେ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏପରିକି ସେମାନେ ପ୍ରତି ପିଣ୍ଡି ପିଛା ୧୦ ହଜାର ଟଙ୍କା ଦେଇ କିଣିଛନ୍ତି। କିନ୍ତୁ ଗତ କିଛିଦିନ ହେବ ବ୍ୟବସାୟୀଙ୍କ ଠାରୁ ପ୍ରତିଦିନ ଚାନ୍ଦା ଆଦାୟ କରୁଥିଲେ। ହେଲେ ଏହାକୁ ୧୦୦ କରି ଦେବାକୁ ବ୍ୟବସାୟ ଦେବାକୁ ମନା କରି ଦେଇଥିଲେ। ଫଳରେ ଅନ୍ୟ ଗୋଷ୍ଠୀ ଏଠାରେ ଖେଳ ପଡ଼ିଆ କରାଯିବ ବୋଲି କହି ପିଣ୍ଡି ଭାଙ୍ଗି ଦେଇଥିଲେ। ହେଲେ ବ୍ୟବସାୟୀମାନେ ଟଙ୍କା ଦେଇଥିବାରୁ ସେମାନେ ସେଠାରେ ବାଧ ହୋଇ ବ୍ୟବସାୟ କରୁଛନ୍ତି। କିନ୍ତୁ ଟଙ୍କା ନେଇଥିବା ଗୋଷ୍ଠୀ ମିଛରେ ଖେଳ ପଡ଼ିଆ କରାଯିବ କହି ଭାଙ୍ଗି ଦେଉଛନ୍ତି। ଆଜି ସନ୍ଧ୍ୟାରେ ପିଣ୍ଡି ଭାଙ୍ଗିବା ସମୟରେ ବ୍ୟବସାୟୀ ବିରୋଧ କରିବାରୁ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ପୁଲିସ ଆଗକୁ ଏହାର ସମାଧାନ ନକଲେ ମୁଣ୍ଡ ଗଡ଼ିବ ବୋଲି ସ୍ଥାନୀୟ ଲୋକ କହୁଛନ୍ତି।

# ପତ୍ନୀଙ୍କୁ ହତ୍ୟା ଉଦ୍ୟମ; ସ୍ୱାମୀ ଗିରଫ

ଭୁବନେଶ୍ୱର,୨୬।୧୦(ସମିସ): ପତ୍ନୀଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରମଣ ରଞ୍ଜନ ଆଚାର୍ଯ୍ୟ। ରମଣ ବର୍ଷକ ପୂର୍ବରୁ ବିବାହ କରିଥିବା ବେଳେ ବିବାହର କିଛି ଦିନ ପରେ ପତ୍ନୀଙ୍କୁ ଅଧିକ ଯୌତୁକ ଦାବିକରି ନିର୍ଯାତନା ଦେବା ଆରମ୍ଭ କରିଥିଲା। ବିଭିନ୍ନ ସମୟରେ ମାରଧର କରିବା ସହ ମାନସିକ ନିର୍ଯାତନା ଦେଉଥିଲା। ନିକଟରେ ଝଗଡ଼ା କରିବା ସହ ତଣ୍ଟିଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲା। ଏ ନେଇ ପତ୍ନୀ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ରମଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଲାଇନ୍‌ମ୍ୟାନଙ୍କୁ ଅପହରଣ କରି ଲୁଟ୍

ଭୁବନେଶ୍ୱର,୨୬।୧୦ (ସମିସ): ଲାଇନ୍ ମ୍ୟାନଙ୍କୁ ଅପହରଣ କରି ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଚନ୍ଦକା ଅଳସୁଆର ଅଧିକାରୀ ସୁଧାଂଶୁ ଶେଖର ଦାସ ଓରଫ୍ ପପୁ (୩୯)। ଗତ ୧ ତାରିଖରେ ବାରଙ୍ଗ ବିଦ୍ୟୁତ ସେକ୍ସନର ଲାଇନ୍ ମ୍ୟାନ ମହେଶ୍ୱର ଦାସ ଦାରୁଠେଙ୍ଗସ୍ଥିତ



ଆଲେକ୍ସ ଟ୍ରେଡର୍ସ ସଂଲଗ୍ନ ଟ୍ରାନ୍ସଫର୍ମର ନିକଟରେ ବିଦ୍ୟୁତ ପୁନରୁଦ୍ଧାର କାମ କରୁଥିଲେ। ସେହି ସମୟରେ ଆଲେକ୍ସ ଟ୍ରେଡର୍ସର ମାଲିକ ପପୁ ଓ ତାଙ୍କ ସହଯୋଗୀ ସେଠାରେ ପହଞ୍ଚି ମହେଶ୍ୱରଙ୍କୁ କାମ ବିଷୟରେ ପଚାରିବା ସହ ଗାଳିଗୁଲଜ କରିଥିଲେ। ହଠାତ୍ ତାଙ୍କୁ ବାଡ଼ି ଓ ଲୁହା ଛଡ଼ରେ ଆକ୍ରମଣ କରି ଇଲେକ୍ଟ୍ରିକ୍ ସ୍କୁଟର୍‌ରେ ଅପହରଣ କରି ନେଇଥିଲେ। ସେଠାରେ ପୁଣି ଆକ୍ରମଣ କରି ମହେଶ୍ୱରଙ୍କ ଠାରୁ ମୋବାଇଲ୍ ଫୋନ୍ ଓ ୧୮ ହଜାର ୫୦୦ ଟଙ୍କା ଛଡ଼ାଇ ନେଇଥିଲେ। ରାତି ପ୍ରାୟ ଗୋଟାଏ ସମୟରେ ମହେଶ୍ୱରଙ୍କୁ ଛାଡ଼ି ଦେଇ ଫେରାର ହୋଇ ଯାଇଥିଲେ। ଏ ନେଇ ମହେଶ୍ୱର ଚନ୍ଦକା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପପୁକୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ ଗାଡ଼ିକୁ ଜବତ କରିଛି ଚନ୍ଦକା ଥାନା ପୁଲିସ। ପୂର୍ବରୁ ପପୁ ନାମରେ ସହିଦନଗର, ନନ୍ଦନକାନନ ଓ ବାରଙ୍ଗ ଥାନାରେ ଏକାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

# କଏଦୀଙ୍କ ଜୀବନ ସହ ଖେଳୁଛନ୍ତି ଜେଲ୍ କର୍ତ୍ତୃପକ୍ଷ




## ୬ ବର୍ଷରେ ୩୦ ବିଚାରାଧୀନ କଏଦୀଙ୍କ ମୃତ୍ୟୁ
## ଜେଲ୍ ମେଡିକାଲରେ ସୁବିଧା ନ ଥିବାରୁ ବଢୁଛି ହୃଦ୍‌ଘାତ ମୃତ୍ୟୁ
## ଜେଲରେ ମିଳୁନି ଜରୁରୀ ଔଷଧ

ଭୁବନେଶ୍ୱର,୨୬।୧୦(ସମିସ):

ମାଓନେତା କେଶବ ରାଓ ଆଜାଦ ଆମରଣ ଅନଶନରେ ବସିଥିବାବେଳେ ଗତକାଲି ଅସୁସ୍ଥ ହୋଇପଡ଼ିଥିଲେ। କିନ୍ତୁ ସାମାନ୍ୟ ସାଲାଇନ୍ ଲଗାଇବା ପାଇଁ ଝାରପଡ଼ା ଜେଲ ମେଡିକାଲରେ କିଛି ସୁବିଧା ନଥିଲା। ତେଣୁ ତାଙ୍କୁ ବାଧ ହୋଇ ଜେଲ କର୍ତ୍ତୃପକ୍ଷ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଜେଲରେ କିଭଳି ମେଡ଼ିକାଲ ସୁବିଧା ଅଛି ସବୁ କିଛି ଆଜାଦ ଖୁଲାସା କରିଛନ୍ତି। କଏଦୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ଜେଲ କର୍ତ୍ତୃପକ୍ଷ। ନା ଜେଲରେ ଆବଶ୍ୟକୀୟ ଔଷଧ ମିଳୁଛି ନା ଇଞ୍ଜେକ୍‌ସନ। ଏପରିକି ଜେଲରେ ଆମ୍ବୁଲାନ୍ସ ସୁବିଧା ଥିଲେ ମଧ୍ୟ ତାହା ସଠିକ୍ ସମୟରେ କାମରେ ଆସୁନି। ଯେଉଁଥି ପାଇଁ ବାଧ ହୋଇ ଜେଲ କର୍ତ୍ତୃପକ୍ଷ ଅଟୋରେ କଏଦୀଙ୍କୁ ଅନ୍ୟ ହସ୍ପିଟାଲ ନେଉଛନ୍ତି। ଯାହାଫଳରେ ଠିକ୍ ସମୟରେ ରୋଗୀ ମେଡିକାଲରେ ପହଞ୍ଚି ପାରୁନଥିବାରୁ ଅଧା ବାଟରେ ମୃତ୍ୟୁ ଘଟୁଛି। ମିଳିଥିବା ତଥ୍ୟ ଅନୁସାରେ, ଗତ ୬ ବର୍ଷରେ ଝାରପଡ଼ା ଜେଲ୍‌ରେ ୩୦ଜଣ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଲାଣି। ପୂର୍ବରୁ ବିଚାରାଧୀନ କଏଦୀ ବିଦ୍ୟାଧର ଗୁରୁଙ୍କ ମୃତ୍ୟୁ ଘଟିଥିଲା। ତାଙ୍କୁ ଜେଲ୍ କର୍ତ୍ତୃପକ୍ଷ ପିଟିପିଟି ହତ୍ୟା କରିଥିବା ପରିବାର ଲୋକ ଅଭିଯୋଗ ଆଣିଥିଲେ। ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଜେଲ୍ କର୍ତ୍ତୃପକ୍ଷ ଏବଂ ପୁଲିସ କହୁଛି। କିନ୍ତୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକ ଅଭିଯୋଗ ଆଣିଥିଲେ। ଏଭଳି ଅଭିଯୋଗ ପରେ ନ୍ୟାୟିକ ତଦନ୍ତ କରାଯିବ ବୋଲି ପୂର୍ବତନ ଜେଲ୍ ଡିଜି ଅରୁଣ ରାୟ କହିଥିଲେ। ତେବେ ସେ ନେଇ ତଦନ୍ତ କରାଗଲା ନା ସତ ପଦାକୁ ଆସିଲା। କେବଳ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ନ୍ୟାୟ ମିଳିଲାନି। ଝାରପଡ଼ା ଜେଲ ନୁହେଁ, ରାଜ୍ୟରେ ଥିବା ଅନ୍ୟ ଜେଲ ମାନଙ୍କରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି।

ଜେଲ୍ ଭିତରେ ଥିବା ମେଡିକାଲରେ ସବୁ ସୁବିଧା ନାହିଁ। ଡାକ୍ତର ନିଯୁକ୍ତି ହୋଇଥିଲେ ମଧ୍ୟ ସେ ସଠିକ୍ ସମୟରେ ଆସୁନଥିବା ବେଳେ କମ୍ପାଉଣ୍ଡର କଏଦୀଙ୍କୁ ଚିକିତ୍ସା କରୁଛନ୍ତି। ରାତିରେ ଯଦି କୌଣସି କଏଦୀଙ୍କୁ ହୃଦ୍‌ଘାତ ଏବଂ ଅନ୍ୟାନ୍ୟ ସମସ୍ୟା ହୁଏ, ଜେଲ୍ ମେଡିକାଲରେ ରାତିରେ କେହି ନ ଥିବାରୁ ତାଙ୍କର ଚିକିତ୍ସା ହେବା ଅସମ୍ଭବ। ଯେଉଁଥିପାଇଁ ତାଙ୍କର ମୃତ୍ୟୁ ଘଟିବା ଏକ ପ୍ରକାର ସୁନିଶ୍ଚିତ। ଜେଲ୍ ମେଡିକାଲରେ ନିଯୁକ୍ତ ହେଉଥିବା ଡାକ୍ତର ଜେଲକୁ ଆସିବା ପରିବର୍ତ୍ତେ ଘରୋଇ କ୍ଲିନିକ୍‌କୁ ଯାଉଛନ୍ତି। ସେଠାରୁ ମୋଟା ରକମର ଟଙ୍କା ପାଉଥିବାରୁ ଜେଲ୍ ମେଡିକାଲକୁ କମ୍ ଆସୁଛନ୍ତି। ଏଠାରେ ସବୁବେଳେ ଡାକ୍ତର ରହୁଥିବାରୁ ହୃଦ୍‌ଘାତ ହେଲେ କଏଦୀଙ୍କୁ ବଞ୍ଚାଇପାରୁ ନାହାନ୍ତି। ଆହୁରି ମଧ୍ୟ ଜଣେ କଏଦୀ ଦୀର୍ଘଦିନ ହେବ ଜେଲ୍‌ରେ ରହୁଥିବାରୁ ତା'ର ମାନସିକ ସ୍ଥିତି ବିଗିଡ଼ି ଯାଉଛି। ଯେଉଁଥିପାଇଁ ସେ ଜେଲ୍ ଭିତରେ ଆତ୍ମହତ୍ୟା କରୁଛି। ଏଭଳି ମଧ୍ୟ ପୂର୍ବରୁ ଝାରପଡ଼ା, ଚୌଦ୍ୱାର ଏବଂ ରାଜ୍ୟର ଅନ୍ୟ ଜେଲ୍‌ରେ ଦେଖିବାକୁ ମିଳିଛି। ହାଇକୋର୍ଟ ଏବଂ ଓଏଚ୍‌ଆର୍‌ସି ମଧ୍ୟ ଜେଲ୍‌ରେ ମାନସିକ ରୋଗୀ ବଢୁଥିବାରୁ ମାନସିକ ରୋଗ ଚିକିତ୍ସା କରୁଥିବା ଡାକ୍ତର ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରିବାକୁ କହିଥିଲେ। କିନ୍ତୁ ଏହି ଜେଲ୍‌ରେ ମଧ୍ୟ ମାନସିକ ରୋଗ ଚିକିତ୍ସା କରୁଥିବା ଡାକ୍ତରଙ୍କ ଅଭାବ ରହିଛି। ଆହୁରି ମଧ୍ୟ କଏଦୀଙ୍କ ମାନସିକ ସ୍ଥିତି ନ ବିଗିଡ଼ିବା ପାଇଁ ପରିବାର ଲୋକଙ୍କୁ ମୁଲାକାତ୍ ମାଧ୍ୟମରେ ଭେଟ କରିବା, ଜେଲ୍ ଭିତରେ ଦେଶାତ୍ମବୋଧ ଚଳଚ୍ଚିତ୍ର ଦେଖାଇବା, ଖବରକାଗଜ ଆଦି ବ୍ୟବସ୍ଥା କରିବାକୁ କୁହାଯାଇଛି। କିନ୍ତୁ ତାହା କରାଯାଉ ନ ଥିବାରୁ ଜେଲ୍‌ରେ କଏଦୀ ଆତ୍ମହତ୍ୟା କରୁଛନ୍ତି। ଜେଲ୍ ଭିତରେ ୱାର୍ଡର ବଡି କ୍ୟାମେରା ଲଗାଇ ବୁଲୁଛନ୍ତି। କିନ୍ତୁ କଏଦୀ ଉପରେ ନଜର ରଖିବା ବଦଳରେ ଏଣେତେଣେ ଗପୁଛନ୍ତି। ଯେଉଁଥିପାଇଁ ମାନସିକ ସ୍ଥିତି ବିଗିଡ଼ିଥିବା କଏଦୀ ଆତ୍ମହତ୍ୟା କରି ଦେଉଛନ୍ତି। ୱାର୍ଡର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରୁନଥିବାରୁ ଅନେକ ଜେଲରେ କଏଦୀ ଫେରାର ହୋଇଯାଉଛନ୍ତି।

C-1314

Estd. 1974

**OFFICE OF THE MUNICIPAL COUNCIL, ANANDAPUR**
email:-executiveofficer_andp@rediffmail.com
Phone No:- 06731-24088

**E-PROCUREMENT NOTICE**
Notice No- 3817, Dt- 17.10.2025
Bid Reference No:- AM-ANDP-03/2025-26

**INVITATION FOR BID**

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: **92** Nos
2. Place of Execution: Anandapur Municipality
3. Estimated Cost of Individual Work: **Rs. 3,02,567.06 to Rs. 16,94,802.00**
4. Eligible Class of Contractors: Registered Contractors of **Class- 'D', 'C'** work mentioned in the tender call notice.
5. Intending bidders have to participate through "**On-Line**" bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 P.M on 30.10.2025 to 5.00 P.M on 13.11.2025** for online bidding.
7. Bids received online will be opened at **11.00 A .M on 14.11.2025**
8. The bidder must possess valid and compatible **Digital Signature Certificate (DSC)**.
9. The DTCN for **92** Nos. of work shall be available in the e-procurement portal www.tendersodisha.gov.in for on-line bidding.

Executive Officer,
Anandapur Municipality

OIPR-13049/11/0018/2526

# ଗ୍ୟାସ୍ ସିଲିଣ୍ଡର ଫାଟି ଦୁଇ ଗୁରୁତର



ବ୍ରହ୍ମପୁର/ଚିକିଟି,୨୬ ।୧୦(ସମିସ):

ଗଞ୍ଜାମ ଜିଲ୍ଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ପେଣ୍ଠ ବସ୍‌ଷ୍ଟାଣ୍ଡ ସାମ୍ନାରେ ଥିବା ଏକ ହୋଟେଲରେ ରବିବାର ସକାଳେ ନିଆଁ ଲାଗି ଦୁଇଜଣ ଗୁରୁତର ହୋଇଛନ୍ତି । ସେମାନେ ହେଲେ ଚିକିଟି ପେଣ୍ଠର ଗଙ୍ଗାଧର ବାଡ଼ତ୍ୟା(୫୫) ଓ ରାଜେନ୍ଦ୍ର ବେହେରା(୫୩) । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଏଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା । ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ଏସ୍‌ସିବିକୁ ସ୍ଥାନାନ୍ତରିତ କରାଯାଇଛି । ଏହି ଘଟଣାରେ ଗଙ୍ଗାଧରଙ୍କ ଶରୀରର ଶତକଡା ୮୧ପ୍ରତିଶତ ଓ ରାଜେନ୍ଦ୍ରଙ୍କ ଶରୀରର ଶତକଡ଼ା ୩୦ପ୍ରତିଶତ ପୋଡ଼ିଯାଇଛି ।

**ବ୍ରହ୍ମପୁରରୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର**

ସୂଚନା ପ୍ରକାରେ ପ୍ରତିଦିନ ଭଳି ଆଜି ଗଙ୍ଗାଧର ନିଜ ହୋଟେଲରେ ଜଳଖିଆ ପ୍ରସ୍ତୁତ କରୁଥିଲେ । ଏହି ସମୟରେ ଗ୍ୟାସ ଲିକ୍ ହେଉଥିବା ଉଭୟ ଜାଣିବାକୁ ପାଇଥିଲେ । କିନ୍ତୁ ସାବଧାନତା ଅବଲମ୍ବନ କଲେ ନାହିଁ । ସିଗାରେଟ୍ ନିଆଁରୁ ହଠାତ୍ ନିଆଁ ଲାଗିବା ସହ ତାହା ବ୍ୟାପିଥିଲା । ଏପରିକି ଗ୍ୟାସ ସିଲିଣ୍ଡର ଫାଟି ଯାଇଥିଲା । ସ୍ଥାନୀୟ ଲୋକେ ଶବ୍ଦ ଶୁଣି ରୁଣ୍ଡ ହୋଇ ଯାଇଥିଲେ । ମୁଖ୍ୟ ରାସ୍ତା ହୋଇଥିବାରୁ କିଛି ବସ୍ ଓ ଚାଳକ ରାସ୍ତାରେ ଅଟକି ଯାଇଥିଲେ । ତତ୍‌ପରେ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ । ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ କରି ମେଡ଼ିକାଲ ପହଞ୍ଚାଥିଲେ ।

# ଏମ୍‌କେସିଜିକୁ ଭାଗ୍ୟଲକ୍ଷ୍ମୀଙ୍କ ମୃତଦେହ ଦାନ

ବ୍ରହ୍ମପୁର,୨୬ ।୧୦(ସମିସ): ସ୍ଥାନୀୟ ଶାନ୍ତି ନଗର ନିବାସୀ କେ. ଭାଗ୍ୟଲକ୍ଷ୍ମୀ(୫୦)ଙ୍କ ଶନିବାର ମୃତ୍ୟୁ ଘଟିଛି । ଖବର ପାଇଁ ମାନବବାଦୀ ହେତୁବାଦୀ ସଂଗଠନ ଗଞ୍ଜାମ ଜିଲ୍ଲା ଶାଖା ଓ ଫ୍ରେଣ୍ଡସ ହେଲଫିଂ କ୍ଲବ ବ୍ରହ୍ମପୁରର ସଭ୍ୟମାନେ ଭାଗ୍ୟଲକ୍ଷ୍ମୀଙ୍କ ଦୁଇ ଭଉଣୀ କେ. ଭବାନୀ ଓ କେ. ବୀଣାଙ୍କ ସହ ଯୋଗାଯୋଗ କରିଥିଲେ । ଉଭୟଙ୍କ ସହମତି କ୍ରମେ ମୃତ ଭାଗ୍ୟଲକ୍ଷ୍ମୀ ଶରୀର ଏମକେସିଜି ମେଡ଼ିକାଲକୁ ଦାନ କରାଯାଇଛି । ଏହା ମେଡିକାଲର ଛାତ୍ରୀଛାତ୍ରଙ୍କ ପାଠପଢା ଓ ଗବେଷଣା ପାଇଁ ଏହି ମୃତ ଦେହ ନିୟୋଜିତ କରାଯିବ । ପ୍ରଥମ ବର୍ଷର ୧୦ଜଣ ଡାକ୍ତରୀ ବିଦ୍ୟାର୍ଥୀଙ୍କ ପାଇଁ ଗୋଟିଏ ମୃତ ଶରୀରର ଆବଶ୍ୟକତା ରହିଥିବା ଓ ମାନବବାଦୀ ହେତୁବାଦୀ ସଂଗଠନ ପରି ଅନ୍ୟାନ୍ୟ ସଂଗଠନର ଏହି କାର୍ଯ୍ୟପାଇଁ ଅବଦାନ ପ୍ରଶଂସନୀୟ ବୋଲି ଆନାଟୋମି ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ଜାମି ସାଗର ପୁଷ୍ଟି କହିଛନ୍ତି । ପୂର୍ବରୁ ଏମକେସିଜି ମେଡିକାଲ କଲେଜର ଏନାମୋମି ବିଭାଗକୁ ୩୦ଟି ମୃତ ଦେହ ରହିଥିବା ବେଳେ ତାହା ଏବେ ୩୧କୁ ପହଞ୍ଚିଥିବା ଜଣାପଡିଛି । କାର୍ଯ୍ୟକ୍ରମରେ ମାନବବାଦୀ ହେତୁବାଦୀ ସଂଗଠନର ସମ୍ପାଦକ କେ. ନନ୍ଦେଷୁ ସେନାପତି, ଉପ ସଭାପତି କିଶୋର ଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ସୁନେଜ କୁମାର ପାଣିଗ୍ରାହୀ, ଜମ୍ମୁଲା ସୁରେଶ, ରାଜ୍ୟ ସଂଗଠନର କୋଷାଧ୍ୟକ୍ଷ ଡି. ମୋହନ ରାଓ, କେ. ବାସବା ରାଜୁ, ପ୍ରତାପ ଚନ୍ଦ୍ର ପ୍ରଧାନ ମାନବ ଅଧିକାର ବିକାଶ ମଞ୍ଚର ଅଧ୍ୟକ୍ଷ ଅବନୀ ଗୟା, ଶ୍ୟାମ ସୁନ୍ଦର ଖାଡଙ୍ଗା, ଫ୍ରେଣ୍ଡ ହେଲଫିଂ କ୍ଲବର କେ. ନାଗେଶ୍ୱର ରାଓ, କେ. ଶାରଦା ସେନାପତି, ଏସ. ହାରିକାଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ ।



## ବାଇକ ଚୋରି ମାମଲାରେ ଜଣେ ଗିରଫ

ବ୍ରହ୍ମପୁର,୨୬ ।୧୦(ସମିସ): ଗୋପାଳପୁର ଥାନା ପୁଲିସ ବାଇକ ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ସ୍ଥାନୀୟ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୃଷ୍ଣନଗର ଅଂଚଳର ଏନ. ପ୍ରସାଦ ପାତ୍ର । ଡୁରା ଗ୍ରାମର ବ୍ୟାଙ୍କ କୋଲାନୀ ନିବାସୀ ସୁଧାଂଶୁ ସେଠୀ ବାଇକ୍ ଶୁକ୍ରବାର ରାତିରେ ଘର ବାରଣ୍ଡାରୁ ଚୋରି ହୋଇଥିବା ସେ ଗୋପାଳପୁର ଥାନାରେ ଏତଲା ଦେଇଥିଲେ । ପୁଲିସ କୌଣସି ସୂତ୍ରରୁ ଖବର ପାଇ ଲାଞ୍ଜିପଲ୍ଲୀ ଅଞ୍ଚଳରୁ ଅଭିଯୁକ୍ତ ବାଇକ ଚଲାଇ ଯାଉଥିବା ବେଳେ ଜବତ କରିବା ସହ ଗିରଫ ପ୍ରସାଦଙ୍କୁ କୋର୍ଟ ଚାଲାଣ କରିଛି ।

## କଲେଜ ଛାତ୍ରୀଙ୍କୁ ଅପହରଣ; ଯୁବକ ଗିରଫ

ବ୍ରହ୍ମପୁର,୨୬ ।୧୦(ସମିସ): ଗାନ୍ଧୀନଗର ସ୍ଥିତ ଏକ କଲେଜ ସମ୍ମୁଖରୁ ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ଟାଉନ୍ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ଖଲ୍ଲିକୋଟ ନିକଟ ମୋହନପୁରର ଜୀବନ ପଣ୍ଡା(୨୪) । ସମ୍ପୃକ୍ତ ଛାତ୍ରୀ ଜଣଙ୍କ କଲେଜ ଆସି ଘରକୁ ଫେରିନଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି ପରେ ତାଙ୍କ ପତ୍ତା ନମିଳିବାରୁ ଟାଉନ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ନାବାଳିକା ଜଣଙ୍କ ଖଲ୍ଲିକୋଟ ରେଳ ଷ୍ଟେସନରେ ଥିବା ଜାଣିବା ପରେ ପୁଲିସ ଟିମ ଯାଇ ଉଦ୍ଧାର କରିବା ସହ ତାଙ୍କ ଅପହରଣ କରି ନେଇଥିବା ଅଭିଯୁକ୍ତ ଜୀବନଙ୍କୁ କାବୁ କରିଥିଲା । ପୁଲିସ ଉଭୟଙ୍କ ଡାକ୍ତରୀମାଇନା କରିଥିବା ବେଳେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି । ଆଜି ଅଭିଯୁକ୍ତ ଜୀବନକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି ।

## ୱାରେଣ୍ଟ ବଳରେ ଯୁବକ ଗିରଫ

ଦିଗପହଣ୍ଡି,୨୬ ।୧୦(ସମିସ): ଦିଗପହଣ୍ଡି ପୁଲିସ ରବିବାର ବି. ତୁରୁବୁଡ଼ି ଗ୍ରାମର ଶୁଭମ୍ ସାହୁଙ୍କୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟଚାଲାଣ କରିଛନ୍ତି । ନିର୍ଦ୍ଧାରିତ ତାରିଖରେ ଦିଗପହଣ୍ଡି କୋର୍ଟରେ ହାଜର ନହେବା କାରଣରୁ ମାଜିଷ୍ଟ୍ରେଟ ଜିଆର କେସ ନଂ.୧୨୧/୨୫ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ ।

## ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରୁ ଚୋରି

ପୋଲସରା,୨୬ ।୧୦(ସମିସ): ପୋଲସରା ଥାନା ଅନ୍ତର୍ଗତ ଚିରିକିପଡାଶାସନ ପଞ୍ଚାୟତ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରୁ ଚୋରି ହୋଇଥିବା ନେଇ ସରପଞ୍ଚ ଭଗବାନ ସାହୁ ପୋଲସରା ଥାନାରେ ଏତଲା ଛନ୍ତି । ଗ୍ରାମର ବହୁ ଦୂରରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଥିବାବେଳେ ଆଜି ସକାଳୁ ମୁଖ୍ୟ ଫାଟକ ତାଲା ଭାଙ୍ଗିଥିବା କିଛି ଗ୍ରାମବାସୀ ଦେଖି ସରପଞ୍ଚଙ୍କୁ ଜଣାଇଥିଲେ । ସେ ପହଞ୍ଚି ଏଠାରେ ରଖାଯାଇଥିବା ୧୦ଟି ଟିଣ, ଗୋଟିଏ ଶାବଳ, କାତି, କୋଡ଼ି ଏବଂ କିଛି ଲୁହା ଛଡ଼ ଚୋରି ହୋଇଥିବା ଦେଖି ଥାନାରେ ଏତଲା ଦେଇଛନ୍ତି ।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଭଞ୍ଜନଗର,୨୬ ।୧୦(ସମିସ): ସିଲ୍କ ସିଟି ସର୍ଜନ୍ସ କ୍ଲବ ବ୍ରହ୍ମପୁର, ଭାରତୀୟ ଚିକିତ୍ସକ ସଂଘ ବ୍ରହ୍ମପୁର ଶାଖା ଏବଂ ଭାରତୀୟ ଶଲ୍ୟ ଚିକିତ୍ସକ ସଂଘ ବ୍ରହ୍ମପୁର ଶାଖାର ମିଳିତ ସହଯୋଗରେ ଭଞ୍ଜନଗର ମେଡିକାଲରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା । ଶିବିରକୁ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉଦ୍‌ଘାଟନ କରିଥିଲେ । ଭଞ୍ଜନଗର ମେଡିକାଲ ଅଧୀକ୍ଷକ ଡାକ୍ତର ସୀତାଂଶୁ ଶେଖର ଶତପଥୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ସର୍ଜରୀ ପ୍ରଫେସର ଡାକ୍ତର ଚରଣ ପଣ୍ଡା, ୟୁରୋଲୋଜି ବିଶେଷଜ୍ଞ ଡକ୍ଟର କମଳାକାନ୍ତ ପାଣିଗ୍ରାହୀ, ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡକ୍ଟର ପ୍ରସନ୍ନ କର, ଏମ୍‌କେସିଜି ମେଡିକାଲ କଲେଜ ବ୍ରହ୍ମପୁର ସର୍ଜରୀ ପ୍ରଫେସର ଡାକ୍ତର ଆଇ ଗୋପାଳ, ମେଡିକାଲ କଲେଜର ସର୍ଜରୀ ବିଶେଷଜ୍ଞ ଡକ୍ଟର ପ୍ରଭାତ ପାଣିଗ୍ରାହୀ, ଏମକେସିଜି ମେଡିକାଲ କଲେଜ ବ୍ରହ୍ମପୁର ସର୍ଜରୀ ପ୍ରଫେସର ଡାକ୍ତର ମନୋଜ ସେଠୀ, ଅବସରପ୍ରାପ୍ତ ସିଡିଏମ୍‌ଓ, ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଡାକ୍ତର ସରୋଜ ମିଶ୍ର ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଭଞ୍ଜନଗର ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ ।

## ମୁକ୍ତ ଆକାଶ ପକ୍ଷରୁ ନୂତନ କର୍ମକର୍ତ୍ତା ନିର୍ବାଚିତ

ବ୍ରହ୍ମପୁର,୨୬ ।୧୦(ସମିସ): ପୁରୁଣା ବ୍ରହ୍ମପୁର କରଣ ସାହି ସ୍ଥିତ ୱାର୍ଡ କର୍ପୋରେଟର କାର୍ଯ୍ୟାଳୟରେ ମୁକ୍ତ ଆକାଶ ଦିବ୍ୟାଙ୍ଗ ସଂଗଠନର ସଭାପତି ନିରଞ୍ଜନ ବାଡ଼ତ୍ୟାଙ୍କ ଅଧ୍ୟକ୍ଷତାରେ ସାଧାରଣ ପରିଷଦର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁକ୍ତ ଆକାଶର ନୂତନ କର୍ମକର୍ତ୍ତା ନିର୍ବାଚିତ କରାଯାଇଥିଲା । ସର୍ବସମ୍ମତି କ୍ରମେ ସଭାପତି ଭାବେ ବୁଦ୍ଧିନାଥ ରେଡ୍ଡକୀ, ଉପ ସଭାପତି ସଂଯୁକ୍ତ ଦାଶ, ସମ୍ପାଦକ କାହ୍ନା ମହାପାତ୍ର ସହ ସମ୍ପାଦକ ଇମ୍ରାନ ଖାନ, କୋଷାଧ୍ୟକ୍ଷ ନରସିଂହ ଗୌଡ଼, କାର୍ଯ୍ୟକାରୀ ସଦସ୍ୟ ଇନ୍ଦିରା ବାଡ଼ତ୍ୟା, ସନ୍ତୋଷିନୀ ସାହୁ, ରଞ୍ଜିତ ରାଉଳ ଓ ସୁରୋଜ ମହାପାତ୍ର ନିର୍ବାଚିତ ହୋଇଥିଲେ । ସଂଘ ପକ୍ଷରୁ ନୂତନ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ କର୍ପୋରେଟର ଚିତ୍ରସେନ ମହାପାତ୍ର ସଂଘ ଉପଦେଷ୍ଟା ଭାବେ ଯୋଗ ଦେଇଥିବା ବେଳେ ବିଶ୍ୱନାଥ ପଟ୍ଟନାୟକ ପ୍ରଭାତ କିରଣ ଷଡ଼ଙ୍ଗୀ ପର୍ଯ୍ୟବେକ୍ଷକ ଭାବେ ଚୟନ ହୋଇଥିଲେ । ଗଞ୍ଜାମ ଜିଲ୍ଲା ଭିନ୍ନକ୍ଷମ ନେତା କେ. ମଣିବାବୁ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇ ନିର୍ବାଚନ ପରିଚାଳନା କରିଥିଲେ ।

■ ସରକାରୀ ଜମିକୁ ନେଇ ଦୁଇ ଗ୍ରାମବାସୀ ମୁହାଁମୁହିଁ ଘଟଣା

## ୧୬୩ ବିଏନଏସ୍‌ଏସ୍ ଜାରି କଲା ପ୍ରଶାସନ

ସାନଖେମୁଣ୍ଡି,୨୬ ।୧୦(ସମିସ): ସାନଖେମୁଣ୍ଡି ତହସିଲ ଅଧିନସ୍ଥ ପାଟପୁର ଥାନା ସାମନ୍ତରାପୁର ଓ ବଡାଗଡ ଗ୍ରାମବାସୀ ସରକାରୀ ଜମିକୁ ନେଇ ମୁହାଁମୁହିଁ ହୋଇଛନ୍ତି । ସାମନ୍ତରାପୁର ଗ୍ରାମରେ ଆଜକୁ ବହୁ ବର୍ଷ ଧରି ନିଜ ଗ୍ରାମ ମୌଜାରେ ୨୫ ଏକର ସରକାରୀ ଜମି ରହିଥିଲେ ମଧ୍ୟ ସେହି ଜମିକୁ ନେଇ ଉଭୟ ଗ୍ରାମ ମଧ୍ୟରେ ତିକ୍ତତା ଲାଗି ରହିଛି । ଗୋଟିଏ ଗ୍ରାମବାସୀ ଧାନ ଚାଷ କରିଥିବାବେଳେ ଅନ୍ୟ ଗ୍ରାମବାସୀ ଗୋରୁ ଛାଡ଼ି ଦେଇଥିଲେ ଫଳରେ ଏନେଇ ଉଭୟ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ । ଆଇନକୁ ହାତକୁ ନ ନେଇ ବିବାଦୀୟ ଜମିକୁ ନ ଯିବାକୁ କହିଥିଲେ ପ୍ରଶାସନିକ ଅଧିକାରୀ । ଅପରପକ୍ଷେ ବିବାଦୀୟ ଜମିରେ ରବିବାର ପ୍ରଶାସନ ପକ୍ଷରୁ ୧୬୩ ବିଏନ୍‌ଏସ୍ ଲାଗୁ କରାଯାଇଛି ।

## ଲବଣ ଚାଷ ଜମିକୁ ପୁନଃ କାର୍ଯ୍ୟକ୍ଷମ ପାଇଁ ବୈଠକ



ଗଞ୍ଜାମ,୨୬ ।୧୦(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ବଟେଶ୍ୱର ପୀଠରେ ହୁମ୍ମା ଅଞ୍ଚଳର ଲବଣ ଶ୍ରମିକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବନ୍ଦ ରହିଥିବା ଲୁଣ ଚାଷ ଜମିକୁ ପୁଣି କାର୍ଯ୍ୟକ୍ଷମ କରିବା ଏବଂ ଲୁଣ ଉତ୍ପାଦନ ପାଇଁ ଚାଷୀଙ୍କୁ ଦେବା । ଲୁଣ ଜମିରେ କୌଣସି କମ୍ପାନୀ କରିବାକୁ ଦିଆଯିବ ନାହିଁ ବୋଲି ବୈଠକରେ ମତ ପ୍ରକାଶ କରିଥିଲେ । ପରବର୍ତ୍ତୀ ବୈଠକ କରାଯାଇ କାର୍ଯ୍ୟପନ୍ଥା ଗ୍ରହଣ କରିଯିବା ନେଇ ନିଷ୍ପତ୍ତି ହୋଇଥିଲା । ବୈଠକରେ ନୀଳାଦ୍ରିପୁର, କଣ୍ଟିଆଗଡ଼, ଖଟୁଆକୁଦା, ମୟୁରପଦା, ଗୋଖରକୁଦା, ଲକ୍ଷ୍ମୀପୁର, ହୁମ୍ମା, ଲବଣ ଚାଷୀମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ରେଡି, ଶିବରାମ ରେଡି, ମୁକୁନ୍ଦ ରେଡି, ହରି ରେଡି, ସୁରେନ୍ଦ୍ର ସାହୁ, ତ୍ରିଲୋଚନ ପ୍ରଧାନ, ଭିକାରି ଛଟେଇ, ପବିତ୍ର ସ୍ୱାଇଁ, ରଞ୍ଜିତ ପଲାଇ, କାଶୀନାଥ ପଲାଇ, ବୃନ୍ଦାବନ ପ୍ରଧାନ, ବିପ୍ର ସାହୁ, ସୁର ସାହୁ, ଗଙ୍ଗାଧର ରେଡି, ଦିବାକର ରେଡି ସମେତ ଅନ୍ୟ ମାନେ ଯୋଗ ଦେଇଥିଲେ ।

## 'ଜନନୀ ଏକ୍ସପ୍ରେସ'ରୁ ଗର୍ଭବତୀ ଉଭାନ ଘଟଣାର ତଦନ୍ତ ଆରମ୍ଭ

ବ୍ରହ୍ମପୁର,୨୬ ।୧୦(ସମିସ): ଏମକେସିଜି ମେଡ଼ିକାଲକୁ 'ଜନନୀ ଏକ୍ସପ୍ରେସ'ରେ ଆସିଥିବା ଗର୍ଭବତୀ ମହିଳା ମେଡିକାଲ ଗେଟ୍ ସମ୍ମୁଖରୁ ଉଭାନ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଶନିବାର ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇଛି । ଏନେଇ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉଛି । କାହିଁକି ଓ କେଉଁ ପରିସ୍ଥିତିରେ 'ଜନନୀ ଏକ୍ସପ୍ରେସ' ଆମ୍ବୁଲାନ୍ସ ଡ୍ରାଇଭର ରୋଗୀଙ୍କୁ ମେଡିକାଲ ଗେଟ୍ ସମ୍ମୁଖରେ ଓହ୍ଲାଇଥିଲେ ସେନେଇ ପଚରାଉଚରା ଜାରି ରହିଥିବା ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ବର୍ତ୍ତମାନ ଗର୍ଭବତୀ ମହିଳା ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା କ'ଣ ରହିଛି । ଏବଂ ସେ ଯେଉଁ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ସେ ନେଇ ମଧ୍ୟ ପ୍ରଶାସନ ପକ୍ଷରୁ ତନାଘନା ଆରମ୍ଭ ହୋଇଛି ।

ସୂଚନାଯୋଗ୍ୟ ଯେ, କୋଦଳା ବ୍ଲକ ଅନ୍ତର୍ଗତ ରହାଡ଼ା ଗ୍ରାମର ସୁନୀତା କୁମାରୀ ନାହକ(୨୩) ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଡାକ୍ତର ତାଙ୍କୁ ଏମକେସିଜି ମେଡ଼ିକାଲ୍ ରେଫର କରିଥିଲେ । କିନ୍ତୁ ସେଠାରେ ଆମ୍ବୁଲାନ୍ସ ନଥିବାରୁ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜନନୀ ଏକ୍ସପ୍ରେସ(ଓଡି୦୨ଡିଏ ୮୫୮୯)ରେ ଏମକେସିଜି ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ସମ୍ପୃକ୍ତ ଚାଳକ ଏମ୍‌କେସିଜି ମେଡ଼ିକାଲ୍ ଗେଟ୍ ସମ୍ମୁଖରେ ଓହ୍ଲାଇ ଦେଇ ପଳାଇଥିଲା ।

## ବିଜେଡି ବ୍ଲକ ସଭାପତିଙ୍କ ଦ୍ୱାଦଶାହରେ ସ୍ମୃତିସଭା



ଦିଗପହଣ୍ଡି,୨୬।୧୦(ସମିସ): ଦିଗପହଣ୍ଡି ବ୍ଲକ ବିଜେଡି ସଭାପତି ତଥା ନିମଖଣ୍ଡି ପେଣ୍ଠ ପଞ୍ଚାୟତର ପୂର୍ବତନ ସରପଞ୍ଚ ଏବଂ ସମିତିସଭ୍ୟ ରହିଥିବା ବିଭୂତି ଭୂଷଣ ମହାପାତ୍ରଙ୍କ ଶନିବାର ଦ୍ୱାଦଶାହ ଅବସରରେ ଏକ ସ୍ମୃତିସଭା ପନାଡ଼ ଗ୍ରାମ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିସଭା ପ୍ରାରମ୍ଭରେ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା ପରେ ବିଭୂତିଙ୍କ ବଡ଼ଭାଇ ବିରଜା ମହାପାତ୍ର, ଇଂ. ରଜନୀକାନ୍ତ ମହାପାତ୍ର, ହୃଷୀକେଶ ମହାପାତ୍ର, ତ୍ରିଲୋଚନ ମହାପାତ୍ର, ଦିବାକର ମହାପାତ୍ର, ଝିଅ ଶୁଭାଙ୍ଗି ମହାପାତ୍ର, ପୁତୁରା ଆଶିଷ କୁମାର ମହାପାତ୍ର, ବିସ୍ମୟ ମହାପାତ୍ର ପ୍ରଥମେ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପରେ ବିଜେଡ଼ି ରାଜ୍ୟ ପରିଷଦ ସଦସ୍ୟ ବିପ୍ଳବ ପାତ୍ର, ଯୋଗୀ ଦେବଦତ୍ତ ମହାରାଜ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ସରପଞ୍ଚ ରଞ୍ଜନ କୁମାର ସାହୁ, ସରପଞ୍ଚ ସଂଘ ବ୍ଲକ ସଭାପତି ଫନେନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଏମ୍‌ପି ପ୍ରତିନିଧି ହରିବନ୍ଧୁ ରେଡ୍ଡୀ, ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥ, ପୂର୍ବତନ ଏନଏସି ଅଧ୍ୟକ୍ଷ ଭି.ରବି ନାରାୟଣ ରାଜୁ ପ୍ରମୁଖ ତାଙ୍କ ଅବିସ୍ମରଣୀୟ ଅବଦାନ ଏବଂ ସାଙ୍ଗଠନିକ ଦକ୍ଷତା ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ ।

## ବିଶ୍ୱକର୍ମା ସମାଜର ଦୁଇଦିନିଆ ମହାସଭା



ଛତ୍ରପୁର,୨୬ ।୧୦(ସମିସ): ଦକ୍ଷିଣ ଓଡ଼ିଶା ବିଶ୍ୱକର୍ମା ସମାଜ (ବଢ଼େଇ କୂଳ)ର ପୁରୁଷୋତ୍ତମ ବଂଶୀୟ ଦୁଇ ଦିନିଆ ମହାସଭା ମା'ରାମଚଣ୍ଡୀଙ୍କ ପୀଠରେ ଉଦ୍‌ଯାପିତ ହୋଇଯାଇଛି । ବରିଷ୍ଠ ସଦସ୍ୟ ରଘୁନାଥ ମହାରଣାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ମହାସଭାରେ ବଂଶର ଉନ୍ନତି ଏବଂ ବିକାଶ ନିମନ୍ତେ ଆଲୋଚନା ହୋଇଥିଲା । ଆଗାମୀ ୫ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ଯୋଗେନ୍ଦ୍ର ମହାରଣା, କାର୍ଯ୍ୟକାରୀ ସଭାପତି ଭାବେ ଗୋପାଳ ମହାରଣା, ପ୍ରଫୁଲ୍ଲ ମହାରଣା, ସନ୍ତୋଷ ମହାରଣା ଓ ସୁଦର୍ଶନ ମହାରଣାଙ୍କୁ ଚୟନ କରାଯାଇଛି । ମୁଖ୍ୟ ଉପଦେଷ୍ଟା ଭାବେ ବିନାୟକ ମହାରଣା, ସନ୍ତୋଷ ମହାରଣା ଓ ରାମ ମହାରଣାଙ୍କୁ ଚୟନ କରାଯାଇଛି । ସେହିପରି ସମ୍ପାଦକ ଭାବେ ପୀତାମ୍ବର ମହାରଣା, ଉପସଭାପତି ଭାବେ ସନ୍ତୋଷ ମହାରଣାୟ(ଭାଟକୁମରଡ଼ା), ସଂଗଠନ ସମ୍ପାଦକ ଭାବେ ବାବୁଲା ମହାରଣା ଏବଂ କୋଷାଧ୍ୟକ୍ଷ ଭାବେ ମୁନା ମହାରଣାଙ୍କୁ ଚୟନ କରାଯାଇଛି । ଶେଷରେ ନବ ନିର୍ବାଚିତ କର୍ମକର୍ତ୍ତାମାନେ ନିଜ ନିଜ ଦାୟିତ୍ୱ ଗ୍ରହଣ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇ ସହଯୋଗ କାମନା କରିଥିଲେ ।

## ପଞ୍ଚୁଦଣ୍ଡ ମିଳନ ନେଇ ପ୍ରସ୍ତୁତି ବୈଠକ

ସୋରଡ଼ା,୨୬ ।୧୦(ସମିସ): ଆଗକୁ ଆସୁଥିବା ପବିତ୍ର ଦଣ୍ଡଯାତ୍ରା ସମୟରେ ପଞ୍ଚୁଦଣ୍ଡ ମିଳନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଗ୍ରୀଷ୍ମ ଦିନ ପାଇଁ ବହୁ ଦିନର ଅପେକ୍ଷା ପରେ ସୋରଡା ବଡ଼ଦାଣ୍ଡରେ ଗଞ୍ଜାମ ଜିଲ୍ଲାର ନାମୀଦାମୀ ପାଞ୍ଚଟି ଧୂଳି ଦଣ୍ଡ ଓ ଅପେରା ସଂଯୁକ୍ତ ଦଳକୁ ନେଇ ଏହି ମେଳଣ କରିବା ନେଇ ଆଜିର ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନେଇଛନ୍ତି । ଏଣୁ ଆଜି ସ୍ଥାନୀୟ ବଡ଼ପୁଞ୍ଜା କାଳୀ ମନ୍ଦିର ପରିସରରେ ଉକ୍ତ ଯାତ୍ରା ଉଦ୍ଦେଶ୍ୟରେ ଏକ ପରିଚାଳନା ସଦସ୍ୟଙ୍କ ତାଲିକା ସହିତ କମିଟି ଗଠନ କରାଯାଇଛି । କମିଟିର ସଭାପତି ନିଳାଞ୍ଚଳ ମଲ୍ଲିକ ରହିଥିବା ବେଳେ ସମ୍ପାଦକ ରଜନୀ କାନ୍ତ ମହାପାତ୍ର ଓ କୋଷାଧ୍ୟକ୍ଷ ପ୍ରମୋଦ ଅଧିକାରୀଙ୍କୁ ଦାୟିତ୍ୱ ସମ୍ପାଦନ ନେଇ ନିଷ୍ପତ୍ତି ନିଆଯାଇଛି । ବୈଠକରେ ବିଭିନ୍ନ ଅନୁଷ୍ଠାନ ଓ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହଯୋଗ କରିବେ ବୋଲି ଜଣାପଡ଼ିଛି ।

# ବୃଦ୍ଧାଶ୍ରମର ଭିତ୍ତିପ୍ରସ୍ତର ସ୍ଥାପନ



ଛତ୍ରପୁର,୨୬ ।୧୦(ସମସ): ଛତ୍ରପୁରର ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ସମାଜସେବୀ ତଥା ୧୦ନଂ. ୱାର୍ଡ କାଉନସିଲର ଦେବାଶିଷ ମିଶ୍ର ଛତ୍ରପୁର ନିକଟସ୍ଥ ବ୍ରାହ୍ମଣିଆପଲ୍ଲୀ ଗ୍ରାମରେ ଏକ ବୃଦ୍ଧାଶ୍ରମ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହାକୁ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜୀତ ସାହୁ, ଭିକାରିପଲ୍ଲୀ ସରପଞ୍ଚ ମମତା ସୁବୁଦ୍ଧି, ସମିତି ସଭ୍ୟା ଏନ୍. କାନ୍ତାମ୍ମା ପାତ୍ର ଅତିଥି ଭାବେ ଯୋଗଦେଇ ଶୁଭ ଦେଇଥିଲେ ।

ଟ୍ରଷ୍ଟର ଉପଦେଷ୍ଟା ଡ଼ଃ ପ୍ରଶାନ୍ତ କୁମାର ଶତପଥି, ସମ୍ପାଦିକା ଝିଲିବାଳା ରାଉତ, ଯୁଗ୍ମ ସମ୍ପାଦିକା ଗୀତାଞ୍ଜଳି ସାହୁ, ଅଟଳ ବିହାରୀ ପଟ୍ଟନାୟକ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ସାଂସଦ ପ୍ରତିନିଧି ରୁଇନା ପଟ୍ଟନାୟକ ଓ ଆର. ସନ୍ତୋଷ ରେଡ୍ଡୀ, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀ, ଏନ୍‌ଏସି ଉପାଧ୍ୟକ୍ଷ ଜି. ପାପାରାଓ, ଛତ୍ରପୁର ଏନଏସିର କାଉନସିଲର ବି. ନିଶ୍ଚଳା ସ୍ୱାମୀ, ଡି. ଇନ୍ଦୁ, ସନ୍ତୋଷୀ ସେଠି ଓ ମମତା ପାତ୍ର, ପୂର୍ବତନ ସମିତି ସଭ୍ୟ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ, ମଥୁରା ଚରଣ ସୁବୁଦ୍ଧି, ଏନ୍ ମୁନା ପାତ୍ର, ବି. ଲିଙ୍ଗରାଜ ପାତ୍ର, ସୋମନାଥ ପାତ୍ର, ସୁବ୍ରତ ପଢିଆରୀ, ଶିକ୍ଷକ ନେତା ରବି ନାରାୟଣ ବେହେରା, ଯଶୋଦା ଫାଉଣ୍ଡେସନର ସାଗରିକା ପଣ୍ଡା, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ସିଏଚ୍ ଜନାର୍ଦ୍ଦନ ରେଡ୍ଡୀ, ଏନ୍. ଗିରିଜା ପ୍ରସାଦ ରେଡ୍ଡୀ, ନୀଳ କଣ୍ଠ ଦାଶ ଓ ପୂର୍ବତନ କାଉନସିଲର ବି. ରାଜୁବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

ହୋଲସେଲ୍ ଦୋକାନରେ ଯୋଗାଣ ବିଭାଗର ଷ୍ଟକ୍ ଯାଞ୍ଚ

# ବାତ୍ୟାରେ କଳାବଜାରୀ କଲେ କାର୍ଯ୍ୟାନୁଷ୍ଠାନ

ବ୍ରହ୍ମପୁର,୨୬ ।୧୦(ସମିସ):

ବାତ୍ୟା 'ମନ୍ଥା' ଦକ୍ଷିଣ ଓଡ଼ିଶାରେ ବିଶେଷ ପ୍ରଭାବ ପକାଇବ ବୋଲି ପୂର୍ବାନୁମାନ କରାଯାଉଛି । ଏହାର ପ୍ରଭାବ ଦୈନିକ ବଜାର ଉପରେ ପଡ଼ିଛି । ଲୋକେ ଆବଶ୍ୟକଠାରୁ ଅଧିକା ବିଭିନ୍ନ ଖାଦ୍ୟ ସାମଗ୍ରୀ କ୍ରୟ କରି ମହଜୁଦ ରଖିବାକୁ ଲୋକେ ଚେଷ୍ଟା କରନ୍ତି । ଫଳରେ ବଜାରରେ ହଠାତ୍ ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ସହ କଳାବଜାରୀ ସୃଷ୍ଟି ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଯୋଗାଣ ବିଭାଗ ବରିଷ୍ଠ ଅଧିକାରୀମାନେ ରବିବାର ବିଭିନ୍ନ ହୋଲସେଲ୍ ଦୋକାନକୁ ଯାଇ ଷ୍ଟକ୍ ଯାଞ୍ଚ କରିଛନ୍ତି । ସାମଗ୍ରୀ ଦର ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଇଛନ୍ତି । ଏହାସହ କିପରି କଳାବଜାରୀ ସୃଷ୍ଟି ନ ହେବ ସେନେଇ

**ଆଳୁ ୧୩୫୦, ପିଆଜ ୯୫୦, ଚୁଡ଼ା ୧୨୨ ଓ ଗୁଡ଼ ୧୭୬ କ୍ୱିଣ୍ଟାଲ ଗଚ୍ଛିତ**

ବ୍ୟବସାୟୀଙ୍କୁ ସଚେତନ କରିଛନ୍ତି । ଯେକୌଣସି ବ୍ୟବସାୟୀ କଳାବଜାରୀ କାର୍ଯ୍ୟରେ ଲିପ୍ତ ହୋଇଥିବା ଜଣାପଡ଼େ ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ବର୍ତ୍ତମାନ ବଜାରରେ ଆଳୁ ୧୩୫୦କ୍ୱିଣ୍ଟାଲ ଗଚ୍ଛିତ ଥିବା ବେଳେ ପ୍ରତି କ୍ୱିଣ୍ଟାଲ ପିଛା ଦର ୧୫୫୦ରୁ ୧୫୮୦ଟଙ୍କା ରହିଛି । ସେହିପରି ବଜାରରେ ଆଳୁ ଖୁଚୁରା ଦର କିଲୋ ପିଛା ୨୦ରୁ ୨୨ଟଙ୍କା ରହିଛି । ସେହିପରି ପିଆଜ ୯୫୦ କ୍ୱିଣ୍ଟାଲ ଗଚ୍ଛିତ ରହିଛି । ତେବେ ପିଆଜ କ୍ୱିଣ୍ଟାଲ ପିଛା ଦର ୧୦୦୦ରୁ ୧୭୦୦ଟଙ୍କା ରହିଥିବା ବେଳେ ଖୁଚୁରା ଦର ୧୬ରୁ ୨୨ଟଙ୍କା ରହିଛି । ସେହିପରି ଚୁଡା ୧୨୨ କ୍ୱିଣ୍ଟାଲ ରହିଥିବା ବେଳେ ଗୁଡ଼ ୧୭୬କ୍ୱିଣ୍ଟାଲ ଭଳି ବିଭିନ୍ନ ଖାଦ୍ୟ ସାମଗ୍ରୀ ଗଚ୍ଛିତ ରହିଛି । ସମ୍ପ୍ରତି ବ୍ରହ୍ମପୁର ବଜାରରେ ବେଶ କିଛି ସାମଗ୍ରୀ ଗଚ୍ଛିତ ରହିଥିବା ମାର୍କେଟିଂ ଇଣ୍ଟିଲିଜେନ୍ସ ଇନ୍ସପେକ୍ଟର ରଞ୍ଜନ ସେଠୀ କହିଛନ୍ତି ।

C-1314

Estd. 1974

OFFICE OF THE MUNICIPAL COUNCIL, ANANDAPUR
email:-executiveofficer_andp@rediffmail.com
Phone No:- 06731-24088

E-PROCUREMENT NOTICE
Notice No- 3817, Dt- 17.10.2025
Bid Reference No:- AM-ANDP-03/2025-26

INVITATION FOR BID

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: **92** Nos
2. Place of Execution: Anandapur Municipality
3. Estimated Cost of Individual Work: **Rs. 3,02,567.06 to Rs. 16,94,802.00**
4. Eligible Class of Contractors: Registered Contractors of **Class- 'D', 'C'** work mentioned in the tender call notice.
5. Intending bidders have to participate through "**On-Line**" bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 P.M on 30.10.2025 to 5.00 P.M on 13.11.2025** for online bidding.
7. Bids received online will be opened at **11.00 A .M on 14.11.2025**
8. The bidder must possess valid and compatible **Digital Signature Certificate** (DSC).
9. The DTCN for **92** Nos. of work shall be available in the e-procurement portal www.tendersodisha.gov.in for on-line bidding.

Executive Officer,
Anandapur Municipality

OIPR-13049/11/0018/2526

■ ଶଶୁର ଘରକୁ ଆସି ଯୁବକ ନିଖୋଜ

# ମୃତଦେହ କେନାଲରୁ ଉଦ୍ଧାର

ଧର୍ମଶାଳା,୨୬।୧୦(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ କାଏମା ଅରଖପଦା ନିକଟରେ ଥିବା ୧୪ ନମ୍ବର କେନାଲରୁ ପୁଲିସ ଆଜି ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି। ମୃତକ ଜଣଙ୍କ କୁଆଖିଆ ଥାନା ଅନ୍ତର୍ଗତ ଜାବରା ଗ୍ରାମର ସୁଦର୍ଶନ ବାରିକଙ୍କ ପୁଅ ସୁନାକର ବାରିକ (୪୫) ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଧର୍ମଶାଳା ଥାନା ଅନ୍ତର୍ଗତ ଚୋରମୁହାଁ ଗ୍ରାମସ୍ଥିତ ଶଶୁର ଘରକୁ ସୁନାକର ଗତକାଲି ନିଜ ପରିବାର ସହ ଆସିଥିଲେ। ମଧ୍ୟାହ୍ନ ଭୋଜନ କରି ଅପରାହ୍ନ ସମୟରେ ତାଙ୍କ ପୁଅର ଔଷଧ ଆଣିବା ପାଇଁ ମିର୍ଜାପୁର ଯାଉଥିବା କହି ଗତକାଲି ଅପରାହ୍ନରେ ଶଶୁର ଘରୁ ବାଇକ୍‌ରେ ଯାଇଥିଲେ। ହେଲେ ରାତିରେ ସେ ଆଉ ନ ଫେରିବାରୁ ଶଶୁରଘର ଲୋକେ ତାଙ୍କୁ ଫୋନ କରିବାରୁ ମୋବାଇଲ ବନ୍ଦଥିବା ଜଣାପଡିଥିଲା। ପରେ ଶଶୁରଘର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କର କୌଣସି ଖୋଜଖବର ପାଇନଥିଲେ। ହେଲେ ଆଜି ସକାଳୁ କେନାଲରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ବେଳେ ସେଠାରେ ଏକ ବାଇକ୍ ମଧ୍ୟ ପାଣିରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଜଣାଇଥିଲେ। ଖବର ପାଇ ଶଶୁରଘର ଲୋକେ ସେଠାରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିବା ସହ ତାଙ୍କ ଘରକୁ ଜଣାଇଥିଲେ। ବାଇକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା ଥାନାରେ ଲିଖିତ ଭାବେ ଜଣାଇଥିଲେ। ଏନେଇ ପୁଲିସ ୬୭୦/୨୫ରେ ଏକ ମାମଲା ରୁଜୁ କରି ମୃତଦେହକୁ ପାଣିରୁ ଉଦ୍ଧାର କରିବା ସହ ବାଇକ୍‌କୁ ଉଦ୍ଧାର କରିଛି। ପୁଲିସ ଆଜି ମୃତଦେହକୁ ଧର୍ମଶାଳା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଗତକାଲି ରାତିରେ ସେ ମିର୍ଜାପୁର ଅଞ୍ଚଳରୁ ଘରକୁ ଫେରୁଥିବା ବେଳେ କୌଣସି କାରଣ ବସତ ବାଇକ୍‌ରେ ଭାରସାମ୍ୟ ହରାଇ କେନାଲ ଭିତରକୁ ପଶିଯାଇ ମୃତ୍ୟୁମୁଖରେ ପଡିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ତେବେ ଏନେଇ ଧର୍ମଶାଳା ପୁଲିସ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥିବା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

# ଓଷ୍ଟାର ନୂତନ ଶିକ୍ଷାନୀତି କର୍ମଶାଳା



ଯାଜପୁର,୨୬।୧୦(ସମିସ): ଯାଜପୁର ଜିଲ୍ଲା ଓଷ୍ଟାର ନୂତନ ଶିକ୍ଷାନୀତି ସଂପର୍କୀୟ କର୍ମଶାଳା ଜିଲ୍ଲା ସ୍କୁଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଆନୁକୂଲ୍ୟରେ ସଂଘର ସଭାପତି ସୁନନ୍ଦ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ସାଂପ୍ରତିକ ନୂତନ ଶିକ୍ଷାନୀତି ସଂପର୍କୀୟ କର୍ମଶାଳା ଓ ସର୍କଲ କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଧର୍ମଶାଳା ବ୍ଲକ ସଂପାଦକ ସଂଜୟ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସଂପାଦକ ରଞ୍ଜନ କୁମାର ଦାସ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, ଶିକ୍ଷା ପ୍ରଦୀପର ସଂପାଦକ ଶଙ୍କର କୁମାର ସୁବୁଦ୍ଧି, ପ୍ରାକ୍ତନ ରାଜ୍ୟ ସାଧାରଣ ସଂପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ ବେହେରା, ରାଜ୍ୟ ସଂପାଦକ ନିର୍ମଳ କୁମାର ଜେନା ଓ ଉପଦେଷ୍ଟା ମଣ୍ଡଳର ସଦସ୍ୟ ଡ. ନୃସିଂହ ଚରଣ ବେହେରା, ଅମୂଲ୍ୟ କୁମାର ଦାସ, ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଓଷ୍ଟାର ସଂପାଦକ ପବିତ୍ର କୁମାର ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ନୂତନ କରି ଯୋଗଦାନ କରିଥିବା ଜିଲ୍ଲା ଶାରୀରିକ ନିରୀକ୍ଷକ ସବିତା ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୦ଗୋଟି ବ୍ଲକ୍‌ର ସଂପାଦକ, ସଭାପତି, ସର୍କଲ କାଉନସିଲ ସଦସ୍ୟ/ସଦସ୍ୟା ଓ ଜିଲ୍ଲା କାର୍ଯ୍ୟକାରୀ କମିଟିର ସଦସ୍ୟ/ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ପାଣିକୋଇଲି,୨୬।୧୦(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତର ଧନପୁର ଗ୍ରାମରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ବେଗନାସ୍ଥିତ କାହ୍ନୁଚରଣ ଉଚ୍ଚ ବିଦ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆଜି ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରମୋଦ ସ୍ୱାଇଁଙ୍କ ସଂଚାଳନାରେ ସଭା ଅନୁଷ୍ଠିତ ହୋଇଥିଲା। ଅବସର ନେଇଥିବା ଇଂରାଜୀ ଶିକ୍ଷକ ସରୋଜ କୁମାର ରାଉତ, ସଂସ୍କୃତ ଶିକ୍ଷୟିତ୍ରୀ ସୁଶ୍ରୀ ସ୍ନେହଲତା ପତି, ବିଜ୍ଞାନ ଶିକ୍ଷକ ଭଞ୍ଜକିଶୋର ସାହୁ, ଅକ୍ଷୟ କୁମାର ବଳ, ହିନ୍ଦୀ ଶିକ୍ଷକ ମହମ୍ମଦ ଅସରଫ ଅଲ୍ଲୀ ଖାଁ, ଖେଳ ଶିକ୍ଷକ ଅଭିମନ୍ୟୁ ନାୟକ, ଧନପୁର ବିଦ୍ୟାଳୟର ଶିକ୍ଷକ ରବି ନାରାୟଣ ଜେନା, ବିଜ୍ଞାନ ସହାୟକ ଚିନ୍ତାମଣି ସାହୁ, ଶିକ୍ଷା କର୍ମଚାରୀ ବେଣୁଧର ମଳିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଭାବେ ସମ୍ବାଦିକ ସୁବାସ ଧଳ, ପ୍ରଦୀପ ମାଝୀ, ବେଗନା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦଶରଥ ବେହେରା, ଶିକ୍ଷକ ରଞ୍ଜନ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଶାନ୍ତ କୁମାର ସାହୁ,ପ୍ରଦୀପ ସ୍ୱାଇଁ, ପ୍ରଳୟ ସାହୁ, ସତ୍ୟବ୍ରତ ମାଝୀ, ଅମୂଲ୍ୟ ବାରିକ, ପ୍ରୀୟବ୍ରତ ମଝୀ, ପ୍ରତିମ ସାହୁ, ଆଶିଷ ସାହୁ ବଳରାମ ସାହୁ, ପଞ୍ଚାନନ ବେହେରା, ରଘୁନାଥ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଶ୍ରୀଧର ସ୍ୱାଇଁ, ନିତ୍ୟାନନ୍ଦ ବାରିକ, ରବିନାୟଣ ମାଝୀ, ହୃଷିକେଶ ବୋଇତାଇ ପ୍ରମୁଖ ବିଦାୟୀ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିର୍ତ କରିଥିଲେ। ଯୁଧିଷ୍ଠିର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ଭାବ୍ୟ ବାତ୍ୟାକୁ ନେଇ ଚିନ୍ତାରେ ଚାଷୀ

# କାଟି ଆଣୁଛନ୍ତି ଅଧା ପାଚିଲା ଧାନ

କବାଟବନ୍ଧ,୨୬।୧୦(ସମିସ):

ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ଚାଷୀ। କ୍ଷେତ୍ରରେ ଧାନ ପାଚି ଆସୁଥିବା ବେଳେ ବାତ୍ୟା ସେମାନଙ୍କ ମୁହଁରୁ ହସକୁ ଛଡ଼ାଇ ନେଇଛି। ଫଳରେ ଅଧା ପାଚିଲା ଧାନକୁ କାଟି ଆଣିବାରେ ଲାଗିଛନ୍ତି ସେମାନେ। ଫସଲ ନଷ୍ଟ ଆଶଙ୍କାରେ ଅମଳ ଅନୁପଯୋଗୀ ଧାନକୁ ମଧ ବାଧ ହେଉଛନ୍ତି ଅମଳ କରିବା ପାଇଁ। ଚଳିତ ବର୍ଷ ଧର୍ମଶାଳା ବ୍ଲକରେ ପ୍ରାୟ ୧୨ ହଜାର ହେକ୍ଟରରୁ ଅଧିକ ଜମିରେ ଧାନ ଚାଷ କରାଯାଇଛି। ଏହା ଭିତରୁ ୬୦ ଦିନିଆ, ୯୦ ଦିନିଆ ଏବଂ ୧୨୦ ଦିନିଆ ଅମଳ ପାଇଁ ଧାନ ବିହନ ଲଗାଯାଇଛି। ଅନେକ ଧାନ ଅମଳ ଉପଯୋଗୀ ହୋଇଥିବା ବହୁ ପରିମାଣର ଧାନ ବର୍ତ୍ତମାନ ପର୍ଯ୍ୟନ୍ତ ଅମଳ ଉପଯୋଗୀ ହୋଇନାହିଁ। କିଛି କିଛିରେ ଏବେ ଥୋଡ଼ ବାହାରୁଛି। ଲଗାତାର ୪ ଦିନ ପର୍ଯ୍ୟନ୍ତ ଯଦି ବର୍ଷା ଲାଗି ରହେ ତେବେ ବହୁ ପରିମାଣର ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଖରା ବର୍ଷାକୁ ଖାତିର



ନକରି ଭଲ ଅମଳ କରିବା ଆଶାରେ ଅପେକ୍ଷା କରିଥିବା ଚାଷୀଙ୍କ ପାଇଁ ସମ୍ଭାବ୍ୟ ବାତ୍ୟା ମୋନ୍ଥା ଦାଉ ସାଧିବ। ଏହି ଆଶଙ୍କା ଥିବାରୁ ତାରବରିଆ ଭାବରେ କ୍ଷେତରୁ ଅଧା ପାଚିଲା ଧାନକୁ ଅମଳ କରି ଦେଉଛନ୍ତି।

ଧର୍ମଶାଳା ବ୍ଲକ ର ମର୍ଜିତାପୁର, ମଧୁସୂଦନପୁର, କବାଟବନ୍ଧ, ରାଇଛନ୍ଦା, ତାଳଜଙ୍ଗ, ରେଖିଦେଇପୁର, ଏଣ୍ଡଲବା, ଚକ୍ରଧରପୁର, ଅଞ୍ଜିରା, ସାହାଣୀଡ଼ିହ, ଜେନାପୁର, ବୃନ୍ଦାଦେଇପୁର, କମାଗଡ଼, ଅଣ୍ଟିଆ, ପୁରୁଣା ବଉଳମାଳ, ଗଡ଼ମଧୁପୁର, ମହିସରା, ସଂପାରୁ, ଥାନୁଆଳ, ପାଖର, ନେଉଳପୁର, ମଙ୍ଗଳପୁର, କୁମାରୀ, କ୍ଷେତ୍ରପାଳ, କଣ୍ଟିଗଡ଼ିଆ, କଦମପାଳ, ଜାରକା, ହରିଦାଶପୁର, ଚହଟା, ବଡ଼କାଏମା, ଅରାବଳ, ଆରୁହା ସମେତ ଅନ୍ୟାନ୍ୟ ପଞ୍ଚାୟତରେ ୧୨ ହଜାର ହେକ୍ଟରରୁ ଅଧିକ ଜମିରେ ଧାନ ଫସଲ କରାଯାଇଛି। ଯଦି ଧାନ ଅମଳ ସମୟରେ ବାତ୍ୟା ଆଶଙ୍କା ରହେ ତେବେ ଏହା ଚାଷୀଙ୍କ ପାଇଁ ଭୟଙ୍କର କ୍ଷତି ଘଟାଇବ। ଜୋରରେ ପବନ, ମୂଷଳଧାରାରେ ବର୍ଷା ଫସଲକୁ କ୍ଷତି କିମ୍ବା ନଷ୍ଟ କରିପାରେ। ସେଥିପାଇଁ ଯେନତେନ ଉପାୟରେ ଧାନ ଅମଳ କରି ଘରେ ସାଇତି ରଖିବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି ଚାଷୀ। ଧାନ କଟା ମେସିନ ସାହାଯ୍ୟରେ ଖୁବ ଶୀଘ୍ର କେମିତି ଅମଳ କରି ଘରକୁ ଆଣିବେ ସେଥିପାଇଁ ଲାଗି ପଡିଛନ୍ତି।

କାଳୀ ପୂଜା ଦେଖି ଫେରୁଥିବା ବେଳେ ଦୁର୍ଘଟଣା

# ମାଡ଼ିଗଲା କାର୍; ମହିଳା ମୃତ, ୫ ଗୁରୁତର









ଦାନଗଦି/କୋରେଇ, ୨୬।୧୦ (ସମିସ): କାଳୀପୂଜା ଦେଖି ଫେରିବା ବେଳେ ଚଢ଼ିଗଲା କାର୍। ଘଟଣାସ୍ଥଳରେ ଚାଲିଗଲା ଜଣଙ୍କର ଜୀବନ। ୫ ଜଣ ଗୁରୁତର ହୋଇ ଭର୍ତ୍ତି ହୋଇଛନ୍ତି ଡାକ୍ତରଖାନାରେ। ଏମିତି ଆଜି ସନ୍ଧ୍ୟାରେ ଘଟିଛି କୋରେଇ ଥାନା ଅନ୍ତର୍ଗତ ଚାନ୍ଦମା ଗୋଲଇ ଛକ ନିକଟରେ।

ରବିବାର ସନ୍ଧ୍ୟା ୭.୩୦ ମିନିଟ ସମୟରେ ଯାଜପୁର ଜିଲ୍ଲା କୋରେଇ ଥାନା ବଳଦିଆ ଗାଁର କିଛି ଲୋକେ ଯାଜପୁରରୋଡ୍‌ରୁ କାଳୀପୂଜା ଦେଖି ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଏକ କାର୍ ହଠାତ୍ ମାଡ଼ି ଆସିଥିଲା ସେମାନଙ୍କ ଉପରକୁ। ସମସ୍ତେ ପାଟିକରି ଡାକିଲାବେଳକୁ ସବୁକିଛି ସରିଯାଇଥିଲା। ପିଲାମାନଙ୍କୁ ରକ୍ଷା କରିବାକୁ ଯାଇ ଜଣେ ମହିଳା କାର୍ ଧକ୍କାରେ ମୃତ୍ୟୁବରଣ କରିଥିଲେ। ଏହା ସହିତ ୫ ଜଣ ଗୁରୁତର ହୋଇ ତଳେ ପଡ଼ି ଚିତ୍କାର କରୁଥିଲେ। ରାସ୍ତାରେ ଯାଉଥିବା କେତେଜଣ ଯୁବକ ଅଟକି ସେମାନଙ୍କୁ ଉଦ୍ଧାର କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରିଛନ୍ତି। ଡାକ୍ତରଖାନାରେ ମହିଳା ଜଣଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ସୂଚନା ଦେଇଛନ୍ତି। ମୃତକ ହେଲେ କୋରେଇ ଥାନା ବଳଦିଆ ଗାଁର ମମତା ସାମଲ। ଗୁରୁତର ଆହତମାନେ ହେଲେ ଅଂଶୁ ଚୌଧୁରୀ (୧୪), ପୂଜା ମଲ୍ଲିକ (୧୭), କାର୍ତ୍ତିକ ସାମଲ (୫୮), ଆକାଶ ମଲ୍ଲିକ (୧୨), ପ୍ରୀତି ମାଝୀ (୧୨)। ଆକାଶ ଓ ପ୍ରୀତିଙ୍କୁ କଟକ ପଠାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇ ଗାଡ଼ିଟି ଫେରାର ହୋଇଯାଇଛି। କୋରେଇ ଥାନା ଅଧିକାରୀ ରାକେଶ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ତାରିଣୀ ପୀଠରେ ରାମଚରିତ ମାନସ

ପାଣିକୋଇଲି,୨୬।୧୦(ସମିସ): ପାଣିକୋଇଲିସ୍ଥିତ ମା' ତାରିଣୀ ପୀଠରେ ୪୨ତମ ବାର୍ଷିକ ରାମଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ମହାଯଜ୍ଞ ଓ ଅଷ୍ଟପ୍ରହର ନାମ ସଂକୀର୍ତନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଆଜି ଠାରୁ ୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ଆଜି ପ୍ରତ୍ୟୁଷର ମଙ୍ଗଳ ଆରତୀ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପୂଜକ ସୂର୍ଯ୍ୟମଣି ପଣ୍ଡାଙ୍କ ତତ୍ତ୍ୱାବଧାନରେ ବ୍ୟାସ ରବି ନାରାୟଣ ମିଶ୍ର ଓ ଧାରକ ମଣ୍ଡଳୀ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ୨୬ ତାରିଖରୁ ୩ ତାରିଖ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବଚକ ଭାବେ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ପଣ୍ଡିତ ଦେବାଶିଷ ରାୟ, ପଣ୍ଡିତ ପବିତ୍ର କୁମାର ଦାଶ, ପଣ୍ଡିତ ରୀନାରାଣୀ ନାୟକ, ପଣ୍ଡିତ ସୁଶ୍ରୀ ସୋନାଲି ଦାସ, ପଣ୍ଡିତ ପୁଷ୍ପଲତା ରାଉତ, ପଣ୍ଡିତ ସୁଶ୍ରୀ ପ୍ରଜ୍ଞା ରାଉତ, ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବା ବେଳେ ପଣ୍ଡିତ ଦେବାଶିଷ ରାୟ ଆଜି ଶୁଭାରମ୍ଭ କରିଛନ୍ତି। ଆସନ୍ତା ୪ ତାରିଖରୁ ଅଷ୍ଟପ୍ରହର ନାମଯଜ୍ଞ କରାଯାଇ ୬ ତାରିଖ କାର୍ଯ୍ୟକ୍ରମର ସମାପନ କରାଯିବ।

# ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସଂଘର ଜିଲ୍ଲା ସମ୍ମିଳନୀ

ବ୍ୟାସନଗର,୨୬।୧୦(ସମିସ): ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସଂଘର ଯାଜପୁର ଜିଲ୍ଲା ସମ୍ମିଳନୀ ବ୍ୟାସନଗର ଷ୍ଟାଡିଅମ ରୋଡ୍‌ସ୍ଥିତ କ୍ରିଷ୍ଟ ଇଣ୍ଟରନାସନାଲ ସ୍କୁଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ଓ ନିଖିଳ ଉତ୍କଳ ଶିକ୍ଷକ ମହାସଙ୍ଘର ସାଧାରଣ ସମ୍ପାଦକ ଡ. ଦୁଷ୍ମନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜୟ ପଢିଆରି, ସମ୍ମାନିତ ଅତିଥି ଭାବେ ରବି ଶତପଥୀ, ଧନଞ୍ଜୟ କେଶରୀ ରାଉତ, ବାବାଜୀ ଚରଣ ଶତପଥୀ ଓ ଯୋଗଦେଇଥିଲେ। ଏହାପରେ ଯାଜପୁର ଜିଲ୍ଲା ପାଇଁ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସଂଗଠନର କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ରବି ଶତପଥୀ ସଭାପତି, ଧନଞ୍ଜୟ କେଶରୀ ରାଉତରାୟ କାର୍ଯ୍ୟକାରୀ ସଭାପତି, ପ୍ରଫୁଲ୍ଲ କୁମାର ନାୟକ, ଭାଗ୍ୟଧର ସାହୁ, ଶୁର ମୋହନ ମହାପାତ୍ର, ଦୁର୍ଯ୍ୟୋଧନ ବାରିକ, ଦିଗମ୍ବର ସାହୁ ଓ ସୁରେନ୍ଦ୍ର କୁମାର ରାୟ ଉପସଭାପତି ଭାବେ, ଡ. ଦୁଷ୍ମନ୍ତ କୁମାର ନାୟକ ସାଧାରଣ ସମ୍ପାଦକ, କର୍ଣ୍ଣଚନ୍ଦ୍ର ଘଡ଼ାଇ ସଂଗଠନ ସମ୍ପାଦକ, କୈଳାସ ବେହେରା, ନୃସିଂହ ବେହେରା, ରଞ୍ଜନ ସାହୁ, ପିତାମ୍ବର ସ୍ୱାଇଁ, ଗଗନ ବିହାରୀ ଜେନା ଓ ଆଲୋକ ଦାସଙ୍କୁ ନେଇ ସମ୍ପାଦକ ମଣ୍ଡଳୀ, କୋଷାଧ୍ୟକ୍ଷ ଭାବରେ ଦାମୋଦର ପଣ୍ଡା, କାର୍ଯ୍ୟକାରୀ ସଦସ୍ୟଭାବେ ମଧୁସୂଦନ ମହାପାତ୍ର, ରଘୁନାଥ ବେହେରା,ଆଲୋକ କୁମାର ମହାନ୍ତି, ଡ. ମଦନମୋହନ ଜେନା, ଅଶ୍ୱିନୀ କୁମାର ଦାସ,ବିଷ୍ଣୁ ଚରଣ ନାଥ, ଅଧ୍ୟାପକ ବିବେକା ନନ୍ଦ ଜେନା ଓ ଜଗବନ୍ଧୁ ସାହୁଙ୍କୁ ଚୟନ କରାଯାଇଥିଲା।

# ସାଇବର ସୁରକ୍ଷା ଅଭିଯାନ ସଚେତନ ମଞ୍ଚ

ବରୀ,୨୬।୧୦(ସମିସ): ରାଜ୍ୟରେ ସାଇବର ଠକେଇରୁ କିପରି ସାଧାରଣ ଜନତା ଦୂରେଇ ରହିବେ ସେ ନେଇ ପୁଲିସ ପକ୍ଷରୁ ହେଉଥିବା ସଚେତନ କାର୍ଯ୍ୟକ୍ରମ ଆଜି ବରୀ ମାଉଣ୍ଟ ମୁଖ୍ୟବଜାର ଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ବରୀ ରାମଚନ୍ଦ୍ରପୁର ଥାନା ପକ୍ଷରୁ ଆୟୋଜିତ ହେଇଥିବା ବେଳେ ଅତିଥି ଭାବେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ଯୋଗଦେଇ ସାଧାରଣ ଜନତା କିପରି ମୋବାଇଲକୁ ଆସୁଥିବା ଓଟିପି ଏବଂ ଫ୍ରାଙ୍କ କଲରୁ ଦୂରେଇ ରହିବା ସହ ସାଇବର ସୁରକ୍ଷିତ ରହିବେ, ସେ ନେଇ ସଚେତନ ରହିବାକୁ ବାର୍ତ୍ତା ଦେଇଥିଲେ। ସୋସିଆଲ ମିଡ଼ିଆ ବ୍ୟବହାର କରିବା ସମୟରେ ସତର୍କତା, ଅନ୍‌ଲାଇନ୍ ସପିଙ୍ଗ ସମ୍ପର୍କିତ ସତର୍କତା, ଚାକିରି ଠକେଇ, ଲୋନ ଆପ୍ ଠକେଇ, ପ୍ୟାନ୍, ଆଧାର



ଅପଡେଟ ଠକେଇ ଆଦିରୁ କିପରି ସାଧାରଣତ ଜନତା ସୁରକ୍ଷିତ ରହିପାରିବା ସମ୍ପର୍କରେ କିଛି ନିର୍ଦ୍ଦେଶାବଳୀ ଓ ନିୟମକୁ ମାନିବାକୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରୀ ଥାନା ଅଧିକାରିଣୀ ଜ୍ୟୋତିର୍ମୟୀ ସେଠୀଙ୍କ ସହିତ ସାଇବର ଥାନା ଏସଆଇ ମନୋଜ କୁମାର ସାହୁ, ଆରକ୍ଷୀ ନିରୀକ୍ଷକ ସୌମ୍ୟରଞ୍ଜନ ଭୋଳ, ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ଲମ୍ବୋଦର ଜେନା, ଲକ୍ଷ୍ମୀନାରାୟଣ ସ୍ୱାଇଁଙ୍କ ସମେତ ବରୀ ଥାନାର କର୍ମଚାରୀ ମନୋରଞ୍ଜନ ପାଢ଼ି, ମୋଚିରାମ ଟୁଡୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ଅଭିମନ୍ୟୁ ବାଲିଆ ବଜାର ଓ ରତ୍ନଗିରି ବଜାରରେ ସମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ବୋଇତ ବନ୍ଦାଣ ପ୍ରସ୍ତୁତି ବୈଠକ

ଧର୍ମଶାଳା,୨୬।୧୦(ସମିସ): ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ସ୍ଥିତ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ୪୧ତମ ବୋଇତ ବନ୍ଦାଣ ଉତ୍ସବ ଓ ସାଂସ୍କୃତିକ ମିଳନ ସଭା ଆସନ୍ତା ନଭେମ୍ବର ୫ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅପରାହ୍ନରେ ଅରଙ୍ଗାବାଦ ସ୍ଥିତ ଶ୍ୟାମସୁନ୍ଦରଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ଜଗନ୍ନାଥ ଜେନା, ବୋଧିବାମନ ପଣ୍ଡା, ଭରତ ଚନ୍ଦ୍ର ଦାସ, ବସନ୍ତ ସୁନ୍ଦରା ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବୋଇତ ନିର୍ମାଣ, ମଞ୍ଚ ସଜ୍ଜା, ସାଂସ୍କୃତିକ ଶୋଭାଯାତ୍ରା, ଆଇନ ଶୃଙ୍ଖଳା, ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଭ୍ୟର୍ଥନା କମିଟି, ଉପଦେଷ୍ଟା କମିଟି, ଶୃଙ୍ଖଳା କମିଟି ଆଦି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସମ୍ପାଦକ ତଥା ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋକର୍ଣ୍ଣିକା ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ

ଧର୍ମଶାଳା,୨୬।୧୦(ସମିସ):

ଧର୍ମଶାଳା ବ୍ଲକ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପରିସରରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ୫୧ତମ ପ୍ରତିଷ୍ଠା ଦିବସ, ସମ୍ବର୍ଦ୍ଧନା ପର୍ବ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକ ଭାବେ ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ରାଜ୍ୟରେ ବହୁ ନୂତନ ଲେଖକ ଲେଖିକା ସୃଷ୍ଟି କରିବାରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ବିଜୟାନନ୍ଦ ସିଂହ ଯୋଗଦେଇ ଓଡ଼ିଆ ସାହିତ୍ୟ ଜଗତରେ ଗୋକର୍ଣ୍ଣିକା ଏକ ସ୍ୱତନ୍ତ୍ର ସରଣୀ ସୃଷ୍ଟି କରିଛି। ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ, ପ୍ରାବନ୍ଧିକ ବୈକୁଣ୍ଠନାଥ ରଥଙ୍କ ପରି ବହୁ ସ୍ରଷ୍ଟାଙ୍କୁ ଏହିମାଟି



ଜନ୍ମଦେଇଥିବାରୁ ଧର୍ମଶାଳା ସାହିତ୍ୟ ସଂସ୍କୃତିର ମାଟି ହୋଇଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗଦେଇ ଗୋକର୍ଣ୍ଣିକା ନବୀନ, ତରୁଣ ଓ ପ୍ରବୀଣଙ୍କ ମିଳନପୀଠ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରମେଶ ଚନ୍ଦ୍ର ସିଂହ, ସାହିତ୍ୟିକ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଡ. ରବୀନ୍ଦ୍ର କୁମାର ବିହାରୀ, ଉତ୍କଳ ସାହିତ୍ୟ ସମାଜ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ କବି ରାଜେନ୍ଦ୍ର କିଶୋର ପଣ୍ଡା ଓ ଔପନ୍ୟାସିକ ଡ. ଧରଣୀଧର ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଗବେଷଣା ପାଇଁ ପୂର୍ବତନ ସାଧାରଣ ସଂପାଦକ ଡ. ମହେଶ୍ୱର ପାଢ଼ୀ, ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଆଦିତ୍ୟ ପ୍ରତାପ ଧଳ, କୋଷାଧ୍ୟକ୍ଷ ଦିଲ୍ଲିପ୍ କୁମାର ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାମ୍ବାଦିକ କପିଳେନ୍ଦ୍ର ରାଉତ ଓ କିଶୋର ରାଉତଙ୍କୁ ଗୋକର୍ଣ୍ଣିକା ସାମ୍ବାଦିକ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ଉପସଭାପତି ସଂଗ୍ରାମ କେଶରୀ ଜେନା, ହୃଷୀକେଶ ସାମଲ, ପୂର୍ବତନ ଉପସଭାପତି ବ୍ରଜକିଶୋର ଦାଶ, ସଂଗଠନ ସଂପାଦକ ପ୍ରତାପରୁଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପ୍ରଜ୍ଞାନ ପବ୍ଲିକେସନ ପକ୍ଷରୁ ପ୍ରକାଶିତ ବିଜୟ କୁମାର ନାୟକଙ୍କ ପୁସ୍ତକ "ପ୍ରୀତିପୁଷ୍ପ"କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଂପାଦନା ମଣ୍ଡଳୀ ସଦସ୍ୟ ଡ. ତୁହିନାଂଶୁ ରଥ ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକାରୀ ସଭାପତି ଡ. ରୁଦ୍ର ନାରାୟଣ ପୃଷ୍ଟି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂପାଦିକା ଡ. ଇନ୍ଦୁପ୍ରଭା ସାମଲ ସଂପାଦକୀୟ ବିବରଣୀ ପାଠ କରିଥିଲେ। ସହସଂପାଦକ ଗଣେଶ୍ୱର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

C-1314

OFFICE OF THE MUNICIPAL COUNCIL, ANANDAPUR
email:-executiveofficer_andp@rediffmail.com
Phone No:- 06731-24088

E-PROCUREMENT NOTICE
Notice No- 3817, Dt- 17.10.2025
Bid Reference No:- AM-ANDP-03/2025-26

INVITATION FOR BID

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: **92** Nos
2. Place of Execution: Anandapur Municipality
3. Estimated Cost of Individual Work: **Rs. 3,02,567.06 to Rs. 16,94,802.00**
4. Eligible Class of Contractors: Registered Contractors of **Class- 'D', 'C'** work mentioned in the tender call notice.
5. Intending bidders have to participate through "**On-Line**" bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 P.M on 30.10.2025 to 5.00 P.M on 13.11.2025** for online bidding.
7. Bids received online will be opened at **11.00 A .M on 14.11.2025**
8. The bidder must possess valid and compatible **Digital Signature Certificate (DSC)**.
9. The DTCN for **92** Nos. of work shall be available in the e-procurement portal www.tendersodisha.gov.in for on-line bidding.

OIPR-13049/11/0018/2526

Executive Officer,
Anandapur Municipality

# ‘ମୋନ୍ଥା’ ମୁକାବିଲା ନେଇ ପୁରୀ ପ୍ରଶାସନ ପ୍ରସ୍ତୁତ





ପୁରୀ,୨୬।୧୦(ସମିସ): ଆସୁଛି ବାତ୍ୟା ‘ମୋନ୍ଥା’। ଓଡ଼ିଶାରେ ଏହା ସିଧାସଳଖ ମାଡ଼ ହେଉ ନ ଥିବା ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। କିନ୍ତୁ ଏହାର ପ୍ରଭାବରେ ପ୍ରବଳ ବର୍ଷା ଏବଂ କିଛି କିଛି ଜିଲ୍ଲାରେ ପବନ ହେବା ସମ୍ଭାବନା ରହିଛି। ଏହାର ମୁକାବିଲା ପାଇଁ ପ୍ରସ୍ତୁତ ରହିଛି ପୁରୀ ଜିଲ୍ଲା ପ୍ରଶାସନ। ଅରେଞ୍ଜ ଜୋନ୍‌ରେ ପୁରୀ ରହିଥିବାବେଳେ ପ୍ରଶାସନ ଆଗୁଆ ସଜାଗ ଏବଂ ସତର୍କ ହୋଇଛି। ଜିଲ୍ଲାର ସବୁ ତହସିଲ୍‌ରେ ୮,୯୨୪ଟି ପଲିଥିନ୍ ପ୍ୟାକେଟ୍ ରଖାଯାଇଛି। ଜିଲ୍ଲା ଗୋଦାମରେ ୩,୧୭୬ ପଲିଥିନ୍ ମହଜୁଦ ଅଛି। ସେହିପରି ୧୮୭ କ୍ୱିଣ୍ଟାଲ ଚୂଡ଼ା, ୧୭୨ କ୍ୱିଣ୍ଟାଲ ଗୁଡ଼, ୧୨୦ କ୍ୱିଣ୍ଟାଲ ଅନ୍ୟ ଖାଦ୍ୟ ମହଜୁଦ ରହିଛି। ମୋଟ୍ ୧୭୯ଟି ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରି ରଖାଯାଇଛି।

## ● ୨୯ ଯାଏ ସମୁଦ୍ର ସ୍ନାନ ଉପରେ କଟକଣା

ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରବିବାର ବେଳାଭୂମିରେ ଲାଇଫ୍‌ଗାର୍ଡଙ୍କ ସହିତ ଆଲୋଚନା କରିଛନ୍ତି। ପର୍ଯ୍ୟଟକମାନେ ଯେପରି ସୁରକ୍ଷିତ ରହିବେ ସେ ନେଇ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାପାଳ କହିଛନ୍ତି, “ସମୁଦ୍ରରେ କେହି ଯେମିତି ପର୍ଯ୍ୟଟକ ବୁଡ଼ି ନ ଯାଆନ୍ତି ସେ ନେଇ ଆମେ ଗୁରୁତ୍ୱ ଦେଉଛୁ। ପର୍ଯ୍ୟଟକଙ୍କୁ ଉଦ୍ଧାର ପାଇଁ ଯାହା ଆଧୁନିକ ଉପକରଣ ଆବଶ୍ୟକ ତାହା ଆମେ ଲାଇଫ୍‌ଗାର୍ଡଙ୍କୁ ଯୋଗାଇ ଦେଇଛୁ। ଲୋକଙ୍କୁ ସତର୍କ କରିବା ପାଇଁ ମାଇକ୍ ବ୍ୟବସ୍ଥା କରାଯାଇଛି। ଯଦି କେହି ସମୁଦ୍ର ଭିତରୁ ବୁଡ଼ିଯିବା ଅବସ୍ଥାରେ ଉଦ୍ଧାର ହେଉଛି ତାଙ୍କୁ କିଭଳି ସଙ୍ଗେ ସଙ୍ଗେ ଚିକିତ୍ସା ଯୋଗାଇ ହେବ ସେ ନେଇ ସବୁ ବ୍ୟବସ୍ଥା କରାଯାଇଛି। ସମ୍ଭାବ୍ୟ ବାତ୍ୟା ଯୋଗୁଁ ସମୁଦ୍ର ଅଶାନ୍ତ ରହିବ। ସେଥିପାଇଁ ଆସନ୍ତା ୨୯ ତାରିଖ ଯାଏ ସମୁଦ୍ରରେ ନ ଗାଧୋଇବା ପାଇଁ କଟକଣା ଲଗାଯାଇଛି। ଏହା ଉପରେ ଲାଇଫ୍‌ଗାର୍ଡମାନେ କଡ଼ା ନଜର ରଖିବା ପାଇଁ କୁହାଯାଇଛି। ଏଥିପାଇଁ ବେଳାଭୂମିରେ ନାଲି ପତାକା ଲଗାଯାଇଛି।

## ● ପ୍ରସ୍ତୁତ ରହିଛି ବାତ୍ୟା ଆଶ୍ରୟସ୍ଥଳୀ

ଜିଲ୍ଲାପାଳ କହିଛନ୍ତି, ବାତ୍ୟାକୁ ମୁକାବିଲା ପାଇଁ ଯାହା ମାର୍ଗଦର୍ଶିକା ରହିଛି, ସେହି ଅନୁଯାୟୀ ସବୁ ବିଭାଗ ପ୍ରସ୍ତୁତ ରହିଛନ୍ତି। ଆମେ ସମ୍ପୂର୍ଣ୍ଣ ଏଥିପାଇଁ ସଜାଗ ଅଛୁ। ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ କରି ରଖାଯାଇଛି। ଖାଦ୍ୟ ସାମଗ୍ରୀ ମହଜୁଦ୍ ଅଛି। ବର୍ଷା ଓ ବାତ୍ୟା ଦ୍ୱାରା ଯାହା କ୍ଷୟକ୍ଷତି ହେବ ତାହା ରାଜସ୍ୱ ବିଭାଗ ପକ୍ଷରୁ ସର୍ଭେ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ଥିବାବେଳେ ଲୋକଙ୍କୁ ସଚେତନ କରାଯାଉଛି। ପ୍ରଶାସନ ବାତ୍ୟା ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

## ● ବେଳାଭୂମିରେ ସଜାଗ ଲାଇଫ୍‌ଗାର୍ଡ

ପୁରୀ ବିଚ୍ ଲାଇଫ୍‌ଗାର୍ଡ ମହସଂଘ ସଭାପତି ହାରି ରାଓ କହିଛନ୍ତି, “ବାତ୍ୟା ପାଇଁ ସମୁଦ୍ର କୂଳରେ ଲାଇଫ୍‌ଗାର୍ଡମାନେ ଡ୍ୟୁଟିରେ ଅଛନ୍ତି। ଲୋକଙ୍କୁ ସଚେତନ କରାଯାଉଛି। ସମୁଦ୍ର ଭିତରକୁ ନ ଯିବାକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଉଛି। କେହି ଯଦି ସମୁଦ୍ରରେ ବୁଡ଼ିଯାଏ ତାଙ୍କୁ ଉଦ୍ଧାର ପାଇଁ ଲାଇଫ୍‌ଗାର୍ଡମାନେ ସଜାଗ ରହିଛନ୍ତି। ଆମ ପାଇଁ ମେଗା ଫୋନ୍, ଅକ୍ସିଜେନ ସିଲିଣ୍ଡର, ଷ୍ଟ୍ରେଚର, ରେସ୍କ୍ୟୁ ଟ୍ୟୁବ୍ ସହିତ ଲାଇଫ୍‌ଗାର୍ଡ ମୁତୟନ ଅଛନ୍ତି।

## ● ଲାଇଫ୍‌ଗାର୍ଡଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

ପ୍ରତ୍ୟେକଟି ଜୀବନକୁ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ। ବିଶେଷକରି ସମୁଦ୍ରରେ ସ୍ନାନବେଳେ ବୁଡ଼ିଯିବାର ଆଶଙ୍କା ଥିବାରୁ ସେମାନଙ୍କ ସୁରକ୍ଷା ଅତ୍ୟନ୍ତ ଜରୁରୀ ଓ ତାହାକୁ ଭଲ ଭାବେ ତୁଲାଇ ପାରନ୍ତି ଲାଇଫ୍‌ଗାର୍ଡମାନେ। ସମ୍ପ୍ରତି ସମ୍ଭାବ୍ୟ ବାତ୍ୟାର ଆଶଙ୍କା ପରିପ୍ରେକ୍ଷୀରେ ସମୁଦ୍ର କୂଳକୁ ଆସୁଥିବା ପର୍ଯ୍ୟଟକ ଓ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଆହ୍ୱାନ ଦେଇଛନ୍ତି। ରବିବାର ଗୋଲ୍‌ଡେନ ଟ୍ରି ହୋଟେଲ ସମ୍ମୁଖ ବେଳାଭୂମିରେ ଜିଲ୍ଲାପାଳ ଶ୍ରୀ ପରିଡ଼ା ସମସ୍ତ ଲାଇଫ୍‌ଗାର୍ଡଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ବିଭିନ୍ନ ସହାୟତା ଉପକରଣଗୁଡ଼ିକୁ ଦେଖିଥିଲେ। ବିପର୍ଯ୍ୟୟ ସମୟର ବନ୍ଧୁ ହିଁ ପ୍ରକୃତ ବନ୍ଧୁ। ତେଣୁ ଆମେ ସମସ୍ତେ ଉଦ୍ୟମ କରିବା ପ୍ରତିଟି ଜୀବନ ଓ ଧନକୁ ସୁରକ୍ଷିତ ରଖିବା ବୋଲି କହିବା ସହ ସେମାନଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ଜିଲ୍ଲାପାଳ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସହକାରୀ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖଙ୍କ ସହ ଶତାଧିକ ଲାଇଫ୍‌ଗାର୍ଡ ଯୋଗଦେଇଥିଲେ।

# ଆଜି ହରିହର ବେଶ

ପୁରୀ,୨୬।୧୦(ସମିସ): ସୋମବାର ରତ୍ନସିଂହାସନରେ ବଡ଼ଠାକୁର ବଳଭଦ୍ରଙ୍କ ହରିହର ବେଶ ଅନୁଷ୍ଠିତ ହେବ। ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ବଡ଼ଠାକୁରଙ୍କୁ ଏହି ବେଶରେ ସଜ୍ଜିତ କରିବେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଧାଦାମୋଦର ବେଶ ଏବଂ ଶ୍ରୀବଳଭଦ୍ରଙ୍କୁ ହରିହର ବେଶରେ ଭକ୍ତ ଦର୍ଶନ କରିପାରିବେ। ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ସୋମବାର ପଡ଼ିଲେ ସେହିଦିନ ବଡ଼ଠାକୁରଙ୍କ ବାଡ଼ରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ। ଏ ବର୍ଷ ଗୋଟିଏ ସୋମବାର ପଡୁଥିବାରୁ ଏହି ବେଶରେ ଦର୍ଶନ ଦେବେ ବଡ଼ଠାକୁର।

# ସାହିତ୍ୟିକ ପ୍ରାଣକୃଷ୍ଣ ମହାପାତ୍ରଙ୍କ ପରଲୋକ

ପୁରୀ,୨୬।୧୦(ସମିସ): ବିଶିଷ୍ଟ ସଂଗଠକ, ସାହିତ୍ୟିକ, ସଙ୍ଗୀତ ଗୁରୁ ତଥା ଶିକ୍ଷାବିତ୍ ପ୍ରାଣକୃଷ୍ଣ ମହାପାତ୍ରଙ୍କ ୮୧ ବର୍ଷ ବୟସରେ ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ରବିବାର ତାଙ୍କ ପାର୍ଥିବ ଶରୀର ପୁରୀରେ ପହଞ୍ଚିବା ପରେ ଅଠନଳାଠାରେ ଭଗବତୀ ବିଦ୍ୟାନିକେତନ ପକ୍ଷରୁ ଶୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା’ ଏବଂ



ଅଞ୍ଚଳବାସୀ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ମରଶରୀରକୁ ବାସେଲିସାହି ପାଣିଖାତଲେନ୍‌ସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରୁ ଶୋଭାଯାତ୍ରାରେ ନିଆଯାଇ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠ ପୁତ୍ର ମନୋଜ ମହାପାତ୍ର ମୁଖାଗ୍ନି ଦେଇଥିଲେ। ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଅଧିବକ୍ତା ଦେବାଶିଷ ଦାସ, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ଦାଶ, ମହେନ୍ଦ୍ର ବିଶୋଇ, ଲକ୍ଷ୍ମୀଧର ମାଝୀ, ପ୍ରଭାତ ଚନ୍ଦ୍ର ରଥ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ରାଇକିଶୋର ମହାନ୍ତି, ଡ. ହେମନ୍ତ କୁମାର ଛୋଟରାୟ, ଟିକିତାରାର ସମ୍ପାଦକ ବିପିନ ବିହାରୀ ଦଳାଇ, ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ଶ୍ରୀପର୍ଣ୍ଣାର ସମ୍ପାଦକ ଉମାକାନ୍ତ ମହାପାତ୍ର, ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ର ପଟ୍ଟନାୟକ, ଗୋଲୋକ ଚନ୍ଦ୍ର ଜେନା, ପ୍ରଫୁଲ୍ଲ ରାଉତ, ଅଶ୍ୱିନୀ ପଟ୍ଟନାୟକ, ମମତା ଦାସ, ଜଳନ୍ଧର ବିଶୋଇ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ମହାପାତ୍ର ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ, ଭଗବତୀ ବିଦ୍ୟା ନିକେତନର ସଭାପତି, ଭକ୍ତ ସାଲବେଗ ପୀଠ ଉନ୍ନୟନ କମିଟିର କୋଷାଧ୍ୟକ୍ଷ ସହିତ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଶିକ୍ଷାନୁଷ୍ଠାନ ସହିତ ଜଡ଼ିତ ଥିଲେ।

# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଶିଶୁ ମଙ୍ଗଳ ସମିତି



ପୁରୀ,୨୬।୧୦(ସମିସ): ପୁରୀ ଶିଶୁମଙ୍ଗଳ ସମିତି ସହିତ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ସାକ୍ଷାତ୍ କରିଛନ୍ତି। ଶନିବାର ରାଜଭବନରୁ ଡକରା ପାଇବା ପରେ ପୁରୀ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଜିତ୍ କୁମାର ମହାପାତ୍ର, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ବୁଦ୍ଧିସୁନ୍ଦର ମିଶ୍ର, ଦେବଯାନୀ ହିମାଂଶୁ ଓ ଲକ୍ଷ୍ମୀପ୍ରିୟା ପାତ୍ର ରାଜଭବନରେ ପହଞ୍ଚି ରାଜ୍ୟପାଳଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ। ଶିଶୁମାନେ ଆମର ଭବିଷ୍ୟତ ଓ ଦେଶର ଆସନ୍ତାକାଲିର ସମ୍ବଳ। ସେମାନଙ୍କ ସୁରକ୍ଷା, ସର୍ବାଙ୍ଗିଣ ବିକାଶ ଓ ପ୍ରତିଭାର ଉନ୍ମେଷ କ୍ଷେତ୍ରରେ ଶିଶୁ ମଙ୍ଗଳ ସମିତି ସହାୟକ ହେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ପୁରୀ ଶିଶୁମଙ୍ଗଳ ସମିତି ସର୍ବଭାରତୀୟ ସ୍ତରରେ ଦୁଇଥର ପୁରସ୍କୃତ ହୋଇଥିବାରୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ।

# ଦାଦାବଟି ମାଗି ୩ ଗିରଫ

ପୁରୀ,୨୬।୧୦(ସମିସ): ଅପରେସନ ଚକ୍ର ଅଭିଯାନରେ ୩ ଜଣ ପେସାଦାର ଅଭିଯୁକ୍ତଙ୍କୁ ଗିରଫ କରିଛି ଟାଉନ ଥାନା ପୁଲିସ। ସେମାନେ ହେଲେ ଜଗନ୍ନାଥ ବଲ୍ଲଭର ମନୋଜ ଭୋଇ, ବାଲିସାହିର ମନୋରଞ୍ଜନ ପଣ୍ଡା ଏବଂ ଜଗନ୍ନାଥ ବଲ୍ଲଭରେ ରହୁଥିବା ଯାଜପୁରର ବନ୍ଧନ ମଲ୍ଲିକ। ସେମାନଙ୍କଠାରୁ ଗୋଟେ ଛୁରି, ଦୁଇଟି ମୋବାଇଲ୍ ଏବଂ ୨୪୦ ଟଙ୍କା ଜବତ କରାଯାଇଛି। ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ କହିଛନ୍ତି, ଗିରଫ ଅଭିଯୁକ୍ତମାନେ ନିୟମିତ ଭାବେ ମାଦକଦ୍ରବ୍ୟ ସେବନ କରି ଛୁରି ଦେଖାଇ ଉଠାଦୋକାନୀ ଓ ଅଟୋ ଡ୍ରାଇଭରଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରୁଥିଲେ। ଏପରିକି ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରି ସଙ୍ଗିନ୍ ଅଭିଯୋଗ ରହିଛି ସେମାନଙ୍କ ନାମରେ। ଭୟରେ କେହି କିଛି ପ୍ରତିବାଦ କରନ୍ତି ନାହିଁ କି ଅଭିଯୋଗ ଦିଅନ୍ତି ନାହିଁ। ରବିବାର ଟାଉନ ଥାନା ପୁଲିସ ନିଜଆଡୁ ଗୋଟିଏ ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ଆକ୍ରମଣ, ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ ପରି ସଙ୍ଗିନ ମାମଲା ବିଭିନ୍ନ ଥାନାରେ ରହିଛି।

**ଖଜା ଦୋକାନ କର୍ମଚାରୀକୁ ଆକ୍ରମଣ ଘଟଣା**

# ଦୁଇ ନାବାଳକ କାବୁ; ଛୁରି ଜବତ

ପୁରୀ,୨୬।୧୦(ସମିସ): ଗତ ୨୦ ତାରିଖ ବିଳମ୍ବିତ ରାତିରେ ପାପୁଡ଼ିଆ ମଠ ପାଖରେ ଠେଲା ଖଜା ଦୋକାନ କର୍ମଚାରୀକୁ ଆକ୍ରମଣ ହୋଇଥିଲେ। ଏଥିରେ ଜଡ଼ିତ ଦୁଇ ନାବାଳକଙ୍କୁ ଟାଉନ ଥାନା ପୁଲିସ ରବିବାର କାବୁ କରି ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ(ଜେଜେବି)ଙ୍କ କୋର୍ଟରେ ହାଜର କରାଇଥିଲା। ସେମାନଙ୍କଠାରୁ ବ୍ୟବହୃତ ଛୁରି ଜବତ କରାଯାଇଛି। ତେବେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବ୍ରହ୍ମପୁରସ୍ଥିତ ବାଳ ଅପରାଧୀଙ୍କ ପାଇଁ ଉଦ୍ଦିଷ୍ଟ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଦଇଜଣଙ୍କ ନାମରେ ପୂର୍ବରୁ ଆକ୍ରମଣ, ହତ୍ୟା, ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ ପରି ସଙ୍ଗିନ ମାମଲା ରହିଛି। ଏହି ଅପରାଧରେ ଅନ୍ୟ ବଡ଼ ଅଭିଯୁକ୍ତମାନଙ୍କର ସମ୍ପୃକ୍ତି ଥିବା ତଦନ୍ତରୁ ଜଣାପଡ଼ିଛି। ସେମାନଙ୍କ ବିରୁଦ୍ଧରେ ମଧ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁରୀ ସହରରେ ବାଳ ଅପରାଧୀଙ୍କୁ ବ୍ୟବହାର କରି ଯେଉଁମାନେ ଅପରାଧିକ କାର୍ଯ୍ୟକଳାପର ସାମ୍ରାଜ୍ୟ ଚଳାଇଛନ୍ତି, ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | 71- NUAPADA ASSEMBLY CONSTITUENCY | SMT. SNEHANGINI CHHURIA | I. **S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>II. **S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br>III. **S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br>IV. **S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.



# ଭୁବନେଶ୍ୱର ସିଟି

## ଉତ୍କଳ ବିଶ୍ୱବିଦ୍ୟାଳୟରେ ବୈଜ୍ଞାନିକ ମେଧା ଅନ୍ୱେଷା କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୬।୧୦(ସମିସ): ରାଜ୍ୟସ୍ତରୀୟ ଅନୁଷ୍ଠାନ 'ଆହ୍ୱାନ' ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗର ମିଳିତ ଆନୁକୂଲ୍ୟରେ ବିଜ୍ଞାନ ଭିତ୍ତିକ ଶୈକ୍ଷିକ କାର୍ଯ୍ୟକ୍ରମ "ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ୍ ୨୦୨୫' ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କଟକ, ଖୋର୍ଦ୍ଧା, ଜଗତସିଂହପୁର, ମୟୂରଭଞ୍ଜ ଏବଂ ରାଜଧାନୀ ଭୁବନେଶ୍ୱରର ଡିଏଭି ପବ୍ଲିକ୍ ସ୍କୁଲ୍ ଚନ୍ଦ୍ରଶେଖରପୁର, ଡିଏଭି ପବ୍ଲିକ୍ ସ୍କୁଲ୍ କଳିଙ୍ଗନଗର, ଡିଏଭି ପବ୍ଲିକ୍ ସ୍କୁଲ୍ ପୋଖରୀପୁଟ, ଓ.ଡି. ଏମ୍.ପବ୍ଲିକସ୍କୁଲ୍ ଭୁବନେଶ୍ୱର, ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ଭୁବନେଶ୍ୱର ପ୍ରମୁଖ ୧୪ଟି ଶିକ୍ଷାନୁଷ୍ଠାନର ୬୫ ଅଂଶଗ୍ରହଣକାରୀ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ପୁରସ୍କାର ବିତରଣରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ଖଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର୍ ପ୍ରଫୁଲ୍ଲ କୁମାର ମହାନ୍ତି, ସ୍ନାତକୋତ୍ତର ବିଭାଗ କାଉନସିଲର ଅଧ୍ୟକ୍ଷା ପ୍ରଫେସର ମିତାଲି ଚିନାରା ଏବଂ ପ୍ରଫେସର ଜୟଦେବ ଦିଣ୍ଡା ଅତିଥି ଭାବେ ଯୋଗଦେଇ ଥିଲେ। ଆୟୋଜକ ଓ ବିଶ୍ୱ ବିଦ୍ୟାଳୟର ଭୂତତ୍ତ୍ୱ ବିଭାଗୀୟ ମୁଖ୍ୟ ପ୍ରଫେସର ନନ୍ଦିତା ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସମାରୋହର ଅତିଥି ବୈଜ୍ଞାନିକ ଡ. ନୀଳାଦ୍ରି ରୟ, ଅତିରିକ୍ତ ନିର୍ଦ୍ଦେଶକ ଆଇଟିଆର୍, ଡିଆର୍‌ଡିଓ ଚାନ୍ଦିପୁର ବାଲେଶ୍ୱର ଏବଂ ଅତିଥି ଡ.ନରେଶ ଚନ୍ଦ୍ର ବଳ, ଆସୋସିଏଟ୍ ପ୍ରଫେସର କିଟସ୍ ଭୁବନେଶ୍ୱର ସଭାରେ ଉପସ୍ଥିତ ଥିଲେ।

## କବି ରାଜେନ୍ଦ୍ର ପଣ୍ଡାଙ୍କ ବିୟୋଗରେ ଶୋକସଭା

ଭୁବନେଶ୍ୱର,୨୬।୧୦(ସମିସ): ଓଡ଼ିଆ ସାହିତ୍ୟ ଜଗତର କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରାଧ୍ୟାପକ ଡ. ସଂଗ୍ରାମ କେଶରୀ ରାଉତ ଓ ଡ. ରମେଶ ଚନ୍ଦ୍ର ମଲ୍ଲିକଙ୍କ ଉପସ୍ଥିତିରେ ଅନୁଷ୍ଠିତ ସଭାରେ ସ୍ନାତକୋତ୍ତର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ପ୍ରଥମେ କବିଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିଥିଲେ। ବିଦ୍ୟାର୍ଥୀମାନଙ୍କ ପକ୍ଷରୁ ସଞ୍ଜୟ ସାହୁ, ପ୍ରଶାନ୍ତ କୁମାର ଜେନା, ଆଶୁତୋଷ ଦାସ, ଜୀବନ ଜ୍ୟୋତି ବାରିକ, ଅରୁଣ ଡାକୁଆ, କୈଶଲ୍ୟା ପରିଡ଼ା, ଦିନେଶ କୁମାର ନାଏକ କବିଙ୍କ ରଚିତ କବିତା ପାଠ କରିଥିଲେ। ପ୍ରାଧ୍ୟାପକ ଡକ୍ଟର ରାଉତ କବିଙ୍କ କବିତା ଶୈଳୀ ସହିତ ତାଙ୍କର ସରଳ ଜୀବନ ଯାପନ ବିଷୟରେ ଆଲୋଚନା କରିଥିଲେ। ନିଜ ଶରୀରକୁ ଦାନ କରି କବି କିପରି ଅମର ହୋଇପାରିଛନ୍ତି ସେ ସମ୍ପର୍କରେ ମଧ ଛାତ୍ରଛାତ୍ରୀମାନଙ୍କୁ ସୂଚିତ କରିଥିଲେ। ଦ୍ୱିତୀୟ ବର୍ଷ ଛାତ୍ର ସତ୍ୟଜିତ ରାଉତ ସଭା ପରିଚାଳନା କରିଥିଲେ।

## ବିଜେଇଏମ୍-୨ରେ ବାର୍ଷିକ ପ୍ରଦର୍ଶନୀ 'ସୃଜନ ସଙ୍ଗମ'



ଭୁବନେଶ୍ୱର,୨୬।୧୦(ସମିସ): ସତ୍ୟଭାମାପୁରସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ବା ବିଜେଇଏମ ସ୍କୁଲ -୨ରେ ବାର୍ଷିକ ପ୍ରଦର୍ଶନୀ "ସୃଜନ ସଙ୍ଗମ ୨୦୨୫' ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏଲ୍ କେଜିଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ସଂସ୍କୃତ, ଓଡ଼ିଆ, ହିନ୍ଦୀ, ଇଂରାଜୀ, କଳା ଏବଂ ଅନ୍ୟାନ୍ୟ ବିଷୟଗୁଡ଼ିକରେ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନୀରେ ୨ ଶହରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟରେ ଅଟଳ ଟିଙ୍କରିଂ ଲ୍ୟାବ୍ ଏକ ବିଶେଷ ଆକର୍ଷଣ ରହିଥିଲା। ଏଥିରେ ପ୍ରଦର୍ଶନୀରେ ଅନ୍ୟ ଦଶଟି ସ୍କୁଲର ଛାତ୍ରଛାତ୍ରୀ, ବିଶେଷକରି ସରକାରୀ ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର ଏବଂ ମୁଖ୍ୟ ଅତିଥି ଡ. ଶିଶିର ମନ୍ତ୍ରୀ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ବିଜେ ଶିକ୍ଷା ପରିଷଦର ସମ୍ପାଦକ ପ୍ରତାପ କୁମାର ଜେନା, ଉପସଭାପତି ଡ. ନିରଞ୍ଜନ ସାହୁ, ବିଦ୍ୟାଳୟର ପରିଚାଳକ ଶିଶିର ରାଓ, ସହପରିଚାଳକ ନମିତା ରାଉତ, ଅଧ୍ୟକ୍ଷ ବରଦା ପ୍ରସାଦ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ୩୧ ତମ ଶ୍ରୀଜଗନ୍ନାଥ କଥାଲହରୀ



ଭୁବନେଶ୍ୱର,୨୬।୧୦(ସମିସ): ଶ୍ରୀମନ୍ଦିର ବଡ଼ପଣ୍ଡା ରାମଚନ୍ଦ୍ର ବଡ଼ପଣ୍ଡା ସାମନ୍ତ ବୃଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିବା ୩୧ ତମ ଶ୍ରୀଜଗନ୍ନାଥ କଥା ଲହରୀର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀଜଗନ୍ନାଥ ଚେତନାର ମୂଳ ଉପ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀଜଗନ୍ନାଥ ଚେତନାରେ ମହାପ୍ରଭୁଙ୍କର ପୂଜା, ଭକ୍ତ ସହିତ ତାଙ୍କର ଅନ୍ତରଙ୍ଗ ଓ ବହିରଙ୍ଗ ଭାବରେ ଚେତନାର କିଭଳି ପର୍ଯ୍ୟବେଷିତ ହୋଇଛି ତାହା ବୁଝାଇଥିଲେ। ବିଶେଷ ଅତିଥି ଭାବରେ ଫକୀର ସାମନ୍ତ କର୍ମା ଯୋଗଦେଇ ନିଜସ୍ୱ ରଚିତ ଭକ୍ତି ସଂଗୀତକୁ ପରିବେଷଣ କରିଥିଲେ। ଅରବିନ୍ଦ ଦାସଙ୍କର ଭଜନ ପରିଚାଳନା ଓ ପଣ୍ଡିତ ପାର୍ଥ ସାରଥୀ ମହାନ୍ତିଙ୍କର ମଞ୍ଚ ପରିଚାଳନାରେ ମହାପ୍ରଭୁଙ୍କର ସଂକୀର୍ତନ ସହିତ ସମୂହ ସ୍ତୁତିଗାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡା. ରବିନାରାୟଣ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ନୂତନ ସଭ୍ୟ ଭାବରେ ବନମାଳୀ ସାହୁ, ବିଜୟ ଲକ୍ଷ୍ମୀ ମହାପାତ୍ର ଓ ତୃପ୍ତି ଲତା ଦାସଙ୍କୁ ସ୍ୱାଗତ କରାଯାଇଥିଲା। ସମ୍ପାଦକ ଇଂ ଦେବ ପ୍ରଶାଦ ଦାଶ ଧନ୍ୟବାଦ ଦେଇଥିଲେ। ଶେଷରେ ମହାପ୍ରଭୁଙ୍କୁ ଶୟନ ଆରତି କରାଇ ସ୍ୱସ୍ଥାନ ବିଜେ କରାଯାଇଥିଲା। ଉପସଭାପତି ସୁଷମା ପାଣି, ପ୍ରମିଳା ଶତପଥୀ, ଶର୍ମିଷ୍ଠା ପ୍ରଭା ମହାନ୍ତି, ଡ. ଅଭୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ କର୍ମଚାରୀଙ୍କ ପୁରୁଣା ପେନ୍‌ସନ୍ ଦାବି

ଭୁବନେଶ୍ୱର,୨୬।୧୦(ସମିସ):




### ନଭେମ୍ବର ୨୫ରେ ଦିଲ୍ଲୀ ଚଲୋ ଆହ୍ୱାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳର ମୁଖ୍ୟ ସଚେତକ ଥିବାବେଳେ ରାଜ୍ୟରେ ପୁରୁଣା ପେନସନ୍ ଲାଗୁ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଛତିଶଗଡ଼ ଓ ରାଜସ୍ଥାନରେ ଯଦି ପୁରୁଣା ପେନସନ ଲାଗୁ କରୁଛନ୍ତି ତା'ହେଲେ ଓଡ଼ିଶା ସରକାର କାହିଁକି କରିପାରିବେନି ବୋଲି ତତ୍କାଳୀନ ସରକାରଙ୍କୁ ସମାଲୋଚନା କରି କହିଥିଲେ। ଏଣୁ ନିଜେ ମୁଖ୍ୟମନ୍ତ୍ରୀ ହେବାପରେ ଏହି ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି ଏନ୍‌ଏମ୍‌ଓପିଏସ୍ ସଂଗଠନ ପକ୍ଷରୁ ଦାବି କରାଯାଇଛି। ସଂଗଠନର ସଭାପତି ବିଜୟ ମଲ୍ଲ କହିଛନ୍ତି ଯେ ପୁରୁଣା ପେନ୍‌ସନ୍ ଉଚ୍ଛେଦ ହେବାରୁ ୩୦ରୁ ୩୫ ବର୍ଷ ଚାକିରି କରି ଅବସର ନେଉଥିବା କର୍ମଚାରୀ ଦୁର୍ଦ୍ଦଶା ଭୋଗୁଛନ୍ତି। ମାତ୍ର ୧୦୦୦ରୁ ୧୨୦୦ ଟଙ୍କା ପେନ୍‌ସନ୍ ପାଇ ଅତି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ବିଧାୟକ ଓ ସାଂସଦ ପୁରୁଣା ପେନ୍‌ସନ୍ ପାଉଥିବାବେଳେ ରାଜ୍ୟର ସରକାରୀ କର୍ମଚାରୀଙ୍କୁ କାହିଁକି ନୁହେଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଛତିଶଗଡ଼, ରାଜସ୍ଥାନ, ଝାଡ଼ଖଣ୍ଡ, ପଞ୍ଜାବ ଓ ହିମାଚଳପ୍ରଦେଶରେ ପୁରୁଣା ପେନ୍‌ସନ ଲାଗୁ ହୋଇଛି। ଉତ୍ତରପ୍ରଦେଶ, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ମହାରାଷ୍ଟ୍ରରେ ଏହାକୁ ଲାଗୁ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଣୁ ରାଜ୍ୟର ସରକାରୀ କର୍ମଚାରୀଙ୍କୁ ମଧ ପୁରୁଣା ପେନସନ୍ ପ୍ରଦାନ କରିବାକୁ ଶ୍ରୀ ମଲ୍ଲ ଦାବି କରିଛନ୍ତି। ଅନ୍ୟଥା ନଭେମ୍ବର ୨୫ରେ ଦିଲ୍ଲୀରେ ହେଉଥିବା ଆନ୍ଦୋଳନରେ ଓଡ଼ିଶା ମଧ ଅଂଶଗ୍ରହଣ କରିବ ବୋଲି କହିବା ସହ ଅଧିକରୁ ଅଧିକ କର୍ମଚାରୀ ଯୋଗଦେବାକୁ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ପ୍ରଦ୍ୟମ୍ନ ବରାଳ, ରଶ୍ମୀ ପାଢ଼ୀ, ରାଜେନ୍ଦ୍ର ମଲ୍ଲିକ, ପ୍ରଦୀପ ପ୍ରଧାନ, ଶୁଭଲକ୍ଷ୍ମୀ ସ୍ୱାଇଁ, ଅଶ୍ୱିନୀ ଦାସ, କ୍ଷୀତିଶ ପଣ୍ଡା, ସୁନୀଲ ପ୍ରଧାନ, ପ୍ରଶାନ୍ତ ରାଉତରାୟ, ଦେବୀ ପ୍ରସନ୍ନ ଧଳ, ବିଶ୍ୱରଞ୍ଜନ ଦାସ, ବିଜୟ ସାହୁ, ମନୋରଞ୍ଜନ ସେଠୀ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ଉତ୍ତର ମହୋତ୍ସବର ଭୂମି ପୂଜନ

ନନ୍ଦନକାନନ,୨୬।୧୦(ସମିସ): ଦ୍ୱିତୀୟ ଭୁବନେଶ୍ୱର ଉତ୍ତର ମହୋତ୍ସବ ଆସନ୍ତା ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଚନ୍ଦ୍ରଶେଖରପୁରସ୍ଥିତ କ୍ଲବ୍‌ଟାଉନ ପଡ଼ିଆ ପରିସରରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଜି କ୍ଲବ୍ ଟାଉନ ପଡ଼ିଆ ପରିସରରେ ଭୂମିପୂଜନ କାର୍ଯ୍ୟକ୍ରମ ବୈଦିକ ବିଧି ବିଧାନରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ମହୋତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜାର ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜା ସମାପ୍ତ ପରେ ଆଜିଠାରୁ ଉକ୍ତ ପଡ଼ିଆ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଅସ୍ଥାୟୀ ମଞ୍ଚ ଓ କାର୍ଯ୍ୟାଳୟ ତଥା ମୀନା ବଜାର ପାଇଁ ଦୋକାନ ବଜାର ନିର୍ମାଣ କରାଯିବା ନେଇ ଆଲୋଚନା ହୋଇଥିଲା। ପରିଚୟ ଫାଉଣ୍ଡେସନ ପ୍ରତିଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷା ତଥା ମହିଳା ସମାଜସେବୀ ଡ. ରୋଜାଲିନ ପାଟଶାଣୀ ମିଶ୍ର, ଭୁବନେଶ୍ୱର ସାଂଗଠନିକ ବିଜେପି ଜିଲ୍ଲା ଉପସଭାପତି ନିରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ସଭାପତି କୁନାଲ କୁମାର ରାଉତ ମହୋତ୍ସବର ପ୍ରସ୍ତୁତି ବିଷୟରେ ଅବଗତ କରାଇବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜନ ଜେନା, ବିଶ୍ୱଜିତ ରାଉତ, କୁନା ଜେନା, ନଗେନ ବିଶୋଇ, ବିଭୂତି ଭୂଷଣ ବିଶ୍ୱାଳ, ଉମାକାନ୍ତ ହାତି, ନବଘନ ରାଉତ, ସ୍ମୃତିରଞ୍ଜନ ଦାଶ, ସଞ୍ଜୟ ପତି, ସ୍ୱାକ୍ଷର ରଞ୍ଜନ ମହାନ୍ତି, ମହିଳା ନେତ୍ରୀ ସୌଭାଗ୍ୟ ଲକ୍ଷ୍ମୀ ଦାଶ, ଲିପା ସାହୁ, ଜ୍ୟୋସ୍ନା ନାୟକ, ଯଶୋଧାରା ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଡ଼ା, ଯୁବନେତା ପ୍ରକାଶ ତ୍ରିପାଠୀ, ନିର୍ମଳ ରାଉତ, ନିର୍ମଳ ପଣ୍ଡା ଓ କାଳନ୍ଦୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେସନ ପକ୍ଷରୁ ଦେବ ପ୍ରସାଦ ସମ୍ମାନ ଉତ୍ସବ


ଭୁବନେଶ୍ୱର,୨୬।୧୦(ସମିସ): ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେସନ ଆନୁକୂଲ୍ୟରେ ଦଶମ ଦେବ ପ୍ରସାଦ



ସମ୍ମାନ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ଓଡ଼ିଶୀ ନୃତ୍ୟଗୁରୁ ଡ. ଦେବପ୍ରସାଦ ଦାସଙ୍କର ୯୩ ତମ ପୁଣ୍ୟଜନ୍ମ ତିଥି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଛି। ପ୍ରଥମ ସନ୍ଧ୍ୟାରେ ଦେବପ୍ରସାଦ ଦାସ ଫାଉଣ୍ଡେସନ୍‌ର ଛାତ୍ରୀଙ୍କ ଦ୍ୱାରା ମଙ୍ଗଳାଚରଣ ପରିବେଷଣ ହୋଇଥିଲା। ଯାହା ଗୁରୁଙ୍କ ପୁରାତନ ସଂରଚନାକୁ ପରିବେଷଣ କରିଥିଲେ। ତା'ପରେ ପ୍ରଜ୍ଞା ପ୍ରତିଷ୍ଠିତା ମହାନ୍ତି, ରବିଶଙ୍କର ମାଝୀ, ସତ୍ୟପ୍ରକାଶ ସାହୁ, ଗୋକୁଳଶ୍ରୀ ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସାଂସଦ ନବଚରଣ ମାଝୀ, ବିଧାୟକ ପ୍ରକାଶ ସୋରେନ୍, ସଙ୍ଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ର ଶେଖର ହୋତା, ସାମ୍ବାଦିକ ନବୀନ ଦାସ ଯୋଗ ଦେଇଥିଲେ। ଫାଉଣ୍ଡେସନ୍ ତରଫରୁ ସଭାପତି ଗୋପାଳକୃଷ୍ଣ ମହାପାତ୍ର ଓ ଉପସଭାପତି ନମ୍ରତା ଚଢ଼ାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରଥମ ସନ୍ଧ୍ୟାରେ କାର୍ଯ୍ୟକ୍ରମକୁ ଅନନ୍ୟା ମିଶ୍ର ପରିଚାଳନା କରିଥିଲେ ଓ ଶେଷରେ ଡ. ଆଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

■ 'ସୁରେଶ ସମାବେଶ'ରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

## ସଂସ୍କୃତି ଗବେଷକ ସୁଧୀର ସାହୁଙ୍କୁ 'ସୁରେଶ ସୃଜନ ସମ୍ମାନ'



ଭୁବନେଶ୍ୱର,୨୬।୧୦(ସମିସ): ଲେଖକ, ଗବେଷକ, ନାଟ୍ୟକର୍ମୀ ଓ ଲୋକସଂସ୍କୃତି ବିଶେଷଜ୍ଞ ସୁରେଶ ବଳବନ୍ତରାୟଙ୍କ ୭୧ତମ ଜନ୍ମତିଥି ଅବସରରେ 'ସୁରେଶ ସମାବେଶ' ଆୟୋଜିତ ହୋଇଛି। ଏହି ଅବସରରେ ସଂସ୍କୃତି ଗବେଷକ ଡ. ସୁଧୀର ସାହୁଙ୍କୁ 'ସୁରେଶ ସୃଜନ ସମ୍ମାନ' ପ୍ରଦାନ କରାଯାଇଛି। ସୁରେଶ ବଳବନ୍ତରାୟ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ ସ୍ୱର୍ଗତ ବଳବନ୍ତରାୟ ଓଡିଆ ସ୍ୱାଭିମାନ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ମରଣୀୟ ରହିବେ ବୋଲି ପ୍ରକାଶ କରିଛନ୍ତି। ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଡ. ହରେକୃଷ୍ଣ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଗବେଷକ ତଥା ଲେଖକ ଡ. ଚିତ୍ରସେନ ପଶାୟତ ସ୍ମାରକ ବକ୍ତୃତା ପ୍ରଦାନପୂର୍ବକ 'ଊନବିଂଶ ଶତାବ୍ଦୀରେ ସମ୍ବଲପୁର ଆନ୍ଦୋଳନରେ ଆଦିବାସୀଙ୍କ ଯୋଗଦାନ: ଲଖନପୁର ଓ ଘେଁସ ଜମିଦାର ପରିବାର' ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଯୋଗ ଦେଇଥିଲେ। ଫାଉଣ୍ଡେସନ୍‌ର ସଦସ୍ୟ କବି ରକ୍ଷକ ନାୟକ ସ୍ୱାଗତ ସୂଚନା ଦେଇଥିଲେ। ସଂପାଦିକା ଅଧ୍ୟାପିକା ଡ. ଅନ୍ୟା ଅନୁରୂପା ବିବରଣୀ ଉପସ୍ଥାପନ କରି ଅନୁଷ୍ଠାନର କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ସୁରେଶ ବଳବନ୍ତରାୟଙ୍କ ସଂପାଦିତ ନବଘନ ପରିଡା ବିରଚିତ 'ଭାରତ ଲୀଳା' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଶେଷରେ ଫାଉଣ୍ଡେସନ୍‌ର ସଦସ୍ୟ ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସଦସ୍ୟ କବି ସୂର୍ଯ୍ୟ ମିଶ୍ର, ନୃତ୍ୟଗୁରୁ ଡ. ପ୍ରତିଭା ପଣ୍ଡା, ପବିତ୍ର ପ୍ରଧାନ, ସ୍ତମ୍ଭକାର ଭାସ୍କର ପରିଚ୍ଛା, କଥାକାର ଆଭାସ ବରାଳ, ଚିତ୍ରଶିଳ୍ପୀ ରାମହରି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଧ୍ୱନିର ଦଶମ ସଂସ୍କରଣରେ ସ୍ୱତନ୍ତ୍ର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ

ଭୁବନେଶ୍ୱର,୨୬।୧୦(ସମିସ): ଆଇନା ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ସହାୟତାରେ ଆୟୋଜିତ



ହୋଇଥିବା ଧ୍ୱନିର ଦଶମ ସଂସ୍କରଣ ତଥା ଏକ ସ୍ୱତନ୍ତ୍ର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଶେଷ ହୋଇଛି। ଯାହା ବିଶ୍ୱସ୍ତରରେ ସ୍ୱୀକୃତି ହାସଲ କରିଛି ଏବଂ ରାଜ୍ୟର ଏକ ଅଭିନବ ପ୍ରୟାସ ଏବଂ ସିନେମା କ୍ଷେତ୍ରରେ ଅନ୍ତର୍ଭୁକ୍ତିକୁ ଦର୍ଶାଉଛି। ଏହି ଅବସରରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ଏହି ଦୁଇ ଦିନିଆ ମହୋତ୍ସବରେ ପ୍ରାୟ ୪୫ଟି ଜାତୀୟ ତଥା ଆନ୍ତର୍ଜାତିକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଯାହା ସାମାଜିକସ୍ତରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଧୈର୍ଯ୍ୟ, ସୃଜନଶୀଳତା ଏବଂ ସଶକ୍ତିକରଣ ଦିଗକୁ ନେଇ ପର୍ଯ୍ୟବସିତ ଥିଲା। ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ୟାନେଲ ଆଲୋଚନା ମଧ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱରର ମେୟର ସୁଲୋଚନା ଦାସ ଯୋଗ ଦେଇଥିବାବେଳେ ସିନେମା ସହ ଜଡ଼ିତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଏଥିସହିତ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପୂର୍ବତନ ଚେୟାରମେନ ଲେଲିନ ମହାନ୍ତି ଏବଂ ଆଇନା ସଭାପତି ଲଳିତା ମିସାଲ ଏବଂ ଉତ୍ସବର ଚେୟାରମେନ ଜିତେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଏହାର ଦ୍ୱିତୀୟ ଦିନରେ ବରିଷ୍ଠ ପ୍ରାଶାସନିକ ଅଧିକାରୀ ଡ. ଅରବିନ୍ଦ ପାଢ଼ୀ, ବ୍ରତତୀ ହରିଚନ୍ଦନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା।

### ଶାସ୍ତ୍ରୀୟ ନୃତ୍ୟ ଉତ୍ସବ 'ଲାସ୍ୟ ଲାବଣ୍ୟ' ଉଦ୍‌ଘାଟିତ

## ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀରଙ୍କୁ 'ଲାସ୍ୟ ଲାବଣ୍ୟ' ସମ୍ମାନ



ଭୁବନେଶ୍ୱର,୨୬।୧୦(ସମିସ):

ବିଶ୍ୱନାଥ ସଂଗୀତାଳୟ, କଟକ ପକ୍ଷରୁ ୨ ଦିନିଆ ରାଷ୍ଟ୍ରୀୟ ନୃତ୍ୟ ଉତ୍ସବ 'ଲାସ୍ୟ ଲାବଣ୍ୟ' ଗୁରୁ କେଳୁଚରଣ ଗବେଷଣା କେନ୍ଦ୍ରଠାରେ ଉଦ୍‌ଘାଟିତ ହୋଇଛି। ଚଳିତ ବର୍ଷ 'ଲାସ୍ୟ ଲାବଣ୍ୟ' ସମ୍ମାନରେ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ପୂର୍ବତନ ଆର୍.ଡି.ସି. ଅନୀଲ କୁମାର ସାମଲ, ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶୀ ଗୁରୁ ରତିକାନ୍ତ ମହାପାତ୍ର ଓ ଉପ-ନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଗୁରୁ ପ୍ରଫୁଲ୍ଲ କୁମାର ରାୟ, ସମ୍ପାଦିକା ଗୁରୁ ଦୀପ୍ତି ରାଉତରାୟ ଓ ଉପଦେଷ୍ଟା ଇଂ. ଉମାଶଙ୍କର ପଟ୍ଟନାୟକ ମଞ୍ଚରେ ଉପସ୍ଥିତ ଥିଲେ। ପରେ ପରେ ବିଶ୍ୱନାଥ ସଂଗୀତାଳୟ, କଟକର ନୃତ୍ୟ ଶିଳ୍ପୀମାନେ 'ଗୋପିକା ଗୀତମ୍' ନୃତ୍ୟାଭିନୟ ପରିବେଷଣ କରିଥିଲେ। ଏହାକୁ ନୃତ୍ୟ ସଂଯୋଜନା ଦେଇଥିଲେ ଗୁରୁ ଦୀପ୍ତି ରାଉତରାୟ, ରଚନା କରିଥିଲେ ପଣ୍ଡିତ ନିତ୍ୟାନନ୍ଦ ମିଶ୍ର। ପରେ ବିଦିଶାବସୁ ମଲିକଓ ରୋହିନି ସାମଲଙ୍କର ଦ୍ୱୈତ ନୃତ୍ୟରେ ଗୋବିନ୍ଦ ଦାମୋଦରଷ୍ଟକ ପରିବେଷଣ କରିଥିଲେ। ଶେଷରେ ଦିଲ୍ଲୀରୁ ଆସିଥିବା କଳାଚୈତନ୍ୟ ଅନୁଷ୍ଠାନର ନୃତ୍ୟ ଶିଳ୍ପୀମାନେ କଥକ ନୃତ୍ୟ ପରିବେଷଣ କରିଥିଲେ।

## ସୌଭାଗ୍ୟନଗର ବରିଷ୍ଠ ନାଗରିକ ସଂଘର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୬।୧୦(ସମିସ): ସୌଭାଗ୍ୟନଗର ବରିଷ୍ଠ ନାଗରିକ ସଂଘର



୧୦ମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅନନ୍ତ ପ୍ରସାଦ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି, ବ୍ରହ୍ମାକୁମାରୀ ଭଉଣୀ ଗୀତା ମୁଖ୍ୟବକ୍ତା, ଆଇନଜୀବୀ ମଧୁମାଧବ ଜେନା, ଅନୁପ କୁମାର ମହାପାତ୍ର, କର୍ପୋରେଟର ବିନୟିନୀ ଜେନା, ସୌଭାଗ୍ୟନଗର ୱେଲଫେୟାର ଆସୋସିଏସନ୍ ସଭାପତି ରବୀନ୍ଦ୍ର ନାଥ ଦାଶ ସମ୍ପାଦକ ପ୍ରଦୀପ କୁମାର ପରିଡ଼ା, ଅଞ୍ଜନା ଘୋଷ, ସନ୍ଧ୍ୟାରାଣୀ ସେଠୀ, ରଶ୍ମିତା ବୈଦ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ରୋଟାରୀ ପକ୍ଷରୁ ସହର ସଫେଇ ଅଭିଯାନ

ଭୁବନେଶ୍ୱର,୨୬।୧୦(ସମିସ): ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ୟୁନିକ୍, ରୋଟାରୀ



କ୍ଲବ ଅଫ୍ ଭୁବନେଶ୍ୱର ଗାଲାକ୍ସି ସହିତ ମିଳିତ ଭାବରେ ବୁଦ୍ଧ ପାର୍କଠାରେ ଏକ ସହର ସଫେଇ ଅଭିଯାନ ଆୟୋଜିତ ହୋଇଥିଲା। ସାର୍ବଜନୀନସ୍ଥାନରୁ ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ଆବର୍ଜନା ସଫା କରିବା, ସଚେତନତା ବୃଦ୍ଧି କରିବା ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ସଫା ସାର୍ବଜନୀନ ସ୍ଥାନ ବଜାୟ ରଖିବାର ଗୁରୁତ୍ୱ ବିଷୟରେ ସଚେତନ କରିବା ଏବଂ ଏକ ଉପଯୋଗୀ ସାମୁଦାୟିକ ସମ୍ପର୍କ ସ୍ଥାପନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। କ୍ଲବ ସଭାପତି ରୋଟାରିଆନ୍ ସଂଘମିତ୍ରା ରଥ, କ୍ଲବ୍ ସମ୍ପାଦକ ରୋଟାରିଆନ୍ ସୁଧୀର କୁମାର ବେହେରା, ଆର୍ଯ୍ୟ ପାଣିଗ୍ରାହୀ ପିପି, ଡ. ନାରାୟଣ ପତି ପିପି, ଡ. ଶୁଭେନ୍ଦୁ ଦାସ ପିପି ଏବଂ ରୋଟାରିଆନ୍ ପ୍ରକାଶ ଦାସ, ଅର୍ଜ୍ଜୁନ ପୁରସ୍କାରପ୍ରାପ୍ତ ମିନତି ମହାପାତ୍ର, ଆରଟିଏନ୍ ବୃନ୍ଦାବନ ମଲ୍ଲିକ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ୟୁନିକ୍ ପକ୍ଷରୁ ଯୋଗ ଦେଇଥିଲେ।

## ବିଭୁବୈଭବର ବାର୍ଷିକୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ

ଭୁବନେଶ୍ୱର,୨୬।୧୦(ସମିସ): ଆଧ୍ୟାତ୍ମିକ ପତ୍ରିକା ବିଭୁବୈଭବର ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ଓ ପ୍ରତିଭା ସମ୍ମାନ ରାଧାବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଆଶ୍ରମ ପରିସରରେ ବୃକ୍ଷରୋପଣ କରାଯିବା ସହ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହନ୍ତ ରାମକୃଷ୍ଣ ଦାସ ମହାରାଜ ବ୍ୟକ୍ତି ଜୀବନରେ ଆଧ୍ୟାତ୍ମିକତାର ପ୍ରଭାବ ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରଫେସର ଡକ୍ଟର ଉଦ୍ଧବ ଚରଣ ନାୟକ ଭୀମଭୋଇଙ୍କ ଆଦର୍ଶ ବିଷୟରେ ଆଲୋକପାତ କରିଥିଲେ। ସମ୍ପାଦକ ଲୋକଶିକ୍ଷକ ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ ଆଧ୍ୟାତ୍ମିକ ଚେତନା ମଣିଷକୁ ମୃତ୍ୟୁଂଜୟ କରିପାରିବ ବୋଲି କହିଥିଲେ। ବିଭୁବୈଭବର ଶ୍ରୀକ୍ଷେତ୍ର ମଣ୍ଡଳର ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ଏକାମ୍ର ମଣ୍ଡଳର ସଭାପତି ଜ୍ୟୋତିର୍ବିଦ ଡକ୍ଟର ପ୍ରତାପ କୁମାର ମିଶ୍ର, ବିଭୁବୈଭବର ସଭାପତି ପ୍ରିୟବ୍ରତ ମିଶ୍ର ପ୍ରମୁଖ ଆଧ୍ୟାତ୍ମିକ ଜୀବନର ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମହନ୍ତ ରାମକୃଷ୍ଣ ଦାସଙ୍କୁ ଆନନ୍ଦ ଭରଦ୍ୱାଜ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଓ ବାନାମ୍ବର ସ୍ୱାଇଁଙ୍କୁ ଭାଗୀରଥ କର୍ମଯୋଗୀ ସମ୍ମାନ ପ୍ରଦାନ କରାଯାଇଥିଲା।

# ମା' ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ଅନ୍ତିମ ଦିବସ

ଭଦ୍ରକ, ୨୬ ।୧୦(ସମିସ)



ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ଅନ୍ତିମ ଦିନରେ ମା' ମହାଲକ୍ଷ୍ମୀ ବେଶ ଧାରଣ କରିଛନ୍ତି ମା' ଭଦ୍ରକାଳୀ। ମା'ଙ୍କୁ ମହାଲକ୍ଷ୍ମୀ ବେଶରେ ଦର୍ଶନ କରିବା ପାଇଁ ମନ୍ଦିରରେ ଭକ୍ତମାନଙ୍କର ପ୍ରବଳ ସମାଗମ ହୋଇଥିଲା। ଭକ୍ତମାନେ ଧାଡିବାନ୍ଧି ମା'ଙ୍କୁ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ଆଶିଷ କାମନା କରିଥିଲେ। ମା' ମହାଲକ୍ଷ୍ମୀ ବେଶରେ ନାଲିରଙ୍ଗର ପାଟବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ। ଗଜ ଓ ପେଚା ବାହନରେ ମା' ବିରାଜମାନ କରି ବାମ ହସ୍ତଯୁଗଳରେ ଶଙ୍ଖ ଓ ଗଦା ଧାରଣ କରିଥିବା ବେଳେ ଦକ୍ଷିଣ ହସ୍ତଯୁଗଳରେ ଚକ୍ର ଓ ପଦ୍ମ ଧାରଣ କରିଥିଲେ। ମା'ଙ୍କର ଏହି ଚତୁର୍ଦ୍ଧା ଅପୂର୍ବ ଅନନ୍ୟ ରୂପକୁ ଦର୍ଶନ କରିବା ନିମନ୍ତେ ଭକ୍ତମାନଙ୍କର ଭିଡ଼ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ଲଗିରହିଥିଲା।

## ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଲେ
## ପୀଠରେ ମହାଯଜ୍ଞର ପୂର୍ଣ୍ଣାହୁତି

ପୂର୍ଣ୍ଣାହୁତି ପର୍ବରେ ଜିଲ୍ଲାର ବହୁ ପ୍ରଶାସନିକ ଅଧିକାରୀ, ରାଜନେତା ସମାଜସେବୀମାନେ ପୀଠରେ ଉପସ୍ଥିତ ହୋଇଥିଲେ। ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ତରଫରୁ ପ୍ରାୟ ୧୫ ହଜାରରୁ ଅଧିକ ଭକ୍ତଙ୍କୁ ପ୍ରସାଦ ଓ ପହୁଡ଼ ଭୋଗ ପ୍ରଦାନ କରାଯାଇଥିଲା। ସେବାୟତ ମନ୍ଦରଧର ଦୀକ୍ଷିତ, ଦିପୁନ ଦୀକ୍ଷିତ, ଅନୁଗ୍ରହ ଦିକ୍ଷୀତ, ଶେଖର ମହାପାତ୍ର, କୃଷ୍ଣପ୍ରସାଦ ଦୀକ୍ଷିତ, ଜୀବନ ଦୀକ୍ଷିତ, ଭାଗୀରଥି ଦୀକ୍ଷିତ, ମଦନ ମୋହନ ଦୀକ୍ଷିତ ପଞ୍ଚାନନ ଦୀକ୍ଷିତ, ଶରତ ପଣ୍ଡା, ଅରବିନ୍ଦ ଦୀକ୍ଷିତ, ନିକୁଞ୍ଜ ଦୀକ୍ଷିତ, ପ୍ରଶାନ୍ତ ଦୀକ୍ଷିତ, ସୁଶାନ୍ତ ପଣ୍ଡା, ପ୍ରଫୁଲ୍ଲ ସାହୁ, ବାପି ଦୀକ୍ଷିତ, ନିତ୍ୟାନନ୍ଦ ଦୀକ୍ଷିତ, ପ୍ରଦୀପ ପଣ୍ଡା, ଗୋପବନ୍ଧୁ ଦୀକ୍ଷିତ, କୁଳମଣି ଦୀକ୍ଷିତ ଏବଂ ପୀଠର ସମସ୍ତ ପୂଜକ ସେବାୟତ ତଥା ଯୁବକମାନେ ପୂର୍ଣ୍ଣାହୁତି ପର୍ବରେ ବିଭିନ୍ନ ବିଭାଗରେ ନିଜନିଜ ଦାୟିତ୍ୱ ସମ୍ପନ୍ନ କରିଥିଲେ।

# ବସ୍-ବାଇକ୍ ମୁହାଁମୁହିଁ: ଜଣେ ମୃତ; ରାସ୍ତା ଅବରୋଧ



ତିହିଡ଼ି, ୨୬।୧୦ (ସମିସ): ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ଆରୁହା ଛକ ନିକଟରେ ରବିବାର ପୂର୍ବାହ୍ନରେ ଏକ ବସ୍ ସହ ବାଇକ୍‌ର ମୁହାଁମୁହିଁ ହେବା ଫଳରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାଁ ପ୍ରଭାତ ବୈଦ୍ୟ (୪୨)। ତାଙ୍କ ଘର ଚାନ୍ଦବାଲି ଥାନା ଅଧୀନ ଚଡ଼ଦିଆ ଗାଁରେ। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତା ଅବରୋଧ କରିଥିଲେ। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଓ ତିହିଡ଼ି ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଅବରୋଧ ହଟି ନ ଥିବା ଜଣାଯାଇଛି। ବାଇକ୍ ଚାଳକ ପ୍ରଭାତ ଭଦ୍ରକରୁ ଘରକୁ ଫେରୁଥିବାବେଳେ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାଉଥିବା ଖୁସି ନାମକ ଏକ ବସ୍ ନଂ ଓଡ଼ି ୩୪ଡ଼ି ୬୩୭୭ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରଭାତଙ୍କ ମୃତ୍ୟୁ ଘଟିଥିଲା। ତେବେ ଲୋକେ ଉତ୍ତ୍ୟକ୍ତ ହୋଇ ବସ୍ ଚାଳକଙ୍କୁ ଆକ୍ରମଣ କରିଥିବା ଜଣାଯାଇଛି।

## ରଙ୍ଗବେରଙ୍ଗ ଆଲୋକରେ ଝଲସୁଛି ଧାମନଗର ସହର

# ୨୮ ଓ ୨୯ ଦୁଇ ଦିନ ଉର୍ସ ପାଳନ

ଧାମନଗର, ୨୬ ।୧୦(ସମିସ): ରଙ୍ଗବେରଙ୍ଗ ଆଲୋକରେ ଝଲସୁଛି ଧାମନଗର ସହର। ଧାମନଗରରେ ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ୪୬ତମ ବାର୍ଷିକ ଉର୍ସ ଉତ୍ସବ ଚଳିତ ମାସ ୨୮ ଓ ୨୯ ଦୁଇ ଦିନ ଧରି ପାଳନ ହେବାକୁ ଯାଉଛି। ଏହି ଉର୍ସ ପର୍ବ ଲାଗି ସଂଖ୍ୟାଲଘୁ ଧର୍ମାବଲମ୍ବୀଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସର ପରିବେଶ ସୃଷ୍ଟି ହୋଇଥିବା ବେଳେ ମୁସଲିମ ସମ୍ପ୍ରଦାୟର



ସାହିବସ୍ତି ଓ ଘରେ ଘରେ ରଙ୍ଗବେରଙ୍ଗର ଲିଟୁ ଆଲୋକରେ ସୁସଜ୍ଜିତ ହୋଇଉଠିଛି ଗାଁଠାରୁ ସହର। ସେହିଭଳି ଧାମନଗର ଏନଏସି ଅଧୀନ ଜମାଲ ଛକଠାରୁ ଭାୟା ଖାନକା ସରିଫଠାରୁ ସାନବଜାର ଓ ବଡ଼ ବଜାର ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଉପରେ ରଙ୍ଗବେରଙ୍ଗର ଲିଟୁ ଆଲୋକରେ ସୁସଜ୍ଜିତ ହୋଇ ଉତ୍ସବ ମୁଖର ଧାମନଗର। ଖାନଙ୍କା ସରିଫ୍‌ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ତୋରଣ ସହରକୁ ଆହୁରି ଆକର୍ଷିତ କରିଛି। ବିଭିନ୍ନ ରାଜ୍ୟରୁ ବ୍ୟବସାୟୀମାନେ ଆସି ପସରା ମେଲେଇଥିବା ବେଳେ ଏଲାବାଦ ହାଲୁଆ, ପରଟା,ଖଜୁରୀ,ମୋରବାଙ୍କ ସମେତ ଚକ୍ରୀ, ଝୁଲି ଇତ୍ୟାଦି ବିଭିନ୍ନ ପ୍ରକାର ଆଇଟମ କରି ଦୁଇ ପାଇସା ରୋଜଗାର କରିବା ପାଇଁ ପ୍ରସ୍ତୁତିରେ ଲାଗିପଡିଛନ୍ତି। ପୀରବାବାଙ୍କ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ଫୋର୍ସର ବ୍ୟବସ୍ଥା କରାଯାଇଛି ବୋଲି ଆଇଆଇସି ରଞ୍ଜନ କୁମାର ସେଠୀ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା 'ଉତ୍ସାହ'

ଭଦ୍ରକ, ୨୬ ।୧୦(ସମିସ): ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଶିଶୁ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀଙ୍କ ନିମନ୍ତେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା 'ଉତ୍ସାହ' ବାଗୁରାଇସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ପର୍ବରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷ ଡ ଦେବରାଜ ପାଣିଗ୍ରାହୀ, ସମାଜମଙ୍ଗଳ ଅଧିକାରିଣୀ ରୂପାଲି ମିତ୍ର, ସୁରକ୍ଷା ଅଧିକାରିଣୀ ଚନ୍ଦ୍ରା ସାହୁ, ଶିଶୁ ମଙ୍ଗଳ ସଦସ୍ୟ ଭାରତୀ ଦାଶ,



ବାଗୁରାଇ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମଞ୍ଚ ସଂଯୋଜନା ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା କରିଥିଲେ। ଉଦ୍‌ଯାପନୀ ସଂଧ୍ୟାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବରିଷ୍ଠ ନାଗରିକମଞ୍ଚର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ଡ଼ା. ପାଣିଗ୍ରାହୀ, ସଦସ୍ୟ ନବୀନଚନ୍ଦ୍ର ବେହେରା, ଗାନ୍ଧୀବାଳାଶ୍ରମର ସଂପାଦକ ଅଶୋକ ଦାସ ଯୋଗଦାନ କରିଥିଲେ। ଫୁଟବଲ୍ ମ୍ୟାଚରେ ଗାନ୍ଧୀ ଓଡ଼ିଶାବାଳାଶ୍ରମର ଅନ୍ତେବାସୀ ବିଜୟ ଲାଭ କରିବା ସହ ଚାମ୍ପିଅନ ହୋଇଥିଲେ। ଶିଶୁ ସୁରକ୍ଷା ଶାଖାର ସାମାଜିକ ତଥା ଆଇନ୍ ଅଧିକାରୀ ସୁବ୍ରତ ଦାସ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରି.ଳନା କରିଥିବା ବେଳେ ୟୁନିଟ୍‌ର କର୍ମକର୍ତ୍ତା ଅଣଆନୁଷ୍ଠନିକ ଅଧିକାରିଣୀ ସ୍ୱାଗତିକା ବାରିକ, ବାହ୍ୟକର୍ମୀ ମହେଶଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଧୀରଜ ବାରିକ୍, କୁଳଦୀପ ଜେନା, ଲକ୍ଷ୍ମୀପ୍ରିୟା ମଲ୍ଲିକ, ଶୁଭାଶିଷ ପଣ୍ଡା, ସୁଦର୍ଶନ ବାଦ୍ରା, ନବୀନ ବେହେରା ସମେତ ଲିପିକା ପଣ୍ଡା, ସସ୍ମିତା ନାୟକ, ସରିତା ସାମଲ, ପ୍ରଜ୍ଞାଶ୍ରୀ ଦାସ, ଦେବୀସ୍ମିତା ମହାନ୍ତି, ଜ୍ୟୋତିପ୍ରକାଶ ପତି, ଦିଗନ୍ତ ବେହେରା, ସତ୍ୟଦେବ ପାତ୍ର ଚାଇଲ୍ଡ୍‌ଲାଇନ୍‌ର ସଂଯୋଜିକା ଶୁଭଶ୍ରୀ ପଡ଼ିଆରୀ ଓ ତାଙ୍କର ଟିମ୍ ସହଯୋଗ କରିଥିଲେ।

# ପୁଣି ଫେରିଲେ ଏବିଡିଓ ଶର୍ମିଷ୍ଠା ମଲ୍ଲିକ

ଧାମନଗର, ୨୬ ।୧୦(ସମିସ): ଧାମନଗରରୁ କିଛି ଦିନ ତଳେ ଏବିଡିଓ ସୁଶ୍ରୀ ଶର୍ମିଷ୍ଠା ମଲ୍ଲିକଙ୍କ ଭଣ୍ଡାରିପୋଖରୀ ବ୍ଲକକୁ ବଦଳି ହୋଇଥିଲା। ଜିଲ୍ଲାପାଳ ଭଦ୍ରକଙ୍କ ଆଦେଶ ସଂଖ୍ୟା ୬୫୦-୨୫/୧୧/୨୫ ଅନୁସାରେ ଜିଲ୍ଲା ପରିଷଦ ଭଦ୍ରକର ଅତିରିକ୍ତ ନିର୍ବାହୀ ଅଧିକାରୀ ଧନାଇ ଚରଣ ଟୁଡୁ ଜିଲ୍ଲା ପଞ୍ଚାୟତ ଅଧିକାରୀ ଦାୟିତ୍ୱ ନେବା ପାଇଁ ନିର୍ଦ୍ଦେଶ ସହ ନିଶିକାନ୍ତ ଖୁଣ୍ଟିଆ ଭଣ୍ଡାରିପୋଖରୀ ଏବିଡିଓ ଦାୟିତ୍ୱରେ ରହିବେ। ସେହିକ୍ରମରେ ପୂର୍ବରୁ ଧାମନଗର ଏବିଡିଓ ଥିବା ସୁଶ୍ରୀ ଶର୍ମିଷ୍ଠା ମଲ୍ଲିକ ମଲ୍ଲିକ ପୁଣି ଫେରି ଧାମନଗର ଏବିଡିଓ ରହିବେ ବୋଲି ସୂଚନା ମିଳିଛି। ତେବେ ଶର୍ମିଷ୍ଠା ମଲ୍ଲିକଙ୍କ ପୁନଃ ପ୍ରତ୍ୟାବର୍ତ୍ତନକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିବା ବେଳେ ପ୍ରଶାସନ ବାରମ୍ବାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଅଦଳ ବଦଳ କରୁଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ଉଲ୍ଲାସ ନବ ଭାରତ ସାକ୍ଷରତା

ବାରିକପୁର, ୨୬ ।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ୪୦ଟି କେନ୍ଦ୍ରରେ ଉଲ୍ଲାସ ନବ ଭାରତ ସାକ୍ଷରତା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ୧୫ ବର୍ଷରୁ ଅଧିକ ଯେଉଁମାନେ ଲେଖା ପଢା ଜାଣି ନଥିବେ ସେମାନଙ୍କ ପାଇଁ ଉକ୍ତ ସାକ୍ଷରତା ପରୀକ୍ଷା ଆୟୋଜିତ ହୋଇଛି। ଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇ, ଅତିରିକ୍ତ ଶିକ୍ଷା ଅଧିକାରିଣୀ ତୃପ୍ତିମୟୀ ପାତ୍ର, ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଫୁଲ୍ଲ ସାହୁ, ଏବିଓ ମଞ୍ଜୁଳା ନାୟକ ପ୍ରମୁଖ ଯଶୋଟିକିରି ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟଠାରେ ପହଞ୍ଚି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଅଜୟ ନନ୍ଦ ଓ ଶିକ୍ଷା ସଂଯୋଜକ ଦୁର୍ଗାପ୍ରସାଦ ମାର୍ଥାଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଶିକ୍ଷକ ଅଶ୍ୱିନୀ ମଲ୍ଲିକ, ବିଭୂତି ଭୂଷଣ ମହାନ୍ତି, ଦୀପ୍ତିପ୍ରଭା ବେଉରିଆ, ଅନୀତା ମାଝୀ, ଜ୍ୟୋସ୍ନାରାଣୀ ସାମଲ, ସୁମିତ୍ରା ସାହୁ, ନିରଞ୍ଜନ ପହି ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ଅଧିକାରୀମାନେ ପାହି ମୋହୁରା, ବାରିକପୁର ପ୍ରମୁଖ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ବ୍ଲକ ଅଞ୍ଚଳର ୧୭ଟି କ୍ଲଷ୍ଟର ଅଧୀନ ୪୦ଟି କେନ୍ଦ୍ରରେ ୨୨୪୩ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି।

# ସମ୍ଭାବ୍ୟ ବାତ୍ୟାକୁ ନେଇ ମତ୍ସ୍ୟ ବିଭାଗର ସଚେତନତା

ବାସୁଦେବପୁର,୨୬ ।୧୦(ସମିସ): ସମ୍ଭାବ୍ୟ ବାତ୍ୟାକୁ ନେଇ ନାନା କଳ୍ପନାଜଳ୍ପନା ଲାଗି ରହିଛି। ହେବାକୁ ଥିବା ସାମୁଦ୍ରିକ ବାତ୍ୟା ଓଡିଶାରେ ବେଶି ପ୍ରଭାବ ପକାଇବା ସମ୍ଭାବନା ଦେଖା ଦେବା ପରେ ବାସୁଦେବପୁର ବ୍ଲକ ମତ୍ସ୍ୟ ବିଭାଗ ପକ୍ଷରୁ ସତର୍କତା ପ୍ରକାଶ ପାଇଛି। ବାସୁଦେବପୁର ସମୁଦ୍ର ଉପକୂଳ ଅଞ୍ଚଳ ହୋଇଥିବା କାରଣରୁ ବାତ୍ୟା ବେଶି ଅନୁଭୂତ ହେବ ବୋଲି ଅକଳନ କରାଯାଇଛି। ସେଥିପାଇଁ ଆଜି ବ୍ଲକ ମତ୍ସ୍ୟ ବିଭାଗ ସମୁଦ୍ର ମୁହାଁଣରେ ଥିବା ବିଭିନ୍ନ ମାଛ ଧରା ଜେଠୀକୁ ଯାଇ ଲୋକମାନଙ୍କୁ ବାତ୍ୟା ସମ୍ପର୍କିତ ସଚେତନ କରିଛି। ବୋଟଗୁଡିକୁ ସୁରକ୍ଷିତ ସ୍ଥାନରେ ଭଲ ଭାବେର ବାନ୍ଧି ରଖିବାକୁ ପରାମର୍ଶ ଦେଇଛି। ଚୂଡାମଣୀ,କଣିଆ ସେମତ ପତୁଆଁ ଓ ଅଡୁଆଁ ଆଦି ମାଛ ଧରା ଜେଠୀକୁ ଯାଇ ମତ୍ସ୍ୟଜୀବୀ ସଂଘ ସହାୟତାେର ମତ୍ସ୍ୟଜୀବୀଙ୍କ ସେମତ ଉପକୂଳେର ବସବାସ କରୁଥିବା ଲୋକମାନଙ୍କୁ ସମ୍ଭାବ୍ୟ ବାତ୍ୟା ସମ୍ପକର୍ରେ ସୂଚନା ଦେଇ ଭୟଭୀତ ନହେବାକୁ ପରାମର୍ଶ ଦେଇଛି। ବିଭିନ୍ନ ଜେଠୀରେ ଶହ ଶହ ସଂଖ୍ୟାରେ ବୋଟ ସହିତ ହଜାର ହଜାର ମତ୍ସ୍ୟଜୀବୀ ପରିବାର ବାତ୍ୟା ଭୟାବହତା ପୂବର୍ରୁ ଅନେକ ସାମନା କରିଥିବା ବେଳେ ଏହାର ସ୍ଥିତି କଣ ରହିବା ତାହାକୁ ନେଇ ସନ୍ଦିହାନ ଅବସ୍ଥାରେ ରହିଛନ୍ତି। ପାଣିପାଗ ବିଭାଗର ବାତ୍ୟା ସୂଚନା ପେର ମତ୍ସ୍ୟ ବିଭାଗର ଅଧିକାରୀଙ୍କ ସହ ବ୍ଲକ ପ୍ରଶାସନ କାର୍ଯ୍ୟକ୍ରମରେ ସାମିଲ ରହିଛି। ସେହିପରି ସମ୍ଭାବ୍ୟ ବାତ୍ୟାକୁ ନେଇ ସାରା ବ୍ଲକର ଧାନ ଚାଷୀମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଧାନ ଗଛ ପେଟେର ଥୋଡ ଭରି ରହିଥିବା ବେଳ ବାତ୍ୟା ପ୍ରଭାବରେ ସବୁ କିଛି ଛାରଖାର ହୋଇଯିବାର ଆଶଙ୍କା କରିଛନ୍ତି ଚାଷୀକୁଳ। ଧାନ ଗଛର ସ୍ଥିତି ଆହାର ନେବାକୁ ବସିଥିବା ବେଳ ବାତ୍ୟା ପବନ ଓ ବର୍ଷା ବର୍ଷକର ଆହାର ଛଡାଇ ନେବ ବୋଲି ଚାଷୀମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ନଦୀ ନାଳ ଆଦି ସ୍ଥାନରେ ପାଣି ଭରି ରହିଥିବା ବେଳେ ଅନେକାଂଶରେ ନଦୀ ନାଳ ବି ଅବେହଳିତ ଅବସ୍ଥାରେ ପୋତି ହୋଇରହିଛି। ତେବେ ଯଦି ବାତ୍ୟା ହୁଏ ବର୍ଷାପାଣି ନିଷ୍କାସନରେ ବ୍ୟାଘାତ ଦେଖା ଦେବା ସହିତ ବନ୍ୟା ପରିସ୍ଥିତିକୁ ଆମନ୍ତ୍ରଣ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଜିଲ୍ଲା ଗାୟତ୍ରୀ ପରିବାର ପକ୍ଷରୁ ପୁରସ୍କାର ବିତରଣ



ଭଦ୍ରକ, ୨୬ ।୧୦(ସମିସ)

ଭଦ୍ରକ ଜିଲ୍ଲା ଗାୟତ୍ରୀ ପରିବାର ତରଫରୁ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ୨୦୨୪-୨୫ର ଜିଲ୍ଲାସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ଭଦ୍ରକ ବାଇପାସସ୍ଥିତ ଶ୍ରୀ ଶ୍ରୀ ଗୀତା ଭବନ ପରିସରରେ ଏକ ଦିବ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଭଦ୍ରକ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଯୋଗ ଦେଇଥିଲେ। ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର କେନ୍ଦ୍ରସ୍ଥଳ ଶାନ୍ତିକୁଞ୍ଜ ହରିଦ୍ୱାରରେ ସେ ସପରିବାର ୨ଦିନ ରହଣିର ଅନୁଭୂତି ସମ୍ପର୍କରେ ସୂଚନା ଦେଇ କହିଲେ ଯେ ବାସ୍ତବରେ ଏହା ତାଙ୍କ ପାଇଁ ସ୍ୱର୍ଗୀୟ ଅନୁଭବ। ସେଠାରେ ପହଞ୍ଚିଗଲେ ଆଉ ଫେରିବା ପାଇଁ ଇଚ୍ଛା ହେଉ ନଥାଏ। ଉକ୍ତ ଉତ୍ସବରେ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ବରିଷ୍ଠ ସଦସ୍ୟ ତଥା ବୈଜ୍ଞାନିକ ଇଂ ଅଭୟ ସୂତାର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବରେ ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ଯୋଗ ଦେଇଥିଲେ। ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପ୍ରଫୁଲ୍ଲ ଦାସ ଏବଂ ଯୁଗ ନିର୍ମାଣ ସାହିତ୍ୟ ପ୍ରକାଶନ ଟ୍ରଷ୍ଟ, ଓଡ଼ିଶାର ବରିଷ୍ଠ କର୍ମକର୍ତ୍ତା ପାଣ୍ଡବ ଜେନା ଏଥିରେ ଯୋଗଦାନ କରିଥିଲେ। ଭଦ୍ରକ ଜିଲ୍ଲା ବର୍ଷିୟାନ ଗାୟତ୍ରୀ ସାଧକ ତଥା ଅବସରପ୍ରାପ୍ତ ଶିକ୍ଷାଧିକାରୀ ଆନନ୍ଦଚନ୍ଦ୍ର ଦାସ ମଧ୍ୟ ଅଭିଭାଷଣ ରଖିଥିଲେ। ୫ମ ଶ୍ରେଣୀରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ନଅଟି ଶ୍ରେଣୀ ଭିତରେ ସମଗ୍ର ଜିଲ୍ଲାରେ ଉକ୍ତ ପରୀକ୍ଷା ଦେଇ ସର୍ବାଧିକ ନମ୍ବର ରଖିଥିବା ପ୍ରଥମ ଦ୍ୱିତୀୟ ତୃତୀୟ ଭାବରେ ପ୍ରତି ଶ୍ରେଣୀର ପିଲାଙ୍କୁ ପ୍ରମାଣପତ୍ର ସହ ଟ୍ରଫି ଏବଂ ବିଭିନ୍ନ ଉପାଦେୟ ପୁସ୍ତକ ଓ ଗାୟତ୍ରୀ ମନ୍ତ୍ର ଲିଖନ ଖାତା ସହ ଉପଢୌକନ ମଧ୍ୟ ପ୍ରଦାନ କରାଗଲା। ଏହି ପରୀକ୍ଷା ଆୟୋଜନ କରାଇବାରେ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ଅକୁଣ୍ଠ ସାହାଯ୍ୟ କରୁଛନ୍ତି ସେମାନଙ୍କୁ "ଶ୍ରୀ ରାମ ଶର୍ମା ଉତ୍କୃଷ୍ଟ ସ୍ୱୋ ଶିକ୍ଷକ ସମ୍ମାନ' ଭାବରେ ମାନପତ୍ର ସହ ଉପଢୌକନରେ ସମ୍ମାନିତ କରାଯାଇଥିଲା। ଜିଲ୍ଲା ଗାୟତ୍ରୀ ପରିବାର ସମନ୍ୱୟ ସମିତିର ସମନ୍ୱୟକ ପ୍ରଦୀପ ନାୟକ ସଭାପତିତ୍ୱ କରିଥିଲେ। ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାର ଜିଲ୍ଲା ସଂଯୋଜକ ଅଧ୍ୟକ୍ଷ କୁଶଦ୍ୱେ ମଲ୍ଲିକ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ। ଶାନ୍ତିଲତା ସାମଲ ଓ ନମିତା ମହାନ୍ତି ଯୁଗ ସଙ୍ଗୀତ ଗାନ କରିଥିଲେ। ଏଥିରେ ୨୯ ଜଣ ଛାତ୍ରଛାତ୍ରୀ, ୧୨ ଜଣ କୃତୀ ଶିକ୍ଷକଶିକ୍ଷୟିତ୍ରୀ ଏବଂ ସର୍ବାଧିକ ପରୀକ୍ଷା କରାଇଥିବା ସ୍କୁଲର ପ୍ରଧାନଶିକ୍ଷକ ଓ ସର୍ବୋଚ୍ଚ ପରୀକ୍ଷା କରାଇଥିବା ଗାୟତ୍ରୀ ପରିବାରର କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ସମନ୍ୱୟ ସମିତିର ସହସମନ୍ୱକ ଶ୍ରୀଧର ସାମଲ, ମିଡ଼ିଆ ସେଲ୍‌ର କେଦାରନାଥ ମହାପାତ୍ର, ସଙ୍ଗଠକ ପ୍ରଫୁଲ୍ଲ ରାଉତ, କାକଳି ଖଟୁଆ, ନମିତା ମହାନ୍ତି, ରମେଶ ବେହେରା, ଅରୁଣ ମଲ୍ଲିକ, ଜିଲ୍ଲା ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି କୈଳାସଚନ୍ଦ୍ର ମହାନ୍ତି ଓ କୋଷାଧ୍ୟକ୍ଷ ଟ୍ରଷ୍ଟି ଆଲୋକ ମୁଖାର୍ଜୀ, ବରିଷ୍ଠ ସାଧକ କରୁଣାକର ସାମଲ, ଆନନ୍ଦଚନ୍ଦ୍ର ନାୟକ,ଦୁଃଶାସନ ଖଣ୍ଡେଇ ସହଯୋଗ କରିଥିଲେ। ୨୦୨୫-୨୬ରେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାକୁ ସମଗ୍ର ଜିଲ୍ଲାରେ ବ୍ୟାପକ କରିବା ପାଇଁ ସଂକଳ୍ପବଦ୍ଧ ହେବା ସହ ବରିଷ୍ଠ ଗାୟତ୍ରୀ ସାଧକ ଅମୂଲ୍ୟ ପରିଡ଼ାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ପରେ ସଭା ସମାପନ ହୋଇଥିଲା।

# ଗଣିତ ଓ ବିଜ୍ଞାନ ପ୍ରଶିକ୍ଷଣ ଶିବିର



ଭଦ୍ରକ,୨୬ ।୧୦(ସମିସ): ଭଦ୍ରକ ଜିଲ୍ଲାସ୍କୁଲଠାରେ ବ୍ଲକସ୍ତରୀୟ ଏକଦିବସୀୟ ଗଣିତ ଓ ବିଜ୍ଞାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା କାର୍ଯ୍ୟାଳୟ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ର ଶିକ୍ଷା, ଭଦ୍ରକଙ୍କ ମିଳିତ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖାନ୍ ଏକାଡେମୀ ତରଫରୁ ଷଷ୍ଠରୁ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତୀମାନଙ୍କୁ ଗଣିତ ଓ ବିଜ୍ଞାନ ପାଠ୍ୟକ୍ରମରେ କିଭଳି ଦକ୍ଷତା ବୃଦ୍ଧି କରାଯାଇ ପାରିବ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଖାନ୍ ଏକାଡେମୀ ସହ ଅନୁବନ୍ଧିତ ଭଦ୍ରକ ବ୍ଲକର ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଗଣିତ ଓ ବିଜ୍ଞାନ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଗଣିତ ଏସ୍‌ଆରଜି-ଏସକେ ଏହେସାନ, ସୁଶାନ୍ତ ସାହୁ, ବିଜ୍ଞାନ ଏସ୍‌ଆରଜି ଲିପିରେଖା ବେହେରା ଓ ତାରିଣୀ ପ୍ରସାଦ ଦାସ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଡ.ଜଗବନ୍ଧୁ ସାହୁ, ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ଉପସ୍ଥିତ ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଗଣିତ ଓ ବିଜ୍ଞାନରେ ୮୬ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ ସାଧନ କେନ୍ଦ୍ର ସଂଯୋଜିକା ସୁଶ୍ରୀ ରଚନା ପାଲ୍ ଓ ବିଦ୍ୟାଳୟ ପ୍ରଧାନଶିକ୍ଷକ ପାନମତୀ ବେସ୍ରା ଓ ଡିଏସଏସ୍ ହିମାଦ୍ରୀନନ୍ଦିନୀ ବିଶ୍ୱାଳ ସହଯୋଗ କରିଥିଲେ।

# ବେଆଇନ ଗୋରୁ ଟ୍ରକ୍ ଜବତ

ଭଣ୍ଡାରିପୋଖରୀ/ବାରିକପୁର,୨୬ ।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବାରିକପୁର ନିକଟସ୍ଥ ବିଷ୍ଣୁପୁର ଛକଠାରୁ ୨ଟି ବେଆଇନ ଗୋରୁ ବୋଝେଇ ଟ୍ରକ ଜବତ ହୋଇଛି। ଶନିବାର ରାତି ପ୍ରାୟ ୨.୩୦ ମିନିଟ୍ ସମୟରେ କଟକ ପଟୁ ୨ଟି ୧୪ ଚକିଆ ଟ୍ରକ ଶତାଧିକ ଗୋରୁ ବୋଝେଇ କରି କଲିକତା ଅଭିମୁଖେ ଯାଉଥିଲା। ଗୋ-ଚାଲାଣ ବାବଦରେ ଖବର ପାଇ ଭଦ୍ରକ ଗୋ-ସେବକମାନେ ବିଷ୍ଣୁପୁର ଓଭରବ୍ରିଜ ନିକଟରେ ପହଞ୍ଚି ଟ୍ରକ ୨ଟିକୁ ଅଟକ ରଖି ଧାମନଗର ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରୁ ଟ୍ରକ ଚାଳକ ଓ ଖଲାସି ଫେରାର ହୋଇ ଯାଇଥିଲେ। ପୁଲିସ ଗାଡ଼ି ୨ଟିକୁ ଜବତ କରିବା ସହିତ ଗୋ-ସେବକଙ୍କ ସହାୟତାରେ ଗୋରୁଗୁଡ଼ିକୁ ଉଦ୍ଧାର କରି ଭଦ୍ରକ ମଇତାପୁର ଗୋଶାଳାକୁ ପଠାଇଥିବା ଜଣାପଡିଛି। ଏନେଇ ଥାନା ପକ୍ଷରୁ ୪୦୯/୨୫ ରେ ଏକ ମାମଲା ରୁଜୁ କରାଯାଇଛି।

## ସ୍ୱଚ୍ଛତା ଅଭିଯାନ କାଗଜକଲମରେ | କୁଣ୍ଡ ଫାଙ୍କା, ବାହାରେ ଅଳିଆଗଦା

# କାମରେ ଲାଗୁନି ଆବର୍ଜନା ପୃଥକୀକରଣ କେନ୍ଦ୍ର ଓ ଅଳିଆ କୁଣ୍ଡ

ବନ୍ତ/ଆଗରପଡ଼ା,୨୬।୧୦(ସମିସ)

ସରକାର ପରିବେଶକୁ ସରସ ଓ ସୁନ୍ଦର କରିବା ସହ ଆବର୍ଜନାମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହାର ସଫଳ ରୂପାୟନ ହୋଇ ପାରୁ ନଥିବା ଜଣାପଡ଼ିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ।

୨୦୨୨-୨୩ ଆର୍ଥିକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଏକଲକ୍ଷ ଟଙ୍କା ବ୍ୟୟରେ ବନ୍ତ ବ୍ଲକ ବିଭିନ୍ନ ପଞ୍ଚାୟତରେ ଗୋଟିଏ ଗୋଟିଏ ଆବର୍ଜନା ପୃଥକୀକରଣ କେନ୍ଦ୍ରର ନିର୍ମାଣ କରାଯାଇଥିଲା। ୪ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ଏହା କାମରେ ଲାଗି ନପାରି କେବଳ ଶୋଭାବର୍ଦ୍ଧନ କରିକରି ଶେଷରେ କେଉଁଠି ନଷ୍ଟ ହେବାକୁ ବସିଲାଣି ତ ଆଉକେଉଁଠି ଗୁଳ୍ମ ଘେରରେ ରହି ତାର ଅସ୍ତିତ୍ୱ ହରାଇଲାଣି। ନିର୍ମାଣ ସମୟରେ ସୁନ୍ଦର ରଙ୍ଗ କାମକୁ ତିନିଟି ଅଲଗା ଅଲଗା କୋଠରୀ ନିର୍ମାଣ କରାଯାଇଥିବା ବେଳେ ନିର୍ମିତ କେନ୍ଦ୍ରର କାନ୍ଥ ଚାରିପଟେ ଏହାର ଉପଯୋଗିତା ଉପରେ ବ୍ୟଙ୍ଗ ଚିତ୍ର ମଧ୍ୟ ଅଙ୍କା ଯାଇଥିଲା। ଏହା ବର୍ତ୍ତମାନ କାମରେ ଲାଗି ପାରୁନଥିବାରୁ ଉକ୍ତ ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବଜାର ଅଞ୍ଚଳରେ ଏଭଳି କୁଣ୍ଡ ପଡ଼ିଛି ଫାଙ୍କା କିନ୍ତୁ ବାହାରେ ଗଦା ଗଦା ଅଳିଆ ପଡ଼ି ପରିବେଶକୁ ପ୍ରଦୂଷିତ କରୁଛି। ଏହାର ବ୍ୟବହାର ଓ କାର୍ଯ୍ୟକାରିତା ଉପରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ପ୍ରକଳ୍ପର ସଫଳ ରୂପାୟନ ହୋଇପାରୁନାହିଁ। ଯେଉଁସବୁ ପଞ୍ଚାୟତରେ ଅଳିଆ କୁଣ୍ଡ ପ୍ରଦାନ କରାଯାଇଛି ଉକ୍ତ ଅଳିଆକୁଣ୍ଡକୁ ଦେଖିଲେ କୁଣ୍ଡରୁ ଅଳିଆ ଗନ୍ଧ ବାହାରିବା ପରିବର୍ତ୍ତେ ଦୁର୍ନୀତିର ଗନ୍ଧ ବାହାରୁଥିବା ପରିଲକ୍ଷିତ ହେଉଛି। ବିଭିନ୍ନ ୱାଡର୍‌ରେ ବସବାସ କରୁଥିବା ବାସିନ୍ଦାଙ୍କ ଘରକୁ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ଅଳିଆ କୁଣ୍ଡରେ ଅଳିଆ ରହିବା ପରିବର୍ତ୍ତେ ଅନ୍ୟ ସାମଗ୍ରୀମାନ ରହୁଛି। ବହୁଜାଗାରେ ସୂଚନାବିହୀନ କୁଣ୍ଡ ଥୁଆ ହୋଇଛି। ଏହିପରି ଭାବରେ ପ୍ରକୃତ ଲକ୍ଷ୍ୟଠାରୁ ଏହା ବହୁ ଦୂରରେ ଥିବାର ଜଣାପଡ଼ିଛି। କୁଣ୍ଡ ନିର୍ମାଣରେ ୩ଟି ନନ୍ଦ ବ୍ୟବହାର ହୋଇଥିବା ବେଳେ ଉକ୍ତ କୁଣ୍ଡକୁ ଯୋଡ଼ି ତା ଉପରେ ରଙ୍ଗ ମାରି ସୂଚନା ଲେଖାଯାଇଛି। ଯେଉଁ ଅର୍ଥ ଏଥିନିମନ୍ତେ



ବ୍ୟବହାର ହୋଇଛି ତାହାର ବ୍ୟବହାର ପ୍ରକୃତ ପକ୍ଷେ ହେଉଛି କି ନାହିଁ ସେଥିପ୍ରତି କେହି ଦୃଷ୍ଟି ନଦେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରିବା ସହ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି। ପରିବେଶକୁ ସରସ ଓ ସୁନ୍ଦର କରିବା ସହ ଆବର୍ଜନା ମୁକ୍ତ କରିବା ପାଇଁ ଆବର୍ଜନା ପୃଥକୀକରଣ କେନ୍ଦ୍ର କେନ୍ଦ୍ରଗୁଡ଼ିକ ନଷ୍ଟ ହେବା ଆଗରୁ ତାକୁ କାର୍ଯ୍ୟକ୍ଷମ କରିବା ସହ ଅଳିଆକୁଣ୍ଡ ତାର ପ୍ରକୃତ ଲକ୍ଷ୍ୟ କିପରି ସାଧିତ କରିପାରିବ ବିଭାଗୀୟ ଅଧିକାରୀ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

## ‘ମୋନ୍ଥା’ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି

# ବାତ୍ୟା ସମୟରେ ସୁରକ୍ଷା ଓ ସତର୍କତାକୁ ଗୁରୁତ୍ୱ

ପାରଳାଖେମୁଣ୍ଡି, ୨୬।୧୦ (ସମିସ)



**ସମସ୍ତ ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡ଼ି ୪ ଦିନ ବନ୍ଦ**

**୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ**

**ପାହାଡ଼ିଆ ଓ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳ ଲୋକଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ**

**ଦୁଇ ଓଡ୍ରାଫ୍ ଟିମ୍ ପ୍ରସ୍ତୁତ; ସମସ୍ତ ପର୍ଯ୍ୟଟନସ୍ଥଳୀ ବନ୍ଦ**

ଗଜପତି ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ‘ମୋନ୍ଥା’ର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳ ମଧୁମିତା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବାତ୍ୟା ଆନ୍ଧ୍ରପ୍ରଦେଶର ମଛଲିପଟ୍ଟନମ୍ ନିକଟରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଥିବାରୁ, ଗଜପତିକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ତୀବ୍ର ପବନ ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲ୍ଲାକୁ ରେଡ୍‌ଜୋନ୍ ଘୋଷଣା କରି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରିଛି।

ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକୁ ଅକ୍ଟୋବର ୨୭ରୁ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ଗଜପତି ଜିଲ୍ଲାକୁ ଅକ୍ଟୋବର୨୭ ଓ୨୯ତାରିଖରେ ଅରେଞ୍ଜ ୱାର୍ଣ୍ଣ ଏବଂ ୨୮ତାରିଖରେ ରେଡ୍ ୱାର୍ଣ୍ଣ ଦିଆଯାଉଥିବା ଜିଲ୍ଲାପାଳ କହିଛନ୍ତି। ବାତ୍ୟା ସମୟରେ ସୁରକ୍ଷା ଓ ସତର୍କତା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ସମୟରେ ସମସ୍ତ ଆବଶ୍ୟକୀୟ ପ୍ରସ୍ତୁତି ଓ ସତର୍କତାମୂଳକ ବ୍ୟବସ୍ଥାର ତଦାରଖ ପାଇଁ ଜିଲ୍ଲାପାଳ ନିଜେ ନିୟନ୍ତ୍ରଣ କକ୍ଷରୁ କାର୍ଯ୍ୟ ପରିଚାଳନା କରୁଛନ୍ତି। ଜିଲ୍ଲାବାସୀଙ୍କୁ ସତର୍କ ରହିବାକୁ ଏବଂ ଆବଶ୍ୟକ ସୁରକ୍ଷା ମାନଦଣ୍ଡ ପାଳନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଗଜପତି ଜିଲ୍ଲାକୁ ସତର୍କତା ପଦକ୍ଷେପ ସ୍ୱରୂପ ପୂର୍ବ ପ୍ରସ୍ତୁତି କରି ରହିବା ପାଇଁ ଆଜି ଜିଲ୍ଲାପାଳ ଆଭାସୀ ବୈଠକ ମାଧ୍ୟମରେ ଜିଲ୍ଲାର ସମସ୍ତ ବିଭାଗ ଓ ଲାଇନ୍ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର, ବ୍ଲକ୍‌ସ୍ତରୀୟ ,ତହସିଲସ୍ତରୀୟ ଏବଂ ସମସ୍ତ ଲାଇନ ବିଭାଗୀୟ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ରହିବ। ସମସ୍ତ ଅଧିକାରୀ ଏବଂ କର୍ମଚାରୀଗଣ ନିଜ ନିଜ ହେଡ୍‌କ୍ୱାର୍ଟରରେ ରହିବେ। ସମସ୍ତଙ୍କ ଛୁଟି ବାତିଲ କରାଯାଇଛି। ସମସ୍ତ ଅଗ୍ନିଶମ କେନ୍ଦ୍ର ଗୁଡିକୁ ପୂର୍ବ ପ୍ରସ୍ତୁତି କରି ସଜାଗ ରହିବାକୁ କୁହାଯାଇଛି। ଆବଶ୍ୟକ ସ୍ଥଳେ ସେମାନେ ଉଦ୍ଧାର କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇବେ। ବହୁମୁଖୀ ବାତ୍ୟାଆଶ୍ରୟସ୍ଥଳଗୁଡିକୁ ଯାଞ୍ଚ କରିଆବଶ୍ୟକ ସ୍ଥଳେ ଯୁଦ୍ଧକାଳୀନ ଭିତ୍ତିରେ ସେଗୁଡିକର ମରାମତି, ବିଦ୍ୟୁତ୍ ଯୋଗାଣ, ଜେନସେଟ୍ ବ୍ୟବସ୍ଥା, ପାନୀୟଜଳ ବ୍ୟବସ୍ଥା କରି ରଖିବେ। ଏହି କାର୍ଯ୍ୟ ତୁରନ୍ତ କରିବାକୁ ୭ ବ୍ଲକ୍‌ରେ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି।

ଭୂସ୍ଖଳନ ପ୍ରଭାବିତ ତଥା ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ତଳିଆ ଅଞ୍ଚଳ, କଚ୍ଚା ଘରେ ବସବାସ କରୁଥିବା ପରିବାର କିମ୍ବା ଯେଉଁ ଘରର ସ୍ଥିତି ଠିକ୍ ନାହିଁ ଦୁର୍ବଳ ଅବସ୍ଥାରେ ଅଛି ସେହି ପରିବାରର ଲୋକଙ୍କୁ ସ୍ଥାନାନ୍ତର କରି ବାତ୍ୟା ଆଶ୍ରୟ ସ୍ଥଳରେ ରଖିବା ବ୍ୟବସ୍ଥା, ରନ୍ଧା ଖାଦ୍ୟ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରକୁ ଆଶ୍ରୟସ୍ଥଳ ଭାବେ ଉପଯୋଗ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟାଦିନ ବାହାରକୁ ନବାହାରିବା ଓ ନଦୀ କିମ୍ବା ନାଳକୁ ନଯିବାକୁ ଜିଲ୍ଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଆବଶ୍ୟକ ସ୍ଥଳେ ଚୁଡା, ଗୁଡ, ଚିନି, କିରାସିନି, ମହମବତୀ, ଔଷଧ, ଅତ୍ୟାବଶ୍ୟ ସାମଗ୍ରୀ ସମସ୍ତ ବ୍ଲକ୍‌ରେ ଗଚ୍ଛିତ ରଖିବାକୁ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲାରେ ଦୁଇଟି ଓଡ୍ରାଫ୍ ଟିମ୍ ପ୍ରସ୍ତୁତ ହୋଇ ରହିଥିବା ଜଣାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ଏବଂ ଅନ୍ୟାନ୍ୟ ବିଷୟ ନେଇ ସବିଶେଷ ଆଲୋଚନା ହୋଇଥିବା ଜିଲ୍ଲାପାଳ କହିଛନ୍ତି। ସେହିପରି ବାତ୍ୟା ଆଶଙ୍କା ଯୋଗୁ ମହେନ୍ଦ୍ରଗିରି ପର୍ବତ ସମେତ ଆଜିଠାରୁ ଜିଲ୍ଲାର ସମସ୍ତ ପର୍ଯ୍ୟଟନ ସ୍ଥଳୀ ବନ୍ଦ ରହିବ। ଜିଲ୍ଲାରେ ରହିଥିବା ୧୩୯ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା କାର୍ଯ୍ୟ ପ୍ରଶାସନ ତରଫରୁ ଆରମ୍ଭ ହୋଇଛି। ଅତୀତର ଅନୁଭୂତିକୁ ଆଧାର କରି ସମ୍ଭାବ୍ୟ ପରିସ୍ଥିତିକୁ ମୁକାବିଲା ସକାଶେ ୨ଟି ଓଡ୍ରାଫ୍ ଟିମ୍‌କୁ ଗଜପତି ଜିଲ୍ଲାକୁ ପଠାଇବା ନିମନ୍ତେ ପ୍ରଶାସନ ତରଫରୁ ସରକାରଙ୍କୁ ଜଣାଯାଇଛି ବୋଲି ଜିଲ୍ଲାପାଳ ମଧୁମିତା କହିଛନ୍ତି। ସେପଟେ ସମ୍ଭାବ୍ୟ ବାତ୍ୟାକୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀ ଓ ମୁନିନ୍ଦ୍ର ହନେଗା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ରଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମୋହନାରେ ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

**ମୋହନା:** ମାତ୍ୟା ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି କରିଛି ମୋହନା ବ୍ଲକ ପ୍ରଶାସନ। ନୋଡାଲ ଅଫିସର ତଥା ଗଜପତି ଉପ ଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ଅଧକ୍ଷତାରେ ମୋହନା ବ୍ଲକ ସଭାଗୃହରେ ବିଭିନ୍ନ ବିଭାଗର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କିଭଳି ଭାବେ ବାତ୍ୟାର ମୁକାବିଲା କରାଯିବ ସେନେଇ ବୈଠକରେ ଯୋଜନା ପ୍ରସ୍ତୁତ ହୋଇଥିବା ମୋହନା ବ୍ଲକ ବିଡ଼ିଓ ରାଜୀବ ଦାସ୍ ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟା ପାଇଁ ମୋହନା ବ୍ଲକର ବିଭିନ୍ନ ସ୍ଥାନରେ ୪୧ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ କରାଯାଇଛି। ସେଠାରେ ରନ୍ଧା ଏବଂ ଶୁଖିଲା ଖାଦ୍ୟ ମହଜୁଦ ରହିଛି। ୧୫ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଚିହ୍ନଟ କରାଯିବା ସହ ପାହାଡ଼ ତଳି ଅଞ୍ଚଳରୁ ଲୋକଙ୍କୁ ବାତ୍ୟା ଆଶ୍ରୟ ସ୍ଥଳିକୁ ଚାଲିଆସିବାକୁ ନିବେଦନ କରାଯାଇଛି। ବାତ୍ୟା ସମ୍ବନ୍ଧୀୟ ସୂଚନା ପାଇଁ ବ୍ଲକ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ୬୮୧୬୨୫୮୨୮୧ ନମ୍ବରରେ ଯୋଗାଯୋଗ କରି ଲୋକେ ବାତ୍ୟା ସମ୍ବନ୍ଧୀୟ ଘଟଣା ଦୁର୍ଘଟଣାର ସୂଚନା ପ୍ରଶାସନକୁ ପ୍ରଦାନ କରିପାରିବେ। ଆସନ୍ତା ସୋମବାର ଠାରୁ ଜିଲ୍ଲାରେ ଭୀଷଣ ବର୍ଷା ପାଇଁ ଆଞ୍ଚଳିକ ପାଣିପାଗ ବିଭାଗ ସତର୍କ ସୂଚନା ପ୍ରଦାନ ମଧ କରିଛି।



## ବନ୍ଦହେଲା ଜିଲ୍ଲାର ସମସ୍ତ ପର୍ଯ୍ୟଟନସ୍ଥଳୀ

ପାରଳାଖେମୁଣ୍ଡି,୨୬।୧୦(ସମିସ): ସମ୍ଭାବ୍ୟ ସାମୁଦ୍ରିକ ଝଡ ‘ମୋନ୍ଥା’କୁ ନେଇ ଗଜପତି ଜିଲ୍ଲାର ସମସ୍ତ ପର୍ଯ୍ୟଟନସ୍ଥଳୀକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଏହି ସାମୁଦ୍ରିକ ଝଡ ପ୍ରଭାବରେ ଅଧିକରୁ ଅଧିକ ବୃଷ୍ଟିପାତ ସମ୍ଭାବନା ସହ ବଜ୍ରପାତ ହେବାର ଆଶଙ୍କା ରହିଥିବାରୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡିଛି। ଏନେଇ ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ପତ୍ର ମାଧ୍ୟମରେ ଜଣାଇଛି। ଜିଲ୍ଲାର ସମସ୍ତ ଜଳପ୍ରପାତ ସମେତ ମହେନ୍ଦ୍ରଗିରି ଓ ବିଏନ୍ ପ୍ୟାଲେସ୍‌କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ମୁଖ୍ୟକରି ଗଣ୍ଡାହାତୀ, ମହେନ୍ଦ୍ରଗିରି, ବିଏନ୍ ପ୍ୟାଲେସ୍ ସମେତ, ଖସଡା, ପ୍ରଭୃତି ପର୍ଯ୍ୟଟନ ସ୍ଥଳୀ ନିକଟରେ ପର୍ଯ୍ୟଟକଙ୍କୁ ପ୍ରବେଶ ମନା କରିବା ପାଇଁ ପୁଲିସ, ବନବିଭାଗର କର୍ମଚାରୀମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଜିଲ୍ଲା ପ୍ରଶାସନ ତରଫରୁ ମୁତୟନ କରାଯାଇଛି। ଏପରିକି ସ୍ୱତନ୍ତ୍ର ପତ୍ର ମାଧ୍ୟମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ବନଖଣ୍ଡ ଅଧିକାରୀ, ସମସ୍ତ ୭ଟି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଜିଲ୍ଲାପାଳ ଦେଇଛନ୍ତି।



## ବଂଶଧାରା ନଦୀକୂଳିଆ ଗ୍ରାମବାସୀଙ୍କୁ ସଚେତନ

**କାଶୀନଗର:** କାଶୀନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ରବିବାର ବାତ୍ୟା ମୋନ୍ଥା ନେଇ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଥିଲା। ବାତ୍ୟାର ମୁକାବିଲା ପାଇଁ କାଶୀନଗର ବ୍ଲକ ଓ ଏନ୍‌ଏସି ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନି ମାଝୀ ରହିଛନ୍ତି। ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତିରେ ତହସିଲଦାର ସୁଧୀର କୁମାର ନନ୍ଦ, ବିଡିଓ ଡମ୍ବୁରଧର ମଲ୍ଲିକ, ବ୍ଲକ ଅଧକ୍ଷା ବି.ସାୟାମ୍ମା, ଏଇ ରଜତ ପାଢ଼ୀ ଓ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ପ୍ରସ୍ତୁତି ବୈଠକ ହୋଇଥିଲା। ବାତ୍ୟା ପ୍ରବାଭରେ ପ୍ରବଳ ବର୍ଷା ଯୋଗୁ ବଂଶଧାରା ନଦୀରେ ବନ୍ୟା ସମ୍ଭାବନା ଥିବାରୁ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ନଦୀ ଉପକୂଳିଆ ଗ୍ରାମବାସୀଙ୍କୁ ସଚେତନା କରିବା ସହ ବାତ୍ୟାରୁ ସୁରକ୍ଷା ଦିଆଯିବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ବିଭିନ୍ନ ବିଭାଗୀୟ କର୍ମଚାରୀଙ୍କୁ ପଞ୍ଚାୟତ ଓ ଗ୍ରାମ ଗୁଡ଼ିକର ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ନଦୀ ଉପକୂଳ ଗ୍ରାମ ଗୁଡ଼ିକର ରୋଗଗ୍ରସ୍ତ ଲୋକ ଓ ଗର୍ଭବତୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ସହ କଚ୍ଚାଘରେ ଥିବା ଲୋକଙ୍କୁ ସ୍ଥାନୀୟ ଆଶ୍ରୟସ୍ଥଳରେ ରଖାଯିବ। ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ଥାନାନ୍ତର କରାଯିବା ନେଇ ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସେହିପରି ଦାୟିତ୍ୱରେ ଥିବା ସମସ୍ତ ନୋଡାଲ ଅଫିସର ସଜାଗ ହୋଇ ରହିଥିବା ବେଳେ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ସହଯୋଗ କରିବା ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ନଦୀ ଉପକୂଳ ଅଞ୍ଚଳରେ ଏନ୍‌ଏସିର ୪ ୱାର୍ଡ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ବାତ୍ୟା ସମ୍ପର୍କରେ ସଚେତନ କରିବା ସହ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ପ୍ରସ୍ତୁତ ବୈଠକରେ ଏନ୍‌ଏସିର ଅଧିକାରୀ କିମ୍ବା କେହି କର୍ମଚାରୀ ଯୋଗ ଦେଇ ନଥିଲେ। ଏନେଇ ଅତିରିକ୍ତ ଉପଜିଲ୍ଲାପାଳ କହିଛନ୍ତି ଏନ୍‌ଏସି କାର୍ଯ୍ୟାଳୟରେ ବାତ୍ୟାର ସୁରକ୍ଷା ନେଇ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରାଯିବ।



## ଗରମ ପାଣିରେ ପଡ଼ି ବାଳିକାର ମୃତ୍ୟୁ

**ଫିରିଙ୍ଗିଆ,୨୬।୧୦(ସମିସ):** ଗତକାଲି ଗରମ ଭାତ ପାଣିରେ ପଡ଼ି ଗୁରୁତର ଆହତ ୪ବର୍ଷର ବାଳିକାର ବ୍ରହ୍ମପୁର ବଡ଼ ମେଡିକାଲ ନେବା ବାଟରେ ମୃତ୍ୟୁ ଘଟିଛି। ରୋଷେଇ ଚାଲିଥିବା ବେଳେ ଗରମ ପାଣିରେ ପଡି ଚାରିବର୍ଷର ବାଳିକା ଜଣକ ଗୁରୁତର ଆହତ ହୋଇଥିଲା। ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଥାନା ସାଡିଙ୍ଗିଆ ପଞ୍ଚାୟତ ବାଡାଯୋଡି ଗାଁରେ ଏହି ଘଟଣା ଘଟିଥିଲା। ଶନିବାର ଦିନ ୧୨ରେ ଗାଁର ବାଦେଶ୍ୱର କହଁରଙ୍କ ଝିଅ ରାଜଶ୍ରୀ କହଁର ଘରେ କେହି ନଥିବା ସମୟରେ ଅସାବଧାନତା ଯୋଗୁ ରୋଷେଇ ଘରେ ଚୁଲିରେ ବସିଥିବା ଭାତ ରନ୍ଧା ପାଇଁ ବସିଥିବା ପାଣିରେ ପଡି ଯାଇଥିଲା। ଏଥିରେ ବାଳିକାର ଶରୀରର ପ୍ରାୟ ୪୫ ଭାଗ ପୋଡି ଯାଇଥିବା ବେଳେ ତାଙ୍କୁ ତାଙ୍କ ପରିବାର ଲୋକେ ପ୍ରଥମେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ଅବସ୍ଥା ଅଧିକ ଗୁରୁତର ହେବାରୁ ତାକୁ ଫୁଲବାଣୀରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିଲା। ଆଜି ସକାଳୁ ବାଳିକାର ମୃତଦେହ ତାଙ୍କ ନିଜ ଗାଁ ବାଡ଼ାଯୋଡିରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

## ୪୫ ଲକ୍ଷ ଟଙ୍କାର ଗଞ୍ଜେଇ ସହ ଗାଡ଼ି ଜବତ

**ମୋହନା,୨୬।୧୦(ସମିସ):** ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ କର୍ଚ୍ଚବାଡି ପଞ୍ଚାୟତର ବୁଦୁରିଙ୍ଗି ଘାଟି ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ସମୟରେ ଏକ ପିକଅପ ଭ୍ୟାନରେ ଗଞ୍ଜେଇ କେଶରୀଗୁଡା ଠାରୁ ବୁଦ୍ରିଙ୍ଗ ରାସ୍ତା ଦେଇ ବ୍ରହ୍ମପୁର ଯିବାବେଳେ ଅବକାରୀ ବିଭାଗ ନଜରରେ ପଡିଥିଲା। ଅବକାରୀ କର୍ମଚାରୀଙ୍କୁ ଦେଖି ଗାଡି ଚାଳକ ଘଟଣା ସ୍ଥଳରୁ ଜଙ୍ଗଲ ମଧ୍ୟକୁ ଚମ୍ପଟ ମାରିଥିଲା। ଘଟଣା ସ୍ଥଳରୁ ଅବକାରୀ ବିଭାଗ ପକ୍ଷରୁ ଗାଡିକୁ ଜବତ କରି ଗଞ୍ଜେଇ ଓଜନ କରାଯାଇଥିଲା। ଜବତ ୪୫୦ କିଲୋ ଗଞ୍ଜେଇ ଯାହାର ଆନୁମାନିକ ମୂଲ୍ୟ ୪୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ସୁପରିଟେଣ୍ଡେଣ୍ଟ ପ୍ରଦୀପ କୁମାର ସାହୁ କହିଛନ୍ତି। ପାଟ୍ରୋଲିଂରେ ଅବକାରୀ ସବଇନିସ୍ପେକଟର ଦଣ୍ଡ ଶବର ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।



## କ୍ରୀଡ଼ାବିତ୍ ମାଧବ ସ୍ୱାଇଁଙ୍କ ପରଲୋକ

**ଜି.ଉଦୟଗିରି,୨୬।୧୦(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରିର ବିଶିଷ୍ଟ କ୍ରୀଡ଼ାବିତ ମାଧବ ସ୍ୱାଇଁ(୭୪)ଙ୍କ ଶନିବାର ରାତିରେ ପରଲୋକ ଘଟିଛି। ସେ କିଛିଦିନ ହେଲା ଅସୁସ୍ଥତା କାରଣରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାରରେ କରାଯାଇଛି। ବଡ଼ପୁଅ ରଞ୍ଜନ କୁମାର ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ସେ ଜଣେ ଭଲ ଭଲିବଲ, ଫୁଟବଲ ଖେଳାଳି ସହ ଖେଳ ପରିଚାଳନା କରି ଆସୁଥିଲେ। ଏଥିସହ ଜଣେ କ୍ରୀଡ଼ାବିତ୍, କଳାକାର, ପରୋପକାରୀ, ମିଷ୍ଟଭାଷୀ ଥିବାବେଳେ ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ହାଇୱା-ବାଇକ ମୁହାଁମୁହିଁ; ୨ ଗୁରୁତର

**ଦାରିଙ୍ଗବାଡି,୨୬।୧୦(ସମିସ):** ଦାରିଙ୍ଗବାଡି ଥାନା ଅଞ୍ଚଳ ମୁଣ୍ଡାନାଜୁ ଛକ ନିକଟ ବୁଲାଣିରେ ହାଇୱା ଓ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକରେ ଥିବା ଦୁଇ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଦୁଇ ଯୁବକ ହେଲେ ନୂଆଗାଁ ବ୍ଲକ ଅନ୍ତର୍ଗତ କୁଟୁଡୁଲ ଗ୍ରାମର ତୋଫାନ ବେହେରା ଦଲେଇ (୨୦) ଏବଂ ସୁବ୍ରତ ବେହେରା ଦଲେଇ (୨୦)। ଆହତ ଉଭୟଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ପ୍ରକାରେ ଗୁରୁତର ଦୁଇ ଯୁବକ ଏକ ବାଇକ ଯୋଗେ ଦାରିଙ୍ଗବାଡିରୁ ନିଜ ଗ୍ରାମ କୁଡୁତୁଲକୁ ଯାଉଥିବା ବେଳେ ମୁଣ୍ଡାନାଜୁ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସହିତ ମୁହାଁମୁହିଁ ଧକ୍କା ହୋଇଥିଲା।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଗଜପତି ଶାଖାର ଉଦ୍‌ବୋଧନୀ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,୨୬।୧୦(ସମିସ)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଗଜପତି ଶାଖା ତରଫରୁ ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉଦ୍‌ବୋଧନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଲକ୍ଷ୍ୟ ହାସଲ କରିବା ସହ ଦେଶ ପାଇଁ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଲୋକ ସଂସଦର ଉଦବୋଧନୀ ପରିଷଦର ଜିଲ୍ଲାଧକ୍ଷ ଡ଼. ବିପ୍ଳବ ରଞ୍ଜନ ପ୍ରଧାନ, ଓଡ଼ିଆ ବିଭାଗୀୟ ମୁଖ୍ୟଙ୍କ ସଂଯୋଜନାରେ ହୋଇଥିଲା।

ଏଥିରେ ମୁଖ୍ୟଅତିଥି ଭାବେ ପ୍ରଫେସର ରାଧାକାନ୍ତ ଭୂୟାଁ ଓ ମୁଖ୍ୟବକ୍ତା ଭାବେ ଡ଼. ଜିତେନ୍ଦ୍ରନାଥ ପଟନାୟକ ଯୋଗ ଦେଇ ଯୁବ ସମାଜଙ୍କୁ ଉଦବୋଧନ କରିଥିଲେ। ଅତିଥି ଅଧାପାକ ଅର୍ଜୁନ ଜେନା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଅତିଥି ଅଧାପିକା ଶ୍ୱେତା ପଟନାୟକ ଧନ୍ୟବାଦ ଅର୍ପଣ କରିଥଲେ। ଛାତ୍ରୀ ସ୍ନେହା ବେହେରା ସ୍ୱଦେଶବାଣୀ ପଠନ କରିଥିବାବେଳେ ଛାତ୍ରୀ ରାଜେଶ୍ୱରୀ ସ୍ୱାଇଁ ଓ ଅନ୍ୟମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।

## ଇକୋ ରିଟ୍ରିଟ୍ କାର୍ଯ୍ୟର ତଦାରଖ କଲେ ବିଡ଼ିଓ

**ଦାରିଙ୍ଗବାଡ଼ି,୨୬।୧୦(ସମିସ):** ଦାରିଙ୍ଗବାଡିରେ ପଞ୍ଚମ ଥର ପାଇଁ ରାଜ୍ୟ ସରକାରଙ୍କ ଇକୋ ରିଟ୍ରିଟ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହାର ତଦାରଖ କରିଛନ୍ତି ଦାରିଙ୍ଗବାଡି ବିଡ଼ିଓ ତଥା ଇକୋ ରିଟ୍ରିଟ ଅଧକ୍ଷ ପ୍ରୀତି ରଞ୍ଜନ ରଥ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ରାଜ୍ୟ ସରକାର ଏହି ପ୍ରକଳ୍ପ ଦାରିଙ୍ଗବାଡିରେ ଚାରି ବର୍ଷ ହେଲା ସଫଳତାର ସହ ଆୟୋଜନ କରିଥିବା ବେଳେ ଚଳିତ ଥର ପଞ୍ଚମ ଥର ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ନଭେମ୍ବର ୧୫ ତାରିଖ ଦିନ ଏହାର ଶୁଭାରମ୍ଭ ରହିଛି। କାର୍ଯ୍ୟ କିଭଳି ସଠିକ ସମୟ ମଧ୍ୟରେ ସମ୍ପର୍ଣ୍ଣ ହେବେ ସେନେଇ ବିଡ଼ିଓ ଇକୋ ରିଟ୍ରିଟରେ ପହଞ୍ଚି କାର୍ଯ୍ୟର ତଦାରଖ କରୁଛନ୍ତି। ଏଥିସହିତ ଇକୋ ରିଟ୍ରିଟର କର୍ମଚାରୀ ଓ ଅଧିକାରୀଙ୍କ ସହ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।



**କଳିଙ୍ଗା ଘାଟି ଭୂସ୍ଖଳନକୁ ୪୦ ଦିନ; ବାତ୍ୟା ପାଇଁ ପୁଣି କାର୍ଯ୍ୟ ବନ୍ଦ**

## ଯାତାୟାତ ସ୍ୱାଭାବିକ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବେ ଲୋକେ

ଜି.ଉଦୟଗିରି,୨୬।୧୦(ସମିସ)

କଳିଙ୍ଗା ଘାଟିରେ ଗତମାସ ୧୬ ତାରିଖରେ ହୋଇଥିବା ଭୟଙ୍କର ବର୍ଷା ଓ ଭୂସ୍ଖଳନ ଯୋଗୁଁ ଏହି ରାସ୍ତା ୪୦ ଦିନ ହେଲା ବନ୍ଦ ରହିଛି। ଏପର୍ଯ୍ୟନ୍ତ ପୁନରୁଦ୍ଧାର କାର୍ଯ୍ୟ ସରି ନାହିଁ। ପୁଣି ଏବେ ବାତ୍ୟା ପାଇଁ କାର୍ଯ୍ୟ ବନ୍ଦ। ଏହାକୁ ନେଇ ଅସନ୍ତୋଷ ବଢିବା ସହିତ ଏବେ ଧାରଣାରେ ବସିବାକୁ ପ୍ରସ୍ତୁତି ଚାଲିଛି। କନ୍ଧମାଳ ସୁରକ୍ଷା ଅଭିଯାନ ତରଫରୁ ଆସନ୍ତା ୩୧ ତାରିଖରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯିବ ବୋଲି କନ୍ଧମାଳ ସୁରକ୍ଷା ଅଭିଯାନ ଆବାହକ ପ୍ରତାପ ଚନ୍ଦ୍ର ପ୍ରଧାନ କହିଛନ୍ତି। ସରକାର ଆବଶ୍ୟକ ଗୁରୁତ୍ୱ ଦେଇ ରାସ୍ତା ପୁନରୁଦ୍ଧାର କାମ ଶେଷ କରି ଜିଲ୍ଲାବାସୀଙ୍କ ଜୀବନ ଜୀବିକା ସ୍ୱାଭାବିକ କରିବାକୁ ଦାବି ହୋଇଛି। ଏହି ରାଜପଥ ଦେଇ ଦୈନିକ ହଜାର ହଜାର ଲୋକ ଯାତାୟାତ ହୋଇଥାଏ। ଏହା ବନ୍ଦ ହେବାର ପ୍ରଭାବରେ ଜି.ଉଦୟଗିରି, ରାଇକିଆ, ଟିକାବାଲି, କ.ନୂଆଗାଁ, ବାଲିଗୁଡା, ଫିରିଙ୍ଗିଆ, ଫୁଲବାଣୀ, ତୁମୁଡିବନ୍ଧ, କୋଟଗଡ, ଦାରିଙ୍ଗବାଡି, ଖଜୁରୀପଡ଼ା ଓ ଚକାପାଦ ଅଞ୍ଚଳ ସହ ସମଗ୍ର କନ୍ଧମାଳ ଜିଲ୍ଲାର ପ୍ରାୟ ୭ ଲକ୍ଷ ଲୋକ ସିଧାସଳଖ ଭାବେ ପ୍ରଭାବିତ ହୋଇଛନ୍ତି।

ସେହିପରି ଏହି ରାଜପଥ ବନ୍ଦ ହେବା ଫଳରେ ବୌଦ୍ଧ, ସୋନପୁର, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ, କଳାହାଣ୍ଡି, ରାୟଗଡା ଓ ନୂଆପଡା ଜିଲ୍ଲାର ଲୋକମାନେ ମଧ ପ୍ରଭାବିତ ହୋଇଛନ୍ତି। ଏହି ପରିସ୍ଥିତିରେ କନ୍ଧମାଳ ସୁରକ୍ଷା ଅଭିଯାନ ପକ୍ଷରୁ ସମସ୍ତ ସଚେତନ ନାଗରିକ, ବୁଦ୍ଧିଜୀବୀ, ସମାଜସେବୀ, ରାଜନୈତିକ ବ୍ୟକ୍ତି, ସାମ୍ବାଦିକ ଓ ସାଧାରଣ ଜନତାଙ୍କୁ ଏକତାରେ ଆସି ଜିଲ୍ଲାର ସ୍ୱାର୍ଥ ପାଇଁ ଗଣଧାରଣାରେ ସାମିଲ ହେବା ପାଇଁ ଆହ୍ୱାନ ଦିଆଯାଇଛି। ପ୍ରତାପ ଚନ୍ଦ୍ର ପ୍ରଧାନ ଏହି ଅଭିଯାନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି, ଯୁଦ୍ଧକାଳୀନ ଭିତ୍ତିରେ କଳିଙ୍ଗା ଘାଟି ରାସ୍ତା ପୁନରୁଦ୍ଧାର କାର୍ଯ୍ୟ ଶୀଘ୍ର ସମ୍ପାଦନ କରି ସାଧାରଣ ଲୋକଙ୍କ ପାଇଁ ଯାତାୟାତ ସ୍ୱାଭାବିକ କରିବା ନିମନ୍ତେ ଦାବି କରିଛନ୍ତି।



# ଶାଳିଜଙ୍ଗା ମହିମା ଅଲେଖ ଆଶ୍ରମ ଜମି ଓ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ



ନାଉଗାଁ,୨୬ା୧୦(ସମିସ): ନାଉଗାଁ ଶାଳିଜଙ୍ଗା ମହିମା ଅଲେଖ ଆଶ୍ରମ ଜମି ଓ ଟଙ୍କା ହଡ଼ପ ଅଭିଯୋଗ ଆଣିଛନ୍ତି ଆଶ୍ରମର ବାବା ଓ ଗ୍ରାମବାସୀ। ଏ ନେଇ ନାଉଗାଁ ଥାନାରେ ଅଭିଯୋଗ କରିଛନ୍ତି। ଆଶ୍ରମରେ ଥିବା ରୀନାରାଣୀ ଦାସ ଓ ତାଙ୍କ ସମ୍ପର୍କୀୟ ଭାଇଁ ମାନସ ଦାସ ତଞ୍ଚକତା କରି ବାବା ଗଦାଧର ଦାସଙ୍କ ସରଳତାର ସୁଯୋଗ ନେଇ ମଠର ଥିବା ଜମି ନିଜ ନାମରେ କରିନେବା ସହ ଟଙ୍କା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀକୁ ହଡ଼ପ କରିଥିବା ନେଇ ମଠାଧୀଶ ଗଦାଧର ଦାସ, ଗ୍ରାମବାସୀ ଓ ଭକ୍ତଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ମଠର ସମସ୍ତ ସମ୍ପତି ପୁନର୍ବାର ମଠକୁ ଫେରାଇ ଆଣିବା ଓ ଅଭିଯୁକ୍ତଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦୁଇଟି ପୃଥକ ଅଭିଯୋଗ ଆଜି ନାଉଗାଁ ଥାନାରେ କରାଯାଇଛି। ଅଭିଯୋଗ ପାଇ ନାଉଗାଁ ପୁଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ଗୀତା ଆବୃତ୍ତି ପ୍ରତିଯୋଗିତା



ନାଉଗାଁ,୨୬ା୧୦(ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍‌ରେ ଥିବା ହରିହରା ନନ୍ଦ ଧ୍ୟାନ ମନ୍ଦିର ମାତୃ ଆଶ୍ରମ ପରିସରରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ୮୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଗ୍ରୁପ-ଏରେ ଆର୍ଯ୍ୟାଶ୍ରୀ ଦାଶ, ସ୍ୱସ୍ତିକ ସ୍ୱାଇଁ, ସୌମ୍ୟାଶ୍ରୀ ସ୍ୱାଇଁ, ଗ୍ରୁପ-ବିରେ ଶୁଭସ୍ମିତା ବିଶ୍ୱାଳ, ରାଜେଶ୍ୱରୀ ସ୍ୱାଇଁ, ଶୁଭଶ୍ରୀ ମିଶ୍ର, ଗ୍ରୁପ-ସିରେ ପ୍ରାଚୀ ପ୍ରିୟଦର୍ଶିନୀ, ରଶ୍ମିତା ବିଶ୍ୱାଳ, ସାଗରୀକା ପରିଡା, ସୌମ୍ୟଜିତ ଦାସ, ଗ୍ରୁପ-ଡିରେ ଚିନ୍ମୟୀ ମିଶ୍ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରିଥିଲେ। ବିଚାରକ ଭାବରେ ଡ. ଆରତୀ ତ୍ରିପାଠୀ, ବାସୁଦେବ ପଟ୍ଟନାୟକ, ଯଶୋବନ୍ତ ମହାରଣା, ଗୟାଧର ଦାସ, ପ୍ରହ୍ଲାଦ ପରିଡା, ଅଦ୍ୱୈତ ପରିଡା, ବଂଶୀଧର ଆଚାର୍ଯ୍ୟ, ପଣ୍ଡିତ ବସନ୍ତ ନନ୍ଦ ଯୋଗ ଦେଇଥିଲେ। ନାଉଗାଁ ବ୍ଲକ୍ ସଂଯୋଜକ ବାବାଜୀ ଦାସ ଓ ଗୟାଧର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରହ୍ମଚାରିଣୀ କୃଷ୍ଣମୟୀ ଓ ମଧୁମୟୀ ସ୍ୱାଗତ ସଂଗୀତ ଗାନ କରିଥିଲେ। କୈଳାସ ପରିଡା, ସଂଗ୍ରାମ ଦାସ, ମନୋଜ ଶିଶୁ, ପ୍ରବୀର ମିଶ୍ର, ଶ୍ରୀଧର ଦାସ ପ୍ରମୁଖ ସହଯୋଗ କରିଥିଲେ।

# କିଶାରାମ ବିଶ୍ୱାଳ ଫାଉଣ୍ଡେସନ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



ବାଲିକୁଦା,୨୬ା୧୦(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ କିଶାରାମ ବିଶ୍ୱାଳ ଫାଉଣ୍ଡେସନ ପକ୍ଷରୁ ପ୍ରତିଷ୍ଠାତା ପୁଷ୍କର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅପଣ୍ଡରା ପଞ୍ଚାୟତର ଓଳାସଠାରୁ ପୋଦରୁଆଁ ଦେବୀ ନଦୀବନ୍ଧ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଅନୁଷ୍ଠାନର କର୍ମକର୍ତ୍ତା ଜେସିବ ସହାୟତାରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଅନାବନା ଘାସଲତା ସଫେଇ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କଡ଼ରେ ଘାସଲତା ମାଡ଼ିଆସିଥିବା କାରଣରୁ ଗାଡ଼ି ଯାତାୟାତ କରିବା କଷ୍ଟକର ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିଲେ। ଏପରିକି ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ ହୋଇଥିଲା। କୌଣସି ସୁଫଳ ମିଳି ନ ଥିଲା। ଏହା କିଶାରାମ ବିଶ୍ୱାଳ ଫାଉଣ୍ଡେସନକୁ ଜଣାଇବା ପରେ ରାସ୍ତା ସଫେଇ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଆଜି ଉକ୍ତ ରାସ୍ତା କଡ଼ ସଫେଇ କରାଯାଇଛି। ଫଳରେ ସ୍ଥାନୀୟ ୪ଟି ଗ୍ରାମର ଗ୍ରାମବାସୀ ଉପକୃତ ହେବେ। ଏହି ସଫେଇ କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ସଦସ୍ୟ ପ୍ରକୃତି ବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ ବିଶ୍ୱାଳ, ଶିକ୍ଷାବିତ୍ ପବିତ୍ର ସ୍ୱାଇଁ, ସମାଜସେବୀ ସୁବାସ ନାୟକ, କବି ବିଜୟ ଦାସ, ଯୋଗାଣ ବିଭାଗ ଅଧିକାରୀ ଶିବପ୍ରସାଦ ମହାନ୍ତି, କବି ପ୍ରଶାନ୍ତ ମହାନ୍ତି, ପିକୁନା ସ୍ୱାଇଁ, ହେମନ୍ତ ମହାନ୍ତି, ରଞ୍ଜନ ନାୟକ, ଧର୍ମାନନ୍ଦ ଜେନା, ଅଜୁ ଦାସ, କାଳନ୍ଦୀ ନାୟକ, ହରି ପୁହାଣ, ଅରୁଣ ନାୟକ, ବିଭୂତି ନାୟକ, ବିବୁଲା ବରାଳ, ଲକ୍ଷ୍ମୀଧର ନାୟକ, ଦେବଦ୍ୟୁତ ବିଶ୍ୱାଳ, ଜୟନ୍ତ ନାୟକ, ବୁବୁନା ପରିଡା, ପ୍ରଣବ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ମହାବାତ୍ୟାକୁ ପୂରିବ ୨୬ ବର୍ଷ

# ଏବେ ବି ଲୋକଙ୍କ ମନରୁ ଯାଇନି ଭୟ

ପାରାଦୀପ,୨୬ା୧୦(ସମିସ)

୧୯୯୯ ଅକ୍ଟୋବର ୨୯ରେ ପ୍ରଳୟ ଘଟାଇଥିଲା ମହାବାତ୍ୟା। ସେହି ମହାବାତ୍ୟାର ତାଣ୍ଡପକୁ ଯିଏ ଅଙ୍ଗେ ଲିଭାଇଛି, ତା' ମନରେ ଏବେବି ବାତ୍ୟା ଆସିବା କଥା ଶୁଣିଲେ ଛନକା ପଶିବା ସ୍ୱାଭାବିକ। ଏହି ପ୍ରଳୟକାରୀ ମହାବାତ୍ୟାକୁ ଆଉ ଦିନ କେଇଟା ପରେ ୨୬ ବର୍ଷ ପୂରିବ। ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସ ଆସିଲେ ହିଁ ପାରାଦୀପ ବନ୍ଦର ଅନ୍ତେବାସୀଙ୍କ ମନରେ ବାତ୍ୟା କଥା ମନେ ପଡ଼ିଥାଏ। ଚଳିତବର୍ଷ ଏହି ଅକ୍ଟୋବର ମାସ ଶେଷରେ ବାତ୍ୟା 'ମୋନ୍ଥା' ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ରାତି ସୁଦ୍ଧା ବଙ୍ଗୋପସାଗରରେ ଏହି ବାତ୍ୟା ସୃଷ୍ଟି ହେବ। ଏହା ଆନ୍ଧ୍ରପ୍ରଦେଶର କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁବ। ଏହାର ପ୍ରଭାବରେ ୨୮ ଓ ୨୯ ତାରିଖରେ ପ୍ରବଳରୁ ପ୍ରବଳ ବର୍ଷା ସହ ୮୦ କିମି ବେଗରେ ପବନ ବୋହିବ ବୋଲି ପାଣିପାଗ ବିଭାଗ କହିଛି। ଓଡ଼ିଶା ଉପକୂଳରେ ବାତ୍ୟା 'ମୋନ୍ଥା'ର ପ୍ରଭାବ ଯଦିଓ ସେତେଟା ନ ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି, ତଥାପି ୧୯୯୯ ମହାବାତ୍ୟାର ପୁନରାବୃତ୍ତିକୁ କେହି ଅଣଦେଖା କରିପାରିବେନାହିଁ।

ଏବେ ପାରାଦୀପ ସମୁଦ୍ରକୂଳିଆ ଲୋକଙ୍କ ମନରେ ଭୟ ଦେଖିବାକୁ ମିଳିଛି। ମହାବାତ୍ୟାରେ ସୌଭାଗ୍ୟକୁ ବଞ୍ଚିଯାଇଥିବା ଉପକୂଳବାସୀ ମନେ ପକାଉଛନ୍ତି ସେହି ମହାପ୍ରଳୟ ଦିନକୁ। ତେଣୁ ଏହି ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ନେଇ ବନ୍ଦର ଅନ୍ତେବାସୀ ଏବେ ଆତଙ୍କିତ ହୋଇପଡ଼ିଛନ୍ତି। ୧୯୯୯ ମହାବାତ୍ୟାର କରାଳ ରୂପ ଲୋକଙ୍କ ମନରୁ ଲିଭି ନ ଥିବାବେଳେ ଏହି ଅକ୍ଟୋବର ମାସ ଠିକ୍ ଆଉ ଦିନ କେଇଟା ପରେ ଆଉଏକ ବାତ୍ୟା ମାଡ଼ିଆସୁଥିବା ଜଣାପଡିଛି। ତେବେ ବାତ୍ୟା କଥା ଉଠିଲେ ମନେପଡେ ବନ୍ଦର ଅନ୍ତେବାସୀଙ୍କ ଲୋମଟାଙ୍କୁରା ଅନୁଭୂତି। କୋଟି କୋଟି ଟଙ୍କାର ଧନଜୀବନ ନଷ୍ଟ ହୋଇଯାଇଥିଲା। ପାରାଦୀପରୁ ଶହ ଶହ ଲୋକଙ୍କ ସହ ଗୃହପାଳିତ ପଶୁ କେହିବି ଏଥିରୁ ବାଦ୍ ପଡ଼ି ନ ଥିଲେ। ମହାବାତ୍ୟାରେ ସବୁଠୁ କ୍ଷତିଗ୍ରସ୍ତ ହୋଇଥିଲେ ପାରାଦୀପ ଷଣ୍ଢକୁଦ ବସ୍ତିର ଲୋକେ। ସେହି ମହାବାତ୍ୟା କଥା ମନେ ପଡିଲେ ଆଜି ହିଁ ଶିହିରି ଉଠନ୍ତି ଷଣ୍ଢକୁଦ ବସ୍ତିବାସିନ୍ଦା। ହଠାତ ସମୁଦ୍ର ଜୁଆର ମାଡ଼ି ଆସିବାରୁ ସମୁଦ୍ରର ଅତି ନିକଟରେ ବସବାସ କରୁଥିବା ଷଣ୍ଢକୁଦ ବାସିନ୍ଦା କେହି ବି କିଛି ଉଦ୍ଧାର କରିପାରି ନ ଥିଲେ। ଜୀବନ ବିକଳରେ କେଉଁଠି ଟିକିଏ ଆଶ୍ରୟ ନେବାକୁ ସବୁ କିଛି ଛାଡି ଘରୁ ପଳାଇ ଆସିଥିଲେ। ଯିଏ ଆସି ନ ପାରିଲେ ସମୁଦ୍ରରେ ଭାସିଗଲେ। ଅନେକ ଧନ ଜୀବନ, ଗୋରୁଗାଈ ସମୁଦ୍ର ଗର୍ଭରେ ଲୀନ ହୋଇଗଲେ।

ମହାବାତ୍ୟାର ୨୬ ବର୍ଷ ପରେ ମଧ୍ୟ ଆଜିବି ବସ୍ତିର ସ୍ଥିତି ବଦଳି ନାହିଁ। ବାତ୍ୟା ଆସିଲେ ପ୍ରଶାସନ ଲୋକଙ୍କୁ ଗାଡ଼ିରେ ଅନ୍ୟତ୍ର ସ୍ଥାନାନ୍ତରିତ କରୁଛି। ଅଦ୍ୟାବିଧି ଜୁଆର ପ୍ରତିବନ୍ଧକ ବନ୍ଧ ନିର୍ମାଣ ହୋଇନାହିଁ କି ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଇପାରିନାହିଁ। ବହୁ ଝୁମ୍ପୁଡ଼ି ଘର ଏବେବି ରହିଛି ବସ୍ତିରେ। ଯଦିଓ କିଛିମାତ୍ରାରେ କୋଠା ଘର ହେଲାଣି, ତଥାପି ବନ୍ଦର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ରହିଥିବା ଜାଗା ବିବାଦ ନେଇ କେହି ସ୍ଥାୟୀ କୋଠାଘର ନିର୍ମାଣ କରିପାରୁନାହାନ୍ତି। ଫଳରେ ବାତ୍ୟା, ଘୂର୍ଣ୍ଣିଝଡ଼, ଜୁଆର ଆଶଙ୍କାରେ ସବୁବେଳେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି ଷଣ୍ଢକୁଦ ବସ୍ତିବାସିନ୍ଦା। କେବଳ ଷଣ୍ଢକୁଦ ବସ୍ତିବାସିନ୍ଦା ନୁହଁନ୍ତି, ପାରାଦୀପ ଅଞ୍ଚଳରେ ଛୋଟବଡ଼ ୨୫ରୁ ଉର୍ଦ୍ଧ୍ୱ ବସ୍ତିବସିନ୍ଦଙ୍କ ସମାନ ଅବସ୍ଥା ରହିଛି।

## ସମୁଦ୍ରରୁ ଫେରିନି ୨୦ଟି ବୋଟ୍

ପାରାଦୀପ : ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀ ସତର୍କ ହେବାକୁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ମାଛ ଧରିଯିବା କଟକଣାକୁ ବୋଟ୍, ଡଙ୍ଗା ମାଲିକ ଓ ମତ୍ସ୍ୟଜୀବୀ ଗୁରୁତର ଭାବେ ଗ୍ରହଣ ନେଇଥିବାବେଳେ ଆଜି ସନ୍ଧ୍ୟା ସୁଦ୍ଧା ପାଖାପାଖି ୨୦ଟି ବୋଟ୍ ସମୁଦ୍ର ଭିତରେ ରହିଛନ୍ତି। ମାଲିକଙ୍କ ସହିତ କିଛି ମତ୍ସ୍ୟଜୀବୀଙ୍କ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ କିଛି ସମସ୍ୟା ସୃଷ୍ଟି ହୋଇଥିବାବେଳେ ରାତି ସୁଦ୍ଧା ବୋଟ୍‌ଗୁଡ଼ିକ କୂଳକୁ ଫେରି ଆସିବା ନେଇ କହିଛନ୍ତି ଓମ୍ପାର ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ। କୋଷ୍ଟଗାର୍ଡ ପକ୍ଷରୁ ସତର୍କ କରାଇଦିଆଯାଉଛି। ଏବେଠୁ ପାଣି ଭିତରେ କରେଣ୍ଟ ଅନୁଭୂତ ହୋଇଥିବାବେଳେ ମତ୍ସ୍ୟଜୀବୀ ତାହା ଜାଣିପାରି ଶୀଘ୍ର ଫେରିଆସୁଛନ୍ତି। ସମୁଦ୍ର ଅଶାନ୍ତ ହେବାରୁ ମୁହାଣ ଦେଇ ଆସିବାଟା ଯଦିଓ କଷ୍ଟ ହେଉଛି, ତଥାପି ସାହସ ଜମାଇ ମତ୍ସ୍ୟଜୀବୀ କୂଳକୁ ଆସିବାକୁ ପ୍ରୟାସ କରୁଥିବା ଜଣାପଡ଼ିଛି।

# 'ସରକାର ବୀରବର ସାମନ୍ତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଅପେକ୍ଷା ଜୟନ୍ତୀ ପାଳନ କରନ୍ତୁ'

କୁଜଙ୍ଗ,୨୬ା୧୦(ସମିସ): ଧୂଳିମାଟିର ସନ୍ଥ, ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ପୂର୍ବତନ ଉପବାଚସ୍ପତି ତଥା କୁଜଙ୍ଗ ଗାନ୍ଧୀ ଭାବେ ପରିଚିତ ନାରାୟଣ ବୀରବର ସାମନ୍ତଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ନେଇ ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ସରକାର ସାମନ୍ତଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଅପେକ୍ଷା ଜୟନ୍ତୀ ପାଳନ କରନ୍ତୁ ବୋଲି ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବି ଶ୍ରୀ ତରାଇ ମତ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବିଳମ୍ବରେ ହେଲେ ମଧ୍ୟ ସାମନ୍ତଙ୍କ ସ୍ୱର୍ଗ ଗମନର ୨୬ ବର୍ଷ ପରେ ତାଙ୍କ ନାମରେ ଗଠିତ ଟ୍ରଷ୍ଟ ଦ୍ୱାରା ପୂଜ୍ୟପୂଜା କାର୍ଯ୍ୟ ଆଗାମୀ ପିଢି ପାଇଁ ଉଦାହରଣ ହେବ। ଭାରତୀୟ ମୁକ୍ତି ସଂଗ୍ରାମରେ ସାମନ୍ତଙ୍କ ଅବଦାନ ଅବିସ୍ମରଣୀୟ। ରାଜ ସୁଖ ତ୍ୟାଗ କରି ସେ ଯେଉଁ ଧୂଳି ମାଟିର ସନ୍ଥ ପରି ଜୀବନଯାପନ ଅତିବାହିତ କରିଛନ୍ତି, ଏପରି ମହାପୁରୁଷକୁ କୁଜଙ୍ଗ ମାଟି କୋଳରେ ଧାରଣ କରି ନିଜକୁ ଧନ୍ୟ ମଣିଥିବାବେଳେ ରାଜ୍ୟ ସରକାର ସେଭଳି ଗୁରୁତ୍ୱ ଦେଉ ନ ଥିବାରୁ ଶ୍ରୀ ତରାଇ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରତିମୂର୍ତ୍ତି ନିର୍ମାଣ ଅପେକ୍ଷା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରତିବର୍ଷ ସାମନ୍ତଙ୍କ ଜୟନ୍ତୀ ପାଳନ କରାଯିବା ପାଇଁ ଶ୍ରୀ ତରାଇ ଦାବି କରିବା ସହ ସାମନ୍ତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସ୍ଥାନ ପରିବର୍ତ୍ତନ କରାଯିବାର ଆବଶ୍ୟକ ଅଛି। ସରକାର କଟକ-ପାରାଦୀପ ରାସ୍ତା ଚାରିଲେନ୍ ପାଇଁ ପାଞ୍ଚଶହ କୋଟିରୁ ଅଧିକ ଅର୍ଥ ବରାଦ କରିଥିବାବେଳେ ଏବେ କୁଜଙ୍ଗସ୍ଥ ତାଳଦଣ୍ଡା କେନାଲ କଡରେ ପ୍ରତିମୂର୍ତ୍ତି ପାଇଁ କାର୍ଯ୍ୟ ଚାଲୁଥିବା ସ୍ଥାନ ରାସ୍ତା ସମ୍ପ୍ରସାରଣରେ ଯିବା ସୁନିଶ୍ଚିତ ହୋଇପଡିଛି। ଏହା ପୂର୍ବରୁ ସାମନ୍ତଙ୍କ ପ୍ରତିମୂର୍ତ୍ତି ଅନ୍ୟତ୍ର ସ୍ଥାପନ କରାଯିବା ପାଇଁ ସେ ଦାବି କରିବା ସହିତ କୁଜଙ୍ଗର ନୂତନ ଅଦାଲତ ପରିସର, ପରିତ୍ୟକ୍ତ ପୁରୁଣା ତହସିଲ୍, ହାଇସ୍କୁଲ ପାଖ ପୋଖରୀ କିମ୍ବା କୃଷିଫାର୍ମ୍ ନିକଟସ୍ଥ ବାଳିକା ବିଦ୍ୟାଳୟ ସ୍ଥାନକୁ ଶ୍ରୀ ତରାଇ ପ୍ରସ୍ତାବ ଦେଇଛନ୍ତି।

# ଲକ୍ଷାଧିକ ଟଙ୍କାର ବ୍ରାଉନସୁଗର ଜବତ, ଜଣେ ଗିରଫ



ପାରାଦୀପ, ୨୬ା୧୦ (ସମିସ): ପାରାଦୀପଗଡ଼ ଅଞ୍ଚଳ ଏବେ ବ୍ରାଉନସୁଗର ବେପାରର ହବ୍ ପାଲଟିଛି। ଗୋଟିଏ ଦିନରେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗର ଜବତ କରାଯାଇଥିବାବେଳେ ଜଣଙ୍କୁ ଗିରଫ କରାଯାଇଛି। ଗତକାଲି ଲକଥାନା ପକ୍ଷରୁ ଚଢ଼ଉ କରାଯାଇ ୮୦.୨୦ ଗ୍ରାମର ବ୍ରାଉନସୁଗର ଜବତ କରାଯିବା ସହ ସମ୍ପୃକ୍ତ ଯୁବକ ବିଶ୍ୱାଳୀ ଗ୍ରାମର ହାକିମ ସାହୁ (୪୦)କୁ ଗିରଫ କରାଯାଇଛି। ପାରାଦୀପ ଲକଥାନା ଅଧିନ ଜଗତିଗଡ଼ା ନିକଟରେ ଯୁବକ ଜଣକ ବ୍ରାଉନସୁଗର ବିକ୍ରି କରୁଥିବା ଥାନା ଅଧିକାରୀ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଏସଆଇ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଏକ ଟିମ ଚଢ଼ଉ କରି ତାକୁ ଗିରଫ କରିଥିଲେ। ଚଢ଼ଉ ବେଳେ ତା' ନିକଟରୁ ୮୦.୨୦ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଥିଲା। ଅଭିଯୁକ୍ତର ମୋବାଇଲ ଫୋନ ଜବତ କରାଯାଇ ବ୍ୟବସାୟର ସବୁ ଲିଙ୍କକୁ ଖୋଳତାଡ଼ କରୁଛି ଲକଥାନା ପୁଲିସ। ଗତକାଲି ପାରାଦୀପଗଡ଼ ଶନିମନ୍ଦିର ନିକଟରୁ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୭୫ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଥିଲା।

# ଅତାମଳାରେ ମା' ଶ୍ୟାମାକାଳୀଙ୍କ ଭସାଣି



ଜଗତସିଂହପୁର,୨୬ା୧୦(ସମିସ): ଜଗତସିଂହପୁର ସହର ଉପକଣ୍ଠସ୍ଥ ଅତାମଳା ଗ୍ରାମରେ ୫ ଦିନ ଧରି ପୂଜା ପାଉଥିବା ମା' ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ଆଜି ସନ୍ଧ୍ୟାରେ ଗ୍ରାମବାସୀଙ୍କ ଦ୍ୱାରା ମା' କାଳୀଙ୍କ ମେଢ଼କୁ ଶୋଭାଯାତ୍ରାରେ ଢୋଲ ବାଦ୍ୟ ମାଦଳ ବଜେଇ ଅତାମଳାରୁ ଅଳକା ନଦୀ ଘାଟକୁ ନିଆଯାଇଥିଲା। ସେଠାରେ ନିର୍ମିତ ଅସ୍ଥାୟୀ ପୋଖରୀରେ ମା' ଶ୍ୟାମାକାଳୀଙ୍କୁ ବିସର୍ଜନ କରାଯାଇଥିଲା। ଏ ଅବସରରେ ଗତ ୫ଦିନ ଧରି ଅତାମଳା ଓ ଯଶୋବନ୍ତପୁର ଗ୍ରାମ ଉତ୍ସବମୁଖର ହୋଇ ଉଠିଥିଲା। ସମସ୍ତ କାର୍ଯ୍ୟକ୍ରମଙ୍କୁ କମିଟି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ଓ ଅତାମଳା ଯଶୋବନ୍ତପୁର ଗ୍ରାମର ଯୁବକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ମହାପାତ୍ର, ପ୍ରଶାନ୍ତ ମାଝି, ବୁଲୁ ମାଝି, ଉଲସନ ମହାନ୍ତି, ସନ୍ତୋଷ ନାୟକ, ଲକ୍ଷ୍ମୀଧର ପ୍ରଧାନ, ଭଗବାନ ଭୋଇ, ପୂର୍ଣ୍ଣପ୍ରକାଶ ସାହୁ, ରାକେଶ ପ୍ରଧାନ, ବିନୋଦ ବେହେରା, ସୁବ୍ରଜିତ ମହାନ୍ତି, କିସାନ ଭୋଇ, ଆଗତ ପତି, ଅକ୍ଷୟ ପ୍ରଧାନ, ତପୁ ମଲ୍ଲିକ, କାଳନ୍ଦୀ ପ୍ରଧାନ, ରବୀନ୍ଦ୍ର ପ୍ରଧାନ ଉପସ୍ଥିତ ରହି ମା'ଙ୍କୁ ମେଲାଣି ଦେଇଥିଲେ।

# 'ଓଡ଼ିଆ ସାହିତ୍ୟ ଜଗତକୁ ଗୋଦାବରୀଶଙ୍କ ଅବଦାନ ଚିରସ୍ମରଣୀୟ'

ଜଗତସିଂହପୁର,୨୬ା୧୦(ସମିସ): ବକୁଳ ବନର କୋକିଳ କବି ତଥା ସତ୍ୟବାଦୀ ଯୁଗର ଅନ୍ୟତମ ସାରଥୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୯ତମ ଜୟନ୍ତୀ ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ପୁରୁଣାଗଡ଼ସ୍ଥ ପ୍ରଫୁଲ୍ଲ ପାଠାଗାର ପରିସରରେ ପାଳିତ ହୋଇ ଯାଇଛି। ପାଠାଗାରର ସଭାପତି ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ଗୋଦାବରୀଶ ମିଶ୍ର ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିବା ସହିତ ଏକାଧାରାରେ ସେ ଓଡ଼ିଶାର ରାଜନୀତି, ସାହିତ୍ୟ, ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ନିଜର ଅଲିଭା ସ୍ୱାକ୍ଷର ଛାଡିଯାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଆଲୋଚକ ଭାବେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଯୋଗଦେଇ ଓଡ଼ିଆ ସାହିତ୍ୟ ଜଗତକୁ ଗୋଦାବରୀଶଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ତାଙ୍କ ଆତ୍ମଜୀବନୀ ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ ପୁସ୍ତକ ଏହାର ବଳିଷ୍ଠ ପ୍ରମାଣ ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବିଜୟ ପତି, ସତ୍ୟବାଦୀ ଦାସ, ସଞ୍ଜୟ ସାମନ୍ତସିଂହାର ଓ ପ୍ରତାପ ରାଉତରାୟ ପ୍ରମୁଖ ଯୋଗଦେଇ ଗୋଦାବରୀଶ ଉଭୟ ଗଦ୍ୟ ଓ ପଦ୍ୟ ସାହିତ୍ୟ ରଚନାରେ ଧୂରୀଣ ଥିଲେ ବୋଲି କହିଥିଲେ। ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।




# ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

ଜଗତସିଂହପୁର,୨୬ା୧୦(ସମିସ)

ଦକ୍ଷିଣ-ପୂର୍ବ ବଙ୍ଗୋସାଗରରେ ସୃଷ୍ଟି ହୋଇଥିବା ଅବପାତ ଆସନ୍ତା ୨୭ରୁ ୨୮ ତାରିଖ ସୁଦ୍ଧା ବାତ୍ୟାର ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହା ୨୮ ତାରିଖ ଦିନ ଆନ୍ଧ୍ର ଉପକୂଳ ଦେଇ ଅତିକ୍ରମ କରିବାର ସୂଚନା ମିଳିଛି। ଫଳରେ ଜଗତସିଂହପୁର ଜିଲ୍ଲାରେ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା (୭ରୁ ୧୧ ସିଏମ) ସହ ୩୦ରୁ ୪୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ୨୭ ତାରିଖ ସକାଳୁ ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ରହିଛି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ଆଶ୍ରୟ ସ୍ଥଳ ପରିଦର୍ଶନ କରି ସେଠାରେ ଆବଶ୍ୟକୀୟ ଜରୁରୀ ବ୍ୟବସ୍ଥାକୁ ତଦାରଖ କରିବା, ଆଶ୍ରୟ ସ୍ଥଳ ବିପଦସଙ୍କୁଳ ଅବସ୍ଥାରେ ଥିଲେ ଅନ୍ୟତ୍ର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ଏରସମା, କୁଜଙ୍ଗ, ବାଲିକୁଦା, ନାଉଗାଁ ବ୍ଲକ୍‌ରେ ବିଭିନ୍ନ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସଠିକ୍ ଭାବେ କାର୍ଯ୍ୟକ୍ଷମ କରିବା, ଆଶ୍ରୟ ସ୍ଥଳରେ ଆସ୍କା ଲାଇଟ୍, କଟର, ବ୍ଲିଚିଂ ପାଉଡର, ବିଶୁଦ୍ଧ ପାନୀୟଜଳ, ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ ପଦାର୍ଥ ମହଜୁଦ ରଖିବା, ଖାଦ୍ୟ ଯୋଗାଣ ନିମନ୍ତେ ବ୍ୟାପକ ଗାଡ଼ିର ବ୍ୟବସ୍ଥା କରିବା ଓ ଗାଡ଼ି ନିମନ୍ତେ ତେଲ ସଂରକ୍ଷିତ ରଖିବା, ଜେନେରେଟର ସେଟ ସହିତ ଡିଜେଲ ବ୍ୟବସ୍ଥା ସୁନିଶ୍ଚିତ କରାଇବା, ବର୍ଷାରେ ଜଳମଗ୍ନ ଅଞ୍ଚଳରୁ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ତଳିଆ ଅଞ୍ଚଳ ଚିହ୍ନଟ କରି ଆବଶ୍ୟକ ସ୍ଥିତିରେ ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ଆଶ୍ରୟ ସ୍ଥଳରେ ପଲିଥିନ ମହଜୁଦ ରଖିବା ପାଇଁ ବିଡିଓ ଓ ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ। ଗର୍ଭବତୀ ମହିଳା ଓ ଶିଶୁଙ୍କୁ ସିଡିପିଓ, ଆଶାକର୍ମୀ, ଅଙ୍ଗନବାଡି କର୍ମୀଙ୍କ ଦ୍ୱାରା ନିରାପଦ ଭାବେ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମା' ଗୃହକୁ ସ୍ଥାନନ୍ତରିତ କରିବାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡା ଔଷଧ ମହଜୁଦ ରଖିବା ଆଦି ବିଷୟରେ ଗୁରୁତ୍ୱାରୋପ କରିଥିଲେ ଜିଲ୍ଲାପାଳ। ସମସ୍ତ ବିଡିଓ, ତହସିଲଦାର, ବିଭାଗୀୟ ଅଧିକାରୀ ମଧ୍ୟ ନିଜ ଅଞ୍ଚଳର ବ୍ୟାପକ ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ। ଜିଲ୍ଲାପାଳ ପାରାଦୀପ, କୁଜଙ୍ଗ, ଏରସମାର ବିଭିନ୍ନ ବାତ୍ୟାପ୍ରବଣ ଅଞ୍ଚଳ, ଫିସିଂ ହାର୍ବର୍ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଜିଲ୍ଲାର ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ କରି ଅତ୍ୟାବଶ୍ୟକ ସେବା ସୁବ୍ୟବସ୍ଥିତ କରିବା ପାଇଁ ସଂପୃକ୍ତ ବିଡିଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଓ ଶିଶୁଙ୍କୁ ଅଧିକ ଗୁରୁତ୍ୱ ଦିଆଯିବ। ଏଥିସହତ ସମସ୍ତ ଜିଲ୍ଲାବାସୀଙ୍କୁ ଭୟଭୀତ ନ ହୋଇ, ଗୁଜବର ଶିକାର ନହୋଇ ସତ୍ୟାସତ୍ୟ ଅନୁସନ୍ଧାନ ସହ ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ଆଭାସୀ ବୈଠକରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା ଉପସ୍ଥିତ ରହି ପୁଲିସ, ଓଡରଫ, ପ୍ରସ୍ତୁତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, ପୌର ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାଲିକୁଦା ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର



ବାଲିକୁଦା,୨୬ା୧୦(ସମିସ): ପିପୁଲ ଏମପାୱାରମେଣ୍ଟ ଟ୍ରଷ୍ଟ ପକ୍ଷରୁ ବାଲିକୁଦା ବ୍ଲକ୍ ଅନ୍ତର୍ଗତ ବାଲିକୁଦା ପଞ୍ଚାୟତର ବାଲିକୁଦା ସରକାରୀ ଉଚ୍ଚବିଦ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମୁଖ୍ୟଅତିଥି ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧ୍ୟକ୍ଷ ଡାକ୍ତର ସରୋଜ ଜେନା, ବ୍ଲକ୍ ଉନ୍ନୟନ ଅଧିକାରୀ ସାଗର ନନ୍ଦ, ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, କେୟାର ହସ୍ପିଟାଲ ହୃଦ୍‌ରୋଗ ବିଭାଗ ମୁଖ୍ୟ ଡାକ୍ତର ବିପିନ ବିହାରୀ ମହାନ୍ତି, ଏମଏଲଏଚଏସ ଭିଲାଇର ପୂର୍ବତନ ଉପନିର୍ଦ୍ଦେଶକ ଡ. ଶ୍ରୀକାନ୍ତ ଚରଣ ସ୍ୱାଇଁ, ଚକ୍ଷୁ ହସ୍ପିଟାଲର ବରିଷ୍ଠ ଡାକ୍ତର ବିଜୟ ମହାନ୍ତି, ଟ୍ରଷ୍ଟ ଅଧ୍ୟକ୍ଷ ଡ. ପ୍ରବୋଧ ମହାନ୍ତି, କୋଷାଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୬୫୦ ଜଣ ରୋଗୀଙ୍କ ଚିକିତ୍ସା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଜଗତସିଂହପୁରର ବରିଷ୍ଠ ମେଡ଼ିସିନ, ଡାଇବେଟିସ ବିଶେଷଜ୍ଞ ହିମାଂଶୁ ନନ୍ଦଙ୍କ ନିକଟରେ ରୋଗୀଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏ ଅବସରରେ ବିଭିନ୍ନ ବିଭାଗ ଡାକ୍ତରଙ୍କ ସମେତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଅଶ୍ୱିନୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିର ପରିଚାଳନାରେ ପୁରାତନ ଛାତ୍ର ତଥା ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, କମଳାକାନ୍ତ ମହାପାତ୍ର, ଶୁଭେନ୍ଦ୍ର ଦାସଙ୍କ ସମେତ ବହୁ ପୁରାତନ ଛାତ୍ର ଓ ବିଦ୍ୟାଳୟ ଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକ ସହଯୋଗ କରିଥିଲେ।

# ଛକରେ ଆଲୋକୀକରଣ ଦାବି

**ଝାରସୁଗୁଡ଼ା, ୨୬।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଶିଳ୍ପ ସମୃଦ୍ଧ ହୋଇଥିଲେ ହେଁ ବିକାଶ ଏଠି ବାଟବଣା। ଏଠାରେ ରହିଥିବା ତାପଜ ବିଦ୍ୟୁତ ପ୍ରକଳ୍ପ ସମେତ କୋଇଲା ଖଣିରୁ ଉତ୍ପାଦିତ କୋଇଲାରୁ ବିଦ୍ୟୁତ ଶକ୍ତି ଉତ୍ପାଦନ ହେଉଛି। କିନ୍ତୁ ଏଠିକାର ଅନେକ ମୁଖ୍ୟରାସ୍ତା ଅନ୍ଧାରରେ ରହିଛି। ବିଗତ କିଛି ବର୍ଷରେ ଜାତୀୟ ରାଜପଥ ୪୯ରେ ଦୁର୍ଘଟଣା ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ରାସ୍ତାରେ ପ୍ରତ୍ୟୟ କୋଇଲା ଖଣି, ବିଭିନ୍ନ ଶିଳ୍ପ ସଂସ୍ଥାର ବୃହତ ଟ୍ରକ ଗୁଡିକରେ ଶହ ଶହ ଟ୍ରକ୍ କୋଇଲା ପରିବହନ କରୁଛନ୍ତି। ସନ୍ଧ୍ୟା ସମୟରେ ଅନେକ ଦୁର୍ଘଟଣା ଜନିତ ମୃତ୍ୟୁ ଖବର ମଧ୍ୟ ସାମ୍ନାକୁ ଆସୁଛି। ଝାରସୁଗୁଡ଼ା ପ୍ରସନ୍ନ ପଣ୍ଡା ଛକ ଠାରୁ ଆରମ୍ଭ କରି ଗାନ୍ଧୀ ଛକ ମଧ୍ୟରେ ବୃହତ ଏବଂ ମଧ୍ୟମ ଶିଳ୍ପ ସଂସ୍ଥା ମାନ ରହିଛି। ସ୍ଥାନୀୟ ଲୋକ କମ୍ପାନୀ ମାନଙ୍କୁ ପ୍ରତିଦିନ ନିଜର କାମ ପାଇଁ ଯାଇଥାନ୍ତି। ହେଲେ ବଡ ଯାନବାହାନ ଯିବା ଆସିବା ହେତୁ ସନ୍ଧ୍ୟା ସମୟରେ ଦୁର୍ଘଟଣା ଗ୍ରସ୍ତ ହୋଇ ଅନେକ ପ୍ରାଣ ହରାଉଛନ୍ତି କିମ୍ବା ଗୁରୁତର ଆହତ ହେଉଛନ୍ତି। ପ୍ରସନ୍ନ ପଣ୍ଡା ଛକ ଠାରୁ ଗାନ୍ଧୀ ଛକ ଯାଏଁ ଷ୍ଟ୍ରିଟ ଲାଇଟ ନ ଥିବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହିରାସ୍ତାର ପାର୍ଶ୍ୱରେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନ ରହିଛି। ଜିଲ୍ଲା ହକି ସଙ୍ଘର ପଡ଼ିଆ ମଧ୍ୟ ରହିଛି। ତେଣୁ ଶହ ଶହ ଛାତ୍ରଛାତ୍ରୀ ପ୍ରତ୍ୟହ ଏହିରାସ୍ତାରେ ଯିବାଆସିବା କରିଥାନ୍ତି। ପୁଣି କୋଇଲା କମ୍ପାନୀରେ କାର୍ଯ୍ୟ କରିବା ପାଇଁ ରାତିରେ ଶ୍ରମିକ ମାନେ ସାଇକଲରେ ଯିବା ଆସିବା କରନ୍ତି। ତେଣୁ ସବୁବେଳେ ଅଘଟଣ ଘଟିବାର ଭୟ ରହିଛି। ଅନ୍ୟପକ୍ଷେ ରାସ୍ତା ଉପରେ ବୁଲା ଗୋରୁ ଗାଈ ଅନେକ ସମୟରେ ଶୋଇ ରହୁଛନ୍ତି। ତା ଉପରେ ଆଲୋକ ବ୍ୟବସ୍ଥା ନଥିବା ଯୋଗୁଁ ଅଘଟଣର ଘଟିବାର ଆଶଙ୍କା ଅଧିକ ରହିଛି। ଝାରସୁଗୁଡ଼ା ଜିଲ୍ଲା ଏକ ଶିଳ୍ପ ସମୃଦ୍ଧ ଜିଲ୍ଲା ହୋଇଥିବା ବେଳେ ଏହାର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଯେଉଁ ସବୁ କାର୍ଯ୍ୟ ହେବା କଥା ତାହା ଠିକ ଭାବେ ଉପଯୋଗ ହେଉ ନଥିବା ଅଭିଯୋଗ ହେଉଛି। ଏହିପରି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଷ୍ଟ୍ରିଟ ଲାଇଟ ନଥିବା ବିଡ଼ମ୍ବନାର ବିଷୟ। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଏବଂ ଆଞ୍ଚଳିକ ପରିବହନ ବିଭାଗ ପଦକ୍ଷେପ ନେବା ପାଇଁ ଜନସାଧାରଣରେ ଦାବି ହେଉଛି।

# ଝାଡ଼େଶ୍ୱର ମନ୍ଦିରରେ ଭଙ୍ଗାରୁଜା ଘଟଣାର ସମସ୍ତ ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା, ୨୬।୧୦(ସମିସ)**

ଝାରସୁଗୁଡ଼ା ସ୍ଥିତ ଝାଡେଶ୍ୱର ମନ୍ଦିର ପରିସରରେ ଦୋକାନ ଭଙ୍ଗରୁଜା ସହ ମଦ୍ୟପାନ କରି ନୃତ୍ୟ ଏବଂ ଅସାମାଜିକ କାର୍ଯ୍ୟକଳାପ କରିଥିବା ଅଭିଯୁକ୍ତ ମାନଙ୍କୁ ଝାରସୁଗୁଡ଼ା ଟାଉନ ପୁଲିସ ଗିରଫ କରିଛି। ଘଟଣାରେ ୨ ଜଣ ନାବାଳକଙ୍କ ସହ ୭ ଜଣ ଯୁବକଙ୍କୁ ପୁଲିସ୍ ଗିରଫ କରିଛି। ଗତ ବୁଧବାର ରାତି ପ୍ରାୟ ୨ଟା ସମୟରେ ୮ରୁ ୯ ଜଣ ଅମାନିଆ ଝାଡେଶ୍ୱର ମନ୍ଦିର ପରିସରରେ ପଶି ଉଠା ଦୋକାନୀଙ୍କ ବାଉଁଶ ଓ ଦୋକାନ ଭାଙ୍ଗିବା ସହ କେତେକ ବ୍ୟାନର ଉପାଡି ଦେଇଥିଲେ। ମନ୍ଦିର ପରିସରରେ ଏକାଧିକ ସିସିଟିଭି କ୍ୟାମେରା ଖଞ୍ଜା ଯାଇଥିବା ଜାଣି ଏକ ସିସିଟିଭି କ୍ୟାମେରା ମଧ୍ୟ ଖୋଲି ଅଭିଯୁକ୍ତ ମାନେ ଫେରାର ହୋଇଥିଲେ। ସକାଳେ ସିସିଟିଭି କ୍ୟାମେରା ଗୁଡିକର ଫୁଟେଜ ଦେଖିବା ପରେ ମନ୍ଦିର କମିଟି ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଥିଲା। ଘଟଣାଟି ସମ୍ବେଦନଶୀଳ ଥିବାରୁ ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୋଗର ୨୪ ଘଣ୍ଟା ମଧ୍ୟରେ ସମସ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିବା ଝାରସୁଗୁଡ଼ା ଏସପି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଝାରସୁଗୁଡ଼ାର ସନ୍ତୋଷ ରଣା (୨୦), ରାଜେଶ ବକ୍ସି(୧୮), ହରପ୍ରେମ ସିଂ ସିଧୁ (୧୯), ସନ୍ତୋଷ ଶର୍ମା (୧୯) ଙ୍କ ସହ ୨ ଜଣ ନାବାଳକ ରହିଛନ୍ତି। ଏନେଇ ଝାରସୁଗୁଡ଼ା ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।



# ମଦ ବନ୍ଦ ପାଇଁ ଏକାଠି ହେଲେ ମହିଳା

**ରିଆମାଳ, ୨୬।୧୦(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଡେଇଗୋଲା ଥାନା ଅଧୀନ ଆଉଁଳି ଗାଁରେ ମଦ ବନ୍ଦ ପାଇଁ ଗାଁର ୩୩ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ମିଶି ଏକ ହୋଇ ନିଶା ନିବାରଣ ଅଭିଯାନ ରାଲି କରିଛନ୍ତି। ଗାଁର କାଳୀ ମନ୍ଦିର ଠାରୁ ବାହାରି ସାହି ସାହି ବୁଲିବା ଓ ଲୋକଙ୍କୁ ସଚେତନତା କରି ମଦମୁକ୍ତ ଆଉଁଳି ଗାଁ କରିବାର ସଂକଳ୍ପ ନେଇଛନ୍ତି। ସନ୍ଧ୍ୟା ହେଲେ ଗାଁର ଯୁବପିଢ଼ି ନିଶା ସେବନ କରି ବୁଲୁଛନ୍ତି। ଘରେ ଅସଭ୍ୟ ଭାଷାରେ ଗାଳିଗୁଲଜ, ମାଡମାରିବା ଭଳି ଅନେକ ଚିତ୍ର ସାମ୍ନାକୁ ଆସୁଛି। ମଦ ପାଇଁ ଦିନକୁ ଦିନ ଅତ୍ୟାଚାର ଓ ହିଂସା ବଢୁଥିବାରୁ ମହିଳା ମାନେ ଗ୍ରାମବାସୀଙ୍କ ସହଯୋଗରେ ଏପରି ପଦକ୍ଷେପ ନେଇଥିବା କହିଛନ୍ତି। ଦେବଗଡ଼ ଜିଲ୍ଲା ପ୍ରଶାସନକୁ ମେଲ ଜରିଆରେ ଦାବିପତ୍ର ଦେଇଛନ୍ତି। ଏହାସହ କୁଣ୍ଡେଇଗୋଲା ଥାନା ପୁଲିସ ଓ ଅବକାରୀ ବିଭାଗ ଏଥିପ୍ରତି ଧ୍ୟାନ ଦେବାସହ କେବଳ ଆଉଁଳି ଗାଁରେ ନୁହେଁ ଆଖପାଖ ୧୦ଟି ଗାଁରେ ମଦ, ଗଞ୍ଜେଇ ବିକ୍ରି ଉପରେ ରୋକ ଲଗାଇବା ନିତାନ୍ତ ଆବଶ୍ୟକ ବୋଲି ମହିଳା ମାନେ କହିଛନ୍ତି।




# ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ 'ଟାଲେଣ୍ଟ ହଣ୍ଟ-୨୦୨୫'

**ବରଗଡ଼, ୨୬।୧୦(ସମିସ):** ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ 'ଟାଲେଣ୍ଟ ହଣ୍ଟ ୨୦୨୫' ଆୟୋଜିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଚେୟାରମ୍ୟାନ୍ ସୁମନ ସାଓ୍ୱଡିଆ, ଡାଇରେକ୍ଟରଅଜିତପଟ୍ଟନାୟକ, ପ୍ରିନ୍ସିପାଲ୍‌କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାଓ୍ୱଡିଆ, ଭାଇସ୍ ପ୍ରିନ୍ସିପାଲ୍ ପ୍ରଭୁଦତ୍ତ ଦାଶ, କୋଓର୍ଡିନେଟର ମମତା ସିହ୍ନା, ପରିଚାଳନା ସମିତି, ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରତିଯୋଗୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ବରଗଡ଼ ଓ ତାହାର ଆଖାପାଖ ଅଞ୍ଚଳରେ ଥିବା ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭା ଓ କୌଶଳକୁ ଖୋଜିବା ଓ ପ୍ରୋତ୍ସାହିତ କରିବା ଏହି ଟାଲେଣ୍ଟ ହଣ୍ଟ ପ୍ରତିଯୋଗୀତାର ଉଦ୍ଦେଶ୍ୟ ବୋଲି ଚେୟାରମ୍ୟାନ ଶ୍ରୀ ସାଓ୍ୱଡିଆ କହିଥିଲେ। ଏହି କାର୍ଯ୍ୟକ୍ରମ ପ୍ରିନ୍ସିପାଲ୍ କରନ ସାହୁଙ୍କ ନିର୍ଦ୍ଦେଶନାରେ ଆୟୋଜିତ ହୋଇଥିଲା। ଏହାକୁ ୩ଟି ଭାଗରେ ବିଭକ୍ତ କରାଯାଇଥିଲା ପ୍ରଥମ ଭାଗ ଅଙ୍କନ ପ୍ରତିଯୋଗିତା, ଦ୍ୱିତୀୟ ଭାଗ ନୃତ୍ୟ ଓ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ଏବଂ ତୃତୀୟ ଭାଗରେ ପ୍ରବନ୍ଧ, ବକ୍ତୃତା ଓ ପ୍ରଶ୍ନୋତ୍ତରୀ ପ୍ରତିଯୋଗିତା ହୋଇଥିଲା। ଅଙ୍କନ ପ୍ରତିଯୋଗିତା ୨୮ ସେପ୍ଟେମ୍ବରରେ ସମାପ୍ତ ହୋଇଥିଲା। ଦ୍ୱିତୀୟ ଭାଗରେ ନୃତ୍ୟ ଓ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ଆଜି ଆୟୋଜିତ ହୋଇଛି। ଏଥିରେ ସମଗ୍ର ବରଗଡ଼ ଓ ତାହାର ଆଖପାଖରୁ ନୃତ୍ୟ ପାଇଁ ପ୍ରାୟ ୭୦ ଜଣ ଓ ଫ୍ୟାନ୍ସି ଡ୍ରେସ୍ ପାଇଁ ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମୀର ପ୍ରଧାନ, ପ୍ରଶାନ୍ତ ପଟ୍ଟନାୟକ, ଅହିଲ୍ୟା ତାଣ୍ଡି ଓ ସ୍ନେହା ଶର୍ମା ନୃତ୍ୟ ପ୍ରତିଯୋଗିତାର ନିର୍ଣ୍ଣାୟକ ଥିଲେ। ଫ୍ୟାନ୍ସି ଡ୍ରେସ୍ ପାଇଁ ସୁଶିଲ ପ୍ରଧାନ, ମଧୁମିତା ସରାଫ ଓ ଶୁଭସ୍ମିତା ମହାନ୍ତି ନିର୍ଣ୍ଣାୟକ ଭୂମିକା ତୁଲାଇଥିଲେ। ନିହାରିକା ଶତପଥୀ ଓ ଓମକାରମୟୀ ସାହୁଙ୍କ ନିର୍ଦ୍ଦେଶନାରେ ପାଖୀ ଲାଲୱାନୀ ଓ ଆଧ୍ୟାତ୍ମିକା ମେହେର ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତାର ସଫଳ ସଞ୍ଚାଳନା କରିଥିଲେ। ଅନ୍ୱେଷା ବିଶ୍ୱାଳ ଓ କାଜଲ ସାହୁଙ୍କ ନିର୍ଦ୍ଦେଶନାରେ ରାଜବୀର ସାହୁ ଓ ଉଷାରାଣୀ ଦୋରା ନୃତ୍ୟ ପ୍ରତିଯୋଗିତାର ସଞ୍ଚାଳନା କରିଥିଲେ। ପ୍ରତିଯୋଗିତାର ବିଜେତାମାନଙ୍କୁ ଆସନ୍ତା ୧୪ ନଭେମ୍ବର, ଶିଶୁ ଦିବସ ଅବସରରେ ପୁରସ୍କୃତ କରାଯିବ।




# ବିଶିଷ୍ଟ ସଂସ୍କୃତିବିଦ୍ ଓ ବିଦୂଷୀ କନ୍ୟା ଇଲା ପଣ୍ଡାଙ୍କ ଜୟନ୍ତୀ ସମ୍ବର୍ଦ୍ଧନା ସଭା

**ବରଗଡ଼, ୨୬।୧୦(ସମିସ):** ପାକ୍ଷିକ ପତ୍ରିକା କୋଶଲ ଟାଇମ୍ ବରଗଡ଼ ଏବଂ ଇଲା ପଣ୍ଡା ମହିଳା ସମିତି, କପାଶିରା, ବରଗଡ଼ ମିଳିତ ଆନୁକୂଲ୍ୟରେ ଶିରିଡି ସାଇ ମନ୍ଦିର ହଲ୍‌ରେ ପୂର୍ବତନ ରାଜ୍ୟସଭା ସାଂସଦ ଇଲା ପଣ୍ଡାଙ୍କ ୯୩ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କୁଳପତି ଆଦିତ୍ୟ ପ୍ରସାଦ ପାଢ଼ୀ, ସମ୍ମାନିତ ଅତିଥି ଭାବେ ତପସ୍ୱିନୀ ଗୁରୁ, ନାରୀ କବି ମାନସୀ ପଣ୍ଡା, ସାଇ ପ୍ରସାଦ ତ୍ରିପାଠୀ, ସଙ୍ଗୀତଜ୍ଞ ବିଭୂତି ପଟ୍ଟନାୟକ, ରୀତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସଞ୍ଜୀବ ମହାପାତ୍ର କୋଶଲ ଟାଇମ୍ ସମ୍ପାଦକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଝାରସୁଗୁଡା କୃଷ୍ଣଚନ୍ଦ୍ର ଓ ଗୁରୁଚରଣ ଭଗବତୀ ନାଟ୍ୟାନୁଷ୍ଠାନର ହୃଷୀକେଶ ସାହୁ ପ୍ରାରମ୍ଭିକ ସଙ୍ଗୀତଗାନ କରିଥିଲେ।ଇଲା ପଣ୍ଡା ମହିଳା ସମିତିର ଉଦ୍ୟୋକ୍ତା ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ବୈଷ୍ଣବ ଭୋଇ ଇଲା ପଣ୍ଡାଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ନାରୀ କବି ମାନସୀ ପଣ୍ଡା ଇଲା ପଣ୍ଡାଙ୍କ ଶିକ୍ଷା, ସଂସ୍କୃତି ଏବଂ ତାଙ୍କ ପିତା ପ୍ରଫେସର ଘନଶ୍ୟାମ ଦାଶଙ୍କ ବିଷୟରେ ଆଲୋକପାତ କରିଥିଲେ। ଭୁକ୍ତା +୩ ମହାତ୍ମା ଗାନ୍ଧୀ କଲେଜର ଛାତ୍ରୀ ଅନୁପମା ଭୁଏ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅବସରପ୍ରାପ୍ତ ପ୍ରଶାସିକା ଓ ଚଳଚିତ୍ର ଅଭିନେତ୍ରୀ ତପସ୍ୱିନୀ ଗୁରୁ ବକ୍ତବ୍ୟ ପ୍ରଦାନ କରିଥିଲେ। ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ ସମ୍ବଲପୁରୀ ଗୀତ ଗାନ କରିଥିଲେ। ପରେ ନିଜ ଅଧ୍ୟବସାୟ ବଳରେ ବାଧାବିଘ୍ନକୁ ଅତିକ୍ରମ କରି ନିଜ ପ୍ରତିଷ୍ଠା ସୃଷ୍ଟି କରିପାରିଥିବା ସମାଜକୁ ପ୍ରେରଣାଦାୟୀ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛତିଶଗଡ଼ କାନ୍ଧୁରପାଲିର ବାପ ମାଆ ଛେଉଣ୍ଡ ଝିଅ ଅନୀତା ନାଏକ ମୂଳ ଲାଗି ଦଶମ, +୨, +୩, ବିଏ, ବିଇଡି ଉଚ୍ଚଶିକ୍ଷା ଲାଭ କରିଛନ୍ତି। ନିଜ ପରିଶ୍ରମରେ ପାଠ ପଢ଼ି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସ୍କଲାର୍ଶିପ୍ ପାଇ ଦାରିଦ୍ର୍ୟକୁ ନିଜ ରାସ୍ତାର ବାଧକ ହେବାକୁ ନଦେଇ ନିଜକୁ ସକ୍ଷମ କରିପାରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପଶ୍ଚିମ ଓଡ଼ିଶାର ସଞ୍ଚାର କଳାକାର ବସନ୍ତ ଗଣ୍ଡ, ବାସୁଦେବ ପଶାଏତ, ମହିଳା କଳାକାର ହେମନ୍ତ ବାଗ୍, ପାର୍ବତୀ ଦାସ୍, ବଲାଙ୍ଗିରର ସାହିତ୍ୟାଚାର୍ଯ୍ୟ ବର୍ଷିୟାନ୍ ସଞ୍ଚାର କଳାକାର କ୍ଷମାନିଧି ସାହୁ ପ୍ରମୁଖ, ସମଗ୍ର ଓଡ଼ିଶାରେ ବାଉଁଶ କଳା କାରିଗରି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ମହିଳା ସରୋଜିନୀ ପାଣ୍ଡେ, ଦୃଷ୍ଟିହୀନ ଦିବ୍ୟାଙ୍ଗ ଛତିଶଗଡ଼ ମୁହୁଦିର ଭାଗବତ ପ୍ରବଚିକା ଜନନୀ ସାହୁ ଏବଂ ଛତିଶଗଡ଼ ସିହା ପୁରୌର ପ୍ରସିଦ୍ଧ ସଂକୀର୍ତ୍ତନ ଗାୟିକା ଇନ୍ଦୁ ଗୁପ୍ତା, ପଦ୍ମପୁରର ଯୁବ ଓଡ଼ିଶୀ କଣ୍ଠ ଶିଳ୍ପୀ ଆରିୟା ଆଦ୍ୟାଶକ୍ତି ତ୍ରିପାଠୀଙ୍କୁ ଉତ୍ତରୀୟ ଏବଂ ଇଲା ପଣ୍ଡାଙ୍କ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅବସରପ୍ରାପ୍ତ ଶିକ୍ଷକ କିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ନୂତନ କୃଷକ ସଂଗଠନ ଗଠିତ

**ବରଗଡ଼, ୨୬।୧୦(ସମିସ):** ଅତାବିରା ବ୍ଲକ ଅଧୀନ ଚକୁଳି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ନୂତନ କୃଷକ ସଂଗଠନ ମାଁ ସମଲେଶ୍ୱରୀ କୃଷକ ସଂଗଠନ ଗଠିତ ହୋଇଯାଇଛି। ସର୍ବସମ୍ମତ କ୍ରମେ ସଭାପତି ମନୋରଞ୍ଜନ କୁମ୍ଭାର, ସମ୍ପାଦକ ଦୀପକ ପ୍ରଧାନ, ଉପସଭାପତି ରୋହିତ ଭୁଏ, ସହସମ୍ପାଦକ ରାକେଶ ମହାପାତ୍ର, କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର ପ୍ରଧାନ ମନୋନୀତ ହୋଇଥିଲେ। ସେହିପରି କମିଟି ସଭ୍ୟ ଭାବେ ଶ୍ୟାମସୁନ୍ଦର ପ୍ରଧାନ, ଟିକୁ ମହାପାତ୍ର, ଭଗବାନ ପ୍ରଧାନ, ପ୍ରଶାନ୍ତ ମିଶ୍ର, ଶ୍ରୀକାନ୍ତ ସିଂ ଦେଓ ପ୍ରମୁଖ ରହିଛନ୍ତି।

# ନୃସିଂହନାଥରେ ଗିରି ଗୋବର୍ଦ୍ଧନ ପୂଜା

**ପାଇକମାଳ, ୨୬।୧୦(ସମିସ):** ପାଇକମାଳ ବ୍ଲକ ଯାଦବ ସମାଜ ପକ୍ଷରୁ ନୃସିଂହନାଥ ସମଲେଶ୍ୱରୀ ମନ୍ଦିର ପରିସରରେ ଶ୍ରୀକୃଷ୍ଣଙ୍କର ଗିରି ଗୋବର୍ଦ୍ଧନ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ କୁଞ୍ଜ ବନଛୋର ଓ ମାମୀ ବନଛୋର ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଜୟ ଆଚାର୍ଯ୍ୟ ଓ ସମଲେଶ୍ୱରୀ ମନ୍ଦିର ପୂଜକ ଗୋବର୍ଦ୍ଧନ ମାହାର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗୌଡବାଡି, ସଞ୍ଚାର ବାହାକ ଓ ଭଜନ କୀର୍ତ୍ତନ ପରିବେଷଣ ହୋଇଥିଲା। ଏଥିରେ ବ୍ଲକ ସଭାପତି ବନମାଳୀ ଚନ୍ଦନ, ସମଲେଶ୍ୱରୀ ମନ୍ଦିର ସଭାପତି ମଧୁସୁଦନ ପାଣ୍ଡେ, ଯୁବ ସଭାପତି ମାନସ ନାଗ, ବ୍ଲକ ସମ୍ପାଦକ ବାଳକୃଷ୍ଣ ବନଛୋର, ମନ୍ଦିର କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ନାଗ, ଜୋନ ସଭାପତି ଭାସ୍କର ଭୋଇ, ନଳିନୀ ଥପା, ମନୋହର ପୁଞ୍ଜି, ବିଚାର ମଞ୍ଚ ସଭାପତି ଭକଲ ହଂସ, ଚୂଡାମଣି ବନଛୋର, ଖଗେଶ୍ୱର ହଂସ, ଅର୍ଜୁନ ଅଦାବର ସମେତ ସମାଜର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଋଷି ନିର୍ବାଣ ଦିବସ ଓ ବୈଦିକ ଯଜ୍ଞ

**ବରଗଡ଼, ୨୬।୧୦(ସମିସ):** ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ସମାଜ ସଂସ୍କାରକ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ନିର୍ବାଣ ଦିବସ ବରଗଡ଼ ଠାରେ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ଟାଉନ ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀ ରବିଶଙ୍କରାନନ୍ଦ ସରସ୍ୱତୀ, ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ, ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ସମାଜ ସଂସ୍କାର କ୍ଷେତ୍ରରେ ରହିଥିବା ଉଲ୍ଲେଖନୀୟ ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞ କର୍ତ୍ତା ଭାବେ ଜିଲ୍ଲା ରଜକ ସେବା ସମିତି ଅଧ୍ୟକ୍ଷ ଅର୍ଜୁନ ସେଟ୍ ଦାୟିତ୍ୱ ନିର୍ବାହ କରିଥିଲେ। ଯଜ୍ଞରେ ସୁଦୀପ ରଥ, ଜ୍ୟୋତି ବେହେରା, ସୀମା ଭୋଇ, ଜ୍ୟୋସ୍ନା ତ୍ରିପାଠୀ, ସୁନୀତା ମିଶ୍ର, ଗୀତା ଜାଲ, କପିଳ ବାଗ ଡ.ଡୋଳାମଣି ଶତପଥୀ, ସୁରେଖା ମୁଗ୍ରି ସାଙ୍ଗା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ସୀମା ସାହୁ ଭଜନ ପରିବେଷଣ କରିଥିଲେ। ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ଦ୍ୱାରା ରକ୍ତଦାନ ଶିବିର

**ବରଗଡ଼, ୨୬।୧୦(ସମିସ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ କତାବଗା ଗାଁରେ ସମାଜସେବୀ ଯତୀନ ନାୟକଙ୍କ ବାପା ସ୍ୱର୍ଗତ ସନାତନ ନାୟକଙ୍କର ଗଙ୍ଗା ଶ୍ରାଦ୍ଧ ଉପଲକ୍ଷେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ 'ପଶ୍ଚିମ୍ ଓଡ଼ିଶା ଯୁବା ମଞ୍ଚ' ଏବଂ କତାବଗା ଗ୍ରାମବାସୀ ଆୟୋଜନ କରିଥିଲେ। ସର୍ବମୋଟ ୭୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବୁର୍ଲା ରକ୍ତଭଣ୍ଡାରକୁ ଏହି ରକ୍ତଦାନ କରାଯାଇଥିଲା। ଶିବିରକୁ ସ୍ୱର୍ଗତ ସନାତନ ନାୟକଙ୍କର ଭାଇ କିଶୋର ନାୟକ, ନରେନ୍ଦ୍ର ନାୟକ ଏବଂ ବିରେନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ପଶ୍ଚିମ ଓଡ଼ିଶା ଯୁବା ସଭାପତି ଅଜିତ୍ ପତି, ସମ୍ପାଦକ ସୁମନ୍ତ ଶତପଥୀ, ସ୍ୱରୂପ ମିଶ୍ର, ଶ୍ରୀକାନ୍ତ ପଧାନ, ଆଲୋକ ପଧାନ, ଅନୁରାଗ ସେଠ୍, ଶ୍ରୀକାନ୍ତ ସାହୁ, ରମଣୀ ମେହେର ସହିତ ପଶ୍ଚିମ୍ ଓଡ଼ିଶା ଯୁବା ମଞ୍ଚର ଅନେକ ସଦସ୍ୟ ଶିବିରକୁ ପରିଚାଳନା କରିଥିଲେ। ଶେଷରେ ମଞ୍ଚର ମାର୍ଗଦର୍ଶକ ସରୋଜ ମହାପାତ୍ର ସମସ୍ତ ରକ୍ତଦାତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

**୭୧ ୟୁନିଟ୍ ରକ୍ତ ସଂଗ୍ରହ**




# ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ 'ଉଲ୍ଲାସ' ପରୀକ୍ଷାକେନ୍ଦ୍ର ପରିଦର୍ଶନ

**ପଦ୍ମପୁର, ୨୬।୧୦(ସମିସ):** ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ରବିବାର ନବ ଭାରତ ସାକ୍ଷର କାର୍ଯ୍ୟକ୍ରମ 'ଉଲ୍ଲାସ' ଶିକ୍ଷାର୍ଥୀଙ୍କ ମୌଳିକ ଭାଷା ସାକ୍ଷରତା ମୂଲ୍ୟାଙ୍କନ ପରୀକ୍ଷା ଅନୁଷ୍ଠିତ ହୋଇଛି। ଉଲ୍ଲାସ କାର୍ଯ୍ୟକ୍ରମରେ ଜିଲ୍ଲାର ୧୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ବିଶେଷଙ୍କୁ ସାକ୍ଷର କରିବା ଲକ୍ଷ୍ୟ ରହିଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବରଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଆଜି ଖୁଜେନ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ, କନସିଂହା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପରମେଶ୍ୱର ବିଶି ଉପସ୍ଥିତ ଥିଲେ। ସେହିପରି ସେ ଜମଲା, ଢୋଲବନ୍ଧ, ସର୍ଗିବାହାଲ, ଦୁବୁଲାବାହାଲ ବିଦ୍ୟାଳୟ ମାନଙ୍କ ପରିଦର୍ଶନ କରିଥିଲେ। ଜମଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରେମସାଗର ପ୍ରଧାନ ଉପସ୍ଥିତ ଥିଲେ।

## 'ଉଲ୍ଲାସ' କାର୍ଯ୍ୟକ୍ରମରେ ୨୫୦୦ ଜଣ ଦେଲେ ପରୀକ୍ଷା

**ଝାରବନ୍ଧ:** ସେହିପରି ନବ ଭାରତ ସାକ୍ଷରତା 'ଉଲ୍ଲାସ' କାର୍ଯ୍ୟକ୍ରମ ଅଧୀନରେ ଝାରବନ୍ଧ ବ୍ଲକ ଶିକ୍ଷା ବିଭାଗରେ ୯୭ ଜଣ ଶିକ୍ଷକ ସର୍ଭେ କରି ମୋଟ ୪୦୫୯ ଜଣଙ୍କୁ ଚିହ୍ନଟ କରିଛନ୍ତି। ଏମାନଙ୍କ ମଧ୍ୟରୁ ଆଜି ପ୍ରାୟ ୨୫୦୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଝାରବନ୍ଧ ବ୍ଲକର ୭୮ ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା ଏହି ଅବସରରେ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ୧୨ ଜଣ ସିଆରସିସି ଏବଂ ଏବିଇଓଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଥିଲେ। ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ନୂତନ ଶିକ୍ଷାର୍ଥୀଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପଢ଼ାଯିବ ଏବଂ ବର୍ତ୍ତମାନ ସମସ୍ତଙ୍କୁ ଶିକ୍ଷଣୀୟ ବହି ପ୍ରଦାନ କରାଯାଇଥିବା ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ସୂଚନା ଦେଇଛନ୍ତି।



# ଫୁଟବଲ ପ୍ରତିଯୋଗିତାରେ ରେଙ୍ଗାଲ ବାହାଲ କ୍ଲବ୍ ଚାମ୍ପିଅନ୍

**ଦେବଗଡ଼, ୨୬।୧୦(ସମିସ)**

ବାରକୋଟ ବ୍ଲକ କୁଣ୍ଡାପିଠା ଫୁଟବଲ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ରେଙ୍ଗାଲ ବାହାଲ ଫୁଟବଲ କ୍ଲବ୍ ସାହୁ ବ୍ରଦର୍ଶକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଏଥିରେ ରେଫରୀ ଭାବେ ସୁଜିତ, ତନ୍ମୟ, ସାଗର ଓ ଦୁଃଶାସନ ରହିଥିଲେ। କ୍ଲବ୍‌ର ସଭାପତି ସଞ୍ଜୟ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ନେତା ଭୋଳେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ରାଜୀବ ଲୋଚନ ଦେହୁରୀ, ରାମଚନ୍ଦ୍ର ମୁଦୁଲି, ଦିଗାମ୍ବର ଦେହୁରୀ, ସୂର୍ଯ୍ୟକାନ୍ତି ଦେହୁରୀ ଓ ସୁରେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତା ଆୟୋଜନରେ କ୍ଲବ୍‌ର ସମ୍ପାଦକ ଶିବପ୍ରସାଦ ସ୍ୱାଇଁ, ସଦସ୍ୟ ଦେବାଶିଷ ସ୍ୱାଇଁ, ଓମପ୍ରକାଶ ସ୍ୱାଇଁ, ଆଶ୍ୱତ୍ଥମା ନାୟକ, ସିକନ ସାମଲ, ସମୀର ବେହେରା, ସୁନୀଲ ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ପରୀକ୍ଷା ଦେଲେ ୭୦୭୨ 'ଉଲ୍ଲାସ' ଶିକ୍ଷାର୍ଥୀ

**ରିଆମାଳ, ୨୬।୧୦(ସମିସ):** ରିଆମାଳ ବ୍ଲକର ୧୭୫ଟି କେନ୍ଦ୍ରରେ ରବିବାର ଉଲ୍ଲାସ ପରୀକ୍ଷା ଉତ୍ସାହ ଉଦ୍ଦୀପନା ସହ ସମାପିତ ହୋଇଛି। ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋଙ୍କ ପର୍ଯ୍ୟବେକ୍ଷଣରେ ଏବିଇଓ ବନିତା ବେହେରା, ମହେଶ୍ୱର ବେହେରା ଓ ବ୍ଲକର ସମସ୍ତ ସିଆରସିସି ମାନେ ଦାୟିତ୍ୱ ପାଳନ କରିଥିଲେ। ପରୀକ୍ଷାରେ ମୋଟ ୭୦୭୨ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ସେ ମଧ୍ୟରେ ୪୯୫୮ ଜଣ ମହିଳା ଓ ୨୧୧୪ ଜଣ ପୁରୁଷ ଥିଲେ। ପ୍ରତ୍ୟେକ କେନ୍ଦ୍ରରେ ଶିକ୍ଷାର୍ଥୀମାନେ ଗଭୀର ଆଗ୍ରହ ଓ ଉତ୍ସାହର ସହିତ ପରୀକ୍ଷା ଦେଇଥିଲେ।



# ପତ୍ରାଗୁଡ଼ାରେ ଘର ଭାଙ୍ଗିଲା ଦନ୍ତା

**ପାଇକମାଳ, ୨୬।୧୦(ସମିସ)**

ପାଇକମାଳ ବ୍ଲକ ନୃସିଂହନାଥ ବନାଞ୍ଚଳ ଗନ୍ଧମାର୍ଦ୍ଦନ ପାଦଦେଶରେ ଶନିବାର ଏକ ଦନ୍ତା ହାତୀ ବୁଲାବୁଲି କରି ଖପ୍ରାଖୋଲ ବ୍ଲକ ବେହେରାପାଣି ଦେଇ ସନ୍ଧ୍ୟାରେ ଡୁଡୁକିଝରିଆ/ଆମ୍ବାହାଲିରେ ଜଙ୍ଗଲ ମଧ୍ୟରେ ରହିଥିଲା। ବନ ବିଭାଗ ପକ୍ଷରୁ ଖରାମାଲ, ଡୁଡୁକିଝରିଆ, ପତ୍ରାଗୁଡା, ଟେମ୍ରିମାଲ, ପତ୍ରାପାଲି ଗାଁ ଗୁଡିକରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ନ ବାହାରିବାକୁ ସଚେତନ କରାଯାଇଥିଲା। ଜାମସେଠ ଓ ରେଙ୍ଗାଲି ବନ ବିଭାଗ ପଟରୁ ଜଙ୍ଗଲ ଉଭୟ ପଟରୁ ବନ୍ଧ କରାଯାଇ ହାତୀ ଗତିବିଧି ଉପରେ ନଜର ରଖାଯାଇଥିଲା। ରାତି ୮ ମଧ୍ୟରେ ହାତୀ ଡୁଡୁକିଝରିଆ ଜଙ୍ଗଲ ମଧ୍ୟ ଦେଇ ପତ୍ରାଗୁଡା ଗାଁ ପଟକୁ ଯାଇଥିଲା। ସେଠାରେ ଜଣେ ବ୍ୟକ୍ତିଙ୍କ ଘରକୁ ଆଂଶିକ ଭାବେ ଭାଙ୍ଗି ଦେଇଥିଲା। ଖବର ପାଇ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଇଥିଲା। ମଧ୍ୟରାତ୍ରିରେ ମଖନାମୁଣ୍ଡା ମାଲପଡ଼ା ପଟକୁ ଯାଇ କିଛି ଚାଷୀଙ୍କ ଚାଷ ଜମିରେ ଫସଲକୁ ଦଳି ଦେଇଥିବା ଜଣାପଡ଼ିଛି। ହାତୀ ଆସିବା ମାତ୍ରେ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଥିଲା। ରବିବାର ହାତୀଟି ନୂଆପଡ଼ା ଜିଲ୍ଲାକୁ ଚାଲିଯାଇଥିବା ଜଣାପଡ଼ିଛି। ଜାମସେଠ ବିଟ ବନପାଳ ଦିବାକର ପ୍ରଧାନଙ୍କୁ ଏନେଇ ପଚାରିବାରୁ ଜଣେ ବ୍ୟକ୍ତିଙ୍କ ଘର ଆଂଶିକ ଭାବେ ଭାଙ୍ଗିଥିବା କହିଥିଲେ। ଏହାସହ ସରକାରୀ ନିୟମ ଅନୁସାରେ କ୍ଷତିଗ୍ରସ୍ତ ଚାଷୀଙ୍କ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।



## ନାବାଳିକାକୁ ଅପହରଣ

**ରେଢ଼ାଖୋଲ, ୨୬ ।୧୦(ସମିସ):** ୧୩ ବର୍ଷର ନାବାଳିକାକୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଝିଅଟି ୬ ଦିନ ହେଲା ନିଖୋଜ ରହିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି, ସମ୍ବଲପୁର ଜିଲ୍ଲା ରେଢାଖୋଲ ଥାନା ଅଧୀନ ବୈଷ୍ଣବଝୁଲି ଗ୍ରାମରେ। ଗ୍ରାମର ବାସିନ୍ଦା ସମାରୁ ଭୋଇଙ୍କ ୧୩ ବର୍ଷର ନାବାଳିକା ନମିତା ଭୋଇ ୬ ଦିନ ହେଲା ନିଖୋଜ ରହିଛନ୍ତି। ଏ ସଂକ୍ରାନ୍ତରେ ପରିବାର ଲୋକ ରେଢାଖୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ୨ରେ ସ୍କିଲ ଟ୍ରି ପକ୍ଷରୁ ‘ସମ୍ବଲପୁର ଫ୍ୟାଶନ ଉଇକ’

**ସମ୍ବଲପୁର, ୨୬।୧୦(ସମିସ):** ଆସନ୍ତା ୨ ତାରିଖ ସମ୍ବଲପୁର ସ୍ଥିତ ଏକ ହୋଟେଲରେ ସ୍କିଲ ଟ୍ରି ପକ୍ଷରୁ ‘ସମ୍ବଲପୁର ଫ୍ୟାଶନ ଉଇକ’୨୦୨୫ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଡିଜାଇନର, ମଡେଲର ଓ ବିଭିନ୍ନ କଳାକାର ସାମିଲ

**ଆଧୁନିକ ସହ ପରମ୍ପରାର ମିଶ୍ରଣ ରହିବ**



ହେବେ। ଆଧୁନିକ ସହ ପାରମ୍ପରିକ ଫ୍ୟାଶନ ପାଇଁ ଗୋଟାଏ ମଞ୍ଚ ଯୋଗାଇଦେବ ବୋଲି ସ୍କିଲ ଟ୍ରିର ପ୍ରତିଷ୍ଠାତା ନିବେଦିତା ଦାଶ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ଆଇକନ ଫ୍ୟାଶନ କ୍ରିଉ ଓ ଷ୍ଟୁଡିଓ ୪୪ ସହଯୋଗ କରୁଛନ୍ତି। କାର୍ଯ୍ୟକ୍ରମରେ ପ୍ରାୟ ୮୦ରୁ ଅଧିକ ମଡେଲ ର୍‌ୟାମ୍ପ ୱାକ କରିବେ। ଏଥିପାଇଁ ସେମାନେ ପଞ୍ଜୀକରଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ କୋରିଓଗ୍ରାଫର ଶାସ୍ୱତ ଯୋଶୀ, ମିସ ଟିନ ଇଣ୍ଟରନ୍ୟାସନାଲ ଇଣ୍ଡିଆ ୨୦୨୩ର ଆଦ୍ୟାଶା ମଞ୍ଜରୀ ପଟ୍ଟନାୟକ, ଆୟଙ୍କ ପୁରୋହିତ ପ୍ରମୁଖ ଯୋଗ ଦେବେ। ବିଭିନ୍ନ ବର୍ଗରେ ମଡେଲରମାନେ ଅଂଶ ଗ୍ରହଣ କରିବେ। ସେମାନଙ୍କୁ ୫ ଦିନ ଧରି ତାଲିମ ମଧ ଦିଆଯିବ ବୋଲି ପିଆର ଓ ମିଡିଆର ରିତୁପର୍ଣ୍ଣା କର କହିଛନ୍ତି। ସମ୍ବାଦିକ ସମ୍ମିଳନୀରେ ଶୋ ନିର୍ଦ୍ଦେଶକ ଶୁଭମ ଶର୍ମା, କୋରିଓଗ୍ରାଫର ମୌସୁମୀ ମହାକୁଡ, କ୍ରିଉ ସଦସ୍ୟ ତନୟା ଗୁରୁ, ମାନସ ପାଢ଼ୀ, ମୋହନ ଭୋଇ, ପିଣ୍ଟୁ ପ୍ରଧାନ, ନରସିହ୍ମା, କ୍ରୀଷ୍ଣା ସିଂହ, ତମନା, ଆଦ୍ୟାଶା ପ୍ରମୁଖ ଉପସ୍ଥିତ ଥିଲେ।

# ନିରୋଗ ରହିବା ପାଇଁ ଚାଲିବା ଜରୁରୀ

**ବରଗଡ଼, ୨୬।୧୦(ସମିସ):** ପ୍ରତ୍ୟହ ଭୋର୍‌ରୁ ଚାଲିବା ଦେହ, ମନ, ଶରୀର ପାଇଁ ଅତ୍ୟନ୍ତ ଜରୁରୀ। ଖାଲି ପାଦରେ ଘାସ ଉପରେ ଚାଲିବା ଦ୍ୱାରା ଚକ୍ଷୁରୋଗ, ଯକୃତରୋଗ, ମଧୁମେହ, ହୃଦରୋଗ ଭଳି ଜଟିଳରୋଗରୁ ଉପଶମ ମିଳିଥାଏ ବୋଲି ଡାକ୍ତର ସୁବଳ କିଶୋର କର ଓ ଡାକ୍ତର ଘନଶ୍ୟାମ ନାଥ ପ୍ରକାଶ କରିଛନ୍ତି। ବରଗଡ଼ରେ ଖାଲି ପାଦରେ ଚାଲିବା କଷ୍ଟକର। କାରଣ କଣ୍ଟା, ଭଙ୍ଗାରୁଜା କାଚ, ଗୋଡି ପଥର ଆଦି ପାଦରେ ବାଜି ରକ୍ତାକ୍ତ ହେବା ସମ୍ଭାବନା ଅଧିକ। ଜର୍ଜ ହାଇସ୍କୁଲ ପଡ଼ିଆରେ ମଇଳା ଆବର୍ଜନା କାଚ ବୋତଲ ଆଦି ପଡୁଥିବାରୁ ବରଗଡ଼ ୱାର୍ଡ ନମ୍ବର ୧୧ରେ ଅବସ୍ଥିତ ମହାତ୍ମାଗାନ୍ଧୀ ଶିଶୁ ଉଦ୍ୟାନ ବା ଗାନ୍ଧୀ ପାର୍କ ସବୁଠାରୁ ଉତ୍କୃଷ୍ଟ ସ୍ଥାନ। ତେବେ ଡାକ୍ତର ଦ୍ୱୟ ପ୍ରତ୍ୟହ ନିଜେ ଭୋର ୫ ଟାରୁ ୬ଟା ପର୍ଯ୍ୟନ୍ତ ଚାଲୁଥିବା ପ୍ରକାଶ କରିବା ସହ ଅନ୍ୟ ମାନଙ୍କୁ ଏଠାରେ ଚାଲିବା ପାଇଁ ପରାମର୍ଶ ଦେଇଛନ୍ତି। ପାର୍କରେ ପ୍ରତ୍ୟହ ଡାକ୍ତର, ଇଂଜିନିୟର, ଆଇନଜୀବୀ, ପ୍ରଫେସର, ସାମ୍ବାଦିକ ଓ ସମସ୍ତ ବର୍ଗର ପୁରୁଷ, ମହିଳା, ପୁଅ, ଝିଅ ମାନେ ଯୋଗ ଦେଇଥାନ୍ତି। ତଥାପି ସକାଳୁ ଚାଲୁଥିବା ଲୋକଙ୍କ ସଂଖ୍ୟା ନଗଣ୍ୟ। ଏଣୁ ଆହୁରି ଅଧିକ ବ୍ୟକ୍ତି ଏଠାକୁ ଆସିଲେ ଉଦ୍ୟାନର ଉନ୍ନତି ହେବା ସଙ୍ଗେ ସଙ୍ଗେ ସମସ୍ତେ ସେମାନେ ସମସ୍ତେ ସୁସ୍ଥ ହୋଇ ପାରିବେ ବୋଲି ପାର୍କକୁ ଆସୁଥିବା ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଉଦ୍ୟାନ ଦାୟିତ୍ୱରେ ଥିବା ବିଭୂତି ସାହୁ ପ୍ରୋତ୍ସାହନ ରାଶି ବଢ଼ାଇବା ପାଇଁ ପୌରାଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଏହି ମନୋରମ ଉଦ୍ୟାନରେ ଛୋଟ ଛୋଟ ଶିଶୁମାନଙ୍କ ଠାରୁ ବୟସ୍କ ବୃଦ୍ଧ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ମନୋରଞ୍ଜନ ସହିତ ଖାଲି ପାଦରେ ଘାସରେ ଚାଲିବା, ଟାଇଲରେ ଚାଲିବା, ଯୋଗ କରିବା ସହିତ ସମସ୍ତ ପ୍ରକାର ବ୍ୟାୟାମ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିଛି। ସମୟ ବାହାର କରି ଗାନ୍ଧୀ ପାର୍କରେ କିଛି ସମୟ ବିତାଇବାକୁ ନିୟମିତ ଭାବେ ଆସୁଥିବା ବରିଷ୍ଠ ନାଗରିକ କୃଷ୍ଣ ଚନ୍ଦ୍ର ଦାଶ, କଳାକାର ତଥା ସମାଜସେବୀ ସତ୍ୟ ନାରାୟଣ ପଣ୍ଡା, ଅଧ୍ୟାପକ ମାନ ଭଞ୍ଜନ ପାଣିଗ୍ରାହୀ, ଆଇନଜୀବୀ ରମେଶ ପତି, ସାମ୍ବାଦିକ ଜିଭି ରାଓ, ଲିଙ୍ଗରାଜ ପୁରୋହିତ, ପ୍ରଭୁ ପୋଦ୍ଦାର, ଦିଲ୍ଲୀପ ଅଗ୍ରୱାଲ, କୈଳାସ ଅଗ୍ରୱାଲ, ଅର୍ଚ୍ଚନା ମହାପାତ୍ର, ବାସନ୍ତୀ ଗଡ଼ତିଆ, ଅନୀଲ କାନସଲ, ଦିଲଦାର ହୁସେନ, ପଦ୍ମିନୀ ବରିହା, ଗୁଡିଆ ପୋପଟାନୀ ଓ ଆହୁରି ଅନେକ ତଥା ୧୧ ନମ୍ବର କାଉନସିଲର ସୁନନ୍ଦା ପଣ୍ଡା ବରଗଡ଼ର ଜନସାଧାରଣଙ୍କୁ ଏଠାକୁ ଆସି ଦେହ ମନ ସୁସ୍ଥ ରଖିବା ପାଇଁ ଅନୁରୋଧ କରିଛନ୍ତି।

## ‘ସେତୁ’ର କାର୍ଯ୍ୟକାରିଣୀ ବୈଠକ



**ସମ୍ବଲପୁର, ୨୬।୧୦ (ସମିସ) :** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସେତୁ’ର ନବଗଠିତ କାର୍ଯ୍ୟକାରୀ ସମିତିର ପ୍ରଥମ ବୈଠକ ସଭାପତି ପ୍ରଫେସର ମୀନକେତନ ପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ପ୍ରଥିତଯଶା କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରା ଯାଇଥିଲା। ଏହାପରେ ପୂର୍ବତନ ସଭାପତି ଡା. ରମାବଲ୍ଲଭ ମିଶ୍ର, ସଭାପତି ପ୍ରଫେସର ପାଠୀ ପ୍ରମୁଖ ସ୍ମୃତିଚାରଣ କରି ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ପାଦକ ହରିନାରାୟଣ ପଣ୍ଡା ପୂର୍ବ କାର୍ଯ୍ୟକାରିଣୀ ବୈଠକର ବିବରଣୀ ପାଠ କରିବାସହ ତାହା ଗୃହୀତ ହୋଇଥିଲା। ବୈଠକରେ ଜାନୁଆରୀ ୨୦୨୬ରେ ହେବାକୁ ଥିବା ‘ସମ୍ବଲପୁର ପୁସ୍ତକ ମେଳା’ ବିଷୟରେ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା। ଏହାସହ ପ୍ରଫେସର ଘନଶ୍ୟାମ ଦାଶ ସ୍ମାରକୀ ବକ୍ତୃତା, ଇଂ କରୁଣାକର ସୂପକାର ସ୍ମାରକୀ ବକ୍ତୃତା, ଜାତୀୟସ୍ତରର ସମ୍ମାନ ଆୟୋଜନ, ଝାଙ୍କରପାଲିଠାରେ ଚାଲିଥିବା ’ସେତୁ ଶିକ୍ଷା ପ୍ରକଳ୍ପ’ର ପରିଚାଳନା ଏବଂ ବିଭିନ୍ନ ପ୍ରକଳ୍ପ ବିଷୟରେ ସଭ୍ୟମାନେ ମତାମତ ପ୍ରକାଶ କରିଥିଲେ। ସମ୍ପାଦକ ହରି ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଖଣ୍ଡୁଆଳରେ ଲୋକସେବା ଦଳର ଚାରାରୋପଣ

**ସମ୍ବଲପୁର, ୨୬।୧୦ (ସମିସ) :** ପରିବେଶ ସୁରକ୍ଷା ଓ ହରିତ୍‌କରଣ ପ୍ରତି ସଚେତନତା ବୃଦ୍ଧି କରିବା ପାଇଁ ଲୋକସେବା ସମ୍ବଲପୁର ଦଳ ଆଜି ଧନୁପାଲିସ୍ଥିତ ଖଣ୍ଡୁଆଳ ପ୍ରାଙ୍ଗଣରେ ବୃକ୍ଷରୋପଣ ଅଭିଯାନ କରିଥିଲେ। ଏହି ଅବସରରେ ଏନ୍‌ଏସ୍‌ସ୍ ପ୍ରୋଗ୍ରାମ କୋର୍ଡିନେଟର୍ ଡଃ ବିଶ୍ୱମୋହନ ଜେନା ଅତିଥିଭାବେ ଯୋଗଦେଇ ସମସ୍ତଙ୍କୁ ପରିବେଶ ସୁରକ୍ଷାରେ ଅଂଶୀଦାର ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରକୃତି ବନ୍ଧୁ ସୁବ୍ରତ ନାଥ, ସମାଜସେବୀ ରାଜେନ୍ଦ୍ର ସତନାମୀ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ସୁନୀଲ ସାଗର ମଧ୍ୟ ଏହି ଅଭିଯାନରେ ସହଭାଗୀ ହୋଇଥିଲେ। ଏହି ଅଭିଯାନରେ ଲୋକ ସେବା ସମ୍ବଲପୁର ଦଳର ସଦସ୍ୟ ମାସୁଦ ଆଲମ୍, ବିଶ୍ୱଜିତ ମହାନ୍ତି, ସାହିଲ ଦାସ, ଏସ୍.କେ. ଫୈଜାନ୍, ସୋମ ପ୍ରକାଶ ବେହେରା, ଗୋକୁଲ ବାରିକ, ସୁଶାନ୍ତ କୁମାର କେୱଟ, ସୋନୁ ସିଂହ, ଜ୍ୟୋତିରାଜଦିତ୍ୟ ସାହୁ, ରୋଶନ ଗୁପ୍ତା, ବିକାଶ ମିର୍ଦ୍ଧା, ଅପରାଜିତା ବନଛୋର, ନୂରାନୀ ଗୁଲଜାର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସେମିଫାଇନାଲ**

# ଜୋନ୍ ଫାଇନାଲରେ ଜିସିପିଇ କୁଳୁଣ୍ଡି ଚାମ୍ପିଅନ

**ଭେଡେନ, ୨୬।୧୦(ସମିସ)**



ଭେଡେନ ସ୍ଥିତ ରଣଜିତା ଖେଳ ପଡ଼ିଆରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ଭେଡେନ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ଦ୍ୱାରା ଆନ୍ତଃ ମହାବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ଆଜି ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଓ ଜୋନ ଫାଇନାଲ ଖେଳ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଜିସିପିଇ କୁଳୁଣ୍ଡି ଓ ଡିଗ୍ରୀ କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୦ ଗୋଲରେ କୁଳୁଣ୍ଡି ମହାବିଦ୍ୟାଳୟ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲରେ ଗୋଡଭୋଗା ଏସଡି କଲେଜ ୨-୦ ଗୋଲରେ ବଉଦ ପଞ୍ଚାୟତ କଲେଜ ବିପକ୍ଷରେ ବିଜୟୀ ହୋଇଥିଲା। ସେହିପରି ଜୋନ ଫାଇନାଲ ମ୍ୟାଚ୍ ଜିସିପିଇ କୁଳୁଣ୍ଡି ଓ ଗୋଡଭୋଗା ଏସଡି କଲେଜ ମଧ୍ୟରେ ହୋଇଥିଲା। ଏଥିରେ ୩-୦ ଗୋଲରେ ଜିସିପିଇକୁଳୁଣ୍ଡି ମହାବିଦ୍ୟାଳୟ ଜୋନ ଚାମ୍ପିଅନ ହୋଇଥିଲା। ଆସନ୍ତା ୨୮ ତାରିଖରେ ଟୁର୍ଣ୍ଣାମେଣ୍ଟର ମେଗା ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଆଜିର ଖେଳକୁ ପ୍ରଦୀପ ଦାଶ, ଗୋପୀନାଥ ପାଣ୍ଡେ, ନୀଳ ପଣ୍ଡା, ଅଜୟ ପଧାନ, ଶୁବୁ ଛେତ୍ରୀ ପରିଚାଳନା କରିଥିବା ବେଳେ ସନ୍ତୋଷ ନାୟର, ସୂର୍ଯ୍ୟ ଦେହେରି ଧାରାବିବରଣୀ ପ୍ରଦାନ କରିଥିଲେ। ମହା ବିଦ୍ୟାଳୟର କ୍ରୀଡା ଉପସଭାପତି ରଞ୍ଜନ ଦାଶ ଓ କ୍ରୀଡା ଶିକ୍ଷକ ଯୁଧିଷ୍ଠିର ମହାକୁରଙ୍କ ତତ୍ତ୍ୱାବଧାନରେ ସମସ୍ତ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଲା ସାହୁ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପୁରସ୍କାର ବିତରଣରେ ଅଧ୍ୟାପକ ଚିନ୍ମୟ ନାୟକ ସହଯୋଗ କରିଥିଲେ।


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | **Maximum Punishment Imposed.** |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br><br>**II. S.D.J.M., Bargarh, CT No-84/2025; Bargarh Town PS Case No- 37/2025; Awaiting for Final Form**<br><br>**III. S.D.J.M., Bargarh, CT No-86/2025; Bargarh Rural PS Case No- 11/2025; Awaiting for Final Form**<br><br>**IV. S.D.J.M., Bargarh, CT No-89/2025; Bargarh Town PS Case No- 38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

# ଏକ ହେବେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନର ଦୁଇ ଗୋଷ୍ଠୀ

**ସମ୍ବଲପୁର, ୨୬।୧୦ (ସମିସ)**

ଅଲ ଓଡ଼ିଶା ଲୟର୍ସ ଆସୋସିଏସନ (ଆଓଲା) ଦୁଇଭାଗ ହୋଇଯାଇଛି। ଏହାଦ୍ୱାରା ରାଜ୍ୟର ଆଇନଜୀବୀମାନଙ୍କ ମଧ୍ୟରେ ଏକତାର ଅଭାବ ରହିଛି। ସମ୍ବଲପୁର ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏହି ଦୁଇ ଗୋଷ୍ଠୀକୁ ଏକ କରିବାକୁ ସେତୁ (ବ୍ରିଜ୍) ଭାବେ ପ୍ରୟାସ ଆରମ୍ଭ କରାଯାଇଛି। ଆଜି ସମ୍ବଲପୁରରେ ଗୋଟିଏ ଗୋଷ୍ଠୀର ଓକିଲଙ୍କ ପ୍ରତିନିଧି ପହଞ୍ଚିଥିବାବେଳେ ଅନ୍ୟ ଗୋଷ୍ଠୀ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ସେମାନଙ୍କ ବାରିପଦା କାର୍ଯ୍ୟକାରିଣୀରେ ଯୋଗ ଦେଇଥିଲେ। ତେବେ ସେମାନେ ଫୋନ ଯୋଗେ ସମର୍ଥନ ଜଣାଇବା ସହ କାର୍ଯ୍ୟକାରିଣୀରେ ସମ୍ବଲପୁରରେ ଡିସେମ୍ବର ୨୯-୩୦ରେ ହେବାକୁ ଥିବା ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସରେ ଯୋଗଦେବାକୁ ରିଜୋଲ୍ୟୁସନ୍ ପାରିତ କରି ଜଣାଇବେ ବୋଲି କହିଛନ୍ତି। ଏହାକୁ ନେଇ ସମ୍ବଲପୁର ଓକିଲ ସଂଘ ଆଶାବାଦୀ ରହିଥିବା ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର ମତବ୍ୟକ୍ତ କରିଛନ୍ତି।

ସମ୍ବଲପୁର ଓକିଲ ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା ଯେ, ଆଓଲା ଗୋଟିଏ ଅନୁଷ୍ଠାନ ହେଇ କି ରହୁ। ଓକିଲ ମାନଙ୍କ ଏକତା ବଜାୟ ରଖିବା ପାଇଁ ସମ୍ବଲପୁର ସଂଘ ନେତୃତ୍ୱ ନେଇଛି। ଉଭୟ ଗୋଷ୍ଠୀଙ୍କୁ ଆଜି ସମ୍ବଲପୁରକୁ ଆସିବା ପାଇଁ ଆମନ୍ତ୍ରଣ

**ସେତୁ ସାଜିବ ସମ୍ବଲପୁର ଓକିଲ ସଂଘ**

କରାଯାଇଥିଲା। ଗୋଟିଏ ଗୋଷ୍ଠୀର ପ୍ରତିନିଧି ଆଜି ନିମନ୍ତ୍ରଣ ରକ୍ଷା କରି ଆସିଥିବାବେଳେ ଅନ୍ୟ ଗୋଷ୍ଠୀ ସମ୍ବଲପୁର ସଂଘ ଚିଠିଦେବା ପୂର୍ବରୁ ବାରିପଦାରେ ତାଙ୍କ କାର୍ଯ୍ୟକାରିଣୀ ବୈଠକ ସ୍ଥିର କରିଥିଲେ। ତେଣୁ ସେମାନେ ଯୋଗ ଦେଇନଥିବାବେଳେ ଫୋନ ଯୋଗେ ଏଭଳି ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ସମ୍ବଲପୁର ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର କହିଛନ୍ତି, ଅନ୍ୟ ଗୋଷ୍ଠୀର ନେତୃତ୍ୱ ସେମାନଙ୍କ କାର୍ଯ୍ୟକାରିଣୀରେ ରିଜୋଲ୍ୟୁସନ୍ ପାରିତ କରି ସମ୍ବଲପୁରରେ ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସ କରିବାକୁ ଜଣାଇବେ। ଦୁଇପକ୍ଷରୁ ଗୋଟିଏ ପକ୍ଷ ରାଜି ଥିବାବେଳେ ଅନ୍ୟପକ୍ଷ ଫୋନଯୋଗେ ସହମତି ଜଣାଇଛନ୍ତି। ସେମାନେ ମଧ୍ୟ ରାଜି ହୋଇଯିବେ ବୋଲି ବୋଲି ସଭାପତି ଶ୍ରୀ



ବହିଦାର ଆଶାପ୍ରକାଶ କରିଛନ୍ତି। ଏହାପରେ ସମ୍ବଲପୁର ଓକିଲ ସଂଘର ସାଧାରଣ ପରିଷଦ ବୈଠକରେ ଏହି କନଫରେନ୍ସ ସମ୍ବଲପୁରରେ ହେଲେ କାର୍ଯ୍ୟ ଖସଡ଼ାକୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ସମ୍ବଲପୁରରେ କନଫରେନ୍ସ ହେଲେ ରାଷ୍ଟ୍ରପତିଙ୍କୁ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ଅନୁରୋଧ କରାଯିବ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇପାରନ୍ତି ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ପ୍ରାୟ ୮-୯ ବର୍ଷ ତଳେ କୌଣସି ବିଷୟକୁ ନେଇ ମତପାର୍ଥକ୍ୟ, ମନୋମାଳିନ୍ୟ, ମତଭେଦ ହେବାପରେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ଦୁଇଟି ଗୋଷ୍ଠୀ ଡିସେମ୍ବର ୨୯ ଓ ୩୦ ତାରିଖରେ ହେଉଥିବା ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସ ପୃଥକ୍ ପୃଥକ୍ ଭାବେ ଆୟୋଜନ କରୁଛନ୍ତି। ସାରା ଓଡ଼ିଶାର ଓକିଲମାନେ ଦୁଇଭାଗରେ ବିଭକ୍ତ ହୋଇଯାଇଛନ୍ତି। ଗୋଟିଏ କନଫରେନ୍ସରେ ଯୋଗଦେଲେ ଅନ୍ୟଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସମ୍ବଲପୁର ଜିଲ୍ଲା ଓକିଲ ସଂଘର ଚଳିତବର୍ଷର ନୂତନ କର୍ମକର୍ତ୍ତାଙ୍କୁ ଭୁବନେଶ୍ୱରଠାରେ ଆଓଲାର ଗୋଟିଏ ଗୋଷ୍ଠୀ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଭାପତି ପ୍ରଦୀପ ବହିଦାର ଓକିଲ ମାନଙ୍କ ସ୍ୱାର୍ଥ ସାଧନ ପାଇଁ, ଜନତାଙ୍କ ସ୍ୱାର୍ଥ ସାଧନ ସହିତ ସମାଜର ବଳିଷ୍ଠ ନେତୃତ୍ୱ ନେବାପାଇଁ ଆଓଲାରେ ଗୋଷ୍ଠୀବିବାଦ ନହୋଇ ଆଓଲା ଗୋଟିଏ ହୋଇ ରହିବାପାଇଁ ପ୍ରସ୍ତାବ ଦେଇଥିଲେ।

ଅନ୍ୟପକ୍ଷରେ ଯଦି ଅପରଗୋଷ୍ଠୀ ରିଜୋଲ୍ୟୁସନ କରି ନଦିଅନ୍ତି ତେବେ କ'ଣ କରାଯିବ ବୋଲି ପ୍ରଶ୍ନର ଉତ୍ତରରେ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର କହିଛନ୍ତି ଯେ, ଆମେ ସାଧାରଣ ପରିଷଦ ବୈଠକରେ ନିଆଯାଇଥିବା ରିଜୋଲ୍ୟୁସନ୍‌ରେ ଅଟଳ ରହିବୁ। ଏଥିରେ ପ୍ରସ୍ତାବ ପାରିତ ହୋଇଛି ଯେ, ଯଦି ଉଭୟ ଗୋଷ୍ଠୀ ଏକ ହେବାକୁ ସହମତି ଦିଅନ୍ତି ତେବେ ସମ୍ବଲପୁରରେ ଲୟର୍ସ କନଫରେନ୍ସ କରିଯିବ। ଅନ୍ୟଥା କରାଯିବ ନାହିଁ। ଏହାପରେ ଆମେ ଏନେଇ ଜିଲ୍ଲା ଓକିଲ ସଂଘ ସାଧାରଣ ପରିଷଦକୁ ଜଣାଇଦେବୁ ଏବଂ ସେମାନେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

## ସାନଭାଇ ମାଡ଼ରେ ଗୁରୁତର ବଡ଼ ଭାଇର ମୃତ୍ୟୁ



**ସମ୍ବଲପୁର, ୨୬।୧୦(ସମିସ):** ଧନୁପାଲି ଥାନା ଅଞ୍ଚଳରେ ବଡ଼ ଭାଇକୁ ସାନ ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା କୁରେଇଟୋଲା ଅଞ୍ଚଳରେ ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ସୁନୀଲ ମୁଣ୍ଡା। ସାନ ଭାଇ ଅନିଲ ମୁଣ୍ଡା ଫେରାର ହେଉଥିବା ବେଳେ ପୁଲିସ କାବୁ କରିଥିବା ଜଣା ପଡ଼ିଛି। ସୂଚନା ଅନୁସାରେ ବଡ଼ ଭାଇ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। କୌଣସି କଥାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଅନିଲ ବଡ଼ ଭାଇକୁ ମାଡ଼ ମାରିଥିଲା। ଫଳରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ସୁନୀଲଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୁକ୍ତକୁ ଅଟକ ରଖିଛି। ଶବବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟତା ଜଣା ପଡ଼ିବ ବୋଲି ପୁଲିସ କହିଛି।

## ମା' ଦଶମତୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ସମ୍ବଲପୁର, ୨୬।୧୦ (ସମିସ):** ସ୍ଥାନୀୟ ଚେରୁଆପଡ଼ା ନନ୍ଦିନୀ କଲୋନୀରେ ମା' ଦଶମତୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ରବିବାର କଳସ ଯାତ୍ରା ହୋଇଥିଲା। ସୋମବାର ଚଣ୍ଡୀପାଠ ସହିତ ହୋମଯଜ୍ଞ ଆରମ୍ଭ ହେବ। କର୍ତ୍ତାଭାବେ ପ୍ରଦୀପ ଭୋଇ ଓ ଧର୍ମ ପତ୍ନୀ ପଦ୍ମାଳୟା ଭୋଇ, ରାଜେଶ ସାହୁ ଓ କଲ୍ୟାଣୀ ସାହୁ, ସନ୍ତୋଷ ବେହେରା ଓ ବାସନ୍ତୀ ବେହେରା ଏବଂ ସନ୍ତୋଷ ନାଏକ ଓ ଧର୍ମପତ୍ନୀ ଶୋଭାରାଣୀ ନାଏକ କାର୍ଯ୍ୟ ସମ୍ପାଦନା ତୁଲାଇବେ।

## ଗାନ୍ଧୀନଗର କାଳୀପୂଜା ଉଦ୍‌ଯାପିତ

**ସମ୍ବଲପୁର, ୨୬।୧୦(ସମିସ):** ହୀରାକୁଦ ଗାନ୍ଧୀନଗର ଠାରେ କାଳୀପୂଜା ସମ୍ପନ୍ନ ହୋଇଛି। ପ୍ରତିବର୍ଷ ପରି ଏହି ବର୍ଷ କାଳୀପୂଜା ଧୂମଧାମରେ ପାଳନ କରାଯାଇଥିଲା। ପାଞ୍ଚ ଦିନ ଚାଲିଥିବା ପୂଜା ଆଜି ଭଷାଣି ସହିତ ସମ୍ପର୍ଣ୍ଣ ହୋଇଯାଇଛି। କର୍ତ୍ତା ଭାବେ କାଳିନ୍ଦୀଚରଣ ସାହୁ, ସସ୍ମିତା ସାହୁ, ପୂଜକ ଭାବେ ନିରଞ୍ଜନ ଷଡ଼ଙ୍ଗୀ, ଅସୀମ ଷଡ଼ଙ୍ଗୀ ଓ ସହଯୋଗୀମାନେ ଉପସ୍ଥିତ ଥିଲେ। ମହିଳା ମାନେ ଭଷାଣି ଉତ୍ସବରେ ଉପସ୍ଥିତ ରହି ନୃତ୍ୟ ପରିବେଷଣ କରିଥିଲେ। ହୀରାକୁଦ ରିଙ୍ଗ ରୋଡ ଦେଇ ଭଷାଣି ଶୋଭାଯାତ୍ରା ହୋଇଥିଲା।ଗାନ୍ଧୀନଗର କାଳୀ ପୂଜାର ସମସ୍ତ ସଭ୍ୟ ସହଯୋଗ କରିଥିଲେ।



## ସ୍ୱର୍ଣ୍ଣପଦକ ବିଜେତା ପ୍ରିୟଙ୍କାଙ୍କୁ ସମ୍ବଲପୁରରେ ଭବ୍ୟ ସ୍ୱାଗତ

**ସମ୍ବଲପୁର, ୨୬।୧୦ (ସମିସ) :** ଗତ ୧୯ ତାରିଖରୁ ବାହାରିନ୍‌ଠାରେ ଆୟୋଜିତ ଏସିଆନ୍ ୟୁଥ୍ କବାଡ଼ି ପ୍ରତିଯୋଗିତାରେ ଅଣ୍ଡର-୧୮ ଯୁବ ଭାରତୀୟ ବାଳିକା କବାଡ଼ି ଦଳ ସ୍ୱର୍ଣ୍ଣପଦକ ହାସଲ କରିଛି। ଏହି ଭାରତୀୟ ଦଳର ସଦସ୍ୟା ସମ୍ବଲପୁରର ପ୍ରିୟଙ୍କା ପ୍ରଧାନ ଆଜି ସମ୍ବଲପୁରକୁ ଫେରିଛନ୍ତି। ସମ୍ବଲପୁର ସିଟି ରେଳଷ୍ଟେସନଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଆଜି ସେ ସମ୍ବଲପୁରରେ ପହଞ୍ଚିବାପରେ ବିଭିନ୍ନ କ୍ରୀଡ଼ା ସଂଗଠନ ଓ କ୍ରୀଡ଼ାପ୍ରେମୀ ମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପ୍ରିୟଙ୍କା ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ-୨ ଦ୍ୱିତୀୟ ବର୍ଷ ଛାତ୍ରୀ। ପ୍ରିୟଙ୍କାଙ୍କ ବାପା ସୁରେନ୍ଦ୍ର ପଧାନ ଓ ମା' ସଞ୍ଜୁ ପଧାନ ଏବଂ ତାଙ୍କ କୋଚ୍ ଶ୍ରୀକାନ୍ତ ବାରିକ ତାଙ୍କୁ ଏହି ସଫଳତା ଦିଗରେ ପ୍ରେରିତ ଓ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ଭାରତୀୟ ମହିଳା ଦଳ ଏହି ଅଣ୍ଡର-୧୮ କବାଡ଼ି ପ୍ରତିଯୋଗିତାରେ ବିଜୟୀ ହୋଇ ସ୍ୱର୍ଣ୍ଣପଦକ ହାସଲ କରିଛି। ଓଡ଼ିଶାରୁ ପ୍ରିୟଙ୍କା ଭାରତୀୟ ଦଳ ସକାଶେ ଚୟନ ହୋଇ ସମସ୍ତ ମ୍ୟାଚ୍ ଖେଳିଥିଲେ। ଆଜି ସମ୍ବଲପୁର ପହଞ୍ଚିବା ପରେ ପ୍ରିୟଙ୍କା କହିଛନ୍ତି, ସ୍ୱର୍ଣ୍ଣପଦକ ଜିଣିବା ପାଇଁ ଆମ ଦଳକୁ ବହୁତ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ତାଙ୍କ ସଫଳତାର ଶ୍ରେୟଃ କୋଚ୍ ଶ୍ରୀକାନ୍ତ ବାରିକ ଓ ବାପାମା'ଙ୍କୁ ଦେଇଛନ୍ତି। କୋଚ୍ ଶ୍ରୀକାନ୍ତ ବାରିକ କହିଛନ୍ତି ଯେ, ପ୍ରିୟଙ୍କା ଛୋଟବେଳୁ ବହୁତ ପରିଶ୍ରମ କରୁଥିଲେ ଏଣୁ ତାଙ୍କ ଉପରେ ମୋର ବହୁତ ଭରସା ରହିଥିଲା। ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡ଼ା ସଂଘ ଓ ଅନ୍ୟମାନଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ସମ୍ବଲପୁର ମାଟିରୁ ଏଭଳି ଆହୁରି ପୁଅ ଝିଅ ବାହାରନ୍ତୁ ବୋଲି ଶ୍ରୀ ବାରିକ ଆଶାପ୍ରକାଶ କରିଥିଲେ। ଏସୀୟ ଯୁବା କ୍ରୀଡ଼ାରେ ବିଜୟୀ ହେବାପରେ ଗତ ୨୪ ତାରିଖ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ୍ସରେ ଲେଖିଛନ୍ତି ଯେ, ବାହାରିନଠାରେ ଅନୁଷ୍ଠିତ ତୃତୀୟ ଏସୀୟ ଯୁବା କ୍ରୀଡ଼ା ପ୍ରତିଯୋଗିତା -୨୦୨୫ରେ ପୁରୁଷ ଓ ମହିଳା ବର୍ଗରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିବାରୁ ଭାରତୀୟ କବାଡ଼ି ଦଳକୁ ହାର୍ଦ୍ଦିକ ଶୁଭେଚ୍ଛା। ସମ୍ବଲପୁରର ଝିଅ ପ୍ରିୟଙ୍କା ପ୍ରଧାନ ଖେଳ ମାଧ୍ୟମରେ ଆମ ରାଜ୍ୟ ତଥା ଦେଶକୁ ଗର୍ବିତ କରିଥିବାରୁ ତାଙ୍କୁ ଅଭିନନ୍ଦନ। ଆଗାମୀ ଦିନରେ ପ୍ରିୟଙ୍କାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

## ଥାଇଲାଣ୍ଡ ଫୋକ୍‌ଲୋର୍ ଫେଷ୍ଟିଭାଲ୍‌ରେ ଯୋଗଦେବ ସମ୍ବଲପୁରୀ ନୃତ୍ୟଦଳ

**ସମ୍ବଲପୁର, ୨୬।୧୦ (ସମିସ) :** ଆସନ୍ତା ଅକ୍ଟୋବର ୩୧ ରୁ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡରେ ହେବାକୁ ଥିବା ୩୯ ତମ ଥାଇଲାଣ୍ଡ ଫୋକଲୋର୍ ଫେଷ୍ଟିଭାଲରେ ସମ୍ବଲପୁର ଟ୍ରାଇବାଲ୍ ଆଣ୍ଡ ଫୋକ୍ ଆର୍ଟ ସେଣ୍ଟରର ଆଲୋକ କୁମାର ପଣ୍ଡାଙ୍କ ନୃତ୍ୟଦଳ ଯୋଗ ଦେଇ ବିଭିନ୍ନ ସହରରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବେ। ସେଗୁଡ଼ିକ ମଧ୍ୟରେ ଇଣ୍ଟରନେସନାଲ ଲୋଇ କ୍ରାଥୋଙ୍ଗ ଫେଷ୍ଟିଭାଲର ଉଦ୍‌ଘାଟନୀ, ବିଶ୍ୱଶାନ୍ତି ପାଇଁ ଶୋଭାଯାତ୍ରା ଏବଂ ଇଣ୍ଟରନେସନାଲ କାଥିନ ସେରେମୋନି, ବ୍ୟାଙ୍କକ୍ ଆଇସିସିଆର୍ ଅଡିଟୋରିଅମ୍‌ରେ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ଏହି ଫେଷ୍ଟିଭାଲରେ ଆଲୋକ ପଣ୍ଡାଙ୍କ ସମ୍ବଲପୁରୀ ନୃତ୍ୟ ଦଳ ସହ ଆଉ ୧୦ଟି ଦେଶର ନୃତ୍ୟ ଦଳମାନେ ଯୋଗ ଦେବେ ବୋଲି ଜଣାପଡ଼ିଛି।

## ସମ୍ବଲପୁର ରେଳମଣ୍ଡଳରେ ଆନ୍ତଃବିଭାଗୀୟ ଫୁଟବଲ୍ ପ୍ରତିଯୋଗିତା

**ସମ୍ବଲପୁର, ୨୬।୧୦ (ସମିସ) :** ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ (ଇକୋଆର୍‌ଏସ୍‌ଏ) ପକ୍ଷରୁ ସମ୍ବଲପୁରର ରେଳ ଷ୍ଟାଡିୟମରେ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଆନ୍ତଃବିଭାଗୀୟ ଫୁଟବଲ୍ ପ୍ରତିଯୋଗିତା - ୨୦୨୫ ଆୟୋଜନ



କରାଯାଉଛି। ଟୁର୍ଣ୍ଣାମେଣ୍ଟରେ ବିଭାଗର ବିଭିନ୍ନ ବିଭାଗର ପ୍ରତିନିଧିତ୍ୱ କରୁଥିବା ମୋଟ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଉଦଘାଟନୀ ଉତ୍ସବରେ ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧ୍ୟକ୍ଷା ବିନ୍ଦୁ ଚୌଧରୀ ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ସମ୍ମାନିତ ଅତିଥି ଥିଲେ। ତାଙ୍କ ଉଦଘାଟନୀ ଭାଷଣରେ ଶ୍ରୀ ଚୌଧୁରୀ କର୍ମଚାରୀମାନଙ୍କ ମଧ୍ୟରେ ଏକତା, ଶୃଙ୍ଖଳା ଏବଂ ଦଳଗତ ମନୋଭାବ ବୃଦ୍ଧି କରିବାରେ କ୍ରୀଡାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ କର୍ମଚାରୀଙ୍କୁ ଭାଇଚାରା ଏବଂ କ୍ରୀଡା ମନୋଭାବ ସହିତ କ୍ରୀଡା ଏବଂ ଖେଳରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଏପରି କାର୍ଯ୍ୟକଳାପ କାର୍ଯ୍ୟକ୍ଷେତ୍ର ଦକ୍ଷତା ଏବଂ ସୌହାର୍ଦ୍ଦ୍ୟରେ ସକାରାତ୍ମକ ଅବଦାନ ରଖେ ବୋଲି କହିଥିଲେ। ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍ ମେକାନିକାଲ୍ ଦଳ ଏବଂ ଇଲେକ୍ଟ୍ରିକାଲ୍ (ଓପି) ଦଳ ମଧ୍ୟରେ ଖେଳାଯାଇଥିଲା, ଯେଉଁଠାରେ ଇଲେକ୍ଟ୍ରିକାଲ୍ (ଓପି) ଦଳ ୨-୦ ସ୍କୋରଲାଇନ୍ ସହିତ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଇଞ୍ଜିନିୟରିଂ ଦଳ ଏବଂ ଆର୍‌ପିଏଫ୍ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା, ଯେଉଁଥିରେ ଇଞ୍ଜିନିୟରିଂ ଦଳ ୧-୦ ବିଜୟ ହାସଲ କରିଥିଲା। କାର୍ଯ୍ୟକ୍ରମକୁ କ୍ରୀଡା ଅଧିକାରୀ ରିତେଶ ମେହେର ସଂଯୋଜନା କରିଥିଲେ। ମହିଳା କଲ୍ୟାଣ ସଂଗଠନର ସଦସ୍ୟା, ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ପଡ଼ିଆରେ ଉପସ୍ଥିତ ଥିଲେ।

C-1314

OFFICE OF THE MUNICIPAL COUNCIL, ANANDAPUR

email:-executiveofficer_andp@rediffmail.com

Phone No:- 06731-24088

E-PROCUREMENT NOTICE

Notice No- 3817, Dt- 17.10.2025

Bid Reference No:- AM-ANDP-03/2025-26

INVITATION FOR BID

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: **92** Nos
2. Place of Execution: Anandapur Municipality
3. Estimated Cost of Individual Work: **Rs. 3,02,567.06 to Rs. 16,94,802.00**
4. Eligible Class of Contractors: Registered Contractors of **Class- 'D', 'C'** work mentioned in the tender call notice.
5. Intending bidders have to participate through "**On-Line**" bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 P.M on 30.10.2025** to **5.00 P.M on 13.11.2025** for online bidding.
7. Bids received online will be opened at **11.00 A .M on 14.11.2025**
8. The bidder must possess valid and compatible **Digital Signature Certificate (DSC).**
9. The DTCN for **92** Nos. of work shall be available in the e-procurement portal www.tendersodisha.gov.in for on-line bidding.

OIPR-13049/11/0018/2526

Executive Officer,
Anandapur Municipality

## କେନ୍ଦୁପତ୍ର କର୍ମଚାରୀ ସଂଘର ସମାବେଶ ଓ ଧାରଣା ସ୍ଥଗିତ

**ସମ୍ବଲପୁର, ୨୬।୧୦ (ସମିସ) :** ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ଯେ, ସଂଘର ଆଗାମୀ ଅକ୍ଟୋବର ୨୯ ତାରିଖର ଭୁବନେଶ୍ୱରରେ ଲୋୟର ପିଏମ୍‌ଜି ନିକଟରେ ଥିବା ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ନିକଟରେ ହେବାକୁ ଥିବା ସମାବେଶ ଓ ଧାରଣା ତଥା ସାଧାରଣ ସଭା କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସରକାର ଉକ୍ତ ଦିନ ସଂଘର କର୍ମକର୍ତ୍ତା ମାନଙ୍କ ସହ ସଂଘର ବିଭିନ୍ନ ସମସ୍ୟା ଗୁଡ଼ିକ ସମ୍ପର୍କରେ ଆଲୋଚନା ଜରିଆରେ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଆଗ୍ରହ ପ୍ରକାଶ କରୁଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତଥା ଘରୋଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଫୋନ ଯୋଗେ ଜଣାଇ ସମାବେଶ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ଏହାସହିତ ଏକ କର୍ମକର୍ତ୍ତା ପ୍ରତିନିଧି ମଣ୍ଡଳୀକୁ ଆଲୋଚନା ପାଇଁ ନିମନ୍ତ୍ରଣ ଜଣାଇଛନ୍ତି। ଏଣୁ ଏହି ପରିପ୍ରେକ୍ଷୀରେ ପ୍ରସ୍ତାବିତ ସମାବେଶ ଶୋଭାଯାତ୍ରା ଓ ସାଧାରଣ ସଭାର କାର୍ଯ୍ୟକ୍ରମ ସଂଘ ସ୍ଥଗିତ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା ବୋଲି ସଭାପତି ଶ୍ରୀ ମହାନ୍ତି ଜଣାଇଛନ୍ତି।

## ରାଜ୍ୟସ୍ତରୀୟ କଳା ଉତ୍ସବରେ ବିକାଶ ଛାତ୍ରଛାତ୍ରୀଙ୍କ ସଫଳତା

**ସମ୍ବଲପୁର, ୨୬।୧୦ (ସମିସ) :** ଶାସନସ୍ଥିତ ବିକାଶ ଦ କନ୍‌ସେପ୍ଟ ସ୍କୁଲର ଛାତ୍ରଛାତ୍ରୀ ମିନାକ୍ଷୀ ମହାନ୍ତି, ସାଇଶ୍ରିତା ପାଣିଗ୍ରାହୀ, ସୌମ୍ୟରଞ୍ଜନ ସାହୁ ଏବଂ ଓମ୍ ପ୍ରସାଦ ଗତ ୨୨ ତାରିଖରେ ଭୁବନେଶ୍ୱର ୟୁନିଟ୍-୬ସ୍ଥିତ ସରକାରୀ ବାଳିକା ବିଦ୍ୟାଳୟଠାରେ ଅନୁଷ୍ଠିତ 'ରାଜ୍ୟସ୍ତରୀୟ କଳା ଉତ୍ସବ ୨୦୨୫'ରେ



ସଙ୍ଗୀତ ପ୍ରତିଯୋଗୀତାରେ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହାପୂର୍ବରୁ ବ୍ଲକସ୍ତରୀୟ କଳା ଉତ୍ସବ, ଜିଲ୍ଲାସ୍ତରୀୟ କଳା ଉତ୍ସବ ଓ ଜୋନାଲସ୍ତରୀୟ କଳାଉତ୍ସବରେ ଭାଗ ନେଇ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ କଳା ଉତ୍ସବକୁ ମନୋନୀତ ହୋଇଥିଲେ। ବିଦ୍ୟା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଓ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜି. ରାମକ୍ରିଷ୍ଣା ଛାତ୍ରଛାତ୍ରୀ ତଥା ସଙ୍ଗୀତ ଗୁରୁ ଲବ ଭୂୟାଁ ଓ ବାଦ୍ୟଯନ୍ତ୍ର ଗୁରୁ ନବ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏହି ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀର ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ଫାଷ୍ଟ ଷ୍ଟେପ୍ ସ୍କୁଲ ଅଧ୍ୟକ୍ଷା ଡି. ଶାନ୍ତା, ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ, ବିକାଶ ଦ କନ୍‌ସେପ୍ଟ ସ୍କୁଲର ଉପାଧ୍ୟକ୍ଷ ଯଶୱନ୍ତ ସାହୁ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି।

# ସୋସିଆଲ ମିଡିଆ ପୋଷ୍ଟକୁ ନେଇ ବିଜେଡି କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

**ରେଢ଼ାଖୋଲ, ୨୬ ।୧୦(ସମିସ)**

ସୋସିଆଲ ମିଡିଆ ତଥା ଫେସବ୍‌କରେ ଜଣେ ନବୀନ ଫେନ୍ ତଥା ବିଜେଡି କର୍ମୀଙ୍କ ବିରୋଧରେ ଏକ ଭିଡିଓ ପୋଷ୍ଟକୁ ନେଇ ବିଜେଡି କର୍ମୀ ଓ ରେଢ଼ାଖୋଲ ଜିଲ୍ଲା ପରିଷଦ ସଭ୍ୟ ଜୋନ୍ ୨ ମଧ୍ୟରେ ଗଣ୍ଡଗୋଳ ହୋଇଥିବାବେଳେ ବିଜେଡ଼ି କର୍ମୀଙ୍କୁ ମାରଣାସ୍ତ୍ର ଧରି ହତ୍ୟା ଉଦ୍ୟମ ହୋଇଥିବା ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ନବୀନ ଫ୍ୟାନ୍ ତଥା ବିଜେଡି କର୍ମୀ କାଳିଆ ପ୍ରଧାନ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ ଅନୁଗୁଳ ଜିଲ୍ଲା କିଶୋରନଗର ଥାନା ଟାପୁରସିଂହା ଗ୍ରାମର କାଳିଆ ପ୍ରଧାନ କିଛି ଦିନ ପୂର୍ବରୁ ନୂଆପଡ଼ା ଉପନିର୍ବାଚନର ଏକ ଶୋଭାଯାତ୍ରାରେ ପ୍ରଚାର ପ୍ରସାରରେ ଅଂଶଗ୍ରହଣ କରିଥିଲେ। ସେ ସମୟର କିଛି ଭିଡିଓକୁ କାଳିଆ ଡକାୟତ ଚୋର ନାମ ଦେଇ ସମ୍ବଲପୁର ବିଜେପି ଯୁବମୋର୍ଚ୍ଚା ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରାଯାଇଥିଲା। ଭିଡିଓକୁ ରେଢ଼ାଖୋଲ ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ ଯୁବମୋର୍ଚ୍ଚା ଫେସବୁକ୍ ଆକାଉଣ୍ଟରେ ସେୟାର କରିଥିବା ଏବଂ ତାଙ୍କ ଘରକୁ ଯାଇ ସ୍ତ୍ରୀ ସୈରେନ୍ଦ୍ରୀ ଭୋଇଙ୍କୁ ଗାଳିଗୁଲଜ କରିଥିଲେ। ସ୍ୱାମୀକୁ କହିବୁ ବିଜେଡି ଡ୍ରେସ୍ ନ ପିନ୍ଧି ବିଜେପି ଡ୍ରେସ୍ ପିନ୍ଧି ପ୍ରଚାର କରିବ ନ ହେଲେ ଜୀବନରେ ମାରି ଦେବି ବୋଲି ଧମକ୍ ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ରେଢ଼ାଖୋଲ ଛକରେ କାଳିଆ ଜିଲ୍ଲା ପରିଷଦ ସଭ୍ୟ ଶରତଙ୍କୁ ଦେଖିବା ମାତ୍ରେ କାହିଁକି ମୋ ସ୍ତ୍ରୀକୁ ଏମିତି କହିଲୁ ବୋଲି ପଚାରିଥିଲେ। ଏଥିରେ ଉତ୍ତେଜିତ ହୋଇ ଶରତ ପ୍ରଧାନ ତାଙ୍କୁ ଗାଳିଗୁଲଜ କରିବା ସହ ନିକଟରେ ଥିବା ଏକ ଫଳ ଦୋକାନରୁ ପଇଡ଼ କଟା କଟୁରୀ ଆଣି ମାରିବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ କରାଯାଇଛି। ଅପର ପକ୍ଷରେ ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ ମଧ୍ୟ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଶରତଙ୍କ ଉଲ୍ଲେଖ କରିଛନ୍ତି ଯେ ରେଢ଼ାଖୋଲ ଥାନା ଡିମିରିମୁଣ୍ଡା ଗ୍ରାମକୁ କାଳିଆ ଯାଇ ତାଙ୍କ ଘରେ ବାପା ଓ ମା'ଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏବଂ କାଳିଆ କରିଥିବା ଅଭିଯୋଗ ଭିତ୍ତିହୀନ ବୋଲି ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ଉଭୟ ପକ୍ଷରୁ ଅଭିଯୋଗ ଗ୍ରହଣ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ବେଳେ ଶରତ ପ୍ରଧାନ ବିରୁଦ୍ଧରେ ଜାତିଆଣ ମାମଲା ରୁଜୁ କରିଥିବା ବେଳେ ମାରଣାସ୍ତ୍ର ଧରି ହତ୍ୟା ଉଦ୍ୟମ ମାମଲା ନ ଥିବାରୁ ବିଜେଡ଼ି ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି।

## ମିସ୍ ଟିନ୍ ଓ ମାଷ୍ଟର ଟିନ୍ ଅଡିସନ



**ସମ୍ବଲପୁର, ୨୬।୧୦ (ସମିସ) :** ଜଗନ୍ନାଥ କଲୋନୀସ୍ଥିତ ହମ୍ପଟି ଡମ୍ପଟି ସ୍କୁଲଠାରେ ଆଜି ମିସ ଟିନ ଓ ମାଷ୍ଟର ଟିନ ଅଡିସନ୍ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଏହି ଅଡିସନ୍‌ରେ ୧୩ ରୁ ୧୯ ବର୍ଷ ବୟସ ବର୍ଗର ବିଭିନ୍ନ ସ୍କୁଲର ପ୍ରାୟ ୧୫୦ ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ। ବିଚାରକଭାବେ ନୃତ୍ୟ ନିର୍ଦ୍ଦେଶକ ଅସୀମ ପ୍ରଧାନ, ମିସେସ୍ ଓଡ଼ିଶା ୨୦୨୧-୨୨ ରାଣୀ ଦାସ ଏବଂ ଡିଜାଇନର୍ ହେମନ୍ତ ପ୍ରଧାନ ମୂଲ୍ୟାଙ୍କନ କରିଥିଲେ। ଆୟୋଜନ ସମିତି ପକ୍ଷରୁ ଚେୟାରମ୍ୟାନ ଇଂ. ସୁଶାନ୍ତ ଗୁରୁ, କୋର୍ଡିନେଟର୍ ମହମ୍ମଦ ପରଭେଜ୍ ଅଲି ଖାନ୍ ଓ ତ୍ରିଲୋଚନ ତ୍ରିପାଠୀ, ଶଙ୍କର ବେହେରା, ଡିରେକ୍ଟର ନନ୍ଦ କିଶୋର ସାହୁ, ପ୍ରୋଗ୍ରାମ କୋଅର୍ଡିନେଟର ପାୟଲ ଭୋଇ, ନୁପୁର ଭୋଇ, ବିପ୍ଳବ ଡନସେନା, ବଳରାମ ହୋତା, ସରୋଜ ମିଶ୍ର, ଉମେଶ ମାଝି, ଚନ୍ଦ୍ରକାନ୍ତ ଭୋଇ, ମୀମାଂସା ରଥ, ରାଜୀବ ମେହେର, ଜିତୁ ନାୟକ, ସୋମନାଥ ଜାଲ, ନିରେନ ନାୟକ, ନୀତିଶ ଗୁରୁ, ଧରଣୀଧର ନାଥ, ସରୋଜ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମଲେଶ୍ୱରୀ ମନ୍ଦିରରେ ଭକ୍ତିମୟ ପରିବେଶ



**ସମ୍ବଲପୁର, ୨୬।୧୦ (ସମିସ) :** ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରଙ୍କ ପକ୍ଷରୁ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହାକୁ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ଦେବ କୁମାର ଅଜମେରିଆ, ଗବେଷକ ତଥା କଳାକାର ଡ. ଶ୍ୟାମ ସୁନ୍ଦର ଧର, ରତନ ପୂଜାରୀ, ଶଙ୍କର ପ୍ରଧାନ, ରାମଚନ୍ଦ୍ର ପ୍ରଧାନ ଓ ସୁଶୀଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଭଜନ ସନ୍ଧ୍ୟାରେ ସମ୍ବଲପୁରର କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ। ମା'ଗୋ ମମତାମୟୀ ମା, ମତେ ମହନି ଲାଗିଛେ ରେ ମା'ର ମହନି ଲାଗିଛେ, ରହି ରହି ବଜଉଛେ ଲୋ ସଜନୀ ଖୁହଲ ଭରଣୀ ଭଳି ଅନେକ ଭକ୍ତି ଗୀତ ସମସ୍ତଙ୍କୁ ବିମୋହିତ କରିଥିଲା। କଣ୍ଠଶିଳ୍ପୀ ଶ୍ରୀନୁ ଦାସ, ସମୀର ଦାସ, ସ୍ମୃତିକା ମିଶ୍ର, ଶୁଭଲକ୍ଷ୍ମୀ ବେହେରା, ପ୍ରଣତି ଚକ୍ରବର୍ତ୍ତୀ, ପଲ୍ଲବୀ ରାୟ, ଧନୁଶ୍ରୀ ସିଂହ, ନୂପୁର ମଲ୍ଲିକ, ସିଲ୍କି ବହିଦାର, ସୁମନ୍ ମେହେର ଓ କ୍ଷୀର ବାଗ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ସଙ୍ଗୀତ ଏବଂ ବାଦ୍ୟ ଯନ୍ତ୍ରରେ ଦେବାଶିଷ ପାଢ଼ୀ, ଭାଗିରଥୀ ସିଂଦେଓ, କ୍ଷିତିଶ ଚନ୍ଦ୍ର ବାଗ, ଦିବାକର ମହାନନ୍ଦ, କୃଷ୍ଣ ଚନ୍ଦ୍ର ବାଗ ଓ ସୁରେନ୍ଦ୍ର ଶତପଥୀ ସହଯୋଗ କରିଥିଲେ। ଦେବାଶିଷ ପାଢ଼ୀ ଏହି ଭଜନ ସନ୍ଧ୍ୟାକୁ ସଂଯୋଜନା କରିଥିବାବେଳେ ତ୍ରିଲୋଚନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ଭଜନ ସନ୍ଧ୍ୟା ନିୟମିତ ଭାବରେ ଆୟୋଜନ କରାଯାଉଛି। ମା'ଙ୍କ ପୀଠ ସମ୍ବଲପୁରର ଆଧ୍ୟାତ୍ମିକ ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ର ଏବଂ ଆଗାମୀ ଦିନରେ ଏଦିଗରେ ଟ୍ରଷ୍ଟବୋର୍ଡ ଆହୁରି ଅନେକ ପଦକ୍ଷେପ ନେବାକୁ ଯୋଜନା କରାଯାଇଛି ବୋଲି ସଭାପତି ଶ୍ରୀ ବାବୁ ସୂଚନା ଦେଇଛନ୍ତି।